ମୁକ୍ତିପଥେ ସୈନିକ

(ପ୍ରଥମ ଭାଗ)

ଶ୍ରୀ ହରେକୃଷ୍ଣ ମହତାବ

Digitized by PPRACHIN, SOA

ମୁକ୍ତିପଥେ ସୈନିକ

ପ୍ରଥମ ଭାଗ

ପରିବର୍ଦ୍ଧିତ (ପ୍ରଥମ ୮୮ ପୃଷ୍ଠା) ଦ୍ୱିତୀୟ ସଂସ୍କରଣ



Digitized by PPRACHIN, SOA

ପ୍ରକାଶକ :

ଶ୍ରୀ ପବିତ୍ରମୋହନ ପ୍ରଧାନ

ମୌ: ପୋ: ଅ: ପୋଇପାଳ

ଜି: ଢେଙ୍କାନାଳ

୧୮, ସାଉଥ ଏଭିନଉ

ନୂଆଦିଲ୍ଲୀ

ପ୍ରଥମ ପ୍ରକାଶ

୧୯୪୯—୫୦୦୦

ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ

୧୯୭୯—୨୦୦୦

ମୁଦ୍ରଣ :

ନବଜୀବନ ପ୍ରେସ୍,

ଚାନ୍ଦନୀଚୌକ, କଟକ-୨

Digitized by PPRACHIN, SOA

ପ୍ରାକ୍‌କଥନ

'ମୁକ୍ତିପଥେ ସୈନିକ' ପୁସ୍ତକ ମୁଁ ୧୯୪୮ରେ ଲେଖି ପ୍ରକାଶ କରିଥିଲି । ସେଥିରେ ମୁଁ ଦେଶର ମୁକ୍ତି ଉଦ୍ଦେଶ୍ୟରେ ଜେଲରୁ ପଳାୟନ କରି ସମାନ୍ତରାଳ ଶାସନ ସ୍ଥାପନପୂର୍ବକ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ନିକଟକୁ ମୃତ୍ୟୁବରଣକାରୀ ଦୂତ (Suicide-squad) ରୂପେ ଯାଇ ଯେଉଁ କାର୍ଯ୍ୟମାନ କରିଥିଲି ତାହା ବର୍ଣ୍ଣିତ ହୋଇଛି । କିନ୍ତୁ ଜେଲରୁ ପଳାୟନ ପୂର୍ବରୁ ମୋର ଅନ୍ୟାନ୍ୟ ରାଜନୈତିକ ଆନ୍ଦୋଳନ, ବିଶେଷତଃ ରାଜା ମହାରାଜାମାନଙ୍କର ଏବଂ ଖାସ୍‌କରି ତାଳଚେର ରାଜା ଓ ଦରବାରଙ୍କର ଅତ୍ୟାଚାର ଓ ଶୋଷଣମୂଳକ ଶାସନର ପ୍ରତିବାଦ ସ୍ୱରୂପ ଯେଉଁ ଅଭୂତ-ପୂର୍ବ ସତ୍ୟାଗ୍ରହ (non-co-operation and civil disobedience) ଓ ରାଜ୍ୟ ପରିତ୍ୟାଗ ବା ହିଜରତ (Exodus) ଆନ୍ଦୋଳନ ସଫଳତାର ସହିତ କରାଯାଇଥିଲା ତାହା ଏବଂ ମୋର ବାଲ୍ୟ-ଜୀବନ ଉପରେ ଉକ୍ତ ପୁସ୍ତକରେ ବର୍ଣ୍ଣନା କରିନଥିଲି । ବହୁ ବନ୍ଧୁ ଏବଂ ପାଠକ ପାଠିକା ମୋର ବାଲ୍ୟ-ଜୀବନ ସହିତ ଜେଲରୁ ପଳାୟନ ପୂର୍ବରୁ ଅନ୍ୟାନ୍ୟ ଯେଉଁସବୁ ଆନ୍ଦୋଳନ କରିଥିଲି ତାହା ଜାଣିବାକୁ ଇଚ୍ଛା କରିବାରୁ ସେ ସବୁ ଅତି ସଂକ୍ଷେପରେ ଏହି ପୁସ୍ତକର ୨ୟ ସଂସ୍କରଣରେ ଏକ ଅଂଶ (କ) ରୂପେ ସଂଯୋଗ କଲି । ଏହି (କ) ଅଂଶ ପଠନରେ ଦେଶର ତାତ୍କାଳିକ ରାଜନୈତିକ, ଅର୍ଥନୈତିକ, ଶାସନତାନ୍ତ୍ରିକ, ସାମାଜିକ ଏବଂ ସାଂସ୍କୃତିକ ଅବସ୍ଥା ମଧ୍ୟ ବର୍ଣ୍ଣିତ ହୋଇଛି । ତେଣୁ ପୁସ୍ତକର ୨ୟ ମୁଦ୍ରଣରେ ମୋର ବାଲ୍ୟ-ଜୀବନ ଓ ପ୍ରାକ୍ ଜେଲ-ବରଣର ଆନ୍ଦୋଳନ ସଙ୍ଗେ ସେ ସବୁର କାରଣମାନର ସଂକ୍ଷେପ ବର୍ଣ୍ଣନା ଇଚ୍ଛା କରି ପରବର୍ତ୍ତୀ କେତେକ ପୃଷ୍ଠାରେ ତାହା ବ୍ୟାଖ୍ୟା କଲି । ସେତେ-ବେଳେ ଖଣ୍ଡିଏ ମାତ୍ର ପୁସ୍ତକ ଲେଖିଥିବାରୁ ବହିର ନାମ 'ମୁକ୍ତିପଥେ ସୈନିକ' ରଖାଯାଇଥିଲା । ବର୍ତ୍ତମାନ ମୁକ୍ତି-ପଥର ସୈନିକ ଭାବେ ସ୍ୱାଧୀନତା ପରବର୍ତ୍ତୀ ମୋର କାର୍ଯ୍ୟକଳାପ, ଅନୁଭୂତି ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଉ ଖଣ୍ଡିଏ ପୁସ୍ତକ ପ୍ରଣୟନ କରିବାରୁ ପ୍ରଥମ ପ୍ରକାଶିତ 'ମୁକ୍ତିପଥେ ସୈନିକ' ବହିର ନାମ **'ମୁକ୍ତିପଥେ ସୈନିକ' 'ପ୍ରଥମ**

Digitized by PPRACHIN, SOA

ଭାଗ’ ରଖିଲି । ୨ୟ ଖଣ୍ଡ ପୁସ୍ତକର ନାମ ‘ମୁକ୍ତିପଥେ ସୈନିକ’ ‘ଦ୍ୱିତୀୟ ଭାଗ’ ଅଭିହିତ କଲି । ମୁକ୍ତି-ପଥର ସୈନିକ ଭାବେ ବିବେକକୁ ମନ, ଇନ୍ଦ୍ରିୟ, ରିପୁ, ପ୍ରବୃତ୍ତି ଏବଂ ପ୍ରକୃତିମାନଙ୍କର କୁ-ପ୍ରଭାବରୁ ମୁକ୍ତ ରଖିବା ଉଦ୍ଦେଶ୍ୟରେ ଆଉ ଖଣ୍ଡେ ପୁସ୍ତକ ରଚନା କରିଥିବାରୁ ତାହା ‘ମୁକ୍ତିପଥେ ସୈନିକ’ ‘ତୃତୀୟ ଭାଗ’ରେ ନାମିତ ହୋଇଛି ।

ଏହି ପୁସ୍ତକଟି ଦୁଇଟି ଅଂଶରେ ବିଭକ୍ତ, ଯଥା :—

(କ) ବାଲ୍ୟଜୀବନ ଏବଂ ଆନ୍ଦୋଳନ,

(ଖ) ଜେଲରୁ ପଳାୟନ, ସମାନ୍ତରାଳ ଶାସନ ସ୍ଥାପନ, ଖୋଲା ଏବଂ ଖଣ୍ଡଯୁଦ୍ଧ, ଛଦ୍ମବେଶରେ କଲିକତାରେ ପୁଜାଶ୍ରୀ-ଭୃକର, ସୁଭାଷ ବାବୁଙ୍କ ସଙ୍ଗେ ଯୋଗ ସମ୍ପର୍କ ସ୍ଥାପନ ଇତ୍ୟାଦି ।

(କ)

ବାଲ୍ୟ ଜୀବନ ଏବଂ ଆନ୍ଦୋଳନ

ଏହା ୧୯୪୮ରେ ପ୍ରକାଶିତ ‘ମୁକ୍ତିପଥେ ସୈନିକ’ ପୁସ୍ତକରେ ସ୍ଥାନ ପାଇନଥିଲା । ବର୍ତ୍ତମାନ ସଂସ୍କରଣରେ ଏହା ସନ୍ନିବେଶିତ ହୋଇ-ଅଛି । ଏହା ୮୮ ପୃଷ୍ଠା ବ୍ୟାପୀ । ଏହାର ପୃଷ୍ଠାଙ୍କ ବନ୍ଧନୀ ଭିତରେ ଦିଆ-ଯାଇଛି ।

ଏହି (କ) ପୁସ୍ତକର ସୂଚୀ ନିମ୍ନ ପ୍ରକାରର ଅଟେ ।

୧ । ବଂଶ ଓ ବାଲ୍ୟ ଜୀବନ । ୧

୨ । ଦୁଃଖମୟ ବାଲ୍ୟ-କିଶୋର-ଯୌବନ ଅବସ୍ଥା । ୩

୩ । ବାଲ୍ୟ-କିଶୋର ଜୀବନର ଦୁଃଖ ଦୈନ୍ୟ ଭବିଷ୍ୟତରେ ମଙ୍ଗଳ କଲା । ୫

Digitized by PPRACHIN, SOA

୪ । ମୋ ବସା ଘର । ୭
୫ । ମୋ ବିବାହ ପ୍ରଶ୍ନ ଏବଂ ପ୍ରସଙ୍ଗ । ୧୧
୬ । କୁଟୁମ୍ବର ସାଂସ୍କୃତିକ ପ୍ରଭାବ । ୨୬
୭ । ଧର୍ମମୂଳକ ରାଜନୀତି ଓ ଦୃଢ଼ ଶୃଙ୍ଖଳାର ପ୍ରଭାବ । ୩୧
୮ । ଧର୍ମ ଏବଂ ଭଗବତ୍ ଚିନ୍ତା ପ୍ରତି ଆକୃଷ୍ଟି । ୩୨
୯ । ଏକଚ୍ଛତ୍ର ରାଜ-ଶାସନର ଅନ୍ୟାୟ-ଅତ୍ୟାଚାର ଓ ଶୋଷଣ-ପେଷଣର ଅମାନୁଷିକତା ଚିତ୍ରଣ ଏବଂ ବର୍ଣ୍ଣନ । ୩୫
୧୦ । ଗଡ଼ଜାତମାନଙ୍କର ସଂଗଠିତ ଜନତା-ଆନ୍ଦୋଳନ (୧୯୩୮-୩୯) ୫୪
୧୧ । (୧) ଢେଙ୍କାନାଳରେ ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୩୮-୩୯) ୬୩
(୨) ଢେଙ୍କାନାଳରେ ପ୍ରଜାମଣ୍ଡଳ ଆନ୍ଦୋଳନ
(କ) ସତ୍ୟାଗ୍ରହ-ଅସହଯୋଗ ଆନ୍ଦୋଳନ (୧୯୩୮-୩୯) ୬୫
(ଖ) ଅଭୂତପୂର୍ବ ରାଜ୍ୟ ତ୍ୟାଗ ବା ହିଜରତ (Exodus) ଆନ୍ଦୋଳନ (୧୯୩୮-୩୯) ୬୯

(ଖ)

ଏହି 'ଖ' ଅଂଶଟି ମୁଁ ୧୯୪୮ରେ ଲେଖିଥିଲି । ୧୯୪୯ରେ ଶହୀଦ୍ ମେମୋରିଆଲ କମିଟି ତରଫରୁ ତାହା ପ୍ରକାଶ କରାଯାଇଥିଲା । 'ମୁକ୍ତି-ପଥେ ସୈନିକ ପୁସ୍ତକ କହିଲେ ଏହି (ଖ) ପୁସ୍ତକକୁ ହିଁ ବୁଝାଉଥିଲା ; କାରଣ ସେତେବେଳକୁ ମୁକ୍ତିପଥେ ସୈନିକ ୨ୟ ଭାଗ ଓ ୩ୟ ଭାଗ ପ୍ରକାଶିତ ହୋଇନଥିଲା କିମ୍ବା ଲେଖାଯାଇନଥିଲା, କିମ୍ବା ଏହି ବହି ସନ୍ନିବେଶିତ 'କ' ଅଂଶ ମଧ୍ୟ ଲେଖା କିମ୍ବା ଯୋଡ଼ାଯାଇନଥିଲା । ୧ମ ଭାଗର (କ) ଅଂଶଟି ଏଥର ସଂସ୍କରଣରେ ସନ୍ନିବେଶିତ ହୋଇଛି ।

ପୂର୍ବୋକ୍ତ ଅନୁସାରେ ଏହି (ଖ) ଅଂଶରେ ମୋର ୫ ବର୍ଷର ଫେରାରି ଜୀବନକାଳରେ ତତ୍‌କାଳୀନ ରାଜା ଏବଂ ଇଂରେଜ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା, ସ୍ୱାଧୀନ ସରକାର ସ୍ଥାପନ ଇତ୍ୟାଦି ସବୁ

Digitized by PPRACHIN, SOA

ପ୍ରକାର ଯୋଦ୍ଧୃ-କାର୍ଯ୍ୟାବଳୀ ସହ ନାନା ଦୁଃସାଧ୍ୟ, ଦୁର୍ଦ୍ଧର୍ଷ, ଦୁଃସାହସିକ ଏବଂ କଠିନ କାର୍ଯ୍ୟମାନ ବର୍ଣ୍ଣିତ ହୋଇଛି ।

ଏହି 'ଖ' ପୁସ୍ତକର ସୂଚୀ

୧ମ ପରିଚ୍ଛେଦ—କାରାଗାରେ, ଜେଲ୍‌ରୁ ପଳାୟନର କୌଶଳ ଓ ମାନସିକ ଉଦ୍‌ବେଗ ଇତ୍ୟାଦି । ୮୯

୨ୟ ପରିଚ୍ଛେଦ—ଜେଲରୁ ପଳାୟନ, ହତ୍ୟା ଜନରବ, ସରକାରଙ୍କ ଉଦ୍‌ବେଗ, ବିଭିନ୍ନ ଶିବିରରେ ବିସ୍ତର-ପରାମର୍ଶ । ୧୦୪

୩ୟ ପରିଚ୍ଛେଦ—ଅଗଷ୍ଟ ଆନ୍ଦୋଳନର ଉଦ୍ଦେଶ୍ୟ, ସମାନ୍ତରାଳ ଶାସନ ସ୍ଥାପନ, ଜନତାର ଉଚ୍ଛୃଙ୍ଖଳତା, ବିଭିନ୍ନ କ୍ୟାମ୍ପରେ ମନ୍ତ୍ରଣା, ଯୁଦ୍ଧ ଘୋଷଣା, ଅଭିଯାନ, ଯୁଦ୍ଧକ୍ଷେତ୍ର, ଖୋଲାଯୁଦ୍ଧ, ଛତ୍ରଭଙ୍ଗ, ଗରିଲା ସୈନ୍ୟଙ୍କ ଖଣ୍ଡଯୁଦ୍ଧ, ଓଡ଼ିଶା ବାହାରେ ଶିବିର ସ୍ଥାପନର ପ୍ରସ୍ତୁତି ଇତ୍ୟାଦି । ୧୨୭

୪ର୍ଥ ପରିଚ୍ଛେଦ—ସର୍ବେଶ୍ୱରଙ୍କର ସମାନ୍ତରାଳ ଶାସନ ଉଦ୍ଦେଶ୍ୟରେ ଓଡ଼ିଶା ପରିତ୍ୟାଗ, ଛଦ୍ମବେଶରେ ଟାଟାନଗରରେ, ଗରିଲା ସୈନ୍ୟଙ୍କ ସମାବେଶ ଓଗେର । ୧୫୦

୫ମ ପରିଚ୍ଛେଦ— ଲୋକ-ନାୟକ ଜୟପ୍ରକାଶ ଓ ନେତାଜୀ ସୁଭାଷ ବୋଷଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ । ୧୬୭

୬ଷ୍ଠ ପରିଚ୍ଛେଦ—କଲିକତାରେ ଛଦ୍ମ ବେଶରେ ଫୁଜାଗିସ୍ତକର କାର୍ଯ୍ୟରେ, ସୁଭାଷପତ୍ନୀଙ୍କ ସହ ସମ୍ପର୍କ ସ୍ଥାପନ ନିମନ୍ତେ ବହୁମୁଖୀ ଚେଷ୍ଟା ଓ ଯୋଜନା । ୧୭୮

Digitized by PPRACHIN, SOA

୭ମ ପରିଚ୍ଛେଦ— ସୁଭାଷ ବାବୁଙ୍କ ଆଜାଦ-ହିନ୍ଦ୍-ଫୌଜ (I. N. A.)ଙ୍କର ଭାରତ ସୀମା ଏବଂ ଭିତରେ ତତ୍ପରତା ଓ ଆକ୍ରମଣ, ଭାରତ-ବାସୀଙ୍କ ମନୋଭାବ ଜାଣିବା ନିମନ୍ତେ ସୁଭାଷ ବାବୁଙ୍କର ବ୍ୟଗ୍ରତା, ସେଥିପାଇଁ ତାଙ୍କ ତରଫରୁ ଦୂତ ପ୍ରେରଣ, ଭାରତ ତରଫରୁ ତାଙ୍କ ନିକଟକୁ ଖବର ପହଞ୍ଚା-ଇବା ନିମନ୍ତେ ଜଣେ ଆତ୍ମହତ୍ୟାକାରୀ ଦୂତ ଭାବେ ମୋର ନିଯୁକ୍ତି, ଅର୍ଦ୍ଧରାତ୍ରରେ ମିଲିଟାରୀ ଲାଇନ୍ ଅତିକ୍ରମପୂର୍ବକ ବ୍ରହ୍ମ-ପୁତ୍ର (ବାରକ) ନଦୀ ପହଁରି ସୁଭାଷ ବାବୁଙ୍କ ଅଧିକୃତ ଏବଂ ପ୍ରଭାବିତ ଅଞ୍ଚଳରେ ମୋର ପ୍ରବେଶ ଓ ସମ୍ବାଦ ପ୍ରଦାନ ପ୍ରଭୃତି । ୧୯୫

୮ମ ପରିଚ୍ଛେଦ— ଗିରଫଦାରୀର ବିପତ୍ତି, ପୋଲିସ ହାତରୁ ବାରମ୍ବାର ପଳାୟନ । ୨୨୯

୯ମ ପରିଚ୍ଛେଦ— ଜୟପ୍ରକାଶଙ୍କ ସଙ୍ଗେ ସାକ୍ଷାତ—ମିଲିଟାରୀ ଗବେଷଣା । ୨୩୭

୧୦ମ ପରିଚ୍ଛେଦ—ଓଡ଼ିଶା ପ୍ରତ୍ୟାବର୍ତ୍ତନ, ଗଡ଼ଜାତମାନଙ୍କ ପୂର୍ଣ୍ଣ ସ୍ୱାଧୀନତା ପାଇଁ ସଶସ୍ତ୍ର ସାମରିକ ଯୋଜନା, ମୁକ୍ତି-ଜୀବନ । ୨୪୨

୧୧ଶ ପରିଚ୍ଛେଦ—ଦେଶର ମୁକ୍ତି କାହିଁ ? ଉପସଂହାର । ୨୪୯

୧୯୭୯, ଜାନୁଆରୀ

Digitized by PPRACHIN, SOA

ମୁଖବନ୍ଧ

ମୋର ଜେଲରୁ ପଳାୟନ ବିଷୟରେ ନାନା ଜନରବ ଉଠିଥିଲା । ଫେରାର ଜୀବନରେ ମୁଁ କିପରି ଖଣ୍ଡଯୁଦ୍ଧ କରିଥିଲି, କଲିକତାରେ ବଙ୍ଗାଳି ଘରେ ଘରୁଆ ଚାକର ଥିଲି ଏବଂ ପରିଶେଷରେ ବିପ୍ଳବୀ ସୁଭାଷଙ୍କ ସଙ୍ଗେ ସମ୍ପର୍କ ରଖିଥିଲି, ଏ ସମସ୍ତ ବିଷୟରେ ମୋର ବନ୍ଧୁମାନେ ଆଗରୁ କିଛି କିଛି ଗୁପ୍ତ ଆଭାସ ପାଇଥିଲେ । ତେଣୁ ମୁଁ ମୁକ୍ତ ହେଲା ପରେ ଅଧିକାଂଶ ବନ୍ଧୁ, ସହକର୍ମୀ, ଗ୍ରାମବାସୀ ଏବଂ ସଭାସମିତିରେ ସାଧାରଣ ଜନତା ମଧ୍ୟ ଅତ୍ୟନ୍ତ ବ୍ୟଗ୍ର କୌତୁହଳୀ ହୋଇ ମୋର ଫେରାର ଜୀବନର କାର୍ଯ୍ୟକଳାପ ବର୍ଣ୍ଣନା କରିବାକୁ ଅନୁରୋଧ କରିଆସୁଛନ୍ତି । କିନ୍ତୁ କାର୍ଯ୍ୟର ବହୁଳତା ଦୃଷ୍ଟିରୁ ଏତେ ଲୋକଙ୍କୁ ଭିନ୍ନ ଭିନ୍ନ ଜାଗାରେ ଏ ଗଳ୍ପ କହିବା ଅସମ୍ଭବ । ଅଧିକନ୍ତୁ ଗଳ୍ପ କହିବାକୁ ମଧ୍ୟ ସମୟ ନ ଥାଏ । ମୁଁ କହିପାରେ ନାହିଁ । ସମୟେ ସମୟେ ଜିଜ୍ଞାସୁ ଓ ପ୍ରଶ୍ନକର୍ତ୍ତାମାନେ ଅସନ୍ତୁଷ୍ଟ ହୁଅନ୍ତି । ତେଣୁ କେତେକ ବନ୍ଧୁଙ୍କ ଅନୁରୋଧକ୍ରମେ ମୁଁ ମୋର ଜେଲ ପଳାୟନ ଏବଂ ଫେରାର ଜୀବନର ସମସ୍ତ କାର୍ଯ୍ୟକଳାପ ସଂକ୍ଷେପରେ ବର୍ଣ୍ଣନା କରି ଏ ପୁସ୍ତକଟି ଲେଖିବାକୁ ବାଧ୍ୟ ହେଲି । ଯେଉଁମାନେ ମୋର ଗୁପ୍ତ ଜୀବନର କାର୍ଯ୍ୟାବଳୀ ଜାଣିବାକୁ ଇଚ୍ଛାକରି ହତାଶ ହୋଇଛନ୍ତି କିମ୍ବା ଇଚ୍ଛା କରୁଛନ୍ତି, କେବଳ ସେହିମାନଙ୍କର କୌତୂହଳ ଦୂର କରିବା ନିମନ୍ତେ ଏ ବହିଟି ଲେଖିଛି । ଏ ପୁସ୍ତକ ଲେଖି ବାହାବାହୁସ କିମ୍ବା ପ୍ରଶଂସା ନେବା କିମ୍ବା ଲାଭବାନ ହେବା ମୋର ଉଦ୍ଦେଶ୍ୟ ନୁହେଁ । ଅର୍ଥ ଲାଭର ତ ପ୍ରଶ୍ନ ନାହିଁ, କାରଣ ପୁସ୍ତକଟି ପାଣ୍ଡୁଲିପି ପରେ ଶହୀଦ ସ୍ମୃତି ଫଣ୍ଡକୁ ଉତ୍ସର୍ଗ କରିଦେଇଥିବାରୁ ଏ ପୁସ୍ତକ କିମ୍ବା ତାର ବିକ୍ରୟଲବ୍ଧ ଧନରେ ମୋର ଅଧିକାର ନାହିଁ । ଶହୀଦ ସ୍ମୃତି କମିଟି ହିଁ ଏ ଅର୍ଥର ଅଧିକାରୀ । ପୁସ୍ତକଟି ଲେଖିବାର ଅନ୍ୟ ଏକ ମହତ୍ତ୍ୱ ଉଦ୍ଦେଶ୍ୟ ଏହି ଯେ, ଉକ୍ତ ସ୍ମୃତିପାଣ୍ଠିକୁ କିଛି

Digitized by PPRACHIN, SOA

❊ ❊

ଅର୍ଥ ଦାନ କରିବା ମୋର ଏକ ପ୍ରବଳ ଇଚ୍ଛା ଥିଲା । କିନ୍ତୁ ମୋର ଆର୍ଥିକ ଦୁରବସ୍ଥା ଯୋଗୁଁ ମୁଁ ନଗଦ ଅର୍ଥ ଦାନ କରିବାକୁ ଅକ୍ଷମ । ତେଣୁ ଏ ପୁସ୍ତକ ଲେଖି ପୁସ୍ତକଲବ୍ଧ ସମସ୍ତ ଅର୍ଥ ଉକ୍ତ ଫଣ୍ଡକୁ ଦାନ କରିବ ବୋଲି ମନସ୍ଥ କରି ଏ ବହିଟି ଲେଖିଲି ଏବଂ ପୂର୍ବବର୍ଣ୍ଣିତ ଅନୁସାରେ ପାଣ୍ଡୁଲିପି ଅବସ୍ଥାରେ ଏହା ଶହୀଦ ସ୍ମୃତି କମିଟିକୁ ଅର୍ପଣ କଲି । ଶହୀଦ ସ୍ମୃତି କମିଟି ଏ ପୁସ୍ତକଟିର ମୁଦ୍ରଣ ଭାର ନେଇ ମୋର କାମନା ପୂରଣ କରିଥିବାରୁ ମୁଁ ଉକ୍ତ କମିଟିଠାରେ ଚିରକୃତଜ୍ଞ ।

ପୁସ୍ତକଟିର ମୁଖବନ୍ଧ ଏବଂ ଶେଷ ପାଞ୍ଚ ସାତ ପୃଷ୍ଠା ବ୍ୟତୀତ ବାକି ସମସ୍ତ ଅଂଶ ୧୯୪୭ ଜୁନ ମାସରେ ମୁଁ ଫେରାର ଅବସ୍ଥାରେ ଥିବା ସମୟରେ ଦଶ ବାର ଦିନ ମଧ୍ୟରେ ଲେଖିଥିଲି । ଫେରାର ଅବସ୍ଥାରେ ଅନିଶ୍ଚିତ ଓ ଆତଙ୍କିତ ଜୀବନ ମଧ୍ୟରେ ପ୍ରତିକ୍ରିୟା-ବିରୋଧୀ ଉଗ୍ର ଯୋଦ୍ଧୃ ମନୋବୃତ୍ତିରେ ପୁସ୍ତକଟି ଲେଖା ହୋଇଥିବାରୁ ଭାଷା ଏବଂ ଭାବନା ସ୍ଥାନେ ସ୍ଥାନେ ଜଟିଳ ଏବଂ ଉଗ୍ର ହୋଇଯାଇଛି । ଅବଶ୍ୟ ପରେ ଏହା ଅଧିକତର ପରିମାର୍ଜିତ କରିପାରିଥାନ୍ତି; କିନ୍ତୁ ମୁଁ ମୋର ସେହି କଠିନ ସୈନିକ ଜୀବନର ଲକ୍ଷ୍ୟ ଓ ଭାବନାକୁ ଭବିଷ୍ୟତ ପାଇଁ ସ୍ମାରକରୂପେ ରଖିବ ବୋଲି ସ୍ଥିର କରିଥିବାରୁ ପାଣ୍ଡୁଲିପିରେ କିଛି ପରିବର୍ତ୍ତନ କଲି ନାହିଁ । ତେଣୁ କେତେକ ଜାଗାରେ ଦୋଷ ଦୁର୍ବଳତା ଥାଇପାରେ । ଏଥିପାଇଁ ପାଠକ ପାଠିକାଙ୍କୁ କ୍ଷମା ମାଗିନେଉଛି ।

●

Digitized by PPRACHIN, SOA

ପାଠକମାନଙ୍କ ପ୍ରତି

ପାଠକ ପାଠିକାମାନଙ୍କ ପ୍ରତି ମୋର ଏହି ଉପଦେଶ ଯେ, ଭାରତର ବର୍ତ୍ତମାନ ସ୍ୱାଧୀନତା ରାଜନୈତିକ ସ୍ୱାଧୀନତା ମାତ୍ର । ସାମାଜିକ ଓ ଅର୍ଥ-ନୈତିକ ସ୍ୱାଧୀନତା ଆମକୁ ହାସଲ କରିବାକୁ ହେବ । ତେଣୁ ଦେଶ ତଥା ଜାତିକୁ ସଂସ୍କାରପୂର୍ବକ ସଂଗଠିତ କରିବାକୁ ହେବ । ଆମକୁ ଦାରିଦ୍ର୍ୟ, ଅଜ୍ଞତା, ଅସଂଗଠନ ଏବଂ ପ୍ରତିକ୍ରିୟା ବିରୁଦ୍ଧରେ ଲଢ଼ି ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟ ନିର୍ମାଣ କରିବାକୁ ପଡ଼ିବ । ଆଗକୁ ସଂଗଠନ-ଯୁଦ୍ଧ ଅଛି । ତେଣୁ ବାସ୍ତବ ଘଟଣା ଉପରେ ପ୍ରତିଷ୍ଠିତ ଖଣ୍ଡେ ଉପନ୍ୟାସରୂପେ ପଢ଼ି ପାଠକ ଯଦି ଏ ପୁସ୍ତକରୁ କିଛି ଗ୍ରହଣୀୟ ବୋଲି ମନେକରନ୍ତି ଏବଂ ତାହା ଭଣା ଅଧିକେ ତାଙ୍କ ନିଜ ଜୀବନରେ ଅର୍ଥନୈତିକ ସ୍ୱାଧୀନତା ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରୟୋଗ କରନ୍ତି, ତେବେ ଲେଖକର ଶ୍ରମ ସାର୍ଥକ ହେବ । ଇତି ।

ଲେଖକ

Digitized by PPRACHIN, SOA

ଉତ୍ସର୍ଗ

ହେ ମୋର ଦେଶର — ମୁକ୍ତି-ପୂଜାରୀ
ଶହୀଦ ବନ୍ଧୁବୃନ୍ଦ

ବନ୍ୟାର ସମ — ଢାଳି ଦେଇଅଛ
ବକ୍ଷ-ରକତ ଝର ।

ସିକ୍ତ ଅରୁଣ — ମୁକ୍ତି-ପତାକା
ଉଡ଼ାଇଛ ଦେଶ ନଭେ

ମୃତ୍ୟୁର ପୂରେ — ପ୍ରାପ୍ତ ହୋଇଛ
ଅକ୍ଷୟ ଗଉରବେ ।

ଆତ୍ମା ତୁମର — ବଇକୁଣ୍ଠ ଧାମେ
ବିସ୍ମରକ ଭାବେ ବସି

ଲକ୍ଷ୍ୟ କରିବେ — କଲେ କି ନ କଲେ
"ରାମରାଜ୍ୟ" ଦେଶବାସୀ ।

ମୁହିଁ ତବ ସାଥୀ — ମୁକ୍ତି-ସୈନିକ
ମରନ କରୁଛି ଆଜ

କଇଫତ ଦେଲି — ସ୍ୱର୍ଗର ଆଶାରେ
ମୋ'ର କରମରାଜି ।

ଶହୀଦ ବନ୍ଧୁଗଣ !

ଘେନ ଆଜ ମୋର — ଦୀନ ଉପହାର
ମୁକ୍ତି-ସିପାହୀ-ପଣ ।

ଲେଖକ

Digitized by PPRACHIN, SOA

ପୃଷ୍ଠା ୪, ୨ୟ ଧାଡ଼ିରେ ଉପନିର୍ଦ୍ଦେଶକ ସ୍ଥାନରେ ଉପମନ୍ତ୍ରୀ ପଢ଼ିବାକୁ ଅନୁରୋଧ ।

Digitized by PPRACHIN, SOA

ଏମ୍·ପି· ପବିତ୍ରମୋହନ

Digitized by PPRACHIN, SOA

ମୁକ୍ତିପଥେ ସୈନିକ

(ପ୍ରଥମ ଭାଗ)

(କ)

ବଂଶ ଓ ବାଲ୍ୟ ଜୀବନ

ମୋର ପିତା, ପ୍ରପିତା ଓ ପ୍ରପିତାମହମାନେ ଚଷା ବା ଖଣ୍ଡାୟତ ବଂଶଜ ଅଟନ୍ତି । ସେମାନେ ଓଡ଼ିଶାର ବର୍ତ୍ତମାନର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ତାଳଚେର ସବ୍‌ଡିଭିଜନରେ ବ୍ରାହ୍ମଣୀ ନଦୀ କୂଳସ୍ଥ ତାଳପଦା-ପୋଇପାଳ ଗ୍ରାମରେ ବସତି ସ୍ଥାପନ କରିଥିଲେ । ଆଜି ମଧ୍ୟ ଆମର ବଂଶଧରମାନେ ସେହିଠାରେ ଅଛନ୍ତି । ସେତେବେଳକୁ ତାଳଚେର ଗୋଟିଏ ଗଡ଼ଜାତ ରାଜ୍ୟ ରୂପେ ବ୍ରିଟିଶ ସରକାରଙ୍କର କରଦ ବା ଫିଉଡେଟରୀ ରାଜ୍ୟ ଥିଲା । ସ୍ୱାଧୀନତା ପରେ ତାହା ଭାରତରେ ସାମିଲ ହୋଇ ଏବେ ଢେଙ୍କାନାଳ ଜିଲାର ଏକ ସବ୍‌ଡିଭିଜନ ହୋଇଛି । ମୋର ଜନ୍ମ ଉକ୍ତ ପୋଇପାଳ ଗ୍ରାମରେ ୧୯୦୮ ମସିହା ଫେବୃୟାରୀ ମାସ ୮ ତାରିଖ ବୁଧବାର ଦିନ ଉତ୍ତରା ଫାଲ୍‌ଗୁନୀ କନ୍ୟା ରାଶି ଏବଂ ତୁଳା ଲଗ୍ନରେ ଘଟିଥିଲା । ପିତାଙ୍କ ନାମ ଭରତ ଏବଂ ମାତାଙ୍କ ନାମ ଶାନ୍ତି (ସାନ୍ତା) । ମୋର ଜନ୍ମର ୩ ମାସ ୧୫ ଦିନରେ ହଇଜାରେ ପିତାଙ୍କ ମୃତ୍ୟୁ ଘଟିଲା । ଅତି ବାଲ୍ୟା-ବସ୍ଥାରେ ମଧ୍ୟ ମାତାଙ୍କର ମୃତ୍ୟୁ ହେଲା । ତେଣୁ ମୁଁ ଆବାଲ୍ୟରୁ ପିତୃ-ମାତୃ-ହୀନ ଏବଂ ଅଯତ୍ନ ପାଳିତ ଓ ବର୍ଦ୍ଧିତ ।

ମୋର ପ୍ରାଥମିକ ଶିକ୍ଷା ଗ୍ରାମରେ ହୋଇଥିଲା । ସେତେବେଳକୁ ଆମ ଗ୍ରାମରେ ସରକାରୀ ବିଦ୍ୟାଳୟ ନ ଥିଲା । ଜଣେ ଅବଧାନ ଆମ୍ଭମାନଙ୍କୁ

Digitized by PPRACHIN, SOA

ଗ୍ରାମରେ ପାଠ ପଢ଼ାଇଲେ । ପ୍ରଥମେ ପଟା ଓ ପରେ ସ୍ଲେଟରେ ଅକ୍ଷର ଏବଂ ଅଙ୍କ ଲେଖା ଶିଖିଲି । ପ୍ରାୟ ଦେଢ଼ ବର୍ଷ ଭିତରେ ସମସ୍ତ ଅକ୍ଷର, ମାତ୍ରା, ବନାନ, ଗଣନ, ପଣକିଆ, କଡ଼ାଗଣ୍ଡା ଶିଖି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଏବଂ ଶିଶୁବୋଧ ପଢ଼ି ଶେଷ କଲି । ତାପରେ ଅବଧାନ ଅଭାବରୁ ଚାଟଶାଳୀ ବର୍ଷେ ପର୍ଯ୍ୟନ୍ତ ବନ୍ଦ ହେଲା । ପ୍ରାୟ ବର୍ଷକ ପରେ ଗ୍ରାମରେ ସରକାରୀ ନିଃ ପ୍ରାଃ ବିଦ୍ୟାଳୟ ସ୍ଥାପିତ ହେଲା । ସେଥିରେ ମଧ୍ୟ ପାଠ ପଢ଼ି ନି: ପ୍ରାଃ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲି । କିନ୍ତୁ ୧୯୧୮ ଦୁର୍ଭିକ୍ଷ ପଡ଼ିବାରୁ ତିନି ବର୍ଷ ପାଇଁ ସମସ୍ତ ସ୍କୁଲ ବନ୍ଦ ହୋଇଗଲା । ମୁଁ ସ୍ୱଚକ୍ଷୁରେ ଦେଖିଛି ଯେ ଖାଦ୍ୟ ଅଭାବରୁ ଆମ ଗାଁ ଆସପାସରୁ ପ୍ରାୟ ପାଏ (ଶତକଡ଼ା ୨୫) ଲୋକ ମରିଗଲେ, ପାଏ ଲୋକ ଘରଦ୍ୱାର ଛାଡ଼ି ପଳାଇଲେ । ଦଶ ବର୍ଷ ପର୍ଯ୍ୟନ୍ତ ଅଞ୍ଚଳରେ ଗୃହବାସ ପ୍ରାୟ ହୋଇପାରିଲା ନାହିଁ । ଏ ଅବସ୍ଥା ଓଡ଼ିଶାରେ ସବୁଠୁ ଊଣା ଅଧିକେ ହୋଇଥିଲା । ଏହା ଏବେ ରିପୋର୍ଟରୁ ଜଣାଯାଉଛି । ଏହି ଦୁର୍ଭିକ୍ଷର ପ୍ରାୟ ୫୨ ବର୍ଷ ପୂର୍ବରୁ ୧୮୬୬ରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଯହିଁରେ ଆମ ଓଡ଼ିଶାରୁ ପ୍ରାୟ ଏକତୃତୀୟାଂଶ ଲୋକ ମରିଗଲେ । ୧୯୧୮ ଦୁର୍ଭିକ୍ଷର ୨।୩ ବର୍ଷ ପରେ ପୁଣି ବିଦ୍ୟାଳୟ ଖୋଲିଲା । ପରୀକ୍ଷା ଉଦ୍ଦେଶ୍ୟରେ ମୋର ପାଠ ପ୍ରାୟ ବିସ୍ମୃତ ହୋଇ-ଯାଇଥିଲା । ପୁଣି ନୂତନ କରି ପଢ଼ି ଦେଢ଼ବର୍ଷ ଭିତରେ ନିଃ ପ୍ରା: ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ତାପରେ ଗ୍ରାମର ନିକଟସ୍ଥ ଶିମୁଳି ଉଃ ପ୍ରାଃ ବିଦ୍ୟାଳୟରେ ଦୁଇ ବର୍ଷ ପଢ଼ି ଉକ୍ତ ପରୀକ୍ଷାରେ ବୃତ୍ତି ପାଇ ପାସ କଲି । ଉକ୍ତ ବୃତ୍ତି ସାହାଯ୍ୟରେ ଘରଠାରୁ ପ୍ରାୟ ୨୬ ମାଇଲ ଦୂରବର୍ତ୍ତୀ ତାଳଚେର ରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ମାଇନର ପଢ଼ି ପାସ କଲି । ମାଇନର ପରେ ଗରିବ ଛାତ୍ର-ବୃତ୍ତି ପାଣ୍ଠିରୁ ମାସିକ ଟଙ୍କାଏ ମାତ୍ର ବୃତ୍ତି ପାଇ ଅତି ଦୁଃଖରେ ସେହି ବିଦ୍ୟାଳୟରେ ମାଟ୍ରିକ୍ୟୁଲେସନ ପଢ଼ି ତାହା ପାସ କଲି । ମାଟ୍ରିକ ପରେ ସରକାରୀ ବୃତ୍ତି ମାସିକ ୧୦ ଟଙ୍କା ଏବଂ ଋଣ-ଛାତ୍ର-ବୃତ୍ତି ଫଣ୍ଡରୁ ମାସିକ ୧୦ ଟଙ୍କା ଋଣ ସାହାଯ୍ୟ ପାଇ କଟକସ୍ଥ ରେଭେନ୍‌ସା କଲେଜରେ ଆଇ.ଏ. ପାସ କଲି । ବି.ଏ. ପଢ଼ିବାକୁ କୌଣସି ସୂତ୍ରରୁ ଆୟ-ସାହାଯ୍ୟ ପାଇଲି ନାହିଁ । ତଥାପି ମାସିକ ୭ ଟଙ୍କା ମାତ୍ର ଟିଉସନ-ଆୟ ସାହାଯ୍ୟରେ ଅତି କଷ୍ଟରେ ଜୀବନଯାପନ କରି ବି.ଏ. ପାସ କଲି । ବି.ଏ. ପାସ ସଙ୍ଗେ

Digitized by PPRACHIN, SOA

ସଙ୍ଗେ ତାଳଚେର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତ ହେଲି । ଚାରି ବର୍ଷକ ପରେ କଟକସ୍ଥ ରାଧାନାଥ ଟ୍ରେନିଂ କଲେଜରେ ଡି.ଇଡି. ଟ୍ରେନିଂ ପଢ଼ି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଲି ।

ଦୁଃଖମୟ ବାଲ୍ୟ-କିଶୋର-ଯୌବନ ଅବସ୍ଥା

ମୋର ବାଲ୍ୟ, କିଶୋର ଏବଂ ଯୌବନ ଅବସ୍ଥା ଅତ୍ୟନ୍ତ କଷ୍ଟ ଓ ଅଯତ୍ନରେ ଅତିବାହିତ ହୋଇଥିଲା । ପିତା-ମାତାଙ୍କ ମୃତ୍ୟୁ ପରେ ଘରେ ଆମେ ୪ ଜଣ ମାତ୍ର ସନ୍ତାନ ଥିଲୁ । ଦୁଇ ଭାଇ ଓ ଦୁଇ ଭଉଣୀ । ୪ ଜଣ ମଧ୍ୟରୁ ଭାଇ ବଡ଼ ଏବଂ ମୁଁ ସାନ । ବଡ଼ ଭାଇ ମୋଠାରୁ ମାତ୍ର ୧୧ ବର୍ଷରେ ବଡ଼ । ତାଙ୍କ ନାମ ମାଗତା । ସେ ଅତ୍ୟନ୍ତ ସାହସୀ ଏବଂ ସ୍ପଷ୍ଟବାଦୀ ଥିଲେ । ଅନ୍ୟାୟ ପ୍ରତି ଅସହିଷ୍ଣୁ ଥିଲେ । ଜମି-ବାଡ଼ି ଥିଲେ ସୁଦ୍ଧା ରାଜ-ସରକାରଙ୍କର ଖଜଣା, ମାଗଣ, ରସଦ ଓ ଅନ୍ୟାନ୍ୟ ପାଉଣା ଦେଇପାରୁ-ନଥିବାରୁ କର୍ମଚାରୀଙ୍କର ନାନାବିଧ ନିର୍ଯାତନା, ଅତ୍ୟାଚାର ଓ ନିନ୍ଦା-ଅପମାନର ପାତ୍ର ହୋଇଛୁ । ସମୟେ ସମୟେ ଖାଇବାକୁ ନ ପାଇ ଉପବାସ ରହିଛୁ । ଜମି ବିକଲେ କେହି କିଣିବାକୁ ନ ଥାନ୍ତି ; କାରଣ ରଜାର ପ୍ରଜା ହୋଇ ବେଠି, ବେଗାରି, ମାଗଣ, ରସଦ, ରାଜସ୍ୱ ଦେବାକୁ କେହି ପ୍ରସ୍ତୁତ ନ ଥାନ୍ତି । ଆମ ଜମି ସରକାରକୁ ଦେବାକୁ ଇଚ୍ଛା କଲେ ସୁଦ୍ଧା ସେ ଗ୍ରହଣ କରିବାକୁ ରାଜି ନ ଥାନ୍ତି । ଏପରି ଅବସ୍ଥାରେ ଘର ତରଫରୁ ଶିକ୍ଷାର ବ୍ୟବସ୍ଥା କ'ଣ ହୋଇପାରେ ତାହା ସହଜେ ଅନୁମେୟ । ମୋ ବାପାଙ୍କ କକାପୁଅ ଭାଇ ଶ୍ରୀ ବାଙ୍କନିଧି ଭକ୍ତବତ୍ସଳ ନାମରେ ମୋର ଜଣେ କକା ମୋ ପ୍ରତି ଆକୃଷ୍ଟ ହୋଇ ଏବଂ ସାମାନ୍ୟ ଦୃଷ୍ଟି ଦେଇ ହାଇସ୍କୁଲର ଛାତ୍ରାବାସ ଖର୍ଚ୍ଚ ପାଇଁ ମାସିକ ଏକ ଟଙ୍କା ହିସାବରେ ୪ ବର୍ଷ ପାଇଁ ୪୮ ଟଙ୍କା ଏବଂ ଥରେ ୨୭ ଟଙ୍କା ଓ ଅନ୍ୟ ଥରେ ୩୦ ଟଙ୍କା ସାହାଯ୍ୟ କରିଥିଲେ । ଆଜିକାଲି ପାଇଁ ଏ ସାହାଯ୍ୟ ନଗଣ୍ୟ ହୋଇପାରେ, କିନ୍ତୁ ସେତେବେଳ ନିମନ୍ତେ ତାହା ତାଙ୍କ ପକ୍ଷରେ ଯଥେଷ୍ଟ, ଏବଂ ମୋ ପକ୍ଷରେ ଆଶାତୀତଥିଲା । ଏହି କକାଙ୍କ ବ୍ୟତୀତ ମୋର ଜଣେ ଶିକ୍ଷକ ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ବି.ଏ. ମୋତେ ମାଟ୍ରିକ୍ୟୁଲେସନଠାରୁ ଆରମ୍ଭ କରି ବି.ଏ. ପର୍ଯ୍ୟନ୍ତ ସମୟେ ସମୟେ ସାମାନ୍ୟ ଆର୍ଥିକ ସାହାଯ୍ୟ କରିଥିଲେ ।

Digitized by PPRACHIN, SOA

ମୋର ମାଉସୀ-ପୁଅ ଭାଇ ଶ୍ରୀଯୁକ୍ତ ମଦନମୋହନ ପ୍ରଧାନ (ପୂର୍ବତନ କୃଷି ଉପନିର୍ଦ୍ଦେଶକ) ମଧ୍ୟ ମୁଁ ବି.ଏ. ଶ୍ରେଣୀରେ ନାମ ଲେଖାଇଲାବେଳେ ଏକକାଳୀନ ସାମାନ୍ୟ ଆର୍ଥିକ ସାହାଯ୍ୟ ଦେଇଥିଲେ । କଟକସ୍ଥ ରେଭେନ୍ସା କଲେଜରେ ଆଇ.ଏ. ପ୍ରଥମ ବର୍ଷ ପଢ଼ିବା ନିମନ୍ତେ ନାମ ଲେଖାଇବାକୁ କୌଣସି ସୂତ୍ରରୁ ଅର୍ଥ ମିଳିଲା ନାହିଁ । ବହୁ କଷ୍ଟରେ ୭୮ ଜଣଙ୍କଠାରୁ ୭୪ ଟଙ୍କା ମାତ୍ର ଧାର ଉଧାର କରି ନାମ ଲେଖାଇଥିଲି । କିନ୍ତୁ ଯାହାଙ୍କଠାରୁ ଯାହା ସାହାଯ୍ୟ କିମ୍ବା ଧାରଉଧାର ପାଇଥିଲି ସେ ସବୁ ଅତ୍ୟନ୍ତ କୃତଜ୍ଞତା ସହିତ ପରିଶୋଧ କରିଦେଇଥିଲି ।

ପଢ଼ିଲାବେଳେ ତ ପଇସା ନ ଥାଏ । ବହି, କାଗଜପତ୍ର, ସ୍ଲେଟ, ପେନସିଲ ଇତ୍ୟାଦି କିଣିପାରୁନଥିଲି । ସାଥୀ ପିଲାଙ୍କ ବହିରେ ମୁଁ ବି.ଏ. ପର୍ଯ୍ୟନ୍ତ ପାଠ ପଢ଼ିଲି । ପଇସା ଅଭାବରୁ ମୁଁ ସଞ୍ଜେ-ସକାଳେ ଜଳଖିଆ ଖାଇବାକୁ ପାଏ ନାହିଁ, ପାଇଲେ ଖୁବ୍ କମ୍ ଦିନ ପାଏ । ହାଇସ୍କୁଲରେ ପଢ଼ିଲାବେଳକୁ ସମୟେ ସମୟେ ମେସ୍ ଖର୍ଚ୍ଚ ଦେଇ ନ ପାରିବାରୁ ଦିନେ ଦିନେ ମିଲ୍ ବନ୍ଦ ହେବାରୁ ମୁଁ ଉପବାସ ରହିଯାଏ । ଉପବାସ ରହିଯିବାର ଦିନକର ଘଟଣା ନିମ୍ନରେ ଉଲ୍ଲେଖ କରୁଛି ।

ହାଇସ୍କୁଲରେ ପଢ଼ିଲାବେଳେ ୧୦ମ ଶ୍ରେଣୀରୁ ୧୧ଶ ଶ୍ରେଣୀକୁ ପ୍ରମୋଶନ ନିମନ୍ତେ ଯେଉଁଦିନ ବାର୍ଷିକ ପରୀକ୍ଷା ପ୍ରଥମକରି ହେଉଥାଏ, ସେ ଦିନ ମେସ୍ ମ୍ୟାନେଜର ଶ୍ରୀ ଦାମୋଦର ପ୍ରଧାନ ମୋର ମିଲ୍ ବନ୍ଦ କରିଦେଲେ । ସାଢ଼େ ଦଶଟାବେଳେ ପରୀକ୍ଷା ଆରମ୍ଭ ହେବ । ୯ଟା ବେଳେ ଗାଧୋଇ ଆସି ମୁଁ ମେସ୍‌କୁ ଖାଇବା ପାଇଁ ଯିବାକୁ ବାହାରିଲାବେଳେ ପୂଝାରୀ ଆସି ମୋତେ ଜଣାଇଦେଲା ଯେ ମୁଁ ମେସ୍ ଦେୟ ଦେଇ ନ ଥିବାରୁ ସେହି ଦିନଠାରୁ ମୋର ମିଲ୍ (ଖାଦ୍ୟ) ବନ୍ଦ ହୋଇଛି । ମୁଢ଼ି-ଚୁଡ଼ା କିଣି ଖାଇବାକୁ ମୋ ପାଖରେ ପଇସା ନ ଥାଏ । ଏ ଖବରରେ ମୁଁ ବିଚଳିତ ହେଲି ନାହିଁ । ମିଲ୍ ବନ୍ଦ କଥା ପୂର୍ବଦିନ କିମ୍ବା ସେଦିନ ସକାଳୁ କାହିଁକି ନ ଜଣାଇଲେ ସେଥିପାଇଁ ମନରେ ଟିକିଏ ଦୁଃଖ ଜାତ ହେଲା । କିନ୍ତୁ ମୁଁ ତ ମେସ୍-ଦେୟ ଦେଇ ପାରି ନ ଥିଲି, ସେଥିପାଇଁ ମ୍ୟାନେଜରଙ୍କୁ ମଧ୍ୟ ଦୋଷ ଦେଲି ନାହିଁ । ଉପବାସରେ ପରୀକ୍ଷା ଦେଲି । ସେଦିନର ପରୀକ୍ଷା

Digitized by PPRACHIN, SOA

ବିଷୟ ଇଂରେଜୀ ପ୍ରଥମ ପେପର୍ । ଉକ୍ତ ପେପର୍‌ରେ ଶତକଡ଼ା ୭୨ ନମ୍ବର ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲି ।

ପରୀକ୍ଷା ଦିନଟାରେ ମିଲ୍-ବନ୍ଦ ଖବର ଶୁଣି ସାଥୀ ପିଲାମାନେ ଅସନ୍ତୁଷ୍ଟ ହେଲେ । ସର୍ବଶ୍ରୀ ଦାଶରଥି ପାଣି ଏବଂ ଗୌରୀଶଙ୍କର ପ୍ରଧାନ ଇତ୍ୟାଦି ତାଙ୍କ ମିଲ୍‌ରୁ କିଛି ଅଂଶ କାଟି ମୋତେ ଖାଇବାକୁ ବାଧ୍ୟ କଲେ । ମୁଁ ମନା କଲି ଏବଂ ଭଗବାନଙ୍କୁ ସ୍ମରଣ କରି ଖାତା-ପତ୍ର ଧରି ପରୀକ୍ଷା ଦେବାକୁ ଚାଲିଯାଇ ମୋ ନିଜ ସିଟରେ ବସିଲି । ସେ ଦିନର ପରୀକ୍ଷା ପରେ ପୂର୍ବୋକ୍ତ ଦୁଇ ଜଣ ଛାତ୍ରଙ୍କ ଆନୁକୂଲ୍ୟରେ ଛାତ୍ରମାନଙ୍କର ଏକ ନିଷ୍ପତ୍ତି ହେଲା ଯେ, ମୁଁ ମେସ୍‌ରେ ଜଣେ ଫ୍ରି-ଛାତ୍ର ଭାବରେ ଚଳିବି । ମୋର ଏବଂ କୁଟୁମ୍ବର ମାନ-ସମ୍ମାନ ଦୃଷ୍ଟିରୁ ଓ ମୋର ବ୍ୟକ୍ତିଗତ ସ୍ୱାଧୀନତା ଦିଗରୁ ମୁଁ ମେସ୍‌ରେ ଜଣେ ଫ୍ରି-ଛାତ୍ର ଭାବେ ଚଳିବା ପ୍ରସ୍ତାବକୁ ଧନ୍ୟବାଦ ଏବଂ କୃତଜ୍ଞତାର ସହିତ ଅଗ୍ରାହ୍ୟ କଲି । ଏହି ଦିଗରୁ ରେଭେନ୍‌ସା-କଲେଜ-ହଷ୍ଟେଲରେ ମଧ୍ୟ ମେସରୁ ଫ୍ରି-ସିପ୍ ଗ୍ରହଣ କରି ନ ଥିଲି । କଲେଜରେ ପଢ଼ିଲା ସମୟରେ ଓ୍ୱାର୍ଡେନଙ୍କୁ କହି ୩ୟ ଶ୍ରେଣୀ ମେସ୍ ସୃଷ୍ଟି କରାଇ ସେଥିରେ ସାମିଲ ହୋଇଥିଲି । ଏତେ ଦୁଃଖ-ଦୈନ୍ୟ ଅଭାବ-ଅସୁବିଧା ଏବଂ ଭୋକ-ଉପାସରେ ଚଳିଲେ ସୁଦ୍ଧା ମନରେ ଅବସାଦ ନ ଥିଲା । ମାଇନର ଏବଂ ହାଇସ୍କୁଲରେ ସବୁବେଳେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି । କଲେଜରେ ତାହା କରି ନ ପାରିଲେ ମଧ୍ୟ ପ୍ରତିବର୍ଷ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଉଥିଲି । ଉପର୍ଯ୍ୟୁକ୍ତ ଦୁଇ ଜଣ ସଙ୍ଗୀ ଛାତ୍ରବନ୍ଧୁ ବଡ଼ ଜାତୀୟତାବାଦୀ ଏବଂ ସ୍ୱାଧୀନଚେତା । ସେମାନେ ସ୍ୱାଧୀନତା ଏବଂ ପ୍ରଜାତନ୍ତ୍ରଲ ଆନ୍ଦୋଳନରେ ମୁଖ୍ୟ ନେତୃତ୍ୱ ଗ୍ରହଣ କରିଥିଲେ ଏବଂ ଦୀର୍ଘଦିନ ଜେଲ୍ ବରଣ କରିଥିଲେ ।

ବାଲ୍ୟ-କିଶୋର ଜୀବନର ଦୁଃଖ-ଦୈନ୍ୟ ଭବିଷ୍ୟତରେ ମଙ୍ଗଳ କଲା

ବାଲ୍ୟ, କିଶୋର ଏବଂ ଯୌବନ କାଳର ଅଭାବ ଓ ଦୁଃଖମୟ ଅବସ୍ଥା ଯୋଗୁଁ ଉପରୋକ୍ତ ମତେ ମୁଁ ଦିନକୁ ଦୁଇଥର ମାତ୍ର ଭୋଜନ କରି

Digitized by PPRACHIN, SOA

ଚାଲିଯାଉଥିଲି । ସେହି ଅଭ୍ୟାସ ମୋର ରହିଗଲା ଏବଂ ତାହା ମୋର ପରବର୍ତ୍ତୀ ରାଜନୈତିକ ଓ ସର୍ବସାଧାରଣ-ଜୀବନ (Public-life) ଯାପନରେ ପ୍ରଚୁର ସାହାଯ୍ୟ କଲା । ଇତି ମଧ୍ୟରେ ଗତ ୪୧ ବର୍ଷ ହେଲା ସର୍ବସାଧାରଣ-ଜୀବନଯାପନ କରି ଆସିଛି । ମୋ ପରିସର ମଧ୍ୟରେ ଦେଶର ନେତୃତ୍ୱ ନେବାଠାରୁ ଆରମ୍ଭ କରି ୧୯୩୨୪ ବର୍ଷ ପର୍ଯ୍ୟନ୍ତ ଏମ୍. ଏଲ୍. ଏ. ଏବଂ ସେଥି ମଧ୍ୟରୁ ୧୯୬୧୫ ବର୍ଷ ପର୍ଯ୍ୟନ୍ତ ୫ଥର ମନ୍ତ୍ରୀ ଭାବେ ଉଚ୍ଚ ଆସନରେ ଅଧିରୂଢ଼ ହୋଇଛି । ତେଣୁ ସୁଖ-ସମୃଦ୍ଧି ଓ ବିଳାସ-ବ୍ୟସନର ସମସ୍ତ ସୁବିଧା-ସୁଯୋଗ ମିଳିଥିଲେ ସୁଦ୍ଧା ଉକ୍ତ ପୂର୍ବ ଅଭ୍ୟାସ ଓ ଗାନ୍ଧୀ-ଆଦର୍ଶରେ ସରଳ ଜୀବନଯାପନର ପ୍ରେରଣା ସର୍ବଦା ମୋ ବିବେକକୁ ଜାଗ୍ରତ ଏବଂ ସାବଧାନ କରାଇ ଦେଉଥିଲା ଯେ, ଦେଶର ଅଗଣିତ ନଗ୍ନ-ବୁଭୁକ୍ଷିତ ଜନତା ଯେଉଁ ସ୍ତରରେ ଜୀବନଯାପନ କରୁଛନ୍ତି, ନେତା, ପ୍ରତିନିଧି ଏବଂ ମନ୍ତ୍ରୀ ଭାବରେ ସେହିପରି ଜୀବନଯାପନ କରିବାକୁ ପଡ଼ିବ । ଏହି ପ୍ରେରଣା, ନିର୍ଦ୍ଦେଶ, ଆଦେଶ ଓ ଆଦର୍ଶର ବଶୀଭୂତ ହୋଇ ଆଜି ମଧ୍ୟ ମୁଁ ଖାଦ୍ୟ, ପାନୀୟ ଏବଂ ପରିଧାନରେ ଯେତେଦୂର ସମ୍ଭବ ଦେଶର ୪ର୍ଥ ଶ୍ରେଣୀ ଲୋକେ ଯେଉଁ ସ୍ତରରେ ଚଳନ୍ତି, ସେହିପରି ଭାବରେ ଜୀବନଯାପନ କରିବାକୁ ଚେଷ୍ଟା କରିଛି । ଉକ୍ତ ୪ର୍ଥ ଶ୍ରେଣୀ ଲୋକଙ୍କ ମଧ୍ୟରୁ କେହି କେହି ସାଧାରଣ ଖାଦ୍ୟ ବାହାରେ ଯେଉଁ ଉପଖାଦ୍ୟ ଖା'ନ୍ତି ତାହା ମୁଁ ଖାଏ ନାହିଁ । ମୁଁ ମୋ ଜୀବନରେ ଚାହା, କଫି, ବିଡ଼ି, ପାନ, ସିଗାରେଟ୍, ଗୁଆ, ଗୁଣ୍ଡି, ଗୁଡ଼ାଖୁ, ତମାଖୁ ଏବଂ ହୁକା ପ୍ରଭୃତି ବ୍ୟବହାର କରେନାହିଁ । ଏ ଜିନିଷସବୁ କିଏ ମାହାଳିଆ ଯାଚିଲେ, ପ୍ରଲୋଭିତ କଲେ କିମ୍ବା ବାଧ୍ୟ କଲେ ମଧ୍ୟ ଖାଏ ନାହିଁ, ପିଏ ନାହିଁ, ଚୋବାଏ ନାହିଁ କିମ୍ବା ଶୋଷେ ନାହିଁ । ସୋଡ଼ା, ଫେଣ୍ଟା ଏବଂ କୋକାକୋଲା ମଧ୍ୟ ପିଏ ନାହିଁ—ମଦ, ସରବ, ଅଫିମ, ଗଞ୍ଜେଇ, ଭାଙ୍ଗ, ତାଡ଼ିରସ ତ ଛୁଇଁବା-ଦେଖିବା ଦୂରର କଥା । ସଞ୍ଜ ସକାଳେ ଜଳଖିଆ ଖାଏ ନାହିଁ । ଅକସ୍ମାତ୍ ସୌଜନ୍ୟ କିମ୍ବା ବାଧ୍ୟତା କିମ୍ବା ଆବଶ୍ୟକତା ବଶତଃ ଜଳଖିଆ ଖାଇଲେ ଭୋଜନ (Meal) ବନ୍ଦ କରିଦିଏ । ଦିନକୁ ମାତ୍ର ୨ଥର ଖାଏ ଏବଂ ଉକ୍ତ ଖାଦ୍ୟର ପରିମାଣ ୨ଛଟାଙ୍କି ଖାଦ୍ୟ-ଶସ୍ୟ ; ଅର୍ଥାତ୍ ଚାଉଳ, ଗହମ, ମକା, ମାଣ୍ଡିଆ, ଶୁଆଁ, କାଙ୍ଗୁ, ଗୁଳୁଚି, କୋଦୁଅ, ଚିନା, ଜହ୍ନା,

Digitized by PPRACHIN, SOA

ବାଜିରି ଏବଂ ଜୁଆର ଇତ୍ୟାଦିରୁ ଯାହା ଉଆର ହୁଏ ତାହା ମାତ୍ର ଶାନ୍ତିସନ୍ତୋଷରେ ଉପଭୋଗ କରେ । କୌଣସି ପ୍ରକାର ନିଶାଦ୍ରବ୍ୟ ଏବଂ ଗୋ-ମହିଷ-ଘୁଷୁରି ମାଂସ ବ୍ୟତୀତ ଭାରତର ସବୁ ଅଞ୍ଚଳର ଖାଦ୍ୟ ଖାଇବାରେ ମୁଁ ଅଭ୍ୟସ୍ତ ; କାରଣ ୫ବର୍ଷ କାଳ ରାଜନୈତିକ ଫେରାର୍ ଅବସ୍ଥାରେ ସାରା ଭାରତ ବର୍ଷ ବୁଲି ଏ ପ୍ରକାର ଖାଦ୍ୟ ଖାଇବାରେ ଅଭ୍ୟାସ ପଡ଼ିଯାଇ-ଥିଲି । ମୋ ନିଜ ବସାରେ ଉପରୋକ୍ତ ପ୍ରକାର ଖାଦ୍ୟ-ପାନୀୟରେ ମୁଁ ଚଳେ ।

ମୋ ବସା-ଘର

ଉପରୋକ୍ତ ଅଭ୍ୟାସ, ଭାବନା ଏବଂ ଗାନ୍ଧୀ-ଆଦର୍ଶ ଓ ପ୍ରେରଣା-ବଶତଃ ମୋ ଘରର ବ୍ୟବସ୍ଥା ମଧ୍ୟ ନିତାନ୍ତ ସରଳ, ମିତବ୍ୟୟୀ ଏବଂ ଆତ୍ମନିର୍ଭରଶୀଳ ରଖିଛି । ୨୦।୨୫ ବର୍ଷ ଏମ୍. ଏଲ୍. ଏ. ଏବଂ ତହିଁରୁ ୫ ଥରରେ ୧୭।୧୫ ବର୍ଷ ମନ୍ତ୍ରୀ ଭାବେ ସରକାରୀ ମନ୍ତ୍ରୀ-ଭବନରେ ଅବସ୍ଥାନ କରି ସୁଦ୍ଧା ମୁଁ ଘରେ କେବେ ପୂଜାରୀ-ରୋଷେୟା ରଖି ନାହିଁ ; ଯଦିଓ ଦୈନିକ ହାରାହାରି ୨୦।୨୫ ଜଣ ସାଧାରଣ ଅତିଥି ମୋ ଘରେ ଭୋଜନ କରନ୍ତି । ସମୟେ ସମୟେ ଅତିଥି ସଂଖ୍ୟା ୫୦।୬୦ କିମ୍ବା ତଦୂର୍ଦ୍ଧ୍ୱ ହୋଇଯାଏ । ବସାର ନିୟମିତ ସାଧାରଣ ଖାଦ୍ୟ ଭାତ ଏବଂ ଡାଲଣା । ପରିବା ନ ମିଳିଲେ କେବଳ ଡାଲିରେ କାମ ଚଳିଯାଏ । ତେଣୁ କେତେକ ମୋତେ '**ଭାତ ଡାଲଣା**' ମନ୍ତ୍ରୀ ବୋଲି କହନ୍ତି । ଆଉ କେତେକ ମୋତେ ଭାତ-ଡାଲଣା ମନ୍ତ୍ରୀ ବୋଲି ବ୍ୟଙ୍ଗ କରନ୍ତି ଏବଂ ମନ୍ତବ୍ୟ ପାସ କରନ୍ତି ଯେ, ଭାତ-ଡାଲଣା ଖାଇ କି ବୁଦ୍ଧି ହେବ ଯେ ଶାସନ କାର୍ଯ୍ୟ ଚଳାଇବ ! ସରଳତା ଏବଂ ଆତ୍ମ-ନିର୍ଭରଶୀଳ ଭାବନା ବ୍ୟତୀତ ମୋ ବସାରେ ପୂଜାରୀ-ରୋଷେୟା ନ ରଖିବାର ଆଉ ଏକ ମାନବିକ ଓ ସାମାଜିକ କାରଣ ଅଛି । ତାହା ହେଉଛି ଯେ ତଥାକଥିତ ଉଚ୍ଚ ବର୍ଣ୍ଣର ପୂଜାରୀ-ରୋଷେୟା ନୀଚ ବର୍ଣ୍ଣର ଲୋକଙ୍କର କାର୍ଯ୍ୟ କରିବାକୁ କିମ୍ବା ତଥାକଥିତ ନୀଚବର୍ଣ୍ଣର ପୂଜାରୀ-ରୋଷେୟାଠାରୁ ଉଚ୍ଚ ବର୍ଣ୍ଣର ଲୋକେ ଖିଆ-ପିଆ କରିବାକୁ କୁଣ୍ଠାବୋଧ କରୁଥିଲେ । ମୋ ଘରେ ତ ଆଦିବାସୀ ହରିଜନଠାରୁ ଆରମ୍ଭ କରି ବ୍ରାହ୍ମଣ କ୍ଷତ୍ରିୟ ପର୍ଯ୍ୟନ୍ତ ଅତିଥି ହେଉଥିଲେ । ଉଚ୍ଚ ବର୍ଣ୍ଣର ପୂଜାରୀ-ରୋଷେୟା

Digitized by PPRACHIN, SOA

ଆଦିବାସୀ ହରିଜନଙ୍କର ପତ୍ର କିମ୍ବା ଥାଳୀ ଉଠାଇବାକୁ ରାଜି ହେଲେ ନାହିଁ । ମୋତେ ନିଜେ ସେମାନଙ୍କ ପତ୍ର ଉଠାଇବାକୁ ଏବଂ ବାସନ ଧୋଇବାକୁ ପଡ଼ିଲା । ତେଣୁ ମୋ ବସାକୁ ଆଶ୍ରମ ବୋଲି ଘୋଷଣା କରି ପୂଜାରୀଙ୍କୁ ରଖିବା ବନ୍ଦ କରିଦେଲି । ଆତ୍ମନିର୍ଭରଶୀଳତା ଏବଂ ପରିଶ୍ରମର ମର୍ଯ୍ୟାଦାବୋଧ ଦୃଷ୍ଟିରୁ ଅତିଥିମାନେ ନିଜେ ନିଜେ ରୋଷେଇ କରିବା ନିମନ୍ତେ ଘରର ପ୍ରଥା (convention) ହୋଇଗଲା । ମୁଁ ସମୟ ପାଇଲେ ରୋଷେଇରେ ଯୋଗ ଦିଏ । ମୁଁ ମଧ୍ୟ ପିଲାଦିନରୁ ରୋଷେଇ କରି ଲୋକଙ୍କୁ ଚର୍ଚ୍ଚା କରିବାରେ ଅଭ୍ୟସ୍ତ ଥିଲି । ଆଜି ମଧ୍ୟ କଲିକତାରେ ଫରାରି ଜୀବନ କାଳରେ ବଙ୍ଗାଳୀ ଘରେ ଛଦ୍ମ ବେଶରେ ପୂଜାରୀ-ଙ୍କର କାର୍ଯ୍ୟ କରି ରନ୍ଧଣାରେ କଥଞ୍ଚିତ୍ ପରିମାଣରେ ପାରଦର୍ଶିତା ଲାଭ କରିଥିଲି । ମୋ ବସାରେ ମୋତେ ମିଶାଇ ସମସ୍ତେ ନିଜ ବାସନ ନିଜେ ଧୁଅନ୍ତି । ଅତିରିକ୍ତ ବୃଦ୍ଧ କିମ୍ବା ବିଶିଷ୍ଟ ବ୍ୟକ୍ତି ଥିଲେ ତାଙ୍କ ବାସନ ହୁଏତ ମୁଁ ନିଜେ ଉଠାଏ କିମ୍ବା ମୋର କେହି ସ୍ୱେଚ୍ଛାସେବକ ଉଠାଇଦିଅନ୍ତି । ମନ୍ତ୍ରୀ ହିସାବରେ ସରକାରୀ ଅତିଥିମାନଙ୍କୁ ସରକାରୀ ଅତିଥି ଭବନରେ ଚର୍ଚ୍ଚା କରାଯାଏ । ଯଦି କେବେ ମୋ ନିଜ ବସାରେ ଚର୍ଚ୍ଚା କରାଯାଏ ତେବେ ଅତିଥିମାନେ ଉଠି ଯାଇ ସାରିଲା ପରେ ଅନ୍ୟମାନଙ୍କ ସାହାଯ୍ୟରେ ବାସନ-ପତ୍ର ଉଠାଇଦିଏ ।

ମୋର ଏ ପ୍ରକାର ସରଳ ଓ ଆତ୍ମନିର୍ଭରଶୀଳ ଜୀବନଯାପନ ନିମନ୍ତେ ମୁଁ ଗୁଣଗ୍ରାହୀଙ୍କଦ୍ୱାରା ଯେପରି ପ୍ରଶଂସିତ, ରାଜନୈତିକ ଈର୍ଷା ଏବଂ ଛିଦ୍ରାନ୍ୱେଷୀଙ୍କଦ୍ୱାରା ସେହିପରି ସମାଲୋଚିତ ଓ ନିନ୍ଦିତ ମଧ୍ୟ ହୋଇଛି ଓ ହେଉଛି ! ନିନ୍ଦା ପ୍ରଶଂସାରେ ମୋର କିଛି ଯାଏ ଆସେ ନାହିଁ । ଏ ପ୍ରକାର ଜୀବନଯାପନ ମୋତେ ଶାନ୍ତି ଏବଂ ସନ୍ତୋଷ ପ୍ରଦାନ କରିଛି ଏବଂ କରିବ ଓ ମୋର ରାଜନୈତିକ ଜୀବନରେ ବଡ଼ ସହାୟକ ହେବ ।

ମୁଁ କୌଣସି ପ୍ରକାର ଉପଖାଦ୍ୟ, ଉପପେୟ, ଉପଚର୍ବ୍ୟ, ଉପ-ଚୋଷ୍ୟ ଏବଂ ମାଦକଦ୍ରବ୍ୟ ବ୍ୟବହାର କରୁ ନ ଥିବାରୁ ଅନ୍ତତଃ ଆର୍ଥିକ ଖର୍ଚ୍ଚରୁ କେତେକ ପରିମାଣରେ ମୁକ୍ତି ପାଇଯାଏ । ଯେଉଁମାନେ ପ୍ରୋକ୍ତ ଦ୍ରବ୍ୟ, ଯଥା : ଚା, କଫି, ବିଡ଼ି, ପାନ, ସିଗାରେଟ୍, ଗୁଆ, ଗୁଣ୍ଡି, ଗୁଡ଼ାଖୁ,

Digitized by PPRACHIN, SOA

ସରାବ (ମଦ) ଇତ୍ୟାଦି ବ୍ୟବହାର କରନ୍ତି, ସେମାନେ ଋଚିସମ୍ପନ୍ନ ଭୁରି-ଭୋଜନ କଲେ ସୁଦ୍ଧା, ଖାଇ ସାରିଲା ପରେ ସେହି ଅଭ୍ୟସ୍ତ ଜିନିଷ ନ ପାଇଲେ ତାଙ୍କ ମନ ଅସ୍ଥିର ଏବଂ ଅସନ୍ତୁଷ୍ଟ ରହେ । ଭୁରି ଭୋଜନର ମୂଲ୍ୟ ରହେ ନାହିଁ ; ଜୀବନ ଅଥୟ, ବିକଳ ଏବଂ ମର୍ମନ୍ତୁଦ ହୁଏ । ସେମାନେ ଏହି ପ୍ରକାର ବଦଖର୍ଚ୍ଚ ଓ ବାଜେ ଖର୍ଚ୍ଚ ଯୋଗୁଁ ଖର୍ଚ୍ଚାନ୍ତ ଏବଂ ଋଣଗ୍ରସ୍ତ ହୁଅନ୍ତି ; ନିଜକୁ ଏବଂ କୁଟୁମ୍ବକୁ ଅ ଦୁଃସ୍ଥତାର ପାନ କରାନ୍ତି । ଅନେକ ଧାର-ଉଧାର ଏବଂ ଋଣ-କରଜ କରନ୍ତି । ତାହା ଶୁଝି ନ ପାରିଲେ ଋଣ-କରଜଦାତା ଏବଂ ସାହୁକାରଦ୍ୱାରା ବେ-ଇଜ୍ଜତ୍ ହୁଅନ୍ତି । ପରିଶୋଧ କରି ନ ପାରିଲେ ସେମାନଙ୍କର ସ୍ଥାବରାସ୍ଥାବର ସମ୍ପତ୍ତି ନିଲାମ ହୁଏ । କିନ୍ତୁ ମୁଁ ଏପରି ଅଶାନ୍ତ ଓ ଡମ୍ବାସ୍ଥ ଅବସ୍ଥାର ପାନ ନୁହେଁ କିମ୍ବା ସାମାଜିକ ନିନ୍ଦା ଅପବାଦର ଶୀକାର ନୁହେଁ । ରାଜନୀତିରେ ଥାଇ ମୁଁ ଏ ପର୍ଯ୍ୟନ୍ତ କରଜ କରି ନାହିଁ । ମୋର ମତ ହେଉଛି ମୁଁ କରଜ କରିବ ନାହିଁ; କାରଣ ମୁଁ ଶୁଝିପାରିବ ନାହିଁ (I should not borrow, because I can not repay) । ମୋର ଅନ୍ୟ ମତ ହେଉଛି, ନିଜର ସତ୍ କର୍ମ ଏବଂ ପରିଶ୍ରମରେ ଯାହା ରୋଜଗାର କରିବ ସେଥିରେ ଚିତ୍ତ-ବିନୋଦନ କର । ଅନ୍ୟର ଆମଦାନୀରେ କିମ୍ବା ବେ-ସାମାଜିକ ସୂତ୍ରରେ ଆୟ କରି ଚଳିବା ଅନୁଚିତ । ମୋର ଆୟ କମ୍ । ତେଣୁ ଖର୍ଚ୍ଚ କମ ହେବା ନିଶ୍ଚିତ୍ । (Cut your coat according to your cloth) ଆୟ ତୁଳନାରେ ଖର୍ଚ୍ଚ ବଢ଼ିଯାଏ । ମୋ ବସାର ଆର୍ଥିକ ଖର୍ଚ୍ଚ ଘର ଷ୍ଟକରୁ ଆସେ । ବାକୀ ଖର୍ଚ୍ଚ ମୋର ଦରମା ପଇସାରୁ ଭରଣା ହୁଏ । ତାପରେ ବାକୀ ଖର୍ଚ୍ଚ ଗାଁ ଗହଳର ମଧ୍ୟମ ଜିସମର ଗୃହୀବନ୍ଧୁ ଓ ରାଜନୈତିକ କୃଷକସାର୍ଥୀ ସ୍ୱତଃ ଯୋଗାନ୍ତି । ଏପରି ବ୍ୟକ୍ତି ନିଜେ ଆସି ବସାରେ ରହି ନିଜ ଖର୍ଚ୍ଚ ତୁଲାଇ ମୋ ବସା ଖର୍ଚ୍ଚ ତୁଲାଇବାରେ ମଧ୍ୟ ଆଂଶିକ ସାହାଯ୍ୟ କରନ୍ତି । ଏମାନେ କେହି ମୋର ସରକାରୀ ପ୍ରଭାବରୁ ଉପକୃତ ହେବାର ସୁଯୋଗ ସୁବିଧା ନାହିଁ । ଏ ପ୍ରକାର ବ୍ୟକ୍ତି କେହି ବ୍ୟବସାୟୀ, ଶିଳ୍ପପତି କିମ୍ବା କଣ୍ଟ୍ରାକ୍ଟର ଇତ୍ୟାଦି ନୁହନ୍ତି । ମୋର ସରଳ ଏବଂ ନିରାଡ଼ମ୍ବର ବ୍ୟକ୍ତିଗତ ଓ ରାଜନୈତିକ ଜୀବନଯାପନର ଆଦର୍ଶ ଏବଂ ଆକର୍ଷଣ ହିଁ ସେମାନଙ୍କୁ ପ୍ରେରଣା ଦିଏ ଯେ, ଅନ୍ତତଃ ମୋ ବସାରୁ କେହି

Digitized by PPRACHIN, SOA

ଫେରିକରି ନ ଫେରନ୍ତୁ ; କାରଣ ଆମ ଘରଣିଙ୍କୁ, ବିଶେଷତଃ ହିନ୍ଦୁ ଏବଂ ମୁସଲମାନ ସଂସ୍କୃତିରେ ଅତିଥି ଦେବତା ସ୍ୱରୂପ । ଗୃହସ୍ୱାମୀ ଅତିଥିଙ୍କୁ ଭୋଜନ ନ ଦେଇ ନିଜେ ଖାଇବା ମହାପାପ । ସମୟେ ସମୟେ ରୋଷେଇ ହୋଇଥିବା ଭାତ, ଡାଲି ଶେଷ ହୋଇଗଲେ ପଖାଳ ଥିଲେ ମଧ୍ୟ ମୁଁ ତାହା ଖାଇ ଶାନ୍ତି, ସନ୍ତୋଷ ଏବଂ ଆନନ୍ଦରେ ଚଳିଯାଏ । ମୋର ସରଳ ଏବଂ ମିତବ୍ୟୟୀ ଜୀବନ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇଲେ ମୁଁ ଖୁସୀ ହୁଅନ୍ତି ।

ମୋ ବସା ଗୋଟିଏ ଧର୍ମଶାଳା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୋ ବସାକୁ କେହି କେହି କହନ୍ତି 'ପବନ-ଧର୍ମଶାଳା'; ଅନ୍ୟ କେହି କେହି କହନ୍ତି 'ପବନ-ଫ୍ରି-ହୋଟେଲ୍' । କିନ୍ତୁ ମୁଁ ଯେଉଁଠି ଯେଉଁ ଅବସ୍ଥାରେ ରହେ ନା କାହିଁକି ମୋ ବସା ବା ଘର 'ହୋଟେଲ୍' କିମ୍ବା 'ଧର୍ମଶାଳା'ଠାରୁ ଅନ୍ୟ କିଛି ପୃଥକ ସ୍ଥାନ ଅଟେ । ହୋଟେଲକୁ କେହି ବ୍ୟକ୍ତି ଗଲେ ସେ ପ୍ରଥମେ ସ୍ଥାନ ଅଛି କି ନାହିଁ ବୋଲି ହୋଟେଲର 'ଅଭ୍ୟର୍ଥନାକାରୀ' (receptionist) ଠାରୁ ସନ୍ଧାନ ନେବ ଏବଂ ସ୍ଥାନ ଥିଲେ ନାମ ଲେଖାଇ ଅଗ୍ରିମ କିଛି ଭଡ଼ା ଦେଇ ରହିବ । ଧର୍ମଶାଳାରେ ମଧ୍ୟ ସ୍ଥାନ ଥିବା ନ ଥିବା କଥା ମ୍ୟାନେଜରଠାରୁ ବୁଝି ମ୍ୟାନେଜର ଜାଗା ଦେଲେ ନିର୍ଦ୍ଦିଷ୍ଟ ସ୍ଥାନରେ କିଛି ପଇସା ଦେଇ ରହିବ । କିନ୍ତୁ ମୋ ବସାକୁ ଯେ ଆସନ୍ତି ସେମାନେ ବସାରେ ସ୍ଥାନ ଅଛି କି ନାହିଁ କାହାରିକୁ କିଛି ନ ପଚାରି ବ୍ୟାଗ-ବିଛଣା, ଗଣ୍ଡୁଲି-ପକ ଏବଂ ଛତା-ବାଡ଼ି ରଖି ବାରଣ୍ଡାରେ କିମ୍ବା ଖାଲି ଥିବା ଘରେ ଆଶ୍ରୟ ନେଇଯାନ୍ତି । କିଏ କଣ କହିବ ନ କହିବ ମନରେ କିଛି ବିଚାର ସେମାନେ ରଖନ୍ତି ନାହିଁ; କାରଣ ବୋଧହୁଏ ସେମାନେ ମୋତେ ତାଙ୍କ ନିଜ ସାଙ୍ଗ-ସାଥୀ କିମ୍ବା ଅଭିଭାବକ ବୋଲି ଭାବନ୍ତି; କେହି ମନ୍ତ୍ରୀ କିମ୍ବା ଏମ୍. ଏଲ୍. ଏ. ବୋଲି ବିଚାରକୁ ନିଅନ୍ତି ନାହିଁ । ନେବାର କାରଣ ମଧ୍ୟ ନାହିଁ । ସମୟେ ସମୟେ ଏପରି ହୋଇଛି ଯେ, ଓଡ଼ିଶା ବାହାରୁ ଅତିଥି ଆସି ଅତିଥି ଘରେ ଖଟରେ ଥିବା ସମୟେ ଅନ୍ୟ ଅତିଥିମାନେ ଉକ୍ତ ଘରେ ପଶି ଲୁଗା-ପଟା ରଖିଦିଅନ୍ତି । ମୋତେ ବାଧ୍ୟ ହୋଇ ବାହାର ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତେ ଡାକ-ବଙ୍ଗଳା କିମ୍ବା ସର୍କିଟ୍ ହାଉସରେ ସ୍ଥାନ ବନ୍ଦୋବସ୍ତ କରିବାକୁ ପଡ଼େ । ଗତ ୪୧ ବର୍ଷ

Digitized by PPRACHIN, SOA

ଭିତରେ ଆନ୍ଦୋଳନ ସମ୍ପର୍କରେ ଏବଂ ସ୍ୱାଧୀନତା ପରେ ମନ୍ତ୍ରୀ, ଏମ୍‌.ଏଲ୍‌. ଏ. ହେଲା ପରେ ମୁଁ ବହୁ ଲୋକଙ୍କୁ ସଙ୍ଗରେ ଘେନି ଓଡ଼ିଶାର ପୁର-ପଲ୍ଲୀରେ ଗସ୍ତ କରିଛି । ଯେଉଁ ସ୍ଥାନକୁ ଯାଇଛି ଲୋକଙ୍କ ସାଥୀରେ ରହିଛି ଏବଂ ଲୋକେ ବ୍ୟକ୍ତିଗତ ଭାବେ କିମ୍ବା ଗ୍ରାମବାସୀ ସମୂହ ଭାବେ ମୋତେ ଏବଂ ମୋ ଗହଣରେ ଥିବା ଲୋକଙ୍କପାଇଁ ଭୋଜନର ବ୍ୟବସ୍ଥା କରିଛନ୍ତି । ତେଣୁ ସେମାନେ କଟକ, ଭୁବନେଶ୍ୱରକୁ ଆସିଲେ ଭରସା କରି ମୋ ବସାକୁ ଆସନ୍ତି ଏବଂ ରହିଯାନ୍ତି । ସେମାନେ ତାଙ୍କ ଦୁଃଖ-ଦୁର୍ଦ୍ଦଶା ଏବଂ ଆପତ୍ତି-ଓଜର ନିର୍ଦ୍ଧି କ ଭାବରେ ଜଣାଇ ପ୍ରତିକାର ପାଇବାର ଆଶା-ଭରସା ରଖନ୍ତି । ପୂର୍ବୋକ୍ତ କାରଣମାନ ବ୍ୟତୀତ ମୋ ଘରକୁ ଆସି ରହିବାର ଇଚ୍ଛା ଏବଂ ସାହସ କରିବାର ଅନ୍ୟ କାରଣ ଯେ, ମୁଁ ଅବିବାହିତ ଥିବାରୁ ବସାରେ ରହି ଚଳପ୍ରଚଳ କରିବାରେ ମୋ ପକ୍ଷରୁ କିମ୍ବା ତାଙ୍କ ପକ୍ଷରୁ ସଂକୋଚ ଓ ଆପତ୍ତି କରିବାର ଅବକାଶ ନାହିଁ ।

ମୋ ବିବାହ ପ୍ରଶ୍ନ ଏବଂ ପ୍ରସଙ୍ଗ

ପିଲାଦିନେ ମୋ ବିବାହ ବିଷୟ ନେଇ ବହୁ ଆଲୋଚନା ଏବଂ ବ୍ୟବସ୍ଥା କରାଯାଉଥିଲା । ସେ ସମୟରେ ବାଲ୍ୟ-ବିବାହ ପ୍ରଥା ଥିଲା । ମୋର ବିବାହ ନିମନ୍ତେ ଶ୍ରେଷ୍ଠ-କନ୍ୟା ଖୋଜା ଖୋଜିରେ ଆମ କୁଟୁମ୍ବ ପରିବାର ଲୋକେ ଚିନ୍ତା କଲେ । ପିତୃ-ମାତୃଶୂନ୍ୟ ଏବଂ ଗରିବ ଥିବାରୁ ହଠାତ୍ କିଛି ହୋଇପାରୁନଥାଏ । ମାଇନର ପାଶ୍ କରି ହାଇସ୍କୁଲରେ ପଢ଼ିଲାବେଳେ ମୁଁ ଇଂରେଜୀ ପଢ଼ୁଛି ବୋଲି ଆମ ଆଖ ପାଖ ଗାଁର ଲୋକେ ଜାଣିଗଲେ । ମାଇନର ପଢ଼ିଲାବେଳେ ମୁଁ ଇଂରେଜୀରେ ବେଶ୍ କଥାବାର୍ତ୍ତା କରିପାରୁଥିଲି ଏବଂ ଶ୍ରେଷ୍ଠ ଶ୍ରେଷ୍ଠ ବକ୍ତର-ବାକର ନିମନ୍ତେ ଇଂରେଜୀରେ ମଧ୍ୟ ଦରଖାସ୍ତ ଲେଖିପାରୁଥିଲି । ତହିଁରେ ପୁଣି ଉତ୍ତମ ପଢ଼ୁଥିଲି ଏବଂ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି । ହାଇସ୍କୁଲ ଓ କଲେଜରେ ପଢ଼ିଲା ସମୟରେ ବହୁ ଲୋକ ତାଙ୍କ କନ୍ୟା ଯାଚିଲେ । ପଢ଼ିବା ପାଇଁ ଆର୍ଥିକ ସାହାଯ୍ୟର ଆଶାମୂଳକ ପ୍ରତିଶ୍ରୁତି ମଧ୍ୟ ଦେଲେ । କିନ୍ତୁ ମୁଁ କଣା-ଜ୍ୱାଇଁ ହୋଇ ସ୍ତ୍ରୀଙ୍କର କଣା-ସ୍ୱାମୀ ଅବସ୍ଥାକୁ ଆଦୌ ପସନ୍ଦ କରୁନଥାଏ । ଏଣେ ପଢ଼ିବା ପାଇଁ ମନର ବ୍ୟାକୁଳତା ଏତେ ଅଧିକ ଯେ ଅର୍ଥ ପ୍ରତି ସମୟେ ସମୟେ ପ୍ରଲୋଭିତ

Digitized by PPRACHIN, SOA

ହେଉଥାଏ । କିନ୍ତୁ ଧନୀ ଘର ଝିଅର କଣା-ସ୍ୱାମୀର ପରାଧୀନତା ଭାବନା ମୋର ସ୍ୱାଧୀନ ପ୍ରାଣକୁ ବ୍ୟଥିତ କରୁଥିଲା ।

ପୂର୍ବୋକ୍ତ ମୋର କକା ଶ୍ରୀ ବାଙ୍କନିଧି ଭକ୍ତବତ୍ସଲ ଆମ ଅଞ୍ଚଳରୁ କାଠ ବ୍ରାହ୍ମଣୀ ନଦୀରେ ଭେଳାରେ ଭସାଇ ନେଇ ଜେନାପୁର ନିକଟସ୍ଥ ଗୈଁଷଠୀପଡ଼ା କାଠ-ପେଣ୍ଠରେ କାଠ ବ୍ୟବସାୟ କରୁଥିଲେ । ସେଠାରେ ସେହି ବ୍ୟବସାୟ ସମ୍ପର୍କରେ ତାଙ୍କର କେତେକ କରଣ ଏବଂ ବଙ୍ଗାଳୀ କାଠ-ବ୍ୟବସାୟୀଙ୍କ ସଙ୍ଗେ ଅତି ଘନିଷ୍ଠ ବନ୍ଧୁତା ଥିଲା । ମୋ କଲେଜ ପଢ଼ା ଏବଂ ପରେ ବୃତ୍ତିକରପ୍ରାପ୍ତି କଥା ଉକ୍ତ ବନ୍ଧୁମାନେ ଜାଣିଥିଲେ । ବି.ଏ., ଡି.ଇଡି. ପରେ ମୁଁ ରାଜ-ହାଇସ୍କୁଲର ଶିକ୍ଷକ ଏବଂ କିଛି ଦିନ ପାଇଁ ରାଜାଙ୍କର ଝିଅ ଅଂଶରୁ ନାତିଙ୍କର (କୁରୁପମ ରାଜକୁମାର) ଘରୋଇ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲି । ତେଣୁ ମୋତେ ଜ୍ୱାଇଁ କରିବା ନିମନ୍ତେ କେତେ ଲୋକଙ୍କର ମୋ ଉପରେ ନଜର ପଡ଼ୁଥାଏ । ମୋର ଉକ୍ତ କକାଙ୍କର କରଣ ଏବଂ ବଙ୍ଗାଳୀ ବନ୍ଧୁଙ୍କର ମଧ୍ୟ ମୋ ପ୍ରତି ଅତି ଉତ୍ତମ ଧାରଣା ଥାଏ । କରଣ ବନ୍ଧୁମାନେ ତାଙ୍କୁ (କକାଙ୍କୁ) କହୁଥିଲେ ଯେ 'ଚଷା ବଢ଼ିଲେ କରଣ, ଏବଂ କରଣ ଛିଣ୍ଡିଲେ ଚଷା ହୁଅନ୍ତି ।' ତେଣୁ ଚଷା କରଣ ମଧ୍ୟରେ ବିବାହ ସମ୍ପର୍କୀୟ ବନ୍ଧୁତ୍ୱ ରଖିବାପାଇଁ ଇଚ୍ଛା କରି ମୋତେ ଜାମାତା କରିବାର ଅଭିଳାଷ ପ୍ରକାଶ କରିଥିଲେ । ମୋର କକା ସେଥିରେ ରାଜି ଥିବାର ମୁଁ ହୃଦ୍‌ବୋଧ କରୁଥିଲି । କକାଙ୍କର କେହି କେହି ବଙ୍ଗାଳୀ-ବ୍ୟବସାୟୀ-ବନ୍ଧୁ ମୋତେ ଜ୍ୱାଇଁ କରିବା ଉଦ୍ଦେଶ୍ୟରେ ଉକ୍ତ ଦାଦାଙ୍କ ସହିତ ମୋତେ ସେମାନଙ୍କ ମେଦିନୀପୁର ଏବଂ ବୀରଭୂମସ୍ଥ ଗ୍ରାମମାନଙ୍କୁ ଡାକି ନେଇଥିଲେ । ସେତେ-ବେଳେ ବଙ୍ଗାଳୀ ଝିଅମାନେ କେତେକ ପାଠୋଇ ଏବଂ ନବ୍ୟବାଦୀନୀ ଥାନ୍ତି । ମୋର ଉକ୍ତ କକା ଜଣେ ନବ୍ୟବାଦୀ ଥିବାରୁ ସେ ଇଚ୍ଛା କରୁଥିଲେ ଯେ ମୋର ଜଣେ ଶିକ୍ଷିତା ବଙ୍ଗାଳୀ କନ୍ୟା ସଙ୍ଗେ ବିବାହ ହେଲେ ଭଲ ହୁଅନ୍ତା । ଏଣେ ଗ୍ରାମରେ ମୋର ଭାଉଜ ଏବଂ ଖୁଡ଼ୀମାନେ ତାଙ୍କ ନିଜ ନିଜ ସ୍ତରରେ ଉତ୍ତମ କନ୍ୟା ଠିକ୍ କରି ବିବାହନିମନ୍ତେ ମୋତେ ବାଧ୍ୟ କରୁଥାନ୍ତି । ଛୁଟିରେ ମୁଁ ଗ୍ରାମକୁ ଯାଏ । ଘରେ ଖାଇଲାବେଳେ ଖୁଡ଼ୀ ଏବଂ ଭାଉଜମାନେ ମୋ ଚୌର ପାଖରେ ବସି ବିବାହ କରିବା ନିମନ୍ତେ ସାତିଶୟ ପ୍ରଭାବ ପକାନ୍ତି । ସେମାନେ ପ୍ରତ୍ୟେକେ ନିଜ ମନୋମତା କନ୍ୟାର

Digitized by PPRACHIN, SOA

ରୂପ, ଗୁଣ ଏବଂ ତାର ବଂଶର ଶ୍ରେଷ୍ଠତା-ପ୍ରାଧାନ୍ୟ ଓ ଧନାଢ୍ୟତା ବିଷୟରେ ଆଲୋଚନା ସମାଲୋଚନା କରି ନିଜ ମନୋମତା କନ୍ୟା ମୋ ପାଇଁ ଉପଯୁକ୍ତା ଏବଂ ପ୍ରଥମ ସ୍ଥାନର ପାତ୍ରୀ ବୋଲି ନିଜ ନିଜ ମଧ୍ୟରେ ଟିକିଏ ଟିକିଏ ପ୍ରତିଯୋଗିତାମୂଳକ ଝଗଡ଼ା ମଧ୍ୟ କରନ୍ତି । କରଣ କମ୍ବା ବଙ୍ଗାଳୀ ଝିଅ ବିବାହ କଲେ ସେ ଝିଅ କାଳେ ସେମାନଙ୍କୁ ଖାତିର କରିବ ନାହିଁ ବୋଲି ଆଶଙ୍କା କରି ମୋତେ ସାନୁନୟ ଅନୁରୋଧ କରନ୍ତି ଯେ, ମୁଁ କେବେ କରଣ କମ୍ବା ବଙ୍ଗାଳୀ ଝିଅ, ବିଶେଷତଃ ଅତି ପାଠୋଇ ଏବଂ ଅତି ନବ୍ୟବାଦିନୀ ଝିଅ ବିବାହ ନ କରେ । ପୁଣି କେହି କେହି ଧମକ ଦେଇ କହନ୍ତି ଯେ କରଣ କମ୍ବା ବଙ୍ଗାଳୀ ଝିଅ ବିବାହ କଲେ ଜାତିରୁ ଅଟକ (ବାସନ୍ଦ) କରି ଦେବେ । ମୁଁ ସେମାନଙ୍କର ଏସବୁ ପ୍ରସ୍ତାବ, ଆଲୋଚନା, ସମାଲୋଚନା ଏବଂ ମନୋଭାବ ଜାଣୁଥାଏ, ଶୁଣୁଥାଏ, ଏବଂ ଅନୁଭବ ଓ ଉପଭୋଗ କରୁଥାଏ । କିନ୍ତୁ ଏତିକ ମାତ୍ର କହେ ଯେ, ମୁଁ ଗୋଟାଏ ବଡ଼ କାମ କରିବାକୁ ଯାଉଛି । ସେ କାମଟା କେତେ ବର୍ଷ ଲାଗିବ କହି ହେଉ ନାହିଁ । ସେ କାମ ସରିଲେ, ମୁଁ ବିବାହ କରିବା କଥା ବିଚାର କରିବି; ଯଦି ସେମାନଙ୍କର ମନୋମତା ପାତ୍ରୀଙ୍କ ମଧ୍ୟରୁ କେହି ସେତେବେଳ ପର୍ଯ୍ୟନ୍ତ ଅବଶ୍ୟ ସୁଚରିତ୍ରା ଭାବେ ଅବିବାହିତା ଥାନ୍ତି । (ବଡ଼ କାମଟି ହେଉଛି ରାଜା ମହାରାଜାଙ୍କ ବିରୋଧରେ ଆନ୍ଦୋଳନ ।)

ବୋଧହୁଏ ଏହି ଭରସାରେ ମୋର ଖୁଡ଼ୀ ଏବଂ ଭାଉଜମାନଙ୍କ ମନୋମତା ପାତ୍ରୀଙ୍କ ମଧ୍ୟରୁ ଦୁଇ ଜଣ କନ୍ୟା ମୋତେ ପାଇବା ଆଶାରେ ୫।୭ ବର୍ଷ ଅପେକ୍ଷା କରି ବିବାହ କରି ନ ଥିଲେ । ସେଥିରୁ ଗୋଟିଏ କନ୍ୟା ମରିଗଲା । ଅନ୍ୟଟି ତାର ନିଜ ନାତୁଣୀର (ବଡ଼ ଭଉଣୀ) ମୃତ୍ୟୁ ପରେ ଭେଣେଇକୁ ବିବାହ କଲା । ମୋ ଅପେକ୍ଷାରେ ରହି ସେମାନଙ୍କର ଏ ପ୍ରକାର ଦଶା ନିମନ୍ତେ ମୁଁ ଅତ୍ୟନ୍ତ ଦୁଃଖିତ । କିନ୍ତୁ ମୁଁ ନାରୀର । ସୌଜନ୍ୟ ଏବଂ ସାମାଜିକତା ଦୃଷ୍ଟିରୁ ମୁଁ ସେମାନଙ୍କର ନାମ, ଧାମ ଏବଂ ବଂଶ କଥା କହୁ ନାହିଁ ।

ଜଣେ ରାଜାଙ୍କର (ତାଳଚେର ରାଜା ନୁହନ୍ତି) ଗୋଟିଏ ଅପ୍ରାପ୍ତ ବୟସ୍କା ଧର୍ମ ଝିଅ ଥିଲା । ସେ ଝିଅଟି ଆମ ଜାତିର । ରଜା ଇଚ୍ଛା କଲେ ଯେ ଜଣେ ପାଠୁଆ ବର ତାଙ୍କ ଉକ୍ତ ଧର୍ମ ଝିଅଙ୍କୁ ବିବାହ କରନ୍ତୁ । ରାଜା

Digitized by PPRACHIN, SOA

ପୁଣି ପ୍ରତିଶ୍ରୁତି ଦେଲେ ଯେ ଯେଉଁ ଗ୍ରାଜୁଏଟ ତାଙ୍କ ଧର୍ମ ଝିଅଙ୍କୁ ବିବାହ କରିବ ତାକୁ ବିଲାତରେ ବାରିଷ୍ଟ୍ରି ପଢ଼ାଇ ତାଙ୍କର ଆଇନ ପରାମର୍ଶଦାତା କରିବେ । ସେ ରାଜା ମୋ ଉଦ୍ଦେଶ୍ୟରେ ତାଳଚେରର ତେଲସିଂହାବାସୀ ଶ୍ରୀ କନ୍ଦର୍ପ ସୁବୁଧିଙ୍କୁ (ଶ୍ରୀ ସୁବୁଧି ସେତେବେଳେ ତାଙ୍କ ରାଜ୍ୟରେ ଖଇର ବ୍ୟବସାୟ କରୁଥିଲେ) ବିବାହ ପ୍ରସ୍ତାବ ସହ ପଠାଇଥିଲେ । ଶ୍ରୀ ସୁବୁଧିଙ୍କ-ଠାରୁ ଏ ପ୍ରସ୍ତାବ ଶୁଣିଲି । ଏହା ମୋ ମନକୁ ଟିକିଏ ପାଇଲା । ମୁଁ ଦେଖିଲି ମାହାଳିଆ ବାରିଷ୍ଟ୍ରି ପାସ କରିବି । ଷ୍ଟେଟ୍ ଖର୍ଚ୍ଚରେ ବାରିଷ୍ଟ୍ରି ପଢ଼ି ରାଜା-ମହାରାଜାଙ୍କ ଅନ୍ୟାୟ ଅତ୍ୟାଚାର ଏବଂ ଶୋଷଣ-ପେଷଣ ବିରୋଧରେ ଆନ୍ଦୋଳନ କରି ପ୍ରଜାବୃନ୍ଦଙ୍କୁ ଦୁର୍ଦ୍ଦଶାରୁ ମୁକ୍ତ କରିବି । ଭାବିଲି ଗାନ୍ଧୀଜୀ ବାରିଷ୍ଟ୍ରି ପଢ଼ି ଆନ୍ଦୋଳନ କରୁଛନ୍ତି । ତେଣୁ ମୁଁ ମଧ୍ୟ ବାରିଷ୍ଟ୍ରି ପଢ଼ି ଆନ୍ଦୋଳନ କଲେ ତାର ପ୍ରଭାବ ଏବଂ ସଫଳତା ବେଶୀ ହେବ । ଏତଦ୍ଦ୍ୱାରା ମୋର ଉଭୟ ଧର୍ମ ହେବ । କିନ୍ତୁ ବିବାହ ନ କରିବା ପ୍ରତିଜ୍ଞା ମନକୁ ଧକ୍କା ଦେଉଥାଏ । କିଣା ଜ୍ୱାଇଁ ଭାବନା ହୃଦୟକୁ ଘାଣ୍ଟି ପକାଉଥାଏ । ବିବେକର ଧକ୍କା-ଦାଉ ଭିତରେ ଅନୁସନ୍ଧାନ କରି ଜାଣିଲି ଯେ ରାଜା-ମାନେ, ବିଶେଷତଃ ଏହି ନିର୍ଦ୍ଦିଷ୍ଟ ରାଜା ତାଙ୍କ ଧର୍ମ-ଝିଅଙ୍କୁ ପ୍ରାପ୍ତ ବୟସରେ ପାପ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ତାଳଚେରର ବିରୁ ଗ୍ରାମର ଶ୍ରୀ ନନ୍ଦକିଶୋର ପ୍ରଧାନ ସେତେବେଳକୁ ଉକ୍ତ ରାଜାଙ୍କ ରାଜ୍ୟରେ ବାରିକ୍ ମିସ୍ତ୍ରୀ ଓଭରସିଅର କାର୍ଯ୍ୟ କରୁଥାନ୍ତି । ଏ ବିବାହ ପ୍ରସଙ୍ଗ ଖବର ଶୁଣି ସେ ମହୋଦୟ ରାଜାଙ୍କ ଚରିତ୍ର ବିଷୟରେ ମୋତେ ଏ ନିର୍ଦ୍ଦିଷ୍ଟ ଖବର ଦେଇଥିଲେ । ତେଣୁ ଏହି ପ୍ରସ୍ତାବକୁ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଦେଲି ଏବଂ କାହିଁକି ପ୍ରଲୋଭିତ ହେଉଥିଲି ବୋଲି ନିଜକୁ ଧିକ୍କାର କଲି । କିଣା ଜ୍ୱାଇଁ ସମସ୍ୟାରୁ ମୁକ୍ତ ହେଲି ।

ମୁଁ କଟକରେ ଟ୍ରେନିଂ କଲେଜରେ ପଢ଼ିଲି ସମୟରେ ମୋ ବିବାହ ସମ୍ପର୍କରେ ଯେତେ ପ୍ରସଙ୍ଗ ଉଠିଥିଲା ସେଥି ମଧ୍ୟରୁ ନିମ୍ନ ଘଟଣାଟି ଉଲ୍ଲେଖଯୋଗ୍ୟ । କଟକ ଟାଉନସ୍ଥ ଏକ ପ୍ରସିଦ୍ଧ ପରିବାରର ଗୋଟିଏ ସୁଶ୍ରୀ ଏବଂ ଗୌରବର୍ଣ୍ଣ କନ୍ୟା ସଙ୍ଗେ ବିବାହ ଦେବାର ଇଚ୍ଛା କରି ଉକ୍ତ କନ୍ୟାର ଘରୋଇ ଶିକ୍ଷକ ରୂପେ ନିଯୁକ୍ତ ଦେବା ନିମନ୍ତେ କନ୍ୟାର ଅଭିଭାବକ ଆନ୍ତରିକ ପ୍ରଭାବ ପକାଇଲେ । ମୋର ତ ସମୟ ନ ଥାଏ ।

Digitized by PPRACHIN, SOA

ମୁଁ ନାସ୍ତି କରିଦେଲି । କନ୍ୟାର ସମ୍ପର୍କୀୟ ଜଣେ ପ୍ରଫେସରଙ୍କ ଜରିଆରେ ମୋତେ ବସ୍ତୁତଃ ବାଧ୍ୟ କରାଗଲା ଯେ, ମୁଁ ଅନ୍ତତଃ କିଛି ଦିନ ପାଇଁ ଦୈନିକ ଅଧଘଣ୍ଟା କରି ପଢ଼ାଇବି । ସେ କାଳର ପ୍ରଫେସରଙ୍କ କଥା ଏଡ଼ି ହେବ ନାହିଁ । ତେଣୁ ଅଗତ୍ୟା ସ୍ୱୀକୃତ ଦେଲି । ୧୦।୧୨ ଦିନ ପଢ଼ାଇଲା ପରେ ମୋର ଜଣେ ସହାଧ୍ୟାୟୀ ମୋତେ କୌତୁକରେ ସୂଚାଇଦେଲେ ଯେ ଗୃହୀ-କନ୍ୟା ସଙ୍ଗେ ମୋତେ ବିବାହ ବନ୍ଧନରେ ଆବଦ୍ଧ କରାଇ ଦେବା ନିମନ୍ତେ ଘରୋଇ ଶିକ୍ଷକ ନିଯୁକ୍ତି ଏକ କୌଶଳ । ମୁଁ ସାବଧାନ ଥାଏ । ଦିନେ ଦିନେ ଦେଖେ ହଠାତ୍ ଘରୁ ଗୃହୀ ବ୍ୟତୀତ ଅନ୍ୟମାନେ ଅନ୍ତର ହୋଇଯାନ୍ତି । ପଢ଼ା ଶେଷ ହେଲା ପରେ ଘରର ବୟସ୍କ ଲୋକେ ମୋର ଘରର କଥା ପଚାରି ସାଧାରଣ ଭାବେ ବିବାହ କଥା ଉଠାନ୍ତି । ମୁଁ ସବୁ ଶୁଣେ, କିଛି କହେ ନାହିଁ । ଦିନେ ଦେଖିଲି ସନ୍ଧ୍ୟାବେଳେ ଗୃହୀର ଘରକୁ ଗଲାବେଳକୁ ଘରେ ଗୃହୀ ବ୍ୟତୀତ କେହି ନ ଥାନ୍ତି । ଘରର ଅଭିଭାବକଙ୍କ ହାବଭାବ ଏବଂ ଉକ୍ତ ସହାଧ୍ୟାୟୀଙ୍କ ସୂଚନାରୁ ଜାଣିପାରିଲି ଯେ ଅସତ୍ ଏବଂ ବେ-ସାମାଜିକ ଉପାୟରେ ନିଜ ଗୃହୀ (କନ୍ୟା) ସଙ୍ଗେ ପ୍ରଣୟ-ପାଶରେ ଛନ୍ଦାଇବା ପାଇଁ ମୋର ପ୍ରଫେସରଙ୍କ ଜରିଆରେ ଏହା ଏକ ଚକ୍ରାନ୍ତ । ତେଣୁ ମୋର ଆଉ ପଢ଼ାଇବା ନିମନ୍ତେ ସମୟ ନାହିଁ ବୋଲି ଗୃହୀଙ୍କୁ କହି ହଠାତ୍ ଘରୁ ଫେରି ଆସିଲି । ପ୍ରାୟ ଖଣ୍ଡେଦୂର ଆସିଛି କି ନାହିଁ ପ୍ରଫେସର ମହୋଦୟ ମୋତେ ପଛରୁ ଡାକ ପକାଇଲେ । ମୁଁ ଫେରି ଆସିଲି, ସେ ମହୋଦୟ ମୋତେ ତାଙ୍କ ନିଜ ବୈଠକ ଘରକୁ ଡାକି ଉକ୍ତ ଝିଅର ଗୁଣ ଗାରିମା ବିଷୟ କହି ତା ସଙ୍ଗେ ମୋର ବିବାହ ପ୍ରସଙ୍ଗର ଇସାରା ଦେଲେ । ମୁଁ କିଛି ଉତ୍ତର ଦେଲି ନାହିଁ । ପରଦିନ-ଠାରୁ ଆଉ ପଢ଼ାଇବାକୁ ଗଲି ନାହିଁ । କଲେଜରେ ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନ ଏ ବିଷୟ ଜାଣିବାରୁ ମୋତେ ଉକ୍ତ କନ୍ୟା ସଙ୍ଗେ ବିବାହ ନିମନ୍ତେ ପ୍ରବର୍ତ୍ତାଇଲେ । ମୁଁ ରାଜି ହେଲି ନାହିଁ । (ସୌଜନ୍ୟ ବିଗ୍ଭରରୁ ମୁଁ ଉକ୍ତ ପରିବାର ନାମ ଉଲ୍ଲେଖ କରୁନାହିଁ ।)

୧୯୩୬-୩୭ ବେଳକୁ ତାଳଚେରର ତାତ୍କାଳିକ ରାଜା ଶ୍ରୀ କିଶୋର ଚନ୍ଦ୍ର ବୀରବର ହରିଚନ୍ଦନ କାରଣସଙ୍ଗତ ଭାବେ ଆଶଙ୍କା କଲେ ଯେ ଅବିବାହିତ ରହିବା ହେତୁ ମୁଁ ପ୍ରଜା ଆନ୍ଦୋଳନ କରିବା ନିମନ୍ତେ

Digitized by PPRACHIN, SOA

ଗୋପନରେ ଯୋଜନା ଏବଂ ସଂଗଠନ କରୁଛି । ତେଣୁ ମୋତେ ବିବାହ ବନ୍ଧନରେ ଛନ୍ଦାଇ କୁଟୁମ୍ବର ମାୟା-ଜାଲରେ ଫନ୍ଦାଇବା ଉଦ୍ଦେଶ୍ୟରେ ହାଇ ସ୍କୁଲର ପଣ୍ଡିତ ଶ୍ରୀ ମୁକୁନ୍ଦ କାବ୍ୟତୀର୍ଥଙ୍କ ସଙ୍ଗେ ଏକ ଚକ୍ରାନ୍ତ କଲେ । ଚକ୍ରାନ୍ତଟି ନିମ୍ନ ପ୍ରକାରର ।

ସେତେବେଳେ କିଛି ସମୟ ପାଇଁ ମୁଁ ରାଜାଙ୍କର ହିଂଅ ଅଂଶରୁ ନାତିମାନଙ୍କର ପ୍ରାଇଭେଟ ଟିଉଟର ବା ଘରୋଇ ଶିକ୍ଷକ ଥିଲି । ରାଜା ବାହାନା କଲେ ଯେ, ମୁଁ ଉକ୍ତ ନାତିମାନଙ୍କୁ ସଂସ୍କୃତ ପଢ଼ାଇବି । ତେଣୁ ଛଳନା କରାଗଲା ଯେ, ମୋର ସଂସ୍କୃତ ଜ୍ଞାନ ଟିକିଏ ଅଧିକ ହେବା ଦରକାର । ସେଥିପାଇଁ ଉକ୍ତ ପଣ୍ଡିତେ ମୋ ସହିତ ସଂସ୍କୃତ କାବ୍ୟ ସାହିତ୍ୟ ଆଲୋଚନାପୂର୍ବକ ମୋର ସଂସ୍କୃତ ଜ୍ଞାନ ବଢ଼ାଇବେ । ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶଙ୍କର ନିପାଠୀଙ୍କୁ ପଣ୍ଡିତେ ମୋର ସଂସ୍କୃତ ଜ୍ଞାନ ବଢ଼ାଇବା କଥା ରାଜା ଜଣାଇ ଦେଲେ । ଉଦ୍ଦେଶ୍ୟ ଥିଲା ଯେ, ପଣ୍ଡିତ ମହାଶୟ ସଂସ୍କୃତ କାବ୍ୟ ସାହିତ୍ୟ ବୁଝାଇଲା ଏବଂ ଆଲୋଚନା କଲା ବେଳେ କାବ୍ୟମାନଙ୍କରୁ ପ୍ରେମପୂର୍ଣ୍ଣ ଏବଂ ଶୃଙ୍ଗାର ରସାତ୍ମକ ଶ୍ଳୋକମାନ ଆବୃତ୍ତି କରି ଓ ବୁଝାଇ ମୋ ହୃଦୟରେ କାମ ଉଦ୍ଦୀପନା ଜାଗ୍ରତ କରାଇ ବିବାହ ପ୍ରତି ମୋର ମନ ଆକୃଷ୍ଟ କରାଇବେ । ଆମର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିପାଠୀ ମୋର ମଧ୍ୟ ଶିକ୍ଷକ ଥିଲେ । ସେ ମହୋଦୟ ଜଣେ ଜାତୀୟତାବାଦୀ ବ୍ୟକ୍ତି ଥିଲେ । ସେ ରାଜା ଏବଂ ପଣ୍ଡିତ ମହାଶୟଙ୍କ ଉଦ୍ଦେଶ୍ୟର ସୂଚନା ପାଇ ମୋତେ ସାବଧାନ ରହିବା ପାଇଁ ଗୋପନରେ ଉପଦେଶ ଦେଲେ ଯେ ମୁଁ ପଣ୍ଡିତଙ୍କ ଜାଲରେ ନ ପଡ଼େ । ପଣ୍ଡିତ ମହାଶୟ ରାଜାଙ୍କର ଜଣେ ପୂର୍ଣ୍ଣ ଭକ୍ତ ଓ ସ୍ତାବକ ଥିଲେ । ସେ ଜଣେ ଉତ୍ତମ ଜ୍ୟୋତିଷ । ରାଜବଂଶମାନଙ୍କ ପାଇଁ ବରକନ୍ୟା ଏବଂ ପାତ୍ର ପାତ୍ରୀ ସମ୍ବନ୍ଧ କରାଇବା ତାଙ୍କର ଏକ ପ୍ରଧାନ ପେଷା । ମୋ ପାଇଁ ଏକ ପାଟୋଇ କନ୍ୟା କରାଇ ଦେବେ ବୋଲି ମୋର ସାଙ୍ଗ ସାଥୀମାନଙ୍କୁ କହୁଥାନ୍ତି । ମୋତେ ବିବାହ ବନ୍ଧନରେ ଆବଦ୍ଧ କରାଇ ଦେଲେ ରାଜାଙ୍କଠାରୁ ପଦୋନ୍ନତି ସଙ୍ଗେ ପ୍ରଚୁର ଅର୍ଥ ପ୍ରାପ୍ତି ହେବ । ସେ ମୋତେ ମୋର ଜାତକ ମାଗିଲେ, କିନ୍ତୁ ମୁଁ ଦେଲି ନାହିଁ ।

Digitized by PPRACHIN, SOA

ସଂସ୍କୃତ ଆଲୋଚନା ବେଳେ ପଣ୍ଡିତ ମହାଶୟ ସମୟେ ସମୟେ ରାଧାକୃଷ୍ଣଙ୍କର ଅପ୍ରାକୃତ ପ୍ରେମ କଥା ବୁଝାଇବାକୁ ଯାଇ 'ଗୀତ-ଗୋବିନ୍ଦ'ର ୧ମ, ୨ୟ ଏବଂ ୫ମ ସର୍ଗମାନଙ୍କରୁ 'ଚନ୍ଦନ ଚର୍ଚ୍ଚିତ ନୀଳ କଳେବର', 'ନିଭୃତ ନିକୁଞ୍ଜ ଗୃହଂ ଗତୟାନିଶି' ଏବଂ 'ରତିସୁଖସାରେ ଗତମଭିସାରେ' ଗୀତମାନଙ୍କରୁ ଅନ୍ୟାନ୍ୟ ପଦମାନ ଆବୃତ୍ତି କରିବା ସଙ୍ଗେ ଯଥାକ୍ରମେ ନିମ୍ନ ଉଦ୍ଧୃତ ପଦମାନ ଭଲଭାବେ ବୋଲି ବୁଝାନ୍ତି ।

× × × ×

'ଶ୍ଳିଷ୍ୟତି କାମପି ଚୁମ୍ବତି କାମପି କାମପି ରମୟତି ରାମାଂ ।
ପଶ୍ୟତି ସସ୍ମିତ ଚାରୁପରାମପି ବାମାନୁଗଚ୍ଛତି ବାମାଂ ।'

× × × ×

'ପ୍ରଥମ ସମାଗମ ଲଜ୍ଜିତୟା ପଟୁଚାଟୁ ଶତୈରନୁକୂଳଂ ।
ମୃଦୁମଧୁରସ୍ମିତ ଭାଷିତୟା ଶିଥିଳୀକୃତ ଜଘନ ଦୁକୂଳଂ ।'

× × × ×

'ଉରସି ମୁରାରେ ରୂପହିତହାରେ ଘନଇବ ତରଳ ବଳାକେ ।
ତଡ଼ିଦିବ ପୀତେ ରତି ବିପରୀତେ ରାଜସି ସୁକୃତ ବିପାକେ ।
ବିଗଳିତ ବସନଂ ପରିହୃତ ରସନଂ ଘଟୟ ଜଘନମପିଧାନଂ ।
କିଶଳୟ ଶୟନେ ପଙ୍କଜ ନୟନେ ନିଧିମିବ ହର୍ଷନିଧାନଂ ।'

× × × ×

ଏସବୁ ମୁଁ ବୁଝିପାରେ, ଅତି ସଂକୋଚ ବୋଧ କରେ (କାରଣ ସେ ମୋର ଗୁରୁ ଥିଲେ) ଏବଂ ନୀରବ ରହେ । 'କୁମାର ସମ୍ଭବ' କାବ୍ୟରୁ ମଧ୍ୟ ସେହିପରି କାମୋଦ୍ଦୀପକ ଶ୍ଳୋକମାନ ପଢ଼ି ବୁଝାନ୍ତି । ନାନା ଶ୍ଳୋକ ମଧ୍ୟରେ 'ନଗାଧିରାଜତନୟା ନ ଯଯୌ ନ ତସ୍ଥୌ' କୁ ଉହା ଧରି ଉଚ୍ଚାରଣ କରୁଥାନ୍ତି । ମୁଁ ତାଙ୍କୁ କହେ ଯେ, 'କୁମାର-ସମ୍ଭବ'ର ଯେଉଁ କେତେକ ଅଂଶ ପାଠ କରିବା ବାରଣ ଅଛି ତାହା ସେ ପାଠ କରୁଛନ୍ତି । ଏହା ନୀତି-ବିରୁଦ୍ଧ ଅଟେ । ତଥାପି 'ଗୀତ-ଗୋବିନ୍ଦ' ଏବଂ 'କୁମାର-ସମ୍ଭବ' ଉପରେ ଅନ୍ୟ କେତେକ କାବ୍ୟରୁ ପ୍ରେମ ଏବଂ କାମ-ଉଦ୍ଦୀପକ ଶ୍ଳୋକ ପଢ଼ି ବୁଝାଇବାରେ ଲାଗନ୍ତି । ପୁଣି ମୁଁ କହେ, 'ଆଜ୍ଞା, ଏଠାରେ ନଗାଧିରାଜ

Digitized by PPRACHIN, SOA

ହିମାଳୟ ନାହାନ୍ତି କିମ୍ବା ପର୍ବତ-କନ୍ୟା ପାର୍ବତୀ ନାହାନ୍ତି କିମ୍ବା କୈଳାସ-ପତି ଦେବ-ଦେବ ମହାଦେବ ନାହାନ୍ତି କିମ୍ବା ବୃନ୍ଦାବନସ୍ଥ କେତକୀ-କେଶର-କୁଞ୍ଜର ଅପ୍ରାକୃତ ପ୍ରେମ-ମୂର୍ତ୍ତି ଯୁଗଳ-ଶରୀର ରାଧା-କୃଷ୍ଣ ନାହାନ୍ତି । ମୁଁ ବନ-ପର୍ବତ ଏବଂ ଝାଡ଼-ଜଙ୍ଗଲର ଲୋକ । ବନ-ପର୍ବତରେ ବନ-ଦୁର୍ଗା ଭଳି କନକ-ବରଣୀ କନ୍ୟା ମୋ ପାଇଁ ଅପେକ୍ଷା କରି ହତାଶାରେ ମୃତ୍ୟୁ ଲାଭ କରୁଛନ୍ତି ; ଝାଡ଼-ଜଙ୍ଗଲର ଶେଫାଳୀ -ଗଙ୍ଗଶିଉଳୀ-ବଣମଲ୍ଲୀ ପରି ଝିଅ ବଣରେ ଫୁଟି ମଉଳି ଯାଉଛନ୍ତି ; ଚମ୍ପା ବଣର ଚମ୍ପା-ଗୋରୀ ନାରୀ ମୋତେ ପାଇବା ପାଇଁ ପଶ୍ଚାଦ୍ଧାବନ କରି ଅବସାଦରେ ନିରୁତ୍ସାହିତ ହୋଇଅଛନ୍ତି ଏବଂ ହାଟକ-ବରଣୀ କଟକ-ଗୋରୀର ଚହଟ-ଛଟକ ମୋତେ ଆକର୍ଷଣ କରିବାରେ ଅସଫଳ ହୋଇଛି । ଆପଣଙ୍କ ଚେଷ୍ଟା ବିଫଳ ହେବ ।' ପଣ୍ଡିତେ ମୋର ଏ ପ୍ରକାର ଧୃଷ୍ଟତାବ୍ୟଞ୍ଜକ ମନ୍ତବ୍ୟ ଏବଂ ମନୋଭାବରେ ଅତ୍ୟନ୍ତ ହତାଶ ହୋଇ ରାଜାଙ୍କୁ କହିଲେ । ଫଳତଃ ରାଜା ଅଧିକତର ସନ୍ଦିଗ୍ଧଚିତ୍ତ ହୋଇ ମୋ ଉପରେ ଅତିରିକ୍ତ ନଜର ରଖାଇଲେ ।

ମାଟ୍ରିକ୍ୟୁଲେଶନ୍ ପଢ଼ିଲା ବେଳକୁ କଂଗ୍ରେସ ଆନ୍ଦୋଳନ କଥା କିଛି କିଛି ଜାଣିପାରୁଥିଲି । ରାଜା-ରାଜ୍ୟରେ ବାସ କରି କଂଗ୍ରେସରେ ମିଶି ବ୍ରିଟିଶ୍ ସରକାର ଏବଂ ରାଜା ବିରୋଧରେ ରହି କିଛି କରିବାର ସାହସ ହେଉ ନ ଥାଏ । କ୍ଷୁଦ୍ର କ୍ଷୁଦ୍ର ପୁସ୍ତକରୁ ଗାନ୍ଧୀ-ଗୋପବନ୍ଧୁଙ୍କ ଜୀବନୀ ପଢ଼ି ଜାତୀୟତା ପ୍ରେମରେ ଟିକିଏ ମଗ୍ନ ହେବାକୁ ଇଚ୍ଛା ହେଉଥାଏ । କିନ୍ତୁ ଏକାକୀ ଥିବାରୁ ସାହସ ହେଉ ନ ଥାଏ । ଭାବୁଥାଏ ଭିତରେ ଭିତରେ ସଂଗଠନ କରି ଉପଯୁକ୍ତ ସମୟରେ ସ୍ୱାଧୀନତା ଯଜ୍ଞରେ ନିଜକୁ ଆହୁତି ଦେବି । ତେଣୁ ଯେତେ ଆଡ଼ୁ ଯେତେ ପ୍ରକାର ବିବାହ ପ୍ରଶ୍ନ ଏବଂ ପ୍ରସଙ୍ଗ ଉତ୍ଥାପିତ ହେଉଥାଏ ଏହି ମହାନ୍ ଜାତୀୟତା ଭାବନାକୁ କାର୍ଯ୍ୟକାରୀ କରିବାଁରେ, ଅର୍ଥାତ୍ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ ଏବଂ ମୃତ୍ୟୁ ବରଣ କରିବାରେ ଅଧିକତର ଆକର୍ଷଣ ଥିବାରୁ ବିବାହ ପ୍ରଶ୍ନ ଶେଷକୁ ସଂପୂର୍ଣ୍ଣ ବନ୍ଦ କରିଦେଲି । ଯେ ବିବାହ ପ୍ରଶ୍ନ ଉଠାନ୍ତି ମୁଁ ତାଙ୍କୁ ସ୍ପଷ୍ଟ କହି-ଦିଏ ଯେ ମୁଁ ରାଜା-ମହାରାଜା ଏବଂ ଇଂରେଜ ବିରୋଧରେ ଆନ୍ଦୋଳନ

Digitized by PPRACHIN, SOA

କରି ମୃତ୍ୟୁ ବରଣ ପାଇଁ ଦୃଢ଼ପ୍ରତିଜ୍ଞ । ତେଣୁ କାହିଁକି କେଉଁ ଯୁବତୀକୁ ବିବାହ କରି ତାକୁ ଦୁଃଖ, ଦୈନ୍ୟ କିମ୍ବା ବୈଧବ୍ୟଯନ୍ତ୍ରଣାର ପାତ୍ରୀ କରାଇବି ? ଏଥିରେ ପ୍ରସ୍ତାବକମାନେ ନୀରବ ଏବଂ ନିରସ୍ତ ହୋଇ ରହନ୍ତି ।

ତାପରେ ୧୯୩୮ରେ ପ୍ରଜାମଣ୍ଡଳ ଆନ୍ଦୋଳନ ହେଲା । ମୁଁ ଉକ୍ତ ପ୍ରଜାମଣ୍ଡଳର ସଭାପତି ମଧ୍ୟ ହୋଇଗଲି । ସେଥିରେ ମୋର ନାମ ଖୁବ୍ ବ୍ୟାପିଗଲା । ପୁଣି କେତେକ ବଡ଼ ବଡ଼ ଲୋକ ସେମାନଙ୍କ କନ୍ୟା ଯାଚିଲେ । ମୋର ଉତ୍ତର ହେଲା, ଗଡ଼ଜାତ ସମେତ ଭାରତ ସ୍ୱାଧୀନତା ନ ପାଇବା ପର୍ଯ୍ୟନ୍ତ ମୋ ବିବାହ ପ୍ରଶ୍ନ କେହି ଉଠାଇବା ଉଚିତ ନୁହେଁ । ତେଣୁ ଭାଇ, ବନ୍ଧୁ, ଜ୍ଞାତି, କୁଟୁମ୍ବ, ସାଙ୍ଗ, ସାଥୀ ସମସ୍ତେ ବିବାହ ପ୍ରସ୍ତାବ ଥୋଇବାରୁ କ୍ଷାନ୍ତ ହେଲେ ।

ସ୍ୱାଧୀନତା ଆସିଲା । ଗଡ଼ଜାତମାନ ମିଶି ବିଶାଳ ଉତ୍କଳ ଏବଂ ବିଶାଳ ଭାରତ ଗଠିତ ହେଲା । ମୁଁ ମନ୍ତ୍ରୀ ହୋଇଗଲି । ମୋତେ ଅର୍ଥ, ଅଧିକାର ଏବଂ ଆସନ ମିଳିଲା । ମୋର କେହି କେହି ସହକର୍ମୀ, ନେତା, ସହମନ୍ତ୍ରୀ ମୋ ବିବାହ ନିମନ୍ତେ ଅତିରିକ୍ତ ପ୍ରଭାବ ମୋ ଉପରେ ପକାଇବାକୁ ଲାଗିଲେ । ଏମାନଙ୍କ ଇଶାରା ଏବଂ ପ୍ରରୋଚନାରେ ଏଥର ଅତି ବଡ଼ ବଡ଼ ଲୋକେ ତାଙ୍କ କନ୍ୟା-ସୁନାକୁ ମୋତେ ଦାନ କରିବାକୁ ସ୍ପଷ୍ଟ ଏବଂ ପ୍ରତ୍ୟକ୍ଷ ଭାବେ କହିଲେ । ଓଡ଼ିଶା ଏବଂ ବଙ୍ଗଳାରୁ ଜାତିପୁବାଣି ଶିକ୍ଷିତା କନ୍ୟା ଏବଂ ଜ୍ଞାନ୍ତରଣୀ କନ୍ୟା ସଙ୍ଗେ ବିବାହ ପ୍ରଶ୍ନ ମୋ ଆଗରେ ଥୁଆ ହେଲା । ମୁଁ କନ୍ୟା ଏବଂ କନ୍ୟାର ପିତାମାତାଙ୍କୁ, ମୋର ଜ୍ଞାତି କୁଟୁମ୍ବଙ୍କୁ ଓ ସାଙ୍ଗସାଥୀ-ମାନଙ୍କୁ କହିଲି ଯେ, ମୁଁ ମନ୍ତ୍ରୀ ହେଲେ ସୁଦ୍ଧା ସନ୍ୟାସ-ଜୀବନଯାପନ କରିବି । ବିଶେଷତଃ ସବୁଦିନେ ମୁଁ ଏମ୍. ଏଲ୍. ଏ. କିମ୍ବା ମନ୍ତ୍ରୀ ହୋଇ ନ ପାରେ । ଆଜି ରାଜେନ୍ଦ୍ରାସନେ ଅଛି, କାଲି ଫକୀର ହୋଇ ବୁଲିବି । ଜାତି, ଧର୍ମ ନିର୍ବିଶେଷରେ ସବୁ ଶ୍ରେଣୀର ଲୋକେ ମୋ ବସାରେ ଅବାଧରେ ଚଳ-ପ୍ରଚଳ କରିବେ । ଘରେ ପ୍ରତ୍ୟେକ ଦିନ ଅତିଥିଙ୍କୁ କିଛି ନ ଥିଲେ ସୁଦ୍ଧା ପାଣି ଗ୍ଲାସେ ଦେଇ ସେବା କରିବାକୁ ହେବ । ଏହିପରି ଭାବେ ମୁଁ ମନ୍ତ୍ରୀ

Digitized by PPRACHIN, SOA

ହେଲେ ମୁଁ ଫକୀର, ସନ୍ୟାସୀ ଏବଂ ବାବାଜୀ ପରି ଜୀବନଯାପନ କରିବି । ତେଣୁ ଯେ ମୋର ସ୍ତ୍ରୀ ହେବ ସେ ଫକୀରାଣୀ, ସନ୍ୟାସିନୀ କମ୍ବା ମାତାଜୀ ପରି ଜୀବନଯାପନ କରି ଯାଯାବର ଭାବେ କାଳାତିପାତ କରିବାକୁ ପ୍ରସ୍ତୁତ କି ? ମୋର ଏ ଭାବନା ଶୁଣି କନ୍ୟା ନାକ ମୋଡ଼ିଲେ । କନ୍ୟାର ପିତା-ମାତା ଓ ଅଭିଭାବକମାନେ ହତାଶ ଏବଂ ନିରାଶ ହେଲେ । ସାଥୀ କର୍ମୀ, ନେତା ଓ ମନ୍ତ୍ରୀମାନେ ନୀରବ ରହିଲେ । ମୁଁ ଆଶ୍ୱସ୍ତ ହେଲି ।

କିନ୍ତୁ ମୋର ଏ ଆଶ୍ୱସ୍ତି ସ୍ଥାୟୀ ହେଲା ନାହିଁ । ମୋର ବୟସ କ୍ରମେ ୪୫।୫୦ ବର୍ଷ ହୋଇଗଲା । ତଥାପି ମୋର ବିବାହ ନିମନ୍ତେ ପୁଣି କେତେକ ଲୋକ ହଠ ଲଗାଇଲେ । ଏତେବେଳକୁ ଭାରତର ଦିଲ୍ଲୀସ୍ଥ ୨।୪ ଜଣ ନେତା ଏବଂ ମନ୍ତ୍ରୀ ୫୦।୬୦ ବର୍ଷ ବୟସରେ ପରିଣତବୟସ୍କା ନେଈଁଙ୍କୁ ବିବାହ କଲେ । ଓଡ଼ିଶାରେ ମଧ୍ୟ ୩।୪ ଜଣ ସର୍ବସାଧାରଣ ବ୍ୟକ୍ତି (public men) ୫୦।୫୨ ବର୍ଷ ବୟସରେ ବିବାହ କଲେ । ତେଣୁ ସେହି ବ୍ୟକ୍ତିମାନଙ୍କର ପରିଣତ ବୟସରେ ବିବାହ କଥାକୁ ନଜୀର ଦେଇ ମୋତେ କେତେ ରାଜନୈତିକ ବନ୍ଧୁ ଅତିଶୟ ପ୍ରବର୍ତ୍ତାଇଲେ ଯେ ମୁଁ ମଧ୍ୟ ପରିଣତ ବୟସରେ ଦାମ୍ପତ୍ୟଜୀବନ ଉପଭୋଗ କରେ । ଉତ୍ତରରେ ମୁଁ ସେ ବନ୍ଧୁମାନଙ୍କୁ କହିଲି ଯେ, ବର୍ଣ୍ଣାଶ୍ରମ ନିୟମ ଅନୁସାରେ ୪୫ ବର୍ଷ ବୟସ ପରେ ମନୁଷ୍ୟ ଗାର୍ହସ୍ଥ୍ୟ ଜୀବନ ପରିତ୍ୟାଗ କରି ବାନପ୍ରସ୍ଥ ଗମନ କରନ୍ତି । ଏହି ୪୫ ବର୍ଷ ବୟସ ବେଳକୁ ପୁଅ-ଝିଅ ଔରସରୁ ନାତି ନାତୁଣୀ ଜନ୍ମ ହୋଇଥାନ୍ତି । ତେଣୁ ୪୫।୫୦ ବର୍ଷ ବୟସ ପରେ ବିବାହ କରିବା ନିତାନ୍ତ ବେ-ସାମାଜିକ, ଅ-ଶାସ୍ତ୍ରୀୟ ଏବଂ ଅ-ମନୁଷ୍ୟ ପଣିଆ ଅଟେ । ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ମଧ୍ୟ ତାହା ନିତାନ୍ତ ଅନୁଚିତ ଅଟେ । ପରିଣତ ବୟସରେ ବିବାହ ନ କରିବାର ମୋର ଯୁକ୍ତି ଏବଂ ମନୋଭାବ ଜାଣି ପ୍ରସ୍ତାବକମାନେ ହତାଶ ହୋଇ ନିଜ ନିଜ ମଧ୍ୟରେ ମୋତେ ସମାଲୋଚନା କରିବାର ମୁଁ ଜାଣିଛି ।

ସମୟେ ସମୟେ କେତେକ ଅତ୍ୟାଧୁନିକ ନବ୍ୟବାଦୀ ବନ୍ଧୁ ମୋ ଉପରେ ପ୍ରଭାବ ପକାଇ କହନ୍ତି ଯେ, ମୁଁ ଯଦି କୌଣସି ପ୍ରକାର ବିବାହିତ ଜୀବନଯାପନ ନିମନ୍ତେ ରାଜି ନୁହେଁ, ତେବେ ଚୁକ୍ତି ବିବାହ (contract

Digitized by PPRACHIN, SOA

or civil marriage) କଲେ ଭଲ ହୁଅନ୍ତା । ତଦ୍ଵାରା କୁଟୁମ୍ବ ଜଞ୍ଜାଳରୁ ଷାନ୍ତି ପାଇବା ସଙ୍ଗେ ସଙ୍ଗେ ଉଭୟ ମାନସିକ ଏବଂ ଶାରୀରିକ ସୁଖଭୋଗ କରିପାରିବ ହୁଅନ୍ତା ଏବଂ ଦେଶ କାମରେ ବାଧା ହୁଅନ୍ତା ନାହିଁ । ସେମାନଙ୍କର ଏ ପ୍ରକାର ପ୍ରସ୍ତାବର ଉତ୍ତରରେ ମୁଁ କହେ ଯେ ମୋର ବ୍ରତ ପୂରଣ ନିମନ୍ତେ ମୁଁ ଧ୍ରୁବ ପ୍ରତିଜ୍ଞା କରିଛି । ତହିଁରେ ପୁଣି ଏ ଜଘନ୍ୟ ପ୍ରସ୍ତାବ କାହିଁକି ? ହିନ୍ଦୁ ଶାସ୍ତ୍ର ଅନୁସାରେ ଯେଉଁ ୮ ପ୍ରକାର ବିବାହ ପ୍ରଥା ଅଛି ତନ୍ମଧ୍ୟରୁ ଆସୁରିକ ପ୍ରଥା ଅତ୍ୟନ୍ତ ନିକୃଷ୍ଟ ଅଟେ । କିନ୍ତୁ ଚୁକ୍ତି ବିବାହ ତା’ ଠାରୁ ହଜାର ଗୁଣେ ମନ୍ଦ ଅଟେ । ଚୁକ୍ତି ବିବାହ ବା କଣ୍ଟ୍ରାକ୍ଟ ମ୍ୟାରେଜରେ ସାଂସ୍କୃତିକତା, ସାମାଜିକତା, ପାରିବାରିକତା ଏବଂ ମାନବିକତା ନାହିଁ । ଏଥିରେ ଅଚ୍ଛେଦ୍ୟ ସ୍ନେହ, ମାୟା, ମମତା, ପ୍ରେମ, ମୈତ୍ରୀ ଏବଂ ଦାମ୍ପତ୍ୟପ୍ରୀତିକତାର ସ୍ଥାନ ଆଦୌ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ; ସ୍ଥାନ ଅଛି କେବଳ ପାଶବିକ ଯୌନ-ସୁଖ-ସମ୍ଭୋଗର ମାତ୍ର । ଏଥିରେ ସ୍ଵାମୀ ସ୍ତ୍ରୀଙ୍କର ପରସ୍ପର ଦାବୀ ଅଧିକାର ନାହିଁ । ସ୍ଵାମୀର ଆଖି ଆଗରେ ଏବଂ ଜ୍ଞାତସାରରେ ସ୍ତ୍ରୀର ସ୍ଵେଚ୍ଛାଚାର ପରିଷ୍ଫୁଟ ଅଟେ । ସମୟେ ସମୟେ କେତେକ ସ୍ଥଳେ ସ୍ଵାମୀ ବେଶ୍ୟା ଘରର ଭଡ଼ୁଆ-ଜୀବନ ଯାପନ କରନ୍ତି । ଏପରି ବିବାହ କେହି ନ କରନ୍ତୁ ବୋଲି ମୁଁ ଆଶା କରିବି । ମୁଁ ତ କଠୋର ବ୍ରତ କରିଛି । ଶାସ୍ତ୍ରୀୟ ଏବଂ ସାମାଜିକ ବିବାହ ପ୍ରସ୍ତାବମାନ ତ ସବୁ ବନ୍ଦ କରିଛି । ତେଣୁ ଏ କଦର୍ଯ୍ୟ ପାଶବିକ ପ୍ରସ୍ତାବ କାହିଁକି ? ପ୍ରସ୍ତାବକମାନେ ମୋର ଯୁକ୍ତି ଏବଂ ମନୋଭାବରେ ଲଜ୍ଜିତ ହୋଇ ନୀରବ ରହନ୍ତି ।

ମୋ ବିବାହ ସମ୍ପର୍କୀୟ ସମସ୍ତ ପ୍ରକାର ପ୍ରସ୍ତାବ ଏହିପରି ମୋଦ୍ଵାରା କାଟି ଖାଇଗଲା । କିନ୍ତୁ ଶେଷକୁ କେତେକ ବନ୍ଧୁ ଅଳି କରି ସାନୁନୟ ପ୍ରସ୍ତାବ ପକାଇବାକୁ ଲାଗିଲେ ଯେ, ବଂଶ ରକ୍ଷା ନିମନ୍ତେ ଅନ୍ତତଃ ‘ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା’ ନୀତିକୁ ମାନି ମୁଁ ବିବାହ କରେ । ଉତ୍ତରରେ ମୁଁ ପ୍ରସ୍ତାବକମାନଙ୍କୁ କହିଲି ଯେ, ମୋ ବଂଶ ସାରା ଭାରତ ବର୍ଷ, ସାରା ଦୁନିଆ, ସାରା ମାନବ ଜାତି ଅଟେ । ଏହି ବିଶ୍ଵରରୁ ମୋ ବଂଶ ଅତି ବିଶାଳ ଏବଂ ବୃଷାଳ । ପରିଣତ ବୟସରେ ବିବାହପୂର୍ବକ ଏହାକୁ ଅଧିକତର ବିଶାଳ କରି ଦୁନିଆର ଖାଦ୍ୟ-ପାନୀୟ-ପରିଧେୟ ସମସ୍ୟା ଆହୁରି ଗୁରୁତର କରିବା

Digitized by PPRACHIN, SOA

ଓ ମୋର ବ୍ୟକ୍ତିଗତ ଜୀବନ ଜଞ୍ଜାଳପୂର୍ଣ୍ଣ ଓ ଅସ୍ୱାସ୍ଥ୍ୟକର କରିବା ଉଚିତ ନୁହେଁ । ଦୁନିଆ ମୋର କୁଟୁମ୍ବ, ଦୁନିଆର ଛୁଆପିଲା ମୋର ଛୁଆପିଲା । ଏମାନଙ୍କର ମଙ୍ଗଳ କାମନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୋତେ ସମୟ ଦେଇ ଆଶୀର୍ବାଦ କରନ୍ତୁ ଏବଂ ପରିଣତ ବୟସରେ ବିବାହ ପ୍ରଶ୍ନ ଉଠାଇ ଭଗବାନଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ନ ହୁଅନ୍ତୁ । ଏଥିକରେ ସମସ୍ତ ଶ୍ରେଣୀର ପ୍ରସ୍ତାବକ ନୀରବ ହେଲେ । ବିବାହ ପ୍ରସ୍ତାବ ଆଉ ଉତ୍ଥାପନ କରିବେ ନାହିଁ ବୋଲି ସ୍ଥିର କଲେ । ମୁଁ ଜଞ୍ଜାଳରୁ ମୁକ୍ତ ହେଲି । ଏ ଦିଗରୁ ନିଶ୍ଚିନ୍ତ ଏବଂ ନିର୍ବିଘ୍ନରେ ସେବା କାର୍ଯ୍ୟ ନିମନ୍ତେ ଅଧିକ ସମୟ ଓ ଶକ୍ତି ପାଇଲି ।

ମୋର ଅବିବାହିତ ଜୀବନ, ନିଃସ୍ୱାର୍ଥପର ରାଜନୀତି ଏବଂ ନିରପେକ୍ଷ ସମାଜନୀତି କରିବାରେ ମୋତେ ସମ୍ୟକ ପରିମାଣରେ ସାହାଯ୍ୟ କଲା । କୁଟୁମ୍ବ ଜଞ୍ଜାଳ ଏବଂ ପୋଷ୍ୟବର୍ଗ ନ ଥିବାରୁ ମୁଁ ନିଶ୍ଚିନ୍ତରେ ଏକାଗ୍ରଚିତ୍ତ ହୋଇ ଦେଶ ସେବାରେ ବ୍ରତୀ ହେଲି । ସାଂସାରିକ ମାୟା ମମତାର ବନ୍ଧନ ନ ଥିବାରୁ ମୃତ୍ୟୁବରଣ କରିବାକୁ ସର୍ବଦା ପ୍ରସ୍ତୁତ ଥାଏ, ଯଦିଚ ଅକାରଣ ମୃତ୍ୟୁକୁ ପରିହାର କରିବାକୁ ଚେଷ୍ଟା କରୁଥାଏ । ବିନା କାରଣ କିମ୍ବା କ୍ଷୁଦ୍ର କାରଣରେ ମୃତ୍ୟୁବରଣ କାର୍ଯ୍ୟକୁ ମୁଁ ଆଦୌ ପସନ୍ଦ କରୁ ନ ଥିଲି ; ଯେହେତୁ ଏ ପ୍ରକାର ମୃତ୍ୟୁଜନିତ ଅଭାବ ହଠାତ୍ ପୂରଣ ହୋଇପାରିବନାହିଁ ବୋଲି ମୁଁ ଏବଂ ମୋର ସାଙ୍ଗସାଥୀ ସର୍ବଦା ଅନୁଭବ କରୁଥିଲୁ । ଏହି ଅବିବାହିତ ଜୀବନଯାପନ ବଶତଃ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ମୃତ୍ୟୁବରଣକାରୀ ଦୂତ (suicide squad) ରୂପେ ଯିବାକୁ ମୁଁ ନିଜକୁ ଅର୍ପଣ କରିଥିଲି ଏବଂ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ନେତାଜୀଙ୍କ 'ଯୁଗାନ୍ତର ଗୋଷ୍ଠୀ' ଦ୍ୱାରା କଠୋର ଭାବେ ପରୀକ୍ଷିତ ହୋଇ ମୋର କର୍ତ୍ତବ୍ୟ ପୂରଣ କରିଥିଲି । ଏହି ବିଷୟଟି ପାଠକମାନେ ଏହି ପୁସ୍ତକର ସ୍ଥାନାନ୍ତରେ ପଢ଼ିବାକୁ ପାଇବେ । ଅବିବାହିତ ସନ୍ୟାସ ଜୀବନ ଅତିବାହିତ କରିବା ଫଳରେ ସ୍ୱାସ୍ଥ୍ୟରକ୍ଷା ସଙ୍ଗେ ମୁଁ ଜନ ଆକର୍ଷଣର ଏକ କେନ୍ଦ୍ର ଥିଲି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବିବାହିତ ଥାଇ ଆଶ୍ରମ ଜୀବନ କଟାଇବାରୁ ଏତେ ବର୍ଷ ପର୍ଯ୍ୟନ୍ତ ମନ୍ତ୍ରୀ ଆସନରେ ଥିଲେ ସୁଦ୍ଧା ସରକାରୀ କ୍ଷମତା ଏବଂ ପ୍ରଭାବର ଅପବ୍ୟବହାରପୂର୍ବକ କୁଟୁମ୍ବ

Digitized by PPRACHIN, SOA

ଏବଂ ପ୍ରିୟାପ୍ରୀତି ତୋଷଣ ଦୋଷରୁ ମୁକ୍ତ ଅଛୁ ବୋଲି ଭାବୁଛୁ । ପ୍ରବଚନ (proverb) ଅଛି ଯେ 'ବ୍ରଜମାତି ହୁଏତ ଅମୀର କିମ୍ବା ଫକୀର କରିବ ।' ମୁଁ ଏହି ଉକ୍ତିକୁ ଗ୍ରହଣ କରୁଛି ।

ଅବିବାହିତ ଜୀବନଯାପନ କଠିନ ଅଟେ । ଏପରି ବ୍ୟକ୍ତି ଅନ୍ୟମାନଙ୍କର ସମୟେ ସମୟେ ସନ୍ଦେହ ଓ ସମାଲୋଚନାର ପାତ୍ର ଅଟେ । ଯତି ପୁରୁଷ ଏବଂ ସତୀ ସ୍ତ୍ରୀଙ୍କୁ ମଧ୍ୟ ଅନେକ ଲୋକ ସନ୍ଦେହପୂର୍ଣ୍ଣ ଚକ୍ଷୁରେ ଦେଖନ୍ତି । କେତେକ ନାନା ସମାଲୋଚନା କରନ୍ତି । ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଜଣେ ଲୋକ ବିବାହ ନ କରି କିପରି କାଳାତିପାତ କରୁଛି । ସାଧାରଣଙ୍କ ପକ୍ଷେ ଏପରି ସନ୍ଦେହ-ସମାଲୋଚନା କରିବା ସ୍ୱାଭାବିକ । ମନୁଷ୍ୟ ନିଜ ଦୃଷ୍ଟିରୁ ଅନ୍ୟକୁ ବିଚାର କରେ । ଆହାର, ନିଦ୍ରା, ଭୟ ଏବଂ ମୈଥୁନ ଏହି ୪ଟି ପ୍ରକୃତି ଏବଂ ପ୍ରବୃତ୍ତି ପ୍ରାଣୀର ଜନ୍ମଗତ ଅଟେ । ଏଥିରୁ କେହି ବର୍ତ୍ତିପାରିବେ ନାହିଁ । ତେଣୁ ସନ୍ଦେହ ଏବଂ ସମାଲୋଚନା ସ୍ୱାଭାବିକ ଅଟେ । ଏପରି ଦେଖାଯାଏ ଯେ ଲୋକେ ବିବାହ ନ କରି ମଧ୍ୟ ଯୌନସମ୍ଭୋଗ କରନ୍ତି ଏବଂ ନିଜର ଏହି ପାଶବିକ (animal) ପ୍ରବୃତ୍ତିକୁ ଚରିତାର୍ଥ କରନ୍ତି । ସେପରି ଅବିବାହିତ ବ୍ୟକ୍ତିଙ୍କୁ କାରଣସଙ୍ଗତ ଭାବେ ସନ୍ଦେହ ଏବଂ ସମାଲୋଚନା କରିବା କଥା, ତାହା କରାଯାଉ ; କିନ୍ତୁ କେତେକ ପ୍ରକୃତ ସତୀ ସ୍ତ୍ରୀ ଏବଂ ଯତି ପୁରୁଷଙ୍କୁ ମଧ୍ୟ ଅଯଥା ଓ ଅକାରଣେ ସନ୍ଦେହ-ସମାଲୋଚନା କରନ୍ତି । ସେଥିପାଇଁ ଯତି ପୁରୁଷ ଓ ସତୀ ସ୍ତ୍ରୀ ବିଚଳିତ ହେବା ଉଚିତ ନୁହେ । ନିଜର ସତୀତ୍ୱ କିମ୍ବା ଯତିତ୍ୱ ପାଇଁ ନିଜେ ଏବଂ ନିଜର ମନ-ବିବେକ ହିଁ ସାକ୍ଷୀ । ଯେ ଯାହା କହୁ ଏବଂ ଭାବୁ ପଛକେ ନିଜ ବିବେକକୁ ଏବଂ ଭଗବାନଙ୍କୁ ସାକ୍ଷୀ ରଖି ଅବିଚଳିତ ଭାବେ ନିଜ ଆଦର୍ଶ-ଜୀବନର ପ୍ରଭାବ ଅନ୍ୟ ଉପରେ ପ୍ରତିଫଳିତ କରି ଦେଶ ତଥା ଦୁନିଆର ଉପକାର ସାଧନ କରିବା ଉଚିତ । ଏହି ଭାବନାରେ ମୁଁ ମୋର ଅବିବାହିତ ଜୀବନ ଯାପନ କରିଛି, କରୁଛି ଏବଂ କରିବି ।

ନିଜର ଏବଂ ସମାଜର ଅନୁଭୂତିରୁ ମୁଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରଙ୍କୁ ଏତିକି ମାତ୍ର ଉପଦେଶ ଦେବି ଯେ, ଅବିବାହିତ ଜୀବନଯାପନ

Digitized by PPRACHIN, SOA

ବାହ୍ୟତଃ ଏବଂ ବସ୍ତୁତଃ କଠିନ ଓ ଉଦ୍‌ବେଗପୂର୍ଣ୍ଣ ଅଟେ । କାମ ପ୍ରବୃତ୍ତିକୁ ଜୟ କରିବା ଦୁରୂହ ହେଲେ ମଧ୍ୟ ଲକ୍ଷ୍ୟ ହାସଲ, ଉଦ୍ଦେଶ୍ୟ ସିଦ୍ଧି, ବଚନ ରକ୍ଷା, ପ୍ରତିଜ୍ଞା ପୂରଣ ଓ ସତ୍ୟ ପାଳନ ନିମନ୍ତେ ଦୃଢ଼ପ୍ରତିଜ୍ଞ ହେଲେ ଏହାକୁ ଜିତିବା କଷ୍ଟକର ନୁହେ । ସ୍ୱପ୍ନରେ କିମ୍ବା ନିଦ୍ରାବସ୍ଥାରେ ଶୁକ୍ରକ୍ଷୟ ହେବ ହିଁ ହେବ । ଏହା ପ୍ରାଣୀର ପ୍ରକୃତି ଅଟେ । ପାନ କଲେ ପିସାବ ଏବଂ ଭୋଜନ କଲେ ମଳ ନିଷ୍କାଶନ ନିଶ୍ଚିତ ହେବ । ଶରୀର ଥିଲେ ଏବଂ ଯଦି ପୁଂସତ୍ୱ ଥାଏ ତେବେ ସାଧାରଣ ଦେହୀର ଶୁକ୍ର ଅବଶ୍ୟ ନିର୍ଗତ ହୋଇଯିବ । କ୍ଷତି ନାହିଁ । କିନ୍ତୁ ବିବାହ ନ କରି ନାନା ପ୍ରଲୋଭନ, ନାନା ନଟ-କୁଟ ଏବଂ ନାନା ବଶୀକରଣଦ୍ୱାରା କିମ୍ବା ଜବରଦସ୍ତ ପର ସ୍ତ୍ରୀ ଓ ଅନ୍ୟର ଝିଅ ବୋହୂ ହରଣ କିମ୍ବା ବେଶ୍ୟା ଉପଭୋଗଦ୍ୱାରା ଇନ୍ଦ୍ରିୟ ବାସନା ଚରିତାର୍ଥ କରିବା ପାପ, ଅନ୍ୟାୟ, ଅଧର୍ମ, ଅସାମାଜିକ ଏବଂ ଅମନୁଷ୍ୟତା ଅଟେ । ଯେ ସଂଯତ ରହି ନ ପାରିବ ସେ ରୁଚି ମୁତାବକ ବିବାହ କରୁ ; ଆପତ୍ତି ନାହିଁ । କିନ୍ତୁ ବିବାହିତ ହେଲେ ସୁଦ୍ଧା ଉଭୟ ସ୍ତ୍ରୀ ଏବଂ ପୁରୁଷ ସୀମା ଏବଂ ସଂଯମର ସହିତ ଯୌନ ସମ୍ଭୋଗ କରନ୍ତୁ । ସୀମା ଏବଂ ସଂଯମ ବାହାରେ ଇନ୍ଦ୍ରିୟ ବାସନା ତୃପ୍ତି, ସ୍ୱାସ୍ଥ୍ୟ ଭଙ୍ଗ ସଙ୍ଗେ ପାରିବାରିକ ଏବଂ ସାଂସାରିକ ଜଞ୍ଜାଳ ବୃଦ୍ଧିର କାରଣ ହୋଇ କ୍ଷଣିକ ଯୌନ ସମ୍ଭୋଗକୁ ସ୍ଥାୟୀ ମାନସିକ ଏବଂ ଶାରୀରିକ ଦୁଃଖରେ ପରିଣତ କରାଇ ଦେବ । ଯଦି କୁଟୁମ୍ବ ଜଞ୍ଜାଳରୁ ମୁକ୍ତ ହେବା ନିମନ୍ତେ କେହି ଅବିବାହିତ ରହି ଅସତ୍ ଏବଂ ଅସାମାଜିକ ଭାବେ ନିଜର ଇନ୍ଦ୍ରିୟ ବାସନା ଚରିତାର୍ଥ କରୁଛି ସେ ତ ଅନ୍ୟ କଥା ଏବଂ ପାପ, ଅସମ୍ମାନ ଓ ନିନ୍ଦା ଅପବାଦ ତାହାର । କିନ୍ତୁ ଚିରକୁମାର ବ୍ରତ ଓ ଅବିବାହିତ ବାନା ଧରି ଗୁପ୍ତ ପ୍ରେମ, ଗୋପନ ପ୍ରୀତି ଏବଂ ବେଶ୍ୟା ଉପଭୋଗ ନିନ୍ଦନୀୟ, ଅସ୍ପୃହଣୀୟ ଓ ଭଗବାନଙ୍କ ଅଦାଲତରେ ଦଣ୍ଡନୀୟ ।

ଅବିବାହିତ ଜୀବନଯାପନ ଅସ୍ଥିର, ଦୁସ୍ତର ଏବଂ ମାନସିକ ଯନ୍ତ୍ରଣାଦାୟକ ଅଟେ । ଯେ ଅବିବାହିତ ରହିବାକୁ ଇଚ୍ଛା କରିବ ସେ ପରିଣତବୟସରେ ବିବାହ କରିବା ଅନୁଚିତ ଅଟେ । ପ୍ରଥମରୁ ଆଦୌ ବିବାହ କରି ନ ଥିଲେ କିମ୍ବା ବିବାହ ପରେ ସ୍ତ୍ରୀ ମରିଗଲେ, ୪୫ ବର୍ଷ ବୟସ ପରେ ବିବାହ କରିବା ଅପାରିବାରିକ, ଅସାମାଜିକ, ଅସୁନ୍ଦର ଏବଂ

Digitized by PPRACHIN, SOA

ଅସ୍ୱାସ୍ଥ୍ୟକର ହୁଏ । ପରିଣତ ବୟସରେ ପ୍ରଥମ ବିବାହ, କିମ୍ବା ୨ୟ ୩ୟ ବାର ଦାରପରିଗ୍ରହ ନିଜର ଶାରୀରିକ କ୍ଷତି ସଙ୍ଗେ ମାନସିକ ଯାତନା ବହୁତ ଦିଏ । ୨୫ ବର୍ଷ ପୂର୍ବରୁ ପୁରୁଷ ଏବଂ ଅନ୍ୟୂନ ୧୮।୨୦ ବର୍ଷ ପୂର୍ବରୁ ସ୍ତ୍ରୀ ବିବାହ କରିବା ଅନୁଚିତ । ୪୫ ବର୍ଷ ପରେ ସନ୍ତାନ ଉତ୍ପାଦନ ବନ୍ଦ କରିବା ଉଚିତ । କୌଣସି ବୟସରେ ବିନା ସନ୍ତାନ ଉତ୍ପାଦନ ଉଦ୍ଦେଶ୍ୟରେ ଯୌନ ସମ୍ଭୋଗ ନିମନ୍ତେ ବର୍ତ୍ତମାନ ନାନା ଉପାୟ ଉଦ୍ଭାବିତ ହୋଇ ସାରିଲଣି । କାମୁକ ଦମ୍ପତି ସେ ଉପାୟ ଅବଲମ୍ବନ କରନ୍ତୁ । କିନ୍ତୁ ଏହି ବୈଜ୍ଞାନିକ ଉପାୟ ଅବଲମ୍ବନ ଅପେକ୍ଷା କାମଶାସ୍ତ୍ର ଓ କୋକଶାସ୍ତ୍ରରେ ଉପଦିଷ୍ଟ ଏବଂ ନିର୍ଦ୍ଦେଶିତ ଉପାୟ ଅବଲମ୍ବନ ଅଧିକତର ସୁଖକର, ସମ୍ଭୋଗକର ଓ ସ୍ୱାସ୍ଥ୍ୟକର ବୋଲି ଶାସ୍ତ୍ରକାରଙ୍କ ବ୍ୟାଖ୍ୟା ଅଛି । ଏ ସମ୍ପର୍କରେ ଅନୁଭବିମାନଙ୍କୁ ପଚାରିବାରେ ସେମାନେ ମଧ୍ୟ ଏହି ମତ ପୋଷଣ କରନ୍ତି । ସେ ଶାସ୍ତ୍ରମାନ ଆଲୋଚନା କରି ସେ ଉପାୟ ଅବଲମ୍ବନ କରନ୍ତୁ ।

ଆଉ ମଧ୍ୟ ଗାଁ-ଗହଳରେ ଅଧିକ ସନ୍ତାନ ଉତ୍ପାଦନରୁ ରକ୍ଷା ପାଇବା ନିମନ୍ତେ କେତେ ପ୍ରକାର ଗୁଳ୍ମ ଲତାର ଫଳ, ପୁଷ୍ପ, ବଲ୍‌କଳ ଏବଂ ଚେର ମୂଳର ରସ ସ୍ତ୍ରୀମାନଙ୍କୁ ପାନ କରାଇଦିଅନ୍ତି । ଏହା ବହୁ କ୍ଷେତ୍ରରେ ସୁ ପରୀକ୍ଷିତ ଅଛି । ଇଚ୍ଛାପ୍ରିୟ ଦମ୍ପତି ଏ ବ୍ୟବସ୍ଥା ଗ୍ରହଣ କରି ସମ୍ଭୋଗ କରନ୍ତୁ । ଏ ବ୍ୟବସ୍ଥା ଅଳ୍ପ ଖର୍ଚ୍ଚ ଏବଂ ସହଜରେ କରାଯାଇପାରେ । କୁଟୁମ୍ବ ବୃଦ୍ଧି ଜଞ୍ଜାଳ ଏବଂ ସମସ୍ୟାରୁ ବ୍ୟକ୍ତି ତଥା ସମଷ୍ଟିକୁ ରକ୍ଷା କରିବାର ଏକ ସରଳ କିନ୍ତୁ ପ୍ରକୃଷ୍ଟ ଉପାୟ ଅଛି । ଯେ କୌଣସି ବୟସରେ ବିବାହ କରନ୍ତୁ ନା କାହିଁକି, ଜନ୍ମ-ନିରୋଧ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରନ୍ତୁ ନା କାହିଁକି, କୌଣସି ଦମ୍ପତି ଦୁଇରୁ ଅଧିକ ସନ୍ତାନ ଉତ୍ପାଦନ କରିବା ସୃଷ୍ଟିର ନିୟମ ବିରୁଦ୍ଧ ଅଛି । ବହୁ-କୁଟୁମ୍ବ ନିଜ ପରିବାର ପକ୍ଷରେ ଯେପରି ଦୁଃଖ ଓ ଜଞ୍ଜାଳ ଦାୟକ, ଦୁନିଆ ପକ୍ଷେ ମଧ୍ୟ ତଦପେକ୍ଷା ଅଧିକତର ଜଟିଳ ସମସ୍ୟାର ସୃଷ୍ଟିକାରକ ହୋଇ ତାକୁ (ଦୁନିଆକୁ) ନଷ୍ଟ କରିବାର କାରଣ ହେବ । ବିଶେଷତଃ କଳିଯୁଗରେ ବହୁକୁଟୁମ୍ବୀ ଅତ୍ୟନ୍ତ ଦୁଃଖୀ ।

Digitized by PPRACHIN, SOA

ବିବାହ, କୁଟୁମ୍ବ-ପରିବାର, ପରିବାର-ନିୟନ୍ତ୍ରଣ ଏବଂ ଯୌନ-ସମ୍ଭୋଗ ବିଷୟରେ କେତେକ ବର୍ଗରୁ ମୋର କ୍ଷୁଦ୍ର କିନ୍ତୁ ବିକ୍ଷିପ୍ତ ଧାରଣା ଉଲ୍ଲେଖ କଲି । ମୋ ଭଳି ଜଣେ ଅବିବାହିତ ବ୍ୟକ୍ତି ଉପରୋକ୍ତ ବିଷୟମାନଙ୍କରେ ମତ ଏବଂ ଚିନ୍ତା ପ୍ରକାଶ କରିବାଦ୍ୱାରା କେତେକଙ୍କ ମନରେ ନାନା ଧାରଣା ଏବଂ ସନ୍ଦେହ ଉପୁଜିପାରେ ଓ ଉପୁଜିବାର କଥା; କାରଣ ସନ୍ନ୍ୟାସବ୍ରତ ଅବଲମ୍ବନ କରିଥିବା ମୋ ସଦୃଶ ଜଣେ ଅବିବାହିତ ପୁରୁଷ ସେ ସବୁ ବିଷୟରେ ମୁଣ୍ଡ ଖେଳାଇବା ଅନୁଚିତ ବୋଲି ସେମାନଙ୍କର ଅବଶ୍ୟ ଧାରଣା । କିନ୍ତୁ ମୁଁ ସେହିପରି ବ୍ୟକ୍ତିଙ୍କ ସହିତ ଏକମତ ହୋଇପାରୁନାହିଁ । ମୁଁ ଜଣେ ପୂର୍ଣ୍ଣବୟସ୍କ ବ୍ୟକ୍ତି । ସଂଯତ ଏବଂ ଅବିବାହିତ ଜୀବନଯାପନ ପୂର୍ବକ ଦେଶର ରାଜନୀତି, ସଂସ୍କୃତି ଓ ସମାଜ-ନୀତି ସମ୍ପର୍କରେ ମୋ ପରିସର ମଧ୍ୟରେ ଅବଦାନ କରିଆସିଛି ଏବଂ ବଞ୍ଚିଥିବା ପର୍ଯ୍ୟନ୍ତ କରୁଥିବି । ମୋର ସଫଳ ଅବିବାହିତ ଜୀବନର ପ୍ରଭାବ ଅନ୍ୟ ଉପରେ ପଡ଼ିଲେ ସମାଜର ମଙ୍ଗଳ ହେବ ବୋଲି ମୋର ଆଶା ଏବଂ ବିଶ୍ୱାସ । ଯୌନ-ସମ୍ଭୋଗ ଓ ତତ୍ ସମ୍ପର୍କୀୟ କ୍ରିୟାମାନଙ୍କରେ ମୋର ତ ଅନୁଭୂତି ନାହିଁ । ସେ ସମ୍ପର୍କରେ କିଛି ମତବ୍ୟକ୍ତ କରିବାକୁ ଦରକାର ପଡ଼ିଲା । ତେଣୁ ଉକ୍ତ ଯୌନ ସମ୍ଭୋଗ ଓ ତତ୍ ସମ୍ପର୍କୀୟ କାର୍ଯ୍ୟକଳାପରେ କିଛି ଜ୍ଞାନ ପ୍ରାପ୍ତି ଉଦ୍ଦେଶ୍ୟ ରଖି କେତେ ଜଣ ସଂଯତ କିନ୍ତୁ ବିବାହିତ ବ୍ୟକ୍ତିଙ୍କ ସଙ୍ଗେ ଆଲୋଚନା ଛଳରେ କିୟତ୍ ପରିମାଣରେ ଜ୍ଞାନ ଲାଭ କଲି । ଅବିବାହିତ ଏବଂ ସଂଯତ ଜୀବନଯାପନର ସଫଳତା ହିଁ ମୋର ଅନୁଭୂତି । ଆଲୋଚନାଦ୍ୱାରା ଅନ୍ୟଠାରୁ ଶୁଣି ଉପଲବ୍ଧି କରିବା ହିଁ ମୋର ଯୌନ କ୍ରିୟା ସମ୍ପର୍କୀୟ ଜ୍ଞାନ ଅଟେ ।

ବିବାହ, କୁଟୁମ୍ବ, ପରିବାର ଓ ପରିବାର ନିୟନ୍ତ୍ରଣ ସହିତ ଯୌନ-କ୍ରିୟା ଏବଂ ଯୌନ ସମ୍ଭୋଗ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏ ବିଷୟରେ ପ୍ରତ୍ୟେକ ବ୍ୟକ୍ତି କିଶୋର-ଯୌବନ ଅବସ୍ଥାରୁ ଆବଶ୍ୟକୀୟ ପରିମାଣରେ ଉପଯୁକ୍ତ ବ୍ୟକ୍ତିଙ୍କଠାରୁ ଉତ୍ତମ ଉପଦେଶ ପାଇବା ଉଚିତ । ଉପଯୁକ୍ତ ବ୍ୟକ୍ତିର ଅର୍ଥ ଚରିତ୍ରବାନ୍, ବୟସ୍କ, ଅଭିଜ୍ଞ ଏବଂ ଅଳ୍ପ ସଂଖ୍ୟକ ସନ୍ତାନ-ସନ୍ତତି ଥିବା ବ୍ୟକ୍ତି । ତାହା ନ ହେଲେ ଭବିଷ୍ୟତ ବଂଶଧର ବିପଥଗାମୀ ହୋଇଯିବାର ନିଶ୍ଚିତ ଆଶଙ୍କା । ମୋର ବିୟସ, ଉପରୋକ୍ତ ଭାବେ ଜୀବନ

Digitized by PPRACHIN, SOA

ଯାପନ ଅବସ୍ଥା ଓ ସମାଜରେ ମୋର ଆସନ ବଗୁରରୁ ମୋର ଅନୁଭୂତି ଏବଂ ଜ୍ଞାନ (ପୂର୍ବୋକ୍ତମତେ ଯାହା ଅନ୍ୟ ବ୍ୟକ୍ତିଙ୍କ ସହ ଆଲୋଚନାଦ୍ୱାରା ପ୍ରାପ୍ତ) ଦ୍ୱାରା ଯଦି ଅନ୍ୟମାନେ ପ୍ରଭାବିତ ଓ ଅନୁପ୍ରାଣିତ ହୋଇ ସେମାନଙ୍କର ବିବାହିତ କିମ୍ବା ଅବିବାହିତ ଜୀବନ ଆଦର୍ଶଭାବେ ଯାପନ କରନ୍ତି, ତେବେ ମୁଁ ଅତ୍ୟନ୍ତ ଆନନ୍ଦିତ ହେବା ସଙ୍ଗେ ସେମାନେ ମଧ୍ୟ ସୁଖୀ ସନ୍ତୁଷ୍ଟ ହେବେ ଏବଂ ଦେଶ-ଦୁନିଆର ପ୍ରଭୂତ ମଙ୍ଗଳ ହେବ ।

କୁଟୁମ୍ବର ସାଂସ୍କୃତିକ ପ୍ରଭାବ

ଆମ କୁଟୁମ୍ବ ଅତି ବଡ଼ ଥିଲା । ମୋ ଜେଜେବାପାଙ୍କର ୪ ଭାଇ ଥିଲେ । ସେମାନଙ୍କର ପିତା ଏବଂ ପିତୃବ୍ୟ ମିଶି ଦୁଇ ଭାଇ ଥିଲେ । ପୂର୍ବୋକ୍ତମତେ ମୂଳ ଘର ତାଳପଦା । ସେଠାରେ କୁଟୁମ୍ବ ବଢ଼ିବାରୁ ନଘର (ବ୍ରାହ୍ମଣୀ) ଉପରକୁ ଦୁଇ ମାଇଲ ଦୂରସ୍ଥ ପୋଇପାଳ ଗ୍ରାମକୁ ଜଣେ ଭାଇ ଉଠିଆସିଲେ । ସେ ହେଉଛନ୍ତି ମୋର ଗୋସେଇଁ ବାପା (ଜେଜେବାପାଙ୍କ ବାପା) । ତାଙ୍କ ନାମ ରଘୁ । ପୋଇପାଳରେ ସେ ନଦୀକୂଳ ଏବଂ ପର୍ବତର ପାଦଦେଶରେ ଜଙ୍ଗଲ କାଟି ପ୍ରାୟ ଦୁଇଶହ ଏକରରୁ ଅଧିକ ଜମି ଖୋଳାଇ ଆବାଦ କରି ବନ୍ଧ, ପୁଷ୍କରିଣୀ, ତୋଟା, ବଗିଚା ସହ ଶତ ଶତ ଗୋରୁ ମହିଷ ପାଳନ କରି ଅତି ସୁଖ ଏବଂ ଆଡ଼ମ୍ବରରେ ଚଳିଲେ । ପୂର୍ବୋକ୍ତମତେ ରଘୁଙ୍କର ପାଞ୍ଚ ପୁଅ, ସେମାନେ ମୋର ଅଜା (ଜେଜେବାପା ଅଟନ୍ତି) । ଏହି ପାଞ୍ଚ ଭାଇଙ୍କ କୁଟୁମ୍ବ ବଢ଼ିଲା । ଏକାନ୍ନବର୍ତ୍ତୀ ପରିବାରରେ ପ୍ରାୟ ଦେଡ଼ଶହ ବ୍ୟକ୍ତି ଥାନ୍ତି । ଧନ-ଦଉଲତ ଯଥେଷ୍ଟ । ଗୃହ ଗାଁରେ ଘର । ଖାଇବା, ପିଇବା ଏବଂ ପିନ୍ଧିବା ପ୍ରଚୁର । ଦୁଧ, ଦହି, ଘିଅ, ଛେନା ଓ ଲହୁଣୀର ପ୍ରାଚୁର୍ଯ୍ୟ । ପନିପରିବା ଏବଂ ଶାକସବଜି ଅପର୍ଯ୍ୟାପ୍ତ । ମାଛ, ମାଂସ ତ ପନିପରିବାଠାରୁ ଅଧିକତର ସୁଲଭ । କିନ୍ତୁ ଏତେ ପ୍ରାଚୁର୍ଯ୍ୟ ସତ୍ତ୍ୱେ ଘରର ପ୍ରତ୍ୟେକ ବ୍ୟକ୍ତି କାୟିକ ପରିଶ୍ରମ କରିବାକୁ ବାଧ୍ୟ । ମୋର ଉକ୍ତ ଜେଜେବାପାମାନେ ଏକତ୍ର ଥିଲାବେଳେ ସେମାନଙ୍କର ୧୨ ଜଣ ପୁଅ ଥିଲେ । ଆଉ ମଧ୍ୟ ଘରେ ଛଅ ଜଣ ଭଣଜା ଥିଲେ । ଏତେ ବଡ଼ ଧନୀ ପରିବାରର ପୁଅ ନାତି ହୋଇ ସୁଦ୍ଧା ଏହି ଅଠର ଜଣଯାକ କିଶୋର ଏବଂ ଯୁବକ ବିଲରେ (କ୍ଷେତରେ) ହଳଧରିବାଠାରୁ ଆରମ୍ଭ କରି ବେଉଷଣ

Digitized by PPRACHIN, SOA

କରିବା ଏବଂ ନୂତନ ଜମି ନିର୍ମାଣରେ ମାଟି ଖୋଳିବା ପର୍ଯ୍ୟନ୍ତ ଦୈନିକ ୬।୭ ଘଣ୍ଟା କାୟିକ ପରିଶ୍ରମପୂର୍ବକ କଷ୍ଟ କଷ୍ଟ ଉତ୍ପାଦନ କରୁଥିଲେ । ଆଳସ୍ୟକୁ ପ୍ରଶ୍ରୟ ଦିଆଯାଉନଥିଲା, ଅଯଥା ବିଳାସ ଉପଭୋଗ କରି-ବାରେ ବାରଣ ନ ଥିଲା । ଆଦର୍ଶ ହିନ୍ଦୁ ସଂସ୍କୃତି ହିଁ ଘରର ସଂସ୍କୃତି ଥିଲା । ବୃତ୍ତି ବାଡ଼ି ସହିତ ଠାକୁର ପୂଜାର ବ୍ୟବସ୍ଥା ସଙ୍ଗେ ମୋଗଲବନ୍ଦୀରୁ (ଉପକୂଳ ଅଞ୍ଚଳରୁ) ତାତ୍କାଳିକ କାବ୍ୟ-ସାହିତ୍ୟ, ଜ୍ୟୋତିଷୀ-କବିରାଜୀ ଏବଂ ଶାସ୍ତ୍ର-ପୁରାଣ ଜ୍ଞାନବିଶିଷ୍ଟ ଅବଧାନ ନିଯୁକ୍ତ କରାଇ ଘରର ସମସ୍ତ ପୁରୁଷ ପିଲାଙ୍କୁ ଲିଖନ, ପଠନ ଏବଂ ଗଣନ ଶିକ୍ଷାର ବ୍ୟବସ୍ଥା କରାଯାଇ-ଥିଲା । ହିସାବ ରଖିବା ଏବଂ ନଳ-ଭିଆଣରେ ଜ୍ଞାନ ଥିବା ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ମଧ୍ୟ ଘରେ ନିଯୁକ୍ତି ଦିଆଯାଇଥିଲା । ଘରର ପିଲାମାନେ କାର୍ଯ୍ୟ ବେଳେ କାର୍ଯ୍ୟ, ଖେଳ ବେଳେ ଖେଳ ଏବଂ ଅବସର ସମୟରେ ଚିତ୍ତ-ବିନୋଦନ କରି ଉପରୋକ୍ତ ଅବଧାନ ଏବଂ ଗୁରୁମାନଙ୍କଠାରୁ ଲିଖନ, ପଠନ, ଗଣନ, କିଯୁତ ପରିମାଣରେ ସଂସ୍କୃତ, ପୁରାତନ ସାହିତ୍ୟ ଅର୍ଥାତ୍ ଗ୍ରନ୍ଥ-ଚର୍ମ୍ମ ଇତ୍ୟାଦି ଏବଂ ଜ୍ୟୋତିଷୀ ଓ କବିରାଜୀ ପ୍ରଭୃତି ରୁଚି ଅନୁସାରେ ଶିକ୍ଷା ଲାଭ କରୁଥିଲେ । ଏହା ବାଧ୍ୟତାମୂଳକ ନ ଥିଲା, ଆକର୍ଷଣମୂଳକ ଥିଲା । ନିୟମିତ ଭାବେ ପୋଥି-ପୁରାଣ ବସାଇ ତାହା ଗୀତ ଏବଂ ଚର୍ଚ୍ଚା ହେଉଥିଲା । ବସ୍ତୁତଃ ସମସ୍ତେ ଶୁଣୁଥିଲେ ଏବଂ ବୟସ୍କ-ଶିକ୍ଷା (Adult Education) ପାଉଥିଲେ । ଅବସର ବିନୋଦନ ନିମନ୍ତେ ତାତ୍କାଳିକ ବାଦ୍ୟଯନ୍ତ୍ର ବାଇବାରେ ଓ ଗୀତ ଗାଇବାରେ କେହି କେହି ଉଣା ଅଧିକେ ଅଭ୍ୟସ୍ତ ହେଉଥିଲେ । କେତେକ ଅଳ୍ପ ବହୁତେ ବଢ଼େଇ ଏବଂ କାରିଗରୀ କାମ ମଧ୍ୟ ଶିଖୁଥିଲେ । ଫଳତଃ ମୋର ବାପା, କକା ଏବଂ ବଡ଼ ଭାଇମାନଙ୍କ ମଧ୍ୟରୁ କେହି କେହି ଉକ୍ତ ଭିନ୍ନ ଭିନ୍ନ ବିଷୟରେ ବ୍ୟୁତ୍ପତ୍ତି ଏବଂ ପାରଦର୍ଶିତା ଲାଭ କରିଥିଲେ । କିନ୍ତୁ ଆଜିକାଲି କୁଟୁମ୍ବ ଏବଂ ଗ୍ରାମରୁ ଏ ସବୁ ଲୋପ ପାଇଲାଣି । କୁଟୁମ୍ବକୁ ଭିନ ପୁରୁଷର ବ୍ୟାଧି ଆକ୍ରମଣ କଲାଣି ବୋଲି ମୋର ନିଶ୍ଚିତ ଆଶଙ୍କା ।

ଏହିପରି ଏକ କୁଟୁମ୍ବରେ ମୋର ଜନ୍ମ । ପୂର୍ବୋକ୍ତମତେ ବାଲ୍ୟକାଳରୁ ପିତୃମାତୃଶୂନ୍ୟ ହୋଇ ଅଯତ୍ନବର୍ଦ୍ଧିତ ହେଲି । ମୋ ଜନ୍ମର ୨୦।୨୫ ବର୍ଷ ପୂର୍ବରୁ ଆମର ପ୍ରୋକ୍ତ ଏକାନ୍ନବର୍ତ୍ତୀ ପରିବାର ବିଭକ୍ତ

Digitized by PPRACHIN, SOA

ହୋଇଥିଲା । ପିତାମାତାଙ୍କ ମୃତ୍ୟୁ ପରେ ଆମ ଘରର ଆର୍ଥିକ ଅବସ୍ଥା କିପରି ନିତାନ୍ତ ଖରାପ ହୋଇଗଲା ତାହା ମୁଁ ପୂର୍ବରୁ ବର୍ଣ୍ଣନା କରିଛି । କିନ୍ତୁ ବିଭକ୍ତ ହୋଇଥିବା ଅନ୍ୟ କେତେକ କକା ଏବଂ ବବାଙ୍କ ଅବସ୍ଥା ସ୍ୱଚ୍ଛଳ ହୋଇ ଥିଲା ।

ଆଗରୁ ଲେଖିଛି ଯେ, ମୁଁ ଚାନ୍ଦବେର ଟାଉନରେ ରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପଢ଼ିଲାବେଳେ କକାମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବାଙ୍କନିଧି ଭକ୍ତବତ୍ସଳଙ୍କ ସୁଦୃଷ୍ଟି ମୋ ଉପରେ ପଡ଼ିଲା । ସେ ଇଚ୍ଛା କରୁଥାନ୍ତି ଯେ, ବଂଶର କେହି ଜଣେ ବ୍ୟକ୍ତି ଇଂରାଜୀ ପଢ଼ି ନିଜର ତଥା ବଂଶର ମାନ ବୃଦ୍ଧି କରୁ । ତାଙ୍କର ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ନ ଥିଲେ ସୁଦ୍ଧା ନିୟମିତ ଖର୍ଚ୍ଚ ତୁଲାଇ ମୋତେ ପଢ଼ାଇବା ଶକ୍ତି ନ ଥିଲା । ତଥାପି ସେ ମହୋଦୟ ମୋତେ ଯତ୍କିଞ୍ଚିତ ସାହାଯ୍ୟ ଦେଇ ଆଶୀର୍ବାଦ ଏବଂ ଅନୁପ୍ରେରଣା ଦେଉଥାନ୍ତି । ମୋ ପ୍ରତି ତାଙ୍କର ଅନୁପ୍ରେରଣାର ମୂଲ୍ୟାଙ୍କନ ଅକଳନ ଅଟେ ।

ହାଇସ୍କୁଲ ଏବଂ କଲେଜରେ ପଢ଼ିଲାବେଳେ ମୁଁ ଆମ ଅଞ୍ଚଳରେ ଇଂରେଜୀ ପଢ଼ୁଥିବା ଜଣେ ଯୁବକ ବୋଲି ଜଣାଶୁଣା ହୋଇଗଲି । ଅବଶ୍ୟ ଆମ ଗ୍ରାମଠାରୁ ୫।୭ ମାଇଲ ଦୂରରେ ଅବସ୍ଥିତ ବିରୁ ଏବଂ ବିଜିଗୋଳ ଗ୍ରାମମାନଙ୍କରୁ ୪।୫ ଜଣ ଯୁବକ ଇଂରେଜୀ ପାଠ ପଢ଼ୁଥାନ୍ତି । କିନ୍ତୁ ଉକ୍ତ ଅଞ୍ଚଳମାନ ଆମ ଅଞ୍ଚଳଠାରୁ ନଦୀ-ପର୍ବତଦ୍ୱାରା ବିଛିନ୍ନ । ସେତେବେଳକୁ ଆମ ଅଞ୍ଚଳରେ ପୁରାତନ ଶିକ୍ଷା ଓ ନୂତନ ଇଂରେଜୀ ଶିକ୍ଷାର ଭିତର ତୁଳନାତ୍ମକ ସମାଲୋଚନା ହେଉଥାଏ । ପୁରାତନ ଶିକ୍ଷାର ଉତ୍କର୍ଷତାକୁ ଆମ କୁଟୁମ୍ବର ୨।୩ ଜଣ ଏବଂ ଅଞ୍ଚଳର ୪।୫ ଜଣ ବ୍ୟକ୍ତି ଭୂୟସୀ ପ୍ରଶଂସା କରି ଇଂରେଜୀ ଶିକ୍ଷାକୁ ନିମ୍ନସ୍ଥାନ ଦେଉଥାନ୍ତି । ତେଣୁ ଆମ ଅଞ୍ଚଳରେ ମୋ ଇଂରେଜୀ ପଢ଼ା ଏବଂ ନୂତନ ଶିକ୍ଷାର ଉତ୍କର୍ଷତା ମୋଦ୍ୱାରା ପ୍ରଦର୍ଶିତ ଏବଂ ପ୍ରମାଣିତ ହେବାର କଥା । ତା ନ ହେଲେ ମୋ ଶିକ୍ଷାର ଆଦର, ଗୌରବ ଏବଂ ସମ୍ମାନ ରହିବ ନାହିଁ, କିମ୍ବା ମୋ ନିଜର ଆସନ ସମ୍ମାନ ରହିବ ନାହିଁ । ଲୋକେ ମଧ୍ୟ ଜାଣିବା ଦରକାର ଯେ ମୁଁ ଇଂରେଜୀ ଭାଷା ଏବଂ ନୂତନ ପଦ୍ଧତିରେ ପାଠ ପଢ଼ିଲେ ସୁଦ୍ଧା ପୁରାତନ ଶିକ୍ଷା ଏବଂ

Digitized by PPRACHIN, SOA

ବିଷୟବସ୍ତୁରେ ଅନଭିଜ୍ଞ ନୁହେଁ । ସେଥିପାଇଁ ସ୍ଥାନୀୟ ଜ୍ଞାନୀ ଏବଂ ବୁଦ୍ଧିଜୀବୀଙ୍କ ସଙ୍ଗେ ପୁରାତନ ଶିକ୍ଷାରେ ସମାନ୍ତର କିମ୍ବା ତାଙ୍କଠାରୁ ଅଧିକତର ଜ୍ଞାନୀ ବୋଲି ମୋତେ ପ୍ରମାଣ ଏବଂ ପରିଚୟ ଦେବାକୁ ହେବ । ତାହା ନ ହେଲେ ଚାକିରି ଏବଂ ରାଜକାର୍ଯ୍ୟ ବିଷୟରରୁ ଇଂରେଜୀ ପଢ଼ୁଆଙ୍କ ସ୍ଥାନ ଉଚ୍ଚରେ ରହିଲେ ସୁଦ୍ଧା, ସାମାଜିକ ଓ ସାଂସ୍କୃତିକ ସ୍ତରରେ ମୋର ଏବଂ ଅନ୍ୟାନ୍ୟ ଇଂରେଜୀ ପଢ଼ୁଆଙ୍କ ସ୍ଥାନ ନିମ୍ନ ହୋଇଯିବ ।

ଆମ କୁଟୁମ୍ବରେ ଶ୍ରୀ ମଧୁସୂଦନ ପ୍ରଧାନ (ଜଟିଆ ପ୍ରଧାନ) ନାମରେ ଜଣେ ବ୍ୟକ୍ତି ଥାନ୍ତି । ସେ ମୋର ବଡ଼ ପୁଅ ଭାଇ ଅଟନ୍ତି । ସେ ଅତ୍ୟନ୍ତ ମେଧାବୀ ଏବଂ ବୁଦ୍ଧିମାନ । ତାଙ୍କର ସ୍ମରଣଶକ୍ତି ଅତି ତୀକ୍ଷ୍ଣ ଏବଂ ପ୍ରଖର । ସେ ଏକାଧାରରେ କବି, ଚିତ୍ରକର, କଳାକାର, କାରିଗର ଏବଂ ଗାଣିତିକ ଥାନ୍ତି । ଶାସ୍ତ୍ର, ପୁରାଣ, ବ୍ରାହ୍ମଣ-କର୍ମକାଣ୍ଡ, କବିରାଜୀ, ପଶୁ-ପକ୍ଷୀ, ଚିକିତ୍ସା, ଜ୍ୟୋତିଷ, ଗୁଣିଆ-ଗୁଣିଆ, ଘରଡିହ ଶୋଧିବା ଏବଂ ସୂତ୍ରିବା ଅର୍ଥାତ୍ ସ୍ଥାପତ୍ୟ ବିଦ୍ୟାରେ ସେପରି ଦକ୍ଷ ଏବଂ ଧୂରନ୍ଧର ଗୀତା, ଭାଗବତ ଏବଂ ଭଞ୍ଜ, ଦିନକୃଷ୍ଣ, ଭକ୍ତଚରଣ, ସାମନ୍ତସିଂହାର ପ୍ରଭୃତି ପୁରାତନ କବିଙ୍କ ଛାନ୍ଦ-ଗୀତ-ଗାୟନ ଏବଂ ଅର୍ଥ କରିବାରେ ସେହିପରି ପାରଙ୍ଗମ । ମୋ ଜାଣିବାରେ ଆମ ଅଞ୍ଚଳରେ ସେ ଜଣେ ସୋଫେଟିସ୍ ପରି ବ୍ୟକ୍ତି ଥିଲେ । ମଫସଲରେ ସ୍ଥାନେ ସ୍ଥାନେ ସେହି ଗୁଣ ଏବଂ ଯୋଗ୍ୟତାର ଲୋକ ଦେଖାଯାନ୍ତି । ବଣମଲ୍ଲୀ ପରି ବଣରେ ଫୁଟି ମଉଳିଗଲା ପରି ମଉଳିଯାନ୍ତି । ତାଙ୍କ ଗୁଣ କେହି ଉପଭୋଗ କରିପାରନ୍ତି ନାହିଁ । ସାମନ୍ତ ଚନ୍ଦ୍ରଶେଖର ସେହିପରି ମଉଳି ଯାଉଥିଲେ । ମୁଁ ଏବେ ଭାବୁଛି, ଉକ୍ତ ମଧୁସୂଦନ ବଞ୍ଚିଥିଲେ ତାଙ୍କୁ ବାହାରେ ପ୍ରକଟ କରାଇ ତାଙ୍କ ଜ୍ଞାନ ଗରିମାର ଉପକାରିତା ସମାଜରେ ପହଞ୍ଚାଇ ପାରିଥାନ୍ତି । ତାଙ୍କଠାରୁ ଦ୍ୱିତୀୟ ସ୍ତରର ଆଉ ୩୪ ଜଣ ବ୍ୟକ୍ତି ଆମ ଅଞ୍ଚଳରେ ଥାନ୍ତି । ସେମାନଙ୍କର ନାମ ଭାରି ପଡୁଥାଏ । ମୁଁ ଇଂରେଜୀ ପଢ଼ୁଥିବାରୁ ଲୋକେ ମୋତେ ଆଦର ଖାତିର କରୁଥିଲେ ସୁଦ୍ଧା ଜନତା ଭିତରେ ଉକ୍ତ ବ୍ୟକ୍ତିମାନଙ୍କର ଯେଉଁ ଖାତିର ଏବଂ ପ୍ରଭାବ ଥିଲା ମୋର ତାହା ନ ଥାଏ । ତେଣୁ ହାଇସ୍କୁଲ ଏବଂ କଲେଜ ସ୍ତରରୁ ମୋ ନିଜ କୁଟୁମ୍ବରେ, ନିଜ ଅଞ୍ଚଳରେ ଜନତାର ପ୍ରୀତି, ଆସ୍ଥା ଏବଂ ବିଶ୍ୱାସର ଭାଜନ ହେବା ନିମନ୍ତେ ଶାସ୍ତ୍ର, ପୁରାଣ, ଗୀତା,

Digitized by PPRACHIN, SOA

ଭାଗବତ, ପୁରାତନ ସାହିତ୍ୟ, କବିରାଜୀ, ଡାକ୍ତରୀ (ଉଭୟ ହୋମିଓ ଏବଂ ଏଲୋପାଥି), ଜ୍ୟୋତିଷ ଏବଂ ଜମି ମାପ ଇତ୍ୟାଦିରେ ମୋତେ ସାଧାରଣ ଭାବେ ଶିଖିବାକୁ ପଡ଼ିଲା । ଉକ୍ତ ମଧୁସୂଦନଙ୍କ ସଙ୍ଗେ ନାନା ସମୟେ ପ୍ରତିଯୋଗିତାମୂଳକ ଯୁକ୍ତି ଏବଂ ଆଲୋଚନା କରି କ୍ରମେ କ୍ରମେ କେତେକ ବିଷୟରେ ସମ୍ୟକ ଜ୍ଞାନ ପାଇଲି । ସୌଭାଗ୍ୟରୁ ତ ଅଞ୍ଚଳରେ ଜଣେ ପ୍ରାରମ୍ଭିକ ଇଂରେଜୀ ପଢ଼ୁଆ ବୋଲି ପରିଚିତ ଏବଂ ପରିଗଣିତ ଥିଲି । ଏହି ମଧୁସୂଦନ ପ୍ରଧାନ ମୋର ଜଣେ ଜେଜେବାପା (ଅଜା)ଙ୍କଦ୍ୱାରା ଉପଦିଷ୍ଟ ଏବଂ ଅନୁପ୍ରାଣିତ ହୋଇଥିଲେ । ଉକ୍ତ ଅଜା ହେଉଛନ୍ତି ଶ୍ରୀ ଲକ୍ଷ୍ମଣ ପ୍ରଧାନ । ମୋର ପାଞ୍ଚଜଣ ଅଜା ବା ଜେଜେବାପାଙ୍କ ମଧ୍ୟରେ ସେ ଅତ୍ୟନ୍ତ ମେଧାବୀ ଏବଂ ଗୁଣୀ ବ୍ୟକ୍ତି ଥିଲେ । ମୁଁ ତାଙ୍କୁ ଦେଖି ନ ଥିଲେ ସୁଦ୍ଧା ଅନ୍ୟଠାରୁ ତାଙ୍କ କଥା ଶୁଣି ପ୍ରଭାବିତ ହେଉଥିଲି ।

ଧର୍ମମୂଳକ-ରାଜନୀତି ଓ ଦୃଢ଼-ଶୃଙ୍ଖଳାର ପ୍ରଭାବ

ଉପରୋକ୍ତ ମଧୁସୂଦନଙ୍କ ବ୍ୟତୀତ ଆମ କୁଟୁମ୍ବର ଆଉ ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଥାନ୍ତି । ସେମାନେ ମୋର କକା ହେବେ । ସେଥିରୁ ଜଣେ ହେଉଛନ୍ତି ପୂର୍ବୋକ୍ତ ଶ୍ରୀ ବାଙ୍କନିଧି ଭକ୍ତବଳ୍ଳଭ । ସେ ଶିକ୍ଷାପ୍ରେମୀ, ସଂସ୍କାରକ, ନବ୍ୟବାଦୀ, ଜାତୀୟବାଦୀ, ଉଚ୍ଚମନା, ଦାମୀ ଏବଂ ସାତ୍ତ୍ୱିକ ବ୍ୟକ୍ତି ଥିଲେ । ଗୀତା, ଭାଗବତ ଏବଂ ରାମାୟଣ ଚର୍ଚ୍ଚା ସେ ପ୍ରତ୍ୟହ କରନ୍ତି । ସେ ସାଧୁ-ସନ୍ନ୍ୟାସୀ ପ୍ରିୟ ଏବଂ ସେବକ ଥିଲେ । ସେ ଅତ୍ୟନ୍ତ ଅତିଥିପରାୟଣ ଥିଲେ । ବକ୍ତ ବେଳେ ଗ୍ରାମରେ ଶହେ ଦୁଇଶହ ଲୋକ ପହଞ୍ଚିଗଲେ ସେ ସେମାନଙ୍କୁ ଅଖିଆ ଅପିଆ ଛାଡ଼ିଦେବେ ନାହିଁ । ରନ୍ଧା କମ୍ବା ଅରନ୍ଧା ଜିନିଷ ଖାଇବାକୁ ଦେଇ ବିଦାୟ ଦିଅନ୍ତି । ଉପକୂଳ ଅଞ୍ଚଳରେ କାଠ ବ୍ୟବସାୟ କରି କଂଗ୍ରେସ ଆନ୍ଦୋଳନ, ବିଶେଷତଃ ଗାନ୍ଧୀ ଭାବନାରେ ଅନୁପ୍ରାଣୀତ ଥାନ୍ତି । ସମାଜ ଖବରକାଗଜ ନିୟମିତ ପଢ଼ନ୍ତି । ସେ ମୋତେ ଅତ୍ୟନ୍ତ ସ୍ନେହ-ଆଦର କରୁଥିଲେ ଏବଂ ଆଶା କରୁଥିଲେ ଯେ ମୁଁ ଜଣେ ଜଣାଶୁଣା ସର୍ବସାଧାରଣ ବ୍ୟକ୍ତି (public man) ହେଲେ ଦେଶର ଉପକାର ସଙ୍ଗେ ମୋ ନିଜର ଏବଂ ବଂଶର ନାମ ହୁଅନ୍ତା ।

Digitized by PPRACHIN, SOA

ତେଣୁ ତାଙ୍କ ମନୋଭାବ ଏବଂ କାର୍ଯ୍ୟକଳାପଦ୍ୱାରା ସେ ମୋ ଉପରେ ଯଥେଷ୍ଟ ପ୍ରଭାବ ପକାଉଥିଲେ । ଆନ୍ଦୋଳନ କରିବାରେ ସେ ମୋତେ ଯଥେଷ୍ଟ ପ୍ରେରଣା ଦେଉଥିଲେ । ସେ ନିଜେ ଦୀର୍ଘ ଜେଲ ଦଣ୍ଡ ଭୋଗୀ ନିଜ ସଂପତ୍ତି ହରାଇଥିଲେ । ତାଙ୍କ ପୁଅ ଶ୍ରୀ ଭାଗିରଥି ପ୍ରଧାନ ଜଣେ କବି, ଗାୟକ ଏବଂ ଲେଖକ ଭାବେ ଅଞ୍ଚଳରେ ପ୍ରଭାବ ପକାଉଥିଲେ ।

ପୂର୍ବୋକ୍ତ ଅନ୍ୟତମ କହା ହେଉଛନ୍ତି ଶ୍ରୀ ଦୈତ୍ୟାରି ସୁବୁଧିରାୟ । ସେ ଜଣେ ଅନନ୍ୟସାଧାରଣ ରାଜସିକ ବ୍ୟକ୍ତି ଥିଲେ । ସେ ଯେପରି ପ୍ରବଳ ପ୍ରତାପୀ ସେହିପରି ଧାର୍ମିକ ବ୍ୟକ୍ତି ଥିଲେ । ସେ କେତେକ ଗ୍ରାମର ସର୍ବରାକାର ଏବଂ ଅଞ୍ଚଳର ବେହେରା ପ୍ରଧାନ ଥିଲେ (Head Sarbarakar & social head) । ସେ ମଧ୍ୟ ବ୍ଲକ୍ ଓ ସର୍କଲ ଅଫିସର ଥିଲେ । ଶାସନ ଚଳାଇବାରେ ସେ ଯେପରି ଦୃଢ଼, ଶୃଙ୍ଖଳା ରକ୍ଷା କରି-ବାରେ ସେହିପରି ଦକ୍ଷ ମଧ୍ୟ ଥିଲେ । ସେ ରାଜଭକ୍ତ ଥିଲେ । ରାଜା ତାଙ୍କୁ ଖାତିର, ଶ୍ରଦ୍ଧା ଏବଂ ବିଶ୍ୱାସ କରୁଥିଲେ । କିନ୍ତୁ ଶେଷ ଜୀବନରେ ସେ ରାଜାଙ୍କର ବିରୁଦ୍ଧାଚରଣ କଲେ । ସେ ଗଭୀର ଚଣ୍ଡୀପୂଜକ ଓ ଦୁର୍ଗା ଭକ୍ତ ଥିଲେ । ସାମାଜିକ ଏବଂ ଶାସନତାନ୍ତ୍ରିକ ଶୃଙ୍ଖଳା ରକ୍ଷା ତାଙ୍କର ମହତ୍ ଗୁଣ ଥିଲା । ନିର୍ମାଣ, ଉତ୍ପାଦନ ଏବଂ ସଂରକ୍ଷଣ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ସମାଜ, ଶାସନ ଏବଂ ଶୃଙ୍ଖଳାଭଙ୍ଗକାରୀଙ୍କୁ ସମୁଚିତ ଶାସ୍ତିବିଧାନ କରିବା ସହିତ ଯେପରି ତାଙ୍କର ପ୍ରକୃତିଗତ ଗୁଣ ଥିଲା । କିଶୋର ଅବସ୍ଥାରେ ତାଙ୍କର ସାମାଜିକ ଓ ଶାସନତାନ୍ତ୍ରିକ ଆଚରଣ ଏବଂ କାର୍ଯ୍ୟ-କଳାପ ମୁଁ ଦେଖି ଏବଂ ଅନେକ ଲଢେଇ ସମୟେ ସମୟେ ସ୍ତମ୍ଭିତହସ୍ତ ହୋଇଛି ଓ ସମୟେ ସମୟେ ବିରୁଦ୍ଧାଚରଣ ମଧ୍ୟ କରିଛି ।

କୁଟୁମ୍ବର ଉପରୋକ୍ତ ଗୁରିଜଣ ବ୍ୟକ୍ତିଙ୍କର ଆଚରଣ ଏବଂ କାର୍ଯ୍ୟକଳାପ ମୋ ଜୀବନରେ କିଶୋର ଅବସ୍ଥାରେ ସମ୍ୟକ ପରିମାଣରେ ପ୍ରଭାବ ପକାଇଥିଲା ।

ଧର୍ମ ଏବଂ ଭଗବତ୍ ଚର୍ଚ୍ଚା ପ୍ରତି ଆକୃଷ୍ଟି

ଉପରୋକ୍ତମତେ ଘରେ, କୁଟୁମ୍ବରେ ଶାସ୍ତ୍ର-ପୁରାଣ, ଗୀତା-ଭାଗବତ ଏବଂ ରାମାୟଣ-ମହାଭାରତର ଆଲୋଚନା । ଆଜକାଲି ଧର୍ମଭାବ ଏବଂ

Digitized by PPRACHIN, SOA

ଦେବ-କାର୍ଯ୍ୟ କ୍ରମଶଃ ହ୍ରାସ ହେଉଛି । ଯାହା ହେଉଛି ତାହା କେବଳ ପ୍ରଦର୍ଶନୀ ଏବଂ ପ୍ରଥା ଜନିତ ହେଉଛି, ଆନ୍ତରିକତାର ସହ ହେଉ ନାହିଁ । କିନ୍ତୁ ସେତେବେଳେ ଲୋକେ ଏସବୁ ଅତ୍ୟନ୍ତ ନିଷ୍ଠା ଏବଂ ଆନ୍ତରିକତାର ସହ କରୁଥିଲେ । ଆମର ସେ ଅଞ୍ଚଳରେ ବାରୁଆଁ (ବାଘଚଳ) ପାର୍ବତ୍ୟ-ଖେଳରେ ବୁଲାଝର ନାମକ ଗିରି-ନିର୍ଝର ମେଖଳିତ ଏକ ସାଧୁ ଆଶ୍ରମ ଥିଲା । ସାଧୁଙ୍କୁ ଖୋଲ-ବାବାଜୀ ବୋଲି ଲୋକେ କହୁଥିଲେ । ସେଠାରେ ସମୟେ ସମୟେ ଭକ୍ତମାନେ ଏକତ୍ରିତ ହୋଇ ଧର୍ମ ଏବଂ ଈଶ୍ୱର-ସତ୍ତା ବିଷୟରେ ଗଭୀର ଆଲୋଚନା କରୁଥିଲେ । ବରୁ-ପାରିବଲ-ବୁଲାଝର ଗ୍ରାମମାନଙ୍କର ସର୍ବଶ୍ରୀ ଲକ୍ଷ୍ମୀଧର ରାୟଚୌଧୁରୀ, ଚନ୍ଦ୍ରଶେଖର ରାଜବଲ୍ଲଭ, ମହେଶ ଚନ୍ଦ୍ର ପ୍ରଧାନ, ଈଶ୍ୱରଚନ୍ଦ୍ର ସୁଧୀଭିରନ୍ ପ୍ରଭୃତି ଉକ୍ତ ଆଶ୍ରମ ବା ମଠର ପୃଷ୍ଠପୋଷକ ଥିଲେ । ଏମାନେ ସମସ୍ତେ ଧାର୍ମିକ ଥାଇ ମଧ୍ୟ ଜାତୀୟତାବାଦୀ ଥିଲେ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ନାନା ମତେ ଅବଦାନ କରିଥିଲେ । ଏମାନଙ୍କ ମଧ୍ୟରୁ କେହି କେହି ପର୍ଯ୍ୟନ୍ତ ଜେଲ ବରଣ କରିଥିଲେ । ତାଳଚେର ରାଜା ଦେବୋତ୍ତରରୁ ମଧ୍ୟ ମଠ ପାଇଁ କିଛି ସୁବ୍ୟବସ୍ଥା ରଖିଥିଲେ । ମଠସ୍ଥ ଉକ୍ତ ସନ୍ନ୍ୟାସୀ ଭକ୍ତ ପରିବେଷ୍ଟିତ ହୋଇ ଶରତ, ବସନ୍ତ ଏବଂ ଗ୍ରୀଷ୍ମ ଋତୁରେ ସମଗ୍ର ଅଞ୍ଚଳ ପରିକ୍ରମା କରି ସ୍ଥାନେ ସ୍ଥାନେ ରାତ୍ରି ରହଣୀ ସମୟରେ ଭାଗବତ ଏବଂ ଭଗବତ୍ ଚର୍ଚ୍ଚା କରୁଥିଲେ । ସେକାଳେ ଭଗବତ୍‌ବାଦୀ ଏବଂ ଈଶ୍ୱର ବିଶ୍ୱାସୀଙ୍କର ସମାଜରେ ଉଚ୍ଚ ସ୍ଥାନ ଥିଲା । ସାଧୁ-ସନ୍ନ୍ୟାସୀ ଏବଂ ବାବାଜୀ-ବୈଷ୍ଣବଙ୍କ ପ୍ରତି ଲୋକଙ୍କର ଶ୍ରଦ୍ଧା ଭକ୍ତି ଥିଲା । କଥାରେ ଅଛି, 'ଯାହାର କୁଳେ ଭାଗ୍ୟ ଥିବ ତା ପୁଅ ବୈରାଗୀ ହୋଇବ ।' ଅଞ୍ଚଳରେ, ଗ୍ରାମ ଓ କୁଟୁମ୍ବରେ ଏହି ବାତାବରଣ ଏବଂ ଭାବନା । ଏଣେ ମୁଁ ତ ଇଂରେଜୀ ପଢ଼ୁଆ । ତେଣେ ପୁରାତନ ପଢ଼ୁଆ ଓ ଧାର୍ମିକ ବ୍ୟକ୍ତିଙ୍କର ସମାଜରେ ସ୍ଥାନ ଓ ସମ୍ମାନ । ଏ ବାତାବରଣ ଏବଂ ଭାବନା ଭିତରେ ଧର୍ମ ଓ ଈଶ୍ୱର ଚର୍ଚ୍ଚାରେ ଆଗ୍ରହ ପ୍ରକାଶ ଓ ଜ୍ଞାନ ପ୍ରଦର୍ଶନ ନ କଲେ ସମାଜରେ ମୋର ଆଦର ସମ୍ମାନ କ୍ଷୁଣ୍ଣ ହେବା ସଙ୍ଗେ ମନୁଷ୍ୟତ୍ୱ ରହିବ ନାହିଁ । ଅନୁକରଣକାରୀ କିଶୋର ଜୀବନରେ ଏହା ମୋ ଉପରେ ଅତ୍ୟନ୍ତ ପ୍ରଭାବ ପକାଇଲା । ତେଣୁ ମୁଁ ଧୀରେ ତାତ୍ତ୍ୱିକ ଜ୍ଞାନ ଚର୍ଚ୍ଚାରେ ନିଜକୁ ନିୟୋଜିତ କରି ପ୍ରୋକ୍ତ ଗସ୍ତ-ଭ୍ରମଣ ଗୋଷ୍ଠୀରେ ସମୟେ ସମୟେ ଯୋଗଦାନପୂର୍ବକ ଆଲୋଚନାରେ

Digitized by PPRACHIN, SOA

ଅଂଶ ଗ୍ରହଣ କଲି । ଅନ୍ୟମାନେ ଅନ୍ଧ ଭାବେ ଈଶ୍ୱରଙ୍କ ଅସ୍ତିତ୍ୱ ଓ ଶକ୍ତିକୁ ବିଶ୍ୱାସ କରୁଥିଲେ । ମୁଁ କିନ୍ତୁ ଅନ୍ଧବିଶ୍ୱାସ କରୁ ନ ଥିବାରୁ ସମୟେ ସମୟେ ବାବାଜୀମାନେ ମୋ ଉପରେ ବିରକ୍ତ ହୁଅନ୍ତି । କେହି କେହି କହନ୍ତି ଯେ ମୁଁ ନାସ୍ତିକ । ଉତ୍ତରରେ କହେ ଯେ, ମୁଁ ଆସ୍ତିକ ହେବାକୁ ଇଚ୍ଛା କରୁଛି, କିନ୍ତୁ ଭଗବତ୍ ସତ୍ତା ଓ ଶକ୍ତିର ପ୍ରମାଣ ନ ପାଇବା ପର୍ଯ୍ୟନ୍ତ ନାନା ପ୍ରଶ୍ନ ପଚାରିବି ଯାହାର ଉତ୍ତର ସନ୍ତୋଷଜନକ ଭାବେ ଆସ୍ତିକ-ମାନଙ୍କୁ ଦେବାକୁ ହେବ । ମୋର ଜଟିଳ ପ୍ରଶ୍ନର ଉତ୍ତର ଦେଇ ନ ପାରି ସମୟେ ସମୟେ ମୋ ଉପରେ ଟିକିଏ ବିରକ୍ତ ହୁଅନ୍ତି । ମୋର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଶ୍ନ ଥାଏ ଯେ, ଯଦି ଈଶ୍ୱର ସମସ୍ତଙ୍କର ମଙ୍ଗଳ କରୁଛନ୍ତି ଏବଂ ଦୁଷ୍ଟଙ୍କୁ ଦଣ୍ଡ ଦିଅନ୍ତି, ତେବେ ଇଂରେଜ ସରକାର, ରାଜା-ମହାରାଜା ଏବଂ ଜମିଦାର-ଜାଗିର୍‌ଦାରମାନେ ପ୍ରଜାଙ୍କୁ ଯେଉଁ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓ ପେଷଣ କରୁଛନ୍ତି, ସେ (ଈଶ୍ୱର) କାହିଁକି ଉକ୍ତ ଅନ୍ୟାୟୀ-ଅତ୍ୟାଚାରୀ ଏବଂ ଶୋଷକ-ପେଷକଙ୍କୁ ସମୁଚିତ ଶାସ୍ତି ଦେଇ ନିରୀହ ପ୍ରଜା-କୁଳକୁ ରକ୍ଷା କରୁନାହାନ୍ତି ? ଏହାର ଉତ୍ତର ସେମାନେ ଦେଇପାରନ୍ତି ନାହିଁ । କେହି କେହି ମନ୍ତବ୍ୟ ପାସ୍ କରନ୍ତି ଯେ, ମୁଁ ରାଜ-ବିରୋଧୀ ଅଟେ । ତେଣୁ ମୋ ସଙ୍ଗେ ଆଲୋଚନା ଅନୁଚିତ ଅଟେ । ମୁଁ ସେତେ-ବେଳେ ମଧ୍ୟ ଏ ପ୍ରଶ୍ନର ଉତ୍ତର ଦେଇପାରେନାହିଁ । କିନ୍ତୁ ଆଜି ମୁଁ ଈଶ୍ୱର ସତ୍ତା ଓ ଶକ୍ତି ଏବଂ ସ୍ରଷ୍ଟାଙ୍କର ସୃଷ୍ଟି ସହିତ ସମ୍ପର୍କ ବିଷୟରେ କିଛି ଗବେଷଣା କରି ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛି ମୋର ଉକ୍ତ ପ୍ରଶ୍ନର ଯୁକ୍ତିଯୁକ୍ତ ଏବଂ ସନ୍ତୋଷଜନକ ଉତ୍ତର ଦେଇ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ସନ୍ତୁଷ୍ଟ କରିପାରନ୍ତି ବୋଲି ବିଶ୍ୱାସ । ଏ ସମ୍ପର୍କୀୟ ଆଲୋଚନା ଅଣ୍ଟୁଣ୍ଡା ହୋଇ ରହିଯାଏ । କିନ୍ତୁ ମୁଁ କହେ ଯେ ମୋତେ କେହି ନାସ୍ତିକ ବୋଲି ନ ଭାବନ୍ତୁ । ଅତ୍ୟନ୍ତ ଦୃଢ଼ ଭାବରେ ପୁଣି କହେ ଯେ, ଏକ ସର୍ବସ୍ଥିତିମାନ, ସର୍ବଶକ୍ତିମାନ, ସର୍ବଜ୍ଞାତା ଏବଂ ଅନ୍ତର୍ଯ୍ୟାମୀ ବିଶ୍ୱନିୟନ୍ତାଙ୍କ ଅସ୍ତିତ୍ୱରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି । ସୃଷ୍ଟି ସହିତ ସ୍ରଷ୍ଟାଙ୍କ ସମ୍ପର୍କ ଏବଂ ଉକ୍ତ ସ୍ରଷ୍ଟାଙ୍କ ବିଷୟରେ ଆଲୋଚକ-ମଣ୍ଡଳୀ ସନ୍ନ୍ୟାସୀ ଓ ଭଗବତ୍‌ବାଦୀ ଗୋଷ୍ଠୀ ଯେଉଁ ଧାରଣା ପୋଷଣ କରିଛନ୍ତି ତାହା ମୁଁ ଗ୍ରହଣ କରିପାରୁନାହିଁ । ଏହା କହି ମୁଁ ମୋର ବିଶ୍ୱାସମୂଳକ ତତ୍ତ୍ୱ ଭକ୍ତ-କବି ମଧୁସୂଦନ ରାଓଙ୍କ ଲେଖା ଉଦ୍ଧାର କରେ । ସେ ଲେଖାଟି ହେଉଛି,

Digitized by PPRACHIN, SOA

'ଯାହା ମୁଁ କହଇ, ଯାହା ମୁଁ କରଇ, ଯାହା ମୁଁ ଚିନ୍ତଇ ମନେ,
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।
ମୋ ପାଶେ ଅଛନ୍ତି ଦିବସ ରଜନୀ ମହାପ୍ରଭୁ ପରାତ୍ପର,
ସେ ମୋତେ କଦାପି ତେଜି ତ ନାହାନ୍ତି ପ୍ରାଣେ ଛନ୍ତି ନିରନ୍ତର ।'

ଏହା ଉଦ୍ଧାର କରିସାରିଲା ପରେ ମୁଁ ବିଷୟଟି ବ୍ୟାଖ୍ୟା କରେ । ତଥାକଥିତ ଆସ୍ତିକମାନେ ଦୈନିକ ଉପରେ ମନ୍ଦ ଚିନ୍ତା ଏବଂ ମନ୍ଦ କାର୍ଯ୍ୟ କରି ଲୋକଙ୍କ ପ୍ରତି ଅନ୍ୟାୟ କରନ୍ତି ଓ ନିଜ ସ୍ୱାର୍ଥସାଧନ କରନ୍ତି ତାହା ଦର୍ଶାଏ । ଏଥିରେ କେହି କେହି ଭାବନ୍ତି ଯେ, ମୁଁ ତାଙ୍କୁ ଲକ୍ଷ୍ୟକରି କହୁଛି । କିନ୍ତୁ ଶ୍ରୋତାମାନେ ଅନେକ ଆନନ୍ଦିତ ହୁଅନ୍ତି । ଧର୍ମ ଏବଂ ଈଶ୍ୱର ତତ୍ତ୍ୱ ବିଷୟରେ ମୋର ଏ ପ୍ରକାର ଭାବନା ଯୋଗୁଁ ଲୋକଙ୍କ ଭିତରେ ମୁଁ ଯଥେଷ୍ଟ ପରିମାଣରେ ଆଦୃତ ହେଉଥିବାର ମୋର ବିଶ୍ୱାସ । ଏହା ମୋତେ ପର-ବର୍ତ୍ତୀ ବ୍ୟକ୍ତିଗତ, ସାମାଜିକ ଏବଂ ରାଜନୈତିକ ଜୀବନରେ ସାହାଯ୍ୟ କଲା ।

ଏକଛତ୍ରବାଦ ରାଜ-ଶାସନର ଅନ୍ୟାୟ-ଅତ୍ୟାଚାର ଏବଂ ଶୋଷଣ-ପେଷଣ

(୧୯୩୮ ମସୀହା ପୂର୍ବରୁ)

ସେ ସମୟର ସାମାଜିକ ଅବସ୍ଥା

ସେତେବେଳେ ସବୁ କ୍ଷେତ୍ରରେ ଏକଛତ୍ର ଶାସନ ଏବଂ ଏକାଙ୍ଗ-ଚକ୍ରବର୍ତ୍ତୀ ଶୃଙ୍ଖଳା ଥିଲା । କୌଣସି ପ୍ରକାର ଶୃଙ୍ଖଳାଭଙ୍ଗକାରୀଙ୍କୁ କଠୋର ଦଣ୍ଡ ଦିଆଯାଉଥିଲା । ସାମାଜିକ କ୍ଷେତ୍ରରେ ସମାଜପତିମାନେ ଥିଲେ । ଏମାନେ ପ୍ରଧାନ, ବେହେରା ପ୍ରଧାନ, ବେହେରା, ଦଳବେହେରା, ନାୟକ, ଗଡ଼ନାୟକ, ବିଷୋଇ, ଦଣ୍ଡପାଟ ଏବଂ ମକଦ୍ଦମ ପ୍ରଭୃତି ନାମରେ ନାମିତ ହୋଇଥିଲେ । ଉଭୟ ସମାଜ ଏବଂ ଶାସନ ଆୟତ୍ତ କରିବା କ୍ଷମତା ଏମାନଙ୍କଠାରେ ସ୍ଥାନୀୟ ଏବଂ ଆଞ୍ଚଳିକ ସ୍ତରରେ ନ୍ୟସ୍ତ କରାଯାଇ-ଥିଲା । ତେଣୁ ଗ୍ରାମାଞ୍ଚଳରେ ଏମାନେ ସର୍ବମୟ କର୍ତ୍ତାସ୍ୱରୂପ କାମ କରୁ-ଥିଲେ । ଏହି ସମାଜପତିମାନେ ରାଜାଙ୍କର ଅତ୍ୟନ୍ତ ଭକ୍ତ ଏବଂ ଗୁମୁଆଁ

Digitized by PPRACHIN, SOA

ଥିଲେ । ସାମାନ୍ୟ ସାମାନ୍ୟ ସାମାଜିକ ବ୍ୟତିକ୍ରମ ନିମନ୍ତେ ବ୍ୟତିକ୍ରମକାରୀଙ୍କୁ କଠିନ ଆର୍ଥିକ ଓ ସାମାଜିକ ଦଣ୍ଡ ଦେଉଥିଲେ । ଜୂରିମନା ଅମୂଲ ସଙ୍ଗେ ଜାତି-ବାସନ୍ଦ ଓ ଧୋବା-ଭଣ୍ଡାରୀ ଏବଂ ନିଆଁ-ପାଣି-ମନା ଦଣ୍ଡ ଦିଆ-ଯାଉଥିଲା । ଜାତି-ବାସନ୍ଦ ପରେ ଜାତିରେ ମିଶିବାକୁ ହେଲେ ଜୂରିମନା ସହ ବହୁ ଖର୍ଚ୍ଚରେ ଜାତି ଭାଇଙ୍କୁ ଭୋଜି ଦେବାକୁ ପଡୁଥିଲା । ଅଗମ୍ୟ-ଗମନ, ଅଭକ୍ଷ୍ୟ-ଭକ୍ଷଣ, ଅଜାତିରେ କିମ୍ବା ନୀଚ ଜାତିରେ ଭକ୍ଷଣ, ଅଜାତି ପରିଣୟ, ଅବୈଧ ପ୍ରୀତି, ପାତ-ଗର୍ଭ, ଗୋବଧ ଏବଂ କୀଟ-ପତନ ପ୍ରଭୃତି ମାନବକୃତ ଓ ପ୍ରାକୃତିକ ଦୋଷ ନିମନ୍ତେ କଠିନ ଶାସ୍ତ୍ରୀୟ ଦଣ୍ଡ ବିଧାନ ହେଉଥିଲା । କିନ୍ତୁ ପଣ୍ଡିତ ଓ ବଡ଼ଲୋକଙ୍କ ପ୍ରତି ଏ ଦଣ୍ଡ ବିଧାନ ନିତାନ୍ତ କୋହଳ ହେଉଥିଲା । ରାଜାମାନେ ଧର୍ମ-ଅଦାଲତ ନାମରେ ଏକ ସାମାଜିକ ଅନୁଷ୍ଠାନ କରି ଉପରୋକ୍ତ ସମାଜ-ପତିଙ୍କ ଜରିଆରେ କିମ୍ବା ସିଧା ସଳଖ ଲୋକଙ୍କୁ ଡରେଇ, ଧମକେଇ ଆୟତ୍ତ କରି ରଖୁଥିଲେ ।

ସେତେବେଳର ରାଜନୈତିକ ଅବସ୍ଥା

ଏକଛତ୍ରବାଦୀ ଦର୍ଶନରେ ରାଜମାନ୍ତ ଚଳୁଥିଲା । ରାଜା ହିଁ ରାଜା ହୋଇ ରହିବେ । ତାଙ୍କ ମୃତ୍ୟୁପରେ ତାଙ୍କ ଉତ୍ତରାଧିକାରୀ ଶାସନର ଅଧି-କାରୀ ହେବେ । ଏହି ଉତ୍ତରାଧିକାରୀ ଯେତେ ଅଜ୍ଞ, ମୂର୍ଖ, ଅଶିକ୍ଷିତ, ଦୁଷ୍ଟ, ଦୁର୍ଦ୍ଧର୍ଷ, ଦୁଷ୍ଚରିତ୍ର, ଦୁରାଗ୍ରହୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, କୁତ୍ସିତ, କୁରୂପ ଏବଂ କୁ-ରୁଚିସମ୍ପନ୍ନ ହେଉ ପଛକେ ସେହି ହିଁ ଶାସକ ହେବ । ରାଜା ସମସ୍ତ ଶକ୍ତିର ଅଧିକାରୀ ଏବଂ ତାଙ୍କଠାରୁ ସମସ୍ତ ଶକ୍ତି (power) ସମ୍ଭୂତ ହୁଏ ବୋଲି ଧାରଣାରେ କାର୍ଯ୍ୟ ହେଉଥିଲା (The king or the ruler is the fountain head of all sources of power) । ରାଜା ଭୁଲ କରନ୍ତି ନାହିଁ ବୋଲି ତତ୍ତ୍ୱ ଗ୍ରହଣ କରାଯାଉଥିଲା (The king commits no error) । ରାଜାଙ୍କୁ ଚଳନ୍ତିବିଷ୍ଣୁ ବୋଲି ବ୍ରାହ୍ମଣ ଏବଂ ତାଙ୍କ ପାରିଷଦମାନେ କହୁଥିଲେ (The king is the moving God) । ଅଷ୍ଟ ଲୋକପାଳ ମଧ୍ୟରୁ ରଜା ଜଣେ ବୋଲି କୁହାଯାଉଥିଲା । ଏହି ଧାରଣା ଏବଂ ମତରେ ଶାସନ ଚଳୁଥିଲା । କିନ୍ତୁ ଆଇନତଃ ସେତେବେଳେ ରାଜାଙ୍କର ଉପରୋକ୍ତମତେ କ୍ଷମତା ନ ଥିଲା ।

Digitized by PPRACHIN, SOA

ବିପ୍ଳବୀ ଚନ୍ଦ୍ରମୋହନ

Digitized by PPRACHIN, SOA

ବ୍ରିଟିଶ ସରକାରଙ୍କଠାରୁ ଯେଉଁ 'ସନନ୍ଦ' ପାଇ ରାଜାମାନେ ରାଜୁତି କରୁଥିଲେ ସେଥିରେ ତାଙ୍କ କ୍ଷମତାର ସୀମା ଥିଲା । ସନନ୍ଦ ବହିର୍ଭୂତ ଶାସନ ଚଳାଇଲେ କୁ ଶାସନ ଦୋଷରେ ଦୁଷ୍ଟ ହୋଇ ଗାଦିରୁ ଅନ୍ତର ହେବାର ସର୍ତ୍ତ ଥିଲା । ସ୍ଥାନେ ସ୍ଥାନେ ଏବଂ ସମୟେ ସମୟେ କୌଣସି କୌଣସି ରାଜାଙ୍କର ରାଜ୍ୟ ଖାସ୍ ହୋଇଯାଉଥିଲା । କିନ୍ତୁ ଏ ସୀମିତ ଶକ୍ତି ପ୍ରଜାମାନଙ୍କୁ ଜଣା ନ ଥିଲା । ଜଣା ଥିଲେ ସୁଦ୍ଧା ରାଜା ରାଜ୍ୟରେ ରହି ରାଜାବିରୋଧରେ କଥା କହିବା ଅର୍ଥ ମୃତ୍ୟୁ-ବରଣ କିମ୍ବା ଦୀର୍ଘ-କାରାବାସ ଭୋଗ କରି ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତି ହରାଇବା । ଅଧିକନ୍ତୁ ପ୍ରିନ୍ସେସ୍ ପ୍ରଟେକ୍ସନ୍ ଆକ୍ଟ (Princes Protection Act) ଅନୁସାରେ ଭାରତ ଭିତରେ କୌଣସି ଅଞ୍ଚଳରେ କୌଣସି ରାଜାଙ୍କର କେହି କୁତ୍ସାରଟନା କଲେ ଦଶବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ ଦଣ୍ଡ ଭୋଗ ବ୍ୟବସ୍ଥା ଥିବାରୁ ରାଜାଙ୍କ ଅତ୍ୟାଚାର ବିରୋଧରେ ରାଜା-ରାଜ୍ୟ ଭିତରେ କିମ୍ବା ବାହାରେ ରାଜ୍ୟର କିମ୍ବା ବାହାରର ଲୋକେ ସମାଲୋଚନା କରିବାକୁ ଭୟ କରୁଥିଲେ । ସବୁଠାରୁ ବେଶି ଦୁଃଖ ଏବଂ ହତାଶାର କଥା ଯେ, ବାହାରର ବଡ଼ ବଡ଼ ଓକିଲ, ବାରିଷ୍ଟର ଏବଂ କବି, ଲେଖକ, ଗାୟକ, ଚିତ୍ରକର, ନର୍ତ୍ତକ ଓ ପରିବ୍ରାଜକମାନେ ରାଜା-ମହାରାଜାଙ୍କଠାରୁ ଅର୍ଥ-ଅଭ୍ୟର୍ଥନା ପାଇ ସେମାନଙ୍କର ଭୂୟସୀ ପ୍ରଶଂସା କରି ତାଙ୍କ ଦୋଷ-ଦୁର୍ବଳତା ଏବଂ ଅଶାସନ ଓ କୁଶାସନକୁ ଘୋଡ଼ାଇ ଦେଉଥିଲେ କିମ୍ବା ଲଘବ କରୁଥିଲେ । ଆଉ ମଧ୍ୟ ସନନ୍ଦ ଅନୁସାରେ କୁଶାସନ ନିମନ୍ତେ ରାଜାଙ୍କୁ ଦଣ୍ଡ ଦେବାକୁ ବ୍ରିଟିଶ ସରକାର ଆଗଭର ନ ହୋଇ ବରଂ ଉଦାସୀନ ରହୁଥିଲେ; ଯେହେତୁ ରାଜା ମହାରାଜାମାନେ ଭାରତରେ ବ୍ରିଟିଶ ଶାସନର ଏକାନ୍ତ ପୃଷ୍ଠପୋଷକ ଥିଲେ । ତେଣୁ ରାଜା-ମହାରାଜାଙ୍କର ବାହ୍ୟତଃ ଏବଂ ବସ୍ତୁତଃ ଅଖଣ୍ଡ-ଚକ୍ରବର୍ତ୍ତୀ କ୍ଷମତା, ଅଧିକାର, ଆସନ ଓ ପଦମର୍ଯ୍ୟାଦା ବୋଲି ଜନତାର ଧାରଣା ଉପରୋକ୍ତମତେ ପ୍ରଚାରିତ ହେଉଥିଲା । ଅଜ୍ଞତା, ଭୟ, ଭ୍ରାନ୍ତି ଏବଂ ଆପଦ-ବିପଦ କାରଣରୁ ଲୋକେ ରାଜାମାନଙ୍କର ରାଜନୈତିକ ଆସନକୁ ଆହ୍ୱାନ ନ କରି ସହିଯାଉଥିଲେ । ଆଜିକାଲି ପରି ଲୋକମତ ବା ଗଣତନ୍ତ୍ର ବା ଦଳଗତ ଶାସନର ନାମ-ଗନ୍ଧ ନ ଥିଲା । କଂଗ୍ରେସ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନ ଫଳରେ କେତେକ ଷ୍ଟେଟରେ ରାଜାମାନେ ନାମକୁ ମାତ୍ର ଷ୍ଟେଟ-ପରାମର୍ଶଦାତା-କାଉନ୍‌ସିଲ ଗଠନ କରି ବାହାର ଦୁନିଆକୁ

Digitized by PPRACHIN, SOA

ଏବଂ ରାଜନୈତିକ ବିଭାଗକୁ ଠିକ ଦେଉଥିଲେ । ରାଜାମାନେ ଏହିପରି ଠିକ ଦିଅନ୍ତୁ ବୋଲି ବ୍ରିଟିଶ ସରକାରଙ୍କର ମତ ଥିଲା । ପ୍ରତ୍ୟକ୍ଷ ବ୍ରିଟିଶ ଶାସିତ ଅଞ୍ଚଳରେ ସୀମିତ ପରିମାଣରେ କ୍ଷମତା ଦେଇ ଜିଲ୍ଲା ଏବଂ ଲୋକାଲ-ବୋର୍ଡ଼ ସ୍ଥାପନ କରାଯାଇଥିଲା ।

ତାତ୍‌କାଳୀକ ଶାସନତାନ୍ତ୍ରିକ ଅବସ୍ଥା ଓ ଅମାନୁଷିକ ଅତ୍ୟାଚାର

ଶାସନତାନ୍ତ୍ରିକ ଅବସ୍ଥା ସାମାଜିକ ଓ ରାଜନୈତିକ ଅବସ୍ଥାର ଛାୟା ଏବଂ ପ୍ରତୀକ ମାତ୍ର ଥିଲା । ସାମାଜିକ ଏବଂ ରାଜନୈତିକ ଆସନରେ ଥାଇ କର୍ତ୍ତୃପକ୍ଷ ଜନତାକୁ ଶୋଷଣ-ପେଷଣ କରିବାରେ ଯେଉଁ ପରିମାଣରେ ସୁବିଧା, ସୁଯୋଗ ପାଆନ୍ତି, ଶାସନ କ୍ଷେତ୍ରରେ ଅବସ୍ଥାପିତ ହୋଇ ତଦପେକ୍ଷା ଅଧିକତର ପରିମାଣରେ ପ୍ରତ୍ୟକ୍ଷ ଭାବେ ଉତ୍ପୀଡ଼ନ-ନିଷ୍ପୀଡ଼ନ, ଅନ୍ୟାୟ-ଅତ୍ୟାଚାର ଏବଂ ହାଇରାଣ ହରକତ କରିବାକୁ ଅବକାଶ ପାଆନ୍ତି । ତେଣୁ ସେ ସମୟରେ ଶାସକବୃନ୍ଦ ପ୍ରଜାକୁଳକୁ, ବିଶେଷତଃ ରାଜା-ଜମିଦାର ଏବଂ ଶାହା-ବାଦଶାହଙ୍କ ରାଜ୍ୟର ରୟତ ପ୍ରଜାଙ୍କୁ ସର୍ବତୋଭାବେ ଶୋଷଣ ପେଷଣପୂର୍ବକ ଦମନ, ପଦ ଦଳନ ଏବଂ ଲାଞ୍ଛନା ମର୍ଦ୍ଦନ କରୁଥିଲେ । ବେଠି, ଭେଟି, ବେଗାରି, ମାଗଣ, ରସଦ ଏବଂ ସଞ୍ଜା-ପଞ୍ଜା-ଭାତସୁଆ ଇତ୍ୟାଦି ଅନ୍ୟାୟ ଅତ୍ୟାଚାର କରି ଅସୁଲ କରୁଥିଲେ । ଏ ସମ୍ପର୍କରେ ପ୍ରଜାଙ୍କ ନିମନ୍ତେ ନିର୍ଦ୍ଦେଶାତ୍ମକ ମତ ଥିଲା 'ଛାଡ଼ ପିତୃ-କାର୍ଯ୍ୟ, କର ରାଜ-କାର୍ଯ୍ୟ ।' ଏସବୁ ଅସୁଲ ଏବଂ ହାସଲ କରିବାରେ ପ୍ରଜାଙ୍କ ଉପରେ ଅକଥନୀୟ ଅମାନୁଷିକ ଅନ୍ୟାୟ, ଅତ୍ୟାଚାର, ତାଗିଦ, ଧମକ, ଚମକ, ମାଡ଼, ବେତ-ପ୍ରହାର, ବୁଟ(boot)-ପଦାଘାତ ଇତ୍ୟାଦି ପ୍ରୟୋଗ କରାଯାଉଥିଲା । ବ୍ରିଟିଶ ଶକ୍ତିର ବାହୁଛାୟା ତଳେ ଆଶ୍ରୟ ନେଇ ରାଜା ଓ ଜମିଦାରମାନେ ପ୍ରଜାଙ୍କ ଉପରେ ଦୁରାଚାର, ଭ୍ରଷ୍ଟାଚାର ଏବଂ ବ୍ୟଭିଚାର ଚଳାଉଥିଲେ । ସେମାନେ ପ୍ରଜାଙ୍କ ଧନ, ଜନ, ଜୀବନ, ମାନ, ମହତ୍ତ୍ୱ ଏବଂ ଇଜ୍ଜତ ହରଣ କରୁଥିଲେ । ମାନବିକତାର ସ୍ଥାନ ନ ଥିଲା; ଦାନବିକତାର ତାଣ୍ଡବଲୀଳା ପ୍ରାଧାନ୍ୟଲାଭ କରୁଥିଲା । (ଉପରେ ବେଠି, ଭେଟି ଇତ୍ୟାଦି ଯେଉଁ ଶବ୍ଦ ବ୍ୟବହାର କରାଗଲା ତାର ପରିସର ଏବଂ

Digitized by PPRACHIN, SOA

ଅର୍ଥ ସାଧାରଣ ଅଭିଧାନରେ ନ ଥିବ କିମ୍ବା ଆଜକାଲିର ପାଠୁଆ ଲୋକେ ତାହା ବୁଝିପାରିବେ ନାହିଁ ବୋଲି ମୋର ସନ୍ଦେହ । ଆମେ ତାହା ଭୋଗ କରିଛୁ, ତାର ଶିକାର ହୋଇ ମାଡ଼ ଖାଇଛୁ) । ୟୁରୋପରେ ମଧ୍ୟ-ଯୁଗୀୟ (mediaeval-age) ଅନ୍ୟାୟ-ଅତ୍ୟାଚାର ଏବଂ ଶୋଷଣ-ପେଷଣ ଯାହା ଥିଲା, ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକ ପର୍ଯ୍ୟନ୍ତ ଓଡ଼ିଶା ତଥା ଭାରତର ଅନ୍ୟାନ୍ୟ ଅଞ୍ଚଳର ଗଡ଼ଜାତର ପ୍ରଜାମାନେ ତାହା ଭୋଗ କରିଛନ୍ତି ।

ମୁଁ ଏଠାରେ ୟୁରୋପର ମଧ୍ୟ-ଯୁଗୀୟ ରାଜା-ଜମିଦାରଙ୍କର ତାଙ୍କ ପ୍ରଜାଙ୍କ ଉପରେ ଅତ୍ୟାଚାର ଏବଂ କୃଷୀ ଓ କୃଷକଙ୍କ ପ୍ରତି ଆଭିମୁଖ୍ୟର ଗୋଟିଏ ଦୁଇଟି ଘଟଣାର ଉଦାହରଣ ଦେଉଛି । ତାହା ନିମ୍ନ ପ୍ରକାର ଅଟେ । ଥରେ ଅଷ୍ଟ୍ରିଆର ଜମିଦାର (noble)ମାନଙ୍କର ଏକ ଗୃହ ଭୋଜିରେ ଜଣେ ଜମିଦାର ଅନ୍ୟ ଜଣେ ଜମିଦାରଙ୍କୁ ପଚାରିଲା, 'ତୁମେ ଜଣେ ପ୍ରଜାଙ୍କୁ (ରୟତ-tenant) ଜୀବନରେ ମାରିଦେଲେ ତୁମ ମନରେ କଣ ବିକାର ହୁଏ ?' ଉତ୍ତରରେ ଦ୍ୱିତୀୟ ଜମିଦାର କହିଲା, 'to kill a peasant is to kill a bug' । ଅର୍ଥାତ୍ ଜଣେ ପ୍ରଜା ବା ରୟତକୁ ଜୀବନରେ ମାରି-ଦେଲେ ମନରେ କିଛି ବିକାର ହୁଏ ନାହିଁ । ଗୋଟାଏ ଓଡ଼ଶ ବା ଗୁର-ପୋକ ମାରିଦେଲେ ମନରେ ଯେପରି କିଛି ବିକାର କିମ୍ବା ଅନୁତାପ ହୁଏ ନାହିଁ ବରଂ ଆଶ୍ୱସ୍ତି ଆସେ ସେହିପରି ଗୋଟାଏ ମନୁଷ୍ୟ (ପ୍ରଜା-ରୟତ-tenant) ମାରିଦେଲେ ମନରେ କିଛି ବିକାର ନ ହୋଇ ବରଂ ଆଶ୍ୱସ୍ତି ଆସେ । ଏହାର ଅର୍ଥ ସେମାନେ ମନୁଷ୍ୟକୁ ପୋକ-ମାଛି ଦୃଷ୍ଟିରେ ଦେଖୁଥିଲେ । ସେହି ମଧ୍ୟ-ଯୁଗରେ ମଧ୍ୟ-ୟୁରୋପରେ ହଙ୍ଗେରୀର ଜଣେ ପ୍ରଜା ଜମି-ଖଜଣା (ରାଜସ୍ୱ) ଦେଇ ନ ପାରିବାରୁ ରଜା ତାକୁ ଅଦାଲତକୁ ଡକାଇ ଖଜଣା ଦେବାକୁ ବାଧ୍ୟ କଲେ । ପ୍ରଜା ଖଜଣା ଦେଇପାରିବ ନାହିଁ ବୋଲି କହିବାରୁ ରଜା ତାକୁ ଫାଶୀ ହୁକୁମ ଦେଲେ । ପ୍ରଜାଟି ଫାସୀଖୁଣ୍ଟରେ ଝୁଲିବା ପୂର୍ବରୁ ରଜାଙ୍କୁ କିଛି କହିବା ପାଇଁ ଅନୁମତି ମାଗିଲା । କହିବା ପାଇଁ ରଜା ଅନୁମତି ଦେଲେ । ଫାସୀ ପାଇବାକୁ ହୁକୁମ ପାଇଥିବା ପ୍ରଜାଟି କହିଲା, "ହଜୁର ! ସପ୍ତାହରେ ୭ ଦିନ । ସେଥିରୁ ପ୍ରଥମ ୪ ଦିନ ମୁଁ (ପ୍ରଜା) ହଜୁରଙ୍କର କ୍ଷେତରେ ବେଠିରେ କାମ କରେ । ୫ମ ଦିନଟି ମଣିମାଙ୍କର ପାରଧିରେ (ଶୀକାରରେ)

Digitized by PPRACHIN, SOA

ବେଠି ଖଟନ୍ତି । ୬ଷ୍ଠ ଦିନ ଗ୍ରାମ୍ୟମୁଖ୍ୟଙ୍କର ମାଛ ଧରିବା ଓ ମାରିବା କାର୍ଯ୍ୟରେ ବେଗାରି କରେ । ୭ମ ଦିନ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ଚର୍ଚ୍ଚକୁ (ଗିରିଜା) ଯାଇ ଉପାସନା କରେ । ତେଣୁ ମୁଁ ସମସ୍ତ କେତେବେଳେ ପାଇଲି ଯେ, ରୋଜଗାର କରି ନିଜକୁ ଏବଂ କୁଟୁମ୍ବକୁ ପୋଷି ହଜୁରଙ୍କର ଖଜଣା ଦେବି ? ଖାଦ୍ୟ ବିହୁନେ ତ କୁଟୁମ୍ବ ମରୁଛନ୍ତି । ତହିଁରେ ପୁଣି ଖଜଣା ଦେଇନପାରିବାରୁ କର୍ମଚାରୀଙ୍କଦ୍ୱାରା ଦୈନିକ ମାଡ଼ ଖାଇ, ଇଜ୍ଜତ ହରାଇ ଜୀବନ୍ମୃତ ଅବସ୍ଥାରେ ଅଛି । ଆଜି ହଜୁର୍ ଫାଶୀ ହୁକୁମ ଦେଇ ମୋତେ ମାରିବେ, ମାରନ୍ତୁ । ମୁଁ ଚିରଶାନ୍ତି ଭୋଗ କରିବି । ହଜୁରଙ୍କର ପ୍ରଜା ହୋଇ ସର୍ବଦା ମାଡ଼ ଗାଳି ଖାଇ ପ୍ରତି ମୁହୂର୍ତ୍ତରେ ମରିବା ଅପେକ୍ଷା ଥରେ ମରି ଶାନ୍ତି ଭୋଗ କରିବା ଶ୍ରେୟସ୍କର ।" ଏତେ କହିଲେ ସୁଦ୍ଧା ରଜାଙ୍କର ଦୟା ହେଲା ନାହିଁ । ସେ କୃଷକ ଫାଶୀ ପାଇଲା । କିନ୍ତୁ ଉକ୍ତ କୃଷକ ଏପରି ବ୍ୟବସ୍ଥା କରିଥିଲା ଯେ, ସେ ଏଣେ ଫାଶୀ ପାଇବା ସଙ୍ଗେ ସଙ୍ଗେ କୁଟୁମ୍ବର ଅନ୍ୟ ବ୍ୟକ୍ତିମାନେ ବିଷ ଖାଇ ପ୍ରାଣ ହରାଇଲେ ।

ମଧ୍ୟ-ୟୁରୋପରେ ମଧ୍ୟ-ଯୁଗୀୟ ଅବସ୍ଥା ଯାହା ଥିଲା ଊନବିଂଶ ଶତାବ୍ଦୀ ଏବଂ ବିଂଶ ଶତାବ୍ଦୀର ୩ୟ ଦଶକ ପର୍ଯ୍ୟନ୍ତ ଆମ ଓଡ଼ିଶା ତଥା ଭାରତରେ କେତେକ ଗଡ଼ଜାତରେ ଊଣା ଅଧିକେ ତାହା ଥିଲା । ବେଠି, ଭେଟି, ବେଗାରି, ମାଗଣ, ରସଦ ଓଗେରରେ ପ୍ରଜା ଏପରି ଶୋଷିତ ଏବଂ ଅତ୍ୟାଚାରିତ ହେଉଥିଲେ ଯେ, ବର୍ତ୍ତମାନର ଯୁବକମାନେ ତାହା କଳ୍ପନାକୁ ଆଣିପାରିବେ ନାହିଁ । ସବୁଠାରୁ ବଳି କୃଷକର ଅବସ୍ଥା ଅତି ଦୁଃଖମୟ ଏବଂ ଶୋଚନୀୟ ଥିଲା । ରଜା-ଜମିଦାରଦ୍ୱାରା ସୁରକ୍ଷିତ ଏବଂ ସଂରକ୍ଷିତ ବନ୍ୟ ଜୀବଜନ୍ତୁ ସମସ୍ତ ଫସଲ ନଷ୍ଟ କରି ଦିଅନ୍ତି । ହିଂସ୍ରଜନ୍ତୁ, ଯଥା : ବାଘ, ଚିତାବାଘ, ବୃଣ୍ଡାଳ ଏବଂ ସିଂହ ଇତ୍ୟାଦି ମଣିଷ, ଗୋରୁ, ମଇଁଷି, ଛେଳି, ମେଣ୍ଢା ପ୍ରଭୃତି ଖାଇଯାଆନ୍ତି । ତେଣୁ ଫସଲ ଉତ୍ପାଦନ କମ ହୁଏ । ଏଣେ କୃଷି ଉତ୍ପନ୍ନ ଜିନିଷର ଦରଦାମ ଅତି କମ୍ ଥିବାରୁ ପ୍ରଜା କୃଷିରୁ ଯାହା ପାଏ ବିହନ ରଖି ଏବଂ ଋଣ-କରଜ ପରିଶୋଧ କରିସାରିଲା ପରେ ଆଉ କିଛି ବଳେ ନାହିଁ । ତେଣୁ ଖାଇବ କଣ ? କଣ ବିକ୍ରୀ କରି ଖଜଣା, କର, ଟିକସ, ମାଗଣ, ରସଦ ଓଗେର ରଜାକୁ ଦେବ ? ମୁଁ ଜାଣେ ଏବଂ ଜଣେ କୃଷୀ ହିସାବରେ ବିକ୍ରୀ କରିଛି ଓ କର୍ମଚାରୀ ହିସାବରେ ଖରିଦ

Digitized by PPRACHIN, SOA

କରିଛନ୍ତି ଯେ ୧୯୨୫ ଠାରୁ ୧୯୩୭ ପର୍ଯ୍ୟନ୍ତ ଦର ଟଙ୍କାରେ ଚାଉଳ ୩୫।୪୦ ସେର, ଡାଲି ୨୦।୨୨ ସେର, ତେଲ ୫।୬ ସେର, ଗୁଡ଼ ୩୦।୩୨ ସେର ଏବଂ ଘିଅ ଦେଢ଼ ସେର ଥିଲା । ପନିପରିବା ଏବଂ ଶାକଶବ୍ଜି ତ କେହି କିଣୁ ନ ଥିଲେ । କୃଷି ଉତ୍ପନ୍ନ ଜିନିଷର ମୂଲ୍ୟ କିଛି ନ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଣେ ରାଜଦେୟ ଅର୍ଥାତ୍ ପୂର୍ବବର୍ଣ୍ଣିତ କର ଖଜଣା ଓଗେର ବର୍ତ୍ତମାନଠାରୁ ବହୁ ଗୁଣେ ଅଧିକ ଥିଲା; ଯେହେତୁ ଅଧୁନା ବହୁତ ଅନ୍ୟାୟ ଦେୟ ଉଠାଇ ଦିଆହୋଇଛି ଏବଂ ଖଜଣା ମଧ୍ୟ ଉଠିଯାଇଛି ।

ଉପରୋକ୍ତ କାରଣମାନଙ୍କରୁ ପ୍ରଜାମାନେ ରାଜା-ମହାରାଜାଙ୍କର କର, ଖଜଣା, ମାଗଣ, ରସଦ ଦେଇପାରିଲେ ନାହିଁ । ରାଜ-ଜମିଦାରୀ କର୍ମଚାରୀବୃନ୍ଦ ଗାଁଏ ଗାଁଏ ଘରେ ଘରେ ପଶି ରାଜସ୍ୱ ଦେଇପାରୁନଥିବା ପ୍ରଜାଙ୍କୁ ବାନ୍ଧି ଆଣି ବୈଶାଖ ଜ୍ୟେଷ୍ଠ ମାସରେ ତାତିଲା ବାଲିରେ ଏକ ଗୋଡ଼ (ଗୋଟାଏ ଗୋଡ଼ରେ) ଠିଆ କରାଇ ମୁଣ୍ଡରେ ଗୋଟାଏ ବଡ଼ ତାତିଲା ପଥର ଏବଂ ଦୁଇ ହାତରେ ଦୁଇଟା ତାତିଲା ପଥର ଧରାଇ ଆଗୁଳାଇ ଦେଉଥିଲେ । ସମୟେ ସମୟେ ତାତିଲା ବାଲିରେ ଅଡ଼େଇ ଫୁଟ ଉଚ୍ଚରେ ଗୋଟାଏ ଧଡ଼ା ବାନ୍ଧି ଉକ୍ତ ଧଡ଼ାରେ ପ୍ରଜାର ଗୋଟାଏ ଗୋଡ଼ ଛନ୍ଦି ହାତ-ମୁଣ୍ଡରେ ତାତିଲା ପଥର ଧରାଇ ଠିଆ କରାଉଥିଲେ । ଏକ-ଗୋଡ଼ ଠିଆ ବେଳେ ଦ୍ୱିତୀୟ ଗୋଡ଼ରେ ଠିଆ ହେଲେ କିମ୍ବା ଧଡ଼ାରୁ ଗୋଡ଼ ଖସିପଡ଼ିଲେ ଏବଂ ହାତ-ମୁଣ୍ଡରୁ ପଥର ଖସିଲେ ରାଜ କର୍ମଚାରୀମାନେ ବାଉଁଶ ଠେଙ୍ଗାରେ ନିର୍ଘୁମ ମାଡ଼ ଦେଉଥିଲେ । ପୌଷ-ମାଘ ମାସରେ ସନ୍ଧ୍ୟାରେ ପ୍ରଜାଙ୍କୁ ପାଣିରେ ବୁଡ଼ାଇ ଅତି ଶୀତ କଷ୍ଟଦେଇ ଖଜଣା ଅସୁଲ କରିବା ନିମନ୍ତେ କୁଲା-ବା ମାରୁଥିଲେ (fanning with winow) ।

ଏତେ ଅତ୍ୟାଚାର ସତ୍ତ୍ୱେ ପ୍ରଜା ଭୂ-ରାଜସ୍ୱ ବା ଖଜଣା ଓଗେର ଦେଇ ନ ପାରିଲେ କର୍ମଚାରୀମାନେ ଘରେ ପଶି ସୁନା-ରୂପା, ଗହଣାଗାଣ୍ଠି ନେଇଯାଇ କେତେକ ନିଜେ ଆତ୍ମସାତ୍ କରୁଥିଲେ ଏବଂ ଅନ୍ୟ କେତେକ ରାଜା ବା ତାଙ୍କ ପୁଅ ଭାଇଙ୍କୁ ଦେଇ ଗୋରୁ-ମଇଁଷି ନାମକୁ ମାତ୍ର ଅଳ୍ପ ଟଙ୍କାରେ ନିଲାମ କରି ନିଜେ ନେଉଥିଲେ କିମ୍ବା ନିଜ ପ୍ରିୟ ଲୋକଙ୍କୁ ଦେଉଥିଲେ । ଖଜଣା ଅସୁଲ ଉଦ୍ଦେଶ୍ୟରେ ରାଜକର୍ମଚାରୀମାନେ ଗ୍ରାମକୁ ଆସିଲେ

Digitized by PPRACHIN, SOA

ଘରେ ଅତି ବୁଢ଼ାବୁଢ଼ୀ ଏବଂ ଛୋଟ ପିଲାଙ୍କୁ ଛାଡ଼ିଦେଇ କୌଣସି କୌଣସି ଗ୍ରାମରେ ପ୍ରଜା ଜଙ୍ଗଲକୁ ପଳାଇଯାଉଥିଲେ । ଖଜଣା ଏବଂ କର-ରସଦ ଅସୁଲରେ ଏହିପରି ଅତ୍ୟାଚାର । ଅବଶ୍ୟ ପୂର୍ବୋକ୍ତ ମଧ୍ୟ-ଯୁଗୀୟ ମଧ୍ୟ-ୟୁରୋପୀୟ ରାଜା-ଜମିଦାରଙ୍କ ସଦୃଶ ଭାରତୀୟ ରାଜାମହାରାଜା ଏବଂ ଜମିଦାର-ଜାଗିରଦାରମାନେ ଖଜଣା ଦେଇପାରିନଥିବା କୌଣସି ପ୍ରଜାଙ୍କୁ ମାରିଦେବାର କିମ୍ବା ଜେଲ ଦେବାର ଖବର ମୁଁ ପାଇପାରିଲି ନାହିଁ । କିନ୍ତୁ ବେଠି, ବେଗାରି କରିବାକୁ ଅନିଚ୍ଛା ପ୍ରକାଶ କିମ୍ବା ପ୍ରତିବାଦ କରିବାରୁ କୌଣସି କୌଣସି ରାଜ୍ୟର ରାଜ-କର୍ମଚାରୀ ପ୍ରତିବାଦକାରୀ ପ୍ରଜାଙ୍କୁ ଅତ୍ୟଧିକ ମାଡ଼ ଦେବାରୁ ମରିଯାଇଥିବାର ଖବର ଯଥେଷ୍ଟ ଅଛି ।

ବର୍ତ୍ତମାନ ମୁଁ ଅତି ସଂକ୍ଷେପରେ ବେଠି, ଭେଟି, ମାଗଣ, ରସଦ ଉପରେ କଥା କହୁଛି । ପୂର୍ବେ ଉଲ୍ଲେଖ କରିଛି ଯେ, ନୀତି ଥିଲା, 'ଛାଡ଼ ପିତୃ-କାର୍ଯ୍ୟ, କର ରାଜ-କାର୍ଯ୍ୟ' । ବାସ୍ତବିକ ଆମେ ଏହା କରୁଥିଲୁ । କାହାର ପିତାମାତା ମରି ପଡ଼ିଛନ୍ତି ତ କିମ୍ବା କାହା ଘରେ ଶୁଦ୍ଧି-ଦଶାହ-ଶ୍ରାଦ୍ଧ ଦିବସ ପଡ଼ିଛି ତ ସେ ପ୍ରଥମେ ରାଜା-ଜମିଦାରଙ୍କର ବେଠି-ବେଗାରି କରିବ କିଁ କରିବ । ସେ ନିଜେ ଉକ୍ତ ରାଜ-କାର୍ଯ୍ୟ କରିବାକୁ ଯାଇ ନ ପାରିଲେ ମୂଲିଆ ଦେବାକୁ ବାଧ୍ୟ । ଗରିବ ଲୋକ ମଧ୍ୟ କରଜ କରି ମୂଲିଆ-ଦ୍ୱାରା ବେଠି-କାର୍ଯ୍ୟ କରିବାକୁ ବାଧ୍ୟ, ଯଦି ପିତୃ-ମାତୃ ଶୁଦ୍ଧି-ଶ୍ରାଦ୍ଧ କାର୍ଯ୍ୟ-ବଶତଃ ସେ ରାଜ-କାର୍ଯ୍ୟକୁ ନିଜେ ଯାଇପାରୁନାହିଁ । ରାଜକାର୍ଯ୍ୟର ବ୍ୟବସ୍ଥା ସରିଲେ ଶ୍ରାଦ୍ଧ କିମ୍ବା ଶୁଦ୍ଧି କାର୍ଯ୍ୟ କରିବ । ରାଜା, ରାଜବଂଶ ଏବଂ ରାଜ-ସରକାରଙ୍କର ଯେତେ କାର୍ଯ୍ୟ ସେଥିରୁ ଅଧିକାଂଶ ବେଠିରେ କରାଯାଉଥିଲା । ଲୋକେ ପାଳିକରି, ନିଜ ହାତରୁ ଖାଇ, ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦେଶିତ ପ୍ଲାନ-ଯୋଜନା ଅନୁସାରେ ଏହା କରୁଥିଲେ । ସରକାରୀ ଘର, କୋଠାବାଡ଼ି, ପୋଲ-ସଡ଼କ, ହାଣ୍ଡିଖେଦା, ଘରର ଚୌହଦ୍ଦି ପାଚେରି, ରଜାଙ୍କ ଖମାରର ଜମି ତିଆରି ଓ କୃଷି ଉପରେ ପ୍ରଜାମାନେ ବେଠିରେ ନିର୍ମାଣ ଏବଂ ମରାମତି କରୁଥିଲେ । ନଡ଼ା, ଛଣ, କାଠ, ବାଉଁଶ, ପଥର, ଚୂନ ଉପରେ ନିଜ ହାତରୁ ଦେବାକୁ ପଡ଼ୁଥିଲା । ରାଜା, ରାଜବଂଶୀୟ ବ୍ୟକ୍ତି ଓ ସେମାନଙ୍କ ବନ୍ଧୁବାନ୍ଧବ, ବଡ଼ ବଡ଼ କର୍ମଚାରୀ ଏବଂ ସାହେବ ଓ ରାଜ-ଅତିଥିମାନଙ୍କ

Digitized by PPRACHIN, SOA

ଶିକାର ଉଦ୍ଦେଶ୍ୟରେ ଯେଉଁ ଆଡ଼ ବା ହାକା (drive) କରାଯାଉଥିଲା, ଅଞ୍ଚଳସ୍ଥ ପ୍ରଜାମାନେ ନିଜ ହାତରୁ ଖାଇ ପୂର୍ବଦିନ ରାତିରୁ ଜନ୍ତୁମାନଙ୍କୁ ଘେରରେ ପକାଇ ଜଗି ରଖିଥିବେ ଏବଂ ବାଣୁଆ (ଶିକାରୀ) ଆସିଲେ ଜନ୍ତୁଙ୍କୁ ହାଙ୍କିବେ (drive)। ରଜା-ଜମିଦାର ଘରର ହାତୀ-ଧରା ବଡ଼ ଅତ୍ୟାଚାରପୂର୍ଣ୍ଣ ଅଟେ। ସାଧାରଣତଃ କାର୍ତ୍ତିକ-ମାର୍ଗଶୀର ମାସରେ ଧାନ ଅଧା ପାଚି ଆସିଲାବେଳକୁ ହାତୀମାନେ ପଲ ବାନ୍ଧି ଧାନ ଖାଇବା ନିମନ୍ତେ ଘନ ଅରଣ୍ୟରୁ ବସତି ନିକଟକୁ ଆସନ୍ତି। ରଜା, ଜମିଦାର ସାହେବ ଏବଂ ବାବୁଭୟାମାନେ ହାତୀଧରାକୁ ତାଙ୍କର ଏକ ମଉଜ-ମଜଲିସର ଖେଳ ବୋଲି ଭାବନ୍ତି। କିନ୍ତୁ ସେମାନଙ୍କର ଏ ଖେଳ ପ୍ରଜାଙ୍କର କାଳ ହୁଏ। କାର୍ତ୍ତିକ-ମାର୍ଗଶିର ମାସରେ ପ୍ରଜାମାନେ ତାଙ୍କର ପାଚିଲା ଏବଂ ଅର୍ଦ୍ଧ-ପାଚିଲା ଧାନକୁ ଘୁଷୁରି, ବନ୍ୟଜନ୍ତୁ ଏବଂ ହାତୀ ମୁହଁରେ ପକାଇ ଦେଇ ଏଣେ ଅସ୍ୱାସ୍ଥ୍ୟକର ଝାଡ଼-ଜଙ୍ଗଲରେ ଶୀତ, କୁହୁଡ଼ି, କାକର-ଶିଶିରରେ ହାତୀଖେଦା ଏବଂ ମୋର୍ଚ୍ଚା ତିଆରରେ ଲାଗନ୍ତି, କର୍ମଚାରୀଙ୍କ ରହିବା ନିମନ୍ତେ ଅସ୍ଥାୟୀ ଘର ନିର୍ମାଣ କରନ୍ତି, ରାତି ତମାମ ଅନିଦ୍ରା ରହନ୍ତି, ଶୋଇ ପଡ଼ିଲେ ଦଣ୍ଡ ଦେଉଥିବା କର୍ମଚାରୀଙ୍କ ବୁଟ୍ ଗୋଇଠାର ଘାଣ୍ଟ ହୁଅନ୍ତି, ନିଜ ହାତରୁ ଖା'ନ୍ତି କିମ୍ବା ଉପବାସ ରହନ୍ତି। ଏ କାର୍ଯ୍ୟ ପ୍ରାୟ ମାସେ ଦୁଇ ମାସ ଲାଗେ। ରଜା-ମହାରାଜାଙ୍କ ମଙ୍ଗଳାମଙ୍ଗଳ କାର୍ଯ୍ୟ, ଯଥା: ବିବାହ-ବ୍ରତ, ଜୁତକ-ମୃତକ କାର୍ଯ୍ୟରେ ଦିନ ଦିନ ଧରି ନିଜ ହାତରୁ ଖାଇ ବେଠି କରିବା ସଙ୍ଗେ ଉକ୍ତ କାର୍ଯ୍ୟର ଖର୍ଚ୍ଚ ନିମନ୍ତେ ନିର୍ଦ୍ଦିଷ୍ଟ ପରିମାଣରେ ଚାଉଳ, ଡାଲି, ଅଟା, ମଇଦା, ସୁଜି, ଚିନି, ଗୁଡ଼, ନାନା ପ୍ରକାରର ମସଲା, ତେଲ, ଘିଅ, ଦୁଧ, ଦହି, ବୋଦା, ଖାସୀ, କୁକୁଡ଼ା ଇତ୍ୟାଦି ଯୋଗାନ୍ତି। ନ ଯୋଗାଇଲେ ପରିଣତି ମାଡ଼। ତାଳଚେରର ତାତ୍କାଳିକ ପଞ୍ଚାୟୁତ ଶ୍ରୀ ପ୍ରମୋଦଚନ୍ଦ୍ର ଦେବଙ୍କ ମଙ୍ଗଳକୃତ୍ୟବେଳେ ଆମ ଅଞ୍ଚଳରୁ ୮ଟି ମୌଜାର ଲୋକେ ବେଠି କରିବାକୁ ଏବଂ ରସଦ ଯୋଗାଇ-ବାକୁ ପ୍ରତିବାଦ କରିବାରୁ ଯେଉଁ ଚମଡ଼ା-ଉତରା ମାଡ଼ ପ୍ରଜା ଏବଂ ପଧାନମାନଙ୍କୁ ଦିଆହୋଇଛି ତାହା ମୁଁ ନିଜେ ଦେଖିଛି। ତାଳଚେର ରଜାଙ୍କ ଜେମା କୁରୁପମରେ ବିବାହବେଳେ ବହୁ ରଜା ନିମନ୍ତ୍ରିତ ହୋଇ ଆସିଥିଲେ। ତନ୍ମଧ୍ୟରୁ ଦୁଇଜଣ ଥିଲେ ନପୁଂସକ। ପୁଂସତ୍ତ୍ୱ ଫେରାଇ ଆଣିବା ନିମନ୍ତେ ଉକ୍ତ ଦୁଇ ଜଣ ରଜା ପ୍ରତ୍ୟହ ଉଜନ ଉଜନ ଘରଚଟିଆ

Digitized by PPRACHIN, SOA

(sparrow) ଖାଉଥିଲେ । ସେଥିପାଇଁ ଶହେ ଟଙ୍କା ଖଜଣା ଉପରେ ଗୋଟାଏ କରି ଘରଚଟିଆ ରସଦ ଯୋଗାଇବା ନିମନ୍ତେ ହୁକୁମ ହୋଇ-ଥିଲା । ଆମ ଗାଁ ପୋଇପାଳର ୫୦୦ ଟଙ୍କା ଖଜଣା ପାଇଁ ୫ଟି ଚଟିଆ ଜୀଅନ୍ତା ଧରି ଡାଳଚେରର ଟାଣ୍ଡିକୁ ନେବାର ହେଲା । ଚଟିଆ ଧରିବାକୁ ଲୋକେ କୁଣ୍ଠିତ ହେଲେ ; କାରଣ ଚଟିଆ ମାରିଲେ ପେଟବ୍ୟଥା ବେମାରି ହେବ ବୋଲି ପୌରାଣିକ ସାବଧାନତା ଥାଏ । ଏଣେ ଜୀଅନ୍ତା ଚଟିଆ ଭେଟି ନ ଦେଲେ ପ୍ରଜା ମାଡ଼ ଖାଇ ମରିବେ । ପେଟବ୍ୟଥା ବେମାରି ଭୟରେ ଚଟିଆ ଧରିବାକୁ କେହି ରାଜି ହେଲେ ନାହିଁ । ମୋତେ ସେତେ-ବେଳେ ୭।୮ ବର୍ଷ ବୟସ । ମୁଁ ଅଠଣ୍ଡା ପିଲା ଥାଏ । ପକ୍ଷୀ ଧରିବା ଏବଂ ମାଛ ମାରିବା ମୋର ବଡ଼ ସଉକ ଥିଲା । ମୁଁ ୭।୮ଟି ଚଟିଆ ଧରି ଗ୍ରାମ-ବାସୀଙ୍କୁ ଦେଲି । ଅନ୍ୟାନ୍ୟ ରସଦ ସଙ୍ଗେ ଏହି ଚଟିଆମାନଙ୍କୁ ପିଞ୍ଜରାରେ ନେଇ ରାଜନଅରରେ ଦାଖଲ କରାଗଲା । ଅନ୍ୟାନ୍ୟ ଗଡ଼ଜାତରେ ମଧ୍ୟ ଏହିପରି ଉଣା ଅଧିକେ ପ୍ରଥା ଥିଲା ।

ରାଜା କିମ୍ବା ତାଙ୍କ ବଂଶର ଲୋକେ କିମ୍ବା ବ୍ରିଟିଶ ସରକାରଙ୍କ ପଲିଟିକାଲ ଏଜେଣ୍ଟମାନେ ମଫସଲରେ ଗସ୍ତ କଲାବେଳେ କ୍ୟାମ୍ପ ନିର୍ମାଣ ସହ କ୍ୟାମ୍ପର ସମସ୍ତ ଖର୍ଚ୍ଚ ପ୍ରଜାମାନେ ବହନ କରନ୍ତି । ଏହି କ୍ୟାମ୍ପମାନଙ୍କୁ ମଫସଲରୁ ୮।୧୦ ମାଇଲ ବ୍ୟାସାର୍ଦ୍ଧରୁ ସବୁ ଦୁହାଁ ଗାଈ ଦିନେ ଦୁଇଦିନ ପୂର୍ବରୁ ଅଣାଇ ରଖାଯାଏ ଏବଂ ଦୁଧ ଦୁହାଁଯାଏ । ସମୟେ ସମୟେ କ୍ୟାମ୍ପମାନଙ୍କୁ ୫।୭ ମାଇଲ ଦୂରରୁ ନଇ ପାଣି ଆଣି ଯୋଗାଇ ଦିଆଯାଏ । ସାଧାରଣ ଅଫିସରଙ୍କର ଗସ୍ତ ସମୟରେ ସେମାନଙ୍କର ଜିନିଷପତ୍ର (ବିଛଣା ଇତ୍ୟାଦି) ଏକ କ୍ୟାମ୍ପରୁ ଅନ୍ୟ କ୍ୟାମ୍ପକୁ ପ୍ରଜା ବୋହିନିଅନ୍ତି । ଉକ୍ତ ଅଫିସରଙ୍କ ଖାଇବା ପିଇବା ଖର୍ଚ୍ଚ ମଧ୍ୟ ରସଦ ଆକାରରେ ଯୋଗାନ୍ତି । ପାଣି କିମ୍ବା କାଦୁଅ ପଡ଼ିଲେ ଅଫିସରମାନଙ୍କୁ ଦୋଳାରେ କିମ୍ବା ଖଟିଆରେ ବୋହି ନେବାର ମୁଁ ଦେଖିଛି । ବାମଣ୍ଡାରେ (ଦେବଗଡ଼-କୋଚିଣ୍ଡା) ପାତ୍ରୀ ନାମକ ଜଣେ ତହସିଲଦାର ଥିଲେ । ତାଙ୍କ ଗସ୍ତ-କ୍ୟାମ୍ପରେ ପାଇଖାନା ଯିବା ସ୍ଥାନ ସଫା କରାଇ ଲିପା ହୁଏ । ଥରେ ସେ ଉକ୍ତ ଲିପା ହୋଇଥିବା ପାଇଖାନାରେ ଝାଡ଼ା ଫେରିଲାବେଳେ ତାଙ୍କ ପିଛରେ

Digitized by PPRACHIN, SOA

ଗୋଟାଏ ଘାସ ଲାଗିଯିବାରୁ ସେ ବିରକ୍ତ ହୋଇ ଗ୍ରାମର ପଧାନଙ୍କୁ ନିର୍ମମ ମାଡ଼ ଦେଲେ । ଏହା ଏକ ସଠିକ ଘଟଣା ଅଟେ ।

ଉପର ବର୍ଣ୍ଣିତ ବେଠି-ବେଗାରି ଏବଂ ମାଗଣ-ରସଦ ସାଧାରଣ ଅଟେ । ଏହା ବ୍ୟତୀତ ଦଶହରା ଏବଂ ସୁନିଆ ବେଠି-ଭେଟି ଏକ ନିର୍ଦ୍ଦିଷ୍ଟ ଧରା ବନ୍ଧା କର୍ତ୍ତବ୍ୟ ଅଟେ । ଏଥିପାଇଁ ଅର୍ଥ ସହିତ ସମସ୍ତ ପ୍ରକାର ଖାଦ୍ୟ-ପାନୀୟ ଜିନିଷ, ମସଲାପତ୍ର ଏବଂ ପନିପରିବା ପ୍ରଜାମାନେ ନିଜ ଖର୍ଚ୍ଚରେ ରାଜବାଟିରେ ଯୋଗାଇ ଦେଇ ଦଶହରା ଓ ସୁନିଆ ପର୍ବମାନ ଶେଷ ହେବା ପର୍ଯ୍ୟନ୍ତ ବେଠି ଖଟନ୍ତି ।

କୌଣସି ରାଜାଙ୍କର ମର୍ଜି ହେଲା ତ ଅତ୍ୟନ୍ତ ବଡ଼ ବଡ଼ କାର୍ଯ୍ୟ ବେଠିରେ ହାସଲ କରନ୍ତି । ତାଳଚେର ରାଜ-ପ୍ରାସାଦକୁ ସଂଲଗ୍ନ ୩ ମାଇଲ ଲମ୍ବ, ୮।୧୦ ଫୁଟ ଉଚ୍ଚ, ୩୦।୩୫ ଇଞ୍ଚ ମୋଟ ବିଶିଷ୍ଟ ଯେଉଁ ସୁଦୀର୍ଘ ପାଚେରି ନିର୍ମିତ ହୋଇଛି ତାହା ୫।୭ ବର୍ଷ ଲାଗିକରି ପ୍ରଜାମାନେ ବେଠିରେ କରିଥିଲେ । ଢେଙ୍କାନାଳ ଟାଉନ ନିକଟରେ ପାହାଡ଼ ଉପରେ 'ଯତନ୍-ନଗର' ନାମରେ ଯେଉଁ ଅତି ବୃହତ୍ ଅସମାପ୍ତ ହର୍ମ୍ୟ ବା ପ୍ରାସାଦ ବର୍ତ୍ତମାନ ଦୃଶ୍ୟମାନ ହେଉଛି ତାହା ପ୍ରଜାମାନେ ବେଠିରେ ନିର୍ମାଣ କରି-ଥିଲେ । ସେହି ବେଠି ସମ୍ପର୍କରେ କେତେ ଯେ ପ୍ରଜା-ପଧାନ ଅପମାନିତ, ବେଇଜତ ଏବଂ ପ୍ରହାରିତ ହୋଇ କେହି କେହି ମୃତ୍ୟୁବରଣ କରିଛନ୍ତି ତାହା କହିଲେ ସାତ କାଣ୍ଡ ରାମାୟଣ ହେବ । କୌଣସି କୌଣସି ଗଡ଼ଜାତରେ କର୍ମଚାରୀଙ୍କ ବ୍ୟକ୍ତିଗତ କାମ ପ୍ରଜାମାନେ ବେଠିରେ କରିଛନ୍ତି । କଟକ ସମ୍ବଲପୁର ରୋଡ଼ ନିକଟରେ ଥିବା ଢେଙ୍କାନାଳର ତାତ୍କାଳିକ ଜଣେ ପେସ୍କାରଙ୍କର କେତେକ ଜମି ଏହିପରି ବେଠିରେ ତିଆରି ହୋଇଛି । ସେ ଜମି ଆଜି ବିଦ୍ୟମାନ ଅଛି । ଏହି ଜମି ନିର୍ମାଣବେଳେ ଲୋକେ କାନ୍ଦି କାନ୍ଦି ମାଟି ଖୋଳିବା ଏବଂ ରମ୍ଭା ମାଡ଼ିବା ଦୃଶ୍ୟ ମୁଁ ଆଖିରେ ଦେଖିଛି । ଉକ୍ତ ଢେଙ୍କାନାଳର ପରଜଙ୍ଗ ନିକଟସ୍ଥ ଯେଉଁ 'ମେଣ୍ଢା ପଦା ଘାଇ' (ଏକ କ୍ଷୁଦ୍ର ଜଳସେଚନ ଯୋଜନା ବା minor irrigation) ନିର୍ମିତ ହୋଇଛି, ତାହା ମଧ୍ୟ ବେଠିରେ ଖୋଦିତ । ଏହି ଯୋଜନା ତିଆରି ବେଳେ ପ୍ରଜାଙ୍କ ଉପରେ ଅକଥନୀୟ ଏବଂ କାହା କାହା ପ୍ରତି ଅତି ଅଶ୍ଳୀଳ

Digitized by PPRACHIN, SOA

ଅତ୍ୟାଚାରର କରାଯାଇଥିଲା । ତାଳଚେରର ଅର୍ଜୁନ କଣ୍ଠା ବା ସାଗର ପ୍ରଜାଙ୍କୁ ମାରିପିଟି ବେଠିରେ କରାଯାଇଥିଲା । ପୂର୍ବତନ ବାମଣ୍ଡା ରାଜ୍ୟର (ବର୍ତ୍ତମାନର ଦେବଗଡ଼-କୋଚିଣ୍ଡା ସବ୍‌ଡିଭିଜନ) ଦେବଗଡ଼ଠାରେ ପାହାଡ଼ ଉପରେ 'ବସନ୍ତ-ନିବାସ' ଓ 'ଲଳିତ-ବସନ୍ତ' ନାମକ ଯେଉଁ ଦୁଇଟି ସୁରମ୍ୟ ପ୍ରାସାଦ ରାଜ-ଉପଭୋଗ ପାଇଁ ନିର୍ମିତ ହୋଇ ଆଜି ଡାକ-ବଙ୍ଗଳା, (Inspection bungalow) ରୂପେ ବ୍ୟବହୃତ ହେଉଛି ସେ ଦୁଇଟି କୋଠା ଘରକୁ ବାମଣ୍ଡାର ପ୍ରଜାମାନେ ୫୦ ବର୍ଷ ପର୍ଯ୍ୟନ୍ତ ନିଜ ହାତରୁ ଖାଇ ପାହାଡ଼ କାଟି ବେଠିରେ ନିର୍ମାଣ କରିଥିଲେ । ସେହିପରି ବହୁ ବଙ୍ଗଳା କଚେରି ଘର, ଚଟିଘର, ଅନ୍ୟାନ୍ୟ କୋଠାବାଡ଼ି ଏବଂ କେତେକ ରାଜ-ପ୍ରାସାଦ ପ୍ରଜା ରକ୍ତ-ହାଡ଼-ମେଦ-ମାଂସରେ ତିଆରି ହେଲା । ବାମଣ୍ଡା ଏବଂ ତାଳଚେରର ଯେଉଁ ପ୍ରଜାର ବାର୍ଷିକ ଖଜଣା (ରାଜସ୍ୱ) ୧୦ ଟଙ୍କା ବା ତଦୂର୍ଦ୍ଧ୍ୱ ସେ ପ୍ରଜା ଗୋଟିଏ ହଳ ଏବଂ ଗାଡ଼ି ସହ ବର୍ଷ ବର୍ଷ ଧରି ବେଠି କରୁଥିଲେ । ପ୍ରଜାର କବର ଉପରେ ଗଢ଼ା ହୋଇଥିବା ଏହି ହର୍ମ୍ୟ-ପ୍ରାସାଦମାନଙ୍କରେ ବାହାରର କବି, ଗାୟକ, ଲେଖକ, ନର୍ତ୍ତକ, ଚିତ୍ରକର, ସାମ୍ବାଦିକ ଏବଂ ପରିବ୍ରାଜକମାନେ ରାଜାଙ୍କର ନିର୍ମାଣ ଏବଂ ସୃଜନୀ ଶକ୍ତିକୁ ସହସ୍ର ଜିହ୍ୱାରେ ପ୍ରଶଂସା କରି ରାଜାଙ୍କ ପାପରେ ଭାଗିଦାର ହୋଇଛନ୍ତି । ଆଜି ସେହି ଘରମାନଙ୍କୁ ଦେଖି ତାତ୍କାଳିକ ରାଜା-ମହାରାଜାଙ୍କୁ ରୁଚିସମ୍ପନ୍ନ ହର୍ମ୍ୟ ନିର୍ମାଣ ନିମନ୍ତେ ଆମ ଯୁବକ କର୍ମିଗୋଷ୍ଠୀ ଏବଂ ନେତାନେତ୍ରୀମାନେ ବହୁଳ ଭାବରେ ପ୍ରଶଂସା କରୁଛନ୍ତି । କିନ୍ତୁ ଉକ୍ତ ଗୃହ ନିର୍ମାଣ ନିମନ୍ତେ କେତେ ପ୍ରଜା ଯେ ଲୁହଲହୁ ଦେଇ ମରିଛନ୍ତି ତାହା କିଏ ବୁଝିବ ? ପୁରୀ-କୋଣାର୍କ ମନ୍ଦିର ବୋଧହୁଏ ସେହିପରି ବେଠିରେ ହୋଇଛି । ତାଜମହଲ ମଧ୍ୟ ସେହିପରି ହିନ୍ଦୁ ବେଠିଆଙ୍କଦ୍ୱାରା ନିର୍ମିତ ହୋଇଛି । ରାଜାମହାରାଜା-ମାନଙ୍କ ଦୁର୍ଗମାନ ମଧ୍ୟ ସେହିପରି ବେଠିରେ ନିର୍ମିତ । ବର୍ତ୍ତମାନର କୋଠା ବାଡ଼, ରାସ୍ତା-ସଡ଼କ ଏବଂ ସେତୁ-ବନ୍ଧମାନ ବେଠିରେ ତିଆରି ହୋଇ ନ ଥିଲେ କମ୍ଭା ହେଉ ନ ଥିଲେ ସୁଦ୍ଧା କେତେ ଯେ ସରକାରୀ-ଧନର (ପ୍ରଜା-ଧନ) ଅପବ୍ୟବହାର ଏବଂ ବଦଖର୍ଚ୍ଚରେ ନିର୍ମିତ ହୋଇଛି ବା ହେଉଛି ତାର ସୀମା ନାହିଁ । ବର୍ତ୍ତମାନର (ଏକ ସମୟର) ଅତ୍ୟାଚାର, ଶୋଷଣ, ପେଷଣ ଏବଂ ନିଷ୍ପୀଡ଼ନରେ ଯାହା ସୃଷ୍ଟି ଏବଂ ନିର୍ମାଣ ହୁଏ,

Digitized by PPRACHIN, SOA

ପରେ ତାହା ସୁ-ନିର୍ମାଣ ବୋଲି ଧରାଯାଇ ନିର୍ମାତାଙ୍କୁ ବଧାଇ ଦେଇ କୃତ-ଜ୍ଞତା ଜ୍ଞାପନ କରାଯାଏ । ଏହା ଦୁନିଆର ଏକ ବିଚିତ୍ର ରୀତି । ଉଦ୍ଦେଶ୍ୟ ସଙ୍ଗେ ପନ୍ଥା ମଧ୍ୟ ମହତ୍ତ୍ୱ ଥିବା ଉଚିତ । ଉପରୋକ୍ତ ସ୍ଥଳେ ପନ୍ଥା ଏବଂ ପ୍ରଣାଳୀ ଅତ୍ୟନ୍ତ ଅତ୍ୟାଚାର ଓ ଶୋଷଣମୂଳକ ଥିଲା ।

ଉପରେ ଯାହା ଅତି କ୍ଷୁଦ୍ରରେ ବର୍ଣ୍ଣନା କଲି ତାହା ବାସ୍ତବ ଘଟଣାର ହଜାର ଭାଗରୁ ଭାଗେ ନୁହେଁ । ଏ ପ୍ରକାର ଶୋଷଣ-ପେଷଣ ସଙ୍ଗେ ରଜା-ଜମିଦାର ଏବଂ ତାଙ୍କ ପୁତ୍ର-କଳତ୍ରମାନଙ୍କର ସମୟେ ସମୟେ କୌଣସି କୌଣସି ଗଡ଼ଜାତରେ ପ୍ରଜାଙ୍କ ଉପରେ ଅତ୍ୟାଚାର କଥାରେ ବର୍ଣ୍ଣନା କରି ହେବ ନାହିଁ । ପ୍ରଜାଙ୍କ ଝିଅ, ବୋହୂ ଏବଂ ଧନ, ସଂପତ୍ତି ଉପରେ ଲୋଲୁପ ଦୃଷ୍ଟି ପକାଇବା ଏମାନଙ୍କର ପ୍ରକୃତିଗତ କର୍ତ୍ତବ୍ୟ ଏବଂ କ୍ଷମତା ଓ ଆସନଗତ ଅଧିକାର ବୋଲି ଭାବନ୍ତି । ଗୋଟିଏ ଷ୍ଟେଟର ଜଣେ ରାଜକୁମାର ତାଙ୍କ ସାଙ୍ଗସାଥୀମାନଙ୍କୁ ଗହଣରେ ନେଇ ଗ୍ରାମମାନଙ୍କରୁ ସୁସ୍ଥ ଏବଂ ସୁନ୍ଦରୀ ଝିଅ ହରଣଚାଳ କରି ନେଉଥିଲେ । ସେଥିପାଇଁ ବଡ଼ ଆତଙ୍କ ସୃଷ୍ଟି ହୋଇଗଲା । ଉକ୍ତ ଗଡ଼ଜାତର ଚତୁଃପାର୍ଶ୍ୱବର୍ତ୍ତୀ ଗଡ଼ଜାତ, ଯଥା: ତାଳଚେର, ପାଲଲହଡ଼ା, ବଣାଇ, ରେଢ଼ାଖୋଲ ଏବଂ ସୁନ୍ଦରଗଡ଼ର ଲୋକେ ଉକ୍ତ ଷ୍ଟେଟକୁ ବର୍ଷେ ଦୁଇବର୍ଷ ପାଇଁ ଝିଅ ବୋହୂ ଗ୍ରୁଡ଼ି ଦେଲେ ନାହିଁ । ସେଠାକାର ଗ୍ରାମମାନଙ୍କର ଲୋକେ ସଂଗଠିତ ହୋଇ ପ୍ରତିରୋଧ କରିବାରୁ ଏବଂ ଉକ୍ତ ରାଜକୁମାର ଅନ୍ୟତ୍ର ପୋଷ୍ୟ ପୁତ୍ର ହୋଇ ଚାଲିଯିବାରୁ ଏ ଅତ୍ୟାଚାର ବନ୍ଦ ହେଲା । ଆଳିର ରାଜା (ଜମିଦାର) ତାଙ୍କ ଇଷ୍ଟେଟର ଜଣେ କରଣ ଝିଅଙ୍କ ପ୍ରତି ପାଶବିକ ଅତ୍ୟାଚାର କରିବାରୁ ବହୁବର୍ଷ ଧରି ମକଦ୍ଦମା ଚାଲିଲା, ମକଦ୍ଦମାରେ ଆଳିରାଜା ଦଣ୍ଡିତ ହେଲେ । କେତେକ ରାଜା ତାଙ୍କ ନିଜ ନିଜ ଉଦ୍ୟାନରେ କେତେବେଳେ ହିଲ୍ଲୀଷିକ ଏବଂ କେତେବେଳେ ରାସଲୀଳାରେ ମଗ୍ନ ରହୁଥିଲେ । ଆମ୍ଭେ-ମାନେ କିଶୋର ଏବଂ ପ୍ରାରମ୍ଭ ଯୌବନରେ ଏହା ଶୁଣିଛୁ ଏବଂ କୌତୁହଳ ବଶତଃ ଦୃଶ୍ୟ ବା ଅଦୃଶ୍ୟରେ ଦେଖିଛୁ । ଅଥଚ ଏସବୁ ଘଟଣାକୁ ବାହାରର କବି, ଲେଖକ, ଗାୟକ, ନର୍ତ୍ତକ-ନର୍ତ୍ତକୀ, ପରିଦର୍ଶକ ଏବଂ ପରିବ୍ରାଜକମାନେ ରାଜା-ଜମିଦାରମାନଙ୍କର ସୁରୁଚିସଂପନ୍ନ କଳା-କାରିଗରୀ ବୋଲି ଭାବି ବାହାରେ ରାଜାଙ୍କଠାରେ ଉତ୍ସର୍ଗୀକୃତ ପୁସ୍ତକରେ

Digitized by PPRACHIN, SOA

ବର୍ଣ୍ଣନା କରନ୍ତି ଏବଂ ଖବର କାଗଜରେ ମଧ୍ୟ ପ୍ରକାଶ କରନ୍ତି । ରାଜା, ମହାରାଜାମାନେ ଯେ ପ୍ରଜା ରକ୍ତ ଶୋଷି ଏବଂ ପ୍ରଜା ଝିଅ, ବୋହୂର ମାନ, ମହତ ହରଣ କରି ହର୍ମ୍ୟ ଏବଂ କୃତ୍ରିମ ଝରଣାମେଖଳିତ ବନ, ଉପବନ ନିର୍ମାଣ କରି ଏ ଉଲଗ୍ନ ପ୍ରେମଲୀଳା କରନ୍ତି ତାହା ଭୁଲିଯାନ୍ତି । ଏଥିପାଇଁ ଏ ଶ୍ରେଣୀର ତଥାକଥିତ ଶିକ୍ଷିତ, ସଂସ୍କୃତ ଏବଂ ବୁଦ୍ଧିଜୀବୀଙ୍କ ସହିତ ମୋର କଳି ଝଗଡ଼ା ହୁଏ । କିନ୍ତୁ ଶେଷରେ ସେମାନେ ମାନନ୍ତି ଯେ ରାଜାମହାରାଜାଙ୍କ ପ୍ରତି ସେମାନଙ୍କର ଧାରଣା ଏବଂ ମନୋଭାବ ଭ୍ରାନ୍ତ ଅଟେ ।

ରାଜାମାନଙ୍କ ହାତରେ ଏକାଧାରରେ ବ୍ୟବସ୍ଥା, ଶାସନ ଏବଂ ବିଚାର କ୍ଷମତା ଥିବାରୁ ସେମାନେ ପ୍ରତିବାଦକାରୀ ଏବଂ ସମାଲୋଚନାକାରୀ ପ୍ରଜାଙ୍କୁ ମିଥ୍ୟା ମକଦ୍ଦମାରେ ଅଭିଯୁକ୍ତ କରାଇ ଜେଲ ଜୋରିମନାର ଶୀକାର କରିପାରୁଥିଲେ । ବିରୋଧକାରୀଙ୍କୁ ମଧ୍ୟ ହତ୍ୟା କରାଇପାରୁଥିଲେ । ଏତିକିରେ ହେଲେ ସରନ୍ତା । ରାଜା ମହାରାଜା ଚାହାନ୍ତି ଯେ, ତାଙ୍କ ସମାସ୍କନ୍ଧ କେହି ଘର, ବାଡ଼ି ନ କରନ୍ତୁ କିମ୍ବା ବେଶ ଭୂଷାରେ ଭୂଷିତ ନ ହୁଅନ୍ତୁ । କେତେକ ଷ୍ଟେଟ୍‌ରେ ସଡ଼କରୁ ପିଣ୍ଡାକୁ ଉଠିବାପାଇଁ ପଥର ପାହାଚ କିମ୍ବା ପକ୍‌କା ପିଣ୍ଡି କେହି କରିପାରିବେ ନାହିଁ କିମ୍ବା ଦାଣ୍ଡ ଦୁଆରେ ଜାଉଁଳି କବାଟ ଲଗାଇ ପାରିବେ ନାହିଁ ବୋଲି ରଜାଙ୍କ ଇଚ୍ଛା ଅନୁସାରେ ପ୍ରଥା ଥିଲା । ଢେଙ୍କାନାଳରେ ତ ଏକ ସମୟରେ ରଜାଙ୍କର ମୌଖିକ ନିର୍ଦ୍ଦେଶ ହୋଇଗଲା ଯେ, ପ୍ରଜାମାନେ ଡେମ୍ କେୟାର (Damn-care) ବାଳ ସଜାଇ ପାରିବେ ନାହିଁ, ମହଣ ଛତା ବ୍ୟବହାର କରି ପାରିବେ ନାହିଁ, ବାସିଧୋବ ଏବଂ କୁଞ୍ଚିଲୁଗା ପିନ୍ଧି କୁଞ୍ଚ ଗୁଡ଼ି ବୁଲି ପାରିବେ ନାହିଁ, ରାଜାଙ୍କୁ ୩ ଖଣ୍ଡିଆ, ଅର୍ଥାତ୍ ମାଟି (ଭୂଇଁ), ନିଜ ଗୁଣ୍ଡ ଏବଂ ନିଜ ମୁଣ୍ଡ ଛୁଇଁ ନମସ୍କାର କରିବେ । ଏ ପ୍ରକାର ନମସ୍କାରର ଅର୍ଥ ହେଉଛି ଯେ, ଏ ପୃଥିବୀ (ମାଟି), ପିଣ୍ଡ (ଗୁଣ୍ଡ) ଏବଂ ପ୍ରାଣ (ମୁଣ୍ଡ) ରଜାଙ୍କର । ଢେଙ୍କାନାଳର ରାଜା ଏହିପରି ବହୁ ଏକଛତ୍ର ମୌଖିକ ନିର୍ଦ୍ଦେଶ ପ୍ରଚାର କରାଇ ତଦନୁସାରେ ପ୍ରଜାମାନେ ଆଚରଣ କରୁଛନ୍ତି କି ନାହିଁ ବୋଲି ଅତ୍ୟନ୍ତ ନଜର ରଖୁଥିଲେ । ଏପରି ନିର୍ଦ୍ଦେଶ କେହି କେହି ମାନିଲେ, କେହି କେହି ମାନିଲେ ନାହିଁ । ଯେଉଁମାନେ ନ ମାନିଲେ

Digitized by PPRACHIN, SOA

ସେମାନେ ନାନା ଅକଥନୀୟ ଯନ୍ତ୍ରଣା ଏବଂ ଅତ୍ୟାଚାରର ପାତ୍ର ହେଲେ । ଢେଙ୍କାନାଳରେ ଏ ପ୍ରକାର ଅକଥନୀୟ ଅତ୍ୟାଚାରର ପାତ୍ର ହୋଇଥିବା କେତେକ ବ୍ୟକ୍ତିଙ୍କର ନିଶ-ଦାଢ଼ି ଉପାଡ଼ି ଦିଆଗଲା, ଗୁପ୍ତ ଅଙ୍ଗରୁ ବାଳ ଉପାଡ଼ି ଦିଆଗଲା, ପୁରୁଷ ଲିଙ୍ଗରେ ଛୁଞ୍ଚି ମାରିଦିଆଗଲା, ସ୍ତ୍ରୀର ଯୋନି ଏବଂ ସ୍ତନ କ୍ଷତ କରାଗଲା । କେତେକଙ୍କୁ ବିଷ୍ଠା ଖୁଆଇଦିଆଗଲା ଏବଂ ଆଉ କେତେକଙ୍କୁ ମୂତ୍ର ପିଆଇଦିଆହେଲା ଏବଂ କାହା କାହାକୁ ଲଙ୍ଗଳା କରି ଗୁଡ଼ିଦିଆଗଲା । ଅନ୍ୟାନ୍ୟ ଅତ୍ୟାଚାର ଅତ୍ୟନ୍ତ ଅଶ୍ଳୀଳ ଥିବାରୁ ମୁଁ ଏ ପୁସ୍ତକରେ ବର୍ଣ୍ଣନା କରୁନାହିଁ । ଗଡ଼ଜାତ ପ୍ରଜାମଣ୍ଡଳ ଇତିହାସରେ ତାହା ସନାମ, ସଠିକ ଏବଂ ସବିଶେଷ ପ୍ରମାଣ ସହ ବର୍ଣ୍ଣନା କରିବି ।

ଏସବୁ ଘଟଣା ପଢ଼ି ଶୁଣି ଆଜିର ଯୁବକ ଯୁବତୀ ଭାବୁଥିବେ ଯେ, ସେତେବେଳେ ଲୋକେ (ଆମ୍ଭେମାନେ) ଗୋରୁପରି ମନୁଷ୍ୟର ଏ ଅତ୍ୟାଚାର ସହିଯାଉଥିଲେ । ଏପରି ଭାବିବା ସେମାନଙ୍କ ପକ୍ଷେ ସ୍ୱାଭାବିକ । ସେମାନେ ଯଦି ଆଗରୁ ଜନ୍ମ ହୋଇ ସେତେବେଳେ କିଶୋର-କିଶୋରୀ, ଯୁବକ-ଯୁବତୀ ହୋଇଥାନ୍ତେ ତେବେ ସେମାନେ ମଧ୍ୟ କିଛି କରିପାରିନଥାନ୍ତେ ବୋଲି ମୁଁ ଭାବୁଛି । ଆଜିର କେତେକ ଯୁବକ-ଯୁବତୀଙ୍କର ପିତାମାତା ଏବଂ ବଂଶଧରମାନେ ଏହି ଅତ୍ୟାଚାରର ଶୀକାର ହୋଇଛନ୍ତି । କେତେକ ତଥାକଥିତ ପ୍ରଗତିବାଦୀ ଯୁବକ-ଯୁବତୀଙ୍କର ପିତା-ପ୍ରପିତା, ଦାଦା-ଜେଠା, ମାମୁଁ-ମଉଳା ଏବଂ ପିଉସା-ମଉସାମାନେ ଉକ୍ତ ରାଜା-ମହାରାଜା ଏବଂ ଜମିଦାର-ଜାଗିର୍ଦାରଙ୍କ ସଙ୍ଗେ ଉପରୋକ୍ତମତେ ପ୍ରଜାଙ୍କୁ ଶୋଷଣ, ଅତ୍ୟାଚାର ଏବଂ ନିର୍ଯ୍ୟାତନାପୂର୍ବକ ଶାସନ କରିବାରେ ପ୍ରତ୍ୟକ୍ଷ ଅଂଶୀଦାର ଥିଲେ । ସେମାନଙ୍କ ନାମ ଧାମ ନ କହିଲେ ସୁନ୍ଦର ହେବ । ସେତେବେଳର ସମାଜ, ଶାସନ ଏବଂ ସରକାର ଯାହା ଥିଲା ସେଥିରେ ଯେ ମୁଣ୍ଡ ଟେକିଛି ସେ ନିଶ୍ଚିହ୍ନ ହୋଇଯାଇଛି । କ୍ଷୁଦ୍ର କ୍ଷୁଦ୍ର ରାଜା-ମହାରାଜା ଯେ ଏକାକୀ ଏ ଅତ୍ୟାଚାର ଏବଂ ଶୋଷଣ କରୁଥିଲେ, ତାହା ନୁହେଁ । ଇଂରେଜ ସରକାରଙ୍କ ସଙ୍ଗେ ଏ ଶୋଷଣ ଏବଂ ଅତ୍ୟାଚାର ମୂଳରେ କେତେକ ଦେଶୀ ବୁଦ୍ଧିଜୀବୀ କର୍ମଚାରୀ, ସହର-ବଜାରର ବଡ଼ ବଡ଼ ଓକିଲ, ମୋକ୍ତାର ଓ ନାମଜାଦା ବାରିଷ୍ଟର ଏବଂ ଆଜିର ପୂଜିତ କେତେକ ନେତା-ନେତ୍ରୀ, କବି, ଗାୟକ, ଲେଖକ ଏବଂ ନାଟ୍ୟକାର

Digitized by PPRACHIN, SOA

ମଧ୍ୟ ଥିଲେ । ଏହି ବୁଦ୍ଧିଜୀବୀମାନେ ରଜା-ମହାରାଜାଙ୍କର ସ୍ତାବକ ଏବଂ ଗୁଣଗାୟକ ଥିଲେ । କେତେକ କବି ଏବଂ ଲେଖକଙ୍କର ପୁସ୍ତକର ଉତ୍ସର୍ଗ ଓ ବିଷୟବସ୍ତୁ ପାଠ କଲେ ତାହା ପାଠକେ ଜାଣିପାରିବେ । ରାଜା ମହାରାଜାଙ୍କ ଉକ୍ତ ଅନ୍ୟାୟ-ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ ଏବଂ ପ୍ରତିରୋଧ କଲେ ପ୍ରତିବାଦୀ ଏବଂ ପ୍ରତିରୋଧକାରୀ ନିରସ୍ତ୍ର ପ୍ରଜାଙ୍କ ବିରୁଦ୍ଧରେ ସମଗ୍ର ବ୍ରିଟିଶ ଶକ୍ତି ପ୍ରୟୋଗ କରାଯାଉଥିଲା, ଯେହେତୁ ବ୍ରିଟିଶ ସରକାରଙ୍କ ବାହୁଚ୍ଛାୟାତଳେ ରହି ରାଜାମାନେ ପ୍ରଜାଙ୍କୁ ଶାସନ କରୁଥିଲେ । ଏକ ରାଜା ଉପରେ ଆକ୍ରମଣ ହେଲେ କମ୍ବା ବିରୋଧରେ ପ୍ରତିବାଦ ହେଲେ ସମଗ୍ର ରାଜନ୍ୟ-ମଣ୍ଡଳୀ ଏକଜୁଟ ହୋଇ ବ୍ରିଟିଶ ଶକ୍ତି ସହ ମିଳିତ ହୋଇ ଆକ୍ରମଣକାରୀ କମ୍ବା ପ୍ରତିବାଦୀ ପ୍ରଜାଙ୍କ ଉପରେ ପ୍ରତି-ଆକ୍ରମଣ ଚଳାଇ ତାଙ୍କୁ (ପ୍ରଜାଙ୍କୁ) ସବଂଶେ ବିନାଶ କରୁଥିଲେ । ପ୍ରିନ୍‌ସେସ୍ ପ୍ରଟେକ୍‌ସନ୍ ଆଇନ (Princes Protection Act) ବଳରେ ରାଜା-ମହାରାଜାଙ୍କୁ ସମଗ୍ର ଭାରତବର୍ଷରେ ରକ୍ଷା-କବଚରେ ନିରାପଦରେ ରଖିଲା ପରି ସୁରକ୍ଷିତ କରାଯାଇଥିଲା । ଏହି ଆଇନର ବିରୁଦ୍ଧାଚରଣର ଭୟାବହ ପରିଣତି ହେତୁ ସମଗ୍ର ଭାରତବର୍ଷରେ, ବିଶେଷତଃ ଗଡ଼ଜାତମାନଙ୍କରେ ରାଜା-ମହାରାଜାମାନଙ୍କର ଶାସନ, କାର୍ଯ୍ୟକଳାପ, ଆଚରଣ ଏବଂ ଚରିତ୍ର ସମ୍ପର୍କରେ ସମାଲୋଚନା ଏବଂ ନିନ୍ଦା-ଅପମାନ କେହି କରିବାକୁ ଭୟ କରୁ-ଥିଲେ । ରାଜାମାନଙ୍କର କୁଶାସନର ନିନ୍ଦା-ଅପମାନ ଏବଂ ସମାଲୋଚନା କଲେ ଦଶ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଦଣ୍ଡ ଭୋଗିବାର ବ୍ୟବସ୍ଥା ଥିଲା । ତେଣୁ ରାଜା-ମହାରାଜାଙ୍କ ବିରୋଧରେ ମୁଣ୍ଡ ଟେକିବା କମ୍ବା ସମାଲୋଚନା କରି କହିବା କମ୍ବା ପ୍ରତିବାଦ-ପ୍ରତିରୋଧ କରିବା ଅର୍ଥ ଭାରତରେ ସ୍ଥାନ ନ ପାଇବା । ଏପରି ଅବସ୍ଥାରେ ଆଜିକାଲିକାର ଯୁବକ-ଯୁବତୀ ସେତେବେଳେ ଯଦି ବୟସ୍କ ବ୍ୟକ୍ତି ହୋଇଥାନ୍ତେ କଣ କରିପାରନ୍ତେ ? ଆଜିକାଲି ମଧ୍ୟ ଭାରତ କାହିଁକି ସାରା ପୃଥିବୀରେ ନାନା ଦେଶରେ ଏକଛତ୍ର ଶାସନ ଚାଲିଛି, ଅତ୍ୟାଚାର ଏବଂ ଶୋଷଣ ହେଉଛି, ପ୍ରଗତି ଏବଂ ସାମ୍ୟବାଦ ନାମରେ ଜୋର-ଜୁଲମ୍, ଡର-ଧମକ ଏବଂ ଅନ୍ୟାୟ-ଅତ୍ୟାଚାର ହେଉଛି । ଏକଛତ୍ରବାଦୀ ସାମ୍ୟବାଦ ଦେଶମାନଙ୍କରେ ସାମ୍ୟବାଦ ଓ ସାଂସ୍କୃତିକ ସୁଧାର ନାମରେ ଗଣ-ହତ୍ୟା ହେଉଛି, ଅତ୍ୟାଚାର ହେଉଛି ଏବଂ ଅତ୍ୟା-ଚାରିତ ଲୋକେ ଅତ୍ୟାଚାରକୁ ମୁଣ୍ଡପାତି ସହିଯାଉଛନ୍ତି । ପୃଥିବୀର ଅନ୍ୟ

Digitized by PPRACHIN, SOA

ଦେଶର ଲୋକେ ତାହା ଦେଖି ଶୁଣି ନୀରବ ଏବଂ ଉଦାସୀନ ରହୁଛନ୍ତି । ଏକଛତ୍ରବାଦୀ ନାଜୀ ଏବଂ ଫାସିଷ୍ଟ ହିଟଲର୍‌ଙ୍କ ଶାସନରେ ଜର୍ମାନୀ ଏବଂ ଇଟାଲୀରେ କେତେକାଳ ପାଇଁ ଏହିପରି ଅତ୍ୟାଚାର ହେଉଥିଲା, ଲୋକେ ତାହା ସହିଯାଉଥିଲେ । ଭାରତରେ ବର୍ତ୍ତମାନ ଗଣତନ୍ତ୍ର ଶାସନ ଥାଇ ମଧ୍ୟ ଥୋକେ ଗୁଣ୍ଡା ବାହାରିଲେ ତ ଜନତାକୁ ଡରାଇ ରଖୁଛନ୍ତି ! ଏହିପରି ଅତ୍ୟାଚାର କୌଣସି ନା କୌଣସି ରୂପରେ ସବୁ ଯୁଗରେ ସବୁ କାଳରେ ସବୁ ଦେଶରେ ହୋଇଛି ଏବଂ ହେଉଥିବ । ଯୁଦ୍ଧ ନାମରେ ବଙ୍ଗଳା ଦେଶ ଏବଂ ଦକ୍ଷିଣ ଭିଏତନାମ ପ୍ରଭୃତି ଦେଶମାନଙ୍କରେ କି ଅତ୍ୟାଚାର ନ ହୋଇଛି । ଆଜି ଯେ ଜିତିଲେ ସେ ବିରୋଧୀ ପକ୍ଷକୁ କେତେଦୂର ପର୍ଯ୍ୟନ୍ତ ଦମିତ, ଶଙ୍କିତ ଏବଂ ଆତଙ୍କିତ କରି ରଖିନାହାନ୍ତି ! କିନ୍ତୁ କାହିଁ କେହି ତ ଏସବୁ ଅତ୍ୟାଚାରର ପ୍ରତିବାଦ ଏବଂ ପ୍ରତିରୋଧ କରୁନାହାନ୍ତି ! ତେଣୁ ସେ କାଳର ଜନତା ତାତ୍କାଳିକ ରାଜା-ଜମିଦାରଙ୍କ ଅତ୍ୟାଚାର ନୀରବରେ ସହି ଯାଉଥିଲେ ବୋଲି ଆଜି ସେମାନଙ୍କୁ ଦୋଷ ଦେବା ପରିବର୍ତ୍ତେ ବରଂ ବଧାଇ ଦେବା ଉଚିତ ଯେ ପରାଧୀନ ଏକଛତ୍ର ବ୍ରିଟିଶ ଏବଂ ରାଜା-ମହାରାଜାଙ୍କ ଶାସନ ବିରୁଦ୍ଧରେ ସେମାନେ ସମୟେ ସମୟେ ସ୍ୱର ଉତ୍ତୋଳନପୂର୍ବକ ବିରୋଧ ଏବଂ ବିଦ୍ରୋହ କରି ପାରିଛି ଏବଂ ସ୍ୱାଧୀନତା-ପ୍ରୀତିର ପରିଚୟ ଦେଇଛନ୍ତି ।

କିନ୍ତୁ ଦୁନିଆର ସବୁ ଯୁଗ ଏବଂ ସବୁ ଦେଶରେ ଏପରି ଅତ୍ୟାଚାର ଘଟିଥିଲେ ସୁଦ୍ଧା ତାହା ସ୍ଥାୟୀ ହୁଏ ନାହିଁ । ସମୟର ସୁଯୋଗ ନେଇ ଲୋକେ ବାହାରନ୍ତି । ରାଜା-ମହାରାଜାଙ୍କର ଏପରି ଅତ୍ୟାଚାର ଏବଂ ଶୋଷଣର ପ୍ରତିବାଦ ସମୟେ ସମୟେ ହୋଇଛି । ଉପର୍ଯ୍ୟୁକ୍ତ କାରଣରୁ ତାହା ଦମିତ ହୋଇଛି । ମୁଁ ଜାଣେ ୧୯୨୦-୨୧ରେ ଢେଙ୍କାନାଳରେ ସର୍ବଶ୍ରୀ ମହେଶ୍ୱର ସୁବାହୁସିଂହ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ବୈଷ୍ଣବ ପଣ୍ଡାଙ୍କ ନେତୃତ୍ୱରେ ଲୋକେ ମାତିଉଠିଥିଲେ । ତାଳଚେରରେ ୧୯୧୪ରେ ସର୍ବଶ୍ରୀ ପୁରନ୍ଦର ପାଣି, ବନମାଳୀ ପରମଗୁରୁ ଏବଂ ସୁଦର୍ଶନ ଧରଙ୍କ ନେତୃତ୍ୱରେ, ୧୯୨୧-୨୨ରେ ଶ୍ରୀ ବାଙ୍କନିଧି ଭକ୍ତବଲ୍ଲଭ ଏବଂ ଶ୍ରୀ ନଟବର ସୁନ୍ଦର ରାୟଙ୍କ ନିର୍ଦ୍ଦେଶରେ ଓ ୧୯୩୦-୩୨ରେ ଶ୍ରୀ ଧୋବେଇ କୁମ୍ବାଳ-ସିଂହ ଓ ଶ୍ରୀ ବୃନ୍ଦାବନ ପ୍ରଧାନଙ୍କ ଅଗ୍ରଣୀତ୍ୱରେ, ୧୯୧୪-୧୫ରେ ଦଶପଲ୍ଲାରେ

Digitized by PPRACHIN, SOA

ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଉତ୍ସାହରେ ଖଜଣା ବୃଦ୍ଧି ଏବଂ ବେଠି, ବେଗାରି, ମାଗଣ, ରସଦ ଓଗେର ଅସୁଲ ସମ୍ପର୍କୀୟ ଅତ୍ୟାଚାରର ପ୍ରତିବାଦ କରି ଆନ୍ଦୋଳନମାନ ହୋଇଥିଲା । ୧୯୧୪-୧୭ ବେଳକୁ କେନ୍ଦୁଝରରେ ଶ୍ରୀ ଧରଣୀ ଭୂୟାଁଙ୍କ ନେତୃତ୍ୱରେ ଏକ ସୁସଙ୍ଗଠିତ ସମାନ୍ତରାଳ ସରକାର ଗଠିତ ହୋଇଥିଲା । ଏହାପରେ ବାମଣ୍ଡା, ରେଢ଼ାଖୋଲ, ବଡ଼ମ୍ବା, ଆଠମଲ୍ଲିକ ପ୍ରଭୃତି ଗଡ଼ଜାତମାନଙ୍କରେ ଏବଂ କନିକା ପ୍ରଭୃତି ଜମିଦାରୀମାନଙ୍କରେ ମଧ୍ୟ ରାଜ-ଅତ୍ୟାଚାରର ପ୍ରତିବାଦ କରି ବିଦ୍ରୋହ ବା ମେଳି ହୋଇଥିଲା । କିନ୍ତୁ ବ୍ରିଟିଶ ସରକାରଙ୍କ ଶକ୍ତି ବଳରେ ସେ ସବୁ ଦମିତ ହୋଇଗଲା । ଏହିସବୁ ଆନ୍ଦୋଳନ ନିତାନ୍ତ ଅସଙ୍ଗଠିତ ଥିଲା ।

ଏହିପରି ଭିନ୍ନ ଭିନ୍ନ ଗଡ଼ଜାତରେ ସମୟେ ସମୟେ ଅସଂଗଠିତ କ୍ଷଣସ୍ଥାୟୀ ପ୍ରଜାଆନ୍ଦୋଳନ ହୋଇ ତାହା ଦମିତ ହୋଇଯାଉଥିଲା । ପୂର୍ବୋକ୍ତମତେ ପ୍ରଜାମାନେ ଅତ୍ୟାଚାରିତ ଏବଂ ଶୋଷିତ ହେବା କଥା ମୁଁ ବାଲ୍ୟକାଳରୁ ଦେଖିଛି ଓ ସମୟେ ସମୟେ ଅଙ୍ଗେ ନିଭାଇଛି । ଇତିହାସର ଛାତ୍ର ହିସାବରେ ୟୁରୋପରେ ମଧ୍ୟ-ଯୁଗୀୟ ଅତ୍ୟାଚାର ଏବଂ ସେ ସବୁର ପ୍ରତିକାର ନିମନ୍ତେ ଫରାସୀ ବିପ୍ଳବ ମଧ୍ୟ ପଢ଼ିଛି । ଇଂଲଣ୍ଡର ୨ୟ ଜେମସ୍, ୨ୟ ଚାର୍ଲସ୍ ଏବଂ ୨ୟ ହେନେରୀଙ୍କର ମନମୁଖୀ ଶାସନ ଓ ଅତ୍ୟାଚାର ବିରୁଦ୍ଧରେ ଉଦ୍ଧତ୍ୟ ପ୍ରଜାଙ୍କର ଆନ୍ଦୋଳନ ଏବଂ ଉକ୍ତ ରାଜାମାନଙ୍କର ଦଣ୍ଡଭୋଗ ବିଷୟ ସ୍ମୃତିପଟରେ ଝଲସି ଉଠୁଥାଏ । ଆମ ରାଜାମାନଙ୍କର ଶୋଷଣମୂଳକ ଅତ୍ୟାଚାର ମୋର କିଶୋର ପ୍ରାଣରେ ଘୋର ବ୍ୟଥା ଜାତ କରାଉଥାଏ । ମାଇନର ପଢ଼ିଲା ବେଳଠାରୁ ମୋ ହୃଦୟରେ ବିଦ୍ରୋହାଗ୍ନି ଧୂମାୟିତ ହେଉଥାଏ । କଲେଜରେ ପଢ଼ିଲାବେଳକୁ ତାହା କ୍ରମେ କ୍ରମେ ଅଗ୍ନି-ଶିଖାରେ ପରିଣତ ହେଉଥାଏ । ଫରାସୀ-ବିପ୍ଳବ ପଢ଼ି ମନରେ ଅନୁପ୍ରେରଣା ଜାତ ହେଉଥାଏ ଯେ, ଆମେ ଦେଶବାସୀ ଏଠାରେ ଅନୁରୂପ ବିଦ୍ରୋହ କରି ଇଂରେଜ ସରକାର ଓ ଗଡ଼ଜାତ ରାଜାମାନଙ୍କୁ ପରାସ୍ତ କରି ବର୍ଣ୍ଣିତ ଶୋଷଣ-ଅତ୍ୟାଚାରରୁ ନିଜକୁ ତଥା ଦେଶବାସୀଙ୍କୁ ମୁକ୍ତ କରି ସୁଖୀ, ସମୃଦ୍ଧ ଏବଂ ସ୍ୱାଧୀନ ମାନବର ଜୀବନଯାପନ କରନ୍ତୁ । ଆନ୍ଦୋଳନ ଏବଂ ବିଦ୍ରୋହ କରିବାକୁ ମନ ସିନା ବଳୁଥାଏ, ବିବେକ ସିନା ନିର୍ଦ୍ଦେଶ

Digitized by PPRACHIN, SOA

ହେଉଥାଏ, କିନ୍ତୁ ସଂଗଠନ କାହିଁ ?, ଲୋକସମର୍ଥନ କାହିଁ ? ଜନସମର୍ଥନ ସହ ପୃଷ୍ଠଭାଗରେ ବୃହତ୍ ଶକ୍ତି କିମ୍ବା ମହାନ୍ ବ୍ୟକ୍ତିଙ୍କର ଆଶୀର୍ବାଦ କିମ୍ବା ପ୍ରତ୍ୟକ୍ଷ ସହାୟତା କାହିଁ ?

ଏତେବେଳକୁ ସାରା ଭାରତରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଆନ୍ଦୋଳନ ଦୁଇ ଥର ହୋଇଗଲାଣି, ଯଥା : ୧୯୨୧-୨୨ ଓ ୧୯୩୦-୩୨ର ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନ । ମହାତ୍ମା ଗାନ୍ଧୀଙ୍କୁ ରାଜା-ମହାରାଜାଙ୍କ ଅତ୍ୟାଚାର କଥା କହିଲା କ୍ଷଣି ସେ ମତ ପ୍ରକାଶ କରୁଥାନ୍ତି ଯେ, ବ୍ରିଟିଶ ସରକାର ଭାରତରେ ସବୁ ପ୍ରକାର ଅତ୍ୟାଚାରର ମୂଳ ଏବଂ ରାଜା-ମହାରାଜାମାନେ ଡାଳ ଅଟନ୍ତି । ଭାରତରୁ ବ୍ରିଟିଶ୍ ସରକାରଙ୍କର ଉଚ୍ଛେଦ ନିମନ୍ତେ ସେ (ଗାନ୍ଧୀଜୀ) ତାକୁ କୁଠାରାଘାତ କରୁଛନ୍ତି । ତେଣୁ ଉକ୍ତ ଅତ୍ୟାଚାରର ମୂଳରୂପୀ ବ୍ରିଟିଶ ସରକାରକୁ କାଟି ଦେଲେ (ତଡ଼ିଦେଲେ) ରାଜା-ଜମିଦାରରୂପୀ ଡାଳଗୁଡ଼ିକ ଆପେ ଆପେ ଶୀଘ୍ର ଶୁଖିଯିବେ । ସେଥିପାଇଁ ଗଡ଼ଜାତ ପ୍ରଜା ଧୈର୍ଯ୍ୟଧରି କଂଗ୍ରେସ ଆନ୍ଦୋଳନକୁ ସମର୍ଥନପୂର୍ବକ ନିଜ ନିଜ ଗଡ଼ଜାତରେ ଅନ୍ୟାୟ ଅତ୍ୟାଚାରର ଦୂରୀକରଣ ନିମନ୍ତେ ସଙ୍ଗଠିତଭାବେ ଅହିଂସ ଆନ୍ଦୋଳନ ଚଳାନ୍ତୁ । କ୍ରମେ କ୍ରମେ କଂଗ୍ରେସ ଆନ୍ଦୋଳନ ତୀବ୍ର ଏବଂ ଗୁରୁତର ରୂପ ଧାରଣ କଲା । ଆମେ ଦେଖିଲୁ ଯେ ଆମ ପଛରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ସର୍ବ-ଭାରତବ୍ୟାପୀ ଏକ ଜନ-ସଙ୍ଗଠନ (କଂଗ୍ରେସ) ଆମକୁ ନୈତିକ ଓ ଶାରୀରିକ ସାହାଯ୍ୟ ଏବଂ ସହାନୁଭୂତି ଦେବାକୁ ପ୍ରସ୍ତୁତ । ତେଣୁ ମନରେ ଟିକିଏ ସାହସ ହେଉଥାଏ । ସାହସ ଥିଲେ କଣ ହେବ ? ପୂର୍ବୋକ୍ତମତେ ଗଡ଼ଜାତରେ ଏକଛତ୍ର ଶାସନ ! ତାହା ପୁଣି ଅତ୍ୟନ୍ତ କଡ଼ା ; କୁଞ୍ଚ-ମାଛି-ପରଖ । ରାଜା-ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ ହୋଇପାରିବ ନାହିଁ ; ଯେ କରିବ ସେ ସର୍ବଶେଷ ଧ୍ୱଂସ ହୋଇଯିବ ; ମିଥ୍ୟା ମକଦ୍ଦମାର ପାତ୍ର ହୋଇ ସମସ୍ତ ସମ୍ପତ୍ତି ହରାଇବ ; ଆଜୀବନ ଜେଲ କଠୋର ଯନ୍ତ୍ରଣା ଭୋଗ କରିବ ଏବଂ ରାଜ୍ୟରୁ ବିତାଡ଼ିତ ହେବ ! ରାଜା ଏଥିରେ ନ ପାରିଲେ ଘରଦ୍ୱାର ପୋଡ଼ାଇ ଦେବେ, ସମ୍ପତ୍ତି ଲୁଟ୍ କରାଇଦେବେ, ଗୁଣ୍ଡା ଲଗାଇ ହତ୍ୟା କରାଇଦେବେ । ଏହିପରି ବହୁ ଜାଗାରେ ହୋଇଛି । ଆପତ୍ତିକାରୀ ଏବଂ ଆନ୍ଦୋଳନକାରୀ ମୁଖିଆ ଓ

Digitized by PPRACHIN, SOA

ତାଙ୍କ ପ୍ରଧାନ ପ୍ରଧାନ ସହକର୍ମୀଙ୍କ ପ୍ରତି ରାଜ-କ୍ରୋଧ ଓ ରାଜ-ଦଣ୍ଡ ପ୍ରୟୋଗ ହୋଇଛି । ମୋ ବିରୁଦ୍ଧରେ ମଧ୍ୟ ଏହିପରି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ମିଥ୍ୟା ମକଦ୍ଦମାଠାରୁ ଆରମ୍ଭ କରି ମୋତେ ମୋ ବସାରୁ ରାତିରେ ଗୁଣ୍ଡାଙ୍କ-ଦ୍ୱାରା ଟେକି ନେଇ ବେକରେ ଲୁହା ଶିକୁଳିରେ ପଥର ବାନ୍ଧି ବ୍ରାହ୍ମଣୀ ନଦୀର ଚାବଡ଼ା-ଗଣ୍ଡିରେ ପକାଇଦେବାର ବ୍ୟବସ୍ଥା ହୋଇଥିଲା । କିନ୍ତୁ ଭଗବାନଙ୍କ ଚକ୍ର ଆଡୁଆଳରେ ରାଜାଙ୍କର ସମସ୍ତ କୂଟ-ଚକ୍ରାନ୍ତ ପଣ୍ଡ ହୋଇଗଲା । ମୋ ବ୍ୟତୀତ ଅନ୍ୟାନ୍ୟ ଆନ୍ଦୋଳନକାରୀଙ୍କ ପ୍ରତି ରାଜା-ମହାରାଜାମାନେ ଏହିପରି ମନୋଭାବ ମଧ୍ୟ ପୋଷଣ କରିଥିଲେ ।

କିନ୍ତୁ ବ୍ରିଟିଶ ଶାସିତ ଅଞ୍ଚଳରେ ଏହିପରି କଡ଼ା ବ୍ୟବସ୍ଥା ନ ଥିଲା । ଲୋକେ ସଭାସମିତି ଏବଂ ଶୋଭାଯାତ୍ରା ଇତ୍ୟାଦି କରିପାରୁଥିଲେ, ଖବର କାଗଜରେ ସବୁ ପ୍ରକାଶ କରିପାରୁଥିଲେ । କୋର୍ଟ୍ କଚେରୀରେ କିଛି କିଛି ନ୍ୟାୟ ମିଳିବାର ଆଶା ଥିଲା । ତଥାପି ଆନ୍ଦୋଳନକାରୀଙ୍କ ପ୍ରତି ବ୍ରିଟିଶ ସରକାରଙ୍କ ଅଫିସରମାନେ ମଧ୍ୟ ଅତ୍ୟାଚାର କରୁଥିଲେ । କିନ୍ତୁ ସେଠାରେ ଗଡ଼ଜାତ ପରି ଅମାନୁଷିକ ଏବଂ ପାଶବିକ ଅତ୍ୟାଚାର କରୁନଥିଲେ । ବ୍ରିଟିଶ ଅଞ୍ଚଳର ଲୋକେ ଗୋଟିଏ ମାତ୍ର ପରାଧୀନତା ଶିକୁଳିରେ ବନ୍ଧା ହୋଇଥିବା ସ୍ଥଳେ ଗଡ଼ଜାତର ଲୋକେ ଦୁଇଟି ପରାଧୀନତା ଶୃଙ୍ଖଳରେ ଆବଦ୍ଧ ଥିଲେ । ତେଣୁ ବ୍ରିଟିଶ ଭାରତରେ ଆପତ୍ତି ଆନ୍ଦୋଳନ କରିବା ଅପେକ୍ଷା ଗଡ଼ଜାତମାନଙ୍କରେ ଆନ୍ଦୋଳନ କିମ୍ବା ପ୍ରତିବାଦ କରିବା ୧୦ ଗୁଣ କଠିନ ଏବଂ ବିପଦ-ଜନକ ଥିଲା ।

ଗଡ଼ଜାତମାନଙ୍କରେ ସଂଗଠିତ ଜନତା ଆନ୍ଦୋଳନ
୧୯୩୮-୩୯

ଉପରୋକ୍ତ ଅବସ୍ଥା ସତ୍ତ୍ୱେ ଓଡ଼ିଶା ଗଡ଼ଜାତର ଆମ୍ଭେମାନେ କେତେକ ବ୍ୟକ୍ତି ୧୯୩୮ ଅପ୍ରେଲ-ମଇ ବେଳକୁ ରାଜାମାନଙ୍କର ପୂର୍ବୋକ୍ତ ଅନ୍ୟାୟ, ଅତ୍ୟାଚାର ଏବଂ ଶୋଷଣ ପେଷଣ ବିରୁଦ୍ଧରେ ଖୋଲାଖୋଲି ସ୍ୱର ଉତ୍ତୋଳନ କଲୁ । ଏହା ପୂର୍ବରୁ ୧୯୩୨-୩୪ ବେଳକୁ ଓଡ଼ିଶା ଗଡ଼ଜାତ ପ୍ରଜା-ସମ୍ମିଳନୀ ନାମରେ ସ୍ୱର୍ଗୀୟ ବାଳୁଙ୍କେଶ୍ୱର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ

Digitized by PPRACHIN, SOA

ଓଡ଼ିଶା ଗଡ଼ଜାତ ଅଞ୍ଚଳ ପାଇଁ ଏକ ରାଜନୈତିକ ସଙ୍ଗଠନ ଗଠିତ ହୋଇଥିଲା । ଶ୍ରୀଯୁକ୍ତ ରାଧାନାଥ ରଥ ଏହାର ପ୍ରଧାନ ଉଦ୍ୟୋକ୍ତା ଥିଲେ । ସ୍ୱର୍ଗୀୟ ଶ୍ରୀଯୁକ୍ତ ସାରଙ୍ଗଧର ଦାସ ତାଙ୍କର ସମସ୍ତ ଶକ୍ତି ଏବଂ ସମୟ ଦେଇ ଏହି ସମ୍ମିଳନୀକୁ ଅତ୍ୟନ୍ତ ଚଳନଶୀଳ ଏବଂ ଜୀବନ୍ତ କରାଇଲେ । ଭାରତୀୟ ସ୍ତରରେ ଶ୍ରୀଯୁକ୍ତ ପଟ୍ଟାଭି ସୀତାରାମାୟା ଏବଂ ଉତ୍କଳ ସ୍ତରରେ ଡଃ ହରେକୃଷ୍ଣ ମହତାବ ଏହି ସଙ୍ଗଠନର ପରାମର୍ଶଦାତା ଓ ପୃଷ୍ଠପୋଷକ ଭାବେ ଗଡ଼ଜାତ ପ୍ରଜାଙ୍କୁ ଉତ୍ସାହ ଏବଂ ସାହସ ପ୍ରଦାନ କରୁଥିଲେ । ସମାଜ ଖବରକାଗଜ ଓ ତାର ସଂପାଦକ ଶ୍ରୀଯୁକ୍ତ ରାଧାନାଥ ରଥ ଅତ୍ୟନ୍ତ ସାହସର ସହିତ ଗଡ଼ଜାତ ରାଜାମାନଙ୍କର ଅନ୍ୟାୟ-ଅତ୍ୟାଚାରର ଜୀବନ୍ତ କାହାଣୀ ପ୍ରକାଶ କରି ପ୍ରଜାମାନଙ୍କ ମନରେ ଆଶା ଉତ୍ସାହ ଏବଂ ଏକତା ଜାଗ୍ରତ କରାଉଥିଲେ ।

କ୍ରମେ ଏହିପରି ଆଶା-ଉତ୍ସାହ ଓ ସାହସ-ଭରସାର ହାଓ୍ୱା ସୃଷ୍ଟି ହେଲା । ଫଳତଃ ବ୍ରିଟିଶ୍ ସରକାରଙ୍କ ରାଜ-ରକ୍ଷା ଆଇନର (Princess Protection Act) ତେଜ ଏବଂ ବଳବତ୍ତା ମଳିନ ଓ ଦୁର୍ବଳ ହୋଇଗଲା । ରାଜା-ମହାରାଜା ଓ ଜମିଦାର-ଜାଗିରଦାରଙ୍କ ଓଜ-ତେଜ କମିଲା ଏବଂ ସେମାନଙ୍କ ମନରେ ଚେତନା ଆସିଲା । ରାଜା-ମହାରାଜା ଏବଂ ଶାହ-ବାଦଶାହଙ୍କର ଶୋଷଣ-ଅତ୍ୟାଚାର ଆମ୍ଭମାନଙ୍କ ପ୍ରାଣକୁ ତ ବହୁ ଦିନରୁ ମର୍ମାନ୍ତକ ଆଘାତ ଦେଉଥିଲା । ଏତେବେଳକୁ ମୁଁ ବି: ଏ:, ଡି: ଇଡ୍: ପଢ଼ି ତାଳଚେରରେ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ହୋଇ ସାରିଲିଣି । ବି: ଏ: ପଢ଼ିଲାବେଳେ ଅର୍ଥନୀତି-ରାଜନୀତିରେ ଅନର୍ସ ବିଷୟ ଥିବା ସଙ୍ଗେ ଇତିହାସ ମୋର ଅତି ପ୍ରିୟ ବିଷୟ ଥିଲା । ପୃଥିବୀ ଇତିହାସ ପଢ଼ିଲା ବେଳେ ପୂର୍ବୋକ୍ତ ମଧ୍ୟ-ଇଉରୋପର ମଧ୍ୟଯୁଗୀୟ ରାଜା ଜମିଦାରଙ୍କର (nobles) ଅମାନୁଷିକ ଅତ୍ୟାଚାର ପଢ଼ି ମୋର ରୋମ ଟାଙ୍କୁରି ଉଠୁଥିଲା । ଇଂଲଣ୍ଡର ଲୋକେ ସେଠାକାର ଅତ୍ୟାଚାରୀ ୨ୟ ଚାର୍ଲସ, ୨ୟ ଜେମ୍ସ ଏବଂ ୨ୟ ହେନେରୀ ରାଜାମାନଙ୍କୁ ଯେପରି ଗାଦିଚ୍ୟୁତ କରିଥିଲେ ଓଡ଼ିଶାର ରାଜା ମହାରାଜାମାନଙ୍କୁ ସେହିପରି ଗାଦିଚ୍ୟୁତ କରିବା ଭାବନାରେ ମୁଁ ମଗ୍ନ ହେଉଥିଲି । ଫରାସୀ ବିଦ୍ରୋହ ଏବଂ ଜୁଲିୟସ ସିଜରଙ୍କର ହତ୍ୟା କଥା ମୁଁ ଉତ୍ତମ ରୂପେ ପଢ଼ି ଅତ୍ୟାଚାରୀ

Digitized by PPRACHIN, SOA

ଏକଛତ୍ରପତି ରାଜାଙ୍କୁ ଗାଦିଚ୍ୟୁତ କରିବା ଏବଂ ଦରକାର ପଡ଼ିଲେ ହତ୍ୟା କରିବା କଥାକୁ ପସନ୍ଦ କରୁଥିଲି । ରାମାୟଣ-ମହାଭାରତ ପଢ଼ି ଅତ୍ୟାଚାରୀ ରାବଣକୁ ରାମଚନ୍ଦ୍ର ଏବଂ ରକ୍ତପିପାସୁ କଂସକୁ କୃଷ୍ଣଚନ୍ଦ୍ର ନିଧନ କରିବା କାମକୁ ଆଦର୍ଶ ଓ କର୍ତ୍ତବ୍ୟ ବୋଲି ଭାବୁଥିଲି । ରାଜା-ମହାରାଜାଙ୍କୁ କଂସ-ରାବଣ ସଙ୍ଗେ ତୁଳନା କରି ସେମାନଙ୍କର ଗାଦିଚ୍ୟୁତି ଏବଂ ନିଧନ ସମ୍ପର୍କରେ ସମୟେ ସମୟେ ଜଣେ ଦୁଇଜଣ ସମଭାବାପନ୍ନ ଅନ୍ତରଙ୍ଗ ବନ୍ଧୁଙ୍କ ସଙ୍ଗେ ଚକ୍ରାନ୍ତ କରୁଥିଲି । ସମାଜ ଏବଂ ଶାସନ ପରିଚାଳନା କରିବାରେ ରାମଚନ୍ଦ୍ର ମୋର ହୋଇଛନ୍ତି ଆଦର୍ଶ । ୧୯୩୦-୩୨ ଠାରୁ ଉପରୋକ୍ତ ମାନସିକ ଚିନ୍ତା, ଉଦ୍‌ବେଗ, ଉତ୍କଣ୍ଠା, ପ୍ରେରଣା ଏବଂ ପ୍ରତିବେଦନା ମୋତେ ଅଧିକାର କରିଥାଏ । ଉପରୋକ୍ତ ୨ଜଣ ବନ୍ଧୁ ହୋଇଛନ୍ତି ସର୍ବଶ୍ରୀ ଦାଶରଥି ପାଣି ଏବଂ ଗୌରୀଶଙ୍କର ପ୍ରଧାନ ।

୧୯୩୦-୩୧ ଠାରୁ ୧୯୩୪-୩୫ ପର୍ଯ୍ୟନ୍ତ କଟକରେ ରେଭେନ୍‌ସା କଲେଜରେ ପଢ଼ିଲାବେଳେ ବିଦେଶୀ ବସ୍ତ୍ର ବର୍ଜନ ଏବଂ ନିଶା-ନିବାରଣ ନିମନ୍ତେ ସତ୍ୟାଗ୍ରହ କରୁଥିବା କଂଗ୍ରେସ କର୍ମୀଙ୍କ ପ୍ରତି ବ୍ରିଟିଶ କର୍ମଚାରୀ-ଙ୍କର ଅତ୍ୟାଚାର ଦେଖି ମନେ ମନେ ଭାବୁଥିଲି ଯେ, ପଢ଼ା ଛାଡ଼ି ସତ୍ୟାଗ୍ରହୀ ହୁଅନ୍ତି । କିନ୍ତୁ ଭାବେ ଗଡ଼ଜାତରେ ପ୍ରଥମେ ଆନ୍ଦୋଳନ ନ କରି ବ୍ରିଟିଶ ଶାସିତ ଅଞ୍ଚଳରେ ଆନ୍ଦୋଳନ କଲେ ଗଡ଼ଜାତବାସୀଙ୍କର ରାଜ-ଅତ୍ୟାଚାରରୁ ମୁକ୍ତି ପାଇବା କଠିନ ହେବ । ଗଡ଼ଜାତ ଅଞ୍ଚଳରେ ଆନ୍ଦୋଳନ କରିବା ସହଜ-ସାଧ୍ୟ ହେବ ନାହିଁ, ଅତ୍ୟନ୍ତ ବିପଦପୂର୍ଣ୍ଣ ହେବ । ପ୍ରଥମେ ଗୋପନ ଆନ୍ଦୋଳନ କଥା ଚିନ୍ତା କଲି ଏବଂ ଦେଖିଲି ସେଥିରେ ମଧ୍ୟ ସଫଳତା ଦୁରୂହ ହେବ । ଜଣା ପଡ଼ିଗଲେ ରଜା ମାରିଦେବେ । ଜଣକୁ ମାରିଦେଲେ ଅନ୍ୟମାନେ ଡରି-ଯିବେ । ମୁଁ ନିଜେ ମରିବାକୁ ଡରୁନଥାଏ ; କାରଣ ମୁଁ ଅବିବାହିତ ଥିଲି । ମୋର ପୋଷ୍ୟବର୍ଗ କେହି ନଥିଲେ । ପିତା ମାତା ତ ବାଲ୍ୟକାଳରୁ ମୃତ ହୋଇଥିଲେ । ମୋର ସାଂସାରିକ ଜଞ୍ଜାଳ ଏବଂ ମାୟା-ମମତା କିଛି ନ ଥିଲା । କିନ୍ତୁ ମୁଁ ଭୟ କରୁଥିଲି ସେହିମାନଙ୍କ ପାଇଁ ଯେଉଁମାନେ ମୋର ସାଙ୍ଗ-ସାଥୀ ହୋଇ ମୋ ସଙ୍ଗେ ଆନ୍ଦୋଳନରେ ଯୋଗ ଦେବେ ; ସେମାନେ ତ ମୋ ପରି ମୁକ୍ତ ଏବଂ ଜଞ୍ଜାଳବିହୀନ ନୁହନ୍ତି । ଉପରୋକ୍ତ

Digitized by PPRACHIN, SOA

ଅବସ୍ଥା ଏବଂ ସୁବିଧା ଯୋଗୁଁ ଦେଶ, ଜାତି ଏବଂ ଜନତାର ମଙ୍ଗଳ ନିମନ୍ତେ ମରିବା ମୋର ଧର୍ମ ବୋଲି ମୁଁ ଭାବୁଥିଲି । କିନ୍ତୁ ଗଡ଼ଜାତ ଅଞ୍ଚଳରେ କ୍ଷେତ୍ର ପ୍ରସ୍ତୁତ ନ କରି ହଠାତ୍ ବାହାରି ମରିବା ଚିନ୍ତା ଏବଂ କାର୍ଯ୍ୟକୁ ପସନ୍ଦ କରୁନଥିଲି ।

ଉପର୍ଯ୍ୟୁକ୍ତ ମନୋଭାବନାରେ ମୁଁ ପ୍ରଥମେ ଦେଶୀୟ ରାଜ୍ୟ ଅଞ୍ଚଳରେ ଗୋପନ କ୍ଷେତ୍ର ପ୍ରସ୍ତୁତ କରିବାକୁ ଲାଗିଲି । କେତେକ ଗଡ଼-ଜାତର, ବିଶେଷତଃ ତାଳଚେର, ପାଲଲହଡ଼ା, ବାମଣ୍ଡା, ହିନ୍ଦୋଳ, ଆଠମଲ୍ଲିକ, ରେଢ଼ାଖୋଲ ଏବଂ ଢେଙ୍କାନାଳର ପର୍ଜଙ୍ଗ ଅଞ୍ଚଳର ମୁଖ୍ୟ ବ୍ୟକ୍ତିମାନଙ୍କର ମନୋଭାବ ପରୀକ୍ଷା କଲି । ହୃଦୟଙ୍ଗମ କଲି, ଆନ୍ଦୋଳନ କଲେ ଲୋକେ ମୋତେ ଏବଂ ମୋର ସାଙ୍ଗ ସାଥୀଙ୍କୁ ସମର୍ଥନ କରିବେ । ମୋର କେତେକ ସହାଧ୍ୟାୟୀଙ୍କର, ବିଶେଷତଃ ସର୍ବଶ୍ରୀ ଦାଶରଥୀ ପାଣି, ଗୌରୀଶଙ୍କର ପ୍ରଧାନ, ମଦନମୋହନ ପ୍ରଧାନ, କୃତ୍ତିବାସ ରଥ ଏବଂ ମାଗୁଣି ଚନ୍ଦ୍ର ପ୍ରଧାନ ଓଗେରଙ୍କ କଥାବାର୍ତ୍ତା ଓ ମନୋଭାବରୁ ବୁଝି ନେଲି ଯେ ମୁଁ ନେତୃତ୍ୱ ଦେଇ ବାହାରିପଡ଼ିଲେ ସେମାନେ ମୋ ସଙ୍ଗେ ନିଶ୍ଚୟ ଯିବେ ଏବଂ କେବେ ପଛଘୁଞ୍ଚା ଦେବେ ନାହିଁ । ପୂର୍ଣ୍ଣପ୍ରାଣରେ ଆଶୀର୍ବାଦ ଦେଇ ସାଧାରଣ ଜନତା ସେମାନଙ୍କର ମୁକ୍ତି ଏବଂ ସୁଖଶାନ୍ତି ନିମନ୍ତେ ଅବଶ୍ୟ ଦୃଢ଼ ଭାବରେ ମୋ ପଛରେ ଠିଆ ହେବେ । କଂଗ୍ରେସର ଧର୍ମ ଓ ନୀତି ଦୃଷ୍ଟିରୁ ନୈତିକ ଏବଂ ସାଂଗଠନିକ ସାହାଯ୍ୟ ମିଳିବ ବୋଲି ଧରିନେଲି ।

ଏହି ଭାବନାରେ ପରିଚାଳିତ ଏବଂ ଆଶାନ୍ୱିତ ହୋଇ ମୁଁ ରାଜ-କର୍ମଚାରୀ ଥିଲେ ସୁଦ୍ଧା ଆନ୍ଦୋଳନ ଉଦ୍ଦେଶ୍ୟରେ ଅର୍ଦ୍ଧମୁକ୍ତ ଭାବେ ସଙ୍ଗଠନ ଏବଂ ପ୍ରଚାର ଆରମ୍ଭ କରାଇଲି । ମୋର ମନୋଭାବନା ଜାଣି ରାଜା ମୋତେ ଡକାଇ ଭୟ-ଆତଙ୍କ ଧମକ-ଚମକପୂର୍ବକ ନାନା ପ୍ରଲୋଭନରେ ବଶୀଭୂତ କରାଇବାକୁ ଲାଗିଲେ । ମୁଁ ଧମକରେ ଭୟଭୀତ କିମ୍ବା ପ୍ରଲୋଭନରେ ବଶୀଭୂତ ନ ହେବାରୁ ଶେଷରେ ମିଥ୍ୟା ମକଦ୍ଦମା କରାଇ ଜେଲ ଦେବାକୁ ଚକ୍ରାନ୍ତ କରି ବିଫଳମନୋରଥ ହେଲେ । ପରିଶେଷରେ ଜୀବନ ନାଶର ଚେଷ୍ଟା କରାଇଲେ । ସେଥିରେ ମଧ୍ୟ ଅସଫଳ ହେଲେ ।

Digitized by PPRACHIN, SOA

ଏପରି ହେଲା ଯେ, ମୁଁ ତାଳଚେରଠାରେ ମୋ ବସା ଏବଂ ସ୍କୁଲ ହତାରୁ ଅନ୍ୟତ୍ର ବାହାରିଗଲେ ଦିନ ଦ୍ୱିପ୍ରହରରେ ଗୁଣ୍ଡା ଲଗାଇ ମୋତେ ମରାଇଦେବେ। ରାତିରେ ମୋ ଶୋଇବା ଘରୁ ମୋତେ ଉଠାଇନେଇ (Kidnapping) ମାରି ବେକରେ ଜଂଜିର କମ୍ବା ଦଉଡ଼ିରେ ପଥର ବାନ୍ଧି ସ୍କୁଲ ନିକଟସ୍ଥ ନଦୀର ଗଭୀର ଗଣ୍ଡରେ ପକାଇଦେବେ। ରାଜାଙ୍କର ସମସ୍ତ ଚକ୍ରାନ୍ତ ମୁଁ ଆଗରୁ ଜାଣି ସାବଧାନ ହୋଇଯାଏ। ଶ୍ରୀ ବଳରାମ ମହାପାତ୍ର ରାଜାଙ୍କର ଗୋଇନ୍ଦା ରୂପେ ନିଯୁକ୍ତ ଥାନ୍ତି। ତାଙ୍କ ବଡ଼ଭାଇ ଶ୍ରୀ ଅନନ୍ତ ମହାପାତ୍ର ରାଜାଙ୍କର ଅତି ପ୍ରିୟ ଏବଂ ବିଶ୍ୱସ୍ତ ଥାନ୍ତି। ସେ (ଶ୍ରୀ ମହାପାତ୍ର) ଆନ୍ଦୋଳନର ଘୋର ବିରୋଧୀ ଥାଇ ସର୍ବବିଧ ଅତ୍ୟାଚାରପୂର୍ବକ ତାହା ଦମନ କରିବାରେ ଆପ୍ରାଣ ଚେଷ୍ଟା କରିଥିଲେ। ରଜାଙ୍କର ଯଦି ଆଦେଶ ବା ଇଚ୍ଛା ଥାଏ କାହାକୁ ଧରି ଆଣିବା ନିମନ୍ତେ ସେ ତାକୁ ମାରି ଆଣି ରଜାଙ୍କ ନିକଟରେ ହାଜର କରାଉଥିଲେ। କିନ୍ତୁ ସାନଭାଇ ଶ୍ରୀ ବଳରାମ ମହାପାତ୍ର ଗୋଇନ୍ଦା ଥିଲେ ସୁଦ୍ଧା ମୋ ବିରୁଦ୍ଧରେ ସମସ୍ତ ଚକ୍ରାନ୍ତ ମୋତେ ଆଗରୁ ସୂଚାଇ ସତର୍କ କରିଦିଅନ୍ତି। ଦିନେ ମୁଁ ତାଳଚେର ଟାଉନରୁ ସନ୍ଧ୍ୟା ୭ଟା ବେଳେ ସ୍କୁଲ ହତା ଭିତରେ ଥିବା ମୋ ବସାକୁ ଫେରିଲା ବେଳେ ରାଜ ପକ୍ଷର ୧୦।୧୨ ଜଣ ଗୁଣ୍ଡା ମୋତେ ତିନି ଦିଗରୁ ଘେରିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ମୁଁ ଶୀଘ୍ର ଏକ ଫର୍ଲଙ୍ଗ ଦୂରସ୍ଥ ତାଳଚେର ଟାଉନ ବଜାର ଭିତରକୁ ଫେରି ଆସିଲି ଏବଂ ସ୍ୱର୍ଗତ ପଣ୍ଡିତ ଅନନ୍ତ ମିଶ୍ର, ସାହିତ୍ୟାଚାର୍ଯ୍ୟଙ୍କୁ ଜଣାଇଲି। ମୋ ସଙ୍ଗେ ପୁରୀର ଶ୍ରୀ ବିଶ୍ୱନାଥ ମହାପାତ୍ର ମଧ୍ୟ ଥିଲେ। ପଣ୍ଡିତ ଅନନ୍ତ ମିଶ୍ର, ସାହିତ୍ୟାଚାର୍ଯ୍ୟ ମହାଶୟ ଜଣେ ଜାତୀୟତାବାଦୀ ନିର୍ଭୀକ ଏବଂ ସ୍ୱାଧୀନଚେତା ବ୍ୟକ୍ତି ଥିଲେ। ତେଣୁ ରାଜା ତାଙ୍କୁ ପସନ୍ଦ କରୁନଥିଲେ, ନାନା ହଇରାଣ ହରକତରେ ପକାଉଥିଲେ। ସେ ମୋତେ ପୁତ୍ରବତ୍ ସ୍ନେହ କରୁଥିଲେ ଏବଂ ମୋର ଆନ୍ଦୋଳନକୁ ସମର୍ଥନ କରୁଥିଲେ। ସେ ମହୋଦୟ ବ୍ରାହ୍ମଣଶାସନ ଏବଂ ବଜାରରୁ ୧୫।୧୬ ଜଣ ଯୁବକଙ୍କୁ ସାଙ୍ଗରେ ନେଇ ମୋତେ ଆଣି ମୋ ବସାରେ ଛାଡ଼ିଦେଇ ଗଲେ। ସଙ୍ଗେ ସଙ୍ଗେ ଉକ୍ତ ବଳରାମ ମହାପାତ୍ର ଖବର ଦେଲେ ଯେ, ମୋତେ ସେହି ରାତିରେ ମୋ ବସାରୁ ଉଠାଇ ନେଇ ମାରି ନଦୀରେ ପକାଇଦେବେ। ଏ ଖବର ଶୁଣି ହଷ୍ଟେଲର ପିଲାମାନେ ମୋ

ବସାରେ ଜଗିରହି ପହରା ଦେଲେ । ପରଦିନ ପୁଣି ସେହି ଖବର । ପିଲାମାନେ ଅଧିକ ସଂଖ୍ୟାରେ ରହି ତମାମ ମୋ ବସାରେ ପହରା ଦେଉଥାନ୍ତି । ଜେନାପୁରର ଶ୍ରୀ କାଙ୍ଗାଳୀ ଚରଣ ସାହୁ ଓ ଗୁରୁଜାଂଗୁଲର ଶ୍ରୀ ଗୋକୁଳାନନ୍ଦ ରଥ ଆଦି ଅଗ୍ରଣୀ ହୋଇ ମୋତେ ରାତିରେ ଜଗୁଥାନ୍ତି । ଶ୍ରୀ ବଳରାମ ମହାପାତ୍ର ପରେ ଢେଙ୍କାନାଳରେ ବାସ କରୁଥିଲେ । ବର୍ତ୍ତମାନ ସ୍ୱର୍ଗପ୍ରାପ୍ତ । ରାଜା ତାଙ୍କୁ କାର୍ଯ୍ୟରୁ ଅନ୍ତର କରଦେଲେ । କିଛିକାଳ ପାଇଁ ସେ ତାଳଚେର ପ୍ରଜାମଣ୍ଡଳର ଉପ-ସଭାପତି ଥିଲେ । ରାଜାଙ୍କ ପ୍ରତ୍ୟେକ ଚକ୍ରାନ୍ତ ଉକ୍ତ ବଳରାମ ମହାପାତ୍ର ଏବଂ କର୍ମଚାରୀଙ୍କ ପିଲାଙ୍କଠାରୁ ମୁଁ ଜାଣିଯାଏ । ରାଜାଙ୍କ ଚକ୍ରାନ୍ତ କର୍ମଚାରୀମାନେ ତାଙ୍କ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଲାବେଳେ ତାଙ୍କ ପିଲାମାନେ ଶୁଣି ହଠାତ୍ ଦୌଡ଼ି ଆସି ମୋ ପାଖରେ ଖବର ଦିଅନ୍ତି ; କାରଣ ମୁଁ ଉକ୍ତ ପିଲାଙ୍କର ଶିକ୍ଷକ ଥିଲି ଏବଂ ତାଙ୍କ ବାପା, ଦାଦା ଚାକିରି କରୁଥିଲେ ସୁଦ୍ଧା କିଶୋର ଛାତ୍ରମାନେ ରାଜଶାସନକୁ ନାପସନ୍ଦ ଏବଂ ଆନ୍ତରିକ ଘୃଣା କରୁଥିଲେ । ଏହିପରି ବହୁ ବିପଦପୂର୍ଣ୍ଣ ଘଟଣା ଏବଂ ଆସନ୍ନ ମୃତ୍ୟୁରୁ ନିଜକୁ ରକ୍ଷା କରି ନେଉଥାଏ । ଶେଷକୁ ଦେଖିଲି ଯେ, ତାଳଚେରରେ ଆଉ ବେଶୀ ଦିନ ରହିବା ମୋ ପକ୍ଷରେ ଯେପରି ବିପଦପୂର୍ଣ୍ଣ ଦେଶ ପକ୍ଷରେ ସେହିପରି କ୍ଷତିକାରକ । ତେଣୁ ସ୍ଥିର କଲି, ସରକାରୀ ଚାକିରିରୁ ଇସ୍ତଫା ଦେଇ ରାଜ୍ୟରୁ ପଳାଇଯିବି । କିନ୍ତୁ ସରକାରୀ ଚାକିରିରୁ ଇସ୍ତଫା ଦେଲେ ସୁଦ୍ଧା ତାହା ଗ୍ରହଣ କରାଯିବ ନାହିଁ; କାରଣ ସେପରି ହେଲେ ମୁଁ ମୁକ୍ତ ହୋଇ ଆନ୍ଦୋଳନ ପୁରାଦମ୍‌ରେ ଚଳାଇବି ବୋଲି ରାଜାଙ୍କର ଆଶଙ୍କା । ନଜରବନ୍ଦୀ କରି ରଖିବାକୁ ସେ ନାରାଜ, ଯେହେତୁ ତଦ୍ୱାରା ମୋର ଆସନ ବଢ଼ିଯିବ ଏବଂ ଆନ୍ଦୋଳନ ସୂତ୍ରପାତ ହେଉଛି ବୋଲି ବାହାର ଦୁନିଆ ହୃଦ୍‌ବୋଧ କରିବ । ରାଜା ବାହାରେ ଦେଖାଇ ଦେବାକୁ ଚାହୁଁଥିଲେ ଯେ, ତାଙ୍କ ଶାସନ ଏତେ ଭଲ ଯେ ଅନ୍ୟତ୍ର ଆନ୍ଦୋଳନ ହେଲେ ସୁଦ୍ଧା ତାଙ୍କ ରାଜ୍ୟରେ ଆନ୍ଦୋଳନ ନାହିଁ । ତେଣୁ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ, ହୁଏତ ହୀନ ଅଭିଯୋଗରେ ଅଭିଯୁକ୍ତ କରାଇ ମୋତେ ଦୀର୍ଘ କାରାବାସ ଦିଆଇବେ, କିମ୍ବା ତାହା କରି ନ ପାରିଲେ କଳେ, ବଳେ, କଉଶଳେ ଗୋପନରେ ମୋତେ ଖତମ କରାଇ ମୁଁ ମାଇଲେ ସବୁ ଶେଷ' ମତରେ ନିଶ୍ଚିନ୍ତ ହୋଇ ରହିବେ । ଏହିପରି

Digitized by PPRACHIN, SOA

ଆଶଙ୍କା, ଭୟ, ବିପଦ ଏବଂ ଆସନ୍ନ ମୃତ୍ୟୁ ମୁଖରେ ରହି ନିଷ୍ପତ୍ତି କଲି ରାଜ୍ୟରୁ ଗୋପନରେ ପଳାଇଯାଇ ବାହାରୁ ଇସ୍ତଫା ପଠାଇଦେବି । ତେଣୁ ୧୯୩୮ ମସିହା ଜୁଲାଇ ମାସରେ ରାତି ସାଢ଼େ ଦୁଇଟା ବେଳେ ହାଇସ୍କୁଲ ହଷ୍ଟେଲରେ ଥିବା ମୋ ବସାରୁ ଉଠି ପାଇଖାନା ଯିବା ବାହାନାରେ ଢାଳରେ ପାଣି ଧରି ପୂର୍ବୋକ୍ତ ଶ୍ରୀ ଗୋକୁଳାନନ୍ଦ ରଥ ନାମକ ଏକାଦଶ ଶ୍ରେଣୀର ଜଣେ ଅତ୍ୟନ୍ତ ବିଶ୍ୱସ୍ତ ଛାତ୍ରଙ୍କ ସହାୟତାରେ ତାଳଚେର ଛାଡ଼ି ତାତ୍କାଳିକ ବ୍ରିଟିଶ ଶାସିତ ଅଞ୍ଚଳ ଅନୁଗୋଳକୁ ରାତି ପାହିବା ପୂର୍ବରୁ ନିରାପଦରେ ପଳାଇଗଲି ।

ଏତେବେଳକୁ ନୀଳଗିରିରେ ସ୍ୱର୍ଗୀୟ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇ ସେଠାକାର ରାଜାଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ଚାଲିଥାଏ । ଢେଙ୍କାନାଳରେ ସ୍ୱର୍ଗୀୟ ମହେଶ୍ୱର ସୁବାହୁସିଂହଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥାଏ । ସ୍ୱର୍ଗତ ଶ୍ରୀଯୁକ୍ତ ସାରଙ୍ଗଧର ଦାସ ସୁସମ୍ବନ୍ଧିତ ଭାବେ ଓଡ଼ିଶା ଗଡ଼ଜାତ ଆନ୍ଦୋଳନ ସଙ୍ଗଠିତ କରି ଚଳାଇବା ନିମନ୍ତେ ଆପ୍ରାଣ ଚେଷ୍ଟା କରୁଥାନ୍ତି । ତାଙ୍କ ସଙ୍ଗେ ୨।୩ ବର୍ଷ ପୂର୍ବରୁ ଅତି ଘନିଷ୍ଠ ଭାବେ ଗୋପନ ସମ୍ପର୍କ ଏବଂ ତାଙ୍କ ଜ୍ଞାତସାରରେ ତାଳଚେର ପାଲଲହଡ଼ା ଓଗେର କ୍ଷୁଦ୍ର କ୍ଷୁଦ୍ର ଷ୍ଟେଟ୍‌ମାନଙ୍କରେ ମୋର ଗୋପନ (underground) ସଙ୍ଗଠନ ଚାଲିଥାଏ । ସେ ମୋର ସାହଚର୍ଯ୍ୟ ଅତି ଅନ୍ତରର ସହିତ ନେଉଥାନ୍ତି । ନିରାପଦରେ ତାଳଚେରରୁ ଚାକିରି ଛାଡ଼ି ପଳାଇ ଆସିବାଦ୍ୱାରା ସେ ଅତ୍ୟନ୍ତ ସନ୍ତୁଷ୍ଟ, ଆଶାନ୍ୱିତ ଏବଂ ଉତ୍ସାହିତ ହେଲେ । ମୁଁ ତ ଚାକିରି କରୁଥିଲି । କାଳେ ସେହି କାରଣରୁ ମକଦ୍ଦମା କରି ତାଳଚେର ଭିତରକୁ ମୋତେ ନେବା ନିମନ୍ତେ ରାଜା ଚକ୍ରାନ୍ତ କରିବେ ତେଣୁ ତାତ୍କାଳିକ କଂଗ୍ରେସ ନେତା ଏବଂ ଉତ୍କଳ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ନିକଟକୁ ମୋତେ ସାଙ୍ଗରେ ନେଇ ମୋର ଚାକିରିରୁ ଇସ୍ତଫା ଟେଲିଗ୍ରାମ ଯୋଗେ ତାଙ୍କ ଘରଠାରୁ ତାଳଚେର ରାଜାଙ୍କ ପାଖକୁ ପଠାଇଦେଲେ । ତାପରେ ବସ୍ତୁତଃ ମୁଁ ଚାକିରି ଏବଂ ତାଳଚେର ରାଜାଙ୍କ କବଳରୁ ମୁକ୍ତ ହେଲି ।

Digitized by PPRACHIN, SOA

ମୋର ବର୍ତ୍ତମାନର ପରବର୍ତ୍ତୀ କାର୍ଯ୍ୟ ହେଲା, ତାଳଚେର, ପାଲ-ଲହଡ଼ା, ରେଢ଼ାଖୋଲ, ବାମଣ୍ଡା, ବଣାଇ, ଆଠମଲ୍ଲିକ ଏବଂ ହିନ୍ଦୋଳ ପ୍ରଭୃତି ଷ୍ଟେଟ୍‌ରେ (ଗଡ଼ଜାତରେ) ରାଜାଙ୍କ ବିରୁଦ୍ଧରେ ରାଜନୈତିକ ସଙ୍ଗଠନ ସୃଷ୍ଟି କରିବା । ସାରଙ୍ଗବାବୁ ମୋତେ ଉପଦେଶ ଏବଂ ଆଶୀର୍ବାଦ ଦେଲେ ଯେ, ମୁଁ ଉକ୍ତ ଷ୍ଟେଟମାନଙ୍କରେ ଖୁବ ଶୀଘ୍ର ପ୍ରଜାମଣ୍ଡଳ ଅନୁଷ୍ଠାନ-ମାନ ସଙ୍ଗଠିତ କରେ ।

ପ୍ରଜାମଣ୍ଡଳ ଅନୁଷ୍ଠାନ ଏକ ରାଜନୈତିକ ସଙ୍ଗଠନ ଅଟେ । ଏହା ୧୯୩୮ ମାର୍ଚ୍ଚ-ଅପ୍ରିଲ ବେଳକୁ କେନ୍ଦ୍ର ଭାରତରେ କେତେକ ଷ୍ଟେଟ୍‌ରେ ସଙ୍ଗଠିତ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଯେ, ଏହି ସଙ୍ଗଠନ ଜରିଆରେ ପ୍ରଜାଙ୍କ ଦୁଃଖ-ଦୁର୍ଦ୍ଦଶା ଏବଂ ଅନ୍ୟାୟ-ଅତ୍ୟାଚାର ଦୂରୀକରଣ ନିମନ୍ତେ ରଜାଙ୍କଠାରେ ଦାବୀ କରି ଗଡ଼ଜାତମାନଙ୍କରେ ନାଗରିକ ସ୍ୱାଧୀନତା ଓ ଦାୟିତ୍ୱମୂଳକ ଶାସନ ପ୍ରାପ୍ତି ପୂର୍ବକ ଭାରତର ପୂର୍ଣ୍ଣ ସ୍ୱାଧୀନତା ନିମନ୍ତେ ନିଖିଳ ଭାରତ କଂଗ୍ରେସ କମିଟିର ଉପଦେଶ ଅନୁସାରେ କାର୍ଯ୍ୟ କରିବା । ଏହା କଂଗ୍ରେସ ସମର୍ଥିତ କଂଗ୍ରେସ ଆନୁକୂଲ୍ୟରେ ଗଠିତ ଏକ ରାଜନୈତିକ ସଙ୍ଗଠନ । ସ୍ୱାଧୀନତା ପରେ ଏହା କଂଗ୍ରେସରେ ଭୁକ୍ତ ହେଲା ।

ଆମ ଓଡ଼ିଶାରେ ଏହି ଗୁଡ଼ିଏ ଏବଂ ତାଙ୍କରେ ପ୍ରଜାମଣ୍ଡଳମାନ ଗଠନ କରାଗଲା । ନୀଳଗିରି ଏବଂ ଢେଙ୍କାନାଳ ଗଡ଼ଜାତମାନଙ୍କରେ ଅଳ୍ପଦିନ ପୂର୍ବରୁ ପ୍ରଜାମଣ୍ଡଳମାନ ଗଠିତ ହେବା କଥା ଆଗରୁ ଉଲ୍ଲେଖ କରିଛି । ବର୍ତ୍ତମାନ ମୁଁ ତାଳଚେର ଓ ଅନ୍ୟ କେତେକ ରାଜ୍ୟରେ ପ୍ରଜା-ମଣ୍ଡଳମାନ ଗଠନ କରିବାର ଦାୟିତ୍ୱ ନେଇ କାର୍ଯ୍ୟ ଆରମ୍ଭ କଲି । ତାଳଚେର ରାଜ୍ୟ ଭିତରେ ପ୍ରଜାମଣ୍ଡଳ ଗଠନ କରି ଅଫିସ ରଖିଲେ ରାଜା ତାହା ଭାଙ୍ଗିଦେଇ ଆନ୍ଦୋଳନକୁ ଦବାଇ ଦେବା ଆଶଙ୍କାରେ ଆମ୍ଭେମାନେ ତାଳଚେର ପ୍ରଜାମଣ୍ଡଳ ଅଫିସ ପ୍ରଥମେ ଅନୁଗୋଳରେ ରଖିଲୁ । ତାଳଚେର-ଅନୁଗୋଳ ସୀମା ପ୍ରାୟ ୩୫ ମାଇଲ ଲମ୍ବ । କୌଣସି କୌଣସି ଗ୍ରାମରୁ ଅଧେ ଅଂଶ ତାଳଚେରରେ ଥାଏ ତ ବାକି ଅଧେ ବ୍ରିଟିଶ ଶାସିତ ଅନୁ-ଗୋଳରେ ଥାଏ । ତେଣୁ ଅନୁଗୋଳ ଅଞ୍ଚଳରେ ନିରାପଦରେ ରହି ଆମ ତାଳଚେର ପ୍ରଜାମଣ୍ଡଳ କାମ ଅତ୍ୟନ୍ତ ନିରାପଦରେ ସଫଳତାର ସହିତ

Digitized by PPRACHIN, SOA

ଚଳାଇଲୁ । ତାଳଚେର ପ୍ରଜାମଣ୍ଡଳର ମୁଁ ସଭାପତି ନିର୍ବାଚିତ ହୋଇଥିଲି । ସର୍ବଶ୍ରୀ ବଳରାମ ମହାପାତ୍ର ଉପସଭାପତି ଓ ଦାଶରଥୀ ପାଣି ଏବଂ ମାଗୁଣି ଚନ୍ଦ୍ର ପ୍ରଧାନ ସମ୍ପାଦକ ମନୋନୀତ ହୋଇଥିଲେ । ସର୍ବଶ୍ରୀ ଗୌରୀଶଙ୍କର ପ୍ରଧାନ, କୃତ୍ତିବାସ ରଥ, ଚନ୍ଦ୍ରଶେଖର ଦାସ ଓଗେର କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ ।

କ୍ରମେ କ୍ରମେ ଅନ୍ୟାନ୍ୟ ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳମାନ ସଂଗଠିତ ହେଲା । ଏହି ଅନୁଷ୍ଠାନମାନଙ୍କ ଜରିଆରେ ରାଜା ଓ ରାଜନୈତିକ ବିଭାଗକୁ ନାନା ଦାବୀସମ୍ବଳିତ ଦାବୀପତ୍ରମାନ ଦିଆଗଲା । ଉକ୍ତ ଦାବୀପତ୍ର-ମାନଙ୍କରେ ଲେଖାଥିଲା ଯେ, ଦାବୀପତ୍ର ପ୍ରାପ୍ତିର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦାବୀ ପୂରଣ ନ କଲେ ପ୍ରଜା ଏବଂ ପ୍ରଜାମଣ୍ଡଳମାନେ ସତ୍ୟ-ଅହିଂସା-ନୀତିରେ ସତ୍ୟାଗ୍ରହ (Civil disobedience) ଓ ଅସହଯୋଗ (Non-co-operation) ଆନ୍ଦୋଳନ କରିବେ । ରାଜାମାନେ ଏହି ଦାବୀପତ୍ର ପାଇଲା ମାତ୍ରେ ଉପର-ଦେଖାଣିଆ କେତେକ ଦାବୀ ପୂରଣ କରିବେ ବୋଲି କହି ଏଣେ ପ୍ରଜାମଣ୍ଡଳ କର୍ମୀ, ନେତା ଏବଂ ସମର୍ଥକ-ମାନଙ୍କୁ ଗିରଫ୍‌ଦାର କରାଇବାକୁ ଲାଗିଲେ । କିନ୍ତୁ ପ୍ରଜାମଣ୍ଡଳ କର୍ମୀମାନେ ଛାଡ଼ିବାର ଲୋକ ନୁହନ୍ତି । ସେମାନେ ମଧ୍ୟ ଘୋରତର ଭାବେ ଉକ୍ତ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ । ଆନ୍ଦୋଳନ ଚଳାଇବାରେ ତାଳଚେର-ଢେଙ୍କାନାଳ-ନୀଳଗିରି-ରଣପୁର ପ୍ରଜାମଣ୍ଡଳ ତଥା ପ୍ରଜାମାନେ ଯେପରି ଦୃଢ଼ପ୍ରତିଜ୍ଞ ତାକୁ ଦବାଇବାରେ ରାଜାମାନେ ସେହିପରି ଦୁର୍ଦ୍ଧର୍ଷ ଏବଂ ନିଷ୍ଠୁର ହେଲେ । ନୀଳଗିରିର ଅସହଯୋଗ ଆନ୍ଦୋଳନ ତୀବ୍ର ହେବାରୁ ଶ୍ରୀ ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ରାଜା-ପ୍ରଜାଙ୍କ ମଧ୍ୟରେ ଏକ ଅସ୍ଥାୟୀ ସମାଧାନ ହୋଇଗଲା । ରଣପୁରରେ ଆନ୍ଦୋଳନ ହଠାତ୍ ହେଲା । ପ୍ରଜାମାନେ ଅତ୍ୟନ୍ତ ତାତି ଉଠିଲେ । ବ୍ରିଟିଶ ସରକାରଙ୍କର ପ୍ରତିନିଧି ଗୋରା-ସାହେବ ପଲିଟିକାଲ ଏଜେଣ୍ଟଙ୍କୁ ପିଟି ପିଟି ମାରିଦେଲେ । ଏ ଆନ୍ଦୋଳନ ଜୁଆର ପରି ଉଠି ଭଟ୍ଟା ପରି ଦବିଗଲା । ସୁନ୍ଦରଗଡ଼ରେ ଖଜଣା-ବନ୍ଦ (no tax agitation) ଆନ୍ଦୋଳନ ଖୁବ୍ ତୀବ୍ର ହେବାରୁ ତତ୍ରତ୍ୟ ସରକାର ସିମ୍କୋଠାରେ ଗୁଳି ଫାଏର କଲେ । ଏହି

Digitized by PPRACHIN, SOA

ଗୁଳି ଫାଏରରେ ପ୍ରାୟ ତିନିଜଣ ଉପରେ ଲୋକ ମରିଗଲେ । ଏହା ମଧ୍ୟ ଦମିତ ହୋଇଗଲା । ଢେଙ୍କାନାଳ ଆନ୍ଦୋଳନ ପ୍ରଥମେ ଅତ୍ୟନ୍ତ ତୀବ୍ର ଏବଂ ବ୍ୟାପକ ହୋଇ ଉଠିଲା । ପ୍ରଜାମାନେ ପ୍ରଜାମଣ୍ଡଳର ନିର୍ଦ୍ଦେଶରେ ଅତ୍ୟନ୍ତ ଉତ୍ତେଜିତ ହୋଇ ମାତି ଉଠିଲେ । ସେମାନେ ସଭା-ସମିତି ରାଜ୍ୟ ଭିତରେ କଲେ । ୧୦।୧୨ ଜାଗାରେ ଗୁଳି ଫାଏର୍ ହେଲା । ଫଳରେ ୧୨ ବର୍ଷର ବାଜିରାଉତକୁ ମିଶାଇ ୧୮ ଜଣ ବ୍ୟକ୍ତି ଗୁଳି ଚାଳନାରେ ପ୍ରାଣତ୍ୟାଗ କଲେ । ଢେଙ୍କାନାଳ ଆନ୍ଦୋଳନ କମ୍ୟୁନିଷ୍ଟ ଏବଂ ସୋସାଲିଷ୍ଟ ଭାବାପନ୍ନ ନେତା ଓ କର୍ମୀମାନଙ୍କଦ୍ୱାରା ପରିଚାଳିତ ହେଉଥିବାରୁ ତାହା କ୍ରମଶଃ ହିଂସାତ୍ମକ ଆକାରରେ ପରିଣତ ହୋଇଗଲା । ଫଳରେ 'ଆରମ୍ଭ ଗୁର୍ବୀ କ୍ଷୟିଣୀ କ୍ରମେଣ' ରୂପ ଧାରଣ କଲା । ଏ ଆନ୍ଦୋଳନ କ୍ରମଶଃ ଧୀମେଇ ଗଲା ।

ହିନ୍ଦୋଳ, ପାଲଲହଡ଼ା, ନୟାଗଡ଼, ଆଠଗଡ଼, ତିଗିରିଆ, ଖଣ୍ଡପଡ଼ା, କେଉଁଝର ଏବଂ ମୟୂରଭଞ୍ଜରେ ମଧ୍ୟ ଏହି ସମୟରେ ସାଧାରଣ ଭାବେ ଆନ୍ଦୋଳନ ହୋଇ ପ୍ରଜାଙ୍କ ତରଫରୁ ଆଇନଭଙ୍ଗପୂର୍ବକ ସଭା-ସମିତି କରିବା ଓ ସରକାରଙ୍କ ତରଫରୁ ଗିରଫ୍‌ଦାରି ଏବଂ ମକଦ୍ଦମା କରି ଶେଷରେ ଦମିତ କରାଗଲା ।

ଏହି ସବୁ ଆନ୍ଦୋଳନ ୧୯୩୮ ଜୁନ-ଜୁଲାଇରୁ ଆରମ୍ଭ ହୋଇ ସେହି ବର୍ଷ ନଭେମ୍ବର ଡିସେମ୍ବର ପର୍ଯ୍ୟନ୍ତ ଚାଲିଲା ।

ଏହି ଆନ୍ଦୋଳନ ଜନ ବା ଗଣ-ଆନ୍ଦୋଳନ ରୂପ ଧାରଣ କରିଥିଲା । ଜନତା ଚାହୁଁଥିଲେ ରାଜପ୍ରଥା ଉଚ୍ଛେଦ, ବିଦେଶୀ ଶାସନର ବିଲୋପ ଏବଂ ଜନତା ଜନାର୍ଦ୍ଦନର ପ୍ରତିନିଧିମୂଳକ ଗାନ୍ଧୀବାଦର ଶୋଷଣବିହୀନ ସାମ୍ୟବାଦଭିତ୍ତିକ ସମାଜ ଓ ଶାସନ ।

ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ
୧୯୩୮-୩୯

କିନ୍ତୁ ତାଳଚେର ଆନ୍ଦୋଳନ ଜୁଆର-ଭଟ୍ଟା ପ୍ରକୃତିର କମ୍ବା 'ଵହ୍ୱାରମ୍ଭେ ଲଘୁକ୍ରିୟା'ବତ୍ ନ ହୋଇ ଧୀରେ ଧୀରେ ବଢ଼ି ଶେଷରେ

Digitized by PPRACHIN, SOA

ଏପରି ଏକ ଅଭୂତପୂର୍ବ ବିରାଟ ରୂପ ଧାରଣ କଲା, ଯାହା କେବଳ ଭାରତ-ବର୍ଷ କାହିଁକି ସାରା ଇଂଲଣ୍ଡର ଦୃଷ୍ଟି ଆକର୍ଷଣ କରିଥିଲା । ଆମ ଦାବୀପତ୍ର-ସମ୍ବଳିତ ଦାବୀମାନଙ୍କର ପୂରଣ ନିମନ୍ତେ ରାଜା ରାଜି ହେଲେ ନାହିଁ । ରାଜା ତାଙ୍କ ଶାସନରେ ବେଠି, ଭେଟି, ବେଗାରି, ମାଗଣ, ରସଦ, ଡର, ଧମକ, ଚମକ, ଅନ୍ୟାୟ, ଅତ୍ୟାଚାର, ଜୋର, ଜୁଲମ, ଶୋଷଣ, ପେଷଣ, ହାକିମଗିରି ଏବଂ ଏକଛତ୍ରଗିରି ଅଛି ବୋଲି ଆଦୌ ସ୍ୱୀକାର କଲେ ନାହିଁ । ସେ ପ୍ରଜାମାନଙ୍କୁ ଅନେକ ଦିନ ପୂର୍ବରୁ ଦାୟିତ୍ୱମୂଳକ ଶାସନ ଦେଇଛନ୍ତି ବୋଲି ଓଲଟି ଘୋଷଣା କରି ରାଜ୍ୟରେ ସ୍ଥାପିତ ପ୍ରଜାପ୍ରତିନିଧି ଅନୁଷ୍ଠାନଦ୍ୱାରା ଗୃହୀତ ନୀତିରେ ଶାସନ ଚଳାଉଛନ୍ତି ବୋଲି କହି ବ୍ରିଟିଶ୍ ସରକାରଙ୍କ ପ୍ରତିନିଧି ପଲିଟିକାଲ ଏଜେଣ୍ଟ ଏବଂ ମହାତ୍ମା ଗାନ୍ଧୀଙ୍କର ପ୍ରତିନିଧି ଠକ୍କର ବାପା ଓ କଂଗ୍ରେସ ନେତା ଡ: ହରେକୃଷ୍ଣ ମହତାବଙ୍କୁ ଠକି ଦେବାକୁ ଚେଷ୍ଟା କଲେ ।

ତାଳଚେରର ତାତ୍କାଳିକ ରାଜା ଶ୍ରୀ କିଶୋର ଚନ୍ଦ୍ର ହରିଚନ୍ଦନ ଅତି ଚାଲାକ, ଚତୁର, କୁଚକ୍ରୀ ଏବଂ କୌଶଳୀ ବ୍ୟକ୍ତି ଥିଲେ । ଶଠତା ଏବଂ ଠକାମିରେ ସେ ଅତ୍ୟନ୍ତ ଧୂରନ୍ଧର । ଲୋକଙ୍କୁ ବଶ କରିବା ନିମନ୍ତେ ଅଦ୍ଭୁତ କଳା-କୌଶଳ ଏବଂ ଛନ୍ଦ-ମନ୍ଦରେ ପାରଙ୍ଗମ । ତାଙ୍କର କାଗଜପତ୍ର ଦୁଇ ପ୍ରକାର ଥାଏ—ଏକ ପ୍ରକାର କାଗଜ-ପତ୍ର, ନୀତି-ନିୟମ ଏବଂ ଆଇନ-କାନୁନ୍ ବାହାରକୁ ଏବଂ ବ୍ରିଟିଶ୍ ସରକାରଙ୍କୁ ଦେଖାଇ ନାମ ଅର୍ଜନ କରନ୍ତି, ଅନ୍ୟ ଏକ ପ୍ରକାର ରେକର୍ଡ-ପତ୍ର ଓ କାଗଜାତ୍ ବଳରେ ଆଭ୍ୟନ୍ତରୀଣ ଶାସନ ଚଳାଇ ପ୍ରଜାଙ୍କୁ ଯଦୃଚ୍ଛା ଶୋଷଣ-ପେଷଣ ଏବଂ ଅନ୍ୟାୟ-ଅତ୍ୟାଚାର କରନ୍ତି । ତାଙ୍କୁ ଏ ଠକାମି ଏବଂ ଜାଲିଆତି କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ଦଳେ ଅତି ଦକ୍ଷ କର୍ମଚାରୀ ଥାନ୍ତି । ଅତ୍ୟନ୍ତ ଦକ୍ଷ, ପାରଙ୍ଗମ, ଅନୁଭୂତିସମ୍ପନ୍ନ ଏବଂ ସାବଧାନ ଲୋକ ନ ହେଲେ ତାଙ୍କୁ (ରଜାଙ୍କୁ) ଚିହ୍ନିବା ଭାରି କଷ୍ଟକର ହେବ । ଆମେ ଦେଖିଲୁ ଯେ, ରାଜା ପୂର୍ବୋକ୍ତମତେ ସମସ୍ତଙ୍କୁ ତାଙ୍କ (ରଜାଙ୍କ) ସପକ୍ଷରେ ପ୍ରଭାବିତ କରିବାକୁ ଲାଗିଲେଣି । ଆମେ କିନ୍ତୁ ଛାଡ଼ିବାର ଲୋକ ନୋହୁଁ । ରେକର୍ଡ଼ରୁ ଆମେ ପ୍ରମାଣ କରି ଦେଖାଇଦେଲୁ ଯେ, ରାଜାଙ୍କର ଉକ୍ତି ମିଥ୍ୟା । ସେ

Digitized by PPRACHIN, SOA

ଦୁଇ ପ୍ରକାର ରେକର୍ଡ଼ ଏବଂ କାଗଜପତ୍ର ସୃଷ୍ଟି କରି ବ୍ରିଟିଶ ସରକାରଙ୍କ ପ୍ରତିନିଧି ଏବଂ ବାହାରର ନେତାଙ୍କୁ ଦେଖାଇ କହୁଛନ୍ତି ଯେ, ତାଙ୍କ ଶାସନ ଅତ୍ୟନ୍ତ ପ୍ରଗତିଶୀଳ, ପ୍ରଜା-ମଙ୍ଗଳକାରୀ ଓ ଜନ-ହିତକର ଅଟେ । କିନ୍ତୁ ଅନ୍ୟ ଏକ ପ୍ରକାର ଆଭ୍ୟନ୍ତରୀଣ ଆଇନ୍-କାନୁନ୍ ଏବଂ କାଗଜ ପତ୍ରଦ୍ୱାରା ସେ କଂସ-ରାବଣଠାରୁ ଅଧିକତର ଶୋଷଣମୂଳକ ଏବଂ ଅତ୍ୟାଚାରପୂର୍ଣ୍ଣ ଏକଛତ୍ର ଶାସନ ଚଳାଇଛନ୍ତି । ଠକ୍କରବାପା ଏବଂ ଡ଼: ମହତାବ ଏଥିରେ ଅତ୍ୟନ୍ତ ଆଚମ୍ବିତ ହେଲେ । ସେମାନେ ରଜାଙ୍କ କାରସାଦି ବୁଝି-ପାରିଲେ । ଆମର ଆନ୍ଦୋଳନ ମହାତ୍ମା ଗାନ୍ଧୀଙ୍କ ସତ୍ୟ-ଅହିଂସ-ନୀତିକୁ ପୂର୍ଣ୍ଣପ୍ରାଣରେ ଗ୍ରହଣ କରି ତଦନୁସାରେ ପରିଚାଳିତ କରାଯାଉଥିଲା । ତେଣୁ ଉକ୍ତ ଦୁଇ ଜଣ ନେତା ଆମ ଆନ୍ଦୋଳନ ବାସ୍ତବିକ ଗାନ୍ଧୀ-ନୀତିର ଆନ୍ଦୋଳନ ବୋଲି ମହାତ୍ମା ଗାନ୍ଧୀଙ୍କୁ ଜଣାଇଲେ । ସେଥିପାଇଁ ଆମ ଆନ୍ଦୋଳନ ପ୍ରତି ଗାନ୍ଧିଜୀଙ୍କର ସହାନୁଭୂତି ଏବଂ ଆଶୀର୍ବାଦ ମିଳିଲା ।

ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ

(କ)

ସତ୍ୟାଗ୍ରହ-ଅସହଯୋଗ-ଆନ୍ଦୋଳନ

୧୯୩୮-୩୯

ପୂର୍ବରୁ ତାଳଚେର ପ୍ରଜାମଣ୍ଡଳ ରଜାଙ୍କଠାରେ ଦାବୀପତ୍ର ଉପ-ସ୍ଥାପିତ କରିବା କଥା ଉଲ୍ଲେଖ କରାଯାଇଛି । ବର୍ତ୍ତମାନ ତାଳଚେର ରଜା ଘୋଷଣା କଲେ ଯେ, ସେ ସୂଚ୍ୟଗ୍ରପରିମିତ ପ୍ରଜାମଣ୍ଡଳର ଦାବୀ ପୂରଣ କରିବେ ନାହିଁ । କିନ୍ତୁ ପ୍ରଜାମଣ୍ଡଳ ଜିଦ କଲା ଯେ, ନାଗରିକ-ସ୍ୱାଧୀନତା ଓ ଦାୟିତ୍ୱମୂଳକ ଦାବୀ ସହିତ ଦାବୀ-ପତ୍ରସମ୍ବଳିତ ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାର-ଶୋଷଣମୂଳକ ରାଜ-ପାଉଣା ଉଠାଇ ଦିଆ ନ ଗଲେ ରାଜ୍ୟରେ ଅଭୂତପୂର୍ବ ଅହିଂସ ଆନ୍ଦୋଳନ ଚାଲିବ । ରଜା ଏବଂ ରାଜନୈତିକ ବିଭାଗ ଆମ କଥା ଶୁଣିଲେ ନାହିଁ । ତେଣୁ ପ୍ରଜାମଣ୍ଡଳର ଉପଦେଶ ଏବଂ ନିର୍ଦ୍ଦେଶ-କ୍ରମେ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ପରିଚାଳିତ ହେଲା । ପ୍ରଜା-ମଣ୍ଡଳ ନିର୍ଦ୍ଦେଶ ଦେଲେ ଯେ, ତାଳଚେରବାସୀ କୌଣସି ପ୍ରଜା ରଜାଙ୍କ ସହିତ କୌଣସିପ୍ରକାର ସହଯୋଗ କରିବେ ନାହିଁ କିମ୍ବା ସମ୍ପର୍କ ରଖିବେ

Digitized by PPRACHIN, SOA

ନାହିଁ; ଖଜଣା, କର, ଟିକସ, ମାଗଣ, ରସଦ, ସଞ୍ଜା, ପଞ୍ଜା ଦେବେ ନାହିଁ; ବେଠି, ଭେଟି, ବେଗାରୀ କରିବେ ନାହିଁ ; କୋର୍ଟ, କଚେରୀ, ଆଇନ-ଅଦାଲତ ବର୍ଜନ କରିବେ ; ଜଙ୍ଗଲ-ଆଇନ ଓ ପ୍ରଜା-ଶୋଷଣକାରୀ ଅନ୍ୟାନ୍ୟ ଆଇନ ଭଙ୍ଗ ସଙ୍ଗେ ଗ୍ରାମେ ଗ୍ରାମେ ଏବଂ ପ୍ରଗଣା ପ୍ରଗଣାରେ ନିଜ ନିଜ ସ୍ୱାଧୀନ ରାଜ୍ୟ ଚଳାଇବେ । ରାଜାଙ୍କ ଏବଂ ବ୍ରିଟିଶ ସରକାରଙ୍କ ହୁକୁମ ଓ ନୀତି-ନିୟମ ଅମାନ୍ୟ କରିବା ଓ କରାଇବା ନିମନ୍ତେ ଦଳ ଦଳ ସ୍ୱେଚ୍ଛାସେବକ-ବାହିନୀ ସୁରକ୍ଷିତ ଅନୁଗୋଳ କ୍ୟାମ୍ପ ବା ଶିବିରରୁ ତାଳ-ଚେର ରାଜ୍ୟ ଭିତରକୁ ପଠାଗଲା । ଦୁଇ ମାସ ଭିତରେ ୧୪୦୦ (ଚଉଦ ଶହ) ସ୍ୱେଚ୍ଛାସେବକ ସରକାରୀ ନୀତି ଏବଂ ଆଦେଶ ଭାଙ୍ଗିଲେ, ଅବମାନନା କଲେ । ରାଜା ଏବଂ ବ୍ରିଟିଶ ସରକାରଙ୍କ ଲୋକେ ଆମ ସ୍ୱେଚ୍ଛାସେବକ-ମାନଙ୍କୁ ଅତ୍ୟନ୍ତ ଅତ୍ୟାଚାରପୂର୍ବକ ଅମାନୁଷିକ ଜେଲ-ଯନ୍ତ୍ରଣାର ପାଦ କଲେ । ତାଳଚେର ଜେଲରେ ମୋଟ ୮୦ ଜଣ କଏଦୀ ରହିବାର ସ୍ଥାନ ଥିଲା । କିନ୍ତୁ ଏହି ୮୦ ଜଣ ରହିବା ଜାଗାରେ ଏକ ସମୟରେ ପ୍ରାୟ ଦେଢ଼ ହଜାର ସତ୍ୟାଗ୍ରହୀଙ୍କୁ କଏଦୀ ଭାବେ ରଖିଲେ । ଯେଉଁ ଜେଲ-କୋଠରୀରେ (ୱାର୍ଡ଼) ୨୦ ଜଣ କଏଦୀ ରହିବାର କଥା ସେଥିରେ ୨୦୦।୩୦୦ କଏଦୀ ଭର୍ତ୍ତି କରିଦେଉଥିଲେ । ଖାଇବା-ପିଇବାର ବ୍ୟବସ୍ଥା ଅତ୍ୟନ୍ତ କଦର୍ଯ୍ୟ; ନ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୋଇବା-ପିନ୍ଧିବା କଥା କିଏ ପଚାରୁଛି । ସତ୍ୟାଗ୍ରହୀମାନେ ଯେଉଁ ଖଣ୍ଡିଏ ଲୁଗା-ଗାମୁଛା-ଗଞ୍ଜି ପିନ୍ଧି ଯାଇଥିଲେ ସେହି ଥିଲା ତାଙ୍କର ପରିଧାନ । ଖାଇବା-ବାସନ ନ ଥିବାରୁ କଏଦୀମାନେ ନିଜେ ପତ୍ର ସଂଗ୍ରହ କରି ତହିଁରେ ଖାଉଥିଲେ । ସତ୍ୟାଗ୍ରହୀ-ମାନଙ୍କୁ ଗିରଫଦାର କଲାମାତ୍ରେ ତାଳଚେର ଟାଉନକୁ ଅଣାଇ ମୁହଁମାଡ଼ି ଶୁଆଇ, ଅଣ୍ଟା ଏବଂ ପିଚ୍ଛରୁ ଲୁଗା ଖୋଲି ଜାଉଁଳି ବେତରେ ଅନ୍ୟୂନ ୨୫ ଠାରୁ ୪୦ ବେତ-ମାଡ଼ ଦେଇ ଚମଡ଼ା ଉତାରି ଦେଉଥିଲେ । ସମୟେ ସମୟେ କାହାର କାହାର ରକ୍ତ-ମାଂସ ଛିଟିକି ପଡ଼ୁଥିଲା । ତା'ପରେ ଉକ୍ତ ବେତ-ମାଡ଼ଦ୍ୱାରା ଆଘାତ ଏବଂ କ୍ଷତ ସ୍ଥାନରେ ଆୟୋ-ଡ଼ିନ୍ ଲଗାଇଦେଇ ଚେତାଶୂନ୍ୟ ଅବସ୍ଥାରେ ସତ୍ୟାଗ୍ରହୀଙ୍କୁ ଜେଲ-ଅଗଣା ଭିତରେ ପକାଇଦେଉଥିଲେ । କାହାର କାହାର ଜାନୁ ଏବଂ ବାହୁରେ ନିମକ-ହାରାମ (ନିଃହାଃ) ଛିଟା-କୁଟାଇ ଦେଇଥିଲେ (tatood) । ୪୧ ବର୍ଷ ପରେ ଆଜି ମଧ୍ୟ କେତେକଙ୍କଠାରେ ଏହି (ନିଃହାଃ) ଚିହ୍ନ ସ୍ପଷ୍ଟ କିମ୍ବା ଅସ୍ପଷ୍ଟ

Digitized by PPRACHIN, SOA

ରୂପେ ଏବଂ ମାଡ଼ ହେତୁରୁ ପିଠିର କ୍ଷତ ଏବଂ ଦାଗ ପ୍ରାଞ୍ଜଳ ଭାବେ ଦେଖାଯାଉଛି । ମୁଖ୍ୟବ୍ୟକ୍ତି ଏବଂ ନେତା ଓ କର୍ମୀଙ୍କ ଘର-ଦ୍ୱାର ହାଣ୍ଡି ଲଗାଇ ଭାଙ୍ଗି ଦିଆଗଲା, ଗୁଣ୍ଡା ଲଗାଇ ଲୁଟପାଟ କରାଇ ନିଆଗଲା, କାହାର କାହାର ଘର-ବାଡ଼ି ପୋଡ଼ାଇ ଦିଆଗଲା । ଏତେ ଅତ୍ୟାଚାର ସତ୍ତ୍ୱେ ଆମ ତାଳଚେର ପ୍ରଜାମଣ୍ଡଳ, ତାର କର୍ମୀ ଓ ନେତାମାନେ ଦବିଲେ ନାହିଁ; ଏତେ ଅତ୍ୟାଚାର ଏବଂ ନିର୍ଯାତନା ଜାଣି, ଶୁଣି ଏବଂ ଦେଖି ସୁଦ୍ଧା ନୂତନ ନୂତନ ସତ୍ୟାଗ୍ରହୀ ଏବଂ ଅସହଯୋଗୀ-ଦଳ ସତ୍ୟାଗ୍ରହ ନିମନ୍ତେ ସ୍ୱତଃ ବାହାରିପଡ଼ୁଥାନ୍ତି । ଜେଲରୁ ଫେରିଲା ପରେ ପିଠିର ମାଡ଼-ଘା' ଶୁଖି ନ ଥାଏ । ତଥାପି ଦ୍ୱିତୀୟବାର ସତ୍ୟାଗ୍ରହ କରିବାକୁ ଆଗୁଆ ହୋଇ ବାହାରିପଡ଼ନ୍ତି । ସ୍ୱାଧୀନତା-ପ୍ରାପ୍ତି କାମନା ଏବଂ ବେଠି-ଭେଟି-ବେଗାରି-ମାଗଣ-କର-ରସଦ-ଖଜଣାରୁ ମୁକ୍ତି ଭାବନା ମନକୁ ଏପରି ଅଧିକାର କଲା ଯେ ଅନଳରେ ପତଙ୍ଗ ପଡ଼ିଲା ପରି ଦୁଃଖ-କଷ୍ଟ-ଅତ୍ୟାଚାର-ନିର୍ଯାତନା ବରଣ କରିବାକୁ ଲୋକେ ସତ୍ୟାଗ୍ରହ କରିବା ନିମନ୍ତେ ଦୈନନ୍ଦିନ ଭିନ୍ନ ଭିନ୍ନ କ୍ୟାମ୍ପରୁ ବାହାରିପଡ଼ୁଥାନ୍ତି । ଏପରି ସତ୍ୟାଗ୍ରହ ଆନ୍ଦୋଳନ (Civil disobedience and non-co-operation) ଇତିହାସରେ କୁତ୍ରାପି ବର୍ଣ୍ଣିତ ଥିବାର ମୁଁ ଜାଣି ନାହିଁ ।

କେହି କେହି କହିପାରନ୍ତି, ଏତେ ଅତ୍ୟାଚାର ସତ୍ତ୍ୱେ ସତ୍ୟାଗ୍ରହୀମାନେ ପ୍ରତିବାଦ ନ କରି ତାହା କିପରି ବରଣ ଏବଂ ଗ୍ରହଣ କଲେ । ସେତେବେଳର ଗାନ୍ଧୀ-ମତ ଅନୁସାରେ ଆମେ ସତ୍ୟ ପାଇଁ, ସ୍ୱାଧୀନତା ପାଇଁ, ନ୍ୟାୟ ପାଇଁ ଯେକୌଣସି ଦୁଃଖଦୁର୍ଦ୍ଦଶା ସମେତ ମୃତ୍ୟୁବରଣ ନିମନ୍ତେ ପ୍ରସ୍ତୁତ ଥିଲୁ । ରଜା ଏବଂ ବ୍ରିଟିଶ ସରକାର ଯେତେ ଦୁଃଖ, ଯାତନା ଦେଲେ, ହଇରାଣ, ହରକତ କଲେ ଏବଂ କଷ୍ଟ-ଯନ୍ତ୍ରଣାରେ ପକାଇଲେ ସୁଦ୍ଧା ତାହା ମୁଣ୍ଡପାତି ସହିଯିବା ମତ ଧରିଥିବାରୁ ସବୁ ବରଦାସ୍ତ କରୁଥିଲୁ । କେହି କେହି କହିପାରନ୍ତି, ବଙ୍ଗଳାଦେଶର ମୁକ୍ତିବାହିନୀ ଏବଂ ସାମ୍ୟବାଦ ଭାବନାରେ ପରିଚାଳିତ ହୋଇ ତାଦୃଶ ସମାଜ ଓ ଶାସନ ଗଢ଼ିବା ନିମନ୍ତେ ଯେଉଁମାନେ ଗରିଲା ସୈନ୍ୟରୂପେ ଯୁଦ୍ଧ କରନ୍ତି ସେହିମାନେ ତାଳଚେର ସ୍ୱେଚ୍ଛାସେବକଙ୍କ ପରି କିମ୍ବା ସେମାନଙ୍କଠାରୁ ଅଧିକତର ଦୁଃଖଯନ୍ତ୍ରଣା ଭୋଗ କରନ୍ତି । କିନ୍ତୁ ବାସ୍ତବରେ ତାହା ନୁହେ ।

Digitized by PPRACHIN, SOA

ମୁକ୍ତି-ବାହିନୀ କିମ୍ବା ଗରିଲମାନେ ଯୁଦ୍ଧ କରନ୍ତି, ମାରନ୍ତି, ମରନ୍ତି, ପାଇଲେ ଖାଆନ୍ତି, ପିଅନ୍ତି, ଲୋକେ ମଧ୍ୟ ଖାଇବା ପିଇବାର ବନ୍ଦୋବସ୍ତ କରନ୍ତି, ନ ପାଇଲେ କିମ୍ବା କେହି ନ ଦେଲେ ଜବରଦସ୍ତ ଅର୍ଥ ଏବଂ ଖାଦ୍ୟ ସାମଗ୍ରୀ ଆଣନ୍ତି, ଚଳନ୍ତି । କିନ୍ତୁ ସତ୍ୟାଗ୍ରହୀ, ବିଶେଷତଃ ତାଳଚେରର ଉକ୍ତ ସତ୍ୟାଗ୍ରହୀଙ୍କ ପରି ଜାଣି, ଶୁଣି, ବୁଝି ସରକାରର ଏକତରଫା ଅତ୍ୟାଚାରର ମୁଣ୍ଡପାତି ସହନ୍ତି ନାହିଁ; ବିନା ଅସ୍ତ୍ରଶସ୍ତ୍ରରେ ଗୁଳି ବନ୍ଧୁକର ଶିକାର ହୁଅନ୍ତି ନାହିଁ କିମ୍ବା ଶତ୍ରୁଠାରେ ନିଜକୁ ଅର୍ପଣ କରନ୍ତି ନାହିଁ ।

ସତ୍ୟାଗ୍ରହୀମାନଙ୍କ ପ୍ରତି ସରକାରଙ୍କର ଉପରୋକ୍ତ ଅତ୍ୟାଚାର, ନିର୍ଯାତନା ଏବଂ ଯନ୍ତ୍ରଣା ସାରା ଭାରତକୁ, ବ୍ରିଟିଶ ସରକାରଙ୍କୁ ଏବଂ ମହାତ୍ମା ଗାନ୍ଧୀଙ୍କୁ ଜଣାଇ ଦିଆଗଲା । ରଜା ଏବଂ ବ୍ରିଟିଶ ସରକାର କିଛି ଶୁଣିଲେ ନାହିଁ । କେବଳ ମହାତ୍ମା ଗାନ୍ଧୀ ଶୁଣି ଅତ୍ୟନ୍ତ ବିବ୍ରତ ହୋଇ-ପଡ଼ିଲେ । ଏଥିର ପ୍ରତିକାର ନିମନ୍ତେ ସେ ଗଭୀର ଚିନ୍ତା ମଧ୍ୟ କରୁଥିଲେ ।

ଏତେ ଅତ୍ୟାଚାର ସତ୍ତ୍ୱେ ପ୍ରଜା ଏବଂ ପ୍ରଜାମଣ୍ଡଳର ମନୋବଳ ଭାଙ୍ଗିଲା ନାହିଁ । ମୁଁ ତ କହୁଥିଲି 'କାର୍ଯ୍ୟଂ ବା ସାଧୟେତ୍, ଶରୀରଂ ବା ପାତୟେତ୍' । କର୍ମୀ ଏବଂ ନେତାମାନେ ଅତ୍ୟନ୍ତ ଦୃଢ଼ ଏବଂ ବଦ୍ଧପରିକର ହେଲେ । ଦେଖିଲୁ ଏ ଅତ୍ୟାଚାର ଆଉ ସହିବା ଅନୁଚିତ । ଏପରି ଏକ ଠକ, ଶଠ, ଦୋମୁଖା, ଅନ୍ୟାୟୀ, ଅତ୍ୟାଚାରୀ ଏବଂ ଶୋଷକ ରାଜ୍ୟରେ ରହି ଶୋଷିତ, ପେଷିତ ଏବଂ ଅତ୍ୟାଚାରିତ ହେବା ଅପେକ୍ଷା ତାହା (ରଜାର ରାଜ୍ୟ) ପରିତ୍ୟାଗ କରିବା ଶ୍ରେୟସ୍କର ହେବ । ତଦ୍ଦ୍ୱାରା ରଜାର ପୃଷ୍ଠପୋଷକ ବ୍ରିଟିଶ ସରକାରର ଆନ୍ତର୍ଜାତିକ କ୍ଷେତ୍ରରେ ନିନ୍ଦା ହେବ । ଫଳତଃ ବ୍ରିଟିଶ ପାର୍ଲିମେଣ୍ଟର ଦୃଷ୍ଟି ପଡ଼ିବ । ରାଜ୍ୟ ପରିତ୍ୟାଗ ଭାବନା ମୋଠାରୁ ଶୁଣି ଆମ କ୍ୟାମ୍ପରେ ଟିକିଏ ଭାଳେଣି ପଡ଼ିଲା । କେହି କେହି ଆଶଙ୍କା କଲେ ଯେ, ଲୋକେ ଆମ କଥାରେ ପଡ଼ି ଘର-ଦ୍ୱାର, ଜମି-ବାଡ଼ି, ଭିଟା ମାଟି ଏବଂ ଧନ-ସମ୍ପତ୍ତି ଛାଡ଼ି ଆସିବେ ନାହିଁ । କିନ୍ତୁ ମୁଁ ଆଶା କରୁଥିଲି ଯେ, ଆମ ଲୋକେ କର୍ମୀମାନଙ୍କୁ ଓ ନେତୃବୃନ୍ଦଙ୍କୁ ଯେପରି ଭାବେ ବିଶ୍ୱାସ କରୁଛନ୍ତି ଏବଂ ରାଜ-ଶାସନରେ ରହି ଯେପରି ଅନ୍ୟାୟ-ଅତ୍ୟାଚାର ଶୋଷଣ-ପେଷଣର ଶିକାର ହେଉଛନ୍ତି, ଆମର ଡାକରା ମାତ୍ରେ ସେମାନେ (ପ୍ରଜାମାନେ) ଅତ୍ୟାଚାର ଶାସନର ପ୍ରତିବାଦ ସ୍ୱରୂପ ନିଜର ଜନ୍ମଗତ

Digitized by PPRACHIN, SOA

ଅଧିକାର ଏବଂ ନ୍ୟାୟସଙ୍ଗତ ସୁବିଧା-ସୁଯୋଗ ହାସଲ ନିମନ୍ତେ ରାଜ୍ୟ ଛାଡ଼ି ଅବଶ୍ୟ ଆମ କ୍ୟାମ୍ପମାନଙ୍କୁ ଚାଲିଆସିବେ । ଏଥିପାଇଁ ରାଜ୍ୟର ବହୁ ମୁଖ୍ୟ ବ୍ୟକ୍ତିଙ୍କ ସଙ୍ଗେ ଆଲୋଚନା ଏବଂ ବିସ୍ତୃତ ପରାମର୍ଶ କରାଗଲା । ରାଜ୍ୟ-ପରିତ୍ୟାଗ-ନୀତି ସ୍ଥିର ହୋଇ ଗୃହୀତ ହେଲା । ତାହା ରାଜ୍ୟ ଭିତରେ ପ୍ରଚାର କରାଗଲା । ରାଜ୍ୟ-ପରିତ୍ୟାଗର ପ୍ରଥମ ଦିବସ ଏବଂ ପ୍ରଥମ କୁଟୁମ୍ବ ଓ ଗ୍ରାମ-ମାନ ନିର୍ଦ୍ଦିଷ୍ଟ କରାଗଲା । ତଦନୁସାରେ ରାଜାର ଅତ୍ୟାଚାର ଏବଂ ଶୋଷଣର ପ୍ରତିବାଦ ସ୍ୱରୂପ ରାଜ୍ୟ ପରିତ୍ୟାଗ କର ବୋଲି ରଣ-ଭେରୀ ବାଜିଲା ।

ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ

(ଖ)

ଅଭୂତପୂର୍ବ ରାଜ୍ୟତ୍ୟାଗ ବା ହିଜରତ (Exodus) ଆନ୍ଦୋଳନ

୧୯୩୮-୩୯

୧୯୩୮ ନଭେମ୍ବର ମାସ ୮ ତାରିଖ । ଏହି ଦିବସରେ ମୋ ନିଜ ଗ୍ରାମ ପୋଇପାଲ ଓଗେର ୨୫ ଖଣ୍ଡ ଗ୍ରାମର ଲୋକେ ଜନ୍ମଭୂଇଁ, ଭିଟାମାଟି ଛାଡ଼ି କ୍ଷେତରେ ଠିଆ ହୋଇଥିବା ପାଚିଲା ଧାନର ମୋହ-ମମତା ପରିତ୍ୟାଗ କରି, ନିଜ ନିଜର ଗୋରୁ ଗାଈ, ଛେଳି, ମେଣ୍ଢା ଏବଂ ମଇଁଷି ପ୍ରଭୃତି ଗୃହପାଳିତ ପଶୁ ଅଡ଼ାଇ ଅନୁଗୋଳର କୋଶଳାଠାରେ ଥିବା ଆମ ପ୍ରଜା-ମଣ୍ଡଳର ହେଡ଼-କ୍ୟାମ୍ପକୁ ଆସିଲେ । ଅନୁଗୋଳର, ବିଶେଷତଃ କୋଶଳା ଅଞ୍ଚଳର ଜନତା ଆଗନ୍ତୁକ ରାଜ୍ୟତ୍ୟାଗୀମାନଙ୍କୁ ଅତ୍ୟନ୍ତ ଆବେଗମୟ ହୃଦୟରେ ଅଭ୍ୟର୍ଥନା କରି ସେମାନଙ୍କର ବସବାସ ନିମନ୍ତେ ସାହାଯ୍ୟ କଲେ । ତାପରେ ୧୫ ଦିନ ମଧ୍ୟରେ ତାଳଚେରର ଶତକଡ଼ା ପ୍ରାୟ ୯୦ ଗ୍ରାମରୁ ୧୪୧୧୫ ଅଣା ଲୋକ ରାଜ୍ୟ ପରିତ୍ୟାଗ କରି ଅନୁଗୋଳର ୯ଟି କ୍ୟାମ୍ପରେ ପରିକୁଡ଼ଆ କରି ରହିଲେ । ତାଳଚେରର ତାତ୍କାଳିକ ଲୋକ ସଂଖ୍ୟା ୮୪ ହଜାର ଥିଲା । ଏକ ସମୟରେ ବିଦେଶୀ ଖବର କାଗଜ, ପୋଲିସ, ପୋଲିସ ଗୋଇନ୍ଦା, ମିଲିଟାରୀ ଗୋଇନ୍ଦା (military intelligence) ଏବଂ ମିସନାରୀ (ପାଦ୍ରି) ମାନଙ୍କର ଯୁଗ୍ମ ଗଣନା ଅନୁ-ସାରେ ୭୦ ହଜାର ପର୍ଯ୍ୟନ୍ତ ରିଫ୍ୟୁଜୀ ବା ପଳାତକ ବା ରାଜ୍ୟତ୍ୟାଗୀ ତାଳଚେର ପ୍ରଜା ଉକ୍ତ ୯ଟି କ୍ୟାମ୍ପରେ ପରିକୁଡ଼ଆରେ ଏବଂ ଆତ୍ମ-

Digitized by PPRACHIN, SOA

ତୋଷାରେ ଥିଲେ । ଏତେବେଳକୁ ୧୯୩୫ ଶାସନ ଖସଡ଼ା ଅନୁସାରେ ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱ (ମୁଖ୍ୟମନ୍ତ୍ରୀତ୍ୱ)ରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଶାସନରେ ଥାନ୍ତି । କିନ୍ତୁ ଉକ୍ତ ଶାସନ ଖସଡ଼ା ଅନୁସାରେ ମନ୍ତ୍ରିମଣ୍ଡଳର କ୍ଷମତା ଅତ୍ୟନ୍ତ କମ୍ ଥିଲା । ତଥାପି ଉକ୍ତ ମନ୍ତ୍ରିମଣ୍ଡଳ ଯୋଗୁଁ ଆମର ସାହସ ଏବଂ ଆଶା-ଭରସା ଯଥେଷ୍ଟ ଥିଲା । ଏ ରାଜ୍ୟ-ତ୍ୟାଗୀ ୬୦ ହଜାର ଜନତାକୁ ଆଶ୍ରୟ ଏବଂ ସେବା ଶୁଶ୍ରୂଷା କରିବା ନିମନ୍ତେ ଉକ୍ତ କଂଗ୍ରେସ ମନ୍ତ୍ରିମଣ୍ଡଳ ତରଫରୁ ୯ଟି ପୋଲିସ ଷ୍ଟେସନ, ୨ ଜଣ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସ୍ତରୀୟ ଅଫିସର ଏବଂ ୩୮ ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ । ଏ ସମସ୍ୟା ଓଡ଼ିଶା ତଥା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କଲା । ଆମ ତାଳଚେର ପ୍ରଜାମଣ୍ଡଳ ଆଦର୍ଶ ଭାବେ ଗାନ୍ଧୀ-ନୀତିକୁ, ଅର୍ଥାତ୍ ସତ୍ୟ-ଅହିଂସା ନୀତିକୁ ଅନୁସରଣ କରି ସତ୍ୟାଗ୍ରହ, ଅସହଯୋଗ ଏବଂ ଶେଷରେ ରାଜ୍ୟତ୍ୟାଗ ଓ ସର୍ବସ୍ୱ ତ୍ୟାଗ ଆନ୍ଦୋଳନ କରିଥିବାରୁ ମହାତ୍ମା ଗାନ୍ଧୀଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କଲା । ଗାନ୍ଧିଜୀ ତାଙ୍କର ପ୍ରତିନିଧି ରୂପେ ଠକ୍କର ବାପାଙ୍କୁ (A. V Thakkar) ଆମ ପଳାତକ ବା ରାଜ୍ୟତ୍ୟାଗୀ କ୍ୟାମ୍ପକୁ ପଠାଇଲେ । ଶ୍ରୀ ଠକ୍କର ଆମ କ୍ୟାମ୍ପରେ ପ୍ରାୟ ୪।୫ ମାସ କାଳ ରହିଲେ । ଆସିଷ୍ଟାଣ୍ଟ ପଲିଟିକାଲ ଏଜେଣ୍ଟ ମି: ହେନେସି ସମ୍ବଲପୁରରୁ ତାଙ୍କ ଅଫିସ ଉଠାଇ ଆଣି କ୍ୟାମ୍ପ ନିକଟରେ କ୍ୟାମ୍ପ ପକାଇ ରହିଲେ । ଡା: ମହତାବ ତ ବରାବର ଆମର ଉପଦେଷ୍ଟା ଥାନ୍ତି । ଭାରତବର୍ଷର ଚତୁ-ର୍ଦ୍ଦିଗରୁ ଖବର କାଗଜ ପ୍ରତିନିଧି ଏବଂ ଦେଶସେବୀ ଓ ସର୍ବସାଧାରଣ ବ୍ୟକ୍ତି (public men) ଏ ଅବସ୍ଥା ଦେଖିବାକୁ ଆସି ରଜା ଏବଂ ରାଜନୈତିକ ବିଭାଗକୁ ଶତଜିହ୍ୱାରେ ନିନ୍ଦା କରି ଖବରକାଗଜମାନଙ୍କରେ ବିବୃତିମାନ ଦେଲେ । ବ୍ରିଟିଶ ପାର୍ଲିମେଣ୍ଟର ସଭ୍ୟା ମିସ୍ ଆଗାଥା ହାରିସନ୍ ଇଂଲଣ୍ଡରୁ ଆସି ଆମ କ୍ୟାମ୍ପମାନଙ୍କରେ ୪ ମାସ ପର୍ଯ୍ୟନ୍ତ ରହି ରାଜ୍ୟତ୍ୟାଗୀମାନଙ୍କୁ ବୁଝାଉଥାନ୍ତି ଯେ ସେମାନେ (ଲୋକେ) କଷ୍ଟ ନ ସହି ନିଜ ରାଜ୍ୟ ତାଳ-ଚେରକୁ ଫେରିଯାନ୍ତୁ । ଗାନ୍ଧୀ-ସେବାସଙ୍ଘର କର୍ମକର୍ତ୍ତାମାନେ ଆସି ରାଜ୍ୟ ତ୍ୟାଗୀମାନଙ୍କୁ କିଛି ରୋଜଗାରର ପନ୍ଥା, ଯଥା : ଅରଟରେ ସୂତାକଟା, ଲୁଗାବୁଣା, ଦଉଡ଼ି ତିଆରି, ଖଲି-ଦଉପତ୍ର ତିଆରି ଇତ୍ୟାଦି ବ୍ୟବସ୍ଥା କରାଇଥିଲେ । ଏତଦ୍‌ବ୍ୟତୀତ ଗାନ୍ଧିଜୀଙ୍କ ଆପିଲ ଅନୁସାରେ ଭାରତର ମାରୁଆଡ଼ି ରିଲିଫ ସୋସାଇଟି କ୍ୟାମ୍ପକୁ ଆସି ରାଜ୍ୟତ୍ୟାଗୀ ଜନତାକୁ

Digitized by PPRACHIN, SOA

ରିଲିଫ ଯୋଗାଇଥିଲେ । ଖ୍ରୀଷ୍ଟିଆନ୍ ମିସନାରୀ ତରଫରୁ ଆଣ୍ଡ୍ରୁଜାଣ୍ଡ ମିଃ ଉଡ୍‌ସ୍ ଏବଂ କ୍ୟାମ୍ପମାନଙ୍କରେ ବୁଲି ବୁଲି ଲୋକଙ୍କୁ ନିଜ ରାଜ୍ୟକୁ ଫେରିଯିବାକୁ ବୁଝାଉଥାନ୍ତି ।

ଏହାପରେ ଏ ସମସ୍ୟା ଭାରତ କାହିଁକି ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କଲା । ପୂର୍ବୋକ୍ତ ମିସ୍ ଆଗାଥା ହାରିସନ୍ ବ୍ରିଟିଶ ପାର୍ଲିମେଣ୍ଟରେ ଏ ସମସ୍ୟା କେତେ ଥର ଉତ୍ଥାପନ କରିଥିଲେ । ଏ ସମସ୍ୟାରେ ମହାତ୍ମା ଗାନ୍ଧୀ ଅତ୍ୟନ୍ତ ଦୁଃଖିତ, ଚିନ୍ତିତ ଏବଂ ମର୍ମାହତ ହୋଇ ରାଜା ଏବଂ ଇଂରେଜ ସରକାରଙ୍କର ମନୋବୃତ୍ତିର ସମାଲୋଚନା କରି ଖବର କାଗଜମାନଙ୍କରେ ବକ୍ତବ୍ୟମାନ ପ୍ରକାଶ କରୁଥାନ୍ତି । ମହାତ୍ମା ଗାନ୍ଧୀଙ୍କ ବକ୍ତବ୍ୟମାନ ତାଙ୍କ ହରିଜନ କାଗଜରେ ପ୍ରଥମେ ପ୍ରକାଶିତ ହୁଏ । ତାପରେ ଅନ୍ୟାନ୍ୟ ଖବର କାଗଜମାନଙ୍କରେ ପ୍ରକାଶ ପାଏ । ନିମ୍ନରେ ତାଙ୍କ ବକ୍ତବ୍ୟମାନଙ୍କର ସାରାଂଶ ଉଦ୍ଧୃତ କରାଗଲା ।

ତାଳଚେର ଆନ୍ଦୋଳନ ସମ୍ପର୍କରେ ମହାତ୍ମା ଗାନ୍ଧିଜୀଙ୍କ ବକ୍ତବ୍ୟମାନ

Extracts from "The Indian States' Problem"

Page 609—

× × × ×

"I am advising Travancore, Rajkot and to a certain extent Talcher, as I have been constantly guiding them. But even with regard to them I have been tendering my advice which it is for them to accept or reject."

× × × ×

Segaon 16 - 6 - 39
Harijan 24 - 6 - 39

Digitized by PPRACHIN, SOA

Page 128—

THE STATES.

The movement for liberty within the States is entering a new stage. History is going to repeat itself. Talcher and Dhenkanal have led the way in repression. It is no small matter that 26,000 out of 75,000 all told have migrated from Talcher to British Orissa. Prof. Ranga has published harrowing details of the sufferings of these refugees. His narrative is supported by Thakkar Bapa, the great social reformer and philanthropist, who responds to the call of distress no matter from what quarter it comes. They have been in exile for two months. I had hoped that they would have returned to their homes. But there seems to be no peace for these people as yet.

It is not possible for Orissa alone to tackle the relief work. The Government of Orissa has not much money to spare. I hope that the Marwadi Relief Society will take up the relief work bearing in mind that labour should be found for the refugees.

× × × ×

Bardoli 23 - 1 - 39
Harijan 28 - 1 - 39

Page 144—

Thus the ministers in Orissa may not sit comfortably in their chairs, if they do not succeed in sending 26,000 refugees of Talcher to their home with an absolute assurance of safety and freedom of speech and social and political intercourse. It is insufferable that the Congress, which is today in alliance with the British Government, should be treated as an enemy and an outsider in the States which are vassals of the British.

× × × ×

Bardoli 30 - 1 - 39
Harijan 4 - 2 - 39

Digitized by PPRACHIN, SOA



ମହାତ୍ମା ଗାନ୍ଧୀ

Digitized by PPRACHIN, SOA

Page 166—

× × × ×

The latest instance is that of Talcher. The Chief denied even the truth of a telling photograph in The Statesman of the refugees and has received a well-deserved snub from its Editor. I have a Talcher bulletin sent to me by Thakkar Bapa for me to laugh or weep over. Its denial is a shameful perversion of truth.

× × × ×

Segaon 13 - 2 - 39
Harijan 18 - 2 - 39

Page 413—

× × × ×

The A.I.C.C. has also received complaints of severe repression in the States like Dhenkanal, Talcher and Kashmir. In all these cases the people of the States have appealed to the Congress for advice, guidance and help.

× × × ×

Harijan 1 - 10 - 38

Page 275 - 277

THE TRAGEDY OF TALCHER.

The reader will recall the twenty to twentyfive thousand refugees of Talcher State in Orissa. They are living under great difficulties in the forests of Angul in British Orissa. I rely upon these figures because they are vouched for by Thakkar Bapa and Sri Harekrushna Mahtab. Both of them have a reputation to lose. Moreover Thakkar Bapa is purely a humanitarian and social reformer of long standing. He does not dabble in politics.

Only a few days ago it was announced in the press that a settlement had been arrived at and that the refugees were about to return to their homes. This news was

Digitized by PPRACHIN, SOA

immediately contradicted and it was stated that the Raja of Talcher had refused to honour the pact entered into by Major Hannessey, Assistant Political Agent for Orissa States North.

This was the pact signed on 21st March last :—

"1. Reduction of the Miscellaneous cess from 5 as. to 3 as. per rupee of rent, and an undertaking that, after the settlement to be started about next November, the combined rent and cesses will not be higher than the Angul rent and cesses with the same classes of land.

2. The abolition of Monopolies on the necessaries of life except hides, skins, horns, ganja, opium, bhang and liquors.

3. State administrative machinery should not be used for enforcing fines, etc., levied by Ecclesiastical Courts and Panchayats.

4. Compulsory labour (bethi) should be abolished except when necessary for public purposes and then on payment of wages at ordinary rates.

5. The abolition of special taxes (pool-tax) on industrial castes.

6. There should be no victimisation of refugees on their return to the State.

7. Constitutional Reforms enabling the people to participate in the administration through their representative will be introduced as soon as the schemes are approved by the Political Department.

8. There shall be no interference with freedom of speech and meeting provided that there is nothing subversive or disloyal to the Ruler or his administration in those speeches or meetings.

Digitized by PPRACHIN, SOA

9. People should be allowed to kill wild animals in the States on their own property without any penalties or fees".

There were present at the time Major Hannessey, F. R. S. A., I. A., Bar-at-law, Major Gregory of the Military Intelligence Department, Sri Harekrushna Mahtab, Adjutant Woods of the Salvation Army, and the Revenue Commissioner representing the Orissa Government.

Major Hannessey, I understand from Thakkar Bapa, was quite confident that he had the authority of the Raja of Talcher to sign the pact. How the Raja can now refuse to endorse it is difficult to understand.

But the mystery deepens when one recalls the terms of the Sanad under which the Raja holds Talcher. Here are the relevant clauses of the Sanad issued to the small Orissa States by the present Viceroy on 26th February 1937.

"3. That you shall do your utmost to suppress crime of all kinds in your State.

4. That you shall administer justice fairly and impartially to all alike.

5. That you shall recognise and maintain the rights of your people and on no account oppress, or suffer them in any way to be oppressed, and that in particular, you shall charge yourself personally with the welfare of the aboriginal population of your State.

6. That you shall act in accordance with such advice as may be given to you by the Agent to the Governor-General, Eastern States, or such other Political officer as may be vested with authority in this behalf by H. E. the Viceroy."

"Under clause 6 of the Sanad the Raja is bound to act in accordance with such advice as may be given to him by the Agent to the Governor-General, Eastern States, or

Digitized by PPRACHIN, SOA

such other Political Officer as may be vested with authority in this behalf by H. E. the Viceroy".

The Raja has therefore no option but to carry out the wishes of the Assistant Political Agent. The question is, why is there all this delay in carrying out the pact ? The interests of over 20,000 refugees living on sparse food and practically without shelter are at stake. Delay is not only dangerous ; it is criminal.

Rajkot 18 - 4 - 39
Harijan 22 - 4 - 39

Pages 307 - 308.

TALCHER AGAIN

Talcher promises to be much worse than Rajkot. In Rajkot it was the Ruler's word that was broken. In Talcher it is the Paramount Power's. In Rajkot the State atrocities were not the subject of scrutiny. In Talcher the sorry condition of the numerous refugees is almost everything. Hence delay is criminal and may mean loss of one year's crop to several thousand cultivators. The other relief promised by the Political Agent, Major Hannessey, relates to paltry things so far as the Ruler of Talcher is concerned; but they are serious enough for the people.

It has been whispered to me that I have been guilty of injustice to Major Hannessey and hence to the Paramount Power by attributing to them breach of promise ; for it is said, Major Hannessey promised nothing he merely undertook to convey to the Ruler the wishes of the people concerned. It is further said that even if it is proved that he made any such promise he did so without authority.

I cannot admit either of the pleas. Major Hannessey signed the document without any reservations. Sri Harekrushna Mahtab describes the tragedy with a wealth off detail which compels conviction. He has been an eye-

Digitized by PPRACHIN, SOA

witness of the events narrated by him. So far as I am aware Major Hannessey himself has never denied or has not been given an opportunity of denying the allegation made about him.

There seems to be no doubt that the Ruler of Talcher is in no mood to do justice to his people unless he is made to according to the Sanad I have already reproduced in these columns. The representative of the Paramount Power can even require the smaller States of Orissa to perform acts in the interest of their people. Can there be any doubt as to the necessity of redressing every one of the injustice mentioned in the memorandum signed by Major Hannessey ? Indeed redress has been long overdue. Why is the Ruler being humoured by the Political Department in his wholly indefensible attitude ? Why is the welfare of several thousand refugees being lightly regarded ? Is not the prestige of the Paramount Power being used to sustain the admitted evils ? Surely there is something radically wrong somewhere in all this.

Rajkot 16 - 5 - 39
Harijan 20 - 5 - 39

Pages 565 - 568

CONFUSION WORSE CONFOUNDED

In September, 1938, the people of Talcher submitted a representation to the Talcher Durbar for the redress of several grievances, and they also demanded some form of responsible government in the state under the aegis of the Ruler. A copy of this representation couched in most respectful words was also sent to the Political Department of the Government of India. As soon as this representation was submitted, the Prajamandal was declared unlawful and a reign of repression followed. Services of British troops were requisitioned. There was firing and two persons were

Digitized by PPRACHIN, SOA

shot dead. The form of the civil disobedience started there, was to refuse to do bethi for the repairs of the roads. Those who were sent to Jail were severely beaten inside the jail and many were branded in the prison as nimak haram on their arms. Some also have been branded on the buttocks. When the situation thus became intolerable there was an exodus from the Talcher State to the neighbouring British territory Angul. As soon as this exodus began the Political Department showed much concern and the Resident and the Political Agent discussed the matter with the Orissa Government several times, but for various reasons nothing could come out.

This matter was represented to the Viceroy by the Orissa Government and also by the Prime Minister of Orissa when the Viceroy was passing through Orissa on his way to Madras.

On the 9th and the 10th March 1939, Major Hannessey, the Assistant Political Agent of Orissa States (North), went to the camps of the refugees and introduced himself as the representative of the Paramount Power and assured certain concessions to the people and on that assurance asked the people to go back. But the leaders of the people took time to consider the matter and wanted to have the assurance in writing. The concessions assured by Major Hannessey were published in the Press. At that time Major Hannessey was staying at Talcher. As soon as the news appeared in the Press some hope was created in all circles and it was thought that the end of the misery of the people was in sight. In order to regularise the assurances and create confidence of the people in those assurances a meeting was organised at Angul between Sri Harekrushna Mahtab and all those who are interested in the affairs of the refugees on the one hand and Major Hannessey on the other, with Mr. Ansorge, the Revenue Commissioner of Orissa, deputed by the Orissa Government as an observor.

Digitized by PPRACHIN, SOA

Major Hannessey came well prepared to the conference with all the papers from Talcher, and in that meeting an agreement was arrived at between Major Hannessey and Sri Mahtab that the former would recommend certain concessions to the Ruler, and that the latter, when the concessions were granted, would see that the refugees went back. Major Hannessey was absolutely sure that the concessions that he would recommend to the Ruler would be granted, but he doubted whether Sri Mahtab would be able to send the refugees back. In order to remove this doubt Major Hannessey secured signatures from the leaders of the refugees assenting to the above agreement, and everyone felt reassured that the concessions which Major Hannessey undertook to recommend to the Ruler would be granted. Major Hannessey went back to Talcher. At that time it was thought by everybody that the declaration containing the concessions promised by Major Hannessey would come in a few days, and those who knew the terms of the Sanads granted to the Rulers and the relations of the Political Department with the Rulers were absolutely sure that the concessions would come. But gradually it was known that the Ruler was not prepared to grant the concession relating to the reduction of cess though he was quite prepared to grant the other concessions.

On 29th April, after more than a month from the Major Hannessey's assurance and agreement, it was given out by the Resident that out of the nine concessions assured by Major Hannessey he would like to examine only one concession regarding the reduction of cess and the Ruler was ready to concede the remaining eight points, leaving the point relating to reduction of cess for the Resident's arbitration, and also to cancel the extradition warrants, requiring only those who would want to go into the State to furnish a small security for a limited period. This was the definite understanding that the Resident and his

Digitized by PPRACHIN, SOA

Secretary gave to Sri Mahtab and Miss Agatha Harrison on the 29th April last. This was considered to be acceptable under the circumstances, and at the instance of the Resident Sri Mahtab went to Talcher to attend the declaration of the above concessions on the 1st May last. Most surprisingly the declaration made did not contain the above concessions, and moreover it contained things which the Political Department had long age declared abolished, e. g. bethi. The Political Agent was all along present in Talcher and with his full knowledge the declaration had been made. The Governor of Orissa was also under the impression that the declaration would be like what the Resident had given Sri Mahtab to understand.

× × × ×

Harijan 20-5-39

ଏ ଆନ୍ଦୋଳନ ଏପରି ବ୍ୟାପକ ଏବଂ ଗୁରୁତର ହେଲା ଯେ ଏହା ତାଳଚେରର ପ୍ରଜାମଣ୍ଡଳ ଏବଂ ତାଳଚେରର ଦରବାରରେ ସୀମିତ ହୋଇ ରହିଲା ନାହିଁ । ରଜାଙ୍କ ପକ୍ଷରେ ସମଗ୍ର ରାଜନ୍ୟ ମଣ୍ଡଳୀ ଓ ବ୍ରିଟିଶ ସର-କାର ଏବଂ ପ୍ରଜା ଓ ପ୍ରଜାମଣ୍ଡଳ ତରଫରେ ଗାନ୍ଧିଜୀଙ୍କ ସହିତ ଭାରତ କଂଗ୍ରେସ ରହିଗଲେ । ସମସ୍ତେ ଖୋଜୁଥାନ୍ତି ସମାଧାନ । ଗାନ୍ଧିଜୀ ଆପ୍ରାଣ ଚେଷ୍ଟା କରୁଥାନ୍ତି କୌଣସି ପ୍ରକାର ସମାଧାନ ହୋଇ ପ୍ରଜାମାନେ ନିଜ ରାଜ୍ୟକୁ ନିଜ ଘରକୁ ଫେରିଯାଇ ସୁଖବାସ କରି ରହନ୍ତୁ । ୧୯୩୯, ମାର୍ଚ୍ଚ ୧୬ ତାରିଖରେ ରଜା ଏବଂ ବ୍ରିଟିଶ ସରକାର ତରଫରୁ ଆସିଷ୍ଟାଣ୍ଟ ପଲିଟି-କାଲ ଏଜେଣ୍ଟ ମେଜର ହେନସି ଏବଂ ପ୍ରଜା ଓ ପ୍ରଜାମଣ୍ଡଳ ତରଫରୁ ଶ୍ରୀ ହରେକୃଷ୍ଣ ମହତାବ ଆଲୋଚନା କରି ଏକ ସମାଧାନ ଚୁକ୍ତିନାମା କଲେ । ଏହି ଚୁକ୍ତିନାମାକୁ ଆମ୍ଭେମାନେ ହେନସି ମହତାବ ଚୁକ୍ତିନାମା ବୋଲି ଆଖ୍ୟା ଦେଲୁ । ସଭାପତି ଭାବେ ମୁଁ କିମ୍ବା ପ୍ରଜାମଣ୍ଡଳର କାର୍ଯ୍ୟ-କାରୀ କମିଟିର କୌଣସି ସଭ୍ୟ ଏଥିରେ ଯୋଗଦେଇ ପାରିଲୁ ନାହିଁ ।

Digitized by PPRACHIN, SOA



ଡ଼ଃ ମହତାବ

Digitized by PPRACHIN, SOA

ମୋତେ ଛାଡ଼ି ଅନ୍ୟମାନେ ସମସ୍ତେ ଏକ୍‌ଷ୍ଟ୍ରାଡ଼ିସନ୍ ଓ୍ୱାରେଣ୍ଟ ବଳରେ ଆରେଷ୍ଟ ହୋଇ କଟକ ଜେଲରେ ଆବଦ୍ଧ ହୋଇ ଥାନ୍ତି । ମୁଁ ପୋଲିସକୁ ଧରା ନ ଦେଇ ଗୋପନରେ ଥାଏ ; କାରଣ ଆଶଙ୍କା ଥିଲା ଯେ ମୁଁ ଯଦି ଆରେଷ୍ଟ ହୋଇଯାଏ ତେବେ ୧୦।୧୫ ଦିନ ଭିତରେ ଏହି ଆନ୍ଦୋଳନ ବନ୍ଦ ହୋଇଯିବ । ତେଣୁ ରାଜ ଶକ୍ତି ଓ ବ୍ରିଟିଶର ଜୟ ହୋଇଯିବା ଆଶଙ୍କାରେ ମୁଁ ପୋଲିସ୍‌ଠାରେ ଆତ୍ମସମର୍ପଣ କଲି ନାହିଁ । ମୋର ଆତ୍ମ-ସମର୍ପଣ ନ କରିବା ଗାନ୍ଧୀ-ନୀତିର ବିରୋଧ-ନୀତି ଅଟେ । ତଥାପି ରାଜନୈତିକ ଏବଂ ପ୍ରଜାସ୍ୱାର୍ଥ ରକ୍ଷା ବିଚାରରୁ ମୋର ଆତ୍ମସମର୍ପଣ ନ କରିବା ସ୍ଥିର ହୋଇଥିଲା ।

ଉପରୋକ୍ତ ହେନେସି-ମହତାବ-ଚୁକ୍ତି ଅତ୍ୟନ୍ତ ମାନ୍ଦା ଚୁକ୍ତି ଥିଲା । ଆମର ସମସ୍ତ ଦାବୀ ପୂରଣ ହେଉ ନ ଥାଏ । ଅନେକ ବ୍ୟଗ୍ର ଥାନ୍ତି ଯେ ଉକ୍ତ ଚୁକ୍ତିକୁ ଗ୍ରହଣ କରି ରାଜ୍ୟ ଛାଡ଼ି ଆସିଥିବା ପ୍ରଜାଙ୍କୁ ନିଜ ରାଜ୍ୟ ଏବଂ ଘରକୁ ସମ୍ମାନର ସହିତ ଫେରିଯିବାର ବାଟ କରାଯାଉ । ମୁଁ ଦେଖିଲି ଯେ ଆମ ଦାବୀରୁ ଅର୍ଦ୍ଧେକ ସୁଦ୍ଧା ଉକ୍ତ ଚୁକ୍ତିଦ୍ୱାରା ପୂରଣ ହେଉନାହିଁ । ତେଣୁ ମୁଁ ଏହି ଚୁକ୍ତି ସପକ୍ଷରେ ମତ ଦେଲି ନାହିଁ । ରାଜ୍ୟତ୍ୟାଗୀ ପ୍ରଜାମାନେ ମଧ୍ୟ ଉକ୍ତ ଚୁକ୍ତିନାମାକୁ ପସନ୍ଦ କଲେ ନାହିଁ । ଆମେ ଗ୍ରହଣ କରୁ କି ନ କରୁ ରାଜା ମଧ୍ୟ ଉକ୍ତ ଚୁକ୍ତିକୁ ଗ୍ରହଣ କଲେ ନାହିଁ; କାରଣ ସେ ଭାବିଲେ ଯେ ଚୁକ୍ତି ଗ୍ରହଣ କଲେ ତାଙ୍କ ନିଜର ଓ ରାଜ ପକ୍ଷର ହାର୍ ହେବ ଏବଂ ପ୍ରଜା ପକ୍ଷର ଜିତ୍ ହେବ । ତେଣୁ ଏହି ଚୁକ୍ତି ଅକାମୀ ହେଲା ।

ଏ ଚୁକ୍ତି ପୂର୍ବରୁ ଏବଂ ପରେ ମଧ୍ୟ ରାଜା ଥରକୁ ଥର ଆମ ଦାବୀ ଆଂଶିକ ପୂରଣ କରି ଘୋଷଣା କରୁଥାନ୍ତି । ଆମେ ଜିଦ୍ ଧରିଥାଉ ଯେ ସମସ୍ତ ଦାବୀ ଏକ ସଙ୍ଗରେ ପରିଷ୍କାର ଭାବେ ପୂରଣ ନ ହେଲେ ପ୍ରଜାମଣ୍ଡଳ ଗ୍ରହଣ କରିବ ନାହିଁ । ରାଜ୍ୟତ୍ୟାଗୀ ପ୍ରଜାମାନେ, ବିଶେଷତଃ ସ୍ତ୍ରୀ ଲୋକମାନେ ପଲିଟିକାଲ୍ ଏଜେଣ୍ଟ, ମିଲିଟାରୀ-ଗୋଇନ୍ଦା, ବିଦେଶୀ ଖବରକାଗଜ-ପ୍ରତି-ନିଧି ଓ ଖ୍ରୀଷ୍ଟିଆନ ମିସନାରୀଙ୍କ ଆଗରେ ହାତରେ ମୁଠାଏ ମୁଠାଏ ଧୂଳି ଧରି ପ୍ରତିଜ୍ଞା କରନ୍ତି ଯେ ସେମାନେ ନ ଖାଇ ନ ପିଇ ଶୀତ, ବର୍ଷା, କୁହୁଡ଼ି, କାକରରେ ଶୁଖି ଝାଙ୍ଗର କମ୍ପା ଧୂଳି ସଙ୍ଗେ ମିଶି ଧୂଳି ହୋଇଯିବେ

Digitized by PPRACHIN, SOA

ପଛକେ ସମସ୍ତ ଦାବି ପୂରଣ ନ ହେଲେ ଏବଂ ସଭାପତି ପବିତ୍ରମୋହନ ପ୍ରଧାନଙ୍କ ଆଦେଶ ନ ପାଇଲେ ନିଜ ରାଜ୍ୟକୁ, ଘରକୁ ଫେରିବେ ନାହିଁ । ରାଜ୍ୟତ୍ୟାଗୀ ପ୍ରଜାଙ୍କର ଏବଂ ମୋର ଏ ମନୋଭାବ ଓ ଦୃଢ଼ତାରେ କେହି କେହି ହତାଶ ଓ ନିରାଶ ହୁଅନ୍ତି ତ କେହି କେହି ଆଶାନ୍ୱିତ ଏବଂ ଆଶ୍ଚର୍ଯ୍ୟ ହୁଅନ୍ତି ।

ଆମର ଏ ବିରାଟ ଅଭୂତପୂର୍ବ ଆନ୍ଦୋଳନକୁ ଭଙ୍ଗାଇ ଦେବାପାଇଁ ରାଜଶକ୍ତି ପକ୍ଷରୁ ବହୁ ଚେଷ୍ଟା କରାଯାଇଥିଲା । ଆମ ରାଜ୍ୟତ୍ୟାଗୀ (ହରିଜନବାଡ଼) କ୍ୟାମ୍ପରେ ଯମ ବାହିନୀ ସଦୃଶ ରାଜା ଏବଂ ବ୍ରିଟିଶ ପକ୍ଷର ଲୋକେ ପଶିଗଲେ । କେତେକ ଖବର କାଗଜ ବ୍ୟକ୍ତି ଏବଂ ତଥାକଥିତ ସର୍ବସାଧାରଣ ବ୍ୟକ୍ତି (Public men) ରାଜା ଏବଂ ଇଂରେଜଙ୍କ ତରଫରୁ ପଇସା ପାଇ ଆମ ଆନ୍ଦୋଳନକୁ ଭଙ୍ଗାଇବା ଉଦ୍ଦେଶ୍ୟରେ କ୍ୟାମ୍ପମାନଙ୍କ ଭିତରେ ପ୍ରଚାର କରିବାକୁ ଲାଗିଲେ ଯେ, ଆନ୍ଦୋଳନ୍ ଫଳରେ ଗୋଟାଏ ବର୍ଷର (୧୯୩୮ର) ପାଚିଲା ଧାନ କ୍ଷେତରେ ନଷ୍ଟ ହେଲା । ୨ୟ ବର୍ଷର ଅର୍ଥାତ୍ ୧୯୩୯ର ଅକ୍ଷୟ ତୃତୀୟା ଯାଇ ଜୁନ୍‌ମାସ ରଜ ସଂକ୍ରାନ୍ତି ପାଖେଇଲା । ତଥାପି ଦାବି ତ ପୂରଣ ହେଉନାହିଁ । ତେବେ ନେତାମାନଙ୍କ କଥାରେ, ବିଶେଷତଃ ସଭାପତି ପବିତ୍ରମୋହନ ପ୍ରଧାନଙ୍କ ଭରସାରେ କିମ୍ବା କଂଗ୍ରେସର ଆଶାରେ ଆଉ କଣ ଲାଭ ହେବ ଯେ ବେଶି ଦିନ ଏଠାରେ ଗଛମୂଳେ ଏବଂ ପତ୍ର-କୁଡ଼ିଆରେ ରହି ମରିବ । ରାଜା ଯେଉଁ ଘୋଷଣାମାନ କରିଛନ୍ତି ତାକୁ ବିଶ୍ୱାସ କରି ରାଜ୍ୟକୁ ଫେରିଗଲେ ଉତ୍ତମ ହୁଅନ୍ତା । ଲୋକେ କିନ୍ତୁ ଅଟଳ ଥାନ୍ତି, ଭୁଲନ୍ତି ନାହିଁ । ଇତି ମଧ୍ୟରେ ମୋର ପୂର୍ବୋକ୍ତ ଯେଉଁ ୧୨ ଜଣ ସହକର୍ମୀ ନେତା ଏକ୍ସ୍ଟ୍ରାଡ଼ିସନ୍ ଓ୍ୟାରେଣ୍ଟ ବଳରେ ଗିରଫ୍‌ଦାର ହୋଇ କଟକ ଜେଲରେ ଥିଲେ ରଜାଙ୍କର ଉକ୍ତ ଓ୍ୟାରେଣ୍ଟ ସମ୍ପର୍କୀୟ ଅଭିଯୋଗମାନ ମିଥ୍ୟା, ମନଗଢ଼ା ଏବଂ ପ୍ରତିଶୋଧ-ମୂଳକ ବୋଲି ହୃଦୟଙ୍ଗମ କରି ଓଡ଼ିଶାର ତାତ୍କାଳିକ ଶ୍ରୀ ବିଶ୍ୱନାଥ ଦାସଙ୍କ ମନ୍ତ୍ରୀମଣ୍ଡଳ ସେମାନଙ୍କ ବିରୁଦ୍ଧରୁ ଉକ୍ତ ଓ୍ୟାରେଣ୍ଟ ଉଠାଇନେଇ ଜେଲ-ମୁକ୍ତ କଲେ । ସେମାନେ କଟକ ଜେଲରୁ ମୁକ୍ତି ପାଇ ଯେତେବେଳେ ଆମ ହରିଜନବାଡ଼ କ୍ୟାମ୍ପକୁ ଫେରି ଆସିଲେ ସେଥି ମଧ୍ୟରେ କେହି କେହି ଅତ୍ୟନ୍ତ କ୍ଳାନ୍ତ ଏବଂ ହତାଶ ହୋଇ ମତ ପ୍ରକାଶ କଲେ ଯେ, ରାଜା ଏବଂ ରାଜନୈତିକ

Digitized by PPRACHIN, SOA

ବିଭାଗ ତ ଶୁଣୁନାହାନ୍ତି, ଗାନ୍ଧୀଜୀଙ୍କ କଥାକୁ ତ ସତ୍କାର ଗ୍ରହଣ କରୁ-ନାହାନ୍ତି ଏବଂ ଥରକୁ ଥର ଘୋଷଣା କରି ରାଜା ଯେଉଁ କେତେକ ଦାବୀ ପୂରଣ କରିଛନ୍ତି ତଦ୍ୱାରା ଆମ ଦାବୀପତ୍ର ସମ୍ବଳିତ ଅଧିକାଂଶ ଦାବୀ ତ ପୂରଣ ହୋଇଯାଉଛି ଏବଂ ବସ୍ତୁତଃ ପ୍ରଜାମାନଙ୍କର ବିଜୟ ହୋଇଛି, ତେଣୁ ରାଜ୍ୟ ଏବଂ ଘରକୁ ଫେରିଯିବା ନିମନ୍ତେ ରାଜ୍ୟତ୍ୟାଗୀଙ୍କୁ ଉପଦେଶ ଓ ନିର୍ଦ୍ଦେଶ ଦିଆଯିବା ଉଚିତ । ମୁଁ କିନ୍ତୁ ଏଥିରେ ସ୍ୱୀକୃତି ଦେଲି ନାହିଁ । ବର୍ତ୍ତମାନ ପ୍ରଜାମଣ୍ଡଳର ବସ୍ତୁତଃ ସମସ୍ତ ମୁଖ୍ୟବ୍ୟକ୍ତି ରାଜ୍ୟକୁ ଫେରିଯିବା ପାଇଁ ରାଜି ଥିଲେ ; କିନ୍ତୁ ଏକମାତ୍ର ମୁଁ ବିରୋଧ କରୁଥିଲି । ମୁଁ କହିଲି ଯେ ୭ ମାସ କାଳ ରାଜ୍ୟତ୍ୟାଗୀଙ୍କୁ ଶୀତ, କାକର, କୁହୁଡ଼ି ଏବଂ ଖରା-ବର୍ଷାରେ ପତ୍ର-କୁଡ଼ିଆ ଓ ଗଛମୂଳେ ରଖାଇଲେ । ସେମାନେ ଆମ କଥାରେ ବିଶ୍ୱାସ ରଖି ସର୍ବସ୍ୱ ତ୍ୟାଗ କରି ଅକଥନୀୟ ଦୁଃଖ ଯନ୍ତ୍ରଣାର ପାତ୍ର ହେଲେ । ସେମାନଙ୍କ ପାଇଁ ଶେଷ ଚେଷ୍ଟା ନ କରି ଓ ସେମାନଙ୍କର ମତ ନ ନେଇ କୌଣସି ନିଷ୍ପତ୍ତି ଉପରୁ ଲଦି ଦେବା ଉଚିତ ନୁହେଁ । ଏହି କାରଣରୁ ମୋର ଅନ୍ତରଙ୍ଗ ଏବଂ ପ୍ରଭାବଶାଳୀ ମୁଖ୍ୟ ସହକର୍ମୀମାନେ ଅସନ୍ତୋଷରେ ନୀରବ ରହିଲେ । ୧୦ ଦିନ କାଳ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ପରିବାରଙ୍କୁ ବୁଝାଇବାରୁ ସେମାନେ ପ୍ରତିଜ୍ଞା କଲେ ଯେ, ନ ଖାଇ, ନ ପିଇ, ଶୁଖି ଶୁଖି ମରିଯିବେ ପଛକେ ସଂପୂର୍ଣ୍ଣ ଦାବୀ ହାସଲ ନ ହେଲେ ରାଜ୍ୟକୁ ଫେରିବେ ନାହିଁ । ଏତେବେଳକୁ ୧୯୩୯ ଜୁନ୍‌ମାସ ଆସି ପହଞ୍ଚି ଗଲାଣି । ରଜ ସଂକ୍ରାନ୍ତି ଅତିକ୍ରାନ୍ତ ହେଲା । ତଥାପି ରାଜା ଦାବୀ ପୂରଣ କରୁ ନ ଥାନ୍ତି । ପ୍ରଜାଙ୍କର ମନୋବଳ ଏବଂ ମୋର ଦୃଢ଼ତା ଉପଲବ୍ଧି କରି ଦିଲ୍ଲୀସ୍ଥ ବଡ଼ଲାଟ (Viceroy)ଙ୍କୁ ଖବର ଦିଆ ଯାଉଥାଏ ଯେ ଦାବୀ ହାସଲ ନ ହେବା ପର୍ଯ୍ୟନ୍ତ ପ୍ରଜା ରାଜ୍ୟ ଏବଂ ଘରକୁ ଫେରିବାକୁ ଅନିଚ୍ଛୁକ । ସଭାପତି ଶ୍ରୀ ପବିତ୍ରମୋହନ ପ୍ରଧାନ ରାଜ୍ୟତ୍ୟାଗୀଙ୍କ ମନୋବଳ ଅତୁଟ ରଖିବା ପାଇଁ ଦୃଢ଼ପ୍ରତିଜ୍ଞ ଓ ସଫଳକୃତ । ପ୍ରଜା ଏକ ବର୍ଷର ପାଚିଲା ଧାନ କିଆରୀରେ ଛାଡ଼ି ଆସିଲେ । ୨ୟ ବର୍ଷ ରଜ ସଂକ୍ରାନ୍ତି ଅତିକ୍ରାନ୍ତ ହେଲେ ସୁଦ୍ଧା ଘରକୁ ଫେରିବାକୁ ନାରାଜ । ଦୁଇ ବର୍ଷର ଫସଲ ନଷ୍ଟ । ଲୋକେ ବଞ୍ଚିବେ କିପରି ? କିଏ ବା ଖାଇବାକୁ ଦେବ ? ଏହି ଖବର ଏବଂ ଅବସ୍ଥା ବଡ଼ଲାଟଙ୍କ ମନକୁ ଅସ୍ଥିର କଲା । ତେଣୁ ଶେଷରେ ବଡ଼ଲାଟ

Digitized by PPRACHIN, SOA

ଓଡ଼ିଶା ଆସି ଆମ ରାଜ୍ୟତ୍ୟାଗୀଙ୍କ ଅବସ୍ଥା ସ୍ଥାନରେ ଜାଣିବାକୁ (To know at the spot) ପ୍ରୋଗ୍ରାମ କଲେ । କିନ୍ତୁ ଇଚ୍ଛା ପ୍ରକାଶ କରି ରାଜାଙ୍କୁ ଜଣାଇଲେ ଯେ ତାଙ୍କ (ବଟଲରଙ୍କ) ଓଡ଼ିଶା ଆଗମନ ପୂର୍ବରୁ ଯଦି ତାଳଚେର ରାଜା ତାଙ୍କ (ରାଜାଙ୍କ) ପ୍ରଜାଙ୍କୁ ଅନୁଗୋଳସ୍ଥ ରାଜ୍ୟ-ତ୍ୟାଗୀଙ୍କ କ୍ୟାମ୍ପମାନଙ୍କରୁ ସନ୍ତୁଷ୍ଟ କରି ଫେରାଇ ନେଇ ନ ଥାନ୍ତି ତେବେ ସେ ତାଳଚେର ରାଜ୍ୟକୁ ଖାସ୍ କରିନେବେ ; ଅର୍ଥାତ୍ ରାଜାଙ୍କୁ ରାଜ-ଗାଦିରୁ ଅନ୍ତର କରି ନିଜେ ଦେୱାନ ରଖି ଶାସନ ଚଳାଇବେ । ରାଜା ଏଥିରେ ଆତଙ୍କିତ ହୋଇ ୧୯୩୯ ଜୁନ ମାସ ୨୩ ତାରିଖ ଦିନ ଘୋଷଣା କରି ଆମର ସମସ୍ତ ଦାବୀ ପୂରଣ କଲେ ଏବଂ ବଟଲରଙ୍କୁ ଜଣାଇଲେ । କିନ୍ତୁ ଆମ ପାଇଁ ଏ ଘୋଷଣାପତ୍ର ଲୁଚାଇ ରଖିଥିଲେ । ମିଲିଟାରୀ ଗୋଇନ୍ଦା ସୂତ୍ରରୁ ନିଶ୍ଚିତ ଖବର ପାଇ ଆମେ ଦାବୀ କରିବାରୁ ଜୁନ୍‌ମାସ ୨୬ ତାରିଖରେ ଆମ କ୍ୟାମ୍ପକୁ ମିଲିଟାରୀ ଗୋଇନ୍ଦା ଜରିଆରେ ଘୋଷଣାପତ୍ର ପଠାଇଦେଲେ । ମୋ ଅଧ୍ୟକ୍ଷତାରେ ପ୍ରଜାମଣ୍ଡଳ କମିଟି ବସିଲା, ଯାଞ୍ଚ କରି ଦେଖିଲୁ ଯେ ସମସ୍ତ ଘୋଷଣା ଏକତ୍ର ପାଠ କଲେ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ସ୍ୱାଧୀନତା ବ୍ୟତୀତ ଅନ୍ୟ ସମସ୍ତ ରାଜନୈତିକ, ଅର୍ଥନୈତିକ ଓ ଶାସନତାନ୍ତ୍ରିକ ଦାବୀ ହାସଲ ହୋଇଛି । ତେଣୁ ସମସ୍ତ ୯ଟି ଯାକ କ୍ୟାମ୍ପରେ ସଭା କରି ଉପଦେଶ ଦିଆଗଲା ଯେ, ଯେହେତୁ ପ୍ରଜାଶକ୍ତି ଆଗରେ ରାଜଶକ୍ତି ଓ ତାଙ୍କ ପୃଷ୍ଠପୋଷକ ବ୍ରିଟିଶଶକ୍ତି ମୁଣ୍ଡ ନୁଆଁଇଛି ତେଣୁ ପ୍ରଜାଙ୍କର ବିଜୟ ହୋଇଛି । ବର୍ତ୍ତମାନ ସେମାନେ ରାଜ୍ୟକୁ ଫେରନ୍ତୁ । ରାଜ୍ୟତ୍ୟାଗୀମାନେ ଉକ୍ତ ୨୬ ତାରିଖ ଦିନ ବିଜୟ-ବାନା ଉଡ଼ାଇ ସ୍ୱ ସ୍ୱ ଗ୍ରାମ ଓ ଘରକୁ ଫେରିଲେ ।

ଉପରୋକ୍ତ ପ୍ରକାରର ଆମ ତାଳଚେର ପ୍ରଜାମଣ୍ଡଳର ସଙ୍ଗଠନ ଏବଂ ଆନ୍ଦୋଳନ । ଏମନ୍ତ ସୁଦୃଢ଼, ସୁସଂଗଠିତ ଏବଂ ସଫଳୀକୃତ ଆନ୍ଦୋଳନ ଅତି ବିରଳ । କଂଗ୍ରେସ ଏବଂ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦-୨୧, ୧୯୩୦-୩୨ ଏବଂ ୧୯୩୯-୪୦ରେ ଯଥାକ୍ରମେ ଅସହଯୋଗ, ସତ୍ୟାଗ୍ରହ ଏବଂ ବ୍ୟକ୍ତିଗତ-ସତ୍ୟାଗ୍ରହ ଆନ୍ଦୋଳନ ହୋଇଥିଲା । ଏହା ଅନ୍ୟାନ୍ୟ ପ୍ରଦେଶ (ରାଜ୍ୟ) ସଙ୍ଗେ ଓଡ଼ିଶାରେ ମଧ୍ୟ ହୋଇଥିଲା । କିନ୍ତୁ ହିସାବରୁ ଜଣାଯାଏ ଯେ, ଓଡ଼ିଶାରେ ଉକ୍ତ କୌଣସି ଆନ୍ଦୋଳନରେ ଏକ-

Digitized by PPRACHIN, SOA

କାଳୀନ ହଜାରେ ପନ୍ଦରଶହରୁ ଅଧିକ ବ୍ୟକ୍ତି ଜେଲ ବରଣ କରି ନ ଥିଲେ । ତାଳଚେର ଗଡ଼ଜାତର ତାତ୍କାଳୀନ ଲୋକ ସଂଖ୍ୟା ୮୪ ହଜାର ଥିଲା । ତନ୍ମଧ୍ୟରୁ ଜେଲରେ ପୂର୍ବବର୍ଣ୍ଣିତ ନାନା ଦୁଃଖ-ଯନ୍ତ୍ରଣା ଏବଂ ଅନ୍ୟାୟ-ଅତ୍ୟାଚାରର ସତ୍ତ୍ୱେ ସେଠାରେ (ତାଳଚେରର) ସତ୍ୟାଗ୍ରହ ଆନ୍ଦୋଳନରେ ୧୪୦୦ ସ୍ୱେଚ୍ଛା-ସେବକ ଏକକାଳୀନ ଜେଲ-ଦଣ୍ଡ ଭୋଗ କରିଥିଲେ । ଏ ଗୌରବ ସେହି ସ୍ୱେଚ୍ଛା-ସେବକ ଏବଂ ଜନତାର, ସେହି କର୍ମୀ ଏବଂ ନେତୃବୃନ୍ଦଙ୍କର ଅଟେ । ଏତିକି ମାତ୍ର, ଅର୍ଥାତ୍ ୮୪୦୦୦ ଲୋକ ସଂଖ୍ୟାରୁ ୧୪୦୦ ସ୍ୱେଚ୍ଛା-ସେବକ ବାହାରି ଜେଲ ବରଣ କରିବା ବୋଧହୁଏ ଭାରତରେ ବିରଳ । ଅସହଯୋଗ ଓ ସତ୍ୟାଗ୍ରହ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ରାଜାର ଅତ୍ୟାଚାରର ପ୍ରତିବାଦ କରି ୮୪ ହଜାର ଲୋକ ସଂଖ୍ୟା ଭିତରୁ ପ୍ରାୟ ୭୦ ହଜାର ଲୋକ ନିଜର ଘର-ଦ୍ୱାର, ଜମି-ବାଡ଼ି ଏବଂ ଭିଟା-ମାଟି ସଙ୍ଗେ ଏକ ବର୍ଷର ପାଚିଲା ଧାନ କ୍ଷେତରେ ଛାଡ଼ି ଏବଂ ତା ପର ବର୍ଷ ଆଷାଢ଼ମାସ ଶେଷ ସୁଦ୍ଧା ଜମି ଚାଷ ନ କରି (ଅର୍ଥାତ୍ ୨ୟ ବର୍ଷର ଫସଲ ମଧ୍ୟ ନଷ୍ଟ କରି) ନିଜର ଜନ୍ମଗତ ଦାବୀ ହାସଲ ନିମନ୍ତେ ନାନା ଦୁଃଖ-ଯନ୍ତ୍ରଣା ଭୋଗ ଓ ତ୍ୟାଗ ସ୍ୱୀକାରପୂର୍ବକ ଯେଉଁ ରାଜ୍ୟ-ତ୍ୟାଗ Exodus—ହିଜ୍ରତ) ଆନ୍ଦୋଳନ ସମ୍ପୂର୍ଣ୍ଣ ସଫଳତାର ସହିତ ଚଳାଇଥିଲେ ତାହା ମଧ୍ୟ ପୃଥିବୀ ଇତିହାସରେ ବିରଳ ଦେଖାଯାଏ । ଅବଶ୍ୟ ଯୁଦ୍ଧ ଏବଂ ଗୃହ ବିବାଦ (Civil war)ର ବୋମା-ବୃଷ୍ଟି ସମୟରେ ଯୋଦ୍ଧୃକାଳୀନ ବିଭୀଷିକାରୁ ନିଜକୁ ଏବଂ କୁଟୁମ୍ବଙ୍କୁ ରକ୍ଷା କରିବା ନିମନ୍ତେ ସ୍ଥାନ ତ୍ୟାଗ କିମ୍ବା ରାଜ୍ୟ ତ୍ୟାଗ କରିବା କୌଣସି କୌଣସି ସ୍ଥାନରେ ଅଳ୍ପକ୍ଷଣ ନିମନ୍ତେ ହୋଇଥିବାର ଇତିହାସ-ବର୍ଣ୍ଣିତ ଅଛି । ବଙ୍ଗଳାଦେଶ ଗୃହ ବିବାଦବେଳେ ଗଣ-ଅତ୍ୟାଚାର ଏବଂ ଗଣ-ହତ୍ୟା, ବିଶେଷତଃ ବିଧର୍ମୀ-ହତ୍ୟା କାରଣରୁ ତତ୍ରତ୍ୟ ସାଢ଼େ ସାତ କୋଟି ଲୋକଙ୍କ ଭିତରୁ ଏକ କୋଟିରୁ କମ ସଂଖ୍ୟକ ଲୋକ ଉକ୍ତ ବଙ୍ଗଳାଦେଶ ପରିତ୍ୟାଗ କରି ଭାରତକୁ ପଳାଇ ଆସି ୭ ମାସ ପରେ ପୁଣି ନିଜ ରାଜ୍ୟକୁ ଫେରିଗଲେ । ସେମାନଙ୍କୁ ଭାରତ ସରକାର ଏବଂ ପୃଥିବୀ ପଞ୍ଚାୟତ ଓ ପୃଥିବୀର ରେଡ଼କ୍ରସ ସଂସ୍ଥାମାନ ସର୍ବାଙ୍ଗୀନ ସାହାଯ୍ୟ ଦେଇଥିଲେ । କିନ୍ତୁ ଶୋଷଣ-ପେଷଣ, ଅନ୍ୟାୟ-ଅତ୍ୟାଚାର ଓ ଜୋର-ଜୁଲମରୁ ରକ୍ଷା ପାଇବା ନିମନ୍ତେ ଓ ଜନ୍ମଗତ ଅଧିକାର ଅର୍ଥାତ୍ ନାଗରିକ ସ୍ୱାଧୀନତା ହାସଲ ନିମନ୍ତେ

Digitized by PPRACHIN, SOA

ତାଳଚେରର ବ୍ୟକ୍ତିତ କୌଣସି ଏକ ରାଜ୍ୟର ଶତକଡ଼ା ୭୦।୭୫ ଭାଗ ଜନତା ନିଜ ଜନ୍ମଭୂମି ଛାଡ଼ି ଅନ୍ୟ ରାଜ୍ୟରେ ଶୀତ, ଖରା, ବର୍ଷା, କୁହୁଡ଼ି, କାକର-ଶିଶିରରେ ପତ୍ର-କୁଡ଼ିଆ ଏବଂ ଗଛ ମୂଳରେ ରହିବାର ଘଟଣା ଇତିହାସ ପୁରାଣରେ ବର୍ଣ୍ଣିତ ନାହିଁ, କିମ୍ବା ବର୍ତ୍ତମାନ ଯୁଗରେ ଘଟିଥିବାର ଖବର ନାହିଁ । ଏସବୁର ବାହାଦୁରୀ ତାଳଚେର ଜନସାଧାରଣଙ୍କର, ପ୍ରଜାମଣ୍ଡଳ ଓ ତାର ନେତୃବୃନ୍ଦଙ୍କର ଅଟେ । ପୂର୍ବୋକ୍ତମତେ ଏହି ପ୍ରଜାମଣ୍ଡଳ ମୁଁ ଏବଂ ଅନ୍ୟାନ୍ୟ କର୍ମୀବର୍ଗ, ଯଥା: ସର୍ବଶ୍ରୀ ମାଗୁଣି ଚନ୍ଦ୍ର ପ୍ରଧାନ, ଦାଶରଥି ପାଣି, କୃତ୍ତିବାସ ରଥ, ଗୌରାଙ୍ଗଙ୍କର ପ୍ରଧାନ, ଚନ୍ଦ୍ରଶେଖର ଦାସ ଓଗେର ସଙ୍ଗଠିତ କରିଥିଲୁ ଏବଂ ମୁଁ ଏହାର ସଭାପତି ନିର୍ବାଚିତ ହୋଇଥିଲି । ଏହାପରେ ଜନତା ଏବଂ ଜନ-ସଙ୍ଗଠନର ପ୍ରାକ୍‌-ସ୍ୱାଧୀନତା ଏବଂ ସ୍ୱାଧୀନତା ପର-କାଳର ଯଥାକ୍ରମେ ସାଙ୍ଗଠନିକ ଓ ବୈଧାନିକ ପ୍ରତିନିଧିତ୍ୱ କରିଥିବାରୁ ମୁଁ ନିଜକୁ ଧନ୍ୟ ଏବଂ ଗୌରବାନ୍ୱିତ ମନେକରି ସେମାନଙ୍କଠାରେ ଚିର-ଋଣିତ୍ୱ ଏବଂ କୃତଜ୍ଞତା ପ୍ରକାଶ କରୁଛି ।

ପୂର୍ବୋକ୍ତମତେ ତାଳଚେରର ଅଭୂତପୂର୍ବ ରାଜ୍ୟ-ଛାଡ଼ି ବା ହିଜରତ (Exodus) ଆନ୍ଦୋଳନ ସଫଳ ହେଲା ପରେ ଲୋକେ ବିଜୟ-ବାନା ଉଡ଼ାଇ ସ୍ୱ ସ୍ୱ ଗୃହକୁ ଫେରିଲେ । ଆମ ତାଳଚେର ପ୍ରଜାମଣ୍ଡଳର କେନ୍ଦ୍ର ଅଫିସ ତ ପ୍ରଥମରୁ ଅନୁଗୋଳରେ ଏବଂ ତାର ଶାଖା-ଅଫିସମାନ ଶରଣାର୍ଥୀ ବା ରାଜ୍ୟ-ପରିତ୍ୟାଗୀଙ୍କ କ୍ୟାମ୍ପମାନଙ୍କରେ ଥିଲା । ତେଣୁ କ୍ୟାମ୍ପସବୁ ଭାଙ୍ଗିବା ପରେ ନାନା ବିଚାରରୁ ମୂଳ ଅଫିସକୁ ଅନୁଗୋଳରେ ରଖି ତାର ଶାଖା-ଅଫିସ ସବୁ ତାଳଚେର ଭିତରେ ଖୋଲାଗଲା । ଆମ୍ଭେମାନେ ତାଳଚେର ଭିତରେ ଗସ୍ତ କରି କ୍ୟାମ୍ପରେ ଥିଲା ସମୟରେ ଲୋକଙ୍କ ମନରେ ଯେଉଁ ଚେତନା, ଜାଗୃତି ଏବଂ ଅନୁପ୍ରେରଣା ସୃଷ୍ଟି କରାଇଥିଲୁ, ତାହା କପରି ଲୋପ ନ ପାଇ କ୍ରମଶଃ ବୃଦ୍ଧି ପାଇ ସୁଦୃଢ଼ ହେବ ସେଥିପାଇଁ ବିଶେଷ ଯତ୍ନବାନ ଥିଲୁ । ଏହା ବ୍ୟତୀତ ଦୁଇ ବର୍ଷର ଫସଲ ନଷ୍ଟ, ଜନିତ ଲୋକେ ଯେଉଁ ଆର୍ଥିକ କ୍ଷତିର ସମ୍ମୁଖୀନ ହେଲେ ତାର ମୁକାବିଲା କରିବା ଉଦ୍ଦେଶ୍ୟରେ ଅନ୍ତରିକ କୃଷି-ଉନ୍ନତି ପାଇଁ ନାନା ପଦକ୍ଷେପ ନେଲୁ । ଆଉ ମଧ୍ୟ ଜନତା ଭିତରେ ସମାଜ ଓ ସଂସ୍କୃତିବୋଧ ଏବଂ ତାର କାର୍ଯ୍ୟକାରିତା ଦିଗରେ ପ୍ରଗତିଶୀଳ କାର୍ଯ୍ୟାନୁଷ୍ଠାନ କଲୁ ।

Digitized by PPRACHIN, SOA

ଆମର ଏ ପ୍ରକାର କାର୍ଯ୍ୟରେ ରାଜା ଓ ବ୍ରିଟିଶ ସରକାର ପୁଣି ପ୍ରମାଦ ଗଣିଲେ । ଆନ୍ଦୋଳନ ସମୟରେ ଆମେ ସମସ୍ତେ ବାହାରେ ବ୍ରିଟିଶ-ଶାସିତ ଅଞ୍ଚଳରେ ଅଫିସ ଏବଂ କ୍ୟାମ୍ପ କରି ରହୁଥିବାରୁ ରାଜା ଆମ୍ଭଙ୍କୁ ଜେଲରେ ରଖି ଜନତାଙ୍କୁ ବିଭକ୍ତ, ଅସଙ୍ଗଠିତ ଏବଂ ଦୁର୍ବଳ କରିବାରେ ଅସଫଳ ହେଲେ । ଅଧିକନ୍ତୁ ସେତେବେଳେ ୧୯୩୫ର ଶାସନ ଖସଡ଼ା ଅନୁସାରେ ଓଡ଼ିଶାରେ ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରଧାନ ମନ୍ତ୍ରୀତ୍ୱ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀତ୍ୱ) ଥିବାରୁ ବ୍ରିଟିଶ ସରକାର ରାଜାଙ୍କ କଥାରେ ପଡ଼ି ଆମ ନେତୃବର୍ଗଙ୍କ ବିରୋଧରେ ତାଙ୍କ ଦାଉ ସାଧିପାରିଲେ ନାହିଁ । କିନ୍ତୁ ପ୍ରତିହିଂସାବଶତଃ ମୋ ସମେତ ଆମ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ବିରୁଦ୍ଧରେ ଯେଉଁ ଏକ୍ସଟ୍ରାଡ଼ିସନ୍ ୱାରେଣ୍ଟ ଜାରୀ କରି କେତେକଙ୍କୁ କଟକ ଜେଲରେ ଆବଦ୍ଧ କରାଇଲେ, ଓଡ଼ିଶାର ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ମନ୍ତ୍ରୀମଣ୍ଡଳ ଉକ୍ତ ୱାରେଣ୍ଟ ସମ୍ପର୍କୀୟ ଅଭିଯୋଗମାନଙ୍କୁ ମିଥ୍ୟା, ମନଗଢ଼ା ଏବଂ ରାଜନୈତିକ ଅଭିସନ୍ଧିମୂଳକ ବୋଲି ହୃଦୟଙ୍ଗମ କରି ସେସବୁ ୱାରେଣ୍ଟ ରଦ୍ଦ କରାଇଦେଲେ ଏବଂ ଆମର ୧୨ ଜଣ ନେତାଙ୍କୁ କଟକ ଜେଲରୁ ମୁକ୍ତ କରାଇଦେଲେ । ଏଥିରେ ରାଜା ଏବଂ ବ୍ରିଟିଶ ସରକାରଙ୍କର ହୃଦୟ ଆମ ବିରୁଦ୍ଧରେ ଜଳୁଥାଏ । ତେଣୁ ରାଜା ଏବଂ ତାଙ୍କ ପୃଷ୍ଠପୋଷକ ଇଂରେଜ ସରକାର ଆମ ଉପରେ ଦାଉ ସାଧିବାପାଇଁ ଅବସର ଖୋଜୁଥାନ୍ତି । ପୂର୍ବୋକ୍ତମତେ ଆମେ ଯେତେବେଳେ ତାଳଚେର ଭିତରେ ଗସ୍ତକରି ଲୋକଙ୍କ ଭିତରେ ରାଜନୈତିକ, ଶାସନତାନ୍ତ୍ରିକ, ସାମାଜିକ ଏବଂ ସାଂସ୍କୃତିକ ଜାଗୃତିକୁ ଅଧିକତର ସୁଦୃଢ଼ କରାଇବାକୁ ଲାଗିଲୁ, ସେହି ଅବସରରେ ଦ୍ୱିତୀୟ ମହାଯୁଦ୍ଧକାଳୀନ ଅବସ୍ଥାର ସୁଯୋଗ ନେଇ ପୁଣି ମିଥ୍ୟା ମକଦ୍ଦମା କରାଇ ତାଳଚେର ଭିତରୁ ୧୯୪୦ ଜାନୁୟାରୀ-ଫେବୃୟାରୀରେ ଆରେଷ୍ଟ କରାଇ ମୋର ସହକର୍ମୀ ସର୍ବଶ୍ରୀ ମଦନମୋହନ ପ୍ରଧାନ, ମାଗୁଣିଚନ୍ଦ୍ର ପ୍ରଧାନ, ଦାଶରଥି ପାଣି, ଦୟାନିଧି ରଥ, ପବିତ୍ର ବେହେରା, ଚନ୍ଦ୍ରଶେଖର ରାଜବଲ୍ଲଭ ଓଗେରଙ୍କୁ ତାଳଚେର ଜେଲରେ ରଖିଲେ । ମୋତେ ମଧ୍ୟ ଆରେଷ୍ଟ କରାଇ ଉକ୍ତ ଜେଲରେ ଆବଦ୍ଧ କଲେ । ତାପରେ ଗୋଟିକ ପରେ ଗୋଟିଏ ମିଥ୍ୟା ଏବଂ ମନଗଢ଼ା ମକଦ୍ଦମା ସୃଷ୍ଟିକରି ଦୀର୍ଘ କାରାଦଣ୍ଡ ଦେଇ ଆମର ନୈତିକ ବଳକୁ ଭାଙ୍ଗିଦେବାକୁ ସର୍ବାଙ୍ଗୀନ ଚେଷ୍ଟା କଲେ । କିନ୍ତୁ ନୈତିକତା

Digitized by PPRACHIN, SOA

ବିଷୟରୁ ଆମ୍ଭେମାନେ ସ୍ଥାନବଳ କିମ୍ବା ସ୍ଥାନଷାର୍ଯ୍ୟ ହେବାର ବ୍ୟକ୍ତି ନୋହୁଁ । ଏହିପରି ଆମ୍ଭେମାନେ ଦୀର୍ଘ ଜେଲଦଣ୍ଡ ଓ ଅକଥନୀୟ ଯନ୍ତ୍ରଣା ଭୋଗ କରି ସ୍ଥିତପ୍ରଜ୍ଞ ଭାବନାରେ କଷ୍ଟରୁଦ୍ଧ ହୋଇଥାଉ ।

ଏତେବେଳକୁ ପ୍ରାୟ ଦୁଇ ଅଢ଼େଇ ବର୍ଷ ଜେଲରେ କାଳାତିପାତ କରୁଥାଉ । ଭାରତର ଭବିଷ୍ୟତ ଅବସ୍ଥା କଣ ହେବ ଜାଣିପାରୁନଥାଉ; କାରଣ ଆମକୁ ଖବରକାଗଜ ପଢ଼ିବାକୁ ଦିଆଯାଉନଥାଏ । ତଥାପି ଲୁଚାଇ କରି ଖବରକାଗଜ ଦିନେ ଦିନେ ପାଉ । ୧୯୪୨ ଆସିଲା । ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନ ବସିଲା । ଭାରତ-ଛାଡ଼ (Quit India) ପ୍ରସ୍ତାବ ଗୃହୀତ ହେଲା । ଏହାର ଅର୍ଥ ଇଂରେଜ ସରକାର ଭାରତବର୍ଷ ଛାଡ଼ି ଚାଲିଯାଉ, ତାହା ନ ହେଲେ ସେ (ଇଂରେଜ ସରକାର) ଅଭୂତପୂର୍ବ ଗଣ-ଆନ୍ଦୋଳନର ସମ୍ମୁଖୀନ ହେବ ବୋଲି କଂଗ୍ରେସ ଠୋକ୍-ଠୋକ୍ କହିଦେଲେ । ମହାତ୍ମା ଗାନ୍ଧୀ ମଧ୍ୟ ଏ ପ୍ରସ୍ତାବକୁ ଆହୁରି ଅଧିକ ଦୃଢ଼ଭାବରେ ଗ୍ରହଣ କରି କହିଲେ ଯେ, ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ନିଜକୁ ନିଜର ନେତା ବୋଲି ଭାବି କାର୍ଯ୍ୟ କରିଯିବ । ଏଥିରେ ଆମ୍ଭେମାନେ ଟିକିଏ ଆଶାୟୀ ଓ ଅଧିକତର ସାହସୀ ହେଲୁ । ଏହିପରି ଭୂମିକାର ମନୋଭାବନାରେ ଏବଂ ଅନୁପ୍ରେରଣାରେ ପ୍ରେତ୍ସାହିତ ହୋଇ ମୁଁ ୧୯୪୨ ଅଗଷ୍ଟ ୩୧ ତାରିଖରେ ତାଳଚେର ଜେଲରୁ ପାଚେରି ଡେଇଁ ପଳାଇ ଯାଇ ତାଳଚେର ତଥା ବ୍ରିଟିଶ ସରକାର ବିରୁଦ୍ଧରେ ସମାନ୍ତରାଳ ଶାସନ ପ୍ରତିଷ୍ଠା କରିବାରେ କାରଣ ହେଲି । ମୋର ପରବର୍ତ୍ତୀ କାର୍ଯ୍ୟକଳାପ 'ମୁକ୍ତିପଥେ ସୈନିକ ପ୍ରଥମ ଭାଗ (ଖ)' ବା ଏହି ପୁସ୍ତକର ପରବର୍ତ୍ତୀ ବିଷୟବସ୍ତୁରୂପେ ପାଠକେ ପଢ଼ିବାକୁ ପାଇବେ ।

Digitized by PPRACHIN, SOA

ମୁକ୍ତିପଥେ ସୈନିକ

(ଖ)

ପ୍ରଥମ ପରିଚ୍ଛେଦ

କାରାଗାରେ

ରାଜା ଓ ରାଜନୈତିକ ବିଭାଗର କୁ-ଚକ୍ରାନ୍ତରେ ମୁଁ ଏବଂ ମୋର ବନ୍ଧୁମାନେ ୧୯୪୦ ନଭେମ୍ବର ମାସରେ ଏକ ସମୟରେ ଭାରତରକ୍ଷା ଆଇନ ବଳରେ ଗିରଫ୍ଦାର ହେଲୁଁ । ସ୍ୱାଧୀନ ଜୀବନର ରଙ୍ଗମଞ୍ଚରେ ପଟ୍ଟପତନ ହେଲା । ଗଡ଼ଜାତଗୁଡ଼ିକ ସଂଗଠିତ କରି ଭବିଷ୍ୟତ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ କରିବାର ସମସ୍ତ କଳ୍ପନା ଜଳ୍ପନା ନଷ୍ଟଭ୍ରଷ୍ଟ ହେଲା ।

ଜେଲ ଭିତରେ ଭର୍ତ୍ତିକଲା ପରେ ଗୋଟାକ ପରେ ଗୋଟାଏ ମିଥ୍ୟା ମକଦ୍ଦମା ସୃଷ୍ଟି କରି ବିନା ବିଚାରରେ ଆମ୍ଭମାନଙ୍କୁ ଦୀର୍ଘ କାରାଦଣ୍ଡ ଦିଆଗଲା । ରାଜନୈତିକ ବିଭାଗର ସମର୍ଥନରେ ପାଶବିକ ଅତ୍ୟାଚାର କରାଗଲା । ବାହାର ଜଗତ ବିଷୟରେ କୌଣସି ପ୍ରକାର ଖବର ପାଇବାର ସମସ୍ତ ଉପାୟ ବନ୍ଦ କରିଦିଆଗଲା । ତେଣୁ ଦୁନିଆର ଘଟଣାବଳୀ ସମ୍ପର୍କରେ ଆମ୍ଭେମାନେ ଅଜ୍ଞ, ଅନ୍ଧ ଏବଂ ବଧୀର ହୋଇ ରହିଲୁଁ । ଫଳତଃ ଜେଲମୁକ୍ତ ଏବଂ ଭବିଷ୍ୟତ ସ୍ୱାଧୀନତା ସଂଗ୍ରାମରେ ଭାଗ ନେବାର ଆଶା ଭରସା ଲୁପ୍ତ ହେଲା । ଭବିଷ୍ୟତ୍ ଅନ୍ଧକାର ଓ ନୈରାଶ୍ୟମୟ ।

Digitized by PPRACHIN, SOA

କିନ୍ତୁ ତା ସତ୍ତ୍ୱେ ଭାରତ ତଥା ପୃଥିବୀର ସାମରିକ ଓ ରାଜନୈତିକ ଖବର, (ଯଥା—ଦ୍ୱିତୀୟ ମହାଯୁଦ୍ଧ, କଂଗ୍ରେସ, ମହାତ୍ମା ଗାନ୍ଧୀ ଏବଂ ସୁଭାଷ ବାବୁଙ୍କ ମତ ଓ କାର୍ଯ୍ୟକଳାପ ଇତ୍ୟାଦି) ସଂଗ୍ରହ କରିବାରେ ଆଦୌ ହେଳା କରି ନ ଥିଲୁ । ତେଣୁ ଜାଳଚେରର ଦରବାରଙ୍କ କଡ଼ା ପ୍ରହରୀ ସତ୍ତ୍ୱେ କୌଶଳରେ ସମସ୍ତ ପ୍ରକାର ସମ୍ବାଦ ପାଇବାର ବନ୍ଦୋବସ୍ତ କରିଥିଲୁ । ବିପ୍ଳବୀ ସୁଭାଷଙ୍କ ଭାରତ ଆକ୍ରମଣରେ ସଂଗଠିତ ସାହାଯ୍ୟ ଦେବାପାଇଁ ନିର୍ଦ୍ଦିଷ୍ଟ ଯୋଜନା କରିଥିଲୁ । ଏତଦ୍‌ବ୍ୟତୀତ ଜର୍ମାନୀ ଆକ୍ରମଣ ଫଳରେ ଆଶଙ୍କିତ ଅରାଜକତାରୁ ଜନତାକୁ ରକ୍ଷା କରି ଜର୍ମାନସେନାର ପ୍ରବଳ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଗରିଲା ସୈନ୍ୟ ଓ ଖଣ୍ଡ-ଯୁଦ୍ଧର ପରିକଳ୍ପନା ମଧ୍ୟ ଏକ ପ୍ରଧାନ ଲକ୍ଷ୍ୟ ଥିଲା । ଏହି ଯୋଜନା ଓ ପରିକଳ୍ପନା ଅନୁସାରେ ଜେଲ ବାହାରେ ଥିବା କର୍ମୀମାନଙ୍କୁ ଉପଦେଶ ଦେଉଥିଲୁ ।

ଏହି ଆମର ଜେଲ ଜୀବନ । ଭାରତକୁ ସାମ୍ରାଜ୍ୟବାଦୀ ବ୍ରିଟିଶ କବଳରୁ ମୁକ୍ତ କରିବାକୁ ଏହା ଥିଲା ଆମର ଉପାୟ ଓ କଳ୍ପନା ।

ଅନ୍ଧକାରରେ ଆଲୋକ
ଭାରତ ଛାଡ଼ ପ୍ରସ୍ତାବର ପୂର୍ବାଭାସ

ନିଭୃତ ନିସ୍ତବ୍ଧ କାରାକକ୍ଷ । କେତେ ଦିନଠାରୁ ବାହାରର ସମ୍ବାଦ ସମାଗ୍ରର ସମ୍ପର୍କରେ ଅଜ୍ଞ । ଦରବାରର ବିଶ୍ୱାସଘାତକତାରେ ହତାଶ, କିନ୍ତୁ ପ୍ରତିଶୋଧର ଭାବନା । କଂଗ୍ରେସର ନିଷ୍କ୍ରିୟତାରେ ମର୍ମାହତ, କିନ୍ତୁ ବିପ୍ଳବୀ ସୁଭାଷଙ୍କର ଅନ୍ତର୍ଦ୍ଧାନରେ ଆଶ୍ୱସ୍ତ ଓ ଆଶାନ୍ୱିତ । ବନ୍ଦୀ ବନ୍ଧୁମାନଙ୍କ ସହ କ୍ଷୀଣ ବିଦ୍ୟୁତ୍ ଆଲୋକରେ ଗୋଲାକାରରେ ଉପବିଷ୍ଟ । ଦରବାର ମୋତେ ମୁକ୍ତ କରି ପୁଣି ସଙ୍ଗେ ସଙ୍ଗେ ଗିରଫ କରିବାର ରହସ୍ୟ ବିଷୟରେ ସ୍ୱଧୀରେ ଓ ସଗମ୍ଭୀରେ ଆଲୋଚନା । ହଠାତ୍ ଶୁଭିଲା, ଜଣେ ଚଳନ୍ତି ଜେଲ ପ୍ରହରୀର ଲଠିର ଠକ୍ ଠକ୍ ଶବ୍ଦ । ଆଲୋଚନା ବନ୍ଦ ହୋଇଗଲା । କିନ୍ତୁ ଦେଖିଲୁ, ଏ ବନ୍ଦୀଶାଳାର ସେହି ଓ୍ୱାର୍ଡ଼ର୍—ଯେ ଆମକୁ ଗୋପନରେ ବାର୍ତ୍ତା ଦିଏ ।

ଆମର ପ୍ରଶ୍ନ ହେଲା, "ଖବର କଣ ?" ଓ୍ୱାର୍ଡର୍ ମୌନ, କିନ୍ତୁ ସକ୍ରିୟ । ପୋଷାକ ଭିତରୁ ବଡ଼ାଏ ଖବର କାଗଜ ବାହାର କରି ଜେଲ

Digitized by PPRACHIN, SOA

କୋଠରୀ ମଧ୍ୟକୁ ଫିଙ୍ଗି ଦେଲା । ବ୍ୟଗ୍ରତା ଏବଂ ଉତ୍ସାହର ସହିତ ଗୋଟିଏ ଶୂନ୍ୟ ଆଡ଼ଆଳରେ ଖବର କାଗଜ ପଢ଼ିବାକୁ ଲଗିଲୁ । ପ୍ରଥମେ ପଢ଼ାଗଲା ହେଡ୍ ଲାଇନ୍ । ୭।୮ ଟି ଖବର କାଗଜ ଭିତରୁ ଦେଖିଲୁ ଦୁଇଟିରେ ଥିଲା, "ମହାତ୍ମା ଗାନ୍ଧୀଙ୍କର ଇଂରେଜଙ୍କ ପ୍ରତି ଉପଦେଶ ।" ଏ ଦୁଇଟି ପ୍ରବନ୍ଧ ପ୍ରଥମେ ଋମାନ୍ୱୟରେ ପଢ଼ାଗଲା ।

'ଇଂରେଜଙ୍କ ପ୍ରତି ଉପଦେଶ' ଏ ହେଡ୍ ଲାଇନଟା ଯେପରି ମାମୁଲି ଜଣାପଡୁଛି, ବାସ୍ତବିକ ଭିତର ବିଷୟଟା ତାହାର ବିପରୀତ । ବହୁତ ଶକ୍ତିଶାଳୀ ଏବଂ ଜୋରଦାର ଶବ୍ଦରେ ମହାତ୍ମାଜୀ ଇଂରେଜଙ୍କୁ ଭାରତରୁ ଚାଲିଯିବାକୁ ଉପଦେଶ ଦେଇଛନ୍ତି । ଯଦି ଚାଲି ନ ଯାଆନ୍ତି ତେବେ ଅଭୂତପୂର୍ବ ଜନଆନ୍ଦୋଳନର ସମ୍ମୁଖୀନ ହେବାକୁ ଆହ୍ୱାନ କରିଛନ୍ତି ।

ଖବର କାଗଜ ପଢ଼ା ଶେଷ ହେଲା । ଆବଶ୍ୟକୀୟ ପ୍ରବନ୍ଧ ଦୁଇଟି ପତ୍ର-ମଧ୍ୟରୁ ଛିଣ୍ଡାଇ ରଖି ବାକି କାଗଜ ଫେରସ୍ତ ଦିଆଗଲା । ସେଦିନ ଓ୍ୱାର୍ଡ଼ରକୁ ଅପେକ୍ଷାକୃତ ଅଧିକ ବାଚନିକ ଓ ଆର୍ଥିକ ପୁରସ୍କାର ଦିଆ-ଗଲା । ଏଣିକି ଶୀଘ୍ର ଶୀଘ୍ର ଖବର କାଗଜ ପାଇବାର ବନ୍ଦୋବସ୍ତ କରାଗଲା ।

ଉପର୍ଯ୍ୟୁକ୍ତ ପ୍ରବନ୍ଧ ପଠନରେ ହତାଶ ମନରେ କ୍ଷୀଣ ଆଶା ସଞ୍ଚାର ହେଲା । କିନ୍ତୁ ଏତଦ୍ୱାରା ଆଶା ଦୃଢ଼ ହେଲା ନାହିଁ, କାରଣ ଏହା କେବଳ କାଗଜ କଲମର ଧମକ ମାତ୍ର; ତେଣୁ ଜନତା ତଥା କଂଗ୍ରେସ କର୍ତ୍ତୃପକ୍ଷଙ୍କର ଏ ସମ୍ପର୍କରେ ସକ୍ରିୟ ପ୍ରତିକ୍ରିୟାର ଅପେକ୍ଷାରେ ରହିଲୁ ।

ଆଶା ଦୃଢ଼ୀଭୂତ

ଆଗ ଭଳି ଖବର କାଗଜ ମିଳିବାରେ ଅସୁବିଧା ହେଲା । ଏହିପରି ବ୍ୟଗ୍ରତା ଓ ବ୍ୟାକୁଳତା ମଧ୍ୟରେ କେତେଦିନ ଅତିବାହିତ ହେଲା । ଦିନେ ପୁଣି ଚନ୍ଦ୍ରାଲୋକରେ ସେହି ବାର୍ତ୍ତାବାହୀ ଓ୍ୱାର୍ଡ଼ର୍ ବାଡ଼ି ଠକ୍ ଠକ୍ କରି ଉତ୍ସୁକ ପଦକ୍ଷେପରେ ଆମର ନମ୍ବର (ଜେଲ କୋଠରୀ) ଆଡ଼କୁ ଗତି କରିବାର ଦେଖାଗଲା । ବନ୍ଧୁ ଦାଶରଥି ପାଣି ତାକୁ ପଚାରିଲେ, "ଆଜି ଜଣାପଡୁଛି ତୁମେ କୃତକାର୍ଯ୍ୟ ।" ହଠାତ୍ ଉତ୍ତର ଆସିଲା, "ଆଜ୍ଞା ।" ତା'ପରେ ଦେଖିଲୁ ଦାଶରଥି ବାବୁଙ୍କ ହାତରେ ବିଡ଼ାଏ ଖବର କାଗଜ ।

Digitized by PPRACHIN, SOA

ଶୀଘ୍ରତା, ଗୋପନୀୟତା ଓ ସାବଧାନତାର ସହିତ ଖବର କାଗଜ ପଢ଼ା ଆରମ୍ଭ ହେଲା । ଏଥିରେ ମହାତ୍ମା ଗାନ୍ଧୀଙ୍କର ପୂର୍ବ ଲେଖାର ବିଶ୍ଳେଷଣାତ୍ମକ ଦୁଇ ତିନୋଟି ପ୍ରବନ୍ଧ ପାଇଲୁ । ଅତ୍ୟନ୍ତ ସୁଖର କଥା ଯେ, ମହାତ୍ମା ଗାନ୍ଧୀଙ୍କର ଉକ୍ତ ପ୍ରବନ୍ଧ ଓ ପ୍ରସ୍ତାବକୁ ସମର୍ଥନ କରି ଶ୍ରୀଯୁକ୍ତ ପଟେଲ, ପ୍ରସାଦ ଏବଂ ପଣ୍ଡିତ ନେହେରୁ ସରଳ ଓ ପ୍ରାଞ୍ଜଳ କିନ୍ତୁ ଓଜସ୍ୱୀ ଏବଂ ଉତ୍ତେଜନାପୂର୍ଣ୍ଣ ଭାଷାରେ ଯେଉଁସବୁ ଟୀକା ଟିପ୍ପଣୀ କରିଥିଲେ, ସେସବୁ ଉକ୍ତ ପ୍ରବନ୍ଧମାନଙ୍କରେ ପ୍ରକାଶିତ ହୋଇଥିଲା । ପଟେଲଙ୍କ ବକ୍ତୃତା ଥିଲା, ଏଥର ଆନ୍ଦୋଳନ କେବଳ ଏକ ସପ୍ତାହ ମାତ୍ର ସ୍ଥାୟୀ ହେବ ଏବଂ ଆମ୍ଭେମାନେ ଏଥିରେ ସ୍ୱରାଜ୍ୟ ହାସଲ କରିବୁଁ । ରାଜେନ୍ଦ୍ର ପ୍ରସାଦଙ୍କ ଭାଷଣ ଥିଲା, 'ଏଥର ଆନ୍ଦୋଳନ ଏପରି ତୀବ୍ର ଏବଂ ଭୀଷଣ ହେବ ଯେ, ବ୍ରିଟିଶ୍ ସରକାରକୁ ବୋମା ଏବଂ ବ୍ୟୋମଯାନର ଆଶ୍ରୟ ନେବାକୁ ପଡ଼ିବ ।' ପଣ୍ଡିତ ଜହରଲାଲ ନେହେରୁଙ୍କ ବକ୍ତୃତା ଥିଲା, 'ଆମ୍ଭେମାନେ ପଶିଲୁ, ପଶିଲୁ, ନିଆଁରେ ପଶିଲୁ, ଶେଷ ନିଆଁରେ ପଶିଲୁ ।' ଏ ସବୁ ଭାଷଣ ଓ ବକ୍ତୃତା ଯେପରି ବିଶ୍ଳେଷଣାତ୍ମକ, ସେହିପରି ଉତ୍ସାହ ଓ ଉନ୍ମାଦନାପୂର୍ଣ୍ଣ ଥିଲା ।

ସମ୍ବାଦପତ୍ର ପାଠ ଶେଷ ହେଲା । ମୃତ ପ୍ରାଣରେ ନବ ଜୀବନର ସଞ୍ଚାର ହେଲା, ଆଶା ଦୃଢ଼ୀଭୂତ ହେଲା; କିନ୍ତୁ ଏ ଓଜସ୍ୱୀ ଭାଷଣ ଓ ପ୍ରବନ୍ଧମାନଙ୍କରୁ ସଂଗ୍ରାମର ସଠିକ ରୂପରେଖ ନ ପାଇ ଭାବୀ ଯୁଦ୍ଧର ବାସ୍ତବତା ଓ ପ୍ରଗତି ବିଷୟରେ ଆମ୍ଭେମାନେ ସନ୍ତୁଷ୍ଟ ନୟୂନ ଓ ବ୍ୟଗ୍ର-ହୃଦୟରେ ଅପେକ୍ଷା କରି ରହିଲୁ ।

ବ୍ୟଗ୍ରତା ଦୂରୀଭୂତ

ଆଶା ଦୃଢ଼ୀଭୂତ ହେଲା ସତ, କିନ୍ତୁ ମନର ବ୍ୟଗ୍ରତା ଦୂରୀଭୂତ ହେଲା ନାହିଁ, ଆଶାୟୀ ପ୍ରାଣ ଘଟଣାର କ୍ରମଗତି ପ୍ରତି ଅନାଇ ରହିଲା । ଏକ ସପ୍ତାହ ପରେ ଖଣ୍ଡେ ଚିଠି ସହ କେତେକ ଖବର କାଗଜ ହସ୍ତଗତ ହେଲା । ଗୋଟିଏ ଖବର କାଗଜରେ ମହାତ୍ମାଜୀଙ୍କ ଏକ ପ୍ରବନ୍ଧ ଓ ଅନ୍ୟ-ଗୁଡ଼ିକରେ ଉକ୍ତ ପ୍ରବନ୍ଧର ସମ୍ପାଦକୀୟ ଓ ବ୍ୟକ୍ତିଗତ ଟୀକାଟିପ୍ପଣୀ ବିଶେଷ ଭାବରେ ବର୍ଣ୍ଣିତ ହୋଇଥିଲା । ଏ ଲେଖାରେ ଗାନ୍ଧିଜୀ ତାଙ୍କ କଳ୍ପିତ ସଂଗ୍ରାମର ଯେଉଁ ଶେଷ ଓ ସର୍ବଶେଷ ରୂପରେଖ ଦେଇଥିଲେ, ଚିଠି

Digitized by PPRACHIN, SOA

ଖଣ୍ଡି କରେ ତାହାର ଆଲୋଚନା ଓ ବିଶ୍ଳେଷଣ କରାଯାଇଥିଲା । ଗାନ୍ଧିଜୀଙ୍କର ଏ ଲେଖା ଏବଂ ଖବର କାଗଜମାନଙ୍କର ଟୀକାଟିପ୍ପଣୀ ଓ ଚିଠିର ସାରାଂଶ ଥିଲ ଏହି—"ଏ ଆନ୍ଦୋଳନ ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ, ଏଥିରେ ଜେଲ ଯିବା ବାହାଦୁରୀ ନୁହେଁ, କାର୍ଯ୍ୟ କରିବା ବାହାଦୁରୀ ।" ୧୯୨୦-୨୧ ଏବଂ ୧୯୩୦-୩୨ ଆନ୍ଦୋଳନରେ ଯେଉଁ ସବୁ କାର୍ଯ୍ୟ ହିଂସାତ୍ମକ ବୋଲି ବିବେଚିତ ହୋଇଥାନ୍ତା ଏବଂ ହୋଇଥିଲା, ଏଥର ସେସବୁ ଅହିଂସାତ୍ମକ ବୋଲି ଅନୁମତି ମିଳିଗଲା । ଆରେଷ୍ଟ ନ ହେବା, ସରକାରୀ ଭବନ ଓ ଅନୁଷ୍ଠାନ ଧ୍ୱଂସ ଏବଂ ଅଧିକାର କରିବା, ସରକାରୀ କାଗଜପତ୍ର ନଷ୍ଟଭ୍ରଷ୍ଟ କରିବା, ସଡ଼କ, ପୋଲ ଓ ରେଲ ଲାଇନ ଭାଙ୍ଗିବା, ଟେଲିଗ୍ରାମ ଓ ଟେଲିଫୋନ ତାର କାଟିବା, ଅଦାଲତ କଚେରୀ ଦଖଲ କରି ସମାନ୍ତରାଳ ଶାସନ ଚଳାଇବା, ଖଣ୍ଡଯୁଦ୍ଧ କରିବା (garilla warfare) ଏବଂ ଏପରିକି ଆତ୍ମରକ୍ଷା ଉଦ୍ଦେଶ୍ୟରେ ଆକ୍ରମଣକାରୀଙ୍କୁ ମଧ୍ୟ ଅସ୍ତ୍ରଶସ୍ତ୍ରଦ୍ୱାରା ପ୍ରତିରୋଧ କରିବା ଇତ୍ୟାଦି ସଂଗ୍ରାମର ସଠିକ ରୂପରେଖ ଖବର କାଗଜରେ ସାଧାରଣ ଭାବରେ ଏବଂ ଚିଠିରେ ବିଶଦଭାବରେ ବର୍ଣ୍ଣିତ ହୋଇଥିଲ । ସଂଗ୍ରାମର ରଣଧ୍ୱନି ଥିଲା, "କର କିମ୍ବା ମର"; "ଇଂରେଜ ! ଭାରତ ଛାଡ଼" । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ନେତା ହୋଇ ବିବେକ ଅନୁସାରେ ଯୁଦ୍ଧ କରିବାକୁ ଅନୁମତି ମିଳିଲା । ଖବର କାଗଜ ଓ ଚିଠିପତ୍ର ଶେଷ ହେଲା । ମନର ବ୍ୟଗ୍ରତା ଦୂର ହେଲା ।

ଆନନ୍ଦର ଉଦ୍‌ବେଗ

ଜୀବନରେ କେତେବାର ଈପ୍‌ସିତ ବସ୍ତୁ ପ୍ରାପ୍ତ ହୋଇଛି । ଅନେକ ବାର ଦୀର୍ଘ ପ୍ରତୀକ୍ଷିତ ଲାଳସା ପୂର୍ଣ୍ଣ ହୋଇଛି । ତରଳ ଏବଂ ଅନିଶ୍ଚିତ ରାଜନୀତିକ ଆନ୍ଦୋଳନର ଆକାଂକ୍ଷା ଓ ଉଦ୍ଦେଶ୍ୟ ସିଦ୍ଧ ହୋଇଛି । ଫଳତଃ ଆନନ୍ଦ ଓ ବିଜୟ ଭାବନା ହୃଦୟରେ ଜାତ ହୋଇଛି । ମନରେ ତୃପ୍ତି ଓ ସନ୍ତୋଷ ଆସିଛି । ଆଜି ମଧ୍ୟ ପତ୍ର ଓ ଖବର କାଗଜ ପାଠ ପରେ ମନରେ ତୃପ୍ତି ଓ ଆନନ୍ଦ ଜାତ ହେଲା । କିନ୍ତୁ ଏ ତୃପ୍ତ ଓ ଆନନ୍ଦ ପୂର୍ବ ତୃପ୍ତି ଓ ଆନନ୍ଦଠାରୁ ସଂପୂର୍ଣ୍ଣ ପୃଥକ । ଆଜି ଏ ଆନନ୍ଦର ଅବସାଦ ନାହିଁ, ତୃପ୍ତିର ସୀମା ନାହିଁ । ଭବିଷ୍ୟତ ସଂଗ୍ରାମର ଏ ରୂପରେଖ ଯେତିକି ମନେ

Digitized by PPRACHIN, SOA

ମଣ୍ଡଳୀ, ମନରେ ଏ ଅନବସାଦ ଆନନ୍ଦ ସେତିକି ଅମୃତପ୍ରଦାୟୀ ଅନୁଭୂତ ହେଲା—ସେତିକି ଉନ୍ମାଦକ ଓ ଉଦ୍‌ବେଗମୟ ହୋଇଉଠିଲା । ଏ ଆନନ୍ଦର କାରଣ ଏହି ଯେ, ଏତେଦିନେ ଗାନ୍ଧିଜୀ ଦେଶବାସୀଙ୍କୁ ସ୍ୱାଧୀନତା ପ୍ରାପ୍ତି ଉଦ୍ଦେଶ୍ୟରେ ଦୁର୍ଗମ ଅହିଂସ ପଥ ସଙ୍ଗେ ସଙ୍ଗେ ପ୍ରାକୃତିକ ପନ୍ଥା ଅନୁସରଣ କରିବାକୁ ଅନୁମତି ଦେଲେ । ତାହା ପୁଣି ଦ୍ୱିତୀୟ ମହାସମରର ଅବଧି ମଧ୍ୟରେ । ଯେତେବେଳେ ଭାରତର ଶତ୍ରୁ ଓ ଶୋଷକ ଇଂରେଜ ସରକାର ନିତାନ୍ତ ଦୁର୍ବଳ ଅବସ୍ଥାରେ, ଯେତେବେଳେ ଭାରତର ବାସ୍ତବ (Practical) ବିପ୍ଳବୀ ବୀର ସୁଭାଷଚନ୍ଦ୍ର ସାମ୍ରାଜ୍ୟବାଦୀ ବ୍ରିଟିଶ ପରଙ୍ଗ-ପୁଷ୍ଟକୁ କୁଠାରାଘାତପୂର୍ବକ ସମୂଳେ ନଷ୍ଟ କରିଦେବାକୁ ହିମାଳୟର ଶିଖର ପ୍ରଦେଶରେ ସଶସ୍ତ୍ର ଓ ସଜାଗ ଏବଂ ଯେତେବେଳେ ଭାରତର ଆବାଳ-ବୃଦ୍ଧବନିତା କଂଗ୍ରେସର ସେହି ଚିରାଚରିତ ଦୁର୍ଭେଦ୍ୟ କିନ୍ତୁ ମହତ୍ ଅହିଂସ ପନ୍ଥା ତ୍ୟାଗପୂର୍ବକ ମାନବ ଜୀବନର ସେହି ପ୍ରାକୃତିକ ଏବଂ ସାଧାରଣ ପନ୍ଥା ଅବଲମ୍ବନ କରିବାକୁ ବ୍ୟଗ୍ର ଓ ପ୍ରସ୍ତୁତ, ବ୍ୟକ୍ତିଗତ ଭାବରେ ୧୯୩୭-୩୮ଠାରୁ ତାଳଚେର ତଥା ଅନ୍ୟାନ୍ୟ ଗଡ଼ଜାତମାନଙ୍କର ଗଣ-ଆନ୍ଦୋଳନ ସଙ୍ଗେ ସଂପୃକ୍ତ ଥାଇ ମୁଁ ମଧ୍ୟ ଉପଲବ୍ଧି କରିଥିଲି ଯେ, ଅହିଂସ ପନ୍ଥା ଅତ୍ୟନ୍ତ ମହତ୍ ଓ ସ୍ଥାୟୀ ଶାନ୍ତିଦାୟକ; ତେଣୁ ୧୯୩୮ର ତାଳଚେରର ସତ୍ୟାଗ୍ରହ ଓ ଅଭୂତପୂର୍ବ ହିଜରତ ସଂଗ୍ରାମ ସଂପୂର୍ଣ୍ଣ ଅହିଂସ ଭାବରେ ଚଳାଇଥିଲି । କିନ୍ତୁ ସେଥିରୁ ଏହି ବାସ୍ତବ ଶିକ୍ଷା ପାଇଥିଲି ଯେ, ଅହିଂସ ନୀତି ଅବଲମ୍ବନପୂର୍ବକ ଆନ୍ଦୋଳନକାରୀ ତାର କେତେକ ଆଂଶିକ ଅଧିକାର ଅପେକ୍ଷାକୃତ ଅଳ୍ପ କ୍ଷତିରେ ପାଇପାରେ । କୌଣସି ଏକ ସରକାରକୁ ସଂପୂର୍ଣ୍ଣରୂପେ ଉଠାଇ ଦେଇ ଉକ୍ତ ଜାଗାରେ ଅନ୍ୟ ଏକ ସରକାର ସ୍ଥାପନ କରିବା ଏ ନୀତିଦ୍ୱାରା ଅସମ୍ଭବ ହୋଇପଡ଼େ; ଯେହେତୁ ଦେଶବାସୀ ଅହିଂସ ପନ୍ଥାଦ୍ୱାରା ଅପର ପକ୍ଷର ଏକତରଫା ସଶସ୍ତ୍ର ଆକ୍ରମଣ ରକ୍ତମାଂସ ଶରୀରରେ ସହ୍ୟ କରିବାକୁ ଅକ୍ଷମ । ଏହା ମଧ୍ୟ ଦେହୀ ପକ୍ଷେ ଅସ୍ୱାଭାବିକ । ଗାନ୍ଧିଜୀଙ୍କ ପକ୍ଷେ ଏହା ତାଙ୍କ ଜୀବନର ରାମନାମ । କିନ୍ତୁ ଦେଶବାସୀ ତ ଗାନ୍ଧିଜୀ ନୁହନ୍ତି, ଦେଶବାସୀ ଗୃହୀ ଥିଲେ ବ୍ରିଟିଶର ଏ ଦୁର୍ବଳ ଅବସ୍ଥାରେ ତାକୁ ଏକ ସଶସ୍ତ୍ର ପ୍ରହାର ଦେଲେ ସେ ହୁଏତ ପ୍ରହାର ଦେଖି ଡରି ଯାଇ ସନ୍ଧି କରିନେବ; ନଚେତ୍ ଆଘାତପ୍ରାପ୍ତ ହୋଇ ପ୍ରାଣ ହରାଇବ । ନେତା ତିଳକ ସୁଭାଷଚନ୍ଦ୍ର ଦେଶବାସୀଙ୍କର ଏହି ମନୋଭାବ

Digitized by PPRACHIN, SOA

ଉତ୍ତମରୂପେ ହୃଦୟଙ୍ଗମପୂର୍ବକ ଶତ୍ରୁର ଦୁର୍ବଳ ଅବସ୍ଥା ଉପଲବ୍ଧି କରି ନିଜର ଜୀବନକୁ ବଳି ଦେଇ ଦେଶର ସ୍ୱାଧୀନତା ପଥରେ ଅଗ୍ରଣୀ ହୋଇ ଦଣ୍ଡାୟମାନ ଥିଲେ । ସେ ମଧ୍ୟ ଚାହୁଁଥିଲେ ମହାତ୍ମାଜୀଙ୍କର ଆଦେଶ । ମୋର ମଧ୍ୟ ଏ ଧାରଣା ଓ ବିଶ୍ୱାସ ଥିଲା ଯେ, ବ୍ରିଟିଶ ସରକାର ତାର ଦୁର୍ବଳ ଅବସ୍ଥାରେ ସଶସ୍ତ୍ର ପ୍ରତିପକ୍ଷର ସମ୍ମୁଖୀନ ନ ହେଲେ, ସେ କେବେହେଁ ଭାରତବର୍ଷ ପରିତ୍ୟାଗ କରିବ ନାହିଁ । 'ଭାରତ ଛାଡ଼' ପ୍ରସ୍ତାବ ସମ୍ପର୍କୀୟ ଗାନ୍ଧିଜୀଙ୍କର ପ୍ରବନ୍ଧ ଓ ଶ୍ରୀଯୁକ୍ତ ପଟେଲ, ପ୍ରସାଦ ଏବଂ ପଣ୍ଡିତଜୀଙ୍କର ଭାଷଣରୁ ସ୍ପଷ୍ଟ ପ୍ରତୀୟମାନ ହେଲା ଯେ, ଏଥର ଗାନ୍ଧିଜୀ ଏବଂ କଂଗ୍ରେସ ଦେଶବାସୀଙ୍କ ସ୍ୱାଧୀନତା ପ୍ରାପ୍ତି ଉଦ୍ଦେଶ୍ୟରେ ସହଜ, ସୁଗମ ଏବଂ ପ୍ରାକୃତିକ ପନ୍ଥାର ଦ୍ୱାର ଉନ୍ମୁକ୍ତ କରିଦେଲେ । ତେଣୁ ମନରେ ଏ ଅନବସାଦ ତୃପ୍ତି ଓ ଆନନ୍ଦ ।

ହର୍ଷେ ବିଷାଦ

ଏତେଦିନେ ଗାନ୍ଧିଜୀଙ୍କ ନେତୃତ୍ୱରେ ମନର ଆଶା ପୂର୍ଣ୍ଣ ହେଲା । ଦେଶର ସ୍ୱାଧୀନତା ନିମନ୍ତେ ନିଜେ ନିଜର ନେତା ହୋଇ ବିବେକ ଅନୁସାରେ କାର୍ଯ୍ୟ କରିବାର ଅନୁମତି ମିଳିଗଲା । ଏତଦ୍ୱାରା ଚରମପନ୍ଥୀ, ନରମପନ୍ଥୀ, ଗାନ୍ଧୀପନ୍ଥୀ, ସଭରକର ପନ୍ଥୀ, ସାମ୍ୟବାଦୀ, ସମାଜବାଦୀ, ରାୟବାଦୀ ଓ ସୁବାଷବାଦୀ ପ୍ରଭୃତି ଯେ କୌଣସି ପ୍ରକୃତ ଜାତୀୟବାଦୀ ଦଳ କିମ୍ବା ବ୍ୟକ୍ତିବିଶେଷ ମହାତ୍ମା ଗାନ୍ଧୀଙ୍କୁ କିମ୍ବା କଂଗ୍ରେସକୁ ନିନ୍ଦା କରିବାର କୌଣସି କାରଣ ନାହିଁ; କାରଣ ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟେକ ବ୍ୟକ୍ତି ଆଜି ନିଜେ ନିଜର ନେତା ଓ ବିବେକର ଅନୁଗାମୀ । ଜନତା ଯାହା ଚାହୁଁଥିଲା, ତାହା ମିଳିଗଲା । ପରିସ୍ଥିତି ଯାହା ଆବଶ୍ୟକ କରୁଥିଲା, ତାହା ଯୋଗାଇ ଦିଆଗଲା । ବ୍ୟକ୍ତିଗତ ଭାବରେ ମୁଁ ଯାହା ଦରକାର କରୁଥିଲି, ତାହା ମଧ୍ୟ ମୋତେ ମିଳିଗଲା । ମନ-ଗହ୍ୱାଣିଆ ସ୍ୱାଧୀନତା ସଂଗ୍ରାମର ରୂପରେଖ ଖବରକାଗଜ ଓ ଚିଠିରୁ ପଢ଼ି ସ୍ୱାଧୀନତା-ପ୍ରୀତି ଓ ଜାତୀୟତା ଉନ୍ମାଦନାରେ ବିଭୋର ହୋଇ ନିଜର କାରାରୁଦ୍ଧ ପରିସ୍ଥିତି ଭୁଲିଯାଇଥିଲି । ତେଣୁ ମନରେ ଅପୂର୍ବ ଆନନ୍ଦ ଓ ଉଚ୍ଛୃଙ୍ଖଳ ହର୍ଷ ଜାତ ହୋଇଥିଲା । କିନ୍ତୁ ପରମୁହୂର୍ତ୍ତରେ ଯେତେବେଳେ ଜାତୀୟତା

Digitized by PPRACHIN, SOA

ଉନ୍ମାଦନା ଦମିତ ହୋଇଗଲା, ସେତେବେଳେ ମୁଁ ଜଣେ ବନ୍ଦୀ ବୋଲି ଚେତନା ଆସିଗଲା । ମୁଁ ସୁଦୃଢ଼ ଓ ତୁଙ୍ଗ ପ୍ରାଚୀର ବେଷ୍ଟିତ କାରାଗାରରେ ଆବଦ୍ଧ; ମୁକ୍ତିର ଆଶା ନାହିଁ—ଶେଷ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ନାହିଁ । ଏ ଭାବନା ଯେତେବେଳେ ମନରେ ଖେଳି-ଗଲା, ସେତେବେଳେ ମୋର ହର୍ଷ ବିଷାଦରେ ପରିଣତ ହେଲା । କିନ୍ତୁ ତେବେ ସୁଦ୍ଧା ଦେଶର ଶେଷ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାଗ ନେବାର ଉପାୟ ପାଞ୍ଚିବାକୁ ଲାଗିଲି ।

ବିପ୍ଳବର ବିମର୍ଷ

ଅଗଷ୍ଟ ପ୍ରସ୍ତାବର ପୂର୍ବାଭାସର ସୂଚନାପ୍ରାପ୍ତି ଦିନଠାରୁ ବନ୍ଦୀ ବନ୍ଧୁମାନଙ୍କ ସହ ଭବିଷ୍ୟତ ସଂଗ୍ରାମ ବିଷୟରେ ଦିନେ ଦିନେ ବେ·ଧାରାବାହିକ ଆଲୋଚନା ଚାଲୁଥିଲା । କିନ୍ତୁ ଶ୍ରୀଯୁକ୍ତ ପଣ୍ଡିତ, ପଟେଲ୍ ଓ ପ୍ରସାଦଙ୍କର ଚମକପ୍ରଦ ଭାଷଣ ଓ ଟୀକା ଟିପ୍ପଣୀ ପଢ଼ିବା ଦିନଠାରୁ ଆମ୍ଭମାନଙ୍କର ବିପ୍ଳବର ଧାରାବାହିକ ରୂପ ଧାରଣ କଲା । ଗାନ୍ଧିଜୀଙ୍କଦ୍ୱାରା ଆନ୍ଦୋଳନର ଶେଷ ଓ ସର୍ବଶେଷ ରୂପରେଖ ବର୍ଣ୍ଣନ ଆଲୋଚନାର ଗୁରୁତ୍ୱ ବଢ଼ାଇ ଦେଲା । ସାଧାରଣ ଜାଣ୍ଣାଯୁବାପା ବ୍ୟକ୍ତି ଯେଉଁ କଥା କହିଲେ ବା ମତ ଦେଲେ ଭାରତରକ୍ଷା ଆଇନର ଗୁରୁତର ଦଫାମାନଙ୍କରେ ଦଣ୍ଡିତ ହୁଅନ୍ତି, ଗାନ୍ଧିଜୀ ପ୍ରଭୃତି କଂଗ୍ରେସର ମୁଖ୍ୟ ବ୍ୟକ୍ତିମାନେ ତା ଅପେକ୍ଷା ଶତ ଗୁଣେ ଦୋଷାବହ କଥା କହୁଥାନ୍ତି ଓ ମତ ଦେଉଥାନ୍ତି, ଅଥଚ ଭାରତ ସରକାର ସେମାନଙ୍କୁ କିଛି କରୁନଥାନ୍ତି । ସରକାରଙ୍କର ଏ ମନ୍ତିଗତି ଯେପରି ଅବୋଧ ସେପରି ବିସ୍ମୟଜନକ । ଆମ୍ଭେମାନେ ଆଶଙ୍କା କରୁଥାଉଁ ଯେ, ଏମାନଙ୍କୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ କେବେଁ ଛାଡ଼ିବ ନାହିଁ । ଭାବୁଥାଉଁ, ବମ୍ବେଠାରେ ପ୍ରସ୍ତାବ ଗ୍ରହଣ ସମୟରେ ସମବେତ ହେଲେ ସମସ୍ତଙ୍କୁ ଏକତ୍ର ଏକ ସମୟରେ ଗିରଫଦାର କରିନେବ । ଆମ୍ଭର ଆଶଙ୍କା ମଧ୍ୟ କାର୍ଯ୍ୟରେ ପରିଣତ ହେଲା । ମୁଖ୍ୟ ବିଚାର୍ଯ୍ୟ ବିଷୟ ଥିଲା ଓଡ଼ିଶା ଗଡ଼ଜାତ, ବିଶେଷତଃ ଅନୁଗୋଳ ସମେତ ଏହାର ଚତୁଃପାର୍ଶ୍ୱବର୍ତ୍ତୀ ଷ୍ଟେଟ୍‌ଗୁଡ଼ିକରେ କିପରି ଏକ ସମୟରେ ଏକ ସୁସଂଗଠିତ ଏବଂ ସଫଳ ଆନ୍ଦୋଳନ ହେବ । ତାଳଚେରର ସୁସଂଗଠିତ ଜନତା ତାହାର ରାଜନୈତିକ ଶକ୍ତିର ପ୍ରତ୍ୟେକ-

Digitized by PPRACHIN, SOA

ଅଣୁ କମର ସଦ୍‌ବ୍ୟବହାର କରିବ ଏବଂ ୧୯୩୮ ରେ ଏକ ପୂର୍ଣ୍ଣ ସଫଳୀଭୂତ ଅହିଂସ ଆନ୍ଦୋଳନ ଚଳାଇ ସେ (ତାଳଚେର) ଯେପରି ଓଡ଼ିଶା ତଥା ବାହାରେ ସୁନାମ ଓ ସୁଖ୍ୟାତି ଅର୍ଜ୍ଜନ କରିଥିଲା, ଏଥର କିପରି ସଶସ୍ତ୍ର ଆନ୍ଦୋଳନଦ୍ୱାରା ସ୍ୱାଧୀନ ଭାରତଭୂମିରେ ଅଗ୍ରଣୀ ହେବ, ତାହା ବିଷୟର ମଧ୍ୟରେ କେନ୍ଦ୍ରସ୍ଥାନ ଅଧିକାର କରୁଥିଲା । ବନ୍ଧୁମାନଙ୍କ ମଧ୍ୟରୁ କେତେକ ଜନତାର ସମୂହ ଶକ୍ତି ପ୍ରୟୋଗର ପକ୍ଷପାତି ଥାନ୍ତି, ଅନ୍ୟ କେତେକ ଜନତାର ସହଯୋଗ ଓ ସମର୍ଥନରେ ସ୍ୱେଚ୍ଛାସେବକ-ବାହିନୀ ଶକ୍ତିରେ ବିଶ୍ୱାସ କରୁଥାଆନ୍ତି । ଯେଉଁ କର୍ମୀ ଭାଇମାନେ ଜେଲ ବାହାରେ ଥାଆନ୍ତି ସେମାନଙ୍କୁ ପ୍ରଚାର, ସଂଗଠନ, ଉତ୍ତେଜନା ଓ ଆକ୍ରମଣ ସମ୍ପର୍କରେ ଯଥାଶକ୍ତି ଉପଦେଶ ପରାମର୍ଶ ପଠାଯାଉଥାଏ । ତାଳଚେର, ଢେଙ୍କାନାଳ, ପାଲଲହଡ଼ାର ସ୍ୱେଚ୍ଛାସେବକ-ବାହିନୀକୁ କେନ୍ଦ୍ର କରି ଏକ ବିଶାଳ ସ୍ୱୟଂ-ସେବକ-ସେନାର କଳ୍ପନା ମଧ୍ୟ ବିଚାରରେ ସ୍ଥାନ ପାଉଥିଲା । ପ୍ରଥମେ ତାଳଚେର ସରକାରକୁ ପରାସ୍ତ କରି କୃଷୀ-ମୂଲିଆର ଗ୍ରାମ ପଞ୍ଚାୟତ ସ୍ଥାପନର ଆଲୋଚନା ମଧ୍ୟ ହେଉଥିଲା (ଏହା ମଧ୍ୟ ୧୯୪୨ ସେପ୍ଟେମ୍ବରରେ ଏକ ମାସ ପର୍ଯ୍ୟନ୍ତ ସ୍ଥାପିତ ହୋଇଥିଲା) । ସଙ୍ଗେ ସଙ୍ଗେ ଢେଙ୍କାନାଳ ଓ ପାଲଲହଡ଼ା ସରକାରମାନ ମଧ୍ୟ ଅଧିକାର କରିବାର ବାସନା ଥିଲା । ସମ୍ମୁଖ ଯୁଦ୍ଧ ନ କରି ଖଣ୍ଡଯୁଦ୍ଧ (Gurilla War) କରିବା ବିଷୟରେ ନିର୍ଦ୍ଦିଷ୍ଟ ହେଉଥିଲା । କାରାବଦ୍ଧ କର୍ମୀ ଓ ନେତାମାନେ ଏ ଆନ୍ଦୋଳନ ଚଳାଇବା ସମ୍ଭବପର କି ନାହିଁ ଏହା ବିଚାରର ଗୁରୁତର ଅଂଶ ହେଲା । କେତେକ ବନ୍ଧୁ ଦୃଢ଼ମତ ଦେଉଥାନ୍ତି ଯେ କାରା ମଧ୍ୟରେ ବନ୍ଦୀ ରହି ଆନ୍ଦୋଳନ ଆରମ୍ଭ କରି ହେବ ନାହିଁ । ଯେଉଁମାନେ ବାହାରେ ଅଛନ୍ତି ସେମାନେ ପ୍ରଥମେ ଜେଲରୁ ଆମକୁ ମୁକ୍ତ କଲେ ଆମ୍ଭେମାନେ ତା'ପରେ ଆନ୍ଦୋଳନରେ ଭାଗ କିମ୍ବା ନେତୃତ୍ୱ ନେବୁଁ । କିନ୍ତୁ ଏଥିରେ ମୋର ଏବଂ ଆଉ ଦୁଇଜଣ ବନ୍ଧୁଙ୍କର ଆଶା ଓ ବିଶ୍ୱାସ ପାଉ ନ ଥାଏ ; କାରଣ ବାହାରେ ଥିବା କର୍ମୀମାନେ ନିତାନ୍ତ ସାଧୁ ଓ ନିର୍ମଳ ଦେଶପ୍ରେମୀ ହେଲେ ସୁଦ୍ଧା ଏ କାର୍ଯ୍ୟକୁ ସକ୍ଷମ ହୋଇପାରିବେ ନାହିଁ ବୋଲି ମୋର ଆଶଙ୍କା ଓ ସନ୍ଦେହ ଥାଏ ; ତେଣୁ ଜେଲରେ ଥିବା ନେତାମାନେ କୌଣସି ପ୍ରକାର ଆନ୍ଦୋଳନରେ ଭାଗ ନିଅନ୍ତୁ, ମୁଁ ଏହା ଆଲୋଚନା କମିଟି ଆଗରେ ଜୋର୍ କରି ଉପସ୍ଥାପିତ କରୁଥିଲି । ମୋର ଏହି ଦାବୀ ଓ ମତ ଅସମ୍ଭବ

Digitized by PPRACHIN, SOA

ଏବଂ ଅକାର୍ଯ୍ୟକାରୀ ବୋଲି କହି ବିରୁଦ୍ଧ-ମତବାଦୀ ବନ୍ଧୁମାନେ ମୋତେ ନିରୁତ୍ସାହ କରିଦିଅନ୍ତି । ମୁଁ ମଧ୍ୟ ଦେଖେଁ ଯେ, ଆମ୍ଭେ ବନ୍ଦୀ, ଶୃଙ୍ଖଳିତ । କିନ୍ତୁ ତେବେ ସୁଦ୍ଧା ଯେତେବେଳେ ଭାବେ ଯେ ଏହା ଭାରତର ଶେଷ ସ୍ୱାଧୀନ ସଂଗ୍ରାମ, କି ପାପ କଲି ଯେ ମୁଁ ଏ ଯୁଦ୍ଧରେ କ୍ରିୟାଶୀଳ ଅଂଶ ନେଇ ହୁଏତ ଯୁଦ୍ଧକ୍ଷେତ୍ରରେ ଲଢ଼ି ଲଢ଼ି ମାରିପାରିଲି ନାହିଁ କିମ୍ବା ଶତ୍ରୁକୁ ମାରିପାରିଲି ନାହିଁ, ସେତେବେଳେ ମନରେ ଦାରୁଣ ବ୍ୟଥା ଜାତ ହୁଏ । ସମସ୍ତ ଯେତିକି ଯେତିକି ଅଶାନ୍ତ ହେଲା, କରିବା କିମ୍ବା ମରିବା ଭାବନା ମନରେ ସେତିକି ଦୃଢ଼ୀଭୂତ ହେଲା । ଏହି ଇଚ୍ଛା ଖୁବ୍ ଭୀଷଣ ଭାବରେ ପ୍ରବଳ ହେଲା । ଜେଲରେ ସଢ଼ି ସଢ଼ି ମରିବା ଅପେକ୍ଷା ଯୁଦ୍ଧକ୍ଷେତ୍ରରେ ଲଢ଼ି ଲଢ଼ି ମରିବା ଶ୍ରେୟସ୍କର ; ଏହି ଭାବନା ମନରେ ଅଦମ୍ୟ ସିଂହବିକ୍ରମ ଜାତ କଲା । ତେବେ ଯୁଦ୍ଧକ୍ଷେତ୍ରକୁ ଯିବାର ଉପାୟ କଣ !

ଉପାୟ ଚିନ୍ତା

ବନ୍ଦୀ ପକ୍ଷେ ଏ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିବା ନିତାନ୍ତ ଅସମ୍ଭବ । କିନ୍ତୁ ମନ ଥିଲେ ଉପାୟ ଆପେ ଆସେ, ଅସମ୍ଭବ ସମ୍ଭବ ହୋଇପାରେ । ଏକମାତ୍ର ଉପାୟ ହେଉଛି ବନ୍ଦୀଶାଳାରୁ ପଳାଇଯିବା । କିନ୍ତୁ ପଳାୟନ ଯେ ନିତାନ୍ତ କଠିନ, ଭୟଙ୍କର ବିପଦ୍-ସଂକୁଳ । ଏକେତ ଗୋଡ଼ରେ ବେଡ଼ି, ହାତରେ କଡ଼ି, ରକ୍ଷୀମାନଙ୍କର ଆମ୍ଭମାନଙ୍କ ଉପରେ ଅହର୍ନିଶ ଗୃଧ୍ରଦୃଷ୍ଟି, ନିତାନ୍ତ କଡ଼ା ପହରା ; ଦ୍ୱିତୀୟତଃ ଆମ୍ଭେମାନେ ଜେଲର ପିଞ୍ଜରା ଭିତରେ ଆବଦ୍ଧ । ସର୍ବୋପରି ବନ୍ଦୀଶାଳାର ଚତୁଃପାର୍ଶ୍ୱରେ ୧୩।୧୪ ହାତ ବ୍ୟାପୀ ଅତ୍ୟୁଚ୍ଚ ପ୍ରାଚୀର । କିନ୍ତୁ ଯେ ଜିନିଷ ଯେତେ ଶକ୍ତ ଓ କଠିନ, ତାହା ତେତେ ଭଙ୍ଗପ୍ରବଣ । ଢିଙ୍କାନେଲର ଜେଲ ପ୍ରହରୀରେ ଏ କଠିନତାର ଭଙ୍ଗପ୍ରବଣତା ସହଜେ ଉପଲବ୍ଧ ହେଲା । ଜେଲରକ୍ଷୀର ଦୁର୍ବଳ ସ୍ଥାନ ଓ ସମସ୍ତ ଅକ୍ଳେଶରେ ବୁଝାଗଲା । ଦରବାର ମନେ କରିଥିଲେ ଯେ, ସେ ରାଜବନ୍ଦୀମାନଙ୍କୁ ନିତାନ୍ତ କଡ଼ା ପହରାରେ ରଖିଅଛନ୍ତି । ପାଏକ-ପୋଲିସ ହଟାଇ ନେଇ ସରକାରଙ୍କର ବିଶ୍ୱସ୍ତ ଭୃତ୍ୟ ଉମ-ପୋଲିସ ରାଜବନ୍ଦୀମାନଙ୍କୁ ଯମଦୂତସ୍ୱରୂପ ଦିନ ରାତି ଜଗିଛନ୍ତି, ତେବେ ଆଉ ଭୟ କଣ ? ଆଶଙ୍କା କଣ ? କିନ୍ତୁ ସରକାରଙ୍କର ଏ ଭାବନା

Digitized by PPRACHIN, SOA

ଓ ଧାରଣା ବିଫଳ ହେଲା । ରାଜବନ୍ଦୀମାନଙ୍କର ଯନ୍ତ୍ରଣା ଓ ଦୁଃଖାଗ୍ନିରେ ନିର୍ଦ୍ଦୟ ନିଷ୍ଠୁର ରକ୍ଷୀମାନଙ୍କର ପଥର-ହୃଦୟ ତରଳିଗଲା । ରକ୍ଷୀମାନେ ବିଶ୍ୱସ୍ତ ବାର୍ତ୍ତା-ବାହୀ ଭୃତ୍ୟରେ ପରିଣତ ହେଲେ । ବର୍ତ୍ତମାନ କୌଣସି ଉପାୟରେ ଜେଲମୁକ୍ତ ହୋଇ ଯୁଦ୍ଧକ୍ଷେତ୍ରରେ ସକ୍ରିୟ ସୈନିକରୂପେ କର୍ତ୍ତବ୍ୟସାଧନର ଉପାୟ ଖୋଜା ଖୋଜି ଚାଲିଲା । ଏତେବେଳକୁ ଜୁଲାଇ ମାସ ଅଧାଅଧି ବିତି ଗଲାଣି । ବାହାରେ ଅଗଷ୍ଟ ପ୍ରସ୍ତାବର ରଣଭେରୀର ଶବ୍ଦରେ ସମଗ୍ର ଦେଶ ନିନାଦିତ । ପ୍ରତିଦିନ ସନ୍ଧ୍ୟାବେଳେ ଜେଲ କୋଠରୀ ଭିତରେ କମିଟି ବୈଠକ ହୁଏ । ଭିନ୍ନ ଭିନ୍ନ ବନ୍ଧୁ ଭିନ୍ନ ଭିନ୍ନ ମତ ଓ ଉପାୟ ଦେଉଥାନ୍ତି । କେହି ବା ପଳାୟନର ସପକ୍ଷରେ, କେହି ବା ବିପକ୍ଷରେ, କେହି ବା ନୀରବ । ସପକ୍ଷବାଦୀମାନଙ୍କ ପକ୍ଷରୁ କେହି କହନ୍ତି ସମଗ୍ର ଦଳ ବାହାରକୁ ଚାଲିଯିବା ; କେହି କହନ୍ତି,ଯେ ମରିବା ପାଇଁ ପ୍ରସ୍ତୁତ କେବଳ ସେ ଯିବା ଦରକାର ; କେହି ବା କହନ୍ତି, ଯାହାର ସଂସାରରେ ମାୟା ମମତା ନାହିଁ ଏବଂ ଜୀବନ ପ୍ରତି ଭ୍ରୂକ୍ଷେପ ନାହିଁ ସେ ଯାଆନ୍ତୁ । ପଳାଇଯିବାର ଉପାୟ ମଧ୍ୟରେ ଶ୍ରୀଯୁକ୍ତ ମାଗୁଣି ଚନ୍ଦ୍ର ପ୍ରଧାନ ପ୍ରମୁଖ କହନ୍ତି, ଓ୍ୱାର୍ଡ଼ରମାନଙ୍କୁ କାବୁ ଓ କବଳିତ କରି ସେମାନଙ୍କଠାରୁ ଅସ୍ତ୍ର ଶସ୍ତ୍ର ଛଡ଼ାଇ ନେଇ ଜେଲର ପ୍ରଧାନ ଫାଟକ ବାଟେ ଚାଲିଯିବା । କେହି କେହି କହନ୍ତି ଜେଲ କୋଠରୀର ଲୁହା କବାଟ ଓ ଝରକା ଲୁହାକଟା କରତରେ କାଟି କିମ୍ବା ଏସିଡଦ୍ୱାରା ନଷ୍ଟ କରି ରାତିରେ ପଳାଇଯିବା । ଅନ୍ୟ କେହି ବା କହନ୍ତି ଜେଲ ବାହାରେ କାର୍ଯ୍ୟ କରୁଥିବା ସମୟରେ ଓ୍ୱାର୍ଡ଼ର-ମାନଙ୍କୁ ପ୍ରଜାମଣ୍ଡଳର ସ୍ୱେଚ୍ଛାସେବକ ବାହିନୀଙ୍କ ସାହାଯ୍ୟରେ ବନ୍ଦୀ କରାଇ ଚାଲିଯିବା । ଏହିପରି ନାନା ଉପାୟ ପାଞ୍ଚୁଥାନ୍ତି । ଯେଉଁମାନେ ପଳାୟନର ବିପକ୍ଷରେ ସେମାନେ ମଧ୍ୟ ଉତ୍କଟ ଦେଶପ୍ରୀତି ହେତୁ ବାହାରକୁ ଚାଲିଯାଇ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରିବା ପ୍ରଲୋଭନରେ ପଡ଼ିଯାଉଥାଆନ୍ତି । କେତେକ କହୁଥାନ୍ତି, ବାହାରେ ଆନ୍ଦୋଳନ ତୀବ୍ର ଏବଂ ବ୍ୟାପକ ହେବା କଥା ଶୁଣିଲେ ଆମ୍ଭେମାନେ ଜେଲରୁ ଯିବା କଥା କାର୍ଯ୍ୟକାରୀ କରିବା । ଯେତେଦିନ ପର୍ଯ୍ୟନ୍ତ ବାହାରେ ଆନ୍ଦୋଳନ ଭୀଷଣ ଏବଂ ବ୍ୟାପକ ନ ହେଉଛି ସେତେଦିନ ପର୍ଯ୍ୟନ୍ତ ବାହାରକୁ ଯିବା ନାହିଁ । କାରଣ ଆନ୍ଦୋଳନ ଅକୃତକାର୍ଯ୍ୟ ହେଲେ ପଳାତକମାନଙ୍କ ଅବସ୍ଥା ବଡ଼ ଶୋଚନୀୟ ହେବ । କିନ୍ତୁ ମୁଁ ଏହାର ଘୋର ବିରୋଧ କଲି । ମୁଁ କାରଣ ଦର୍ଶାଇଲି ଯେ, ବାହାରେ

Digitized by PPRACHIN, SOA

ଆନ୍ଦୋଳନ ତୀବ୍ର ଏବଂ ବ୍ୟାପକ ହେଲେ ତାଳଚେର ଦରବାର ହୁଏତ ଆମ୍ଭମାନଙ୍କୁ ଜେଲରୁ ଅଜ୍ଞାତରେ ଦୂରବର୍ତ୍ତୀ ଅନ୍ୟ ଜେଲକୁ ପଠାଇଦେବ କିମ୍ବା ପ୍ରହରୀ ଓ ଜେଲ ଅଫିସରଙ୍କ ସଂଖ୍ୟା ବଢ଼ାଇଦେଇ ପହରା ଏପରି ଶକ୍ତ କରିଦେବ ଯେ ବର୍ତ୍ତମାନର ପଳାୟନ ସୁବିଧା ଆଉ ମିଳିବ ନାହିଁ । ପ୍ରକୃତରେ ମୋର ଆଶଙ୍କା ବାସ୍ତବତାରେ ପରିଣତ ହେଲା । ଭାରତ ଛାଡ଼ ପ୍ରସ୍ତାବର ବିଚାର ଓ ଗ୍ରହଣାର୍ଥେ ବମ୍ବେଇଠାରେ ୧୯୪୨ ଅଗଷ୍ଟ ୮ ତାରିଖ-ଦିନ ନିଖିଳ ଭାରତ କଂଗ୍ରେସ କମିଟିର ଐତିହାସିକ ବୈଠକ ହେଲା । ଗାନ୍ଧୀଜୀଙ୍କ ସମେତ ନେତୃବୃନ୍ଦ ଗିରଫ ହେଲେ । ଅଗଷ୍ଟ ବିପ୍ଳବ-ଅଗ୍ନି ଦାବାନଳ ସଦୃଶ ସମଗ୍ର ଦେଶରେ ପ୍ରଜ୍ୱଳିତ ହେଲା । ତାଳଚେର ଦରବାରଙ୍କର ପ୍ରଜାଙ୍କ ଉପରେ କାରଣସଙ୍ଗତ ସନ୍ଦେହ ହେଲା, କାଳେ ଜେଲ ଭାଙ୍ଗି ପ୍ରଜାମାନେ ସେମାନଙ୍କର ନେତାମାନଙ୍କୁ ମୁକ୍ତ କରି ନେବେ ଓ ଆନ୍ଦୋଳନ ଚଳାଇବେ । ତେଣୁ ଅଗଷ୍ଟ ୧୯ ତାରିଖ ଦିନ ଜେଲ ଅଫିସରଙ୍କ ସଂଖ୍ୟା ଦୁଇଗୁଣ ଓ ପ୍ରହରୀ ସଂଖ୍ୟା ତିନି ଚାରିଗୁଣ ସହି ଅସ୍ତ୍ର ଶସ୍ତ୍ର ଓ ଗୋଳା ବାରୁଦ ଦଶ ବାର ଗୁଣ ବଢ଼ାଇ ଦେଲେ । ଜେଲ ଭିତରେ ଆମ୍ଭ ନମ୍ବର (ଜେଲ କୋଠରୀ)ର ନିକଟସ୍ଥ ଘରେ ନୂତନ ନିଯୁକ୍ତ ଗୁର୍ଖା ମିଲିଟାରୀ ପୋଲିସଙ୍କ କ୍ୟାମ୍ପ ହେଲା । ଆମ କୋଠରୀର ପ୍ରଧାନ ଫାଟକ ସମ୍ମୁଖରେ ଓ ପଛରେ ଏବଂ ଜେଲ ଅଗଣାର ମଧ୍ୟରେ ମଧ୍ୟ ଛଦ୍ମରୂପ ପ୍ରହରୀର ବ୍ୟବସ୍ଥା କରାଗଲା ।

ଅନୁତାପ ଓ ନୂତନ ଉପାୟ

ବେଳ ଥାଉଁ ଥାଉଁ କାମ ନ କରିବାରୁ ଆମ୍ଭମାନଙ୍କର ଜେଲରୁ ପଳାୟନ ଉଦ୍ଦେଶ୍ୟ ସିଦ୍ଧ ହୋଇପାରିଲା ନାହିଁ । ତୀବ୍ର ଏବଂ ବ୍ୟାପକ ଆନ୍ଦୋଳନକୁ ଅପେକ୍ଷା କରୁ କରୁ ଲେଡ଼ ଗୁଡ଼ କହୁଣୀକୁ ବୋହିଗଲା । ଅପେକ୍ଷାକୃତ ଅଳ୍ପ ବିପଦର ସମ୍ମୁଖୀନ ହୋଇ ପଳାୟନର ପଥ ରୁଦ୍ଧ ହୋଇଗଲା । ମନରେ ଅନୁତାପ ହେଲା, ପଶ୍ଚାତ୍ତାପର ବିଷାଦଗ୍ରସ୍ତ ସହ-ବନ୍ଦୀଙ୍କର ମୁଖକମଳକୁ ମଳିନ କରିଦେଲା ଏବଂ ଆଶାନ୍ୱିତ କଳ୍ପନା କୁସୁମକୁ ମଉଳାଇ ଦେଲା । ଜେଲ ପଳାୟନର ସମସ୍ତ ଆଶା ଭରସା ଲୁପ୍ତ ହେଲା ।

Digitized by PPRACHIN, SOA

ଜେଲରେ ପହରା ନିତାନ୍ତ ନିବିଡ଼ ଥିବା ସତ୍ତ୍ୱେ ଅଗଷ୍ଟ ବିପ୍ଳବର 'ପାଞ୍ଚଜନ୍ୟନାଦ ଜେଲ୍‌ର ନିଭୃତ କକ୍ଷରେ ନିନାଦିତ ହେଉଥିଲା । ବିପ୍ଳବ ଭେରୀର ସଞ୍ଜୀବନୀ ଧ୍ୱନି ହତାଶ ପ୍ରାଣରେ ରଣଉନ୍ମାଦନାର ଜାଗରଣ ଆଣିଦେଲା । ରଣ ଦୁନ୍ଦୁଭିର ପ୍ରତ୍ୟେକ ନିନାଦ କର୍ଣ୍ଣ କୁହରରେ କମ୍ପିଯାଉଥିଲା—

"ଜାଗିଲା ବଙ୍ଗ, ନ ଜାଗେ କଳିଙ୍ଗ, ଜାଗ ଉତ୍କଳ ବୀର,
ଜାଗିଲା ଭାରତ, ଯୁକ୍ତ ପ୍ରାନ୍ତ, ଜାଗିଲା ବମ୍ବେ, ବିହାର ।
ଯୁଝିଲା ଆସାମ, ଯୁଝିଲା ମାଡ୍ରାଜ, ଯୁଝିଲା ମଧ୍ୟ ପ୍ରାନ୍ତ,
ଲଢ଼ିଲା ସିନ୍ଧୁ, ଲଢ଼ିଲା ପଞ୍ଜାବ, ଲଢ଼ିଲା ସୀମା ପ୍ରାନ୍ତ ।
ବିଜୟୀ ବଲିଆ, ବିଜୟୀ ବିହାର, ବିଜୟୀ ମେଦିନୀପୁର,
ବିଜୟୀ ଅଷ୍ଟି, ବିଜୟୀ ଚିମୁର, ବିଜୟୀ ଭାଗଲପୁର ।
ସାତାରା ଜିତିଲା, ଶତ୍ରୁ ହାରିଲା, ପଳାଏ ବମ୍ବେ ବନ୍ଦରେ,
କୋରାପୁଟ ଜିତେ, ବୀର ଲଢ଼ିଯାଏ, ସଂଗ୍ରାମ ବାଲେଶ୍ୱରେ ।
ମୁକ୍ତି-ଆରତ, ବ୍ରିଟିଶ ଭାରତ, ନ ଜାଗେ ଦେଶୀ ଭାରତ,
ଜୀବନ ବରଜି ଅସ୍ତ୍ର ଧରରେ ଉଠ ଉଠ ଗଡ଼ଜାତ ।
ଜାଗିଲା ଭାରତ ଆରେ ଗଡ଼ଜାତ ଚଞ୍ଚଳ ଜାଗ ଆଜି,
ମୁକ୍ତି ଯୁଦ୍ଧେ ସଂହାର ଅରି କାରାର ପ୍ରାଚୀର ଭାଜି ।"

ଓଡ଼ିଶା, ବିଶେଷତଃ ଗଡ଼ଜାତମାନଙ୍କର ନିଷ୍କ୍ରିୟତାରେ ମନରେ ଯେତିକି ନୈରାଶ୍ୟ ଜାତ ହେଲା, କେବଳ ଥାଉ ଥାଉ ଉପାୟ ନ କରିବା ଦୋଷରୁ ଅନୁତାପ-ଜ୍ୱାଳା ହୃଦୟକୁ ସେତିକି ଦଗ୍ଧ କରିଦେଲା । ମନେ ମନେ ଭାବୁଥାଏ ଏବଂ ପ୍ରାର୍ଥନା କରୁଥାଏ, ଭଗବାନ ! ଥରେ ହେଲେ ଈଶ୍ୱର ମୋତେ ଜେଲରୁ ଉଡ଼ାଇ ନେଇ ବାହାରେ ପକାଇଦିଅନ୍ତ ତ, ତେବେ ଦେଖିନିଅନ୍ତି ଗଡ଼ଜାତ କିପରି ନିଷ୍କ୍ରିୟ ରହନ୍ତା ? ଦେଖିନିଅନ୍ତି ବ୍ରିଟିଶ ସରକାରର ଉଡ଼ାଜାହାଜ, ବୁଡ଼ାଜାହାଜ ଓ ତୋପ କମାଣ ବଳରେ ରାଜା ମହାରାଜାମାନେ କେତେଦିନ ଦେଶର ସ୍ୱାଧୀନତା-ପଥରେ କଣ୍ଟକ ହୋଇ ରହନ୍ତେ ; ଦେଖି ନିଅନ୍ତି କେତେଦିନ ସେମାନେ ଏକଚ୍ଛତ୍ରବର୍ତ୍ତୀ ହୋଇ ଅତ୍ୟାଚାରର ଶାସନ ଚଳାନ୍ତେ । ଭାବୁଥାଏ, ଥରେ ବାହାରକୁ ଚାଲିଯାଆନ୍ତି ତ ତାଳଚେର-ଢେଙ୍କାନାଳର ଯୋଦ୍ଧୃଜନତାକୁ ସୁ-ସଂଗଠିତ

Digitized by PPRACHIN, SOA

ପୂର୍ବକ ରାଜା ମହାରାଜାମାନଙ୍କୁ ଗିରଫଦାର କରି ଋଷୀମୂଲଆର ଗ୍ରାମରାଜ୍ୟ–ଗ୍ରାମରାଜ୍ୟ ସ୍ଥାପନ କରିଦିଅନ୍ତୁ । ଖାସ ଓଡ଼ିଶାର ବୀର ସୈନିକ ଭାଇଙ୍କ ସଙ୍ଗେ କାନ୍ଧକୁ କାନ୍ଧ ମିଳାଇ ଲଢ଼ିଯାଆନ୍ତୁ । ପ୍ରାକୃତିକ ଓଡ଼ିଶାକୁ ସ୍ୱାଧୀନ ଭାରତ ସଂଘ ଶାସନର ଏକ ସୁଦୃଢ଼ ସୌଷ୍ଠବ ଅଙ୍ଗରୂପେ ପରିଣତ କରି–ଦିଅନ୍ତୁ । ଜାତିପ୍ରୀତି ଉନ୍ମାଦନାରେ ଉନ୍ମତ୍ତ ହୋଇ ମୁଁ ଦେଖୁଥାଏ ଏହି ସ୍ୱପ୍ନ, ତୋଳୁଥାଏ ଆକାଶ କୁସୁମ । କିନ୍ତୁ ଚୈତନ୍ୟ ଆସିଲାକ୍ଷଣି ମନରେ ହତାଶା ଓ ନୈରାଶ୍ୟ ଆସିଯାଏ । ଭାବେ, ତାଳଚେର କିମ୍ବା ଢେଙ୍କାନାଳ ବିପ୍ଳବ ନ କଲେ ଯେ ସ୍ୱାଧୀନତା ଯୁଦ୍ଧର ଗୁରୁତ୍ୱ କମିଯିବ, ଏପରି କିଛି ନାହିଁ । ତେଣୁ ଆପେ ଆପେ ସ୍ୱପ୍ନ ଉଡ଼ିଯାଏ । ପୁଣି ପର ମୁହୂର୍ତ୍ତରେ ଭାବେ, ମୁକ୍ତିକାମୀ ସେନା–ସମୁଦ୍ରର ମୁଁ ତ ଏକ ବିନ୍ଦୁ, ବିନ୍ଦୁ ବିଶେଷର ସମଷ୍ଟିରେ ସିନ୍ଧୁ । ଯଦି ପ୍ରତ୍ୟେକ ବିନ୍ଦୁ ମୋ ଭଳି ଭାବନ୍ତି, ତେବେ ସେନାସିନ୍ଧୁର ଅସ୍ତିତ୍ୱ କେଉଁଠାରେ ! ଏହି ବିନ୍ଦୁ ସିନ୍ଧୁ ଜ୍ଞାନର କର୍ତ୍ତବ୍ୟବୋଧରୁ ଗୁଣ୍ଡୁଚି ମୂଷା ଶ୍ରୀରାମଚନ୍ଦ୍ରଙ୍କର ସେତୁ ବନ୍ଧନରେ ସାହାଯ୍ୟ କରିଥିଲା । ଗୁଣ୍ଡିଚ ମୂଷାଠାରୁ କର୍ତ୍ତବ୍ୟବୋଧ ଏବଂ କର୍ତ୍ତବ୍ୟ ପାଳନରେ ମୁଁ କଣ ହୀନ ହେବ ? ମୋର କାର୍ଯ୍ୟ ଜଗତ ସମ୍ମୁଖରେ ନମୁନାକର୍ଷକ ନ ହେଲେ ସୁଦ୍ଧା ମୁଁ ସ୍ୱାଧୀ–ନତା ଉଦ୍ଦେଶ୍ୟରେ ଯଥାଶକ୍ତି କର୍ତ୍ତବ୍ୟ ପାଳନ କରିବ । ହୁଏତ ଏଥିରେ ବିଜୟ କିମ୍ବା ମୃତ୍ୟୁ ହୋଇପାରେ । ବିଜୟରେ ଜାତିର ମୁକ୍ତି ଏବଂ ମୃତ୍ୟୁରେ ମୋର ଆତ୍ମାର ସଦ୍‌ଗତି । ତେବେ କ୍ଷତି କଣ ?

ଏହି କର୍ତ୍ତବ୍ୟବୋଧ ଜ୍ଞାନରୁ ଶକ୍ତ ଏବଂ ବର୍ଦ୍ଧିତ ପ୍ରହରୀ ସତ୍ତ୍ୱେ ମୁଁ ଜେଲରୁ ଖସି ପଳାଇଯିବାର ମନେ ମନେ ଉପାୟ ଚିନ୍ତା କରୁଥାଏ । ବେଳେ ବେଳେ ମଧ୍ୟ ମୋର ମନର ଭାବନା ବନ୍ଧୁମାନଙ୍କ ଆଗରେ ପ୍ରକାଶ କରିଦିଏ । ବର୍ତ୍ତମାନ ସଦଳବଳେ ପଳାୟନ ପ୍ରଶ୍ନ ସଂପୂର୍ଣ୍ଣ ଅସମ୍ଭବ । ଏପରି କି ଜଣେ ଦୁଇ ଜଣ ପଳାଇଯିବା ସମ୍ଭବପର ନୁହେଁ । ଯେ ଯିବ, ସେ ମୃତ୍ୟୁର ସମ୍ମୁଖୀନ ହୋଇ ଯିବ । ବନ୍ଧୁମାନେ ମୋ ଭାବନାର ଅସମ୍ଭବତା ଓ ଅକାର୍ଯ୍ୟକାରିତା ଦର୍ଶାଇ ଦିଅନ୍ତି; କିନ୍ତୁ କେତେକ ସଙ୍ଗୀ ଉପାୟ ଓ ସୁଯୋଗର ଅପେକ୍ଷାରେ ଓ ଅନୁସନ୍ଧାନରେ ଥାଆନ୍ତି । ମୋତେ କେହି ସାହାଯ୍ୟ ନ କଲେ ସୁଦ୍ଧା ମୁଁ ନିଜେ ଏକାକୀ ଚାଲିଆସିବାର ଶେଷ ନିଷ୍ପତ୍ତି ବନ୍ଧୁମାନଙ୍କୁ ଜଣାଇଦେଲି । ୨।୪ ଦିନ ଗଭୀର ଆଲୋଚନା ପରେ

Digitized by PPRACHIN, SOA

୩ଟି ବିପଦପୂର୍ଣ୍ଣ ଉପାୟ ସମ୍ଭବପର ଜଣାଗଲା । ମୋ ସଙ୍ଗେ ଶ୍ରୀ ପବିତ୍ର ବେହେରା ଓ ବୈକୁଣ୍ଠ ସାହୁ ମଧ୍ୟ ପଳାଇ ଆସିବାର ମନସ୍ଥ କଲେ । କିନ୍ତୁ ନିଶ୍ଚୟ ବିପଦର ବିଶ୍ୱର ଦୃଷ୍ଟିରୁ ତାହା ବିଶ୍ୱସ୍ଥ ହେଲାନାହିଁ । ପରିଶେଷରେ ସ୍ଥିର ହେଲା ଯେ, କେବଳ ମୁଁ ଏକାକୀ ଯିବି । ତିନୋଟି ଉପାୟରେ ପଳାଇ ଆସିବାର ଅଭ୍ୟାସ (Rehearsal or Practice) କରାଗଲା । ଅଭ୍ୟାସରେ ଦେଖାଗଲା ଯେ, ଦୁଇଟି ଉପାୟଦ୍ୱାରା କୃତକାର୍ଯ୍ୟ ହେବାର ଆଶା ଲୁପ୍ତ ହେଲା । ବାକୀ ରହିଲା ତୃତୀୟ ଉପାୟଟି । ଏଥିରେ ଅନ୍ୟ କାହାର ସହାୟତାର ପ୍ରୟୋଜନ ହେଉ ନ ଥିଲା; କିନ୍ତୁ ଏହା ଥିଲା ସର୍ବାପେକ୍ଷା ବିପଜ୍ଜନକ । ଏହିପରି ଅନିର୍ଦ୍ଦିଷ୍ଟ ଅବସ୍ଥାରେ ଅଗଷ୍ଟ (୧୯୪୨) ୧୯ ତାରିଖ ଠାରୁ ୨୯ ତାରିଖ ବିତିଗଲା । ପଳାୟନର ସମସ୍ତ ଆଶା ଦିନୁ ଦିନ ମଉଳିଗଲା ।

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ପଳାୟନ

ଭାଦ୍ରବମାସ କୃଷ୍ଣ ଚତୁର୍ଥୀ (୧୯୪୨ ଅଗଷ୍ଟ ୩୦ ତାରିଖ) । ସନ୍ଧ୍ୟା ଭୋଜନ ପରେ ଜେଲ କୋଠରୀର ଲୁହା କବାଟ ବନ୍ଦ ହେଲା । ପ୍ରତ୍ୟେକେ ନିଜ ନିଜର ବିଛଣା ସଜାଇଦେଲେ । ତାପରେ କକ୍ଷର ଏକ କେନ୍ଦ୍ର ସ୍ଥାନରେ ଗୋଲାକାରରେ ବସିଗଲୁ । ପଳାୟନର ସମସ୍ତ ଆଶା ଭରସା ଲୁପ୍ତ ହୋଇଯାଇଥିବାରୁ ଗତ ୨।୪ ଦିନ ଠାରୁ ସେ ବିଷୟରେ ଆଲୋଚନା ବନ୍ଦ ଥାଏ । ଜେଲ ଫାଟକ ବାହାରେ ବଗିଚାରେ କାମ କରୁଥିବା ରାଜବନ୍ଦୀ ଭାଇମାନେ ଚଳିତ ବିପ୍ଳବ ସମ୍ପର୍କରେ ଯେ ଯାହା ଗୁଜବ ଓ ଜନରବ ବାହାର ଲୋକ ଓ ଓ୍ୟାର୍ଡ଼ରଙ୍କ ମୁଖରୁ ଶୁଣିଥିଲେ, ସେ ସବୁ ଅତିରଞ୍ଜନ କରିମା ସଂକ୍ଷେପରେ ବ୍ୟାଖ୍ୟାନ କରିଗଲେ । ସେଥିରେ ମଧ୍ୟ ଟୀକା ଟିପ୍ପଣୀ ହୋଇଗଲା; କିନ୍ତୁ ପଳାୟନର କୌଣସି ଆଲୋଚନା ହେଲା ନାହିଁ । ଏହାପରେ ଦୁଇଘଣ୍ଟା ଅତିବାହିତ ହେଲା । ଗୀତା ଭାଗବତ ପ୍ରେମୀଙ୍କର ଧର୍ମାଲୋଚନା ଚାଲିଲା । କିନ୍ତୁ ମୁଁ ସେ ଆଲୋଚନାରୁ ପୃଥକ । ମନରେ ବିଷାଦ । ନିଜକୁ ଧିକ୍‌କାର କରୁଥାଏ । କାରଣ ମୁଁ ଏ ଶେଷ ସ୍ୱାଧୀନ ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିପାରିଲି ନାହିଁ । ଓଡ଼ିଶା ଗଡ଼ଜାତରେ ସ୍ୱାଧୀନ ସରକାର ସ୍ଥାପିତ ହୋଇପାରିଲା ନାହିଁ । କ୍ରମେ ରାତି ଗଭୀର ହୋଇ ଆସିଲା । ଧର୍ମଚର୍ଚ୍ଚାକାରୀ ବନ୍ଧୁମାନେ ମଧ୍ୟ ନିଦ୍ରା-ଦେବୀଙ୍କର ସୁମୋହନ କୋଳରେ ଆଶ୍ରୟ ନେଲେ । ଗମ୍ଭୀରତା ଓ ବିଷାଦରେ "ଭଗବାନ ମୋତେ ପଳାୟନ ପଥ ଦିଅ" କହି ମୁଁ ମଧ୍ୟ ଶୋଇପଡ଼ିଲି । ଏତେବେଳକୁ ରାତି ପ୍ରାୟ ସାଢ଼େ ଦଶଟା ।

ଉକ୍ତ ରାତିରେ ପ୍ରାୟ ୩।୪ ଘଣ୍ଟା ପର୍ଯ୍ୟନ୍ତ ମୁଁ ଗଭୀର ନିଦ୍ରା ଉପଭୋଗ କଲି । କିନ୍ତୁ ରାତି ୩ ଟା ସମୟରେ ବୋଧହେଲା ଯେପରି

Digitized by PPRACHIN, SOA

ମୋତେ କେହି କହୁଛନ୍ତି, "ମନ ଥିଲେ ଉପାୟ ବଳେ ଆସେ । ସଂଗ୍ରାମରେ ସକ୍ରିୟ ଭାଗ ନେବାକୁ ଯଦି ବ୍ୟାକୁଳ, ତେବେ ଚେଷ୍ଟା କେଉଁଠାରେ ? ଜୀବନର ମୋହ ଛାଡ଼ି ଯତ୍ନ କର ।" ଏହା ସ୍ୱପ୍ନ ନା ସ୍ୱର୍ଗୀୟ ବାଣୀ ସେଦିନ ଯେପରି ବୁଝିପାରିନଥିଲି, ଆଜି ମଧ୍ୟ ବୁଝିପାରିନାହିଁ । ମନୋବିଜ୍ଞାନ ଅନୁସାରେ ଏହା ସ୍ୱପ୍ନ ହୋଇପାରେ, ଯେହେତୁ ଏ ବିଷୟ ମୁଁ ସର୍ବଦା ଭାବୁଥିଲି । ଧାର୍ମିକ ପକ୍ଷେ ଏହା ଦୈବୀ ସୂଚନା ହୋଇପାରେ । କିନ୍ତୁ ସେ ଯାହା ହେଉ, ଏହିପରି ଭାବରେ ମୋର ନିଦ୍ରା ଭଙ୍ଗ ହେଲା । ମୁଁ ସ୍ତମ୍ଭୀଭୂତ ହୋଇଗଲି । ପୁଣି ଶୋଇବାକୁ ଚେଷ୍ଟା କଲି । କିନ୍ତୁ ୧୦।୧୫ ମିନିଟ ପରେ ତନ୍ଦ୍ରାବସ୍ଥାରେ ପୁଣି ସେହି ବାଣୀ ଶୁଣାଗଲା । ସଙ୍ଗେ ସଙ୍ଗେ ନିଦ ଭାଙ୍ଗିଗଲା । ବର୍ତ୍ତମାନ ମୁଁ କରେ କଣ ? ଯିବାର ସେ ଉପାୟ ନାହିଁ । ସେ ଦିନ ପଳାୟନ ପାଇଁ ଚେଷ୍ଟା କରିବାର ପ୍ରୋଗ୍ରାମ ମଧ୍ୟ ନାହିଁ । ଅଧିକନ୍ତୁ ଗଭୀର ରାତିରେ ରୁଦ୍ଧକାରା କକ୍ଷରେ କି ଚେଷ୍ଟା ବା କରାଯିବ । ମନ ଉଦ୍‌ବିଗ୍ନ ହୋଇଗଲା । ଜେଲ କୋଠରୀର ଫାଟକ ନିକଟକୁ ଯାଇ ପ୍ରାଙ୍ଗଣ ଓ ଆକାଶକୁ ଦୃଷ୍ଟିପାତ କଲି । ଦେଖିଲି, ଆକାଶ ସମ୍ପୂର୍ଣ୍ଣ ମେଘମୁକ୍ତ, ଛାୟାପଥ ସୁସ୍ପଷ୍ଟ । ବାଳ ଶରତର ଚନ୍ଦ୍ରାଲୋକରେ ସୁଶ୍ୟାମଳ ଜେଲ ପ୍ରାନ୍ତର ଆଲୋକିତ । ମନରେ ଉଦ୍‌ବେଗ । କିନ୍ତୁ ଏ ସ୍ୱପ୍ନ ବା ଦୈବୀ ପ୍ରରୋଚନାର ନିର୍ଦ୍ଦେଶରେ କଣ କରିବାକୁ ହେବ, ସେ ବିଷୟରେ କିଂକର୍ତ୍ତବ୍ୟବିମୂଢ଼ । କିଛି ନ ଭାବି ଦେହରୁ ଜେଲ ପୋଷାକ ବାହାର କରିଦେଲି । ନିଜର ଥିବା ଖଣ୍ଡେ ଖଦଡ଼ ଲୁଗା ପିନ୍ଧିଲି ଓ ଖଣ୍ଡେ ଖଦଡ଼ ଗାମୁଛା ଭାଙ୍ଗି ସଜାଇ ରଖିଲି । ଖଣ୍ଡେ ପଞ୍ଜାବୀ ମଧ୍ୟ ରଖିଲି । ସେ ଦିନ ମୋପାଖରେ କେବଳ ୩ଟି ଆଠ ଅଣି ଥାଏ । ସେଥିରୁ ଯୋଡ଼ିଏ ଆଠ ଅଣି ଗୋପନ ସ୍ଥାନରୁ ଆଣି ଅଣ୍ଟାରେ ଧରିଲି । ଗୋଡ଼ରେ ଥିବା ବେଡ଼ୀର ପେଚ ଫିଟାଇ ବେଡ଼ୀ ବାହାର କରିଦେଲି । ଏତେବେଳକୁ ରାତି ପ୍ରାୟ ୪ଟା । ଇତିମଧ୍ୟରେ ମାଗୁଣି ବାବୁଙ୍କର ନିଦ୍ରା ଭଙ୍ଗ ହେଲା । ସେ ଶୋଇକରି ମୋର ଏ ପରିବର୍ତ୍ତନ ଓ ସଜବାଜ କିଛି ସମୟ ଆଗରୁ ଦେଖୁଥିଲେ । ମୋ ସଜବାଜ ଶେଷ ହେଲା ବେଳକୁ ସେ ଉଠିଲେ । ମୋତେ କହିଲେ, "ଆଜି ଏ ସଜବାଜ କାହିଁକି ?" ମୁଁ କିଛି ନ କହି କେବଳ ସ୍ୱପ୍ନ ବା ଦୈବୀ ବାଣୀ କଥା କହିଲି । ସେ ଶୁଣିଲେ । ଚିନ୍ତିତ ; କିନ୍ତୁ ଉପାୟହୀନ । ଇତି ମଧ୍ୟରେ ଦାଶରଥି ବାବୁ ଉଠିଲେ । ମୋର ସଜବାଜ ଦେଖି କହିଲେ, "ଭାଇ !

Digitized by PPRACHIN, SOA

ଆଜି ରାତ୍ରି ଅଧରେ ଏ କଣ ନୂତନ ବେଶ ?" ତାପରେ ମଦନ ବାବୁ ଉଠିଲେ ଏବଂ ମୋ ଆଡ଼କୁ ଚିନ୍ତାପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କରି ମାରବରେ ବସିରହିଲେ । ବେଦ୍ୱେଗ୍ର ଏବଂ ଦୟାନିଧି ରଥ ମଧ୍ୟ ଉଠି ପଡ଼ିଲେ । ସେମାନଙ୍କ ମଧ୍ୟରେ ଏକ ଦମିତ କଥାବାର୍ତ୍ତା ଚାଲିଲା । ସମସ୍ତେ ଉପାୟହୀନ ।

ଏତେବେଳକୁ ସମୟ ପ୍ରାୟ ସାଢ଼େ ଚାରିଟା । ପୂର୍ବ ବର୍ଣ୍ଣିତ ଅନୁସାରେ ଆକାଶ ସମ୍ପୂର୍ଣ୍ଣ ମେଘମୁକ୍ତ ଥିଲା । କିନ୍ତୁ ହଠାତ୍ ଆକାଶରେ ମେଘର ଆବିର୍ଭାବ ହେଲା । ଦେଖୁ ଦେଖୁ ଝଡ଼ ତୋଫାନ ସହ ମୂଷଳ-ଧାରାରେ ମେଘ ବର୍ଷା ହେଲା । ସାଢ଼େ ପାଞ୍ଚଟା ବେଳକୁ ବୃଷ୍ଟିର ଭୀଷଣତା ଦବିଗଲା ସତ ; କିନ୍ତୁ ବୃଷ୍ଟି ଚାଲିଲା । ଏ ସୁଯୋଗର ସଦ୍‌ବ୍ୟବହାର କରିବା ପାଇଁ ପୂର୍ବ ନିର୍ଦ୍ଦିଷ୍ଟ ତିନୋଟି ଉପାୟ ମଧ୍ୟରୁ ସିଗ୍ନିଡ଼ିଦ୍ୱାରା ଜେଲରୁ ମୁକ୍ତ ହୋଇ ଆସିବା କଥା ବିଚାରଯୋଗ୍ୟ ହେଲା । ସ୍ଥିର ହେଲା, ମିଳିତ ଚେଷ୍ଟା-ଦ୍ୱାରା ମୁକ୍ତିର ଉପାୟ କରାଯିବ ।

ବନ୍ଦୀ ବନ୍ଧୁମାନଙ୍କ ମଧ୍ୟରୁ କେତେକ ରାଜି, କେତେକ ଅରାଜି, କେତେକ ଉତ୍ସୁକ ଓ କେତେକ ଉଦାସୀନ । କ୍ରମେ ରାତ୍ରି ଶେଷ ହୋଇ ଆସିଲା । କିନ୍ତୁ ବର୍ଷାହେତୁ ତଥାପି ଅନ୍ଧକାର । ସମୟ ପ୍ରାୟ ସକାଳ ସାଢ଼େ ପାଞ୍ଚଟା । ଜେଲ କୋଠରୀମାନଙ୍କର ଲୁହାକବାଟ ସକାଳ ୬ଟା ଠାରୁ ଖୋଲି ହେବା ଆରମ୍ଭ ହୁଏ । ପ୍ରଥମେ ଅନ୍ୟାନ୍ୟ ନମ୍ବରମାନ ଖୋଲିହୁଏ । ସାଧାରଣ କୟେଦୀ ଘର ଖୋଲା ହୋଇ ସେମାନଙ୍କର ଗଣତି ପରେ ସର୍ବଶେଷରେ ଆମେ ରାଜବନ୍ଦୀ ଥିବା କୋଠରୀର ଫାଟକ ଖୋଲାହୁଏ । ଏହାପରେ ଦେଖିବାକୁ ଗଲେ ଆମ୍ଭେମାନେ ଖୋଲା ହେଉ ହେଉ ପ୍ରାୟ ସାଢ଼େ ଛ' ସମୟ ହୋଇଯାଏ । ଏହା ଥିଲା ସର୍ବସାଧାରଣ ଜନର ଜାଣି । କିନ୍ତୁ କବାଟ ଖୋଲି କୟେଦୀ ଗଣିବାରେ ଆଜିର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିପରୀତ ।

କେଜାଣି କାହିଁକି ଆଜି ୬ଟା ବାଜୁ ନ ବାଜୁଣୁ ଜେଲର୍‌ବାବୁ ଓ୍ୟାର୍ଡରମାନଙ୍କ ସହ ଜେଲ ଭିତରେ ପ୍ରବେଶ କଲେ । ସେତେବେଳକୁ ମଧ୍ୟ କିଛି କିଛି ଅନ୍ଧକାର ଥାଏ । ଲଗାଣ ବୃଷ୍ଟି ହେଉଥାଏ । ବିପରୀତ

Digitized by PPRACHIN, SOA

କଥା ଯେ, ପୂର୍ବଦିନମାନଙ୍କ ପରି ପ୍ରଥମେ ଅନ୍ୟ ୱାର୍ଡ଼ ଆଡ଼କୁ ନ ଯାଇ ଜେଲର୍ ଓ ରକ୍ଷୀମାନେ ପ୍ରଥମେ ଆମ କୋଠରୀ ଆଡ଼କୁ ଆସି ଧଡ଼ାଧଡ଼୍ କବାଟ ଖୋଲି ଆମ୍ଭମାନଙ୍କୁ ଗଣତି କରି ସ୍ୱତନ୍ତ୍ର ଗଜରଭି ଥିବା ୱାର୍ଡ଼କୁ ପ୍ରାତଃକୃତ୍ୟ ସକାଶେ ପଠାଇଲେ । ସିପାହୀ ଅନବରତ ଅନୁଗାମୀ, କିନ୍ତୁ ଦ୍ୱାରଦେଶରେ ଦଣ୍ଡାୟମାନ । ଉଦାସୀନ ବନ୍ଧୁମାନେ କେହି ବା ପାଇଖାନାରେ, କେହି ବା ଦ୍ୱାରଦେଶରେ, କେହି ବା ରକ୍ଷୀର ଦୃଷ୍ଟି ଅନ୍ୟତ୍ର ଆକର୍ଷଣ ଉଦ୍ଦେଶ୍ୟରେ ରକ୍ଷୀ ସଙ୍ଗେ ଭୁଲାଣିଆ କଥାରେ ମଗ୍ନ । ପୂର୍ବେ ଏକ ଦିନର ଅଭ୍ୟାସ (Rehearsal) ଦ୍ୱାରା ପ୍ରମାଣିତ ହୋଇଥିଲା ଯେ, ପିରାମିଡ଼ର ଦ୍ୱିତୀୟ ସ୍ତରରେ ମୁଁ ରହିଲେ ମୋର ହାତ ଜେଲ କାନ୍ଥର ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚିପାରୁନଥିଲା । ତେଣୁ କାନ୍ଥ ଉପରକୁ ହାତ ପହଞ୍ଚିବାକୁ ହେଲେ ମୋତେ ଚତୁର୍ଥ ସ୍ତରରେ ଠିଆ ହୋଇ ହାତ ବଢ଼ାଇବାକୁ ହେବ । ଏଥିପାଇଁ ମୋତେ ମିଶାଇ ୭ ଜଣ ବ୍ୟକ୍ତି ଦରକାର । କିନ୍ତୁ ଆଜ କେତେକ ବନ୍ଧୁଙ୍କର ଉଦାସୀନତା ଏବଂ ଅନ୍ୟତ୍ର କାର୍ଯ୍ୟବ୍ୟସ୍ତତା ଯୋଗୁଁ ମୋତେ ପିରାମିଡର ଦ୍ୱିତୀୟ ସ୍ତରରୁ ହାତ ବଢ଼ାଇବାକୁ ହେଲା । ଅତ୍ୟନ୍ତ ସୁଖ ଓ ଆଶ୍ଚର୍ଯ୍ୟର କଥା ଯେ, ସେ ଦିନ ଦ୍ୱିତୀୟ ସ୍ତରରୁ ମୁଁ ପ୍ରାଚୀରର ଶେଷସୀମା ପର୍ଯ୍ୟନ୍ତ ହାତ ପହଞ୍ଚିଗଲା । ମୁଁ କାନ୍ଥର ଉପରି-ଭାଗରେ କୁମ୍ଭୀର ପରି ଶୋଇ ରହିଲି । ଦେଖିଲି, ଖୁବ୍ ଅଳ୍ପ ଦୂରରେ ବନ୍ଧୁକଧାରୀ ରକ୍ଷୀମାନେ ପରେଡ଼ରେ ବ୍ୟସ୍ତ । ଜେଲ କୋଠାର ଉପରସ୍ଥ ରକ୍ଷୀଦ୍ୱୟ ମଧ୍ୟ ଭରି ବନ୍ଧୁକ ସହ ଦଣ୍ଡାୟମାନ । ଅନତିଦୂରରେ ପରେଡ୍‌ରତ ଗୁର୍ଖା ରକ୍ଷୀଙ୍କର ବନ୍ଧୁକ ଓ ସଙ୍ଗୀନ୍ ସଞ୍ଚାଳନର ଝନ୍ ଝନ ଶବ୍ଦ, ଯୋଡ଼ାଆ ଉଠାଇବାର ଖଟ୍ ଖଟ୍ ଶବ୍ଦ ଏବଂ ଉପରସ୍ଥ ରକ୍ଷୀଙ୍କର ଭରି ବନ୍ଧୁକର ମାରାତ୍ମକ ଦୃଷ୍ଟି, ମୃତ୍ୟୁ ଏବଂ ବିପଦର ନିଶ୍ଚୟତା ଚେତାଇଦେଉଥାଏ । ମୁଁ ବର୍ତ୍ତମାନ ଦୁଇଟି ମରଣାତ୍ମକ ବିପଦର ମଧ୍ୟରେ । କାନ୍ଥ ଉପରୁ ତଳକୁ ଡେଇଁ ପଡ଼ିଲେ ହୁଏତ ଗୋଡ଼ହାତ ଭାଙ୍ଗି ଯିବ କିମ୍ବା ସଙ୍ଗେ ସଙ୍ଗେ ଗୁଳି ଆଘାତରେ ପ୍ରାଣନାଶ ହେବ । ଯଦି ପଳାଇ ନ ଯାଏ, ତେବେ କର୍ତ୍ତବ୍ୟ ପାଳନର ଅବହେଳାଜନିତ ଅନୁତାପ ଅଗ୍ନିରେ ଦଗ୍ଧ ହୋଇଯିବି କିମ୍ବା ନିଜକୁ ଭୀରୁ, କାପୁରୁଷ ବିଚାରି ଆତ୍ମବିସର୍ଜନ କରିବି । ଯାହା ହେଉ, କିଛି ନ ଭାବି ତଳକୁ ଖସି ପଡ଼ିଲି । କିନ୍ତୁ ମୋତେ ଜଣାପଡ଼ିଲା ଯେପରି ଗୋଟିଏ ଉଚ୍ଚ ପିଣ୍ଡାରୁ ଓହ୍ଲାଇ ଆସିଲି ; ସଙ୍ଗେ ସଙ୍ଗେ ୱାର୍ଡ଼ ଭିତରୁ

Digitized by PPRACHIN, SOA

ଖସିପଡ଼ିଲି ଗୋଟିଏ ଚଗ୍ ଝାମ୍ପି, ଯାହା ଅତ୍ୟନ୍ତ ଉପକାରରେ ଆସିଲା । ଆଶା, ଆଶଙ୍କା, ଆନନ୍ଦ, ଉଦ୍‌ବେଗ, ଶାରତ୍ତ ଏବଂ ବାହାଦୁରୀର ଭାବନା ମଧ୍ୟରେ ମୁଁ ଜେଲ ବାହାରେ ପ୍ରାଚୀରର ପାଦ ଦେଶରେ ଦଣ୍ଡାୟମାନ ହେଲି । ଏ ସମସ୍ତ କାର୍ଯ୍ୟ ଦେଢ଼ ବା ଦୁଇ ମିନିଟରୁ କମ୍ ସମୟ ମଧ୍ୟରେ ସମାପ୍ତ ହେଲା ।

ସ୍ୱାଧୀନତା ପଥେ

ବର୍ତ୍ତମାନ କାରାମୁକ୍ତ । ସ୍ୱାଧୀନତା ପଥ ଉନ୍ମୁକ୍ତ, କିନ୍ତୁ ବିପଦ-ସଙ୍କୁଳ । ସମ୍ମୁଖରେ ଶ୍ୟାମଳ ଜେଲ ଉଦ୍ୟାନ । ଚତୁର୍ଦ୍ଦିଗରେ ହରିତାଭ ଶସ୍ୟ କ୍ଷେତ୍ର ଝଡ଼ ଝଞ୍ଜାରେ ଯେପରି ଦୋଳାୟମାନ ; ଆଶା, ଆଶଙ୍କା ଏବଂ ଆନନ୍ଦ ଉତ୍କଣ୍ଠାର ଘୂର୍ଣ୍ଣି ତୋଫାନରେ ମୁଁ ମଧ୍ୟ ତଦ୍ରୂପ ଘୂର୍ଣ୍ଣାୟମାନ । ଏହି-ପରି ମାନସିକ ଅବସ୍ଥାରେ ମୁଁ ସ୍ୱାଧୀନତାର ପଥ ଅନୁସରଣ କଲି ।

ପୂର୍ବରୁ କଳ୍ପନା କରି ନିର୍ଦ୍ଦିଷ୍ଟ କରିଥିଲୁ ଯେ, ସୌଭାଗ୍ୟକ୍ରମେ ଆମ୍ଭମାନଙ୍କ ମଧ୍ୟରୁ ଯଦି କେହି ଏକାକୀ କିମ୍ବା ସଦଳବଳେ କେବେ ବିନା ନିରୀକ୍ଷଣରେ ଜେଲରୁ ପଳାଇଯିବେ, ସେ କିମ୍ବା ସେମାନେ ତାଳଚେର ପ୍ରଜାଙ୍କର ଅନୁଗୋଳସ୍ଥ କର୍ମକ୍ଷେତ୍ରକୁ ପ୍ରଥମେ ଯିବେ । କାରଣ ତାଳଚେର ଟାଉନଠାରୁ ଅନୁଗୋଳ ସୀମା କେବଳ ଗୁରି ମାଇଲ ଅନ୍ତର । ଅଧିକନ୍ତୁ ଅନୁଗୋଳରେ ଆମର ପ୍ରଜାମଣ୍ଡଳ ଅଫିସ, କର୍ମକର୍ତ୍ତା ଓ ସ୍ୱେଚ୍ଛାସେବକ ଥାନ୍ତି । ସେହି କାରଣରୁ ସେଠାରେ ଗୋପନରେ ଏବଂ ନିରାପଦରେ ରହି ପ୍ରଜାମଣ୍ଡଳର ତତ୍କାଳୀନ କାର୍ଯ୍ୟକର୍ତ୍ତା ଓ ସ୍ୱୟଂସେବକଙ୍କ ଜରିଆରେ ଯୁଦ୍ଧ ଚଳାଇବାର ପୂର୍ବରୁ ପ୍ରସ୍ତାବ ଥିଲା । ଏହି ଉଦ୍ଦେଶ୍ୟରେ ପୂର୍ବ ନିର୍ଦ୍ଦିଷ୍ଟ ଅନୁଗୋଳ ଅଭିମୁଖେ ଜେଲ ଉଦ୍ୟାନ ଭିତରେ ସାଧାରଣ ଗତିରେ ଅଗ୍ରସର ହେଲି । ଜେଲ ବଗିଚାର କଣ୍ଟାବାଡ଼ ଅତିକ୍ରମ କରି ସଙ୍ଗେ ସଙ୍ଗେ ପଶ୍ଚିମାଭିମୁଖେ ଅନୁଗୋଳସ୍ଥ ନଟଡ଼ା କ୍ୟାମ୍ପ ଉଦ୍ଦେଶ୍ୟରେ ଯାତ୍ରା କଲି ।

ସେତେବେଳକୁ ମୁଁ ଗୋଟିଏ ଗୃହୀର ବେଶ ଧାରଣ କରିଥାଏ । ମଇଳା ଲୁଗାଟି ଗୃହୀଙ୍କ ଶାନ୍ତରେ ପିନ୍ଧିଥାଏ । ଆଣ୍ଠୁ ପାଖରୁ ଲୁଗାଟି

Digitized by PPRACHIN, SOA

ଉଠାଇ ଆଣି ଚକ୍ଷୁଁ ଭିତରେ କମିଜଟି ମୁଣ୍ଡାକରି ଭର୍ତ୍ତି କରିଦେଇ ତାହା ଅଣ୍ଟାରେ ଗୁଞ୍ଜି ଦେଇଥାଏ । କାନ୍ଧରେ ଗାମୁଛା, ମୁଣ୍ଡରେ ଝାମ୍ପି । ପରିଚିତ ଲୋକ ମଧ୍ୟ ପାଖରୁ ମୋର ମୁହଁକୁ ନ ଦେଖିଲେ ମୋତେ ଚିହ୍ନି-ପାରିନଥାନ୍ତେ । ବାସ୍ତବିକ ବହୁତ ସୁପରିଚିତ ବ୍ୟକ୍ତି ମଧ୍ୟ ଚିହ୍ନିପାରିଲେ ନାହିଁ ।

ଜେଲ ଉଦ୍ୟାନ ଅତିକ୍ରମ କରି ପଶ୍ଚିମାଭିମୁଖେ ହଠାତ୍ ଧାନ୍ୟ-କ୍ଷେତ୍ର ମଧ୍ୟରେ ପ୍ରବେଶ କଲି । ପ୍ରତି ମୁହୂର୍ତ୍ତରେ ଚତୁର୍ଦ୍ଦିଗକୁ ଦୃଷ୍ଟି ଖେଳା-ଯାଉଥାଏ । ଏଣିକି ଗତି କ୍ଷିପ୍ର ହେଲା । ସ୍ଥାନେ ସ୍ଥାନେ କୃଷୀବୋଲି ପ୍ରମାଣିତ କରାଇବା ନିମନ୍ତେ କେଉଁ କିଆରୀରୁ ପାଣି କାଟି ଦେଉଥାଏ, କେଉଁଠି ପାଣି ବାନ୍ଧି ଦେଉଥାଏ । ଏପରି କରି କରି ଜେଲ ପ୍ରାଚୀରଠାରୁ ପ୍ରାୟ ଏକମାଇଲ ଦୂରବର୍ତ୍ତୀ ହାଟତୋଟା ଏବଂ ଦେଉଳବଡ଼ା କଲ୍ଲିଏଣ୍ଡି ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ବୃକ୍ଷାବଳିଶିଷ୍ଟ ଏକ ଜଙ୍ଗଲରେ ପହଞ୍ଚିଲି ।

ଏତେବେଳକୁ ମୋର ମାନସିକ ଅବସ୍ଥା ସାଧାରଣ ଥାଏ । ଆଶା, ଆଶଙ୍କା, ଭୟ, ବିପଦ, ଆନନ୍ଦ ଉତ୍କଣ୍ଠା, ଚତୁରତା ତତ୍ପରତା ଏବଂ ସାବଧାନତା ଏ ସବୁ ମନକୁ ଗ୍ରାସ କରିଥାଏ । ଏ ସମସ୍ତର ସମୂହ ମାନସିକ ପ୍ରଭାବ କେତେବେଳେ ମନକୁ ସଚେତ ଓ ସାଧାରଣ ଅବସ୍ଥାରେ ରଖିଥାଏ । ମୋତେ ଜଣାପଡ଼ୁଥାଏ, ଯେପରି କେହି ଅଦୃଶ୍ୟ ବ୍ୟକ୍ତି ମୋତେ ଉଡ଼ାଇ ଆଣୁଥାଏ ।

ହାଟତୋଟା ଏବଂ ଦେଉଳବଡ଼ା କଲ୍ଲିଏଣ୍ଡି ମଧ୍ୟରେ ମୁଁ ଯେତେ-ବେଳେ ଉପସ୍ଥିତ ହେଲି, ସେତେବେଳକୁ ମୋର ପୂର୍ଣ୍ଣ ଚେତା ଓ ସାଧାରଣ ଅବସ୍ଥା ଥାଏ । ଏକ ଦୁଇ ମିନିଟ ଭିତରେ ଭାବିନେଲି ସେଠାରୁ କେଉଁବାଟ ଦେଇ ଅନୁଗୋଳ ଯିବି । ଜନାକୀର୍ଣ୍ଣ ହାଟତୋଟା ଓ କଲ୍ଲିଏଣ୍ଡି ରାସ୍ତା ପରିତ୍ୟାଗ କରିବା ଉଦ୍ଦେଶ୍ୟରେ କଲ୍ଲିଏଣ୍ଡି ଓ ରେମୁଆଁ ଗ୍ରାମ ମଧ୍ୟରେ ଖେତ୍ରୁ କଲ୍ଲିଏଣ୍ଡି ଉଦ୍ଦେଶ୍ୟରେ ବାଲୁଙ୍ଗା ଖମାର କୋଠାକୁ ଡାହାଣ ଦିଗରେ ରଖି ଯାତ୍ରା କଲି । କିନ୍ତୁ ସବୁବେଳେ ଅନୁଗୋଳ ଉଦ୍ଦେଶ୍ୟରେ ପଶ୍ଚିମ ଦିଗରେ ଯାତ୍ରା କରୁଥାଏ । ମୁକ୍ତପଥ ସେହି କ୍ଷିପ୍ରଗତି, ମନର ସେହି ଅସାଧାରଣ ଅବସ୍ଥା ।

Digitized by PPRACHIN, SOA

କିଛି ଦୂର ଅଗ୍ରସର ହେବା ପରେ ବାଲୁଙ୍ଗା ଖମାରର ସେହି ଚିର-ପରିଚିତ କ୍ଷୁଦ୍ର କୋଠାଟି ଦୃଷ୍ଟିଗୋଚର ହେଲା । କୋଠାକୁ ଡାହାଣ ଦିଗକୁ ରଖି କୋଠା ଆଡ଼କୁ ଯାତ୍ରା କଲି । ରାସ୍ତାରେ ବାଇସ୍କୋପ ସଦୃଶ କେତେକ ଦୃଶ୍ୟ ଗୋଟାକ ପରେ ଗୋଟାଏ ଚକ୍ଷୁ ସମ୍ମୁଖରେ ଝଲସି ଯାଉଥାଏ । ପରିଶେଷରେ ଗୋଟିଏ କ୍ଷୁଦ୍ର ଜଙ୍ଗଲରେ ପ୍ରବେଶ କଲି । ଜଙ୍ଗଲଟି କ୍ଷୁଦ୍ର ; କିନ୍ତୁ ନିତାନ୍ତ ଘନ ଓ କଣ୍ଟକାକୀର୍ଣ୍ଣ । ଜୀବନରେ ଶ୍ୱାପଦ-ସଙ୍କୁଳ ଅନେକ ନିବିଡ଼ ଅରଣ୍ୟ ଭ୍ରମଣ କରିଛି, କିନ୍ତୁ ଏ କ୍ଷୁଦ୍ର ଜଙ୍ଗଲର ଘନତା ଓ ଦୁର୍ଭେଦ୍ୟତା ଅନ୍ୟତ୍ର କେବେ ଅନୁଭୂତ ହୋଇନାହିଁ । ଜଙ୍ଗଲ ମଧ୍ୟରେ ସ୍ଥାନେ ସ୍ଥାନେ ସେହି ପରିଚିତ ବାଲୁଙ୍ଗା ବଙ୍ଗଳା (କୋଠା) ଦୃଶ୍ୟ ହେଉଥାଏ । ଜଙ୍ଗଲ ଶେଷ ନ ହେଉଣୁ ଦେଖିଲି ଏ କୋଠାର ଆକାର ବଦଳିଗଲା । ମନରେ ସନ୍ଦେହ ହେଲା, ଏ କେଉଁ କୋଠା ? ଏ ତ ବାଲୁଙ୍ଗା କୋଠା ନୁହେଁ । ସନ୍ଦିଗ୍ଧ ମନରେ କୋଠା ଆଡ଼େ ଅଗ୍ରସର ହେଲି । ତେବେ ବି ଚିହ୍ନିପାରୁନଥାଏ । ଦେଖିଲି କୋଠାରେ ବା ଆଖପାଖରେ କେହି ଲୋକ ନଥାନ୍ତି । ସାହସର ସହିତ କୋଠାକୁ ଯାଇ ଦେଖେତ ଏ ବାଲୁଙ୍ଗା କୋଠା ନୁହେଁ । ଚତୁର୍ଦ୍ଦିଗକୁ ଅନୁମାନ କଲି । ଭାବିଲି ଏ କେଉଁ ସ୍ଥାନ ? ତେବେ ସ୍ଥିର କରିପାରୁ ନ ଥାଏ । ସମ୍ମୁଖକୁ ଦୃଷ୍ଟିପାତ କଲି । ଦେଖିଲି, ପ୍ରାୟ ଏକ କ୍ୱାର୍ଟର ଦୂରରେ ଏକ ବିଶାଳକାୟ ରାଜ ନଅର । ଏ ଅଭିନବ ଏବଂ ଅଦ୍ଭୁତ ଦୃଶ୍ୟରେ ମନର ବିସ୍ମୟତା ଶତ ଗୁଣେ ବୃଦ୍ଧି ହେଲା । ପ୍ରଥମେ ସ୍ଥିର କରିପାରିଲି ନାହିଁ । ପରମୁହୂର୍ତ୍ତରେ ସ୍ଥିର କଲି ଯେ, ଏ ରାଜନଅର ପଞ୍ଚାପୂତଙ୍କର ସ୍କଟଲଣ୍ଡ ସ୍ଥିତ ବାସଭବନ, ଯାହା ସାଧାରଣ ଇଟା, ମାଟି, ଚୂନ ଏବଂ ପାଣିରେ ଗଢ଼ା ନୁହେଁ, ବରଂ ପ୍ରଜାର ହାଡ଼, ରକ୍ତ, ମେଦ, ମାଂସ ଏବଂ ଲୁହରେ ଗଢ଼ା । ତେବେ ସୁଦ୍ଧା ବିଶ୍ୱାସ ଆସେ ନାହିଁ ; କାରଣ ଏ ସ୍କଟଲଣ୍ଡ ତାଳଚେର ଜେଲଠାରୁ ପଶ୍ଚିମ ଦିଗରେ ନ ହୋଇ ବରଂ ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ । କିନ୍ତୁ ମୁଁ ପଶ୍ଚିମ ଦିଗକୁ ଲକ୍ଷ୍ୟ କରି ଚାଲିଥିଲି । ପୁଣି ଉକ୍ତ ନଅର ଆଡ଼କୁ ଅନାଇଲି । ନିକଟସ୍ଥ କୋଠା (ଯାହାକୁ ବାଲୁଙ୍ଗା ଖମାର କୋଠା ବୋଲି ସ୍ଥିର କରିଥିଲି) ପ୍ରତି ଦୃଷ୍ଟିପାତ କଲି । ଚତୁର୍ଦ୍ଦିଗର ଭୌଗୋଳିକ ପରିସ୍ଥିତି ଲକ୍ଷ୍ୟ କରି ଦେଖିଲି, ଏହା ସ୍କଟଲଣ୍ଡପୁର ।

Digitized by PPRACHIN, SOA

ସ୍କଟଲାଣ୍ଡପୁର ବୋଲି ସ୍ଥିର କଲି ସତ୍ୟ ; କିନ୍ତୁ ନିଜକୁ ବିଶ୍ୱାସ କରି ପାରିଲି ନାହିଁ । ଭାବିଲି ଏ କ'ଣ ସ୍ୱପ୍ନ ନା ସତ୍ୟ ! ମୁଁ କଣ ସୁପ୍ତ ନା ଜାଗ୍ରତ ! କାଳେ ଶୋଇ କରି ସ୍ୱପ୍ନ ଦେଖୁଥିବି ବୋଲି ଭାବିଲି । କିନ୍ତୁ ଏ ଦୃଶ୍ୟ ବନ୍ଦ ହେଲା ନାହିଁ । ଦେଖିଲି ଏ ସ୍ୱପ୍ନ ନୁହେଁ, ଏହା ସତ୍ୟ, ବାସ୍ତବ ।

ନିଜକୁ ନିଜେ ବିଶ୍ୱାସ ନ କରିବାର ଏବଂ ଘଟଣାକୁ ସ୍ୱପ୍ନ ମଣିବାର ଯଥେଷ୍ଟ କାରଣ ଅଛି; କାରଣ ତାଳଚେର ଜେଲରୁ ବାହାରି ମୁଁ ଅନୁଗୋଳ ଯିବା ଉଦ୍ଦେଶ୍ୟରେ ସର୍ବଦା ଲକ୍ଷ୍ୟ କରି ଜେଲଠାରୁ ଠିକ୍ ପଶ୍ଚିମ ଦିଗରେ ଯାତ୍ରା କରିଛି । ହାଟ ତୋଟା ଓ ଦେଉଳବଡ଼ା କଲିଏରି ଜେଲର ଠିକ୍ ପଶ୍ଚିମ ଦିଗ । ସେଠାରୁ ମୁଁ ପୁଣି ପଶ୍ଚିମ ଦିଗକୁ ଲକ୍ଷ୍ୟ କରି ବାଲୁଙ୍ଗା ଖମାର କୋଠାକୁ ଡାହାଣ ପାଖରେ ରଖି ଅଗ୍ରସର ହୋଇଛି । କିନ୍ତୁ ଏ କି ଆଶ୍ଚର୍ଯ୍ୟର କଥା, ମୁଁ ପଶ୍ଚିମସ୍ଥ ଡେରା କଲିଏରି ଓ ଅନୁଗୋଳକୁ ନ ଯାଇ ଉତ୍ତର-ପୂର୍ବସ୍ଥ ସ୍କଟଲାଣ୍ଡପୁରରେ ପହଞ୍ଚିଲି ! ଅଧିକନ୍ତୁ ଏ ଦିଗ ଓ ରାସ୍ତା ଏବଂ ସ୍ଥାନ ମୋ ପକ୍ଷରେ ନିତାନ୍ତ ନିରାପଦ; କାରଣ ତାଳଚେର କର୍ତ୍ତୃପକ୍ଷ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଭାବିବେ ନାହିଁ ଯେ, ଯଦି କେହି ରାଜବନ୍ଦୀ ଜେଲରୁ ପଳାଇଯିବ, ସେ ପଶ୍ଚିମ ଦିଗର ଯେ କୌଣସି ରାସ୍ତାରେ ଅନୁଗୋଳ ନ ଯାଇ ଏତେ ବାଟ ବୁଲି କରି ଉତ୍ତର ପୂର୍ବ ଦିଗର ସ୍କଟଲାଣ୍ଡ-ପୁର ଜଙ୍ଗଲରେ ପହଞ୍ଚିବ । ହାଟତୋଟାଠାରୁ ସ୍କଟଲାଣ୍ଡପୁର ପର୍ଯ୍ୟନ୍ତ ମୁଁ ବଣା ହୋଇ ଆସିନାହିଁ; କାରଣ ହାଟତୋଟାଠାରୁ ସ୍କଟଲାଣ୍ଡପୁର ପର୍ଯ୍ୟନ୍ତ ସମସ୍ତ ଜାଗା ଓ ରାସ୍ତା ମୋର ପରିଚିତ । ତେଣୁ ବଣା ହେବାର କାରଣ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅନୁଗୋଳ ପରିବର୍ତ୍ତେ ସ୍କଟଲାଣ୍ଡପୁର ପହଞ୍ଚିବା ଘଟଣାକୁ ମୁଁ ଯେତେବେଳେ ସତ୍ୟ ବୋଲି ଉପଲବ୍ଧି କଲି, ସେତେବେଳେ ମୋର ମନରେ ହଠାତ୍ ସଂସାର ଏବଂ ଆନ୍ଦୋଳନ ପ୍ରତି ବୈରାଗ୍ୟ ଭାବ ଆସିଗଲା । ମନର ନାସ୍ତିକତା ଦୂରୀଭୂତ ହେଲା । ଆସ୍ତିକତା ଦୃଢ଼ୀଭୂତ ହେଲା । ଏ ସବୁର କାରଣ ପରବର୍ତ୍ତୀ ପାରାଗ୍ରାଫରେ ପ୍ରଦତ୍ତ ହେବ ।

Digitized by PPRACHIN, SOA

ଜେଲରେ ଥିବା ସମୟରେ ବନ୍ଧୁମାନଙ୍କ ସଙ୍ଗେ ଅନେକ ସମୟରେ ରାଜନୀତି, ଧର୍ମନୀତି ଓ ସମାଜନୀତି ଆଲୋଚନା ହୁଏ । ଧର୍ମନୀତି ଆଲୋଚନାରୁ ଭଗବାନଙ୍କର ଅସ୍ତିତ୍ୱ ଏବଂ ସୃଷ୍ଟି ସମ୍ପର୍କରେ ବହୁତ ଘଣ୍ଟାଚକଟା ହୋଇଥାଏ । ସୃଷ୍ଟିର ଆର୍ଥିକ ଓ ସାମାଜିକ ତାରତମ୍ୟ ଯୋଗୁଁ ସ୍ରଷ୍ଟାଙ୍କ ପ୍ରତି ଅଭକ୍ତି ଓ ବିରକ୍ତି ଆସିଯାଏ । ଦୁନିଆରେ ରାଜା ଓ ଜମିଦାର ଶ୍ରେଣୀ ସର୍ବଦା ପ୍ରଜାକୁଳକୁ ଶୋଷି ଖାଇଯାଉଥିବେ, ପୁଞ୍ଜିପତି ଶ୍ରମିକମାନଙ୍କୁ ଶୋଷଣ କରୁଥିବେ, ଧନୀ ନିର୍ଦ୍ଧନକୁ, ଶିକ୍ଷିତ ଅଶିକ୍ଷିତକୁ, ବୁଦ୍ଧିମାନ ମୂର୍ଖକୁ, ଜ୍ଞାନୀ ଅଜ୍ଞାନକୁ ଏବଂ ସବଳ ଦୁର୍ବଳକୁ ଦଳି ଦେଇ ଯାଉଥିବେ, ଅଥଚ ଭଗବାନ ବୈକୁଣ୍ଠପୁରରେ ଅଷ୍ଟସଖୀ ପରିବେଷ୍ଟିତ ହୋଇ ଆମୋଦ ପ୍ରମୋଦରେ ମଗ୍ନ ଥିବେ ଏବଂ ଜଣେ ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଓ ସର୍ବଦ୍ରଷ୍ଟିମାନ ବୋଲି ଆଖ୍ୟାତ ହେଉଥିବେ । କିନ୍ତୁ ଅତ୍ୟାଚାରୀ ରାଜା ମହାରାଜା, ଜମିଦାର ପୁଞ୍ଜିପତି, ଶିକ୍ଷିତ, ଜ୍ଞାନୀ ଓ ପଣ୍ଡିତଙ୍କୁ ସେମାନଙ୍କର ପାପକର୍ମ ଓ ଦେଶାମାଜିକ କାର୍ଯ୍ୟକଳାପ ଯୋଗୁଁ ଦଣ୍ଡ ନ ଦେଇ ବରଂ ଯେଉଁ କୃଷି ମୂଲିଆ ମୁଣ୍ଡରୁ ଝାଳ ତୁଣ୍ଡେ ପୂରାଇ ନିର୍ମଳ ମନରେ ନିଜର ବାହୁବଳ ଖଟାଇ ସାରା ଦୁନିଆକୁ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ଯୋଗାଇ ସଂସାରକୁ ପାଳନ ପୋଷଣପୂର୍ବକ ସୃଷ୍ଟିକୁ ରକ୍ଷା କରୁଛି, ତା ପ୍ରତି ଅନ୍ୟାୟ, ତାପ୍ରତି ଅତ୍ୟାଚାର ! ତାକୁ ଅନ୍ନବସ୍ତ୍ର ମିଳୁ ନାହିଁ, ତାର ରୋଗ ବ୍ୟାଧିରୁ ମୁକ୍ତି ପାଇବା ପାଇଁ ଔଷଧ ଓ ପଥ୍ୟ ମିଳୁନାହିଁ, ତାର ପିଲାଛୁଆ ପାଠପଢ଼ିବା ପାଇଁ ପଇସା ଓ ସ୍କୁଲ କଲେଜ ନାହିଁ, ତାର ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ । ଏ ସମସ୍ତ ଅଭାବ ଦୂର କରିବାରେ ଭଗବାନ କିଛି କରୁନାହାନ୍ତି । ଏହି ସବୁ ଭାବନା ଈଶ୍ୱରଙ୍କର ଅସ୍ତିତ୍ୱ ଓ ମହତ୍ତ୍ୱ ପ୍ରତି ମୋର ମନରେ ନାସ୍ତିକତା ଓ ଅଭକ୍ତି ଜାତ କରାଇଥିଲା । ମୁଁ ଅନ୍ଧଭାବରେ ଗୀତା ପୁରାଣରୁ କିଛି ବିଶ୍ୱାସ କରି ନାହିଁ । ଏଥିପାଇଁ ମୋର ବନ୍ଧୁମାନଙ୍କର ମୋ ପ୍ରତି ଶ୍ରଦ୍ଧା ଓ ଆସକ୍ତି ଦୂରୀଭୂତ ହୋଇଗଲା । ମୁଁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି ନ କଲେ ବିଶ୍ୱାସ କରିବି ନାହିଁ ବୋଲି ଦୃଢ଼ ଧାରଣା କରିଥିଲି ।

କିନ୍ତୁ ଆଜିର ଏ ସବୁ ଘଟଣା ମୋର ନାସ୍ତିକତା ଉପରେ ଏକ ଅଦ୍ଭୁତ ପ୍ରଭାବ ପକାଇଲା । ଗତ ରାତିର ସ୍ୱପ୍ନ, କମ୍ୱା ଦୈବବାଣୀ, ମେଘମୁକ୍ତ ନିର୍ମଳ ଆକାଶରେ ହଠାତ୍ ମେଘର ଉଦୟ ହୋଇ ପ୍ରଚଣ୍ଡ ବାୟୁ

Digitized by PPRACHIN, SOA

ସହ ମୁଷଳ ଧାରରେ ବୃଷ୍ଟି, ମୁଁ ନିରାପଦ ଜାଗାରେ ପହଞ୍ଚିବା ପର୍ଯ୍ୟନ୍ତ ଝଡ଼ ବର୍ଷା, ଅନ୍ୟାନ୍ୟ ଦିନମାନ କଏଦୀଙ୍କ କୋଠରୀ ସାଢ଼େ ଛଅଟାବେଳେ ଖୋଲା ହେଉଥିଲେ ସୁଦ୍ଧା ଘଟଣା ଦିନ ୬ଟା ବାଜୁ ନ ବାଜୁଣୁ ଆମ କୋଠରୀ ପ୍ରଥମେ ଖୋଲା ହେବା, ପୂର୍ବଦିନର ଅଭ୍ୟାସରେ ପିରାମିଡ଼ର ଦ୍ୱିତୀୟସ୍ତରରୁ ଜେଲ ପ୍ରାଚୀରର ଶେଷ ସୀମା ପର୍ଯ୍ୟନ୍ତ ମୋର ହାତ ପହଞ୍ଚି ପାରି ନ ଥିଲେ ସୁଦ୍ଧା ଆଜି ଦ୍ୱିତୀୟସ୍ତରରୁ ହାତ ପହଞ୍ଚିବା, କାନ୍ଥ ଉପରୁ ଅକ୍ଳେଶରେ ବାରଣ୍ଡାକୁ ଓହ୍ଲାଇ ଆସିଲା ଭଳି ଖସି ପଡ଼ିବା, ସମ୍ମୁଖରେ ପରେଡ଼ରତ ଓ୍ୟାର୍ଡ଼ରମାନଙ୍କ ଦୃଷ୍ଟିରେ ନ ପଡ଼ିବା, ବାଲୁଙ୍ଗା ଖମାର କୋଠା ନାଟକୀୟ ଭାବେ ପ୍ରମୋଦ ପ୍ରାସାଦରେ ପରିଣତ ହେବା, ରାସ୍ତାରେ ଉଡ଼ିଆସିଲା ପରି ଜଣାପଡ଼ିବା ଏବଂ ସର୍ବୋପରି ନିର୍ଦ୍ଦିଷ୍ଟ ଓ ଦୃଢ଼ପ୍ରତିଜ୍ଞ ଭାବରେ ସତର୍କତା ଓ ଲକ୍ଷ୍ୟର ସହିତ ପଶ୍ଚିମାଭିମୁଖେ ଅନୁଗୋଳ ଉଦ୍ଦେଶ୍ୟରେ ଯାତ୍ରା କରିବା ସତ୍ତ୍ୱେ ଉତ୍ତର-ପୂର୍ବ ଦିଗରେ ସନ୍ଦେହମୁକ୍ତ ଓ ସଂପୂର୍ଣ୍ଣ ନିରାପଦ ଦିଗ ଓ ସ୍ଥାନରେ ପହଞ୍ଚି ଜଙ୍ଗଲ ମଧ୍ୟରେ ଜଣେ ଅତ୍ୟନ୍ତ ବିଶ୍ୱସ୍ତ ପରମମିତ୍ରଙ୍କୁ ସାକ୍ଷାତ କରିବା—ଏହି ସମସ୍ତ ବିସ୍ମୟକର ଓ ଚମକପ୍ରଦ ଘଟଣା ଓ ଦୈବୀପ୍ରେରଣାର ଅନୁଭୂତିରୁ ଜାଣିପାରିଲି ମୋର ଏ ମୁକ୍ତିରେ ଅବଶ୍ୟ କିଛି ଦୈବୀ ରହସ୍ୟ ଅଛି । ତା ନ ହେଲେ ଏତେ ଐଶ୍ୱରିକ ଏବଂ ପ୍ରାକୃତିକ ଛତ୍ରଛାୟାରେ ମୋର ଜେଲ ମୁକ୍ତି ଏବଂ ଏପର୍ଯ୍ୟନ୍ତ ପଳାୟନ ନିରାପଦରେ ହୋଇ ନ ଥାନ୍ତା । ଭାବି ନେଲି ଅନୁଗୋଳ ପର୍ଯ୍ୟନ୍ତ ପଶ୍ଚିମ ଦିଗ ପଥଗୁଡ଼ିକ ସରକାର ହଠାତ୍ ଅନୁସରଣ କରିବେ ଜାଣି କୌଣସି ଐଶୀ ଶକ୍ତି ମୋର ଗତି ଠିକ୍ ବିପରୀତ କରିଦେଲେ, ଯେଉଁ ଦିଗକୁ କି ସରକାରଙ୍କର ନଜର ଆଦୌ ପଡ଼ିବ ନାହିଁ । ମୋର ଜେଲ-ମୁକ୍ତି ପଛରେ ଭଗବତ୍ ଶକ୍ତି ଅଛି ଭାବି ମୁଁ ନିଜକୁ ନିରାପଦ ମନେ କଲି; କୌଣସି ମହତ୍ ଉଦ୍ଦେଶ୍ୟରେ ଭଗବାନ ମୋତେ ସାହାଯ୍ୟ କରୁଛନ୍ତି ବୋଲି ଧାରଣା ହୋଇଗଲା । ଏ ଦୁନିଆରେ କୌଣସି ଅତ୍ୟାଚାରୀ ମୋତେ ଗିରଫ୍‌ଦାର କରିପାରିବ ନାହିଁ ଏବଂ ମୁଁ ମୋର କାର୍ଯ୍ୟ ନିରାପଦରେ କରିବି, ଏହି ଭାବନା ଦୃଢ଼ ଭାବରେ ଜାତ ହେଲା । ମନରେ ସଂସାର ଓ ଈପ୍ସିତ ଆନ୍ଦୋଳନ ପ୍ରତି ବୈରାଗ୍ୟ ମଧ୍ୟ ଆସିଗଲା । କିନ୍ତୁ ପରମୁହୂର୍ତ୍ତରେ ଭାବିଲି, ଏ ଯଦି ବାସ୍ତବରେ ଭଗବତ୍ ଅନୁକମ୍ପା ହୁଏ, ତେବେ ତ ବୈରାଗ୍ୟ ଉଦ୍ଦେଶ୍ୟରେ ଏ କୃପା ନୁହେଁ—ଏହା କର୍ମ ସାଧନ

Digitized by PPRACHIN, SOA

ଉଦ୍ଦେଶ୍ୟରେ, ଏହା କର୍ତ୍ତବ୍ୟ ପାଳନ ଉଦ୍ଦେଶ୍ୟରେ । ଭାବି ନେଲି, ଚଳନ୍ତ ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣର କର୍ତ୍ତବ୍ୟ ସାଧନ ପାଇଁ ମୋର ବ୍ୟାକୁଳତା ବୁଝିପାରି ଭଗବାନ ମୋତେ ଜେଲ ମୁକ୍ତିରେ ସାହାଯ୍ୟ କରି ଏ ନିରାପଦ ସ୍ଥାନରେ ରଖିଦେଲେ । ମୋର ଉତ୍କଟ ନାସ୍ତିକତା ଦୂର ହେଲା, ଅନୁଭୂତ ଆସ୍ତିକତା ଦୃଢ଼ୀଭୂତ ହେଲା, କଠୋର କର୍ମଯୋଗ ସାଧନରେ ବଦ୍ଧପରିକର ହୋଇ ମୁଁ ସ୍କଟଲାଣ୍ଡପୁରଠାରୁ ଧରିଲି ମୁକ୍ତିର ପଥର ।

ପ୍ରଥମ ଶିବିର

ଘଟଣାଚକ୍ରରେ ହେଉ ବା ଐଶୀ ଶକ୍ତିରେ ହେଉ, ମୋର ଅନୁଗୋଳ ଯିବା ନ ହେଲା । ମୋର ଜେଲରୁ ପଳାୟନ ପରେ ଢାଙ୍କଚେର, ଅନ୍ୟାନ୍ୟ ଷ୍ଟେଟ ଏବଂ ଓଡ଼ିଶା ସରକାର ଯେଉଁ ତତ୍ପରତାର ସହିତ ମୋତେ ଖୋଜିଲେ, ମୁଁ ଅନୁଗୋଳ ବାଟରେ ଯାଇଥିଲେ ଅକ୍ଳେଶରେ ଧରା ପଡ଼ିଥାନ୍ତି । ଅନୁଗୋଳ ଯିବା ପଥ ନିଶ୍ଚୟ ବିପଦ ଜାଣି ଭଗବାନ ମୋତେ ବିପରୀତ ଦିଗରେ ଢେଙ୍କାନାଳ ଆଡ଼କୁ ଗତି କରାଇଦେଲେ । ସ୍କଟଲଣ୍ଡପୁରଠାରୁ ଦୁଇ ମାଇଲ ଯାଇ କଙ୍କିଲଠାରେ ନଦୀ ପାର ହୋଇ ଢେଙ୍କାନାଳ ଯାଇପାରିଥାଆନ୍ତି, କିନ୍ତୁ ବିବେକ ଅନୁମତି ଦେଲା ନାହିଁ । ଭାବିଲି ଆହୁରି ଉତ୍ତର-ପୂର୍ବକୁ ଯାଇ ହୁଏତ ଗୁରୁଜାଙ୍ଗ କମ୍ବା ଏକଘରିଆଠାରେ ନଦୀ ପାର ହେବି । ଏହି ଉଦ୍ଦେଶ୍ୟରେ ବଣ, ଜଙ୍ଗଲ, ଧାନକ୍ଷେତ, ନଦୀକୂଳ ଓ ପଠା ଏବଂ ଘାଟ ଦେଇ ଗତି କଲି । ରାସ୍ତାରେ ଅନେକ ପରିଚିତ ବ୍ୟକ୍ତି ଦେଖିଲି; କିନ୍ତୁ ଝାମ୍ପି ମୁଣ୍ଡାଇ ମୁହଁ ତଳକୁ କରି ସେମାନଙ୍କୁ ଆଡ଼େଇ ହୋଇ ଅତିକ୍ରମ କଲି । ଭାବୁଥାଏ ଗୁରୁଜାଙ୍ଗ ଗ୍ରାମର ଶ୍ରୀଯୁକ୍ତ ପାଣ୍ଡୁ ନନ୍ଦ କମ୍ବା ବୈଦ୍ୟନାଥ ପାଣିଙ୍କୁ ବାଟରେ କିପରି ଏକାକୀ ପାଇଯାଆନ୍ତି ! ସେମାନଙ୍କୁ ପାଇଲେ ମୋର ପଳାୟନ ନିତାନ୍ତ ଗୋପନୀୟ ରହନ୍ତା । ଆଶ୍ଚର୍ଯ୍ୟର କଥା, ଉକ୍ତ ଗ୍ରାମରେ ଜଙ୍ଗଲ ମଧ୍ୟସ୍ଥ ଧାନକ୍ଷେତରେ ଗତି କଲାବେଳେ ମୋର ଆଶା ପୂର୍ଣ୍ଣ ହେଲା । ଏଥିରେ ମୋର ଆସ୍ତିକତା ଆହୁରି ବଢ଼ିଗଲା । ମୋତେ କୌଣସି ଐଶୀ ଶକ୍ତି ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରୁଛି ବୋଲି ଏହି ଘଟଣାରୁ ଆହୁରି ଦୃଢ଼

Digitized by PPRACHIN, SOA

ଘାବରେ ବିଶ୍ୱାସ ଆସିଗଲା । ଏ ଦୁଇ ଜଣ ଉଚ୍ଚଶିକ୍ଷିତ ନ ହେଲେ ସୁଦ୍ଧା ଯେପରି ସାଧୁ ସେପରି ନିର୍ଭିକ ଏବଂ ନିର୍ମଳ ଦେଶସେବକ । ଏମାନେ ଗୋପନୀୟତାର ସଂରକ୍ଷକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏତେବେଳକୁ ସମୟ ପ୍ରାୟ ଦିନ ୮ଟା । ମନୁଷ୍ୟ ଶକ୍ତିର ସାହାଯ୍ୟ ପାଇଲାକ୍ଷଣି ଅନୁଭୂତ ଦୈବଶକ୍ତିର ସାହାଯ୍ୟ ରହିତ ହୋଇ ପରି ଜଣା-ଗଲା । ଶରୀରରେ ଅବସାଦ ଆସିଲା । କ୍ଷୁଧା ଅନୁଭୂତ ହେଲା । ଉଭୟ ଶ୍ରୀଯୁକ୍ତ ପାଣ୍ଡୁ ନନ୍ଦ ଓ ବୈଦ୍ୟନାଥ ପାଣି ଅତ୍ୟନ୍ତ ଗୋପନୀୟତାର ସହିତ କିଛି ଖାଦ୍ୟ ଯୋଗାଇଦେଲେ । ମୋର କ୍ଷୁଧା ନିବାରିତ ହେଲା ।

ଖାଇସାରି ତିନି ଜଣ ଯାକ ଗୁରୁଜାଙ୍ଗ ଗ୍ରାମର ଜଙ୍ଗଲରେ ବସିଲୁ । ସେମାନେ ମୋତେ କେତେ କଥା ପଚାରିବା ପରେ ଗଡ଼ଜାତ ରାଜାମାନଙ୍କ ବିରୁଦ୍ଧରେ ସ୍ୱାଧୀନତା ଯୁଦ୍ଧ ଚଳାଇବାର ପ୍ରଥମ କଳ୍ପନା କରି କେତେକ ଆଲୋଚନା କଲୁ । ଏହିଠାରେ ଆମ୍ଭର ପ୍ରଥମ କ୍ୟାମ୍ପ ବା ଶିବିର ସ୍ଥାପିତ ହେଲା ବୋଲି କବିରାଜ ଶ୍ରୀ ବୈଦ୍ୟନାଥ ପାଣି ପ୍ରକାଶ କଲେ । ମୋର ନିରାପତ୍ତା ଦୃଷ୍ଟିରୁ ଏହି ଶିବିରରେ ସ୍ଥିର ହେଲା ଯେ, ମୁଁ ସଙ୍ଗେ ସଙ୍ଗେ ନଦୀ ପାର ହୋଇ ଢେଙ୍କାନାଳ ଚାଲିଯାଇ ତାଳଚେର, ପାଲଲହଡ଼ା ଏବଂ ଢେଙ୍କାନାଳର ତ୍ରିସୀମାନ୍ତ ଜଙ୍ଗଲରେ ରହିବି । ଏହାଦ୍ୱାରା ତିନୋଟି ଯାକ ଷ୍ଟେଟରେ ଯୁଦ୍ଧ ପରିଚାଳନା ମୋର କେନ୍ଦ୍ର ନେତୃତ୍ୱରେ ହୋଇପାରିବ ।

ବର୍ତ୍ତମାନ ସମସ୍ୟା ହେଲା କିପରି ନଦୀ ପାର ହେବି । ଗୁରୁଜାଙ୍ଗ ଗ୍ରାମର ଡଙ୍ଗା ଓ ବାହାଣିଆଦ୍ୱାରା ପାରହେବା ନିରାପଦ ନୁହେଁ । ଘଟଣା ପ୍ରକାଶ ହୋଇଯିବ । ଅଧିକନ୍ତୁ ଗୁରୁଜାଙ୍ଗରେ ଡଙ୍ଗା ନ ଥାଏ । ଘାଟ ଥାଏ ଢେଙ୍କାନାଳର କାଦପଡ଼ା ଗ୍ରାମର ବାହାଣିଆ ହାତରେ । ଡଙ୍ଗା ନ ଥିବାରୁ ମୋତେ ଗୋପନରେ ଅପେକ୍ଷା କରିବାକୁ ପଡ଼ିଲା । ମୋ ସଙ୍ଗରେ ଏଣିକି ଜଣେ ଅତ୍ୟନ୍ତ ବିଶ୍ୱସ୍ତ ଲୋକ ଯିବା ଦରକାର । କବିରାଜ ଶ୍ରୀ ବୈଦ୍ୟନାଥ ପାଣି ମହାଶୟଙ୍କୁ କହିଲି । ମୋ ମୁଖରୁ କଥା ସରୁ ନ ସରୁଣୁ ସେ ନିଜେ ବାହାରିଲେ; କିନ୍ତୁ ସେ ଦିନ ତାଙ୍କ ଘରେ ତାଙ୍କ ଶାଶୁ ମୃତ୍ୟୁଶଯ୍ୟାରେ ପଡ଼ିଥାଆନ୍ତି । ସେ ସେହିକ୍ଷଣି ମରିବାର ପୂର୍ଣ୍ଣ ଆଶଙ୍କା ଥାଏ । ବାସ୍ତବିକ ୫ ଘଣ୍ଟା ପରେ ତାଙ୍କ ଶାଶୁ ବୃଦ୍ଧୀ କାଳ ହୋଇଗଲେ, ତେବେ ସୁଦ୍ଧା ମୁମୂର୍ଷୁ ଶାଶୁଙ୍କୁ ମୃତ୍ୟୁଶଯ୍ୟାରେ ପକାଇଦେଇ ଘରେ ନାବାଳକ ପୁଅ ଓ ଝିଅଟିକୁ

Digitized by PPRACHIN, SOA

ଗୁଡ଼ ମୋର ରକ୍ଷୀରୂପେ ବାହାରିଲେ । କିନ୍ତୁ ଏ ଘଟଣା ଆମ ଦୁଇ ଜଣଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ ।

ନଦୀର ଢେଙ୍କାନାଳ କୂଳରୁ ଡଙ୍ଗା ଆସିବାରେ ବିଳମ୍ବ ହେଲା । ଏଣେ ମୋର ଆଶଙ୍କା ହେଲା, ଏତେବେଳକୁ ସରକାର ମୋର ପଳାୟନ ଖବର ଜାଣି ସାରିବେଣି । ତେଣୁ ଚତୁର୍ଦ୍ଦିଗରୁ ପଥ ବନ୍ଦ କରିଦେବେ । ଏହି ଆଶଙ୍କାରେ ମୁଁ ଉଚ୍ଛନ୍ନ ହେଲି । ଉଭୟ ପାଣ୍ଡୁ ନନ୍ଦ ଏବଂ କବିରାଜ ବାହାଣିଆ ଡାକିବାକୁ ଯାଇଥାଆନ୍ତି । ଆସିବାରେ ବିଳମ୍ବ ହେଲା । ଦିନ ପ୍ରାୟ ୧୨ଟା ବାଜିଗଲା । ମୁଁ ନଦୀକୂଳସ୍ଥ ଜଙ୍ଗଲରୁ ବାହାରି ପାଣି ପାଖକୁ ଗଲି । ଭରା ନଈ ପହଁରି ଢେଙ୍କାନାଳ ତରଫକୁ ଚାଲିଯିବାକୁ ଉଦ୍ୟତ ହେଉଅଛି, ଏପରି ସମୟରେ ଏକ ଡଙ୍ଗା ଆସିଲା । କବିରାଜ ଶ୍ରୀ ବୈଦ୍ୟନାଥ ପାଣି ଆସିବା ପୂର୍ବରୁ ମୁଁ ତାଳଚେର ଅତିକ୍ରମ କରି ନଦୀର ଅପର କୂଳରେ ଢେଙ୍କାନାଳ ସୀମାରେ ପହଞ୍ଚିଗଲି । କବିରାଜେ ପରେ ବାହାଣିଆ ନେଇ ଆସିଲେ । କିନ୍ତୁ ସେ ଦେଖିପାରିଲେ ଯେ, ମୁଁ ନଦୀର ଅପର ପାର୍ଶ୍ୱରେ ଏକ ଉଚ୍ଚ ଜାଗାରେ ଦଣ୍ଡାୟମାନ । ମୁଁ ମଧ୍ୟ ତାଙ୍କୁ ଇସାରା ଦେଲି । ସେ ମଧ୍ୟ ପାର ହେଲେ । ବାହାଣିଆମାନେ ମୋତେ ଜାଣି-ପାରିଲେ ନାହିଁ ।

ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ନିରାପଦ । ତାଳଚେର ପୋଲିସ କିମ୍ବା କୌଣସି ଏଜେଣ୍ଟଙ୍କର ପରିସର ବାହାରେ । ନିକଟରେ ଅରଣ୍ୟାକୀର୍ଣ୍ଣ ଉତ୍ତୁଙ୍ଗ ବାଘଚଲା ପାହାଡ଼ । ସମ୍ମୁଖରେ ବ୍ୟାପକ ଘନଜଙ୍ଗଲ । ଏ ଜଙ୍ଗଲଟି ୪ଟି ଷ୍ଟେଟର ସୀମାରେ ଅବସ୍ଥିତ—ତାଳଚେର, ପାଲଲହଡ଼ା, ଢେଙ୍କାନାଳ ଓ କେନ୍ଦୁଝର । କବିରାଜେ ଏ ଜଙ୍ଗଲର ପୋକ । ତାଙ୍କୁ ଏ ଜଙ୍ଗଲ ପାହାଡ଼ର ପ୍ରତ୍ୟେକ ଅନ୍ଧ କନ୍ଦି ରାସ୍ତା ଏବଂ ଗୋପନୀୟ ଓ ନିରାପଦ ଜାଗା ଉତ୍ତମ ରୂପେ ଜଣା । ସ୍ଥିର କଲୁଁ ଏହି ଅଞ୍ଚଳରେ ଏହି ଜଙ୍ଗଲକୁ କଳ୍ପିତ ଯୁଦ୍ଧର ଏକ କେନ୍ଦ୍ର କରି ସ୍ୱୟଂଶାସିତ ଷ୍ଟେଟରେ ଏକ ସମୟରେ ବିଦ୍ରୋହ ଚଳାଇବୁ । ଢେଙ୍କାନାଳର ବୈଷ୍ଣବ ବାବୁଙ୍କ ଦଳକୁ ଅନୁସନ୍ଧାନ କରିବାରେ ଲାଗିଲୁ । କିନ୍ତୁ ବୈଷ୍ଣବ ବାବୁ ସେତେବେଳକୁ ଫେରାର ହୋଇ ଢେଙ୍କାନାଳରୁ ଚାଲିଯାଇଥିବାର ଖବର ସଂଗ୍ରହ କରି ଅତ୍ୟନ୍ତ ଦୁଃଖିତ ହେଲୁ । ତାଙ୍କ ଦଳର ଅନ୍ୟ କେହି ମଧ୍ୟ ନ ଥାନ୍ତି । ମାଣିକମରା ଗ୍ରାମର

Digitized by PPRACHIN, SOA

ଜାଣିପୁବାପା ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ଗଡ଼ନାୟକ ଓ ତାଙ୍କ କନିଷ୍ଠ ପୁତ୍ର ଶ୍ରୀ ଦେବରାଜଙ୍କୁ ଜଣାଇବା ପାଇଁ କବିରାଜେ ପ୍ରସ୍ତାବ ରଖିଲେ । କିନ୍ତୁ କିଛି କ୍ଷଣ ଚିନ୍ତା କଲା ପରେ ସ୍ଥିର କଲୁ ଯେ, ସେମାନଙ୍କୁ ପରେ ଡକାଇବୁ । ସେହିଦିନ ମଧ୍ୟରେ ଅତ୍ୟୁଚ୍ଚ ବାରୁଆଁ ପାହାଡ଼ ଅତିକ୍ରମ କରି ମୋତେ ଜଙ୍ଗଲ ଭିତର ଦେଇ ୧୫।୧୭ ମାଇଲ ରାସ୍ତା ଯିବାକୁ ହେବ । ରାସ୍ତା ପାଖ ଗ୍ରାମରେ ଥିବା ମୁଖ୍ୟ ବ୍ୟକ୍ତିଙ୍କ ସଙ୍ଗେ ଭବିଷ୍ୟତ ଯୁଦ୍ଧ ବିଷୟରେ କଥା ବାର୍ତ୍ତା କରି ସେହି ରାତି ମଧ୍ୟରେ ପୁଣି ବ୍ରାହ୍ମଣୀ ନଦୀ ପାର ହେବାକୁ ହେବ ; କାରଣ ସେହି ରାତିରେ ନଦୀ ପାର ନ ହେଲେ ଦ୍ୱିତୀୟ ଦିନ ପାର ହେବା କଠିନ ହେବ । ଏହି ଉଦ୍ଦେଶ୍ୟରେ ବାରୁଆଁ ପାହାଡ଼ ଅତିକ୍ରମ କରି ପ୍ରଥମେ ତାଳଚେରର କୁଲଝାର ଗ୍ରାମସ୍ଥ ସରକାରୀ ଭବନ ଅଧିକାର କଲୁ । ପାହାଡ଼ ଉପରେ ମୋତେ ଭୀଷଣ ଜ୍ୱର ହେଲା । ମୋର ଗୋଡ଼ ଓ ପାଦ ଫୁଲିଗଲା । ସକାଳୁ ମୁଠାଏ ଚୁଡ଼ା ବ୍ୟତୀତ ଆଉ କିଛି ଖାଇନଥିଲି । କ୍ଷୁଧା ହେଲା । ଆଦୌ ଚାଲିପାରିଲି ନାହିଁ । କବିରାଜେ ପାହାଡ଼ ଉପରେ ମୋତେ ଅନେକ ଦୂର ବୋହି ନେଲେ । ବାକୀ ରାସ୍ତା ହାତ ଧରି ଚଲାଇ ନେଲେ ।

ଏହି କୁଲଝାର ଗ୍ରାମରେ ଏକ ରହସ୍ୟପୂର୍ଣ୍ଣ ବିପଦରେ ପଡ଼ିଲି । ଗ୍ରାମଠାରୁ କିଛି ଦୂରରେ ସଡ଼କ କିନାରାରେ ମୋତେ ବସାଇ ଦେଇ କବିରାଜେ କିଛି ଚୁଡ଼ା କିମ୍ବା ମୁଢ଼ି ଖରିଦ କରିବାକୁ ଗଲେ । ମୁଁ ବାଟ ପାଖରେ ଏକାକୀ ଥିବାବେଳେ ଗ୍ରାମର ସର୍ବରାକାର ଏବଂ ମୋହର ସୁପରିଚିତ ବ୍ୟକ୍ତି ଶ୍ରୀ ଈଶ୍ୱର ସୁଧୀରଙ୍କ ହାବୁଡ଼ରେ ପଡ଼ିଲି । ତାଙ୍କୁ ଦେଖି ଗାମୁଛାଦ୍ୱାରା ଦେହ ମୁଣ୍ଡ ଘୋଡ଼ାଇ ଦେଇ ଆଣ୍ଠୁ ମୁଣ୍ଡାଇ ହାତ ଓ ଆଣ୍ଠୁ ମଧ୍ୟରେ ମୁହଁକୁ ଭଉିକରି ବସିଗଲି । ଈଶ୍ୱର ସୁଧୀରନ୍ ମୋ ପାଖକୁ ଆସି ଠିଆହେଲେ ଏବଂ ଅନେକ ପ୍ରଶ୍ନ ପଚାରିଲେ, "ହଇ ହେ, ତୁମେ କିଏ ? କେଉଁଠାରୁ ଆସିଛ ? କେଉଁଆଡ଼େ ଯିବ ? ସଙ୍ଗରେ କିଏ ?" ବିକୃତ ସ୍ୱରରେ ଜବାବ ଦେଲି, "ମୁଁ ଜଣେ ଗଉଡ଼ । କବିରାଜଙ୍କ ସଙ୍ଗେ ଔଷଧ ବାଟିବା କାମରେ ଯାଉଛି । ମୋତେ ଜ୍ୱର ହେଉଛି । କେହି କିଛି ପଚାର ନାହିଁ । ମୁଁ ଜବାବ ଦେଇପାରିବି ନାହିଁ ।" ମୋ ଜବାବ ଶୁଣି ସେ କହିଲେ, "ଦେଖି କିପରି ଜ୍ୱର ହୋଇଛି ? ମୁଁ ତୁମ୍ଭ ନାଡ଼ ଦେଖେ ।

Digitized by PPRACHIN, SOA

ଆସି ଆଜି ଆମ ଘରେ ରହିବ କାଲି ସକାଳୁ ଫେରିଯିବ । "ମୁଁ ବାହାନା କରି ଜରୁଆ ସ୍ୱରରେ ବିରକ୍ତ ହୋଇ ପାଗଳ ଓ ବୋକାଙ୍କ ପରି ଏପରି ବ୍ୟବହାର ଦେଖାଇଲି ଯେ, ଶେଷକୁ ସେ ମୋତେ ଚିହ୍ନି ନପାରି ବିରକ୍ତ ହୋଇ ଚାଲିଗଲେ । ଅବଶ୍ୟ ସେ ମୋତେ ଜାଣି ପାରିଥିଲେ କିମ୍ବା ମୁଁ ବାହାନା କରି ନଥିଲେ ସେ ନିଶ୍ଚୟ ମୋତେ ଗୋପନରେ ଅନ୍ୟତ୍ର ଯିବାରେ ସାହାଯ୍ୟ କରିଥାନ୍ତେ ; କିନ୍ତୁ ଏଠାରେ ପ୍ରକାଶିତ ହେବା ମୋର ଇଚ୍ଛା ନଥିଲା ।

ସୁଧୀରବାବୁ ମୋ ନିକଟରୁ ଗ୍ରାମକୁ ଚାଲିଯିବା ପରେ ସେହି ବାଟରେ କବିରାଜେ ଗ୍ରାମ ଆଡ଼ୁ ମୋ ନିକଟକୁ କିଛି ଚୂଡ଼ା ନେଇ ଫେରୁଥାଆନ୍ତି । କବିରାଜେ ତାଙ୍କର ନିତାନ୍ତ ପରିଚିତ ବ୍ୟକ୍ତି । କବିରାଜଙ୍କୁ ମୋ ବିଷୟ ପଚାରିବାରୁ ମୁଁ ତାଙ୍କର ଔଷଧବଣ୍ଟା ଚାକର ବୋଲି ପରିଚୟ ଦେଲେ । ସେ କବିରାଜଙ୍କୁ ବହୁତ ଅନୁରୋଧ କରି ରଖାଇଲେ । କିନ୍ତୁ କବିରାଜେ ଜରୁରୀ କାମ ବାହାନାରେ ତାଙ୍କ କବଳରୁ ମୁକ୍ତ ହୋଇ ଆସିଲେ ।

ଦ୍ୱିତୀୟ ଶିବିର

ଏତେବେଳକୁ ଦିନ ପ୍ରାୟ ଶେଷ । ଉକ୍ତ ଗ୍ରାମଠାରୁ ପ୍ରାୟ ଏକ ମାଇଲ ଦୂର ଯାଇ ଚୁଡ଼ା ଖାଇଲୁ । ଆଗରୁ ନିର୍ଦ୍ଦିଷ୍ଟ କରିଥିଲୁ ଶୀଘ୍ର ଗ୍ରାମକୁ ରାତିରେ ଯାଇ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରାଜବଲ୍ଲଭଙ୍କୁ ସାକ୍ଷାତ କରିବୁ । ସେ ମହୋଦୟ ଯେପରି ଗୋପନଶୀଳ ସେହିପରି ପ୍ରତିପତ୍ତିଶାଳୀ । ତାଙ୍କ କୁଟୁମ୍ବର ପ୍ରତ୍ୟେକ ବ୍ୟକ୍ତି ଉତ୍କଟ ଜାତୀୟବାଦୀ । ଆନ୍ଦୋଳନ ସମ୍ପର୍କରେ ବିସ୍ତର କ୍ଷତି ସହିଥାଆନ୍ତି । ସେ ମଧ୍ୟ ନିଜେ ଏକ ବର୍ଷ ଜେଲ ଯାଇଥିଲେ । ତାଙ୍କ ଦ୍ୱିତୀୟ ପୁତ୍ର ଶ୍ରୀଯୁକ୍ତ ଗୌରୀଶଙ୍କର ପ୍ରଧାନ ମଧ୍ୟ ୧୯୪୦ ସାଲଠାରୁ ରାଜନୈତିକ ଅପରାଧରେ ଫେରାର ଅବସ୍ଥାରେ ଥାଇ ପ୍ରଜାମଣ୍ଡଳକୁ ନେତୃତ୍ୱ ଦେଉଥାନ୍ତି । ଭାବିଥିଲୁ ତାଙ୍କ ଜରିଆରେ ଆଖ ପାଖ ୧୦।୧୫ ମୌଜାର ମୁଖ୍ୟ ବ୍ୟକ୍ତିଙ୍କୁ ଡକାଇ ସେମାନଙ୍କ ସଙ୍ଗେ କଳ୍ପିତ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିବୁ । ତାପରେ ତାଙ୍କ ସାହାଯ୍ୟରେ ସେହି ରାତି କିମ୍ବା ପରଦିନ ରାତିମଧ୍ୟରେ ନଦୀ ପାର ହୋଇଯିବୁ । ବୁଲଖାରର ଈଶ୍ୱର ସୁଧୀରବାବୁଙ୍କଠାରୁ ଜାଣିଲୁ ଯେ, ସେ ସେଦିନ ଘରେ ନ ଥାଆନ୍ତି, ଗଡ଼କୁ

Digitized by PPRACHIN, SOA

ଯାଇଥାନ୍ତି । ତେଣୁ ବାରୁଗ୍ରାମରେ ପ୍ରାରମ୍ଭିକ କମିଟି କରିବାର ପ୍ରୋଗ୍ରାମ ବନ୍ଦ ହେଲା । କିନ୍ତୁ ଉକ୍ତ ଗ୍ରାମ ଦେଇ ଯିବାକୁ ହେବ । ସେଠାରୁ ଲୋକ ନ ଦେଲେ ସମାକୋଇ ନଦୀ ପାର ହେବା କଠିନ ହେବ । କାରଣ ଏତେ-ବେଳକୁ ପ୍ରାୟ ରାତି ୯ଟା । କୃଷ୍ଣପକ୍ଷ, ମେଘ ଅନ୍ଧାର, ସମସ୍ତ ସମୟରେ ବର୍ଷା ହେଉଥାଏ । ତେଣୁ ରାତିରେ ବାଟ ଦେଖାଇବା ପାଇଁ ସ୍ଥାନୀୟ ପଥ-ପ୍ରଦର୍ଶକ ନିତାନ୍ତ ଦରକାର । ସ୍ଥିର କଲୁ, ଚନ୍ଦ୍ରଶେଖର ରାଜବଲ୍ଲଭ ମହାଶୟ ନ ଥିଲେ ସୁଦ୍ଧା ଉକ୍ତ ଗ୍ରାମର ବାବାଜୀ ଟୁଙ୍ଗୀକୁ ଯିବୁ । ରାଜ-ବଲ୍ଲଭଙ୍କ ପୁଅମାନେ ଏବଂ ଶ୍ରୀରାମଚନ୍ଦ୍ର ସାହୁ ଓଗେର ଟୁଙ୍ଗୀରେ ସନ୍ଧ୍ୟା-ବେଳେ ଉପସ୍ଥିତ ଥିବେ । ସେମାନଙ୍କ ସଙ୍ଗେ ଭାବୀ ସଂଗ୍ରାମ ସମ୍ପର୍କରେ କଥାବାର୍ତ୍ତା କରି କିଛି ଭୋଜନ ପରେ ସେମାନଙ୍କ ଜରିଆରେ ସମାକୋଇ ନଦୀ ପାର ହେବୁ । ଆମର ଏ ସମସ୍ତ ଭାବନା କାର୍ଯ୍ୟରେ ପରିଣତ ହେଲା ।

କ୍ଷୁଦ୍ର କିନ୍ତୁ ପ୍ରଖରସ୍ରୋତା ସମାକୋଇ ନଦୀ ପାର ହୋଇ ଆଗକୁ ଯିବାର ପ୍ରବଳ ଇଚ୍ଛା ଥିଲା । କିନ୍ତୁ କ୍ଳାନ୍ତ ଓ କଷ୍ଟ ଏତେ ଭୀଷଣ ହେଲା ଯେ ବାଧ ହୋଇ ସେଦିନ ରାତି ଏଗାରଟାବେଳେ ପରିବିଲ ମୌଜାର ବିଶିଷ୍ଟ ଜାଗିରଦାର ଏବଂ ୧୯୨୨ର ଆଠମୌଜା ମେଳର ସୁଯୋଗ୍ୟ ନେତା ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନଙ୍କ ଘରେ ବିଶ୍ରାମ କଲୁ । ସେଦିନ ରାତି ମଧ୍ୟରେ ବ୍ରାହ୍ମଣୀ ନଦୀ ପାର ହୋଇପାରିଲୁ ନାହିଁ ।

ତୃତୀୟ ଶିବିର

ରାତି ପ୍ରାୟ ୪ଟା ସମୟରେ ଉକ୍ତ ବନ୍ଧୁ ଆମ୍ଭମାନଙ୍କୁ ନିଜ ଘରୁ ଉଠାଇ ନେଇ ଜଙ୍ଗଲରେ ଛାଡ଼ି ଆସିଲେ । ଇତିମଧ୍ୟରେ ଆସପାଶ ଦଶ ବାର ମୌଜାର ପାଞ୍ଚ ସାତ ଜଣ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଡକାଇ ଆଣିବାର ଭାର ନେଲେ । ବ୍ରାହ୍ମଣୀ ନଦୀ ପାର ହେବା ଉଦ୍ଦେଶ୍ୟରେ ଉକ୍ତ ଜଙ୍ଗଲ-ଶିବିରଠାରୁ ୬ ମାଇଲ ଦୂରବର୍ତ୍ତୀ ନଦୀର ଅପର ପାର୍ଶ୍ୱରେ ବାସକରୁଥିବା ଝିଟିକିରିମା ମୌଜାର ଶ୍ରୀଯୁକ୍ତ ବନମାଳୀ ପ୍ରଧାନଙ୍କୁ ଡକାଇ ପଠାଇଲୁ । ବନମାଳୀ ପ୍ରଧାନଙ୍କର ନିଜ ଅଧୀନରେ ଡଙ୍ଗା ଓ ବାହାଣିଆ ଥାନ୍ତି । ପ୍ରଜାମଣ୍ଡଳ କାର୍ଯ୍ୟରେ ସେ ରାତି ପାହାନ୍ତି ନଦୀପାର ହୁଅନ୍ତି । ତାଙ୍କ

Digitized by PPRACHIN, SOA

ସଙ୍ଗରେ ସ୍ୱଦରେ ତାଙ୍କର ଜଣେ ସ୍ୱେଚ୍ଛାସେବକ ଭାବରେ (ଛଦ୍ମବେଶରେ) ମୁଁ ନଦୀ ପାର ହୋଇ ଯିବ ବୋଲି ଉପାୟ ସ୍ଥିର କରିଥିଲି । ସୂର୍ଯ୍ୟାସ୍ତ ସମୟରେ ବନମାଳୀ ପ୍ରଧାନ ଓଗେର ସାତ ଆଠ ଜଣ ଆହୂତ ଭଦ୍ରବ୍ୟକ୍ତି ଉକ୍ତ ଜଙ୍ଗଲ ଶିବିରରେ ଉପସ୍ଥିତ ହେଲେ । ଭବିଷ୍ୟତ ସଂଗ୍ରାମର ଗତି ଓ ରୂପରେଖ ସ୍ଥିର ହେଲା । ମୁଁ ଅନ୍ୟମାନଙ୍କଠାରୁ ବିଦାୟ ନେଇ ବନମାଳୀ ପ୍ରଧାନଙ୍କ ସଙ୍ଗେ ନଦୀ ପାର ହେବା ଉଦ୍ଦେଶ୍ୟରେ ଉକ୍ତ କ୍ୟାମ୍ପରୁ ରାତି ପ୍ରାୟ ୭ଟା ସମୟରେ ଯାତ୍ରା କଲି । କର୍ଣ୍ଣପାଳ ନଦୀଘାଟରେ ପହଞ୍ଚିଲା-ବେଳକୁ ସମୟ ପ୍ରାୟ ସାଢ଼େ ନଅଟା ହୋଇଥିଲା । ନଦୀ ଖୁବ୍ ବଢ଼ିଥିଲା । ବନମାଳୀ ପ୍ରଧାନଙ୍କ ନାମ ଶୁଣି ପ୍ରଜାମଣ୍ଡଳର ଉକ୍ତ ବାହାଣିଆମାନେ ଆନନ୍ଦରେ ଆମ୍ଭମାନଙ୍କୁ ପାର କରିଦେଲେ । ବାହାଣିଆମାନେ ମୋର ନିତାନ୍ତ ପରିଚିତ ଲୋକ । କିନ୍ତୁ ମୁଁ ଛଦ୍ମବେଶରେ ବସିଥିବାରୁ ସେମାନେ ମୋତେ ଚିହ୍ନି ପାରିଲେ ନାହିଁ । ନଦୀରେ ଡଙ୍ଗା ବାହିଲାବେଳେ ନାଉରି-ମାନେ ପଚାରୁଥାନ୍ତି, "ବାବୁ, ରଜାମାନଙ୍କୁ କେବେ ମାରିବା ? ଏଥର ପରା ଗାନ୍ଧୀ ମହାରାଜା ଲଠି ପାଶ୍ କରିଦେଲେଣି । ପବିତ୍ରବାବୁ ଜେଲରୁ ତୁମ୍ଭ-ମାନଙ୍କ ପାଖକୁ ଲଠି-ପାଶ୍ ଆନ୍ଦୋଳନ ଚଳାଇବା ପାଇଁ ପତ୍ର ପଠି ଦେଇଛନ୍ତି । କେଉଁ ଦିନଠୁ ପ୍ରଜା-ରାଜ୍ୟ ବସେଇବା ।" ଏହିପରି କେତେକ କଥା କହି ଡଙ୍ଗା ବାହି ବାହି କୂଳରେ ପହଞ୍ଚିଗଲୁ । ଜେଲ-ମୁକ୍ତିର ଦ୍ୱିତୀୟ ଦିନ ମୁଁ ପୁଣି ବ୍ରାହ୍ମଣୀ ନଦୀ ଦ୍ୱିତୀୟ ବାର ପାର ହୋଇ ପ୍ରଧାନ ଯୁଦ୍ଧକ୍ଷେତ୍ର ଅଞ୍ଚଳକୁ ଆସିଲି ।

ଚତୁର୍ଥ ଶିବିର

ନଦୀ ପାର ହେଲୁ । ବର୍ତ୍ତମାନ ଆମ୍ଭେମାନେ ତାଳଚେରର ପ୍ରଧାନ ଅଂଶରେ ଉପସ୍ଥିତ । ଏଠାରୁ ଅନୁଗୋଳସ୍ଥିତ ତାଳଚେର ପ୍ରଜାମଣ୍ଡଳ ଅଫିସ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଓ କର୍ମକର୍ତ୍ତାମାନଙ୍କୁ ଡକାଇ କଥାବାର୍ତ୍ତା କରିବାରେ କମ୍ଭା ମୋ ନିଜର ଅନୁଗୋଳ ଯିବା ବାଟରେ ନଦୀ ନାଳ କମ୍ଭା ଅନ୍ୟ କୌଣସି ବିଶେଷ ପ୍ରତିବନ୍ଧକ ନାହିଁ । ତେଣୁ ପୋଇପାଳ ଓ ଟିଟିରମା ମୌଜାର ମଧ୍ୟସ୍ଥଳରେ ଏକ ପାହାଡ଼ ଉପରେ ଶିବିର ସ୍ଥାପନ କଲୁ । ଏ ଜାଗାଟି ଅନୁଗୋଳ, ତାଳଚେର, ବାମଣ୍ଡା, ପାଲଲହଡ଼ା ଓ ଢେଙ୍କାନାଳ

Digitized by PPRACHIN, SOA

ପାଇଁ ଏକ କେନ୍ଦ୍ର ସ୍ଥାନ । ଏ ଶିବିର ସ୍ଥାନଟି ଗୋଟିଏ କ୍ଷୁଦ୍ର ପାହାଡ଼ର ଶିଖରଦେଶ । ଘନ ଜଙ୍ଗଲରେ ପରିପୂର୍ଣ୍ଣ । ଏଠାରେ ବଡ଼ ବଡ଼ ପଞ୍ଚାପଥର ଅଛି । ଏଠାରୁ ଠିଆ ହୋଇ ଦେଖିଲେ ଚତୁର୍ଦ୍ଦିଗସ୍ଥ ଗ୍ରାମ, ବିଲ, ନଈ, ରାସ୍ତା ଇତ୍ୟାଦି ସବୁ ଦେଖାଯିବ, କିନ୍ତୁ ଆମ୍ଭମାନଙ୍କୁ କେହି ଦେଖିବାର ସୁବିଧା ପାଇବେ ନାହିଁ । ଆମ୍ଭେମାନେ ଯେଉଁ ବୃହତ୍ ପ୍ରସ୍ତର ଉପରେ ବସି ବିଚାର ବୈଠକ କରୁ ସେହି ପଥର ତଳେ ଭାଲୁମାନଙ୍କ ଗୁମ୍ଫା । ଆମ୍ଭେମାନେ ମଧ୍ୟ ଦୁଇ ତିନିଥର ଭାଲୁ ମୁହଁରେ ପଡ଼ିଥିଲୁ । ସେପ୍ଟେମ୍ବର ୩ ତାରିଖ ଦିନ ମୁଁ ଏହି ଶିବିରରେ ରହିଲି । ଏଠାରେ କ୍ୟାମ୍ପର ଅର୍ଥ କୌଣସି ତମ୍ବୁ କିମ୍ବା ଘର ନୁହେ । କେବଳ ପାହାଡ଼ରଖୋଲ ଓ ପଥରର ଗୁମ୍ଫା, ଯହିଁରେ ଶୋଇବା ପାଇଁ ଭାଲୁ ଏବଂ ଆମ୍ଭମାନଙ୍କ ମଧ୍ୟରେ ଦୁଇ ତିନି ଥର ଲଢ଼େଇ ଚାଲିଥିଲା ।

ଉପରଲିଖିତ ପାହାଡ଼ ଶିବିରରେ ପହଞ୍ଚିଲାକ୍ଷଣି ୨ ତାରିଖ ଦିନ ବିଶ୍ୱସ୍ତ ସ୍ୱେଚ୍ଛାସେବକଙ୍କଦ୍ୱାରା ଅନୁଗୋଳସ୍ଥିତ ପ୍ରଜାମଣ୍ଡଳ ଅଫିସମାନଙ୍କୁ ମୋର ପଳାୟନ ଖବର ଜଣାଇଦେଲି । କଳ୍ପିତ ଆକ୍ରମଣ ଓ ସ୍ୱାଧୀନ ସରକାର ସ୍ଥାପନ ବିଷୟରେ ଆଲୋଚନା ଓ କାର୍ଯ୍ୟପନ୍ଥା ସ୍ଥିର କରିବା ଉଦ୍ଦେଶ୍ୟରେ କର୍ମକର୍ତ୍ତାମାନଙ୍କୁ ଡକାଇଲି । କିନ୍ତୁ ଭୀଷଣ ପରିସ୍ଥିତିବଶତଃ ପ୍ରଜାମଣ୍ଡଳ ଅଫିସ ସବୁ କାର୍ଯ୍ୟକାରୀ ନ ଥିବାରୁ ଏବଂ କର୍ମକର୍ତ୍ତାମାନେ ଇତସ୍ତତଃ ବିକ୍ଷିପ୍ତ ଥିବାରୁ ୪ ତାରିଖ ସନ୍ଧ୍ୟା ସୁଦ୍ଧା ଅନୁଗୋଳ ଅଫିସ ଏବଂ ପ୍ରଜାମଣ୍ଡଳର ତାତ୍କାଳିକ ସମ୍ବାଦପତ୍ର ଓ ସମ୍ପାଦକ ଓଗେର କେହି ସୁଦ୍ଧା ମୁଁ ଜୀବନରେ ବଞ୍ଚିକରି ପଳାଇ ଆସିଛି ବୋଲି ସଠିକ ଖବର ପାଇପାରିଲେ ନାହିଁ । ଉକ୍ତ ୨ ତାରିଖ ଦିନ ପାଲଲହଡ଼ା ଏବଂ ଢେଙ୍କାନାଳର ବିଶିଷ୍ଟ ଓ ବିଶ୍ୱସ୍ତ ନେତା ଓ କର୍ମକର୍ତ୍ତାମାନଙ୍କୁ ମଧ୍ୟ ଡକାଇଲି ।

ସରକାରଙ୍କର ଚିନ୍ତା ଓ ତତ୍ପରତା

ମୁଁ ଜେଲରୁ ପଳାଇବା ପରେ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଜେଲ କର୍ତ୍ତୃପକ୍ଷ କିଛି ଜାଣିପାରିଲେ ନାହିଁ । ତାପରେ ଜେଲର୍ ଓ ଓ୍ୱାର୍ଡ଼ର୍‌ମାନେ ମୋତେ ଖୋଜିବାକୁ ଲାଗିଲେ । ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ ଖବର ଜଣାଇ-ଦିଆଗଲା । ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ମୋର ପଳାୟନରେ ବିଶ୍ୱାସ କଲେ

Digitized by PPRACHIN, SOA

ନାହିଁ । ଜେଲ୍‌ର ପ୍ରତ୍ୟେକ କୋଠରି ବାକ୍ସ, କୂଅ ଏବଂ ଫାଶୀଖୁଣ୍ଟ ତଳେ ଥିବା କପିଘର ଇତ୍ୟାଦି ଖୋଜିପକାଇଲେ । ଭିତରେ ନ ପାଇ ବାହାର ବଗିଚାରେ ମଧ୍ୟ ଖୋଜିଲେ । ନିରାଶ ହେବାରୁ ସଙ୍ଗେ ସଙ୍ଗେ ଷ୍ଟେଟ କର୍ତ୍ତୃ-ପକ୍ଷଙ୍କୁ ଜଣାଇଦିଆଗଲା । ଜେଲ କର୍ତ୍ତୃପକ୍ଷ, ପଲିଟିକାଲ ସାହେବ ଏବଂ ଚିଫ୍ ପୋଲିସ ଅଫିସର ହଠାତ୍ ଜେଲକୁ ଆସିଲେ । ନିଜକୁ ସନ୍ତୁଷ୍ଟ କରିବାକୁ ପୁନର୍ବାର ସମଗ୍ର ଜେଲ ଖୋଜା ହେଲା । ମୋର ପତ୍ତା ମିଳିଲା ନାହିଁ । ସଙ୍ଗେ ସଙ୍ଗେ ଟାଉନର କେତେକ ବ୍ୟକ୍ତିଙ୍କର ଘରଦ୍ୱାର ବିଶେଷତଃ ଲାଭ ସିଂହଙ୍କର ବାକ୍ସ ଓ ସିନ୍ଦୁକ ମଧ୍ୟ ଖୋଲିକରି ତଲାସ କଲେ । ହାଣ୍ଡିଶାଳ ମଧ୍ୟ ଖୋଜିଲେ । କିନ୍ତୁ କୌଣସିଠାରେ ଗନ୍ଧବାସନା ପାଇଲେ ନାହିଁ । ଅନୁଗୋଳକୁ ଯିବାର ସମସ୍ତ ରାସ୍ତା ଏପରିକି ସମଗ୍ର ପଶ୍ଚିମ ଦିଗ ସରକାରୀ ପୋଲିସ, ଅଫିସର ଏବଂ ଭଡ଼ାଟିଆ ଏଜେଣ୍ଟଙ୍କ-ଦ୍ୱାରା ଜଗାଇ ଦିଆଗଲା । ଆଖପାଖ ଗ୍ରାମଗୁଡ଼ିକ ଘେରାଉ ଓ ତଲାସୀ କରାଗଲା । ଅନୁଗୋଳସ୍ଥ ପାଣିଗୋଳା ଓ ନଟଡ଼ା କ୍ୟାମ୍ପମାନଙ୍କୁ ମଧ୍ୟ ସରକାରୀ ଦୂତ ଛୁଟିଗଲେ । ଅନୁଗୋଳ ପୋଲିସକୁ ଖବର ଦିଆଯିବାରୁ ସେ ଅନୁଗୋଳ କ୍ୟାମ୍ପ ଏବଂ ସୀମାନ୍ତ ଗ୍ରାମମାନଙ୍କରେ ବହୁତ ଖାନ-ତଲାସୀ କଲେ । କେନ୍ଦ୍ର ସରକାରଙ୍କର ଗଡ଼ଜାତ ବିଭାଗର ଗୋଇନ୍ଦା ପୋଲିସ ଏ ଖବର ପାଇ ହଠାତ୍ ଢେଙ୍କାନାଳରେ ଧାଇଁ ଆସିଲେ ଏବଂ ସେ ମଧ୍ୟ ଜେଲ ପରିଦର୍ଶନ କଲେ । ଷ୍ଟେଟ କର୍ତ୍ତୃପକ୍ଷ, ଜେଲ କର୍ତ୍ତୃପକ୍ଷ, ପୋଲିସ ଏବଂ ସି:ଆଇ:ଡି: ଜେଲ ଭିତରୁ ମୋର ପଳାୟନର ପଥ ଅନୁସନ୍ଧାନ କରିବାକୁ ଲାଗିଲେ । କୌଣସିଠାରେ ଏକ ଚିହ୍ନ ମଧ୍ୟ ପାଇଲେ ନାହିଁ । ବଡ଼ ସନ୍ଦେହରେ ପଡ଼ିଗଲେ । ପଳାଇବାର କୌଣସି ଚିହ୍ନ ବା ସଙ୍କେତ ନାହିଁ । ତନ୍ମଧ୍ୟରେ ପୁଣି ଗତ ୧୦ ଦିନ ପୂର୍ବରୁ ଜେଲ ପ୍ରହରୀ ଗୁର୍ଖା, ଓ ମିଲିଟାରୀ ପୋଲିସଙ୍କଦ୍ୱାରା ୪ ଗୁଣ ବଢ଼ାଇ ଦେଇଥାନ୍ତି । ଏପରି ଅବସ୍ଥାରେ ମୋର ପଳାୟନ ଗନ୍ଧ ଚିହ୍ନ ନ ପାଇ ସରକାରଙ୍କର ବୁଦ୍ଧି ଭ୍ରଂଶ ହୋଇଗଲା । ସରକାର କେବଳ ଘଁ ଘଁ ହେଉଥାନ୍ତି । ସଙ୍ଗୀ ରାଜ-ବନ୍ଦୀମାନଙ୍କୁ ହଠାତ୍ ହାତକଡ଼ି, ଗୋଡ଼ବେଡ଼ି ଦେଇ ନିର୍ଜନ କୋଠରୀ-ମାନଙ୍କରେ ଭର୍ତ୍ତି କରିଦେଲେ । ଚାରିମାସ ପର୍ଯ୍ୟନ୍ତ ରାଜବନ୍ଦୀମାନଙ୍କୁ ଅକଥନୀୟ ଅମାନୁଷିକ ଅତ୍ୟାଚାରର ପାତ୍ର କରି ରଖିଲେ । ଜେଲ୍‌ର ଚତୁଃପାର୍ଶ୍ୱ କମ୍ବା ଜେଲ ନିକଟକୁ କାହାର ଆସିବାକୁ ବନ୍ଦ କରି-

Digitized by PPRACHIN, SOA

ଦେଲେ । ସରକାର ବର୍ତ୍ତମାନ ଚିନ୍ତାରେ ପଡ଼ିଲେ । ଭାବିଲେ, ଭାରତର ବର୍ତ୍ତମାନ ବିପ୍ଳବ ସମୟରେ ପବିତ୍ରମୋହନ ପ୍ରଧାନ କେଉଁଆଡ଼େ ଅଦୃଶ୍ୟ ହୋଇଗଲା ? ସେ ବର୍ତ୍ତମାନ କଣ କରିବ ? ବାସ୍ତବିକ ଯଦି ପଳାଇ-ଯାଇଥାଏ, କିପରି ଧରାପଡ଼ିବ ? ଏ ସବୁ ବିଷୟରେ ସରକାର ଭାବିଲେଣି କରିବାକୁ ଲାଗିଲେ ।

ହତ୍ୟାର ଜନରବ ଏବଂ ପ୍ରଜାଙ୍କ ପ୍ରତିକ୍ରିୟା

ମୁଁ ଜେଲରୁ ଅନ୍ତର୍ଦ୍ଧାନ ହୋଇଗଲି, ଏ ଖବର ହଠାତ୍ ଷ୍ଟେଟ୍‌ର ଚତୁର୍ଦ୍ଦିଗରେ ବିଜୁଳିପରି ଖେଳିଗଲା । ମୁଁ ଜେଲରୁ ପଳାଇଯାଇଛି ବୋଲି କାହାରି ବିଶ୍ୱାସ ହେଲାନାହିଁ । ପ୍ରଜା ଏବଂ ଅଫିସର ସମସ୍ତେ ସନ୍ଦେହ କଲେ ଯେ, ତାଳଚେର ଦରବାର ବିଶେଷତଃ ରାଜା ଓ ପଞ୍ଚାୟତ ମୋତେ ଗୋପନରେ ହତ୍ୟା କରାଇଦେଇ ଜେଲରୁ ପଳାଇଗଲା ବୋଲି ପ୍ରଚାର କରିଦେଲେ । ଏପରି କି ରାଜମହଲର ରାଣୀ ଏବଂ ଯୁବରାଣୀ ମଧ୍ୟ ସନ୍ଦେହ କଲେ ଯେ, ରାଜା ଓ ପଞ୍ଚାୟତ ଆତତାୟୀ ପଠାଇ ମୋତେ ମାରିଦେଇ-ଛନ୍ତି । ଏ ସନ୍ଦେହ ଏବଂ ଅବିଶ୍ୱାସ ଯୁକ୍ତିହୀନ ନୁହେ, କାରଣ ସରକାର ୧୯୩୧ ଠାରୁ ମୋତେ ମିଥ୍ୟା ମକଦ୍ଦମାରେ ଆବଦ୍ଧ କରି ରଖିବାକୁ, ୧୯୩୭ରେ ମୋର ହାତ ଗୋଡ଼ ଭାଙ୍ଗି ଏବଂ ଆଖି ଫୁଟାଇ ଅକର୍ମଣ୍ୟ କରିବାକୁ ଏବଂ ୧୯୩୮ରେ ମୋତେ ହରଣଚାଳ କରାଇନେଇ ହତ୍ୟା କରାଇଦେବାକୁ ବାସ୍ତବିକ ବହୁବାର ଚେଷ୍ଟା କରିଥିଲେ । କିନ୍ତୁ ଈଶ୍ୱରଙ୍କ କୃପାରୁ ମୁଁ ବହୁବାର ହତ୍ୟାମୁଖରୁ ରକ୍ଷା ପାଇଛି । ଜେଲ ଭିତରେ ସରକାର ତାଙ୍କର ପରୋକ୍ଷ ଓ ପ୍ରତ୍ୟକ୍ଷ ଅତ୍ୟାଚାରଦ୍ୱାରା ଧୀରମୃତ୍ୟୁ (Slow death)ର ଚକ୍ରାନ୍ତ କରିଦେଇଥିଲେ । ସରକାର ବିରୁଦ୍ଧରେ ଏ ଗୁରୁତର ଅଭିଯୋଗମାନ ସମ୍ପୂର୍ଣ୍ଣ ସତ୍ୟ । ଏ ସବୁ ମୁଁ ଅଙ୍ଗେ ଅନେକ ନିଭାଇଛି । ଦରବାରଙ୍କର ଏ ଆତତାୟୀ ମନ୍ତ୍ର ତାଳଚେରର ପ୍ରତ୍ୟେକ ପ୍ରଜାଙ୍କୁ ଆଗରୁ ଜଣା ଥିଲା । ଅଧିକନ୍ତୁ ଏ ଘଟଣାର ପାଞ୍ଚ ଛଅ ମାସ ପୂର୍ବରୁ ଦରବାର ମୋତେ ପୂର୍ବକଥିତ ଅନୁସାରେ ରାଜା ପ୍ରଜାଙ୍କ ମଧ୍ୟରେ ସଦ୍ଭାବ ଓ ସହଯୋଗ ସ୍ଥାପନ ବାହାନାରେ ଜେଲରୁ ବାହାରକୁ ଅଣାଇ ଦେଢ଼ ମାସ ପରେ ପୁଣି ଭାରତ ରକ୍ଷା ଆଇନର ଗୁରୁତର ଦଫାମାନଙ୍କରେ

Digitized by PPRACHIN, SOA

ଅଭିଯୋଗ କରାଇ ଅର୍ଥଦଣ୍ଡ ସହ ଦୀର୍ଘ ଜେଲ ଦଣ୍ଡ ଦେଇଥିବାରୁ ଦରବାର ପ୍ରତି ପ୍ରଜାଙ୍କର ଏ ହତ୍ୟାମାନଙ୍କରେ ପୂରା ସନ୍ଦେହ ଓ ଅବିଶ୍ୱାସ ଆସିଯାଇଥିଲା । ଏହି ହେତୁରୁ ସରକାର ଯେତେବେଳେ ଘୋଷଣା କଲେ ଯେ, ପବିତ୍ର ମୋହନ ପ୍ରଧାନ ଜେଲରୁ ଅଦୃଶ୍ୟ ହୋଇଯାଇଛନ୍ତି, ପ୍ରଜାମାନେ କିମ୍ବା ପ୍ରଜାମଣ୍ଡଳର କର୍ମକର୍ତ୍ତାମାନେ ଏଥିରେ ବିଶ୍ୱାସ କରିପାରିଲେ ନାହିଁ । ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଓ ସନ୍ଦେହ ହେଲା ଯେ, ରାଜା ଓ ପଞ୍ଚାୟତ ମୋତେ ଗୋପନରେ ହତ୍ୟା କରାଇ ନିଜକୁ ସଫେଇ ଦେବା ବାହାନାରେ ଏ ଅନ୍ତର୍ଦ୍ଧାନ ଘୋଷଣା କରୁଛନ୍ତି । ଏହି କାରଣରୁ ଅଫିସରମାନେ ମଧ୍ୟ ସନ୍ଦେହ କଲେ । ଓଡ଼ିଶା ପୋଲିସ ଏବଂ କେନ୍ଦ୍ର ଗୋଇନ୍ଦା ବିଭାଗ ପୋଲିସ ମଧ୍ୟ ସନ୍ଦେହ କଲେ ଯେ, ତାଳଚେର ରାଜା ମୋତେ ହତ୍ୟା କରାଇ ଦେଇ ଏ ସଫେଇ ବାଡ଼ୁଛନ୍ତି । ମୋର ଜେଲମୁକ୍ତି ମୁଁ ପ୍ରଜାସାଧାରଣଙ୍କୁ ନ ଜଣାଇବାରୁ ଏ ସନ୍ଦେହ ସମ୍ପୂର୍ଣ୍ଣ ଦୃଢ଼ୀଭୂତ ହେଲା । ମୃତ୍ୟୁ ଜନରବ ଷ୍ଟେଟରେ ଘରେ ଘରେ ଖେଳିଗଲା । କେତେକ ପ୍ରଜାଭାଇ ମୋତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଦେଲେ । ପ୍ରଜାଙ୍କର ଅବିଶ୍ୱାସ ଏବଂ ସନ୍ଦେହ ହେଲା ଯେ, ବାକୀ ରାଜବନ୍ଦୀଙ୍କୁ ମଧ୍ୟ ରାଜା ହତ୍ୟା କରାଇଦେବେ । ତେଣୁ ପ୍ରଜାମାନେ ଜେଲ ଆଡ଼କୁ ଜନତା ଆକାରରେ ଅଗ୍ରସର ହେଲେ । ହାଣ୍ଡିଧୁଆ ଗ୍ରାମର ଶ୍ରୀଯୁକ୍ତ ଉପେନ୍ଦ୍ର ଚନ୍ଦ୍ର ପ୍ରଧାନ ଓ ପୋଇପାଳ ଗ୍ରାମର ଅଧର ଚନ୍ଦ୍ର ପ୍ରଧାନ ଆଦି ନେତୃତ୍ୱ ନେଇ ଦାବୀ କଲେ ଯେ, ସେମାନେ ଜେଲ ପରିଦର୍ଶନ କରି ମୋର ମୃତ୍ୟୁ ଏବଂ ରାଜବନ୍ଦୀଙ୍କର ନିରାପଦତା ସମ୍ପର୍କରେ ଅନୁସନ୍ଧାନ କରିବେ ।

ଜନତାର ଜେଲ ଆକ୍ରମଣ ଦେଖି ସରକାର ଡରିଗଲେ । ପ୍ରଜାଙ୍କ ଦାବୀ ଏବଂ ସରକାରଙ୍କର ପ୍ରସ୍ତାବ ଓ ଅନୁରୋଧକ୍ରମେ ଜେଲରେ ଆବଦ୍ଧ ଥିବା ବ୍ୟକ୍ତିମାନଙ୍କର ସମ୍ପର୍କୀୟ ଲୋକମାନେ ଜେଲ ଭିତରେ ବାକୀ ରାଜବନ୍ଦୀମାନେ ନିରାପଦରେ ଅଛନ୍ତି କି ନାହିଁ ତାହା ଦେଖି ପ୍ରଜାଙ୍କୁ ଜଣାଇବାର ସ୍ଥିର ହେଲା । ଜନତା ଏଥିରେ ରାଜି ହେଲେ । ପ୍ରଜାମଣ୍ଡଳର ସମ୍ପାଦକ ଓ ଅନ୍ୟତମ ରାଜବନ୍ଦୀ ଶ୍ରୀଯୁକ୍ତ ମାଗୁଣିଚନ୍ଦ୍ର ପ୍ରଧାନଙ୍କ ଭାଇ ଶ୍ରୀଯୁକ୍ତ ଉପେନ୍ଦ୍ର ଚନ୍ଦ୍ର ପ୍ରଧାନ ଏବଂ ଶ୍ରୀଯୁକ୍ତ ମଦନବାବୁଙ୍କ ଭାଇ ଶ୍ରୀମାନ ମାଳାମ୍ବର ପ୍ରଧାନ ଓଗେରେ ଜେଲ ପରିଦର୍ଶନ କରି ରାଜବନ୍ଦୀମାନଙ୍କ

Digitized by PPRACHIN, SOA

ପରିଚୟ ନେଇ ଏବଂ ଗଣତି କରି ଦେଖିଲେ ଯେ, ବାକୀ ସମସ୍ତେ ଥାନ୍ତି, କେବଳ ମୁଁ କୌଣସିଠାରେ ନାହିଁ । ପରିଦର୍ଶକ ନେତାମାନେ ଏ ଖବର ବାହାରର ଜନତାକୁ ଶୁଣାଇଦେଲେ । ବାହାରର ଜନତା ବାକୀ ରାଜବନ୍ଦୀମାନଙ୍କୁ ଜେଲରୁ ମୁକ୍ତ କରି ନେବା ପାଇଁ ଦୃଢ଼ପ୍ରତିଜ୍ଞ । କିନ୍ତୁ ନେତାମାନଙ୍କ ଅନୁରୋଧ ଓ ଉପଦେଶକ୍ରମେ ସେମାନେ ସେଦିନ (ଅଗଷ୍ଟ ୩୧ ତାରିଖ) ଧୀରସ୍ଥିର ; କିନ୍ତୁ ପ୍ରତିହିଂସାଜର୍ଜରିତ ହୃଦୟରେ ଫେରିଗଲେ । ମୋର ରହସ୍ୟପୂର୍ଣ୍ଣ ଅନ୍ତର୍ଦ୍ଧାନକୁ ହତ୍ୟା ମନେ କରି ଶୋକସଭମାନ କଲେ । ସେଦିନ ଫେରିଯିବାର କାରଣ ଥିଲା ପ୍ରସ୍ତୁତି ଏବଂ ସଶସ୍ତ୍ର ଆକ୍ରମଣପୂର୍ବକ ରାଜବଂଶ ଓ ଷ୍ଟେଟ ସରକାରକୁ ଧ୍ୱଂସ କରି 'ଭାରତ ଛାଡ଼' ପ୍ରସ୍ତାବ ଅନୁସାରେ ସ୍ୱାଧୀନ ଗଡ଼ଜାତ ସରକାରର ଭିତ୍ତି ଓ କେନ୍ଦ୍ର ସ୍ଥାପନ କରିବା ।

ଅଗଷ୍ଟ ବିପ୍ଳବ ହେତୁ ସେ ସମୟରେ ପ୍ରଜାମଣ୍ଡଳର ଅନୁଗୋଳସ୍ଥ କ୍ୟାମ୍ପ ଏବଂ ଅଫିସ ସବୁ ଓଡ଼ିଶା ସରକାର ଜବତ କରି ସିଲ କରି ଦେଇଥାନ୍ତି । ଜେଲ ବାହାରେ ଥିବା ସମସ୍ତ କର୍ମୀ ଓ ପ୍ରଜାମଣ୍ଡଳର ଅସ୍ଥାୟୀ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଉଭୟ ଓଡ଼ିଶା ଏବଂ ତାଳଚେର ସରକାର ତରଫରୁ ୱାରେଣ୍ଟ ଥିବାରୁ ସେମାନେ ବିକ୍ଷିପ୍ତ ଅବସ୍ଥାରେ ଥାଇ 'ଭାରତ ଛାଡ଼' ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଷ୍ଟେଟ ଭିତରେ ପ୍ରଚାର ଓ ସଙ୍ଗଠନରେ ବ୍ୟସ୍ତ ଥାନ୍ତି । ହଠାତ୍ ମୋର ହତ୍ୟା ଜନରବ ଶୁଣି ସମସ୍ତେ ସେପ୍‌ଟେମ୍ବର ମାସ ୨ ତାରିଖ ଦିନ ଏକତ୍ର ହୋଇଗଲେ । ୩ ତାରିଖ ଦିନ ପ୍ରଜାମଣ୍ଡଳର କର୍ମକର୍ତ୍ତା ଓ ସାଧାରଣ କମିଟିର ଏକ ବଡ଼ ସଭା କୁମୁଣ୍ଡା ଗ୍ରାମରେ ହେଲା । ସଭାର ଉଦ୍ଦେଶ୍ୟ ଥିଲା କାଳ ବିଳମ୍ବ ନ କରି ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ଓ ପ୍ରତିଶୋଧାତ୍ମକ ପରିସ୍ଥିତିର ସୁଯୋଗ ନେଇ 'ଭାରତ ଛାଡ଼' ପ୍ରସ୍ତାବର ଚୂଡ଼ାନ୍ତ ଏବଂ ଆକ୍ଷରିକ ଉଦ୍ଦେଶ୍ୟ କାର୍ଯ୍ୟାନ୍ୱିତ କରିବା । ତେଣୁ ତାଳଚେର ଷ୍ଟେଟ ଓ ରାଜବଂଶକୁ ଧ୍ୱଂସ କରି କୃଷୀ ମୂଳଆର ଏକ ନୂତନ ସମାନ୍ତରାଳ ସରକାର ସ୍ଥାପନ ଉଦ୍ଦେଶ୍ୟରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହେଲା । ସେପ୍‌ଟେମ୍ବର ୬ ତାରିଖ ଦିନ ରାତି ୧୨ଟା ବେଳେ ତାଳଚେର ଟାଉନ ଓ ରାଜଭବନ ଆକ୍ରମଣ କରି ରାଜବଂଶ ଓ ସମସ୍ତ ଅଫିସରଙ୍କୁ ଗିରଫ୍‌ଦାର କରିବାର ସୁଚିନ୍ତିତ କଳ୍ପନା ମଧ୍ୟ କରାଗଲା ।

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ଅଗଷ୍ଟ ଆନ୍ଦୋଳନର ଉଦ୍ଦେଶ୍ୟ

କେତେକ ଭାବନ୍ତି ତାଳଚେରର ଅଗଷ୍ଟ ଆନ୍ଦୋଳନ ପ୍ରଧାନତଃ ମୋର ମୃତ୍ୟୁଜନିତବିଜନିତ ପ୍ରତିଶୋଧର ପ୍ରତିକ୍ରିୟା । କିନ୍ତୁ ଏ ଧାରଣା ସଂପୂର୍ଣ୍ଣ ଭୁଲ । ଅବଶ୍ୟ ମୋର ହତ୍ୟାଜନିତବ ଷ୍ଟେଟର ଆବାଳବୃଦ୍ଧବନିତା ପ୍ରତ୍ୟେକଙ୍କ ହୃଦୟରେ ଉତ୍ତେଜନାମୂଳକ ପ୍ରତିଶୋଧ ଅଗ୍ନି ପ୍ରଜ୍ଜ୍ୱଳିତ କରି-ଦେଲା । ଏହା ଅଗଷ୍ଟ ଆନ୍ଦୋଳନର ଦୁର୍ଦ୍ଦମନୀୟ ଓ ଅଶାସନୀୟ କ୍ଷଣି ଉଚ୍ଛୃଙ୍ଖଳତାର ଏକ ଆଶୁ କାରଣ ଅଟେ ; କିନ୍ତୁ ଏହା ଅଗଷ୍ଟ ଆନ୍ଦୋଳନର ଉଦ୍ଦେଶ୍ୟ ନୁହେଁ । ୧୯୩୮-୩୯ରେ ତାଳଚେର ଜନତା ଯେଉଁ ଉଚ୍ଛୃଙ୍ଖଳିତ ଓ ଆଦର୍ଶ ସତ୍ୟାଗ୍ରହ ଆନ୍ଦୋଳନ ଏବଂ ପରିଶେଷରେ ବିଖ୍ୟାତ 'ହିଜରତ୍' ବିପ୍ଳବ ପୂର୍ଣ୍ଣ ସଫଳତାର ସହିତ ଏକବିତ ଚଳାଇଥିଲି ଓ ସେହି ଆନ୍ଦୋଳନ ଦିନଠାରୁ ୧୯୪୨ ପର୍ଯ୍ୟନ୍ତ ଯେଉଁ ଉଚ୍ଚ ରାଜନୈତିକ ଶିକ୍ଷା ସହିତ ସୁଦୃଢ଼ ଭାବରେ ସଂଗଠିତ ହୋଇଥିଲି, ସେହି କାରଣରୁ ତାଳଚେର ଜନ-ସାଧାରଣଙ୍କ ହୃଦୟରେ ସ୍ଥାୟୀ ଏବଂ ସକ୍ରିୟ ରାଜନୈତିକ ଚେତନା ଓ ସ୍ୱାଧୀନତା ଆକାଂକ୍ଷା ବିଦ୍ୟମାନ ଥିଲା । ଏହାକୁ କାର୍ଯ୍ୟାନ୍ୱିତ କରିବାକୁ 'ଭାରତ ଛାଡ଼' ପ୍ରସ୍ତାବ ଦ୍ୱାର ଉନ୍ମୁକ୍ତ କରିଦେଲା । ତେଣୁ ଏ ଆନ୍ଦୋଳନ ପୂର୍ବକଳ୍ପିତ । ଏହାର ଉଦ୍ଦେଶ୍ୟ ଇଂରେଜ ସରକାରଙ୍କୁ ଭାରତରୁ ତଡ଼ି ଭାରତରେ କୃଷି ମୂଳଆର ପଞ୍ଚାୟତ ସରକାର ସ୍ଥାପନ କରିବା । ମୋର ମୃତ୍ୟୁର ପ୍ରତିଶୋଧ ନେବା କେବେହେଁ ଏହାର ଉଦ୍ଦେଶ୍ୟ ନୁହେଁ । ଅବଶ୍ୟ ମୋର ମୃତ୍ୟୁ ଗୁଜବ ଜନବିକ୍ଷୋଭକୁ ପ୍ରଜ୍ଜ୍ୱଳିତ କରିଦେଲା ।

ମୋର ଜେଲରୁ ପଳାୟନ ଏବଂ ହତ୍ୟାଜନିତବ ଦିନଠାରୁ ଅର୍ଥାତ୍ ଅଗଷ୍ଟ ମାସ ୩୧ ତାରିଖଠାରୁ ତାଳଚେର ଜନତା ଉଚ୍ଛୃଙ୍ଖଳ ଓ ଦୁର୍ଦ୍ଧର୍ଷଭାବେ

Digitized by PPRACHIN, SOA

ଅଶାନ୍ତିମୟ ହୋଇଗଲା । ଷ୍ଟେଟରେ ସମସ୍ତ ଅଫିସ, ଅଦାଲତ ଓ ସ୍କୁଲ ବନ୍ଦ ହୋଇଗଲା । ପ୍ରଜାମାନେ ସରକାରଙ୍କୁ ମାନିଲେ ନାହିଁ । ଆବାଳ-ବୃଦ୍ଧ-ବନିତା ପ୍ରତ୍ୟେକଙ୍କ ମୁଖରୁ ଏକ କଥା ବାହାରିଲା—"ରାଜବଂଶ ଧ୍ୱଂସ କର, ଗଡ଼ଜାତ ସରକାରକୁ ଧ୍ୱଂସ କର, ଗାନ୍ଧିଜୀଙ୍କ ହୁକୁମ ଅନୁସାରେ ପଞ୍ଚାୟତ ସରକାର ଗଢ଼ ଏବଂ ଇଂରେଜକୁ ଏ ଦେଶରୁ ମାରି ତଡ଼ ।" ଖୋଲା ସଭା ସମିତିରେ ସଶସ୍ତ୍ର ଆକ୍ରମଣର ପ୍ରସ୍ତୁତି ନିଜ ଗୁଇନ୍ଦାଠାରୁ ଖବର ପାଇ ସରକାର ନିଶ୍ଚିତ ପ୍ରମାଦ ଗଣିଲେ । ତହୁଁ ଭାରତ ସରକାରଙ୍କର ଦ୍ୱାରସ୍ଥ ହୋଇ ବୋମା, ବ୍ୟୋମଯାନ ଓ ମେସିନଗନର ସାହାଯ୍ୟ ଲୋଡ଼ିଲେ । ବ୍ରିଟିଶ ସରକାର ତାଳଚେର ସରକାରର ଏ ବିପତ୍ତିକୁ ବାସ୍ତବିକ ନିଜର ବିପତ୍ତି ମନେ କରି ୩ ତାରିଖଠାରୁ ତାଳଚେର ରାଜାଙ୍କୁ ବୋମା, ବ୍ୟୋମଯାନ, ମେସିନଗନ ଏବଂ ପଦାତିକ ସୈନ୍ୟବାହିନୀଦ୍ୱାରା ପ୍ରତ୍ୟକ୍ଷ ସାହାଯ୍ୟ ଦେଲେ । ୪ ତାରିଖ ଦିନ ୧୨ଟାଠାରୁ ମେସିନ୍‌ଗନ ଖଞ୍ଜିତ ବ୍ୟୋମଯାନ ସାରା ତାଳଚେରର ମସ୍ତକ ଉପରେ ଭୀଷଣ ବିକଟାଳ ଶବ୍ଦପୂର୍ବକ ଅନୁସନ୍ଧାନ, ନିରୀକ୍ଷଣ ଏବଂ ପ୍ରହରୀ କାର୍ଯ୍ୟ କରୁଥିବାର ଦେଖାଗଲା । ସ୍ଥାନେ ସ୍ଥାନେ ମଧ୍ୟ ଯୁଦ୍ଧ ନ କରିବାକୁ ପ୍ରଚାରପତ୍ର ଏବଂ ପ୍ରଜାଙ୍କୁ ଡରାଇବାକୁ ଧୂଆଁ ବାଣ ଓ ଲୁହବୁହା ବୋମା ପକାଉଥିଲା । କିନ୍ତୁ ଯେଉଁ ତାଳଚେର ପ୍ରଜା ୧୯୩୮ରେ ପ୍ରସିଦ୍ଧ ସତ୍ୟାଗ୍ରହ ଓ ହିଜରତ ଆନ୍ଦୋଳନଦ୍ୱାରା ଅଚିନ୍ତନୀୟ ଏବଂ ଅଭୂତପୂର୍ବ କ୍ଷତି ଓ ତ୍ୟାଗ ସହ୍ୟ କରି ସେଥିରେ ଅଭ୍ୟସ୍ତ ହୋଇଯାଇଛନ୍ତି, ସେ କଣ ଆଜି ଏ ବୋମା ବ୍ୟୋମଯାନରେ ଭୟର ପାତ୍ର ହେବ ? ସରକାରଙ୍କର ଏ ଭୟ ଦେଖାଇବା ଚେଷ୍ଟା ବିଫଳ ହେଲା । ପ୍ରଜାମାନେ ପୂର୍ବବତ୍ ଉଚ୍ଛୃଙ୍ଖଳ ଅବସ୍ଥାରେ ସରକାରକୁ ମାନିଲେ ନାହିଁ । ସରକାର ଅଗଷ୍ଟ ୩୧ ତାରିଖଠାରୁ ପଙ୍ଗୁ ଏବଂ ନିଷ୍କ୍ରିୟ ହୋଇଯାଇଥିଲା ।

ଚତୁର୍ଥ ଶିବିରରେ ବିପ୍ଳବ ଓ ଆକ୍ରମଣର ଯୋଜନା

ପାଠକଙ୍କର ଦୃଷ୍ଟି ବର୍ତ୍ତମାନ ପୁଣି ପାହାଡ଼ ଉପରସ୍ଥ ଚତୁର୍ଥ ଶିବିର ପ୍ରତି ଆକୃଷ୍ଟ ହେଉ । ଅନୁଗୋଳସ୍ଥ ତାଳଚେର ପ୍ରଜାମଣ୍ଡଳ କର୍ମକର୍ତ୍ତାମାନେ ତମାର ବଟି ବୃତ୍ତି ତାରିଖରେ ପାଇଲେ । କିନ୍ତୁ ପ୍ରବଳ ଲଗାଣ ବୃଷ୍ଟି ଓ

Digitized by PPRACHIN, SOA

ଅତ୍ୟଧିକ ନଦୀ ବୃଦ୍ଧି ବଶତଃ ସେମାନେ ମୋ ଶିବିରକୁ ପାଞ୍ଚ ତାରିଖ ସନ୍ଧ୍ୟା ସୁଦ୍ଧା ଆସି ନ ପାରି ଛଅ ତାରିଖ ସକାଳେ ପହଞ୍ଚିଲେ । ଅନୁଗୋଳସ୍ଥ କର୍ମକର୍ତ୍ତାଙ୍କ ବ୍ୟତୀତ ତାଳଚେରର ଅନ୍ୟାନ୍ୟ ଅଂଶରୁ ଆହୂତ ଓ ଆମନ୍ତ୍ରିତ ନେତା ଏବଂ ପାଲଲହଡ଼ା ପ୍ରଜାମଣ୍ଡଳର ସଭାପତି ଓ କୋଷାଧ୍ୟକ୍ଷମାନେ ପାଞ୍ଚ ତାରିଖ ଦିନ ପହଞ୍ଚିଯିବାରୁ କାଳ ବିଳମ୍ବ ନ କରି ପାଞ୍ଚ ତାରିଖ ଦିନଠାରୁ ବିଗୁର ସଭା ଆରମ୍ଭ କରିଦେଲୁ । ସଭାର ଉଦ୍ଦେଶ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ ପ୍ରସ୍ତାବିତ ଏବଂ କଂଗ୍ରେସଦ୍ୱାରା ଗୃହୀତ 'ଭାରତ ଛାଡ଼' ପ୍ରସ୍ତାବ କାର୍ଯ୍ୟାନ୍ୱିତ କରିବା । ତେଣୁ ଇଂରେଜ ସାମ୍ରାଜ୍ୟବାଦ-ବୃକ୍ଷର ସମୂଳୋ-ତ୍ପାଟନ ପାଇଁ ପ୍ରଥମେ ଷ୍ଟେଟ ସରକାରଗୁଡ଼ିକୁ ଏକଦମ ଧ୍ୱଂସ କରି ଦେଇ ଗାନ୍ଧିଜୀଙ୍କ କଳ୍ପିତ କୃଷି-ମୂଳକ ପଞ୍ଚାଏତ ରାଜ ସ୍ଥାପନ କରିବୁଁ । ପ୍ରଥମେ ତାଳଚେରର ସରକାରକୁ ନଷ୍ଟ କରି ସଙ୍ଗେ ସଙ୍ଗେ ବିଜୟୀ ସେନା ତିନି ଭାଗରେ ବିଭକ୍ତ ହୋଇଯିବେ । ଭାଗେ ନଦୀ ପାରି ହୋଇ ଢେଙ୍କା-ନାଳ ଅଭିଯାନରେ ଯିବେ, ଆଉ ଭାଗେ ପାଲଲହଡ଼ା ଆକ୍ରମଣ ଓ ଅଧିକାର କରି ବାମଣ୍ଡା ଏବଂ ବଣାଇରେ ତତ୍ପରତା ଦେଖାଇବେ । ଏକ ଭାଗ ତାଳଚେରକୁ ଶତ୍ରୁ ବ୍ରିଟିଶ ଜାତିର ପୁନର୍ବାର ଆକ୍ରମଣରୁ ରକ୍ଷା କରିବା ପାଇଁ ଷ୍ଟେଟ ଭିତରେ ମହଜୁଦ ରହିବେ । ସମସ୍ତ ଯେତିକ ବଢିଯାଉଥିବ, ସେତିକ ନୂତନ ନୂତନ କୃଷକ ବାହିନୀ ଶିକ୍ଷିତ ଓ ବର୍ଦ୍ଧିତ କରାଯାଇ ଅନ୍ୟାନ୍ୟ ଷ୍ଟେଟମାନଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ପ୍ରେରିତ ହେଉ-ଥିବେ । ବ୍ରିଟିଶ ଓଡ଼ିଶାରେ ଆନ୍ଦୋଳନ ଚଳାଉଥିବା ବ୍ୟକ୍ତିଙ୍କ ସଙ୍ଗେ ମଧ୍ୟ ସମ୍ପର୍କ ଓ ସହଯୋଗ ରଖାଯିବ । ଦରକାର ପଡ଼ିଲେ ସୈନ୍ୟ ଏବଂ ଅସ୍ତ୍ର-ଶସ୍ତ୍ରର ସାହାଯ୍ୟ ଦିଆଯିବ ।

ଏହା ଥିଲା ଉଦ୍ଦେଶ୍ୟ ଓ କଳ୍ପନା । କିନ୍ତୁ ଏଥିପାଇଁ ଅଶୃଙ୍ଖଳିତ ଜନତାକୁ ସୈନ୍ୟରୂପେ ବ୍ୟବହାର କରିବା ସପକ୍ଷରେ ମୁଁ ନ ଥିଲି । ମୋର କଳ୍ପନା ଥିଲା ଜନତା ଆମକୁ ପୂର୍ଣ୍ଣ ସହାନୁଭୂତି ଓ ସହଯୋଗ ଦେଖା-ଇବେ । ଜନତା ନିଜେ ପ୍ରତିନିଧିମୂଳକ ଅନୁଷ୍ଠାନ ବା ପଞ୍ଚାୟତ ନିର୍ବାଚନ କରି ନବ ଅନୁଷ୍ଠିତ ସାମରିକ ସରକାରଙ୍କଦ୍ୱାରା ନିଯୁକ୍ତ ଅସ୍ଥାୟୀ ସିଭିଲ ଅଫିସରଙ୍କର ନିର୍ଦ୍ଦେଶ ଓ ତତ୍ତ୍ୱାବଧାନକ୍ରମେ ନିଜକୁ ଶାସନ କରିବେ ।

Digitized by PPRACHIN, SOA

ଆକ୍ରମଣ ଉଦ୍ଦେଶ୍ୟରେ ତାଳଚେର ଓ ପାଲଲହଡ଼ାରୁ ସଙ୍ଗେ ସଙ୍ଗେ ପନ୍ଦର ଶହ ସ୍ୱେଚ୍ଛାସେବକ ସୈନ୍ୟ ସଂଗ୍ରହ କରିବାର ଖବର ଆହୂତ ଓ ନମନ୍ତ୍ରିତ ନେତା ଓ କର୍ମୀମାନେ ଆନନ୍ଦ ସହକାରେ ମୁଣ୍ଡାଇଲେ । ଏ ପନ୍ଦର ଶହ ସୈନ୍ୟଙ୍କର ଖାଦ୍ୟପାନୀୟର ବନ୍ଦୋବସ୍ତ ପାଇଁ ପାଞ୍ଚଶହ ଅଧିକା ସ୍ୱୟଂସେବକ ସୈନ୍ୟ ପ୍ରସ୍ତୁତ ହେଲେ । ଖଣ୍ଡ ଯୁଦ୍ଧ ବା ଗରିଲା ଯୁଦ୍ଧ ମାଡରେ ଯୁଦ୍ଧ ଚଳାଇବା ପନ୍ଥା ସ୍ଥିର ହେଲା । ପନ୍ଦର ତାରିଖ ବା ତା ପରେ ଯେ କୌଣସି ଦିନ ଆକ୍ରମଣ କରିବାର ସମୟ ଠିକ୍ ହେଲା । ଆକ୍ର-ମଣ କରିବା ପୂର୍ବରୁ ସ୍ଥାନୀୟ ଏବଂ ଦେଶୀୟ ଲଭ୍ୟ ସମସ୍ତ ପ୍ରକାର ଅସ୍ତ୍ର ଶସ୍ତ୍ର ସଂଗ୍ରହର ଚେଷ୍ଟା କରାଗଲା । ଇତିମଧ୍ୟରେ ଗୁରୁତାରିଖ ଦିନ ସନ୍ଧ୍ୟା ସମୟଠାରୁ ବ୍ୟୋମଯାନ ନିରୀକ୍ଷଣ କାର୍ଯ୍ୟରେ ଦିନରାତି ତତ୍ପର ଥାଏ ।

ଜର୍ଜରିତ ଜନତାର ଅଶାସନୀୟ ଉଚ୍ଛୃଙ୍ଖଳତା ସମ୍ମୁଖରେ ନତମସ୍ତକ

ପରଦିନ ସକାଳେ ଅର୍ଥାତ ସେପ୍ଟେମ୍ବର ଛଅ ତାରିଖ ଦିନ ପ୍ରଜାମଣ୍ଡଳର ଉପଦେଷ୍ଟା ଓ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଗୌରୀଶଙ୍କର, ବଳଭଦ୍ର ଚରଣ ଓ କାଳନ୍ଦୀଚନ୍ଦ୍ର ପ୍ରଧାନମାନଙ୍କ ସହ ଆଉ ୭୨ ଜଣ ବିଶିଷ୍ଟ କର୍ମୀ କ୍ୟାମ୍ପରେ ଉପସ୍ଥିତ ହେଲେ । ସେମାନଙ୍କୁ ମଧ୍ୟ ପୂର୍ବଦିନ ସଭାର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ବୁଝାଇ ଦିଆଗଲା । ସେମାନେ ତାହା ଖୋଲି ଅଣା କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରଫୁଲ୍ଲଚିତ୍ତରେ ପ୍ରତିଶ୍ରୁତି ଦେଲେ । କିନ୍ତୁ ତିନ ତାରିଖ ଦିନ କୁମୁଣ୍ଡା ସଭାରେ ପ୍ରଜାମଣ୍ଡଳ ସମାନ୍ତରାଳ ସରକାର ସ୍ଥାପନ କରି ଏକ ପ୍ରସ୍ତାବ ପାସ କରିଥିଲେ ଯେ, ଛଅ ତାରିଖ ଦିନ ରାତିରେ ଜନତା ତାଳଚେର ଟାଉନ ଆକ୍ରମଣ କରି ସରକାରକୁ ଧ୍ୱଂସ କରିବ । ଅନେକ ଅଞ୍ଚଳରେ ଏ ସମ୍ପର୍କରେ ସ୍ଥିର ହୋଇ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା । ଜନତା ସେ ଦିନ ରାତିରେ ତାଳଚେର ଟାଉନ ଆକ୍ରମଣ କରିବା ପାଇଁ ଉଚ୍ଛୃଙ୍ଖଳ ଓ ଉଦ୍‌ବିଗ୍ନ ଥିଲା । ଏ ପ୍ରସ୍ତାବ ବନ୍ଦ କରିବାକୁ ମୁଁ ସ୍ଥିର କଲି ; କାରଣ ଅସଂଗଠିତ ଓ ଅଶୃଙ୍ଖଳିତ ଜନତା ଗୁଳିବର୍ଷଣ ଓ ବ୍ୟୋମଯାନରୁ ବୋମାବର୍ଷଣରେ ନିଶ୍ଚୟ ଛତ୍ରଭଙ୍ଗ ହେବ ବୋଲି ମୁଁ ଭାବିଥିଲି । ଫଳତଃ ଶତ୍ରୁ ଜିତିଯିବ । ଜନତା ଥରେ ଛତ୍ରଭଙ୍ଗ

Digitized by PPRACHIN, SOA

ହେଲେ, ପୁନର୍ବାର ତାକୁ ସଂଗଠିତ କରିବା ନିତାନ୍ତ ଦୁରୂହ ଓ କଠିନ ହେବ । ଶତ୍ରୁ ଥରେ ଜିତିଗଲେ ବିଜୟମଦରେ ଅନ୍ଧ ଓ ଉନ୍ମତ୍ତ ହୋଇ ଏପରି ପାଶବିକ ଅତ୍ୟାଚାର କରିବ, ଯା ଫଳରେ ଜନତା ହୃଦୟରେ ନୈତିକ ଦୁର୍ବଳତା ଆସିଯିବ । ଏହି ଆଶଙ୍କାରୁ ଜନତାକୁ ନେଇ ଆକ୍ରମଣ କରିବା କଳ୍ପନାକୁ ମୁଁ କାର୍ଯ୍ୟାନ୍ୱିତ କରାଇ ନ ଦେବାକୁ ଦୃଢ଼ପ୍ରତିଜ୍ଞ ହେଲି । କିନ୍ତୁ ଗୌରୀଶଙ୍କର ବାବୁଙ୍କ ବ୍ୟତୀତ ଅନ୍ୟ ସମସ୍ତ ସେହି ଦିନ ରାତିରେ ଆକ୍ରମଣ କରିବାକୁ ଅନୁମତି ଦେବାପାଇଁ ମୋତେ ସାନୁନୟ ଅନୁରୋଧ ଓ ପ୍ରାର୍ଥନା କଲେ । ମୁଁ ମଧ୍ୟ ଶୁଣିଲି ଏବଂ ଦେଖିଲି ଜନତା ଏତେଦୂର ଉତ୍‌କ୍ଷିପ୍ତ ହୋଇଥିଲେ ଯେ, ଯେଉଁ ବ୍ୟକ୍ତି ସେମାନଙ୍କର ୭ ତାରିଖ ଆକ୍ରମଣରେ ବାଧା ଦେବ, ସେ ଭୀରୁ, କାପୁରୁଷ ଏବଂ ସରକାରର ଦଲାଲ ବୋଲି ଲୋକେ ସନ୍ଦେହ କରି ତାକୁ ମାରିଦେବାକୁ ଦ୍ୱିଧା କରିବେ ନାହିଁ । ଷ୍ଟେଟ୍‌ର ଚତୁର୍ଦ୍ଦିଗରୁ ଖବର ପାଇଲି ଯେ, ଲୋକେ ପ୍ରତ୍ୟେକେ ନିଜ ନିଜର ନେତା ହୋଇ ଛାମ୍ପି, ବାଡ଼ି ଏବଂ ଅସ୍ତ୍ର ଶସ୍ତ୍ର ଓ ଖାଦ୍ୟସହ ପ୍ରସ୍ତୁତ । ୭ ତାରିଖ ଦିନ ପ୍ରତ୍ୟେକ ଅଞ୍ଚଳର ଲୋକ ମୋତେ ବାଧ୍ୟ କଲେ ଯେ, ମୁଁ ଜନତାକୁ ସେମାନଙ୍କର ଈପ୍‌ସିତ ଆକ୍ରମଣ ପାଇଁ ଅନୁମତି ଓ ଉପଦେଶ ଦେବି । ବ୍ୟୋମଯାନ ଉଡ଼ୁଥିବା ସତ୍ତ୍ୱେ, ବ୍ୟୋମଯାନରୁ ବୋମା ପଡ଼ିବ ବୋଲି ଜାଣୁଥିବା ସତ୍ତ୍ୱେ ପ୍ରଜାମାନେ ପ୍ରାଣବଳି ଦେବାକୁ ବ୍ୟଗ୍ର ଏବଂ ନିର୍ଭୟ । ସଠିକ ଖବର ଶୁଣିଲି ଯେ, ପ୍ରତ୍ୟେକ ବ୍ୟକ୍ତି ବଂଶରକ୍ଷା ନିମନ୍ତେ ଗୋଟିଏ ମାତ୍ର ପୁଅ ଘରେ ରଖି ବାକି ଯୁବକ ପୁଅମାନଙ୍କୁ ତାଳଚେର ଟାଉନ ଆକ୍ରମଣ କରିବାକୁ ଖୁସିରେ ପଠାଇଦେଉଛନ୍ତି । କିନ୍ତୁ ୧୫ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କେହି ରାଜି ନୁହନ୍ତି ।

ପ୍ରଜାମଣ୍ଡଳ କର୍ମୀ ଓ ଜନନେତାମାନଙ୍କ ମୁଖରୁ ଏକଥା ଶୁଣି ସ୍ଥିର କଲି ଯେ, ଯଦି ଜନତା ମରିବା ଏବଂ ମାରିବା ପାଇଁ ବ୍ୟଗ୍ର ଓ ବ୍ୟାକୁଳ, ତେବେ ୭ ତାରିଖ ରାତି କିମ୍ବା ୮ ତାରିଖ ରାତିରେ ଆକ୍ରମଣ ହେଉ । କିନ୍ତୁ ମୁଁ ନିଜେ ଜନତାକୁ ଚଳାଇବାକୁ ଇଚ୍ଛା ପ୍ରକାଶ କଲି । ମୁଁ ନିଜେ ଚଳାଇବା କଥା ଶୁଣି ସମସ୍ତ ନେତା, କର୍ମକର୍ତ୍ତା ଓ ସ୍ୱେଚ୍ଛାସେବକମାନେ ମର୍ମାହତ ଓ ଦୁଃଖିତ ହେଲେ । ମୁଁ ପ୍ରକାଶିତ ନ ହୁଏ, ଏହା ସେମାନଙ୍କର ଇଚ୍ଛା ; କାରଣ ମୋର ଅସ୍ତିତ୍ୱ ଜାଣିଲାକ୍ଷଣି ସରକାର ଯେ କୌଣସି କ୍ଷତି

Digitized by PPRACHIN, SOA

ଏବଂ ବିପଦର ସମ୍ମୁଖୀନ ହୋଇ ମୋତେ ହୁଏତ ଗିରଫ୍‌ଦାର କରିବ କିମ୍ବା ମାରିଦେବ । ସେତେବେଳକୁ ମଧ୍ୟ ସରକାର ହୁକୁମ କରି ସାରିଥିଲି ଯେ, ଯେଉଁ ବ୍ୟକ୍ତି ମୋତେ ଜୀଅନ୍ତା ଗିରଫ୍‌ଦାର କରିନେଇ ଦେବ କିମ୍ବା ମୁଣ୍ଡ କାଟିନେଇ ଦେବ, ସେ ପାଞ୍ଚହଜାର ଟଙ୍କା, ପାଞ୍ଚଶତ ମାଣ ଜମି ଏବଂ ପାଞ୍ଚଖଣ୍ଡ ଗ୍ରାମର ସର୍ବରାକାରସହ ବଡ଼ ବଡ଼ ପଦ ଓ ଉପାଧିମାନ ପାଇବ । ସରକାରୀ ଗୋଇନ୍ଦା ବୁଲୁଥାନ୍ତି ଏବଂ ଜନତା ମଧ୍ୟରେ ପଶି ଆଗଭର ହୋଇ କାମ କରୁଥାନ୍ତି । କର୍ମକର୍ତ୍ତା ଓ ନେତାମାନେ ଆଶଙ୍କା କଲେ ଯେ, ମୁଁ ଯଦି ଧରାହୁଏ କିମ୍ବା ମରିଯାଏ, ତାଳଚେର ତଥା ଗଡ଼ଜାତମାନଙ୍କର ଅପୂରଣୀୟ କ୍ଷତି ହେବ । ଆଉ ମଧ୍ୟ ସେମାନେ କାରଣ ଦେଖାଇଲେ ଯେ, ମୁଁ ଜୀବିତ ଅଛି ବୋଲି ଜନତା ଜାଣିଲକ୍ଷଣି ଜନତାର ଧ୍ୟାନ ଓ ଦୃଷ୍ଟି ମୋର ଦର୍ଶନ ପ୍ରତି ଆକୃଷ୍ଟ ହେବ । ପ୍ରତିହିଂସାଜନିତ ଉଚ୍ଛୃଙ୍ଖଳତା ସହିତ ବୋମା ବ୍ୟୋମଯାନର ସମ୍ମୁଖୀନ ହୋଇ ସରକାରକୁ ଧ୍ୱଂସ କରିବାର ସାହସ ଓ ଉତ୍ସାହ କମିଯିବ । ତେଣୁ ମୁଁ ଯୁଦ୍ଧକ୍ଷେତ୍ରକୁ ନିଜେ ନ ଯାଇ ମୋର ସହକର୍ମୀମାନଙ୍କୁ ଆକ୍ରମଣ କାର୍ଯ୍ୟରେ ନିଯୁକ୍ତ କରିବାପାଇଁ ମୋତେ ନେତା ଏବଂ କର୍ମୀମାନେ ସବିନୟ ଅନୁରୋଧ କଲେ ।

ମୁଁ ମଧ୍ୟ ଦେଖିଲି କର୍ମକର୍ତ୍ତା, ମୁଖ୍ୟବ୍ୟକ୍ତି ଏବଂ କେତେକ ସ୍ୱେଚ୍ଛାସେବକଙ୍କ ଆପତ୍ତି ଓ ଅନୁରୋଧ ଅଯୌକ୍ତିକ ନୁହେ । ଏଥିରେ ମଧ୍ୟ ମନୋବିଜ୍ଞାନ ଭିତରେ ଅଭାବ ନାହିଁ । ବାସ୍ତବିକ ଜନତା ଯଦି ଜାଣେ ଯେ ମୁଁ ଜୀବିତ, ତେବେ ନିଶ୍ଚୟ ସେମାନଙ୍କ ପ୍ରତିହିଂସା ବହ୍ନି ଅନେକ ପରିମାଣରେ ନିର୍ବାପିତ ହେବ । ମୋର ଧରା ପଡ଼ିବାର ମଧ୍ୟ ବଡ଼ ସମ୍ଭାବନା ଥିଲା । ମୁଁ ଯଦି ଧରା ପଡ଼ିଯାଏ, କିମ୍ବା ହତ ହୁଏ ଏବଂ ସଙ୍ଗେ ସଙ୍ଗେ ଯଦି ଲୋକଙ୍କର ଉତ୍ସାହ କମିଯାଏ ଏବଂ ଅତ୍ୟାଚାରର ବଶତଃ ଯଦି ସେମାନଙ୍କର ନୈତିକ ଦୁର୍ବଳତା ଆସିଯାଏ, ତେବେ ଭବିଷ୍ୟତର ସମଗ୍ର ଓଡ଼ିଶା ପାଇଁ କଳ୍ପିତ ଆନ୍ଦୋଳନ ଚଳାଇପାରିବୁ ନାହିଁ । ଏହି ସବୁ ବିଷୟରୁ ମୁଁ ନିଜେ ଯୁଦ୍ଧକ୍ଷେତ୍ରକୁ ନ ଯିବାକୁ ସ୍ଥିର କଲି । ସେଦିନ ରବି କିମ୍ବା ୭ ତାରିଖ ରବିରେ ତାଳଚେର ରାଜଦୁର୍ଗ ଘେରାଉ ଓ ଆକ୍ରମଣ କରିବାକୁ ଅନୁମତି ଦେଲି । ସଙ୍ଗେ ସଙ୍ଗେ ମଧ୍ୟ ମହାତ୍ମାଜୀଙ୍କ କଳ୍ପିତ କୃଷିମୂଳଆର ପଞ୍ଚାୟତ-ଶାସନମୂଳକ ଗ୍ରାମରାଜ୍ୟ ସରକାରର ଏକ ପୂର୍ଣ୍ଣ ଯୋଜନା ବୁଝାଇଦେଲି । ଏହି

Digitized by PPRACHIN, SOA

ଯୋଜନା ପ୍ରତ୍ୟେକ ଗ୍ରାମରେ କାର୍ଯ୍ୟକାରୀ ହୋଇଥିଲା । ଏ ପରିବର୍ତ୍ତିତ ଏବଂ ଗୋଳମାଳିଆ ସମୟରେ ଅରାଜକତା ଯେପରି ନ ହୁଏ, ସେଥିପ୍ରତି ବିଶେଷ ଉପଦେଶ ଏବଂ ବ୍ୟକ୍ତିଗତ ନଜର ମଧ୍ୟ ଦିଆଯାଇଥିଲା । ପରବର୍ତ୍ତୀ ପାରାଗ୍ରାଫମାନଙ୍କରୁ ଏ ପଞ୍ଚାୟତ ଶାସନଯୋଜନାର ଆଭାସ ମିଳିବ ।

ଜନତାର ଆନନ୍ଦ

ମିଲିଟାରୀଦ୍ୱାରା ସୁରକ୍ଷିତ ତାଳଚେର ରାଜବାଟୀ ଓ ରାଜ-ଅଫିସ ଆକ୍ରମଣ ପାଇଁ ଜନତାକୁ ଅନୁମତି ମିଳିଗଲା । ସଙ୍ଗେ ସଙ୍ଗେ ନେତା ଓ କର୍ମୀମାନେ ନିଜ ନିଜ ଅଞ୍ଚଳକୁ ଅଭିଯାନ ଉଦ୍ଦେଶ୍ୟରେ ପ୍ରସ୍ଥାନ କଲେ । ଆଜି ଜନତା ପକ୍ଷେ ଆନନ୍ଦର ସୀମା ନାହିଁ, ପରିତୃପ୍ତିର ଅବସାଦ ନାହିଁ, ଉତ୍ସାହର ପରିସର ନାହିଁ ; କାରଣ ୧୯୩୮ ଠାରୁ ତାଳଚେର ପ୍ରଜାକୁଳ ସର୍ବଦା ସଫଳୀଭୂତ ଅହିଂସ ଆନ୍ଦୋଳନ ଚଳାଇ ଆସିଛନ୍ତି । ପ୍ରଜାଙ୍କର ଅହିଂସ ନୀତିର ସୁଯୋଗ ନେଇ ସରକାରୀ ଅଫିସର ଓ ଗୁମାସ୍ତାମାନେ ପ୍ରଜାଙ୍କପ୍ରତି ଯଥେଚ୍ଛ ଅତ୍ୟାଚାର କରିଅଛନ୍ତି । ନୀତି ଓ ପନ୍ଥା ଅହିଂସ ଥିବାରୁ ପ୍ରଜାମାନେ ଦରବାରଙ୍କର ସମସ୍ତ ଅମାନୁଷିକ ଅତ୍ୟାଚାର ଓ ପାଶବିକ ନିର୍ଯାତନା ନୀରବରେ ସହ୍ୟ କରିଛନ୍ତି । କିନ୍ତୁ 'ଭାରତ ଛାଡ଼' ଆନ୍ଦୋଳନର ନୀତି ଓ ପନ୍ଥା କଂଗ୍ରେସର ଚିରାଚରିତ ନୀତି ଓ ପନ୍ଥାଠାରୁ ସଂପୂର୍ଣ୍ଣ ପୃଥକ । ଏପରି କି ଆତ୍ମରକ୍ଷା ନିମନ୍ତେ ଆକ୍ରମଣକାରୀ ପୋଲିସ, ମିଲିଟାରୀ କିମ୍ବା ଶତ୍ରୁର ଦଲାଲକୁ ଜୀବନରେ ମାରି ଦେବାକୁ ଅନୁମତି ମିଳିଛି । ଏଥର ବିଦ୍ରୋହରେ ଜନତା ସତ୍ୟାଗ୍ରହୀ ଓ ସ୍ୱୟଂସେବକ ସୈନ୍ୟମାନଙ୍କୁ ପାପିଷ୍ଠ ଏବଂ ଅତ୍ୟାଚାରୀ ଅଫିସରଙ୍କ ହାତରୁ ମାଡ଼ ଖାଇବାକୁ ହେବ ନାହିଁ ବରଂ ଓଲଟି ମାରିବାକୁ ହେବ । କଂଗ୍ରେସର ରଣଧ୍ୱନି ଥିଲା 'ଭାରତ • ଛାଡ଼', 'କର ବା ମର' ଇତ୍ୟାଦି । ଜନତା ତାହା ବୁଝିଲା ଏବଂ ଠିକ୍ କରି ବୁଝିଲା । ତେଣୁ ଉହା ଦେଲା 'ଭାରତରୁ ତଡ଼' (drive out from India) 'ମାରିବା ମରିବା' କିନ୍ତୁ ମରିବା ପୂର୍ବରୁ ମାରିବା ।

Digitized by PPRACHIN, SOA

ଅଭିଯାନ

ଗ୍ରାମେ ଗ୍ରାମେ ସ୍ୱାଧୀନ ପଞ୍ଚାୟତ ଶାସନ ସ୍ଥାପନ କରି କୃଷକ ସେନା ତାଳଚେର ରାଜଧାନୀ ଓ ରାଜଅଫିସ-ହରଜପୁରରେ ଅଭିଯାନ କଲା । 'କରିବା ମରିବା', 'ମାରିବା ମରିବା' 'ଘରରୁ ଛଡ଼ିବା' 'ତାଳଚେରୁ ଛଡ଼ିବା' 'ରଜାକୁ ମାରିବା' 'କୃଷୀ ମୂଲିଆର ସରକାର କରିବା' ଇତ୍ୟାଦି ରଣ ହୁଙ୍କାରରେ ଉନ୍ମତ୍ତ ହୋଇ ଅଭିଯାନ ଆରମ୍ଭ ହେଲା । ରୀତି ହିସାବରେ ପ୍ରତ୍ୟେକ କୁଟୁମ୍ବରୁ ଅନ୍ୟୂନ ଏକ ଜଣ ପୁରୁଷ ବ୍ୟକ୍ତି ଯିବାର ନିୟମ ହୋଇଗଲା । ଅନେକ କ୍ଷେତ୍ରରେ ବଂଶରକ୍ଷା ନିମନ୍ତେ କେବଳ ମାତ୍ର ଏକ ଜଣ ପୁରୁଷ ବ୍ୟକ୍ତି ରହି ବାକି ସମସ୍ତେ ଯୁଦ୍ଧକ୍ଷେତ୍ରକୁ ଡେଇଁପଡ଼ିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ତିନ ଦିନ ପାଇଁ ଶୁଖିଲା ଖାଦ୍ୟ—ଚୂଡ଼ା, ମୁଢ଼ି, ଲିଆ, ବିଶେଷ କରି ଚାଉଳଭଜା ଗୁଣ୍ଡ ଏବଂ ଲୁଣ, ଖଟା ଓ ଲଙ୍କାମରିଚ—ନେବାକୁ ପଡ଼ିଲା । ଭାଦ୍ର ମାସ, ନଅଣ୍ଟିଆ ସମୟ । ସମସ୍ତଙ୍କ ଘରେ ଧାନ ଚାଉଳ ନ ଥିବାରୁ ଗ୍ରାମର କର୍ମକର୍ତ୍ତାମାନେ ଅଭାବଗ୍ରସ୍ତ ଲୋକମାନଙ୍କୁ ସଙ୍ଗେ ସଙ୍ଗେ ଧାନ ଏବଂ ଚାଉଳ ଯୋଗାଇଦେବାରୁ ଗରିବ ସୈନିକମାନେ ନିଜର ଖାଦ୍ୟ ବନ୍ଦୋବସ୍ତ କରିନେଲେ । ପ୍ରତ୍ୟେକ ସୈନିକକୁ ଖରା, ବର୍ଷା ଓ ନିଆଁ ଗୋଳିରୁ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ଝାମ୍ପି ଏବଂ ଆତ୍ମରକ୍ଷା ସକାଶେ ଖୁବ୍ କମ୍‌ରେ ଗୋଟିଏ ଲେଖାଏଁ ଲାଠି ନେବାକୁ ହେଲା । ଏତଦ୍ ବ୍ୟତୀତ ଯାହା ଅସ୍ତ୍ର ଶସ୍ତ୍ର ଥିଲା, ତାହା ମଧ୍ୟ ନେଇ କରି ଗଲା । ପ୍ରତ୍ୟେକ ଗ୍ରାମରେ ଜଣେ ଜଣେ ହାବିଲଦାର, ପ୍ରତ୍ୟେକ ଚାରି ପାଞ୍ଚ ଗ୍ରାମରେ ଜଣେ ଜଣେ ବ୍ରିଗେଡ଼ିଅର ଏବଂ ପ୍ରତ୍ୟେକ ପ୍ରଗଣାପାଇଁ ଜଣେ କିମ୍ବା ଦୁଇ ଜଣ ଉପସେନାପତି ନିଯୁକ୍ତ ହେଲେ । ସମଗ୍ର ଷ୍ଟେଟପାଇଁ ଜଣେ ଡିରେକ୍ଟର ଓ ପ୍ରଧାନ ସେନାପତି (ଶ୍ରୀ ବିଚ୍ଛନ୍ଦ ପ୍ରଧାନ) ମନୋନୀତ ହେଲେ । ଏମାନଙ୍କର ମୃତ୍ୟୁ କିମ୍ବା କ୍ଷତ ବିକ୍ଷତ ଅବସ୍ଥାରେ ସ୍ଥାନ ପୂରଣ ପାଇଁ କେତେକ ବ୍ୟକ୍ତିଙ୍କର ନାମ ନେଇ ଗୋଟିଏ ତାଲିକା ପ୍ରସ୍ତୁତ ହୋଇଥିଲା । ଆହତ ସୈନିକଙ୍କୁ ନେଇ ଆସିବା ପାଇଁ ରେଡ଼କ୍ରସ ବା ଯୁଦ୍ଧ ଡାକ୍ତରୀ ବିଭାଗ ଖୋଲାଯାଇଥିଲା । ଏ ଗଣ-ସେନାର ନାମ ଦିଆହେଲା ତାଳଚେର ପ୍ରଜା-ସେନା (militia) ।

Digitized by PPRACHIN, SOA

ଆଜ ତାଳଚେରର ପ୍ରତ୍ୟେକ ଘରେ ବୀର ପୂଜାର ଆନନ୍ଦ ଉତ୍ସବ ଖେଳି ଉଠୁଛି ; ଶକ୍ତି ଆରାଧନାର ଭକ୍ତି ଓ ହର୍ଷମିଶ୍ରିତ ପର୍ବ ପାଳିତ ହେଉଛି । ହିନ୍ଦୁ ଭାରତରେ ଯୁଦ୍ଧ କ୍ଷେତ୍ରକୁ ଯିବା ପୂର୍ବରୁ ଯୋଦ୍ଧା କମ୍ବା ସୈନିକ ଘରେ ଯେସବୁ ବିଧିବିଧାନ ଓ ପୂଜା ସମ୍ପାଦିତ ହୁଏ, ସେସବୁ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଘରେ ତୋରଣ ଏବଂ ଦଧିମାଛ ସହ ପୂର୍ଣ୍ଣକୁମ୍ଭ ସ୍ଥାପିତ । ଧୂପ, ଦୀପ ଏବଂ ନୈବେଦ୍ୟ ବିଶିଷ୍ଟ ଅର୍ଘ୍ୟଥାଳି ହାତରେ ଧରି ମା ପୁଅକୁ, ଭଉଣୀ ଭାଇକୁ ଏବଂ ସ୍ତ୍ରୀ ସ୍ୱାମୀକୁ ପୁଷ୍ପ ଚନ୍ଦନରେ ସୁଶୋଭିତ ଓ ମସ୍ତକରେ ସିନ୍ଦୂର ଟୀକା ଲେପନ କରି ବୀର ରମଣୀ ରୂପେ ହସି ହସି ବିଦାୟ ଦେଉଛି । ଗଣସେନା ଲଠି, ବାଡ଼ି, ଟାଙ୍ଗୀ, ଟାଙ୍ଗିଆ, ଫାର୍ସା, ଖଣ୍ଡା, ତରବାରି, ଭାଲ୍, ବର୍ଚ୍ଛା, ଏକମୁନା, ଗୁପ୍ତି, ଧନୁ, ଶର, ବାଟୁଳଖଡ଼ା, ଗୁଖୁଣି, ବନ୍ଧୁକ ଓ ଡିନାମାଇଟ ପ୍ରଭୃତି ଅସ୍ତ୍ର ଶସ୍ତ୍ର ଧାରଣ କରି ଏବଂ ଛୁଣ୍ଡାକନା, ଝୋଟ, କିରାସିନ, ପେଟ୍ରୋଲ, କୋଡ଼, ଖଣତି ଓ ଶାବଳ ସଙ୍ଗରେ ନେଇ ଯାତ୍ରା କଲେ । ଘଣ୍ଟା, ଶଙ୍ଖ, ବୀରକାହାଳି ଓ ବାଦ୍ୟର ରଣନାଦ ଏବଂ 'ହରି-ବୋଲ' 'ହୁଳହୁଳି'ର ସୁଲଳିତ କୋରସ ଧ୍ୱନି ମଧ୍ୟରେ 'ଭାରତ ଛାଡ଼' 'ଭାରତୁ ତଡ଼', 'କର ମାର' ଏବଂ 'ମାର ମର' ଇତ୍ୟାଦି ରଣଧ୍ୱନି ଓ ପାଏକ କୁହାଟରେ ଆକାଶ ନିନାଦିତ କରି ତାଳଚେରର ଜନସେନା ଶତ୍ରୁ ସଂହାରପୂର୍ବକ ବ୍ରିଟିଶ ବୋମା ବ୍ୟୋମଯାନଦ୍ୱାରା ସୁରକ୍ଷିତ ବୈରୀର ସୁଦୃଢ଼ ଦୁର୍ଗ ତାଳଚେର ଟାଉନ ବିଜୟପୁରରେ ଅଭିଯାନ କଲି ।

କୃଷୀ ମୂଳଆର ପଞ୍ଚାୟତ ସରକାର ସ୍ଥାପନ

ତାଳଚେରରେ ଅଗଷ୍ଟ ୩୧ ତାରିଖଠାରୁ ବସ୍ତୁତଃ ରାଜ ଶାସନ ନ ଥିଲା । ପ୍ରଜାମଣ୍ଡଳ କମିଟିମାନେ ପ୍ରତ୍ୟେକ ଗ୍ରାମ ଓ ପ୍ରଗଣାରେ ସରକାରର ସ୍ଥାନ ପୂରଣ କରିଥିଲେ । ତଥାପି ଗ୍ରାମମାନଙ୍କରେ ସରକାରୀ କର୍ମଚାରୀ ଓ ଏଜେଣ୍ଟମାନେ ଅଫିସ ଧରି ପଙ୍ଗୁ ହୋଇ ବସିଥାନ୍ତି । କିନ୍ତୁ ଏ ପଙ୍ଗୁ ଅଫିସ ମଧ୍ୟ ରଖାଇ ନଦେବାର ସ୍ଥିର ହେଲା । ୧୯୩୮ ଠାରୁ ତାଳଚେର ପ୍ରଜାମଣ୍ଡଳ ତାଳଚେର ଦରବାରରେ ସମାନ୍ତର ସରକାର ପ୍ରତ୍ୟେକ ଗ୍ରାମ ଏବଂ କେନ୍ଦ୍ର ପାଇଁ ଗଣତାନ୍ତ୍ରିକ ନୀତି ଅନୁସାରେ ସ୍ଥାପନ କରି ଆସିଥିଲା । ଗ୍ରାମମାନଙ୍କରେ ସରକାରଙ୍କର ଶତକଡ଼ା ଏକ ଜଣ ସୁଦ୍ଧା ଲୋକ ନ

Digitized by PPRACHIN, SOA

ଥିବାରୁ ପ୍ରଜାମଣ୍ଡଳର ଉକ୍ତ ସମାନ୍ତର ସରକାରର ଅଙ୍ଗଗୁଡ଼ିକ ପ୍ରଜାଙ୍କର ବାସ୍ତବ ପ୍ରତିନିଧିମୂଳକ ଅନୁଷ୍ଠାନ ବୋଲି କହିବା ଆଦୌ ବାହୁଲ୍ୟ ନୁହେ ।

ଆଜି ତାଳଚେରରେ ଯେପରି ଅବସ୍ଥା, ତାକୁ ସମ୍ଭାଳିବା ପାଇଁ ଠାଣୁଆ ପ୍ରଜା ପ୍ରତିନିଧି ସରକାର ନହେଲେ ଗୁଣ୍ଡା, ଡକାଏତ ଏବଂ ଅବାଞ୍ଛନୀୟ ବ୍ୟକ୍ତିମାନେ ନିଜ ସ୍ୱାର୍ଥସିଦ୍ଧି ନିମନ୍ତେ ଲୋକଙ୍କ ଅନୁପସ୍ଥିତିରେ ଗୁଣ୍ଡା ଡକାୟତି କରିପାରନ୍ତି । ଏହି ଆଶଙ୍କାରେ ଗ୍ରାମମାନ ଛାଡ଼ି ଅଭି-ଯାନରେ ଯିବା ପୂର୍ବରୁ ଗ୍ରାମରକ୍ଷାର ସୁବନ୍ଦୋବସ୍ତ କରାଗଲା । କିନ୍ତୁ ଆଶଙ୍କାର କାରଣ ନ ଥିଲା, ଯେହେତୁ ପ୍ରଜାମଣ୍ଡଳ ଏବଂ ପ୍ରଜାଶକ୍ତିର ଭୟରେ କେହି ବେସାମାଜିକ କାର୍ଯ୍ୟ କରିବାକୁ ସାହସ କରି ନ ଥିଲେ ।

ଯେତେଦିନ ପର୍ଯ୍ୟନ୍ତ ତାଳଚେର ଦରବାରଙ୍କର କୌଣସି ଚିହ୍ନ ଥିବ, ସେତେଦିନ ପର୍ଯ୍ୟନ୍ତ ନୂତନ ସ୍ଥାପିତ ପ୍ରଜା ଶାସନର କୌଣସି ମହତ୍ତ୍ୱ ରହିବ ନାହିଁ । ଏହି ଉଦ୍ଦେଶ୍ୟରେ ଗ୍ରାମମାନଙ୍କରୁ ସମସ୍ତ ସରକାରୀ ଏଜେ-ନ୍‌ସି, ପ୍ରତିନିଧି, ଅଫିସ ଓ କାଗଜପତ୍ର ଏବଂ ଚିହ୍ନ ସୁଦ୍ଧା ନଷ୍ଟ କରିଦିଆଗଲା । ଗ୍ରାମର ସର୍ବରାକାର, ଚୌକିଦାର, ଦଫାଦାର, ବ୍ଳକ ଅଫିସର ଓ ସର୍କଲ ଅଫିସରମାନଙ୍କଠାରୁ ସମସ୍ତ ସରକାରୀ କାଗଜପତ୍ର ଛଡ଼ାଇ ନେବାର ହୁକୁମ ବାହାରୁ ନ ବାହାରୁଣୁ ଉକ୍ତ ଅଫିସରମାନେ ପ୍ରତ୍ୟେକେ ନିଜ ନିଜ ପୋଷାକ, ବ୍ୟାଜ ଓ କାଗଜପତ୍ର ପ୍ରଜାମଣ୍ଡଳ ସରକାରରେ ଦାଖଲ କରି ନିଜ ହାତରେ ପୋଡ଼ିଦେଲେ । ମଫସଲରେ ଥିବା ପୋଲିସ, ଫରେଷ୍ଟ, ଅବକାରୀ ଓ ରେଭିନିଉ ବିଭାଗର ଅଫିସରମାନେ ମଧ୍ୟ ବିନା ଅର୍ଡ଼ରରେ ସେମାନଙ୍କର ପୋଷାକ, କାଗଜପତ୍ର ଓ ବ୍ୟାଜ ଇତ୍ୟାଦି ମଧ୍ୟ ସର୍ବସମ୍ମୁଖରେ ଜାଳିଦେଲେ । ଏ ସମସ୍ତ ଅଫିସର ରାଜସରକାରକୁ ଛାଡ଼ି ପ୍ରଜାମଣ୍ଡଳ ସରକାରକୁ ସ୍ୱୀକାର କଲେ ବୋଲି ତମ୍ବା, ତୁଳସୀ ଓ ଶାଳଗ୍ରାମ ଧରି ଶପଥ ଗ୍ରହଣ କଲେ । ଶିପୁର ଗ୍ରାମର ସରକାରୀ ତରଫର ଗଡ଼ନାୟକ ପ୍ରଜାମଣ୍ଡଳର ନୂତନ ସରକାରକୁ ସ୍ୱୀକାର ନ କରିବାରୁ ଜନତାଦ୍ୱାରା ରାଜଦ୍ରୋହ ଅପରାଧରେ ପ୍ରାଣଦଣ୍ଡ ପାଇଲା । ସରକାରୀ ବେସରକାରୀ ଯେ କୌଣସି ବ୍ୟକ୍ତିଠାରେ ଯେତେ ବନ୍ଧୁକ ଥିଲା, ସେ ସବୁ ମଧ୍ୟ ପ୍ରଜାମଣ୍ଡଳର

Digitized by PPRACHIN, SOA

ମିଲିଟାରୀ କମାଣ୍ଡରମାନଙ୍କଠାରେ ଦାଖଲ କରାଗଲା । କେତେକ ବ୍ୟକ୍ତି ୧୯୩୮ଠାରୁ ତାଳଚେର ଦରବାରଙ୍କ ତରଫରେ ଥାଇ ପ୍ରଜାଙ୍କ ବିରୁଦ୍ଧରେ ଖଟମିଛ କହୁଥିବାରୁ ସେମାନେ ତାଙ୍କର ଦୋଷର ଦଣ୍ଡ ସ୍ୱରୂପ ନୂତନ ସରକାରଙ୍କୁ ଅର୍ଥଦାନପୂର୍ବକ ଦୋଷମୁକ୍ତ ହେଲେ ଏବଂ ନୂତନ ସରକାରଙ୍କ ଶେଇଦା ହେବାକୁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ନୂତନ ସରକାର ସେମାନଙ୍କୁ ଗ୍ରହଣ କଲେ ନାହିଁ । ପ୍ରତ୍ୟେକ ଗ୍ରାମରେ ଥିବା ସରକାରୀ ଘର, ଡାକବଙ୍ଗଳା, ପୋଲିସ ଷ୍ଟେସନ, ଥାନା, ହାଟଘର, ଫରେଷ୍ଟ ଅଫିସ କ୍ୱାର୍ଟର ସବୁ ପୋଡ଼ିଦିଆଗଲା । କୃଷୀମୂଲିଆର ନୂତନ ପଞ୍ଚାୟତ ଶାସନକୁ ଦୃଢ଼ୀଭୂତ ଓ ଶତ୍ରୁ ଆକ୍ରମଣରୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଶତ୍ରୁର ଗତିରୋଧ କରିବାକୁ ପୁରୀ-ତାଳଚେର ରେଲ ଲାଇନ କେତେ ମାଇଲ ପର୍ଯ୍ୟନ୍ତ ଏପରି ସଂପୂର୍ଣ୍ଣ ଭାବେ ନଷ୍ଟ କରିଦିଆଗଲା ଯେ ଅନେକ ଦିନ ପର୍ଯ୍ୟନ୍ତ ତାଳଚେରକୁ ରେଳଗାଡ଼ି ଯିବା ଆସିବା ବନ୍ଦ ହୋଇଗଲା । ଷ୍ଟେଟ ଭିତରେ ଥିବା ସଡ଼କ ଏବଂ ପୋଲ ନଷ୍ଟ କରିଦିଆଗଲା । ଟେଲିଫୋନ ଏବଂ ଟେଲିଗ୍ରାଫ ତାର ମଧ୍ୟ କାଟିଦିଆଗଲା । ମଫସଲର ସମସ୍ତ ପୋଲିସ ଷ୍ଟେସନ ଓ କଣିଆ ସବ୍‌ଡିଭିଜନ ଅଧିକାର କରାଗଲା । ଏହି ପ୍ରକାରରେ ପୂର୍ବ ସରକାରର ସମସ୍ତ ଚିହ୍ନ ଓ କ୍ଷମତା ନଷ୍ଟ କରି ୪ ବର୍ଗମାଇଲ ବିଶିଷ୍ଟ ତାଳଚେରର କ୍ଷୁଦ୍ର ଟାଉନକୁ ଛାଡ଼ି ବାକି ସମଗ୍ର ତାଳଚେରରେ କୃଷୀ-ମୂଲିଆଙ୍କର ସେହି ପ୍ରଜାମଣ୍ଡଳ ସରକାର ସ୍ଥାପନ କରାଗଲା ।

ଏ ନୂତନ ସରକାରର ଉଦ୍ଦେଶ୍ୟ ଥିଲା କାହାରିକୁ ଲଙ୍ଗଳା, ଭୋକିଲା ଏବଂ ଗୃହହୀନ ନ ରଖିବା । ଜମି ଖଜଣା ନିତାନ୍ତ କମ କରିଦେବା, କୋଇଲା ଖଣି ଓଗେରରେ ମୂଲିଆର ମୂଲ ବଢ଼ାଇବା, ଯାହାକୁ କାମ ମିଳୁ-ନାହିଁ ତାହା ପାଇଁ ଯଦି ସମ୍ଭବ ହୁଏ ଜମି କିମ୍ବା କାମ ଯୋଗାଇ ଦେବା, ଖଣି ଏବଂ କଳକାରଖାନା କମ୍ପାନୀମାନଙ୍କୁ ନ ଦେଇ ନିଜ ସରକାରଙ୍କ-ଦ୍ୱାରା ଚଳାଇବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ପ୍ରଚୁର ବନ୍ଦୋବସ୍ତ କରିଦେବା ।

ସ୍ୱେଚ୍ଛା ଉକାଯୁକ୍ତ ଏବଂ ନୂତନ ସରକାର ପ୍ରତି ଅବମାନନା କରିବା ବ୍ୟକ୍ତିକୁ ସମୁଚିତ ଶାସ୍ତି ଦେବାପାଇଁ ନୂତନ ସରକାରଙ୍କର ସାମରିକ ପୋଲିସ ବିଭାଗକୁ ପ୍ରଚୁର କ୍ଷମତା ଦିଆଗଲା ।

Digitized by PPRACHIN, SOA

ଏହିପରି ଭାବରେ ପଞ୍ଚାୟତ ଶାସନ ସ୍ଥାପନ କରି ଜନତା ଶତ୍ରୁର ଦୁର୍ଗ ଅବରୋଧ ଓ ଅଧିକାର କରିବାକୁ ବାହାରିଲା ।

ଅଭିଯାନ (କ୍ରମଶଃ)

ପୂର୍ବବର୍ଣ୍ଣିତ ଅନୁସାରେ କୃଷକବାହିନୀ ପ୍ରତ୍ୟେକ ଗ୍ରାମରୁ ବାହାରି ତାଳଚେର ଟାଉନ ଅଭିମୁଖେ ଯାତ୍ରା କଲା । ପୂର୍ବ ନିର୍ଦ୍ଦିଷ୍ଟ ଅନୁସାରେ ସେପ୍ଟେମ୍ବର ଛଅ ତାରିଖ ରାତିରେ ଆକ୍ରମଣ କରିବାର ଥିଲା । କିନ୍ତୁ ଅନବରତ ପ୍ରବଳ ବୃଷ୍ଟି ସହ ଅତ୍ୟନ୍ତ ନଦୀବୃଦ୍ଧି ହେତୁ ଅଭିଯାନୀଙ୍କର ଅଭିଯାନ ବନ୍ଦ ହୋଇଗଲା । ଫଳତଃ ସମସ୍ତ କଳ୍ପନା ଓ ଯୋଜନା ନଷ୍ଟ ଭ୍ରଷ୍ଟ ହୋଇଗଲା । ଅଗ୍ରଗାମୀ ଜନତାର ପଶ୍ଚାତ୍‌ଗାମୀ ହେବାର ମତି ଓ ଗତି ନାହିଁ । କୌଣସି ପ୍ରକାରେ ଗଣ-ବାହିନୀ ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରର ଗୁମାସ୍ତା ତାଳଚେର ଦରବାରକୁ ଧ୍ୱଂସ କରି ଇଂରେଜକୁ ଭାରତରୁ ତଡ଼ିବାରେ ନିଶ୍ଚୟ ଭାଗ ନେବେ । ଜନତା ବହୁକଷ୍ଟେ ଅଗ୍ରଗତି କରି ସାତ-ତାରିଖ ଦିନ ତାଳଚେର ଟାଉନଠାରୁ ଏକମାଇଲ ଦୂରବର୍ତ୍ତୀ ହାଟ ଆମ୍ବତୋଟାରେ ଛାଉଣୀ ପକାଇଲା । ସେନାପତିମାନେ ଟାଉନକୁ ଅବରୋଧ କରିବା ଉଦ୍ଦେଶ୍ୟରେ ଜନ-ସେନଙ୍କୁ ଅର୍ଦ୍ଧବୃତ୍ତାକାର ବ୍ୟୂହ-ଭାବେ ସଜାଇ ରଖିଲେ । ଏତଦ୍ୱାରା ତାଳଚେର ଟାଉନ ବସ୍ତୁତଃ ଅବରୋଧରେ ପଡ଼ିଗଲା ।

ସୁଦୃଢ଼ ଏବଂ ବିଶାଳ ପ୍ରଜାଶକ୍ତି ଦେଖି ତାଳଚେର ଦରବାର ଶଙ୍କିତ ହୋଇଗଲା । ଦରବାରଙ୍କର କେତେକ ଅଫିସର ପ୍ରଜାଙ୍କ ସଙ୍ଗେ ସନ୍ଧି ସ୍ଥାପନର ଉଦ୍‌ଯୋଗ କଲେ । କିନ୍ତୁ ବ୍ରିଟିଶ ସରକାରର ବୋମା-ବ୍ୟୋମଯାନ ବଳରେ ବଳୀୟାନ ଓ ଆଶ୍ୱସ୍ତ ହୋଇ ଏବଂ ପ୍ରଜାଙ୍କଠାରେ ଆତ୍ମସମର୍ପଣଠାରୁ ବରଂ ମରଣକୁ ଶ୍ରେୟସ୍କର ମନେକରି ତାଳଚେର ରାଜା ଏ ସନ୍ଧି ପ୍ରସ୍ତାବକୁ ପରେ ଅଗ୍ରାହ୍ୟ କଲେ । ପ୍ରଜାମାନେ ସନ୍ଧି ପ୍ରସ୍ତାବରେ ରାଜି ହୋଇଥିଲେ, କିନ୍ତୁ ସନ୍ଧି ପ୍ରସ୍ତାବ ଭାଙ୍ଗିଯିବାରୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ ।

Digitized by PPRACHIN, SOA

ଯୁଦ୍ଧକ୍ଷେତ୍ର

ଅର୍ଦ୍ଧବୃତ୍ତାକାରରେ ତାଳଚେର ଟାଉନରୁ ପ୍ରଜାଶକ୍ତିଦ୍ୱାରା ଅବରୁଦ୍ଧ ହେବାର ଦେଖି ଦରବାର ମଧ୍ୟ ତାଙ୍କ ସେନା (ଭାରତ ସରକାରଙ୍କର ମିଲିଟାରୀ ଏବଂ ପୂର୍ବ ଗଡ଼ଜାତ ୟୁନିୟନ ପୋଲିସ ଓଗେର) ସ୍ଥାପନ କଲେ । ତାଳଚେର ରାଜବାଟୀ, କଚେରୀ ଏବଂ ଅଫିସ ସବୁ ରକ୍ଷା କରିବା ଉଦ୍ଦେଶ୍ୟରେ ତାଳଚେର ଟାଉନର ପଶ୍ଚିମ ଦିଗରେ ଏବଂ ପ୍ରଜାସେନାର ସମ୍ମୁଖରେ ଉକ୍ତ ସେନାକୁ ରଣସଜ୍ଜାରେ ସଜ୍ଜିତ କରାଇଦେଲେ । ଦୁଇ ସେନା ମଧ୍ୟରେ ଉଚ୍ଚ ମାଠ ଏବଂ ସୁଶ୍ୟାମଳ ଧାନ୍ୟ କ୍ଷେତ୍ର । ମଧ୍ୟରେ ବ୍ୟବଧାନ ଅର୍ଦ୍ଧମାଇଲ୍ ମାତ୍ର ।

ପୂର୍ବରୁ କୁହାଯାଇଛି ଯେ ୪ ତାରିଖଠାରୁ ବୋମା ଏବଂ ମେସିନ୍‌ଗନ୍ ଖଚିତ ବ୍ରିଟିଶ ବ୍ୟୋମଯାନବାହିନୀ ସମଗ୍ର ତାଳଚେର ଆକାଶରେ ଅତି ନିମ୍ନରେ ଏବଂ ଏପରିକି ଘର ଚାଳ ଓ ବୃକ୍ଷ ଡାଳକୁ ସ୍ପର୍ଶ କରି ବିକଟାଳ ଗର୍ଜନ ସହ କାହିଁବା ପ୍ରଚାରପତ୍ର, କାହିଁବା ଧୂଆଁ ବାଣ ଏବଂ କାହିଁବା ଲୁହବୁହା ବାଣ ବର୍ଷଣ କରୁଥିଲା । କିନ୍ତୁ ଆଜି ବ୍ୟୋମଯାନ ଏ ଦୁଇ ସେନା ମଧ୍ୟରେ ଥିବା ଧାନ୍ୟକ୍ଷେତ୍ରର ଉପରେ ଉଡ଼ୁଥାଏ । ଆଜିର ଏ ସେନା ଦୁଇଟି ମଧ୍ୟରେ ତୁଳନାର ସ୍ଥାନ ନାହିଁ । ରାଜା ପକ୍ଷରେ ସୁବିଶାଳ ଭାରତ ସରକାରଙ୍କର ସୁବୃହତ୍, ସୁଶିକ୍ଷିତ, ସୁସଜ୍ଜିତ ଏବଂ ସଶସ୍ତ୍ର ସ୍ଥଳ ଏବଂ ବ୍ୟୋମଶକ୍ତି—ପ୍ରଜାଙ୍କ ପକ୍ଷରେ ଲାଠି-ଧନୁଶର ଏବଂ ଖଡ୍‌ଗ-ବର୍ଚ୍ଛାଧାରୀ ଅଶିକ୍ଷିତ ଏବଂ ଅଶୃଙ୍ଖଳିତ କୃଷୀ ମୂଲିଆ ମାତ୍ର । ଏକ ପକ୍ଷରେ ବିଜ୍ଞାନପ୍ରଦତ୍ତ ସର୍ବଶ୍ରେଷ୍ଠ ମାରଣାସ୍ତ୍ର ଏବଂ ଅନ୍ୟ ପକ୍ଷରେ ନ୍ୟାଯ୍ୟ ଓ ଜନ୍ମଗତ ଅଧିକାର ପ୍ରାପ୍ତି ଉଦ୍ଦେଶ୍ୟରେ ଆତ୍ମମରଣ ଅସ୍ତ୍ର ।

ଏହିପରି ଅବସ୍ଥାରେ ଉଭୟ ଅସମାନ ସେନା ସଜ୍ଜିତ ଓ ସ୍ଥାପିତ । ସେନାଦ୍ୱୟର ମଧ୍ୟସ୍ଥଳରେ ଥିବା ଧାନ୍ୟକ୍ଷେତ୍ର ଉପରେ ବ୍ୟୋମଯାନ 'ଗଡ଼ ଗଡ଼' 'କଟ କଟ' ନାଦରେ ଅତି ନିମ୍ନରେ ଉଡ଼ୁଥାଏ । କେତେବେଳେ ପ୍ରଜାସେନା ଉପରକୁ ଉଡ଼ିଆସି ପ୍ରଚାରପତ୍ର, ଧୂଆଁ ବାଣ ଓ ଲୁହବାଣ ପକାଉଥାଏ । କିନ୍ତୁ ପ୍ରଜାମାନେ ଡରିବା କଥା ଦୂରେ ଥାଉ ବରଂ

Digitized by PPRACHIN, SOA

ଅତ୍ୟଧିକ ଉତ୍ତ୍ୟକ୍ତ, ଅନୁପ୍ରାଣିତ ଏବଂ ପ୍ରତିହିଂସାପ୍ରିୟ ହେଉଥାନ୍ତି । କେହି କେହି ବା ବ୍ୟୋମଯାନ ଉପରକୁ ଢେଲା ପଥର ମାରୁଥାନ୍ତି ।

ବୋମା, ବ୍ୟୋମଯାନ ଏବଂ ଗୋଳାବାରୁଦଜନିତ ନିଶ୍ଚିତ ମୃତ୍ୟୁ ଜାଣି ସୁଦ୍ଧା କୃଷକ-ସେନା ଧସେଇ ହୋଇ ଆକ୍ରମଣ ଉଦ୍ଦେଶ୍ୟରେ ଅଗ୍ରସର ହେଲ । ପ୍ରଜା-ସେନାର ଅଗ୍ରଗତି ଦେଖି ବ୍ରିଟିଶ ଶକ୍ତି ବ୍ୟୋମଯାନ ସାହାଯ୍ୟରେ ଧାନ୍ୟକ୍ଷେତ୍ର ମଧ୍ୟରେ କିନ୍ତୁ ଅଗ୍ରଗାମୀ ପ୍ରଜାଶକ୍ତିର କିଛି ଦୂର ସମ୍ମୁଖରେ ଧୂଆଁର ଏକ ପ୍ରାଚୀର (Smoke Wall) ତିଆରି କରିଦେଲା । ଏହି ଧୂଆ-ପରଦାର ଆଢୁଆଳରେ ଲୁଚିରହି ବ୍ରିଟିଶ ମିଲିଟାରୀ ପ୍ରଜା-ସେନା ଉପରେ ଅଜସ୍ର ଗୁଳି ବର୍ଷଣ କଲି । କିନ୍ତୁ ସୌଭାଗ୍ୟବଶତଃ କୃଷକ-ସେନା ରାଇଫଲରେଞ୍ଜ (Rifle range)ର ବାହାରେ ଥିବାରୁ ଶତ୍ରୁର ପଦାତିକ ବାହିନୀର ସମସ୍ତ ଚେଷ୍ଟା ବିଫଳ ହେଲା । ସ୍ଥଳସେନାର ଯତ୍ନ ବିଫଳ ହେବା ଦେଖି ଏବଂ ପ୍ରଜା-ସେନାର ଅଭୂତ ସାହସ ଓ ବିକ୍ରମ ଉପଲବ୍ଧି କରି ଶତ୍ରୁ ବ୍ୟୋମଯାନରୁ ବୋମା ଓ ମେସିନ୍‌ଗନରୁ ଗୋଳା ବର୍ଷଣ କରିବାର ଚେଷ୍ଟା କଲି । ପ୍ରଜା-ବାହିନୀ ଉପରକୁ ବ୍ୟୋମଯାନ ଉଡ଼ିଗଲି ଏବଂ ଅନ୍ଧାଧୁନ୍ଧ ଅଜସ୍ର ବୋମା ଓ ମେସିନ୍‌ଗନରୁ ଗୋଳା ନିକ୍ଷେପ କଲି । ସୌଭାଗ୍ୟବଶତଃ ଜଙ୍ଗଲ ଓ ଆମ୍ବତୋଟା ଥିବାରୁ ଶତ୍ରୁର ଏ ଚେଷ୍ଟା ମଧ୍ୟ ଆଶାନୁରୂପ ସଫଳ ହୋଇ ପାରିଲି ନାହିଁ । ଶତ ଶତ ବ୍ୟକ୍ତି କ୍ଷତ-ବିକ୍ଷତ ହୋଇଗଲେ । ସଙ୍ଗେ ସଙ୍ଗେ କେତେକ ବ୍ୟକ୍ତି ମରିଗଲେ । ଦର୍ଶକ-ମାନେ କହନ୍ତି ଯେ, ଲକ୍ଷ ଲକ୍ଷ କରି ମୃତ ଦେହ ବୁହା ହୋଇ ବଢ଼ିଥିବା ବ୍ରାହ୍ମଣୀ ନଦୀରେ ପକାଇ ଦିଆଗଲି ।

୧୯୪୨ର ଭାରତ ଛାଡ଼ ବା Quit India Agitation ମହାତ୍ମା ଗାନ୍ଧୀଜୀଙ୍କ ନେତୃତ୍ୱରେ କଂଗ୍ରେସ ତଥା ଭାରତବାସୀ ଇଂରେଜ ସରକାରଙ୍କଠାରୁ ସ୍ୱାଧୀନତା ପ୍ରାପ୍ତି ଉଦ୍ଦେଶ୍ୟରେ ଚଳାଇଥିଲେ । କିନ୍ତୁ ଆନ୍ଦୋଳନର ଭୀଷଣତା ଓ ବ୍ୟାପକତା ଦୃଷ୍ଟିରୁ ଦେଶରେ କେବଳ ୫ଟି ସ୍ଥାନରେ ତାହା ଦବାଇବାକୁ ବ୍ରିଟିଶ୍ ସରକାର ବ୍ୟୋମଯାନରୁ ଗୋଳା-ବର୍ଷଣ କରିଥିଲେ । ଏହି ପାଞ୍ଚଟି ସ୍ଥାନମଧ୍ୟରୁ ତାଳଚେର ଗୋଟିଏ । ଏଥିରୁ ପ୍ରମାଣିତ ହେଉଛି ଯେ, ତାଳଚେର ଜନତା ଦେଶର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ତୀବ୍ର, ଭୀଷଣ ଏବଂ ବ୍ୟାପକ ଆନ୍ଦୋଳନ କରିଥିଲେ । ଏ ଉକ୍ତିର

Digitized by PPRACHIN, SOA

ପ୍ରମାଣ ୧୯୪୨ ସେପ୍ଟେମ୍ବର ମାସର ପାର୍ଲିଆମେଣ୍ଟ ବିବରଣୀରେ ନିମ୍ନମତେ ଲିପିବଦ୍ଧ କରାଯାଇଛି ।

COUNCIL OF STATE DEBATES

(OFFICIAL REPORT)

VOLUME II, 1942

(21st to 29th September, 1942)

FIFTH SESSION
OF THE
FOURTH COUNCIL OF STATE, 1942

MACHINE-GUNNING OF MOBS FROM THE AIR

66. THE HONOURABLE PANDIT H. N. KUNZRU : Have mobs been machine-gunned from the air anywhere ? If so, what are the places where this has happenned ?

GENERAL THE HONOURABLE SIR ALAN HARTLEY : Yes, at the following five places :

(1) On the railway near Ciriek in Patna district, about 12 miles south of Bihar Sharif.

(2) On the railway line Bhagalpur to Sahibganj, in Bhagalpur district, about 15 miles south of Kursela.

(3) Near Ranaghat some 16 miles south of Krishnagar in Nadia district.

(4) At a railway halt between Pasraha and Mahesh Khunt in Monghyr district, on the line from Hajipur to Katihar.

Digitized by PPRACHIN, SOA

(5) Two or three miles south of Talcher city in Talcher State.

(Printed at pages 163 and 164 of the above volume, dated 25th September, 1942)

ଛତ୍ରଭଙ୍ଗ

ଆଗ, ପଛ, ବାମ, ଡାହାଣ ଏବଂ ଆକାଶ ଏହିପରି ପାଞ୍ଚଦିଗରୁ ଅଜସ୍ର ଗୋଳା ବର୍ଷଣର ସମ୍ମୁଖୀନ ହୋଇ ଲୁହବୁହା ଗ୍ୟାସରେ ଅନ୍ଧ ଏବଂ ଧୂଆଁ ବାଣରେ ରୁଦ୍ଧଶ୍ୱାସ ହୋଇ ଜନତା ଛତ୍ରଭଙ୍ଗ ଦେବାକୁ ଲାଗିଲେ । ଛତ୍ରଭଙ୍ଗ ସଙ୍ଗେ ସଙ୍ଗେ ପଳାୟିତ ଜନତାର ପଶ୍ଚାଦ୍ଧାବନପୂର୍ବକ ବ୍ୟୋମଯାନ ପୂର୍ବକରି ଗୋଳା ବର୍ଷଣ କଲେ । ପଦାତିକ ବାହିନୀ ବ୍ୟୋମଯାନଦ୍ୱାରା ସୁରକ୍ଷିତ ହୋଇ ପଳାୟମାନ ଜନତାକୁ ଆକ୍ରମଣ କଲେ । ନିକଟବର୍ତ୍ତୀ ଆଠ ଦଶଖଣ୍ଡ ଗ୍ରାମରେ ମିଲିଟାରୀ ଫୌଜ ପ୍ରବେଶ କରି ସ୍ତ୍ରୀ, ଶିଶୁ ଏବଂ ବୃଦ୍ଧଙ୍କ ଉପରେ ସୁଦ୍ଧା ପାଶବିକ ଅତ୍ୟାଚାରପୂର୍ବକ ଲୁଟତରାଜ କଲେ । ସଙ୍ଗେ ସଙ୍ଗେ ଶତଶତ ପ୍ରଜା-ସୈନ୍ୟଙ୍କୁ ଗିରଫଦାର କରାଗଲା । ପଶୁବଳର ଶାରୀରିକ ବିଜୟ ହେଲା ।

ଜନସେନା ଛତ୍ରଭଙ୍ଗ ଦେଲେ ସତ୍ୟ, କିନ୍ତୁ ଖଣ୍ଡଯୁଦ୍ଧ ଚଳାଇବା ଉଦ୍ଦେଶ୍ୟ ମନରେ ରଖିଥିଲେ । ବୋମା, ବ୍ୟୋମଯାନ, ମେସିନଗନ୍ ଏବଂ ପଦାତିକ ବାହିନୀବିଶିଷ୍ଟ ବ୍ରିଟିଶ ଶକ୍ତି ୪ ବର୍ଗମାଇଲ ପରିମିତ କେବଳ ତାଳଚେର ଟାଉନକୁ ପ୍ରଜାଙ୍କ ଆକ୍ରମଣରୁ ରକ୍ଷା କଲେ ସତ୍ୟ; କିନ୍ତୁ ୪୦୦ ବର୍ଗମାଇଲ ବ୍ୟାପୀ ମଫସଲର ଗ୍ରାମଗହଳ ପ୍ରଜାଶକ୍ତିର ନବପ୍ରତିଷ୍ଠିତ ପଞ୍ଚାୟତ ଶାସନାଧୀନରେ ରହିଲା ।

ଅପେକ୍ଷାକୃତ ଅତ୍ୟଧିକ ପଶୁବଳଦ୍ୱାରା ବିଜୟୀ ହୋଇ ନଅ ତାରିଖଠାରୁ ଷ୍ଟେଟ୍ ସରକାର ବ୍ରିଟିଶ ସରକାରର ସେହି ବୋମା, ବ୍ୟୋମଯାନ ଏବଂ ପଦାତିକ ବାହିନୀର ସାହାଯ୍ୟରେ ନବଗଠିତ ଚାଷୀ-ମୂଲିଆର ଗ୍ରାମରାଜ୍ୟ ସରକାର ଧ୍ୱଂସ କରି ପୂର୍ବର ଏକଛତ୍ରବର୍ତ୍ତୀ ଅତ୍ୟାଚାର ଶାସନ

Digitized by PPRACHIN, SOA

ସ୍ଥାପନ ଉଦ୍ଦେଶ୍ୟରେ ଯାତ୍ରା କଲି । ଏ ଅଭିଯାନରେ ପଦାତିକ ବାହିନୀର ଆଗେ ଆଗେ ବ୍ୟୋମଯାନ ଉଡ଼ି ନିରୀକ୍ଷଣ କାର୍ଯ୍ୟ କରୁଥାଏ । ରାସ୍ତା ନିରାପଦ ହୋଇଗଲେ ବ୍ୟୋମଯାନ ପଛେ ପଛେ ପଦାତିକ ବାହିନୀ ଗ୍ରାମେ ଗ୍ରାମେ ଯାଇ ପୁନର୍ବିଜୟ କରୁଥାଏ । ସଙ୍ଗେ ସଙ୍ଗେ ପ୍ରଜାଙ୍କଠାରୁ ସମୂହ ଜରିମନା ଅସୁଲ କରି ଅତ୍ୟାଚାର, ଲୁଣ୍ଠତରାଜ ଏବଂ ନାରୀଧର୍ଷଣ ମଧ୍ୟ କରାଯାଉଥାଏ । ଏହିପରି ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଅଭିଯାନ ଚଳାଇ ବ୍ରିଟିଶ ସେନା ତାଳଚେର ବିଜୟୀ ପ୍ରଜାଙ୍କୁ ପରାଜୟ କରିବାରେ ଲାଗିଲା । ଅନେକ ସ୍ଥଳେ ପ୍ରଜାମାନେ ମିଲିଟାରୀଙ୍କର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଶତ୍ରୁର ଅତ୍ୟଧିକ ବୈଜ୍ଞାନିକ ଶକ୍ତି ଯୋଗୁଁ ପଛେଇବାକୁ ବାଧ୍ୟ ହୋଇଥିଲେ ।

ଚତୁର୍ଥ ଶିବିରରେ ମନ୍ତ୍ରଣା

ଛତ୍ରଭଙ୍ଗ ପରେ ଆମ ସେନାପତିମାନଙ୍କ ମଧ୍ୟରୁ ଅଧିକାଂଶ ଚତୁର୍ଥ ଶିବିରକୁ ଆସିଲେ । ଆମ୍ଭମାନଙ୍କର ପୁନର୍ବାର ମନ୍ତ୍ରଣା ଚାଲିଲା । ପ୍ରଜାମାନେ ଖଣ୍ଡଯୁଦ୍ଧ କରି ବ୍ରିଟିଶ ଶକ୍ତିର ସମ୍ମୁଖୀନ ହେବାକୁ ଜିଦ୍ ଧରି ବସିଲେ । କାପ୍ତାନ ଓ ସେନାପତିମାନେ ମଧ୍ୟ କେତେକ ସେଥିରେ ରାଜି ହେଲେ । କିନ୍ତୁ ଇତିମଧ୍ୟରେ ଖବର କାଗଜମାନଙ୍କରେ ମୁଁ ଦେଖିଲି ଯେ; ଭାରତରେ ଅନ୍ୟାନ୍ୟ ଜାଗାରେ ବିଦ୍ରୋହ କ୍ରମଶଃ ଦବିଗଲାଣି । ଲୋକେ ସମୂହ ଜରିମାନାର ପ୍ରତିରୋଧ ନ କରି ତାହା ଦେଇଥିବା କଥା ମଧ୍ୟ କାଗଜରୁ ପଢ଼ିଲି । ଅଧିକନ୍ତୁ ଖବର ପାଇଲି, ଓଡ଼ିଶାରେ କୌଣସି ଆନ୍ଦୋଳନ ନାହିଁ । ସର୍ବୋପରି ତାଳଚେର ବ୍ୟତୀତ ଅନ୍ୟ କୌଣସି ଷ୍ଟେଟରେ ଆନ୍ଦୋଳନ ମଧ୍ୟ ନାହିଁ । ଢେଙ୍କାନାଳର ମଡ଼ି ସବ୍‌ଡିଭିଜନରେ ଯାହା କିଛି ଆନ୍ଦୋଳନ ଥିଲା, ତାହା ମଧ୍ୟ ଦମିତ । ଦେଖିଲି ଅନ୍ୟ କୌଣସି ଆଡ଼େ ଆନ୍ଦୋଳନ ନ ଥିବା ବଶତଃ ବ୍ରିଟିଶ ସରକାର ଉତ୍କଳଖଣ୍ଡର ସମସ୍ତ ଶକ୍ତି ତାଳଚେର ପ୍ରଜାଙ୍କ ବିରୁଦ୍ଧରେ ପ୍ରୟୋଗ କରୁଛି । ଏହି ସବୁ ଦୃଷ୍ଟିରୁ ପ୍ରଜାଙ୍କର ଅନିଚ୍ଛା ସତ୍ତ୍ୱେ ଗ୍ରାମମାନଙ୍କରେ ବ୍ରିଟିଶ ଶକ୍ତିର ସମ୍ମୁଖୀନ ହେବା କାର୍ଯ୍ୟ ବନ୍ଦ କରିଦେଲୁ । କିନ୍ତୁ ଆମର କେତେକ ବନ୍ଧୁକଧାରୀ ସୈନ୍ୟଙ୍କୁ ଏକତ୍ରିତ କରି ସୁସଂଗଠିତ କରାଗଲା । ଏହି ସୈନ୍ୟ-

Digitized by PPRACHIN, SOA

-ମାନଙ୍କୁ ଗରିଲା ସୈନ୍ୟ ବା ଗୁପ୍ତ ସୈନ୍ୟବାହିନୀ ଆଖ୍ୟା ଦିଆଗଲା । ଏହି ସୈନ୍ୟମାନେ ଖଣ୍ଡଯୁଦ୍ଧ ଚଳାଇ ପ୍ରଜାଙ୍କୁ ସରକାରର ଅତ୍ୟାଚାରରୁ ରକ୍ଷା କରିବାକୁ ପ୍ରସ୍ତୁତ ହେଲେ । ନିଶ୍ଚିତ ହେଲା ଯେ, ସମସ୍ତ କର୍ମକର୍ତ୍ତା ଫେରାର ହୋଇ ରହିବେ । ଆମ ଭିତରୁ କେତେକ ଯାଇ ଭାରତର ଅନ୍ୟାନ୍ୟ ଅଞ୍ଚଳରେ କ'ଣ ହେଉଛି ତାହା ଦେଖିବେ । କୌଣସି ପ୍ରାଦେଶିକ, ଆନ୍ତ-ର୍ପ୍ରାଦେଶିକ କିମ୍ବା ସାରା ଭାରତୀୟ ଦଳର ସମ୍ପର୍କ, ସହଯୋଗ ଓ ସହା-ୟତାରେ ସମ୍ଭବପର ହେଲେ ଯୁଦ୍ଧ ଚଳାଯିବ । ସ୍ଥିର ହେଲା ମୁଁ ଜଣେ ଦୁଇ ଜଣଙ୍କୁ ସଙ୍ଗରେ ନେଇ ବିହାର ଓ ବଙ୍ଗଳା ପ୍ରଦେଶକୁ ଯିବି । ଅନ୍ୟ-ମାନେ ଜଙ୍ଗଲରେ ଲୁଚି ରହି ଖଣ୍ଡଯୁଦ୍ଧପୂର୍ବକ ପ୍ରଜାଙ୍କୁ ଅତ୍ୟାଚାରରୁ ରକ୍ଷା କରିବାର ଚେଷ୍ଟା କରିବେ ।

ଗରିଲା ସୈନ୍ୟ ଓ ଖଣ୍ଡ ଯୁଦ୍ଧ

ଯେଉଁ କର୍ମୀ ଏବଂ ସ୍ୱେଚ୍ଛାସେବକମାନେ ଫେରାର ହୋଇ ଜଙ୍ଗଲରେ ଲୁଚି ରହିଥିଲେ, ସେମାନେ ଗରିଲା ସୈନ୍ୟରେ ପରିଣତ ହେଲେ । ସେମାନଙ୍କ ହାତରେ ବନ୍ଧୁକ ଓ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ଥାଏ । ବାସ୍ତବିକ ଏହି ବନ୍ଧୁକଧାରୀ ସ୍ୱେଚ୍ଛାସେବକମାନେ ପ୍ରଜାମାନଙ୍କୁ ସରକାରର ଅମାନୁଷିକ ଅତ୍ୟାଚାର ଓ ଶୋଷଣରୁ ରକ୍ଷା କଲେ । ଅବଶ୍ୟ ଏ ଗରିଲା ସୈନ୍ୟଙ୍କର ଅସ୍ତିତ୍ୱ ସତ୍ତ୍ୱେ ସରକାର ଅତ୍ୟାଚାର ଚଳାଇଲା ; କିନ୍ତୁ ଯଦି କର୍ମୀ ଓ ନେତାମାନେ ଫେରାର ହୋଇ ଗରିଲା ଯୁଦ୍ଧ ଚଳାଇ ନ ଥାନ୍ତେ, ତାହାହେଲେ ସରକାରର ଅତ୍ୟାଚାର ଆହୁରି ୧୦ ଗୁଣ ବଢ଼ିଯାଇଥାନ୍ତା । ଏ ଗରିଲା ସୈନ୍ୟମାନେ ଦିନଯାକ ଲୁଚି ରହିଥାନ୍ତି, ରାତିରେ ଗ୍ରାମେ ଗ୍ରାମେ ବୁଲି ଲୋକଙ୍କୁ ଧୈର୍ଯ୍ୟ, ସାହସ ଏବଂ ଉତ୍ସାହ ଦେଉଥାନ୍ତି ଏବଂ ସରକାର ଯେଉଁ ବିରୋଧ ପ୍ରଚାର କରୁଥାଏ, ତାହାର ଖଣ୍ଡନ କରୁଥାନ୍ତି । ଏମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା ଯେଉଁ ଅଫିସର ଓ ବ୍ୟକ୍ତିମାନେ ସରକାରର ଗୁମାସ୍ତା, ଗୋଇନ୍ଦା ଓ ଦଲାଲ ହୋଇ ପ୍ରଜାଙ୍କ ପ୍ରତି ଅତ୍ୟା-ଚାର କରୁଥାନ୍ତି କିମ୍ବା କରାଉଥାନ୍ତି, ସେମାନଙ୍କୁ ଶାରୀରିକ ଓ ଆର୍ଥିକ ଦଣ୍ଡ ଦେବା । ଏତଦ୍ୱାରା ଅନେକ ସରକାରୀ ଏଜେଣ୍ଟ ଦବିଗଲେ । ଏହିପରି ଏ ସୈନ୍ୟମାନେ ୮ ମାସ ପର୍ଯ୍ୟନ୍ତ ଅର୍ଥାତ୍ ୧୯୪୩ର ମଇମାସ ଶେଷ ସୁଦ୍ଧା

Digitized by PPRACHIN, SOA

ସରକାରର ଅତ୍ୟାଚାର ଓ ଅପପ୍ରଚାରର ବିରୁଦ୍ଧରେ ସଫଳତାର ସହିତ କାର୍ଯ୍ୟ କଲେ । ୧୯୪୩ର ମଇମାସ ଶେଷ ସପ୍ତାହରେ ତାଳଚେର ଦରବାରଙ୍କର ମିଳିତାଗ୍ର ପୋଲିସ ଏବଂ ରିଜର୍ଭ ସୈନିକମାନେ ଆମ ପ୍ରଜାଙ୍କ ଏହି ଗରିଲା ବାହିନୀର ଶିବିର ଓ ଗତିପଥ ଜାଣିପାରି ଦିନେ ରାତିରେ ହଠାତ୍ ଆକ୍ରମଣପୂର୍ବକ ଯଦୃଚ୍ଛା ଏବଂ ଅନ୍ଧାଧୁନ୍ଦ ଗୁଳିବର୍ଷଣ କଲେ । ଆମର ସୈନିକମାନେ ସେ ଦିନ କ୍ଳାନ୍ତିବଶତଃ ଶୋଇପଡ଼ିଥିଲେ । ତେଣୁ ଉଠିକରି ନିଜକୁ ସମ୍ଭାଳୁ ସମ୍ଭାଳୁ ଶତ୍ରୁ ଘେରାଉ କରି ଅନବରତ ଗୁଳି ଚଳାଇଲେ । ଆମ ଗରିଲା ସୈନ୍ୟଙ୍କର ସେନାପତି ଓ ଆଉ ଜଣେ ସୈନିକ ଶତ୍ରୁର ଗୁଳି ଆଘାତରେ ପ୍ରାଣ ହରାଇଲେ । ଅନ୍ୟମାନେ କ୍ଷତ ବିକ୍ଷତ ହୋଇ କେବଳ ପ୍ରାଣ ନେଇ ସମସ୍ତ ଅସ୍ତ୍ର ଶସ୍ତ୍ର ଛାଡ଼ି ପଳାଇଗଲେ । ଏହି ଦିନଠାରୁ ଗରିଲା ସେନା ଭାଙ୍ଗିଦିଆଗଲା ଏବଂ ସୈନ୍ୟମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ହଟାଇ ନିଆଗଲା ।

ପଞ୍ଚମ ଶିବିର

ଏତେବେଳକୁ ଓଡ଼ିଶାରେ ଅନ୍ୟତ୍ର ଆନ୍ଦୋଳନ ନ ଥିବାରୁ ଶତ୍ରୁ ବ୍ରିଟିଶ ଓଡ଼ିଶା ଓ ଓଡ଼ିଶା ଗଡ଼ଜାତମାନଙ୍କରେ ମିଳିତ ଶକ୍ତି ଆମ ବିରୁଦ୍ଧରେ ପ୍ରୟୋଗ କରାଗଲା । ଆମ୍ଭେମାନେ ଚତୁର୍ଦ୍ଦିଗରୁ ଶତ୍ରୁସେନା-ଦ୍ୱାରା ଅବରୁଦ୍ଧ ହୋଇଗଲୁ । ତେଣୁ ବାଧ୍ୟ ହୋଇ ସେମାନଙ୍କ ଘେରରୁ ପଳାଇଯାଇ ଅନ୍ୟତ୍ର ଶିବିର ସ୍ଥାପନ କଲୁ । ଏହି ପଞ୍ଚମ ଶିବିରରେ ଅଧିକାଂଶ ନେତୃସ୍ଥାନୀୟ ବ୍ୟକ୍ତି, କର୍ମକର୍ତ୍ତା ଓ ବନ୍ଧୁକଧାରୀ ସୈନ୍ୟମାନଙ୍କ ସଙ୍ଗେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଲା । ମୋତେ ଧରିବା କିମ୍ବା ମାରିବା ପାଇଁ ଶତ୍ରୁର ଚେଷ୍ଟା ଏତେ ବ୍ୟାପକ ଏବଂ ପ୍ରବଳ ହେଲା ଯେ, ମୋ ପକ୍ଷେ ତାଳଚେର କିମ୍ବା ଓଡ଼ିଶାର ଅନ୍ୟତ୍ର ରହିବା ଅସମ୍ଭବ ହେଲା । ତେଣୁ ପୂର୍ବ କଳ୍ପନା ଅନୁସାରେ ଆନ୍ତଃପ୍ରାଦେଶିକ କିମ୍ବା ନିଖିଳ ଭାରତ ସାମରିକ ଅନୁଷ୍ଠାନମାନଙ୍କର ସମ୍ପର୍କ ଓ ସହଯୋଗ ଲାଭ ଉଦ୍ଦେଶ୍ୟରେ ପଞ୍ଚମ କ୍ୟାମ୍ପରୁ ମୁଁ ବିହାର, ବଙ୍ଗଳା କିମ୍ବା ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବାକୁ ସ୍ଥିର କଲି । କିନ୍ତୁ କପରି କେଉଁଠାକୁ ଏବଂ କାହା ପାଖକୁ ଯିବି, ତାହା ମଧ୍ୟ ଠିକ୍ ନ ଥିଲା ; କାରଣ ସେତେବେଳେ ଓଡ଼ିଶା ବାହାରେ

ମୋର ଅନ୍ୟ କେହି ପରିଚିତ ବ୍ୟକ୍ତି ନ ଥିଲେ ଏବଂ ମୋ ହାତରେ ମଧ୍ୟ ଟଙ୍କା ପଇସା ନ ଥିଲା ।

ସମ୍ପର୍କ ଉଦ୍ଦେଶ୍ୟରେ ଓଡ଼ିଶା ପରିତ୍ୟାଗ

ଆମ୍ଭମାନଙ୍କ ମଧ୍ୟରେ ସ୍ଥିର ହେଲା ଯେ, ଏ ଉଦ୍ଦେଶ୍ୟରେ କେବଳ ମୁଁ ଯିବି ; କିନ୍ତୁ ମୋ ସଙ୍ଗରେ ଆଉ ଏକ ବ୍ୟକ୍ତି ନିତାନ୍ତ ପକ୍ଷେ ଦରକାର । ତେଣୁ ମୋର ବ୍ୟକ୍ତିଗତ ସଙ୍ଗୀ ଓ ପ୍ରଜାମଣ୍ଡଳର ଜଣେ ବିଶ୍ୱସ୍ତ ଏବଂ ଆଗୁଆ କର୍ମୀ ଶ୍ରୀ ଗୋବର୍ଦ୍ଧନ ଓରଫ ଗାଣ୍ଡୁ ସାହୁ ମୋର ସାଥୀଭାବେ ଯିବାର ନିର୍ଦ୍ଦିଷ୍ଟ ହେଲା । ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ସର୍ବଶ୍ରୀ ଗୌରିଶଙ୍କର ପ୍ରଧାନ, ବନମାଳୀ ପ୍ରଧାନ, ସ୍ୱଚ୍ଛନ୍ଦ ଚନ୍ଦ୍ର ପ୍ରଧାନ, କାଳନ୍ଦୀ ଚନ୍ଦ୍ର ପ୍ରଧାନ, ଝାଲୁ ଦାସ ଓ କୃତ୍ତିବାସ ରଥ ପ୍ରଭୃତି ନିଜ ନିଜର କ୍ଷେତ୍ର ଓ କାର୍ଯ୍ୟ ବାଣ୍ଟିନେଲେ । ଗରିଲା ବାହିନୀର କ୍ଷେତ୍ର-ସେନାପତି (Field marshal) ଶ୍ରୀ ମହେଶ୍ୱର ପ୍ରଧାନ ଓ ଶ୍ରୀ ଫିରିଙ୍ଗି ପ୍ରଧାନମାନଙ୍କୁ ସେମାନଙ୍କର ନୀତି ଓ ଗତିବିଧି ବିଷୟରେ ଆବଶ୍ୟକୀୟ ନିର୍ଦ୍ଦେଶ ଏବଂ ଉପଦେଶ ଦିଆଗଲା । ରାତ୍ରି ୧୨ଟା ସମୟରେ ବିଦାୟ ନେଇ ପ୍ରତ୍ୟେକ ନିଜ ନିଜର କର୍ତ୍ତବ୍ୟ ପାଳନ ଉଦ୍ଦେଶ୍ୟରେ ପୃଥକ ହେଲୁ । ଅର୍ଥର ନିତାନ୍ତ ଅଭାବ ଥିବାରୁ କେବଳ ଦୁଇ ଜଣଙ୍କ ପାଇଁ ଅଠର ଟଙ୍କା ମାତ୍ର ସଙ୍ଗରେ ରଖିଲୁ । ଜେଲରୁ ପଳାୟନ ଦିନଠାରୁ ଏପର୍ଯ୍ୟନ୍ତ ଅର୍ଥାତ୍ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ କେବେହେଲେ ଘରିତଳେ କମ୍ବା ଶୁଖିଲା ଭୂଇଁରେ ଶୋଇନଥିଲୁ । ସବୁଦିନ ଜଙ୍ଗଲରେ, ପଥର କିମ୍ବା ଓଦା ଭୂଇଁରେ, ବର୍ଷାରେ ଆକାଶ ତଳେ ଶୋଇ ଆସୁଥିଲୁ ।

କିନ୍ତୁ ଗତ ୧୮ ଦିନ ମଧ୍ୟରେ ଆଜି ସୌଭାଗ୍ୟବଶତଃ ଶୋଇବା-ପାଇଁ ଜଙ୍ଗଲ ମଧ୍ୟରେ ଗୋଟିଏ ଓଦା ମଞ୍ଚା ମିଳିଲା । ଆମେ ଦୁଇ ଜଣ ଶୋଇଲୁ । ରାତ୍ରିରେ ବର୍ଷା ହେତୁ ରାତି ୩ଟା ବେଳେ ପାଣି ଗଳିବାରୁ ନିଦ ଭାଙ୍ଗିଗଲା । ଆମ୍ଭେମାନେ ଗନ୍ତବ୍ୟ ପଥରେ ବାହାରିଲୁ । କିନ୍ତୁ ଆମ୍ଭମାନଙ୍କୁ ଧରିବା ଉଦ୍ଦେଶ୍ୟରେ ଶତ୍ରୁ ହଠାତ୍ ନିକଟବର୍ତ୍ତୀ ଗ୍ରାମକୁ ଘେରାଉ କରି ଯଦୃଚ୍ଛା ଗୁଳି ଫାଏର କଲା । ଆମେ ଦୁଇ ଜଣ ପଳାଇଗଲୁ । ଅନ୍ୟ କର୍ମକର୍ତ୍ତା ଯେ ଯେଉଁଆଡ଼େ ଥିଲେ, ପଳାଇବାକୁ ଲାଗିଲେ । ପଳାଇ-

Digitized by PPRACHIN, SOA

ଯିବା ସମୟରେ ପ୍ରଜାମଣ୍ଡଳର ତତ୍କାଳୀନ କର୍ମକର୍ତ୍ତା ଶ୍ରୀମାନ୍ ବଞ୍ଛାନିଧି ଓ କାଳନ୍ଦୀଚନ୍ଦ୍ର ପ୍ରଧାନମାନେ ଦୃଷ୍ଟିରେ ପଡ଼ିଲେ । ଗତକାଲି ରାତିରେ ଆମ୍ଭେମାନେ ବିଦାୟ ହୋଇଥିଲୁ , ଆଜି ସକାଳେ ବିପଦପୂର୍ଣ୍ଣ ସମୟରେ ଏ ଦୈବୀ ମିଳନ ହେଲା ; ଭଗବାନଙ୍କର ଇଚ୍ଛା ଏ ଦୁଇ ଜଣ ମଧ୍ୟ ସଙ୍ଗରେ ଯିବେ । ତେଣୁ ଏ ଦୁଇ ଜଣଙ୍କୁ ମଧ୍ୟ ସଙ୍ଗରେ ନେଇ ଯାତ୍ରା କଲି ।

ବର୍ତ୍ତମାନ ଆମ୍ଭେମାନେ ୪ ଜଣ । ହାତରେ ଅର୍ଥ ନାହିଁ । କେବଳ ଅଠର ଟଙ୍କା ମାତ୍ର । ତେଣୁ କିଛି ଅର୍ଥର ଆବଶ୍ୟକ । ଏ ସମ୍ପର୍କରେ ଅନୁଗୋଳ ସନ୍ତରବନ୍ଧ ମୌଜାର ବିଶିଷ୍ଟ ଜାତୀୟବାଦୀ କର୍ମୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଜଣାଇଲୁ । ସେ ଯଥାସାଧ୍ୟ ଆର୍ଥିକ ସାହାଯ୍ୟ ଦେଲେ ଏବଂ ପ୍ରବଳ ବୃଷ୍ଟି ଓ ଝଞ୍ଜା ସତ୍ତ୍ୱେ ତାଙ୍କ ପିତାଙ୍କ ଅଜ୍ଞାତରେ ରାତି ତମାମ ବିଲ, ବଣ, ନଦୀ ଏବଂ ନାଳ ଅତିକ୍ରମ କରାଇ ୨° ତାରିଖ ସକାଳେ ଅନୁଗୋଳର ରାଇପାଳ ମୌଜା ପର୍ଯ୍ୟନ୍ତ ପହଞ୍ଚାଇଦେଲେ । କେବଳ ସେତିକି ନୁହେଁ, ଏଠାରେ ମଧ୍ୟ ତାଙ୍କର ଜଣେ ବିଶ୍ୱସ୍ତ ସଙ୍ଗୀ ଶ୍ରୀ ଛେଲୁ ବୈଦ୍ୟଙ୍କୁ ଆମ୍ଭମାନଙ୍କର ରକ୍ଷୀ ଓ ପଥପ୍ରଦର୍ଶକ କରାଇଦେଲେ । ଶ୍ରୀ ଛେଲୁ ବୈଦ୍ୟ ଜାତିରେ ବାରିକ । କବିରାଜୀ କରନ୍ତି । ସେ ଜଣେ ପ୍ରଥମ ଶ୍ରେଣୀ ବାଣୁଆ (ଶିକାରୀ) । 'ନରାଣାଂ ନାପିତୋ ଧୂର୍ତ୍ତଃ' ଏ ଉକ୍ତିଟି ଏହାଙ୍କ ପକ୍ଷେ ଷୋଳ ଅଣାରେ ସତ୍ୟ । ମୋ ଉଦ୍ଦେଶ୍ୟରେ ତାଙ୍କର ସେବା ଓ ସହାୟତା ନିତାନ୍ତ ଦରକାର ବୋଲି ପୂର୍ଣ୍ଣବାବୁ ଜଣାଇଥିବାରୁ ସେ ଉତ୍ସାହ ଏବଂ ଆଗ୍ରହର ସହିତ ଅଣ୍ଟାଭିଡ଼ି ବାହାରିପଡ଼ିଲେ । ନିଜେ ଏକ ବନ୍ଧୁକ ଏବଂ ତାଙ୍କର ପେଣ୍ଠିଆ (ସହକାରୀ ଶିକାରୀ) ଆଉ ଏକ ବନ୍ଧୁକ ସଙ୍ଗରେ ଧରି ବାହାରିଲେ । ଛେଲୁ ବୈଦ୍ୟ ଆମ୍ଭମାନଙ୍କ ଆଗରେ ଏବଂ ପେଣ୍ଠିଆ ଆମ୍ଭମାନଙ୍କ ପଛରେ ରକ୍ଷୀ ଓ ପଥପ୍ରଦର୍ଶକ ରୂପେ ଯାତ୍ରା କଲେ । ତାଙ୍କ ପେଣ୍ଠିଆକୁ ମୋର ପରିଚୟ ଦିଆହୋଇନଥାଏ । କୌଣସି ଗ୍ରାମକୁ ନ ନେଇ ଘୋର ଅରଣ୍ୟ ମଧ୍ୟରେ ବାଟ କଢ଼ାଇଲେ । ରାସ୍ତାରେ ନାନା ମଧୁର ଗଳ୍ପ ବିଶେଷତଃ ଜେଲରୁ ମୋର ଅନ୍ତର୍ଦ୍ଧାନ ସମ୍ପର୍କରେ ଅନେକ ଐଶ୍ୱରିକ ଓ ଚମତ୍କାରପ୍ରଦ ଜନରବ କହୁଥାନ୍ତି । ତାଙ୍କ ପେଣ୍ଠିଆ ଥିବା ହେତୁ ମୋତେ ଲକ୍ଷ୍ୟ ନ କରି ସବୁବେଳେ ତାଳଚେରର ପବିତ୍ର ବାବୁଙ୍କ ବିଷୟ ଗଳ୍ପ କରୁଥାନ୍ତି । ପେଣ୍ଠିଆର ମଧ୍ୟ ମୋତେ ସନ୍ଦେହ କରିବାର ଉପାୟ

Digitized by PPRACHIN, SOA

ନାହିଁ, କାରଣ ସେତେବେଳେ ମୁଁ ଓ ମୋ ସଙ୍ଗରେ ଥିବା ୩ ଜଣ— ଗୋବର୍ଦ୍ଧନ, ବଚ୍ଛନ୍ଦ ଓ କାଳନ୍ଦୀ ପ୍ରଧାନମାନଙ୍କର ଲୁଗାବୁହା ଭୃତ୍ୟର ରୂପେ ଯାଉଥାଏ । ବେଶି ତ ଲୁଗା ନ ଥାଏ ; ତେବେ ଯାହାକିଛି ଥାଏ ସେ ସବୁ ଏକାଠି ଗଣ୍ଠିଲି କରି ପିଠିରେ ପକାଇ ମୁଣ୍ଡରେ ଗୋଟିଏ ଝାମ୍ପି ଏବଂ ହାତରେ ଖଣ୍ଡେ ବାଡ଼ି ଧରି ଭୃତ୍ୟର ଭାବେ ଯାଉଥାଏ ।

ଚେଲୁ ବୈଦ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ଆମ୍ଭମାନଙ୍କୁ ପହଞ୍ଚାଇଦେଲେ । ସେଠାରେ ଖାଇବା ପିଇବାର ବନ୍ଦୋବସ୍ତ କରାଇ ଗ୍ରାମର ସର୍ବରାକାରର ଗୁହାଳେ ରଖାଇଦେଲେ । ବାହାନା ଦେଉଥାଉ ଯେ, ଆମ୍ଭେମାନେ ଅନୁଗୋଳ ଗଣ୍ଡବେରହର ବାଳିକ । କନ୍ୟା ଦେଖିବା ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଗ୍ରାମକୁ ଯାଉଛୁ । କିନ୍ତୁ ଆମ୍ଭମାନଙ୍କର ଲୁଗାପଟା ନିତାନ୍ତ ମଇଳା ଏବଂ ସେ ସବୁ କନ୍ୟାଦେଖା ଯାତ୍ରୀର ଅଯୋଗ୍ୟ ଥିବାରୁ ଗ୍ରାମର ଲୋକମାନେ ସନ୍ଦେହ କଲେ । ମୁଁ ତ ଥିଲି ଗଣ୍ଠୁଳି ବୁହା ଭୃତ୍ୟ । ତେଣୁ କ୍ଳାନ୍ତିର ବାହାନା ଦେଖାଇ ମୁହଁ ମାଡ଼ି ଚେଇଁ କରି ଶୋଇପଡ଼ିଲି । ଗ୍ରାମର ଲୋକେ ରୁଣ୍ଡ ହୋଇଗଲେ । ମୋର ଜେଲରୁ ଅଦୃଶ୍ୟ ହେବାର ନାନା ପ୍ରକାର ଗଳ୍ପ ଓ ଘଟଣା କହୁଥାନ୍ତି । ରାଜା ମୋତେ ମାରିଦେଲା ବୋଲି କେତେକ ରାଜାଙ୍କୁ ଅଭିଶାପ ଦେଉଥାନ୍ତି ଏବଂ କେତେକ ଯୁବକ ରାଜାଙ୍କୁ ମାରି ରକ୍ତ ପିଇବାକୁ କହୁଥାନ୍ତି । ୧୯୩୮ ଠାରୁ ତାଳଚେର ଆନ୍ଦୋଳନ ଯୋଗୁ ବାମଣ୍ଡା, ଦଶପଲ୍ଲା, ତେରଡ଼ାଖୋଲ, ଆଠମଲ୍ଲିକ, ପାଲଲହଡ଼ା ଓ କେନ୍ଦୁଝର ପ୍ରଭୃତି ଓଡ଼ିଶା ଗଡ଼ଜାତରେ ପ୍ରଜାମାନେ ରାଜାମାନଙ୍କର ବେଠୀ, ବେଗାରିରୁ କିପରି ମୁକ୍ତିଲାଭ କରିଥିଲେ, ସେ କଥା କହୁଥାନ୍ତି । ପବିତ୍ର ବାବୁଙ୍କ ବିଷୟରେ ନାନାପ୍ରକାର ପ୍ରଶ୍ନ ମୋର ସାଥୀ ବାବୁ ତିନିଜଣଙ୍କୁ ପଚାରୁଥାନ୍ତି । ଗ୍ରାମବାସୀମାନଙ୍କ ମଧ୍ୟରୁ ୪।୫ ଜଣ ଆମ ଦଳକୁ ତାଳଚେରିଆ କଂଗ୍ରେସ ଲୋକ ବୋଲି ସନ୍ଦେହ କଲେ । ୪।୬ ଜଣ କହିଲେ ଯେ, ସେମାନେ ପବିତ୍ର ବାବୁଙ୍କୁ (ମୋତେ) ଚିହ୍ନିଛନ୍ତି । ସେମାନେ ମଧ୍ୟ ମୋର ରୂପ ବର୍ଣ୍ଣି କହିଗଲେ । ମୋର ସଙ୍ଗୀ ତିନିଜଣଙ୍କୁ ନାନାପ୍ରକାର ଜେରା କଲେ । ମୁଁ ଚେଇଁ ଶୋଇ ଦେଖିଲି ଆମ୍ଭେମାନେ ବିପତ୍ତିରେ । ହଠାତ୍ ଭାତ ଖାଇ ପଳାଇଯିବାର ଇଶାରା ଦେଲି । ସେଠାରୁ ଉଠିଯାଇ ଭାତ ଖାଇଲୁ । ଶୀଘ୍ର ସେ ଜାଗା ଛାଡ଼ିବାର ଯୋଗାଡ଼ ହେଲା । ଗଡ଼ ନାମରେ ଗୋଟିଏ ଗରିବ

Digitized by PPRACHIN, SOA

କିନ୍ତୁ ନିତାନ୍ତ ଭଦ୍ର ଓ କୁଳୀନ ବ୍ୟକ୍ତିଙ୍କୁ ଆମର ପଥପ୍ରଦର୍ଶକ ରୂପେ ନେଇଥିଲୁ, ବୈଦ୍ୟ ନିଯୁକ୍ତ କରିଦେଲେ । ବଡ଼ ଆବେଗପୂର୍ଣ୍ଣ ହୃଦୟରେ ନେଇଥିଲୁ ବୈଦ୍ୟ ବିଦାୟ ମାଗିଲେ । ମୁଁ ତାଙ୍କୁ ମିତ୍ର ବୋଲି ସମ୍ବୋଧନ କରି କହିଲି, "ଭାଇ, ଘଟଣା ନିତାନ୍ତ ଗୋପନୀୟ ରଖିବ । ପେଣ୍ଠିଆକୁ ସୁଦ୍ଧା ଜଣାଇବ ନାହିଁ । ତୁମ ଋଣ ଜୀବନରେ ଶୁଝି ପାରିବୁ ନାହିଁ" ଇତ୍ୟାଦି କୃତଜ୍ଞତା ଜ୍ଞାପନ କରି ଏବଂ ଶତ ଧନ୍ୟବାଦ ଦେଇ ବିଦାୟ ନେଲୁ ।

ବର୍ତ୍ତମାନ ଆମର ପଥପ୍ରଦର୍ଶକ ହେଲେ ଗତି । ଗତି ରେଢ଼ାଖୋଲ ଷ୍ଟେଟ ଭିତରେ ଆମ ପଳାୟନର ବାସ୍ତବିକ ଗତି ହେଲେ । ଗତି ନ ଥିଲେ ଆମ୍ଭେମାନେ ଅଗତିରେ ଯାଇ ନିଶ୍ଚୟ ଧରା ପଡ଼ିଥାନ୍ତୁ । କିନ୍ତୁ ଗତିଙ୍କୁ ଆମ ଗୁପ୍ତ ଯିବାର ଗତି (ପଥ) ସମ୍ପୂର୍ଣ୍ଣରୂପେ ଜଣାଥିବାରୁ ଅନେକ ସ୍ଥଳେ ସରକାରୀ ଅଫିସର ଓ ପୋଲିସ କବଳରୁ ମୁକ୍ତ ହୋଇ ଗଲୁ । ସେତେବେଳକୁ ରାଜନୈତିକ ବିଭାଗରୁ ମୋ ସମ୍ପର୍କରେ ଏପରି କଡ଼ା ନିୟମ ଓ ନିର୍ଦ୍ଦେଶ ଥିଲା ଯେ, ଷ୍ଟେଟ ସରକାରମାନଙ୍କର ଏଜେଣ୍ଟମାନେ ଯେ କୌଣସି ଅପରିଚିତ ଆଗନ୍ତୁକଙ୍କୁ ଅଟକ କରି ତାଙ୍କଠାରେ ବିଶେଷତଃ ମୋ ବିଷୟରେ ସନ୍ଦେହ ହେଲେ ଜେରା କରୁଥିଲେ । କିନ୍ତୁ ଗତି ଥିବାରୁ ଆମ୍ଭେମାନେ ଏ ସବୁ ନିଶ୍ଚିତ ବିପତ୍ତିରୁ ଗତି (ମୁକ୍ତି) ପାଇଗଲୁ । ଗତି ଯେଉଁଦିନ ଆମ୍ଭମାନଙ୍କଠାରୁ ବିଦାୟ ନେଇ ଗଲେ, ସେଦିନ ଆମ୍ଭେମାନେ ଅଗତିରେ ପଡ଼ିଗଲୁ । ମୋ ଆଗରେ ଯାଉଥିବା ଶ୍ରୀମାନ୍ ବିଚ୍ଛନ୍ଦ ଓ କାଳନ୍ଦୀ ପ୍ରଧାନ ଦ୍ୱୟ ବିଶ୍ରାମ ଉଦ୍ଦେଶ୍ୟରେ ହଠାତ୍ ରେଢ଼ାଖୋଲର ଖଣ୍ଡିଆମୁଣ୍ଡା ଥାନା ଘରେ ପଶିଗଲେ । କିନ୍ତୁ ମୁଁ ଥାନା ସମ୍ମୁଖରେ ପହଞ୍ଚି ଠାରିଦେବାରୁ ସେମାନେ ସେ ଜାଗା ଛାଡ଼ିଦେଲେ ଏବଂ ରକ୍ଷା ପାଇଗଲେ । ମୁଢ଼ି କିଣିବାକୁ ଯାଇ ଗୋବର୍ଦ୍ଧନ ଉକ୍ତ ଖଣ୍ଡିଆମୁଣ୍ଡା ଗ୍ରାମରେ ପୋଲିସ ହାତରେ ପଡ଼ିଲେ । ଗୋବର୍ଦ୍ଧନ ଗୋଟିଏ ଜଙ୍ଗଲରୁ ବାହାରି ମୁଢ଼ି କିଣି ଯାଇଛନ୍ତି ବୋଲି ପୋଲିସକୁ ଖବର ମିଳିଗଲା । ପୋଲିସ ତାଙ୍କୁ ଅଟକାଇ ରଖିଲେ । ଆମ୍ଭେମାନେ ଜଙ୍ଗଲରେ ଲୁଚିଗଲୁ । ଗୋବର୍ଦ୍ଧନଙ୍କୁ ମୋ ବିଷୟରେ ଏବଂ ତାଙ୍କଠାରେ ବିଷୟରେ ବହୁତ ଜେରା କରାଗଲା । କିନ୍ତୁ ଗୋବର୍ଦ୍ଧନ ଅତ୍ୟନ୍ତ ଚାଲାକ ଥିବାରୁ ନାନା ବାହାନା ଦେଇ ପୋଲିସ କବଳରୁ ମୁକ୍ତ ହୋଇଗଲେ । ଦୁଇଘଣ୍ଟା ପରେ ସେ ଆମ ସଙ୍ଗେ ପୁଣି ମିଶିଗଲେ ।

Digitized by PPRACHIN, SOA

ଭାଦ୍ର ମାସରେ ଗତ ୧୮।୨୦ ଦିନଠାରୁ ଅନବରତ ଝଞ୍ଜା ବର୍ଷାରେ ଭିଜି, ରାତିରେ ଆକାଶତଳେ ଓଦା ଭୂଇଁରେ ଶୋଇ, ସମୟେ ସମୟେ ବର୍ଷାରେ ଭିଜନ୍ତି ଏବଂ ଅଧିକାଂଶ ଦିନ କେବଳ ଚୂଡ଼ା, ମୁଢ଼ି ଖାଇ ଖାଇ ମୋର ସ୍ୱାସ୍ଥ୍ୟ ନଷ୍ଟ ହୋଇଯାଇଥାଏ । ପନ୍ଦରତାରିଖଠାରୁ ମୋର ରକ୍ତ-ଆମାଶୟ ଭୀଷଣ ଭାବରେ ହେଲା । ଏହି ରକ୍ତ-ଆମାଶୟ ରୋଗ ମଧ୍ୟରେ ମୋତେ ଓଡ଼ିଶା ବାହାରକୁ ଯିବାବେଳେ ଦିନକୁ ୩୫।୪୦ ମାଇଲ ପର୍ଯ୍ୟନ୍ତ ଚାଲିବାକୁ ପଡ଼ିଲା । ଆମାଶୟ ରୋଗୀ ପକ୍ଷେ ମୁଢ଼ି ଓ ଗୁଡ଼ ଖାଦ୍ୟ ବିଷ ଅଟେ । ଏହି ମୁଢ଼ି ଗୁଡ଼ ଯେଉଁଦିନ ରେଢ଼ାଖୋଲର ସରିପାଲି ଗ୍ରାମଠାରେ ଖାଇଲି, ସେ ଦିନ ହଠାତ୍ ଏ ବିଷ ଅମୃତ ହୋଇଗଲା ଏବଂ ମୁଁ ସଙ୍ଗେ ସଙ୍ଗେ ରୋଗମୁକ୍ତ ହେଲି । ରେଢ଼ାଖୋଲ ଷ୍ଟେଟ ଅତିକ୍ରମ କରି ସମ୍ବଲପୁର ଜିଲାରେ ପ୍ରବେଶ କଲୁ । କିନ୍ତୁ ସମ୍ବଲପୁର ଟାଉନକୁ ନ ଯାଇ ମଫସଲରେ ଚାଲି ଚାଲି ସମ୍ବଲପୁର ଟାଉନ ଅତିକ୍ରମ କରିଗଲୁ ।

ଏହିପରି ଅନୁଗୋଳର ଜଙ୍ଗଲରୁ ତେଇଶ ତାରିଖ ରାତିରୁ ବାହାରି ମୋର ରୁଗ୍ଣାବସ୍ଥାରେ ଦିନକୁ ଥରେ ମାତ୍ର ମୁଢ଼ି କିମ୍ବା ଚୂଡ଼ା ଖାଇ ସାଢ଼େ ତିନ ଦିନରେ ୧୨୫ ମାଇଲ ବାଟ ବଣ ଜଙ୍ଗଲ, କାନ୍ତାର ଏବଂ ପ୍ରାନ୍ତରରେ ଚାଲିଚାଲି ବାଇଶ ତାରିଖ ଦିନ ସମ୍ବଲପୁର ଝାଡ଼ସୁଗୁଡ଼ା ରେଲଲାଇନ୍‌ର ଶାସନ ଷ୍ଟେସନରେ ଟ୍ରେନ୍ ଧରିଲୁ ।

ଟିକଟ ଖର୍ଚ୍ଚ ବାଦ୍ ହାତରେ କେବଳ ୪ଜଣଙ୍କ ପାଇଁ ଦଶ ବାରଟି ମାତ୍ର ଟଙ୍କା ଥାଏ । କେହି ତ ପରିଚିତ ବ୍ୟକ୍ତି ନ ଥାନ୍ତି, ତେଣୁ କାହା ପାଖକୁ ଯିବୁ, କେଉଁ ଜାଗାକୁ ଯିବୁ ଏବଂ ଖର୍ଚ୍ଚ କିପରି ଯୋଗାଇବୁ ଇତ୍ୟାଦି ଭାବୁ ଭାବୁ ରେଳଗାଡ଼ି ରାତି ଆଉ ଆଉ ଟାଟାନଗରରେ ପହଞ୍ଚି-ଗଲା । ସେଠାରେ ପରିଚିତ ବ୍ୟକ୍ତି ଥା'ନ୍ତି ଜାଣି ଓହ୍ଲାଇ ପଡ଼ିଲୁ । ଧୀରେ ଧୀରେ ପରିଚିତ ବନ୍ଧୁ ଶ୍ରୀଯୁକ୍ତ ହୃଷୀକେଶ ନନ୍ଦଙ୍କ ବାସଭବନ ଥିବା ସାକ୍‌ଚି ବଜାରକୁ ଯାତ୍ରା କଲୁ । ଏତେବେଳକୁ ରାତି ପାହିଗଲାଣି ।

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ଟାଟାନଗର ଶିବିର

ମୁଁ ଜେଲରୁ ଅଦୃଶ୍ୟ ହୋଇଯିବାର ୨୫ ଦିନ ପରେ ଟାଟାନଗରର ଶାନ୍ତିନିକେତନ ହୋଟେଲରେ କୁଲି ବେଶରେ ପ୍ରଥମେ ପହଞ୍ଚିଲି । ହୋଟେଲର ପ୍ରୋପ୍ରାଇଟରମାନେ ମୋର ପରିଚିତ ବ୍ୟକ୍ତି । କିନ୍ତୁ ମୋର ମୃତ୍ୟୁ ଜନରବ ବିସ୍ତାରିଯାଇଥିବାରୁ ଏବଂ ମୁଁ କୁଲିବେଶରେ ଥିବାରୁ ପରିଚିତ ହେଲେ ସୁଦ୍ଧା ପ୍ରଥମେ ଯେଉଁ ପ୍ରୋପ୍ରାଇଟରଙ୍କୁ ଦେଖିଲି, ସେ ମୋତେ ବିଶ୍ୱାସ କରିପାରିଲେ ନାହିଁ । "ମୁଁ ପବିତ୍ର ବାବୁ, ମୋତେ ଚିହ୍ନନ୍ତୁ" ଇତ୍ୟାଦି କହିବାରୁ ଅବାକ୍ ଓ ବିସ୍ମିତ ହୋଇଗଲେ । କେହି କେହି କାନ୍ଦି କରି କହିଲେ, "ତାଙ୍କୁ ରାଜା ଓ ପଟ୍ଟାୟିତ ଜେଲରେ ହତ୍ୟା କରିଦେଲେ, ସେ କିପରି ଏଠାରେ ?" ତାପରେ ପୁଣି ଭଲ କରି ଲକ୍ଷ୍ୟ କରିବାରୁ ଓ ହୃଷୀକେଶ ନନ୍ଦ ଆସିବାରୁ ସେମାନଙ୍କର ଧାରଣା ଦୃଢ଼ ହେଲା । ମୋର ଜୀବିତାବସ୍ଥା ଓ ପହଞ୍ଚିବା କଥା ପ୍ରକାଶ ନ କରିବାକୁ ଶତବାର ସାବଧାନ ଓ ନିୟମ କରାଇଲେ ସୁଦ୍ଧା ହୋଟେଲ ଲୋକମାନେ ଆନନ୍ଦିତ ଓ କୌତୂହଳୀ ହୋଇ ନିକଟବର୍ତ୍ତୀ ଓଡ଼ିଆ ଓ ବଙ୍ଗାଳୀ ହୋଟେଲ ଏବଂ ଦୋକାନମାନଙ୍କରେ ଏ ବିଷୟ କହିଦେଲେ । ସଙ୍ଗେ ସଙ୍ଗେ ଲୋକ ଜମା ହୋଇଗଲେ, କିନ୍ତୁ ମୋତେ ଏବଂ ମୋର ସଙ୍ଗୀମାନଙ୍କୁ କେହି ଚିହ୍ନନ୍ତି ନାହିଁ । ମୋତେ କୁଲି ମନେ କରି ପଚାରିବାକୁ ଲାଗିଲେ, "ପବିତ୍ର ବାବୁ ବଞ୍ଚିଛନ୍ତି ତ ? ସତେ ରାଜା ତାଙ୍କୁ ମାରି ନାହିଁ ? କାହିଁ ପବିତ୍ରବାବୁ କେଉଁଆଡ଼େ ? ଟିକିଏ ଦେଖାଇ ଦିଅ ।" ମୁଁ ମଧ୍ୟ କାନ୍ଦିପକାଇ କହିଲି, "ପବିତ୍ରବାବୁଙ୍କୁ କାହୁଁ ପାଇବା ? ରାକ୍ଷସ ରାଜା ତାଙ୍କୁ ମାରିଦେଲା, ସେ ଆଉ ସଂସାରରେ ନାହାନ୍ତି ।" ମୋ ଠାରୁ ଏକଥା ଶୁଣି ଏକ ଆରେକର ମୁହଁକୁ ଚାହିଁଲେ, ନିଜେ ନିଜେ ଫୁସଫାସ କଥା ହେଲେ । 'କାହିଁ ପବିତ୍ର ବାବୁ ? ମିଛଟାରେ ଦୁର କରୁଛ !' କେହିବା ହୋଟେଲ ଗୋଟାକ—

Digitized by PPRACHIN, SOA

ଯା'କ ଖୋଜ ପକାଇଲା, କିନ୍ତୁ କୌଣସିଠାରେ ବାବୁ ପରି ପୋଷାକ ପତ୍ର ପିନ୍ଧିଥିବା ବ୍ୟକ୍ତିକୁ ପାଇଲେ ନାହିଁ । ମୋତେ ଲକ୍ଷ୍ୟ କରି ଜଣେ କହିଲା, 'ସେହି ଜଣକ ପବିତ୍ର ବାବୁ' , କିନ୍ତୁ ଅନ୍ୟମାନେ କହିଲେ "ସେ ତ ତାଙ୍କ ସଙ୍ଗେ ଆସିଛୁ—ଭୁଲ । ଏ କପରି ପବିତ୍ର ବାବୁ ହେବେ ।" ମୁଁ ଦେଖିଲି, ଲୋକେ ଏଠାରେ ମୋ ଆଗମନର ବିଶ୍ୱାସ କରୁନାହାନ୍ତି । ତେଣୁ ପୁଣି କହିଲି, "ନାହିଁ ଆଜ୍ଞା ସେ ତ ମରିଗଲେ, ସେ ପୁଣି କପରି ଏଠାକୁ ଆସିବେ ? ତାଳଚେର ରଜାର ଅତ୍ୟାଚାର ସହି ନ ପାରି ଦେଶ ଛାଡ଼ି ଚାକିରି ବାକିରି କରିବାକୁ ଆମ୍ଭେମାନେ ଏ ଆଡ଼େ ଚାଲିଆସିଛୁ ।" କିନ୍ତୁ ଏମାନଙ୍କ ମଧ୍ୟରୁ ଦୁଇ ଜଣ ମୋତେ ଉତ୍ତମରୂପେ ଲକ୍ଷ୍ୟ କରି ନିଜେ ନିଜେ ଚୁପ୍ ଚୁପ୍ କଥା ହେଉଥାନ୍ତି, "ଏ (ମୁଁ) ତ ନିଶ୍ଚିତ ପବିତ୍ରବାବୁ ।" ମୁଁ ଦେଖିଲି ଏ ଦୁଇ ଜଣ ପୁଣି ବିଷ୍ଟ କରିବେ । ସେମାନଙ୍କୁ କହିଲି, "ମୁଁ ପବିତ୍ରବାବୁ ବୋଲି ତୁମ୍ଭେମାନେ ସନ୍ଦେହ କରୁଛ; କିନ୍ତୁ ତୁମର ଧାରଣା ନିତାନ୍ତ ଭୁଲ୍ । ମୁଁ ତାଙ୍କର କକେଇ ପୁଅ ଭାଇ । ସେ ଅବଶ୍ୟ ଉଚ୍ଚଶିକ୍ଷିତ, ନେତା, ବଡ଼ଲୋକ ଏବଂ ପୋଷାକପତ୍ର ପିନ୍ଧିଲେ ବାବୁ ପରି ଦିଶନ୍ତି । ମୁଁ ଘରେ ରହି ହଳ ଓ ଚାଷ ବାସ କରେ । କିନ୍ତୁ ତାଙ୍କ ଚେହେରା ଠିକ୍ ଏ ମୋ ଚେହେରା ପରି ଦେଖାଯାଏ ।" ମୋଠାରୁ ଏକଥା ଶୁଣି ସେମାନଙ୍କର ସନ୍ଦେହ ସନ୍ଦେହରେ ରହିଲା । ମୁଁ ଜୀବିତ ଅବସ୍ଥାରେ ଟାଟାନଗରରେ ପହଞ୍ଚିବାର ଆନନ୍ଦଜୁଆର ଅକସ୍ମାତ୍ ଦୁଃଖଭଟ୍ଟାରେ ପରିଣତ ହେଲା । ଦେଖଣାହାରି ସମସ୍ତ ବ୍ୟକ୍ତି ନିରାଶ ହୃଦୟରେ ଫେରିଗଲେ ।

ଗତ ୨୫ ଦିନଯାକ ରାତି ଛାଡ଼ି ବାକି ସମସ୍ତ ସମୟ ଜଙ୍ଗଲରେ ବର୍ଷାପାଣି, ମାଟି ଏବଂ କାଦୁଅରେ କଟାଇଥିବାରୁ ଏବଂ ସ୍ନାନ ଭୋଜନର ଠିକ୍ ନ ଥିବାରୁ ଆମ୍ଭେମାନେ ନିତାନ୍ତ ଜୀର୍ଣ୍ଣ ଶୀର୍ଣ୍ଣ ଏବଂ ଅପରିଷ୍କାର ଅପରିଚ୍ଛନ୍ନ ହୋଇଯାଇଥିଲୁ । ତେଣୁ ସଙ୍ଗେ ସଙ୍ଗେ ସ୍ନାନ ଭୋଜନ କରି ଗୁପ୍ତ ଜାଗାକୁ ସ୍ଥାନାନ୍ତରିତ ହୋଇଗଲୁ । ମୁଁ ଜୀବିତାବସ୍ଥାରେ ଟାଟାନଗରରେ ପହଞ୍ଚିଛି ବୋଲି ଯେଉଁ କେତେ ଜଣ ଜାଣିପାରିଥିଲେ, ସେମାନଙ୍କୁ କହି-ଦିଆଗଲା ଯେ ମୁଁ ବମ୍ବେଇ ଚାଲିଗଲି ।

ବର୍ତ୍ତମାନ ଆମେ ବିହାର ପ୍ରଦେଶରେ । ଜେଲରୁ ମୋର ରହସ୍ୟ-ପୂର୍ଣ୍ଣ ଅନ୍ତର୍ଦ୍ଧାନ ରେଡ଼ିଓ ଓ ଖବର କାଗଜରୁ ଏବଂ ହତ୍ୟା ଜନରବ

Digitized by PPRACHIN, SOA

ଲୋକମୁଖରୁ ଶୁଣି ଅନେକ ଲୋକ ମୋର ନାମ ଓ ତାଳଚେର ପ୍ରଜାଙ୍କର ବୀରତ୍ୱ ଜାଣିଥାନ୍ତି । କିନ୍ତୁ ମୋତେ ଟାଟାନଗରରେ ଖୁବ୍ କମ୍ ଲୋକ ଚିହ୍ନନ୍ତି । ତେଣୁ ମୁଁ ଏବଂ ମୋର ସଙ୍ଗୀମାନେ ସେଠାରେ ଅପେକ୍ଷାକୃତ ଅଧିକ ମୁକ୍ତ ଓ ନିରାପଦ ଅନୁଭବ କଲୁ । ଅଧିକନ୍ତୁ ସ୍ନାନ, ଭୋଜନ ଓ ବାସସ୍ଥାନର ଅସୁବିଧା ନାହିଁ । ଗୋଇନ୍ଦା ଏବଂ ପୋଲିସ ସନ୍ଦେହରୁ ମୁକ୍ତ ହେବାକୁ ନାନା ଉପାୟ ଅବଲମ୍ବନ କରାଗଲା । ଆମ୍ଭେମାନେ ଟାଟା-ନଗରରେ ସୁଖରେ ରହିବା ପାଇଁ ତାଳଚେର ଛାଡ଼ି ଯାଇନଥିଲୁ । ଉଦ୍ଦେଶ୍ୟ ଥିଲା କୌଣସି ଆନ୍ତଃପ୍ରାଦେଶିକ ବିପ୍ଳବୀ ଅନୁଷ୍ଠାନ କିମ୍ବା ସମଗ୍ର ଭାରତବ୍ୟାପୀ ସଙ୍ଗଠନ ସଙ୍ଗେ ସମ୍ପର୍କ ରଖି ସୁସଙ୍ଗଠିତ ଭାବରେ ଓଡ଼ିଶାରେ ଆନ୍ଦୋଳନ ଚଳାଇବା । ତେଣୁ ବଙ୍ଗଳା କିମ୍ବା ମଧ୍ୟପ୍ରଦେଶ ନ ଯାଇ ବିହାରର ଏହି କାରଖାନା ଟାଉନକୁ ଆମର ହେଡ୍‌କ୍ୱାର୍ଟର୍ସ କରି ସମ୍ପର୍କ ଖୋଜିବା ଏବଂ ସ୍ଥାପନ କରିବାର ଚେଷ୍ଟା କଲୁ । ଆଉ ମଧ୍ୟ ଟାଟାନଗରରେ ରହିବାଦ୍ୱାରା ଆମ୍ଭେମାନେ ଓଡ଼ିଶାର ରାଜା ଓ ବ୍ରିଟିଶ ସରକାରର କାର୍ଯ୍ୟକଳାପ ଅନାୟାସରେ ଜାଣିପାରି ତାଳଚେରରେ ଥିବା ଗରିଲା ସୈନ୍ୟମାନଙ୍କଦ୍ୱାରା ସମସ୍ତ ପ୍ରକାର ସମ୍ଭବପର ପ୍ରତିରୋଧ କରିପାରିବୁ । ଏହି ସମସ୍ତ ଦୃଷ୍ଟିରୁ ବିହାରର ଟାଟାନଗର ଆମର ପ୍ରଧାନ କେନ୍ଦ୍ର ହେଲା ।

ଏଠାରେ ଆମ୍ଭମାନଙ୍କର ସ୍ଥିତି ଗୁପ୍ତ ଏବଂ ସୁବ୍ୟବସ୍ଥିତ କରି ନେବା ସଙ୍ଗେ ସଙ୍ଗେ ଗଡ଼ଜାତ ପ୍ରଜା ଓ ଆମ ଗରିଲା ସୈନ୍ୟଙ୍କ ପ୍ରତି ଦୃଷ୍ଟି ଓ ଧ୍ୟାନ ପ୍ରଥମେ ଆକର୍ଷିତ ହେଲା । ରାଜା ଓ ରାଜନୈତିକ ବିଭାଗର ଅତ୍ୟାଚାର ବନ୍ଦ କରିବା ନିମନ୍ତେ ନାନାପ୍ରକାର ଗୁପ୍ତ ଓ ଉନ୍ମୁକ୍ତ ଉପାୟ ଅବଲମ୍ବନ କରାଗଲା । ଏତଦ୍ୱାରା ଦରବାର ଏବଂ ତାଙ୍କ ଏଜେଣ୍ଟମାନେ ପ୍ରଜାଙ୍କ ଉପରେ ଯଦୃଚ୍ଛା ଅତ୍ୟାଚାର କରିବାର ସାହସ କରିନଥିଲେ । ଗରିଲା ସୈନ୍ୟମାନଙ୍କୁ ସାହାଯ୍ୟ ଓ ନିର୍ଦ୍ଦେଶ ଦେବା ନିମନ୍ତେ ଜଣେ ପ୍ରତିନିଧିଙ୍କୁ କିଛି ଅର୍ଥ ଓ ଲିଖିତ ଉପଦେଶ ସହ ପଠାଗଲା । ତେଣେ ବିହାର ଓ ବଙ୍ଗଳାର ବିପ୍ଳବୀମାନଙ୍କ ସଙ୍ଗେ ସାକ୍ଷାତ, ସମ୍ପର୍କ ଏବଂ ସହଯୋଗର ଅକ୍ଲାନ୍ତ ଚେଷ୍ଟା ଚାଲିଥାଏ ।

Digitized by PPRACHIN, SOA

ଶୁଭ ସମ୍ବାଦ

ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ସର୍ବତୋମୁଖୀ ଯତ୍ନ ଚାଲିଥାଏ, ହଠାତ୍ ଖବର କାଗଜରୁ ପଢ଼ିବାକୁ ପାଇଲୁ ଯେ, ହଜାରୀବାଗ କେନ୍ଦ୍ର ଜେଲରୁ ବିପ୍ଳବୀ ସାମ୍ୟବାଦୀ ନେତା ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ ତାଙ୍କର ପାଞ୍ଚଜଣ ବନ୍ଧୁଙ୍କ ସହିତ ଗୋପନରେ ସଫଳତାର ସହିତ ଖସି ପଳାଇଛନ୍ତି । ଏ ଖବର ପଢ଼ି ମୁଁ ହଠାତ୍ ଆନନ୍ଦରେ ଚିତ୍କାର କରି ନାଚିବାକୁ ଲାଗିଲି । ମୋର ବନ୍ଧୁମାନେ ମଧ୍ୟ ଆନନ୍ଦ ଲହରୀରେ ଉଦ୍‌ବେଳିତ ହେଲେ । ଆମ୍ଭମାନଙ୍କର ଏ ଉଚ୍ଛୃଙ୍ଖଳ ଚିତ୍କାର, ଉଚ୍ଚସ୍ୱର ଓ ଆଶାବ୍ୟଞ୍ଜକ ଆଲୋଚନା ଶୁଣି ଆମର ସତ୍କାରକ ହଠାତ୍ ଆସି ଆମକୁ ସଂଯତ ରହିବାକୁ ଅନୁରୋଧ କଲେ; କାରଣ ନାନା ବିପତ୍ତି ମୁଣ୍ଡାଇ ସେ ଆମ୍ଭମାନଙ୍କୁ ଆଶ୍ରୟ ଦେଇଥାନ୍ତି । ଜୟପ୍ରକାଶଙ୍କ ଜେଲରୁ-ପଳାୟନଦ୍ୱାରା ଆମ୍ଭମାନଙ୍କର ନୈରାଶ୍ୟ ନିଶ୍ଚିତ ଆଶାରେ ପରିଣତ ହେଲା । ଭାବିଲୁ ଅଖିଳ ଭାରତୀୟ ସଙ୍ଗଠନ ଓ ନେତୃତ୍ୱର ଅଭାବରୁ ୧୯୪୨ ଆନ୍ଦୋଳନ କ୍ରମେ ଦମିତ ହୋଇଯାଇଥିଲା । ଯାହା ହେଉ, ଜୟପ୍ରକାଶଙ୍କର ଜେଲମୁକ୍ତିଦ୍ୱାରା ଏ ଅଭାବ ପୂରଣ ହେଲା । ଏଣିକି ଦେଶ ତାଙ୍କ ନେତୃତ୍ୱରେ ନିଖିଳ ଭାରତ ସଂଘ କରି ଆନ୍ଦୋଳନକୁ ସଞ୍ଜୀବନୀ ଶକ୍ତିଦ୍ୱାରା ଶତଗୁଣେ ବଳୀୟାନ କରାଇ 'ଭାରତଛାଡ଼' ପ୍ରସ୍ତାବକୁ ବାସ୍ତବରେ ପରିଣତ କରିବ ।

ଶ୍ରୀଯୁକ୍ତ ଜୟପ୍ରକାଶଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନର ପ୍ରଯତ୍ନ

ସେହିଦିନଠାରୁ ଆମର ହତାଶ ଓ ନିରାଶ ହୃଦୟରେ ଜାଜ୍ୱଲ୍ୟମାନ ଆଶା ଓ ଆକାଂକ୍ଷା ଜାଗରିତ ହେଲା । ଜୟପ୍ରକାଶଙ୍କ ସଙ୍ଗେ ସହଯୋଗ ସ୍ଥାପନ କରିବାର ଚେଷ୍ଟା କରାଗଲା । ଏଣେ ମଧ୍ୟ ବଙ୍ଗଳା-ବିହାରର ଅନ୍ୟାନ୍ୟ ଦଳ ସହିତ ସମ୍ପର୍କ ସ୍ଥାପନର ଚେଷ୍ଟା ଚାଲିଥାଏ । ସେତେବେଳେ ଭାରତର ରାଜନୈତିକ ବାତାବରଣ ବଡ଼ ସନ୍ଦେହଜନକ ଥିଲା । ଉତ୍ତମରୂପେ ପୂର୍ବ ପରିଚୟ ନ ଥିଲେ କିମ୍ବା ଅତ୍ୟନ୍ତ ଅନ୍ତରଙ୍ଗ ଜାତୀୟତାବାଦୀ ବନ୍ଧୁ ଜରିଆରେ ସମ୍ବନ୍ଧ ସ୍ଥାପନ ନ ହେଲେ, କେହି କାହାକୁ ବିଶ୍ୱାସ କରୁନଥାନ୍ତି । ଯେଉଁ ଜାତୀୟତାବାଦୀମାନେ ଜେଲ ନ ଯାଇ କିମ୍ବା ଫେରାରି

Digitized by PPRACHIN, SOA

ନ ହୋଇ ବାହାରେ ଥାନ୍ତି, ସେମାନେ ନିଜର ସୁରକ୍ଷା ଓ ନିରାପଦତାକୁ ନେଇ କିରି କଥାବାର୍ତ୍ତା କରୁଥାନ୍ତି । ସେମାନେ ଭାବୁଥାନ୍ତି, ସେମାନଙ୍କର ଗୁପ୍ତ ଆନ୍ଦୋଳନକାରୀଙ୍କ ସଙ୍ଗେ ସମ୍ପର୍କ ଅଛି କି ନାହିଁ କିମ୍ବା ସେମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ କି ନୁହନ୍ତି, ଏ ସମ୍ବନ୍ଧରେ ସେମାନଙ୍କର ମତିଗତି ଜାଣିବା ପାଇଁ ସି.ଆଇ.ଡି ଏବଂ ପୋଲିସ ତାଙ୍କର ନିଜ ଗୋଇନ୍ଦାଙ୍କୁ ଜାଣିଶୁଣି ବାହାନାରେ ଆନ୍ଦୋଳନ ସମ୍ପର୍କରେ ସେମାନଙ୍କ ନିକଟକୁ ପଠାଇପାରନ୍ତି । ଏହି ସନ୍ଦେହ ଓ ଆଶଙ୍କାରୁ ଜେଲ ବାହାରେ ଥିବା ଉକ୍ତ ପ୍ରକାର ଜାଣିଶୁଣି ଓ କଂଗ୍ରେସ ବ୍ୟକ୍ତି ଅପରିଚିତ କଂଗ୍ରେସ ଲୋକଙ୍କୁ ଆଦୌ ବିଶ୍ୱାସ କରୁ ନ ଥାନ୍ତି । ଆମ୍ଭମାନଙ୍କୁ ଏହି କାରଣରୁ କେହି ବିଶ୍ୱାସ କଲେ ନାହିଁ । ଅଧିକନ୍ତୁ ସେତେବେଳେ ଆମ୍ଭମାନଙ୍କର ଓଡ଼ିଶା ବାହାରେ କୌଣସି କଂଗ୍ରେସ ବ୍ୟକ୍ତିଙ୍କ ସଙ୍ଗେ ପରିଚୟ ନ ଥିଲା; ତେଣୁ ଜୟପ୍ରକାଶଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ ନିତାନ୍ତ ଅସମ୍ଭବ ହେଲା ! ତେବେ ସୁଦ୍ଧା ନାନା ଚେଷ୍ଟା ଚାଲିଥାଏ । ଅନେକ ଚେଷ୍ଟା ପରେ ଜୟପ୍ରକାଶ ଗିରଫ୍ଦାର ହେବାର ଅଳ୍ପଦିନ ପୂର୍ବରୁ ତାଙ୍କ ସଙ୍ଗେ ସମ୍ପର୍କ ରଖିବାର ନିର୍ଣ୍ଣିତ ଉପାୟ ମିଳିଥିଲା । କିନ୍ତୁ ସମ୍ପର୍କ ସ୍ଥାପନ ହେବା ପୂର୍ବରୁ ଜୟପ୍ରକାଶଙ୍କର ଗିରଫଦାରୀ ହେଲା । ଆମର ସମସ୍ତ ଆଶା ଭରସା ଲୁପ୍ତ ହେଲା ।

ଗିରଫ୍ଦାରୀର ଆଶଙ୍କା

ନିଜ ପ୍ରଦେଶ ବାହାରେ ଅପରିଚିତ ଜାଗାରେ ରହିଲେ ସୁଦ୍ଧା ମୁଁ ଖୁବ୍ ସାବଧାନତାର ସହିତ ଚଳୁଥାଏ । ଘର ଭିତରୁ କେବେ ବାହାରକୁ ଆସୁ ନ ଥାଏ । ମୋର ସଙ୍ଗୀମାନେ ସମୟ ସମୟରେ ବାହାରକୁ ଆସନ୍ତି । ତାଳଚେର କିମ୍ବା ଢେଙ୍କାନାଳ ଗୋଇନ୍ଦା ଲକ୍ଷ୍ୟ କରିବ, ଏହା ମୋର ପୂରା ବିଶ୍ୱାସ ଥାଏ । ବାସ୍ତବିକ ତାଳଚେର ଏବଂ ଢେଙ୍କାନାଳ ତରଫରୁ ଅନେକ ଗୋଇନ୍ଦା ଟାଟାନଗରରେ ଥାନ୍ତି । ଗୋପନୀୟତା ବିଷୟରେ ମୋର ଅତ୍ୟଧିକ ଯତ୍ନ ଏବଂ କଡ଼ା ଉପଦେଶ ଓ ନିର୍ଦ୍ଦେଶ ମାନି ମୋର ସଙ୍ଗୀମାନେ ଚଳୁଥାନ୍ତି । କିନ୍ତୁ ଯେଉଁମାନେ ଆଶ୍ରୟ ଦେଇଥାନ୍ତି, ସେମାନେ ଏ କ୍ଷେତ୍ରରେ ନ ଥିବାରୁ ପୋଲିସର କାର୍ଯ୍ୟକଳାପ ଓ ଗତିବିଧିରେ କିଛି

Digitized by PPRACHIN, SOA

ଅବିଶ୍ୱାସ କରନ୍ତି ନାହିଁ । ସେମାନେ ବରଂ ବହୁତ ଚିଡ଼ି ଥାନ୍ତି ଏବଂ ମୋର ଗୋପନୀୟ ମତକୁ ବିନ୍ଦୁଭୂପୂର୍ଣ୍ଣ ସମାଲୋଚନା କରୁଥାନ୍ତି । ତାଙ୍କ ପାଖରେ ଥିବା ପର୍ଯ୍ୟନ୍ତ ପୋଲିସ କିଛି କରିପାରିବ ନାହିଁ ବୋଲି ସାହସ ଓ ଆଶ୍ୱାସନା ଦେଉଥାନ୍ତି ; କିନ୍ତୁ ମୁଁ ସେ କଥା ଶୁଣେ ନାହିଁ । ଆମ୍ଭେମାନେ ଯେଉଁ ବସାରେ ଥିଲୁ, ସେ ବସାକୁ ଜଣେ ଲୋକ ଦୈନନ୍ଦିନ ଲକ୍ଷ୍ୟ କରିବାର ମୁଁ ନଜର କରିଥିଲି । ମୋର ବନ୍ଧୁ ଓ ଆଶ୍ରୟଦାତାମାନଙ୍କୁ ଏ କଥା କହିଲି । ସମସ୍ତେ ହସି କରି ଉଡ଼ାଇଦେଲେ । କିନ୍ତୁ ମୁଁ ଅତ୍ୟନ୍ତ ବିରକ୍ତ ହୋଇ ବସା ବଦଳାଇଦେବାକୁ ଅନୁରୋଧ କଲି । ଶେଷରେ ଅନ୍ୟ ଜାଗାରେ ବସା କରିଗଲା । ବାସ୍ତବିକ ଯେଉଁ ରାତି ୯ଟାବେଳେ ବସା ଛାଡ଼ିଲୁ, ତା ପରଦିନ ରାତି ୨ଟାବେଳେ ସେ ବସା ଓ ଅନ୍ୟାନ୍ୟ ସମ୍ପର୍କିତ ବସା ଏକ ସମୟରେ ଘେରାଉ କରିଯାଇ ଖାନତଲାସ କରିଗଲା । ଆମକୁ ଚିହ୍ନାଇବା ପାଇଁ ତାଳଚେରର ଚିଫ୍ ପୋଲିସ ଅଫିସର କେଶବ-ଚନ୍ଦ୍ର ସାମନ୍ତ ଯାଇଥିଲେ । ଆଗରୁ ସମସ୍ତ ପୋଲିସ ଷ୍ଟେସନକୁ ମୋର ଫଟୋ ପଠାଇଦିଆହୋଇଥିଲା । ଆମ୍ଭେମାନେ ଯଦି ସେଦିନ ପ୍ରଥମ ବସା ଛାଡ଼ିନଥାନ୍ତୁ, ତେବେ ୧୯୪୩ ଜାନୁଆରୀ ୧୭ ତାରିଖ ଦିନ ରାତି ୧୨ଟା ବେଳେ ସମସ୍ତେ ଏକ ସମୟରେ ଗିରଫଦାର ହୋଇଥାନ୍ତୁ । ଏତେବେଳକୁ ଶ୍ରୀଯୁକ୍ତ ସୁଧାକର ରଥ ଆମ ସଙ୍ଗେ ଯାଇ ମିଶିଲେଣି ।

ନୂତନ ବସା

ଟାଟା ନଗରରେ ଆମର ଏ ନୂତନ ବସା ଏକ ନିରାପଦ ଜାଗା ଥିଲା । ଘର ଭିତରେ କୂଅ ଏବଂ ପାଇଖାନା । ଗୃହପାଖେ ସାଢ଼େ ଷ୍ଟଢ଼ହାତ ଉଚ୍ଚର ଏକ ପାଚେରୀ । ମଝି ଅଗଣାରେ ପନି-ପରିବା ଉତ୍ପାଦନ କରିବା ପାଇଁ ଗୋଟିଏ ଛୋଟ ବଗିଚା ଥାଏ । ବସାର ଅନ୍ୟ ବାସିନ୍ଦାମାନେ ଅଣ-ଓଡ଼ିଆ । ସେମାନେ ଆମ୍ଭମାନଙ୍କୁ ଓଡ଼ିଆ ବ୍ରାହ୍ମଣ ବୋଲି ଜାଣନ୍ତି । ଖାତିର ମଧ୍ୟ କରୁଥାନ୍ତି । ଆମ୍ଭମାନଙ୍କୁ ସନ୍ଦେହ କରିବାର ସେମାନଙ୍କର ସେତେ ଶକ୍ତି ନ ଥାଏ । ଆମ୍ଭେମାନେ ମଧ୍ୟ ଅତ୍ୟନ୍ତ ସାବଧାନତାର ସହିତ ଚଳୁଥାଉଁ ।

Digitized by PPRACHIN, SOA

୧୯୪୩ ଅପ୍ରେଲ ୮ ତାରିଖ ଦିନ ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା ଓ ପରାମର୍ଶ ଉଦ୍ଦେଶ୍ୟରେ ଗଡ଼ଜାତ ସୈନ୍ୟବାହିନୀର ଶ୍ରୀ ବନମାଳୀ ପ୍ରଧାନ (ମୃତ), ଶ୍ରୀ ରଘୁନାଥ ପ୍ରଧାନ ଏବଂ ଶ୍ରୀ ପଶୁରାମ ପ୍ରଧାନ ଟାଟା ନଗରରେ ପହଞ୍ଚିଲେ । ଦୁଇ ଦିନ ପରେ ସେମାନଙ୍କୁ ଆମର ନୂତନ ବସାକୁ ନିଆଗଲା । ଆଗରୁ ଆମ୍ଭେମାନେ ବସାରେ ପାଞ୍ଚ ଜଣ ଥିଲୁ । ଏକ୍ଷଣି ତିନିଜଣ ମିଶିଲେ । ଏପରି ମୋଟରେ ଆମ୍ଭେମାନେ ଆଠ ଜଣ ହେଲୁ ।

ଆଶ୍ରୟଦାତାଙ୍କଠାରୁ ବିଦାୟ

ଟାଟାନଗରରେ ହୋଟେଲ ଚଳାଉଥିବା ଶ୍ରୀଯୁକ୍ତ ହୃଷୀକେଶ ନନ୍ଦ ଓ ଅଧିକାଂଶ ପାଣିମାନେ ଆମ୍ଭମାନଙ୍କୁ ଆଶ୍ରୟ ଦେଇଥିଲେ । ସେମାନଙ୍କ ବିରୁଦ୍ଧରେ ତାଳଚେର ସରକାର କିଛି ପ୍ରମାଣ ନ ପାଇଲେ, ସୁଦ୍ଧା ତାଙ୍କ ପରିବାରବର୍ଗଙ୍କୁ ତାଳଚେରଠାରେ ହଇରାଣ କରିବାକୁ ଲାଗିଲେ । ଏଣେ ଟାଟାନଗରରେ ସେମାନଙ୍କ ପଛେ ପଛେ ଗୋଇନ୍ଦା । ଅଧିକନ୍ତୁ ପାଞ୍ଚ ଜଣଙ୍କ ସ୍ଥାନରେ ଆମ୍ଭେମାନେ ଆଠଜଣ ହେଲୁ । ଅର୍ଥର ସମସ୍ୟା ମଧ୍ୟ ପଡ଼ିଲା ; ତେଣୁ ଅପ୍ରେଲ ମାସ ୧୪ ତାରିଖ ଦିନ ପ୍ରଥମ ଆଶ୍ରୟଦାତା ଉକ୍ତ ଦୁଇ ଜଣ ଆମ୍ଭମାନଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇଦେଲେ । ସେମାନେ ମଧ୍ୟ ଆମ୍ଭମାନଙ୍କୁ ଅନୁରୋଧ କଲେ ଯେ, ନିରାପଦତା ଦୃଷ୍ଟିରୁ ଆମ୍ଭେମାନେ ଟାଟା ନଗର ପରିତ୍ୟାଗ କରି ଚାଲିଯାଉଁ । ସେମାନଙ୍କ କଥାରେ ହଁ କରିଦେଇ ଆମ୍ଭେମାନେ ଟାଟାନଗରର ଏକ ଅଂଶ ଯୁଗସଲାଇ ଟାଉନରେ ସ୍ୱାଧୀନ ଭାବରେ ରହିଲୁ । ସେହି ଦିନଠାରୁ ଭକ୍ତପାଣି ନାମକ ଜଣେ ବ୍ୟକ୍ତି ଆମ୍ଭମାନଙ୍କର ଖାଦ୍ୟ, ପାନୀୟ, ପରିଧେୟ ଓ ନିରାପଦତାର ସମ୍ପୂର୍ଣ୍ଣ ଭାର ନେଲେ । ଏ ବ୍ୟକ୍ତି ନିତାନ୍ତ ଗରିବ । ଘର ତାଳଚେର ଗୁରୁଜାଙ୍ଗ ମୌଜାରେ । ଟାଟା କମ୍ପାନୀର ହୋଟେଲରେ ଜଣେ ପୂଜାରୀ କାମ କରୁଥାନ୍ତି । ଧନରତ୍ନରେ ଏ ବ୍ୟକ୍ତି ଗରିବ ହେଲେ ସୁଦ୍ଧା ହୃଦୟରେ ଆକାଶ ପରି ମହାନ୍ ଏବଂ ସାଗର ପରି ଅତଳ । ନିଜ ଘରେ ଲଙ୍ଗଳା ହୋଇକରି ରହିଲେ ସୁଦ୍ଧା ଆମ୍ଭମାନଙ୍କର ଦରକାର ସ୍ଥଳେ ନିଜର ଜମିବାଡ଼ି ବିକି କରି ସାହାଯ୍ୟ କରିଥିଲେ । ପରିଶେଷରେ ଆମ୍ଭମାନଙ୍କ ପାଇଁ ତାଙ୍କର ପୂଜାରୀ ଚାକିରି ଖଣ୍ଡ ମଧ୍ୟ ଗଲା । ଏହାଙ୍କ ବ୍ୟତୀତ ଟାଟା କମ୍ପାନୀର ଗାର୍ଡ଼

Digitized by PPRACHIN, SOA

ରୂପେ କାମ କରୁଥିବା ଶ୍ରୀ ଉଦୟନାଥ ପାଣି, କେବଲ୍ କମ୍ପାନୀରେ କାମ କରୁଥିବା ଶ୍ରୀ ହରିହର ମିଶ୍ର ଏବଂ ପୂଜାରୀ ରୂପେ କାମ କରୁଥିବା ଶ୍ରୀ ମୂଷା ପାଣି (ସଦାଶିବ ପାଣି) ମଧ୍ୟ ସାମୟିକ ଆର୍ଥିକ ଓ ଶାରୀରିକ ସାହାଯ୍ୟ ଦେଇ କାର୍ଯ୍ୟପଦ୍ଧତି ପ୍ରତି ବେଶୀ ନଜର ଦେଇଥିଲେ । ଏମାନେ ସମସ୍ତେ ଅଳ୍ପ ବେତନଭୋଗୀ ଶ୍ରମିକ ଥିଲେ ମଧ୍ୟ ମୋ ବିରୁଦ୍ଧରେ ଥିବା ହଜାର ହଜାର ଟଙ୍କାର ପୁରସ୍କାର ଏମାନଙ୍କୁ ପ୍ରଲୋଭିତ କରିନଥିଲା ।

ଗରିଲା ସୈନ୍ୟଙ୍କର ବିପଦର ଆଶଙ୍କା

ଶ୍ରୀଯୁକ୍ତ ବନମାଳୀ ପ୍ରଧାନ ଓଗେରଙ୍କଠାରୁ ଗରିଲା ସୈନ୍ୟ-ମାନଙ୍କର ସମସ୍ତ ପ୍ରଶଂସନୀୟ କାର୍ଯ୍ୟ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଏ ମହାଶୟ ଗରିଲା ସୈନ୍ୟଙ୍କ ଶାସନ ସମ୍ପର୍କୀୟ ସର୍ବୋଚ୍ଚ କର୍ତ୍ତୃପକ୍ଷ ଥିଲେ । ଶ୍ରୀଯୁକ୍ତ ମହେଶ୍ୱର ପ୍ରଧାନ (ମୌଜାଃ ଜରଡ଼ା) ସର୍ବୋଚ୍ଚ ସାମରିକ କର୍ତ୍ତୃପକ୍ଷ ଏବଂ ଫିରଙ୍ଗି ପ୍ରଧାନ ତାଙ୍କ ସହକାରୀ ଥିଲେ । ମୋଠାରୁ ନିର୍ଦ୍ଦେଶ ନେଇ ଯାଇଥିବା ବ୍ୟକ୍ତିମାନେ ନାନା କାରଣବଶତଃ ଠିକ୍ ସମୟରେ ପହଞ୍ଚି ନ ପାରିବାରୁ ବନମାଳୀ ପ୍ରଧାନ ଦୁଇ ଜଣଙ୍କୁ ସଙ୍ଗରେ ନେଇ ପରାମର୍ଶ ଏବଂ ନିର୍ଦ୍ଦେଶ ଉଦ୍ଦେଶ୍ୟରେ ଆସିଥିଲେ । କିନ୍ତୁ ତାଙ୍କଠାରୁ ଯାହା ଶୁଣିଲୁ ସେଥିରୁ ଗରିଲା ସୈନ୍ୟଙ୍କର ନିଶ୍ଚିତ ବିପତ୍ତି ଆଶଙ୍କା କଲୁ । ଏ ବିପତ୍ତି ଏଡ଼ିବା ପାଇଁ ସଙ୍ଗେ ସଙ୍ଗେ ପଶୁରାମ ପ୍ରଧାନଙ୍କୁ ନିର୍ଦ୍ଦେଶ ସହ ପଠାଇ-ଦିଆଗଲା । ଇତିମଧ୍ୟରେ ଦେଖିଲୁ ଯେ, ସାରା ଭାରତ ବର୍ଷରୁ ଅଗଷ୍ଟ ଆନ୍ଦୋଳନ ଦମିତ ହୋଇଗଲାଣି । ଓଡ଼ିଶାରେ କେଉଁଠାରେ ହେଲେ ଆନ୍ଦୋଳନର ନାମ ଗନ୍ଧ ନ ଥାଏ । ଏକମାତ୍ର ଆଶା ଭରସା ଶ୍ରୀଯୁକ୍ତ ସୁରେନ୍ଦ୍ର ଦ୍ୱିବେଦୀ । ବହୁ ଦିନରୁ ବ୍ରିଟିଶ ହାତରେ ପଡ଼ି ଜେଲରେ ସଡ଼ୁ-ଥାନ୍ତି । ତେଣୁ ନିଖିଳ ଭାରତ ଅନୁଷ୍ଠାନ ଓ ନେତାମାନଙ୍କ ସଙ୍ଗେ ସମ୍ପର୍କ ନ ରଖିବା ପର୍ଯ୍ୟନ୍ତ ତାଳଚେରରୁ ସମସ୍ତ କାର୍ଯ୍ୟକ୍ରମ ବନ୍ଦ କରି ଟାଟା ନଗର କେନ୍ଦ୍ରକୁ ଚାଲି ଆସିବା ପାଇଁ ଶେଷ ନିର୍ଦ୍ଦେଶ ଦିଆଗଲା ।

ଗରିଲାଙ୍କର ତତ୍ପରତା

ଇତି ମଧ୍ୟରେ ସମୂହ ଜୋରିମାନା ଅସୁଲ କରିବାରେ ଓ ସମାନ୍ତର ସରକାରକୁ (ଯାହାକୁ ସରକାର ଗୁଣ୍ଡା-ସରକାର ବୋଲି ପ୍ରଚାର କରୁ-

Digitized by PPRACHIN, SOA

ଥିଲେ) ସମୂଳେ ଧ୍ୱଂସ କରିବାରେ ତାଳଚେର ଦରବାରଙ୍କର ପଦାତିକ ସୈନ୍ୟ ବହୁ ଅପବ୍ରଗୃହ ଓ ଅତ୍ୟାଗୃହ କରୁଥାନ୍ତି । ପ୍ରଜାମଣ୍ଡଳର ସମାନ୍ତର ସରକାର ପ୍ରତି ଯେ ଟିକିଏ ସହାନୁଭୂତି ଦେଖାଉଥିଲା, ତାହାପ୍ରତି ଅମାନୁଷିକ ବ୍ୟବହାର କରୁଥାନ୍ତି । ସରକାରଙ୍କର କେତେକ ଏଜେଣ୍ଟ ସରକାରଙ୍କଠାରୁ ଟଙ୍କା ପଇସା ଏବଂ ଜମିବାଡ଼ି ପାଇ ପ୍ରଜାଙ୍କୁ ଭୟଙ୍କର ଓ ନିର୍ମମ ଅତ୍ୟାଗୃହ କରୁଥାନ୍ତି । ଗରିଲା ସୈନ୍ୟମାନେ ଦରବାରଙ୍କର ଏ ଅତ୍ୟାଗୃହର ଯଥୋଚିତ ଉତ୍ତର ଦେବାକୁ କୁଣ୍ଠା ପ୍ରକାଶ କରି ନ ଥିଲେ । ଯେଉଁ ବ୍ୟକ୍ତିମାନେ ଏଜେଣ୍ଟ ହୋଇ ପ୍ରଜାଙ୍କର ଏବଂ ସ୍ୱରାଜ୍ୟ ସରକାରଙ୍କର ବିରୁଦ୍ଧରେ ଗଲେ, ସେମାନଙ୍କୁ ସ୍ୱରାଜ୍ୟ ସରକାର ରକ୍ଷା ଆଇନ ଅନୁସାରେ ଆର୍ଥିକ ଓ ଶାରୀରିକ ଦଣ୍ଡ ମଧ୍ୟ ଦେଉଥାନ୍ତି । ତାଳଚେର ସରକାର ଦେଖିଲେ ଯେ, ଗରିଲା ସୈନ୍ୟଙ୍କର ଶକ୍ତି ଓ ତତ୍ପରତା ଦିନକୁ ଦିନ ଉଗ୍ର ହେବାକୁ ଲାଗିଲା । କିନ୍ତୁ ପ୍ରଜାମାନେ ଆମର ପ୍ରଜାମଣ୍ଡଳ ସରକାରକୁ (ସମାନ୍ତର ବା ସ୍ୱରାଜ୍ୟ ସରକାର) ପସନ୍ଦ କରୁଥାନ୍ତି । ଏହି ହେତୁରୁ ଷ୍ଟେଟ ସରକାର ପ୍ରଜାମଣ୍ଡଳର ଗରିଲାସୈନ୍ୟଙ୍କୁ ଘେରରେ ପକାଇ ଏକାବେଳକେ ମାରିଦେବାକୁ ବ୍ରିଟିଶ ଓଡ଼ିଶା ଓ ବାମଣ୍ଡା ସରକାର ସଙ୍ଗେ ଚକ୍ରାନ୍ତ କରିବାକୁ ଲାଗିଲେ । ତଥାପି ଗରିଲା ସୈନ୍ୟଙ୍କ ପତ୍ତା ପାଇ ନ ଥିଲେ ।

ଗରିଲା ସୈନ୍ୟ ଉପରେ ବିପତ୍ତି

ଆମର ସ୍ୱରାଜ୍ୟ ସରକାରକୁ ଧ୍ୱଂସ କରି ଗରିଲା ସେନାର ପ୍ରତ୍ୟେକ ସୈନ୍ୟଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତାଳଚେର ଦରବାର ପୂର୍ବ୍ରବର୍ଣ୍ଣିତ ଅନୁସାରେ ନିକଟବର୍ତ୍ତୀ ସରକାରମାନଙ୍କ ସଙ୍ଗେ ଚକ୍ରାନ୍ତ କଲେ । ୧୯୪୩ ମଇମାସ ଶେଷ ସପ୍ତାହରେ ଦିନେ ରାତିରେ ଗରିଲା ସେନା, ଜଙ୍ଗଲ ମଧ୍ୟରେ ତାଙ୍କର ଏକ ନୂତନ ସାମରିକ ଘାଟିରେ ଶିବିର ପକାଇ ଆଶ୍ରୟ ନେଇଥାନ୍ତି । ଉଦ୍ଦେଶ୍ୟ ଥିଲା, ତା ପର ରାତିରେ ଶତ୍ରୁର ଏକ ଏଜେଣ୍ଟକୁ ଗିରଫଦାର କରି ସ୍ୱରାଜ-ସରକାର-ରକ୍ଷା ଆଇନ ଅନୁସାରେ ସାମରିକ ଅଦାଲତରେ ବିଚାର କରି ଦଣ୍ଡ ଦେବା । କିନ୍ତୁ ଦୁର୍ଦ୍ଦୈବ ସ୍ୱରାଜ ସରକାରର ଏ ଶ୍ରୀ ସହିପାରିଲା ନାହିଁ । ଦୁର୍ଭାଗ୍ୟବଶତଃ କ୍ୟାମ୍ପରକ୍ଷୀ ସେ ଦିନ ମଧ୍ୟ ଶୋଇପଡ଼ିଲା । ଏ ସମସ୍ତଙ୍କର ନିଦ୍ରିତ ଅବସ୍ଥାରେ ତାଳଚେର

Digitized by PPRACHIN, SOA

ଦରବାରର ପଦାତିକ ସୈନ୍ୟ ଆମର ଏ ଗରିଲା ସୈନ୍ୟମାନଙ୍କର ଅନୁସନ୍ଧାନରେ ଯାଇ ଯାଇ ସେମାନଙ୍କୁ ଦେଖିପକାଇଲେ । ଦେଖିଲାକ୍ଷଣି ଅନ୍ଧାଧୁନ୍ଦ ଗରିଲା ସୈନ୍ୟଙ୍କ ଉପରେ ପ୍ରବଳ ଗୁଳିବର୍ଷଣ କଲେ । ଗରିଲାଙ୍କର ସେନାପତି ଶ୍ରୀଯୁକ୍ତ ମହେଶ୍ୱର ପ୍ରଧାନ ଏବଂ ତାଙ୍କର ଜଣେ ସହକାରୀ (ଏ ବ୍ୟକ୍ତିଙ୍କ ଘର ଆଠମଲ୍ଲିକ ଷ୍ଟେଟ) ସଙ୍ଗେ ସଙ୍ଗେ ମରିଗଲେ, ବାକି ସମସ୍ତେ କ୍ଷତବିକ୍ଷତ ହୋଇ ନିଜର ଅସ୍ତ୍ର ଶସ୍ତ୍ର ଏବଂ ଅନ୍ୟାନ୍ୟ ସମସ୍ତ ଜିନିଷ ପରିତ୍ୟାଗ କରି ନିଜ ନିଜର ପ୍ରାଣ ନେଇ କୌଶଳରେ ଅତ୍ୟନ୍ତ ତତ୍ପରତା ଓ କ୍ଷିପ୍ରତାର ସହିତ ହଟିଗଲେ । ବର୍ତ୍ତମାନ ଦୁର୍ବୃତ୍ତ ତାଳଚେର ସରକାର ବ୍ରିଟିଶ ସରକାରର ଗୋଳା ବାରୁଦରେ ଗରିଲା ସେନାକୁ ସଂପୂର୍ଣ୍ଣରୂପେ ନିରସ୍ତ୍ର କରିଦେଲା । ଅସ୍ତ୍ରଶସ୍ତ୍ରହୀନ ହୋଇ ପ୍ରଜାମଣ୍ଡଳ ସୈନ୍ୟମାନେ ବିଭିନ୍ନ ଦିଗରେ ଚାଲିଗଲେ । ପାଞ୍ଚ ସାତ ଦିନରେ ଏକ ଜାଗାରେ ପୁଣି ଠୁଳ ହେଲେ । ପୁନର୍ବାର ସଂଗଠନ କରି ଯୁଦ୍ଧ ଚଳାଇବାର ଉପାୟ ନାହିଁ । କାରଣ ହାତରେ ଅସ୍ତ୍ର ଶସ୍ତ୍ର ନାହିଁ । ଅଧିକନ୍ତୁ ବ୍ରିଟିଶ ଓଡ଼ିଶା ଓ ଅନ୍ୟାନ୍ୟ ଗଡ଼ଜାତ ରାଜାଙ୍କର ସୈନ୍ୟମାନେ ଆମ ପ୍ରଜାମଣ୍ଡଳ ସୈନ୍ୟଙ୍କୁ ଗ୍ରାମ ଓ ଜଙ୍ଗଲର ପ୍ରତ୍ୟେକ ଅନ୍ଧକନ୍ଦିରେ ଖୋଜିବାକୁ ଲାଗିଲେ ।

ଗରିଲା ସୈନ୍ୟ ଓଡ଼ିଶାରୁ ଝାଣ୍ଟା କେନ୍ଦ୍ର ଶିବିରକୁ ସ୍ଥାନାନ୍ତରିତ

ପୂର୍ବକଥିତ ଅନୁସାରେ ସ୍ଥିର ହେଲା ଯେ, ଗରିଲା ସୈନ୍ୟଙ୍କର କାର୍ଯ୍ୟକଳାପ ତାଳଚେରରୁ ବନ୍ଦ କରି ଦିଆଯିବ । ସୈନ୍ୟମାନଙ୍କ ଉପରେ ଶତ୍ରୁର ଏ ଆକ୍ରମଣ ବିଶେଷତଃ ସେନାପତି ମହେଶ୍ୱରଙ୍କର ମୃତ୍ୟୁ ଓ ସମସ୍ତ ଅସ୍ତ୍ରଶସ୍ତ୍ର ହରାଇବା ଖବର ଆମ୍ଭମାନଙ୍କ ହୃଦୟରେ ଆଘାତ କଲା । କିନ୍ତୁ ଅନ୍ୟ ସମସ୍ତେ କୌଶଳରେ ହଟିଯାଇଛନ୍ତି ଓ ଜୀବିତ ଅଛନ୍ତି, ଏହି ଖବର ମନରେ ଆଶ୍ୱାସନା ଦେଲା । ଭାବିଲୁ, ଯଦି ସୈନ୍ୟମାନେ ଜୀବିତ ଥାଆନ୍ତି ତେବେ ଅସ୍ତ୍ର ଶସ୍ତ୍ର ଆମ୍ଭେମାନେ ପୁନର୍ବାର ବନ୍ଦୋବସ୍ତ କରିପାରିବୁ । ମହେଶ୍ୱରଙ୍କ ମୃତ୍ୟୁ ଖବର ଶୁଣି ସଙ୍ଗେ ସଙ୍ଗେ ବାକି ଗରିଲା ସୈନ୍ୟଙ୍କୁ ଝାଣ୍ଟାନଗର କେନ୍ଦ୍ରକୁ ନେଇ ଆସିବା ନିମିତ୍ତ ଶ୍ରୀଯୁକ୍ତ ବନମାଳୀ ପ୍ରଧାନ, ଗାଣ୍ଡୁ ସାହୁ, କାଳନ୍ଦୀଚନ୍ଦ୍ର ପ୍ରଧାନ ଏବଂ ପର୍ଶୁରାମ ପ୍ରଧାନଙ୍କୁ ପଠାଇଲୁ ।

Digitized by PPRACHIN, SOA

ଏମାନେ ସମସ୍ତେ ଅନୁଗୋଳ ଓ ତାଳଚେରର ସୀମା ଜଙ୍ଗଲକୁ ଗଲେ । ଏ ଗୁଳିକାଣ୍ଡ ପରେ ଅନୁଗୋଳ ପୋଲିସ ଅନୁଗୋଳ ପ୍ରଜାମାନଙ୍କୁ ଏପରି ଭୟଭୀତ କରାଇଥାଏ ଯେ, ଲୋକେ ଖୋଲା ଭାବରେ ଆମର ଏ ସ୍ୱେଚ୍ଛାସେବକଙ୍କୁ ସାହାଯ୍ୟ ଦେବାକୁ ଅସ୍ୱୀକାର କଲେ ; କିନ୍ତୁ ଗୋପନରେ ସମସ୍ତ ପ୍ରକାର ସହାନୁଭୂତି ଦେଖାଇଲେ । ଆମର ବିଚ୍ଛିନ୍ନ ସୈନ୍ୟ-ମାନଙ୍କୁ ଉଦ୍ଧାର କରି ଆଣିବାରେ ଶ୍ରୀଯୁକ୍ତ ବନମାଳୀ ପ୍ରଧାନ ଓ ଗାଣ୍ଡୁ ସାହୁ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ; ବିଶେଷତଃ ଶ୍ରୀଯୁକ୍ତ ବନମାଳୀ ପ୍ରଧାନ ଜୀବନକୁ ହାତରେ ନେଇ ଅତ୍ୟନ୍ତ କୌଶଳ ଓ ଧୈର୍ଯ୍ୟର ସହିତ ଗରିଲା ସୈନ୍ୟଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଝାଃଝାନଗର ନେଇ ଆସିଲେ । ବର୍ତ୍ତମାନ ଆମ୍ଭେମାନେ ତାଳଚେରରେ ମିଳିଟାରୀ ସଂପର୍କ ଓ କାର୍ଯ୍ୟକଳାପ ଭୁଟାଇ ଦେଲୁ । ପ୍ରଜାମଣ୍ଡଳ ସରକାରକୁ ମଧ୍ୟ ନିଷ୍କ୍ରିୟ କରିଦେଲୁ ; କିନ୍ତୁ ଝାଃଝା-ନଗରର ପ୍ରଧାନ କ୍ୟାମ୍ପରୁ ପ୍ରତି ମାସରେ ଜଣେ ଦୁଇ ଜଣ ତାଳଚେର ଯାଇ ସେଠାରେ ପ୍ରଚାର କାର୍ଯ୍ୟ କରୁଥିଲୁ । ଦରବାରଙ୍କ ଅତ୍ୟାଚାରର ପ୍ରତିକାର ମଧ୍ୟ ସାଧ୍ୟମତେ କରିବାରେ ହେଳା କରୁନଥିଲୁ । ଏହିପରି ୧୯୪୨ ଅଗଷ୍ଟଠାରୁ ସ୍ୱରାଜ୍ୟ ସରକାର ବା ସମାନ୍ତର ସରକାର ସ୍ଥାପନ କରି ୧୯୪୩ର ଜୁନ୍ ମାସ ପର୍ଯ୍ୟନ୍ତ ପ୍ରାୟ ଦଶମାସ କାଳ ତାଳଚେର ଓ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଖଣ୍ଡଯୁଦ୍ଧ ଚଳାଇ ଶେଷରେ ଝାଃଝା-ନଗରକୁ ହଟିଗଲୁ ।

ଝାଃଝା ଶିବିରରେ ଗରିଲା ସୈନ୍ୟଙ୍କ ସମାବେଶ

ପ୍ରଜାମଣ୍ଡଳର ସରକାର ଓ ସୈନ୍ୟମାନେ ବର୍ତ୍ତମାନ ଝାଃଝାନଗର ଶିବିରରେ । ମୁଁ, ଶ୍ରୀଯୁକ୍ତ ସୁଧାକର ରଥ, କାଳନ୍ଦୀଚନ୍ଦ୍ର ପ୍ରଧାନ, ବିଚ୍ଛନ୍ଦ-ଚନ୍ଦ୍ର ପ୍ରଧାନ, ବନମାଳୀ ପ୍ରଧାନ, ଫିରଙ୍ଗି ପ୍ରଧାନ, ମୁକୁନ୍ଦ ସାହୁ, ଗାଣ୍ଡୁ ସାହୁ, ପଶୁରାମ ପ୍ରଧାନ, ଘନବନ୍ଧୁ ସାହୁ ଓଗେର ସମସ୍ତେ ଉକ୍ତ ଘରେ ରହିଲୁ । ଏମାନଙ୍କୁ ତାଳଚେରରୁ ହଟାଇ ନେବାର ସ୍ଥିର କରି କୌଶଳ-କ୍ରମେ ଉକ୍ତ ଅଗଣା ମଧ୍ୟରେ ଥିବା ବାକି ଲୋକମାନଙ୍କୁ ଅନ୍ୟତ୍ର ରଖାଇବାର ଚେଷ୍ଟାକଲୁ । ଏମାନଙ୍କ ମଧ୍ୟରୁ ଆମେ ତିନି ଚାରି ଜଣଙ୍କୁ ଛାଡ଼ି ଅନ୍ୟ କେହି ହିନ୍ଦୀ, କିମ୍ବା ବଙ୍ଗଳା କହିବା ତ ଦୂରର କଥା, ଏପରି କି ଆଦୌ ବୁଝି-

Digitized by PPRACHIN, SOA

ପାରନ୍ତି ନାହିଁ । ତେଣୁ ସେମାନଙ୍କୁ ହିନ୍ଦୀ ଓ ବଙ୍ଗଳା ଶିଖାଇବାକୁ ପଡ଼ିଲା । କ୍ୟାମ୍ପରେ ଦୈନିକ ଆଲୋଚନା ହୁଏ । ଗରିଲା ଯୁଦ୍ଧ ଚଳାଇବା ଉଦ୍ଦେଶ୍ୟରେ ନିଖିଳ ଭାରତ ସମ୍ପର୍କ ସ୍ଥାପନରେ ଚେଷ୍ଟାର ବିରାମ ନ ଥାଏ ।

ଉତ୍କଟ ଖାଦ୍ୟ ସମସ୍ୟା

ପୂର୍ବେ କୁହାଯାଇଛି ଯେ, ଅପ୍ରେଲ ମାସ ୧୪ ତାରିଖଠାରୁ ଆମ୍ଭମାନଙ୍କର ପ୍ରଧାନ ଆଶ୍ରୟଦାତା ଦୁଇ ଜଣ ଆମ୍ଭମାନଙ୍କୁ ବିଦାୟ ଦେଲେ । ବିଦାୟ ଦେଲେ ଅର୍ଥ—ଆର୍ଥିକ ଏବଂ ଶାରୀରିକ ସମସ୍ତ ପ୍ରକାର ସମ୍ପର୍କ ଓ ସାହାଯ୍ୟ ତୁଟାଇଦେଲେ । ତାପରେ ଯେ ସମସ୍ୟା ଉପୁଜିଲା, ପୂର୍ବର ସେହି ଭକ୍ତପାଣି ନ ଥିଲେ ଆମ୍ଭେମାନେ ତତ୍କାଳୀନ ଅର୍ଥନୈତିକ ଦୁର୍ଗତିରୁ ମୁକ୍ତି ପାଇ ପାରି ନ ଥାଆନ୍ତୁ । ୧୯୪୩ ର ମାର୍ଚ୍ଚ-ଅପ୍ରେଲଠାରୁ ସାରା ଭାରତବର୍ଷରେ ପୃଥିବୀର ଦ୍ୱିତୀୟ ମହାସମରର ଅର୍ଥନୈତିକ ପ୍ରଭାବ ଓ ପ୍ରତିକ୍ରିୟା ପଡ଼ିବାକୁ ଲାଗିଲା । ଖାଦ୍ୟ, ପାନୀୟ ଓ ପରିଧେୟ ପ୍ରଭୃତି ଜୀବନର ନିତାନ୍ତ ଆବଶ୍ୟକୀୟ ଜିନିଷର ଦରଦାମ ଚାରିଗୁଣ ବଢ଼ିଗଲା । ଏତେବେଳକୁ କଣ୍ଟ୍ରୋଲ ପ୍ରଥା ଆରମ୍ଭ ହୋଇନଥାଏ । ଜିନିଷ ପତ୍ରର ଦରଦାମ ଆହୁରି ଅଧିକ ବଢ଼ିବ ଜାଣି ଚାଷୀ ଓ ବ୍ୟବସାୟୀମାନେ ସବୁ ଜିନିଷ ଗୋପନ କରି ରଖିନେଲେ, କେହି ବିକଲେ ନାହିଁ । ବିଶେଷ କରି ଖାଦ୍ୟଜିନିଷ, ଯଥା: ଚାଉଳ ଏବଂ ଗହମ ଓଗେର ବଜାରରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଗଲା । ଟଙ୍କାରେ ଏକ ସେର (ଦୁଇ ମାଣ) ସୁଦ୍ଧା ଚାଉଳ ମିଳିଲା ନାହିଁ । ବଙ୍ଗଦେଶରେ ଭୟାନକ ଦୁର୍ଭିକ୍ଷ ପଡ଼ିଲା । କଲିକତା ଫୁଟ୍‌ପାଥ୍‌ରେ ଖାଦ୍ୟ ଅଭାବରୁ ଦିନକୁ ଦିନ ଶତ ଶତ ଲୋକ ମରି ଗଡ଼ିଲେ । ଦୁର୍ଭିକ୍ଷରେ ବଙ୍ଗଦେଶରୁ ପ୍ରାୟ ୬୦ ଲକ୍ଷ ଲୋକ ମରିଗଲେ । ଟାଟାନଗରରେ ଚାଉଳ ଆଦୌ ମିଳିଲା ନାହିଁ । ଆଖପାଖ ଗ୍ରାମର ଅବସ୍ଥା ମଧ୍ୟ ତଦ୍ରୂପ । ଲୋକମାନଙ୍କ ପାଖରେ ହଜାର ହଜାର ଟଙ୍କା ଥାଏ, କିନ୍ତୁ ଚାଉଳ ଓ ଗହମ ଅଭାବରୁ ଖାଇବାକୁ ପାଉନଥାନ୍ତି । ସେତେବେଳକୁ ଅର୍ଥାତ୍ ଅପ୍ରେଲ ମାସବେଳକୁ ଆମ୍ଭେମାନେ ପ୍ରଥମେ ଆଠଜଣ ଓ ଜୁଲାଇ ମାସବେଳକୁ ପନ୍ଦର କୋଡ଼ିଏ ହୋଇଗଲୁ । ଏକେ ତ ପାଖରେ ଅର୍ଥ ନାହିଁ ; ଦ୍ୱିତୀୟତଃ ଯାହା କିଛି ଅର୍ଥ ଥାଏ, ତା ବିନିମୟରେ ଚାଉଳ ଟଙ୍କାରେ ଏକ ସେର ସୁଦ୍ଧା ମିଳୁ ନାହିଁ ।

Digitized by PPRACHIN, SOA

ଏକସେର ମିଳିଲେ ସୁଦ୍ଧା ଦିନକୁ ସାତ ଆଠ ଟଙ୍କା ଖର୍ଚ୍ଚ କରିବାର ଶକ୍ତି ଆମର କାହିଁ ? ଆଉ ଏକ ଅସୁବିଧା ଯେ, ଆମ ଗୁରଜଣଙ୍କୁ ଛାଡ଼ି ବାକି ସମସ୍ତେ ନୂତନ । କେହି ହିନ୍ଦୀ ବା ବଙ୍ଗଳା ଭାଷା କହିବା ତ ଦୂରର କଥା ବୁଝିପାରନ୍ତି ନାହିଁ । କି କାମ ବା କରିବେ ? କାମ କେଉଁଠାରେ ଦିଠାରୁ ମିଳୁଛି ? ତେଣୁ ଭାତ କମ୍ବା ରୁଟି ଖାଇବା ଆଶା ଛାଡ଼ିଦେଲୁ ।

ଆମେ ଯେଉଁ ଘରେ ଥାଉ, ଉକ୍ତ ଘରର ଅଗଣାରେ ଅନେକ ଜଙ୍ଗଲ ଶାଗ ଉଠିଥିଲା । ତାକୁ କୋଡ଼ି କୋଣି ପାଣି ଦେଇ ଯତ୍ନ କରିବାରୁ ସେ ଶାଗ ବହୁତ ପରିମାଣରେ ହେଲା । ଏହା ଏକପ୍ରକାର ଲେଉଟିଆ ଶାଗ । ଥରେ କାଟିଲେ ୫ ଦିନ ପରେ ପୁଣି ବଢ଼ିଯାଏ ।

ଚାଉଳ ତ ମିଳିଲା ନାହିଁ । ଏଣେ ଟଙ୍କା ନ ଥାଏ । କିନ୍ତୁ କୌଣସି ପ୍ରକାର କାର୍ଯ୍ୟରେ ଲଗିବା ପର୍ଯ୍ୟନ୍ତ ଜୀବନ ଧାରଣ କରିବୁ । ଏହି ହେତୁରୁ ଦୈନିକ ଦୁଇ ଟଙ୍କାର ବୁଟ-ବେସନ ଖରିଦ କଲୁ । ସେତେବେଳକୁ ଟଙ୍କାରେ ବୁଟ ଅଢ଼େଇ ସେର ଏବଂ ବେସନ ଦୁଇ ସେର ମିଳୁଥାଏ । ସକାଳଓଳି ଅଢ଼େଇ ସେର ବୁଟ ସିଝାଇ ସମସ୍ତେ ଖାଉଁ ଏବଂ ଉପରଓଳି ଦୁଇ ସେର ବେସନ ପକୁଡ଼ି କରି ଖାଉ । ଦିନକୁ ବୋଝେ ଲେଖାଏ ଲେଉଟିଆ ଶାଗ କାଟୁ । ଏହି ଶାଗ ଥାଏ ପ୍ରଧାନ ଖାଦ୍ୟ । ସମସ୍ତେ ବାଣ୍ଟି ଖାଉ । ବିଚ୍ଛନ୍ଦ ଏବଂ କାଳନ୍ଦୀଚନ୍ଦ୍ର କମ ବୟସର ଯୁବକ ଥାଆନ୍ତି । ସେମାନଙ୍କର ସାମ୍ୟବାଦ ବିଷୟରେ ଏକ ଅଦ୍ଭୁତ ଧାରଣା ଥାଏ । ସେମାନେ ଯେଉଁ ଦିନ ଖାଦ୍ୟ ବାଢ଼ନ୍ତି, ସେ ଦିନ ସମସ୍ତଙ୍କ ପାଇଁ ସମାନରୂପେ ବାଢ଼ନ୍ତି । ସାମ୍ୟବାଦ ବିଷୟରେ ସେମାନଙ୍କର ଭୁଲ ଏବଂ ଅଦ୍ଭୁତ ଧାରଣା ଏହି ଯେ, ସମାଜର ସମସ୍ତ ବ୍ୟକ୍ତି ସମାନ କରି କାର୍ଯ୍ୟ କରିବେ ଓ ସମାନ କରି ବାଣ୍ଟି ଖାଇବେ । ଏହି ହେତୁରୁ ଏ ସମାନତା ଦୃଷ୍ଟି । ସମାନରୂପେ ବଢ଼ା ହେବାଦ୍ୱାରା ଆମେ ଯେଉଁ କେତେଜଣ ଶାରୀରିକ ଦୁର୍ବଳତା ଏବଂ ଅଭ୍ୟାସବଶତଃ ଅପେକ୍ଷାକୃତ ଅଳ୍ପ ଖାଦ୍ୟ ଦରକାର କରୁ, ସେମାନଙ୍କର ପେଟ ପ୍ରାୟ ଦଶ ଅଣା ପୂରିଯାଏ । କିନ୍ତୁ ଘନବନ୍ଧୁ ସାହୁ, ଫିରଙ୍ଗି ପ୍ରଧାନ, ମକୁନ୍ଦ ସାହୁ ଓଗେର ଯେଉଁମାନେ ଅପେକ୍ଷାକୃତ ସବଳ ଓ କଠିନ ପରିଶ୍ରମୀ ଏବଂ ଅଭ୍ୟାସବଶତଃ ଅଧିକ ଖାଦ୍ୟ ଦରକାର କରନ୍ତି, ସେମାନଙ୍କର ପେଟ

Digitized by PPRACHIN, SOA

ଘୂରିଅଣା ମଧ୍ୟ ପୂରେ ନାହିଁ । ନିଜେ ବଞ୍ଛନିଧିଚରଣ ଏବଂ କାଳନ୍ଦୀଚନ୍ଦ୍ର ଏ ଦୁଇ ଜଣ କମ୍ ବୟସ୍କ ଯୁବକ । ତେଣୁ ଏମାନେ ମଧ୍ୟ ଅପେକ୍ଷାକୃତ ବେଶୀ ଖାଦ୍ୟ ଦରକାର କରନ୍ତି ।

ମୁଁ ଦେଖିଲି, ମୋର ଯୁବକ ସାଥୀ ଓ ସହକର୍ମୀ ଦୁଇ ଜଣ ସାମ୍ୟବାଦର ଭୁଲ ଅର୍ଥ ବୁଝି ବୈଷମ୍ୟବାଦରେ ପରିସ୍ଖଳିତ ହେଉଛନ୍ତି । ତେଣୁ ପ୍ରତ୍ୟେକ ଲୋକର ଶକ୍ତି ଅନୁସାରେ ତା'ଠାରୁ କାର୍ଯ୍ୟ ହାସଲ କରିବା ଏବଂ ଦରକାର ଅନୁସାରେ ଖାଦ୍ୟ, ପାନୀୟ, ପରିଧେୟ ଓ ବାସସ୍ଥାନ ପ୍ରଭୃତି ଯୋଗାଇବା ଇତ୍ୟାଦି ସାମ୍ୟବାଦର ଏହି ବାସ୍ତବ ନୀତିରେ କାର୍ଯ୍ୟ କରିବାକୁ ଉପଦେଶ ଦେଲି । ସେତେବେଳକୁ କାର୍ଯ୍ୟ ବୋଲି ତ କିଛି ନ ଥାଏ । ବାକି ରହିଲା ଅଳ୍ପ ଖାଦ୍ୟ କପରି ସାମ୍ୟବାଦ ନୀତିରେ ବାଣ୍ଟି କରି ଖାଇବା । ଏହି ଦୃଷ୍ଟିରୁ ମୁଁ ନିଜେ ଏ ଭାର ହାତକୁ ନେଲି । ପ୍ରତ୍ୟେକଙ୍କ ପ୍ରୟୋଜନୀୟତା ଅନୁସାରେ ଖାଦ୍ୟର ଭାଗ ସାନ ବଡ଼ କରି ବାଣ୍ଟେ । ଏଥିରେ ସମସ୍ତଙ୍କ ପେଟ ୭ ଅଣା ପର୍ଯ୍ୟନ୍ତ ପୂରିଲା । ପୂର୍ବପରି କାହାର ଦଶଅଣା କାହାର ଛ ଅଣା ଏବଂ କାହାର ଚାରି ଅଣା ପୂରିବା କଥା ରହିଲା ନାହିଁ । ଏହି ତାରତମ୍ୟ ଭାଗ ବଣ୍ଟାରେ ମୋର ଭାଗ ନିତାନ୍ତ କମ୍ ଦେଖାଯାଏ । ତେଣୁ ବଞ୍ଛନିଧିଚରଣ, କାଳନ୍ଦୀଚନ୍ଦ୍ର ଓ ସୁଧାକର ବାବୁ ଓଗେର ମୁଁ ଟିକିଏ ଆଡ଼େଇ ହୋଇ ହାତ ଧୋଇବାକୁ ଗଲେ ମୋ ଭାଗରେ ତାଙ୍କ ଭାଗରୁ କିଛି ଅଂଶ ଗୁପ୍ତରେ ମିଶାଇ ଦିଅନ୍ତି । ମୁଁ ଏହା ଜାଣି ପରେ ଫେରାଇଦିଏ ।

ଏହି ଭୁଟ ଏବଂ ବେସନ ଖିଆ ଏକ ମାସ ପର୍ଯ୍ୟନ୍ତ ଚାଲିଲା । ଇତିମଧ୍ୟରେ ଅବଶ୍ୟ ଦିନେ ଦିନେ ଭାତ ଖାଇବାକୁ ପାଉଥାଉ । ପୂର୍ବବର୍ଣ୍ଣିତ ଆମ୍ଭର ସେହି ଭକ୍ତ ପାଣି କୌଣସି ପ୍ରକାରେ ଚାଉଳ ସଂଗ୍ରହ କରି ଆମ୍ଭମାନଙ୍କୁ ଭାତ ଖୁଆଉଥାନ୍ତି ।

ଆମ୍ଭମାନଙ୍କର ଏ ଦୁର୍ଦ୍ଦଶା ଦେଖି ଆମର ଭକ୍ତ ବଡ଼ ଚିନ୍ତିତ ହେଲେ । ସେ ନିଜେ ଯେପରି କର୍ତ୍ତି ପରି ଦାମ ଅନ୍ୟଠାରୁ ଦିଆଇବାରେ ସେହିପରି କୃଷ୍ଣ ପରି ଦାତା । ନାନା ଉପାୟ ଓ କୌଶଳରେ ଦୁଇ ମହଣ

Digitized by PPRACHIN, SOA

ଚାଉଳ ଏବଂ ଆଠ ସେର ଡାଲିର ରେସନ୍ କାର୍ଡ଼ କରାଇ ଦେଲେ । ସେଥିପାଇଁ ମାସିକ ଚବିଶ ଟଙ୍କା ଦେବାକୁ ପଡ଼ିଲା । ସମୟେ ସମୟେ ଏ ଟଙ୍କା ମଧ୍ୟ ସେ ନିଜେ ଦିଅନ୍ତି । ଚଉଦ ପନ୍ଦର ଜଣଙ୍କୁ ମାସିକ ଦୁଇ ମହଣ ଚାଉଳ, ଜଣପ୍ରତି ମାସକୁ ପାଞ୍ଚ ସେର ଓ ତିନି ଛଟାଙ୍କି ଅର୍ଥାତ୍ ଦଶମାଣ ଛ ଦିଶ୍ୱା ଚାଉଳ ଭାଗ ପଡ଼ିଲା । ପୂର୍ବବର୍ଣ୍ଣିତ ଅନୁସାରେ ବାଣ୍ଟି କରି ଖାଉ । ପେଜ ଏବଂ ଚୋବାଣି ଆଦୌ ପକାଉ ନାହିଁ । ପ୍ରତିଦିନ ବହୁତ ଶାଗ କାଟୁ । ଶାଗ ଥିଲା ପ୍ରଧାନ ଏବଂ ମୁଖ୍ୟ ଖାଦ୍ୟ ; ଭାତ କମ୍ବା ଅନ୍ୟ ଜିନିଷ ଥିଲା ଗୌଣ ଖାଦ୍ୟ । ଦିନକୁ ଦୁଇ ଥର ମାତ୍ର ଖାଉ । ପେଜ ପିଉ, ଦିନ ଦିନ ଧରି ବାଇଗଣ ପୋଡ଼ା ଖାଇ ଚଳିଛୁ ; କିନ୍ତୁ ଦେଶର ସ୍ୱାଧୀନତା ପାଇଁ ଏ କଷ୍ଟ ସ୍ୱୀକାର କରିବାକୁ ସୁଯୋଗ ପାଇଛୁ ବୋଲି ନିଜକୁ ଭାଗ୍ୟବାନ୍ ଓ କୃତାର୍ଥ ମନେକରି ପରମ ଆନନ୍ଦରେ ଥାଉ । ଏତେ ଅସୁବିଧା ସତ୍ତ୍ୱେ ଆନ୍ଦୋଳନ ଓ ଭାବୀ ଯୁଦ୍ଧ ଆମ ମନରେ ସର୍ବପ୍ରଥମ ଏବଂ ଏକମାତ୍ର ସ୍ଥାନ ଅଧିକାର କରିଥାଏ ।

କାର୍ଯ୍ୟରେ ନିଯୁକ୍ତି

୧୪।୧୫ ଜଣ ଲୋକ । ହାତରେ ଟଙ୍କା ପଇସା କିଛି ନାହିଁ, ଉକ୍ତ ଭକ୍ତଙ୍କ ବ୍ୟତୀତ ଅନ୍ୟ କୌଣସି ସହାୟକ ନାହିଁ । କାମ ନ କରି ଖାଲି ବସି ରହିବାଦ୍ୱାରା ଗୋଇନ୍ଦା, ପୋଲିସ ଏବଂ ଆଖ ପାଖ ବ୍ୟକ୍ତିଙ୍କର ସନ୍ଦେହ ବଢ଼ିଯିବ, ଏହି ଉଦ୍ଦେଶ୍ୟରେ କାର୍ଯ୍ୟ ପ୍ରାପ୍ତି ନିମିତ୍ତ ଚେଷ୍ଟା କରାଗଲା । ପୂର୍ବ ବର୍ଣ୍ଣିତ ଭକ୍ତ, ହରିହର, ସଦାଶିବ, ଉଦୟନାଥ ଏବଂ ଅନ୍ୟାନ୍ୟ-ମାନେ କାର୍ଯ୍ୟ ଅନୁସନ୍ଧାନରେ ଲାଗିଗଲେ । ଏତେବେଳକୁ ଆମର ନୂତନ ଆଗତ ସାଥୀ ଏବଂ ସୈନ୍ୟମାନେ ଖଣ୍ଡିଆ ଖଣ୍ଡିଆ ହିନ୍ଦୀ ଓ ବଙ୍ଗଳା କହି-ପାରିଲେଣି । ରାନ୍ଧିବା କାର୍ଯ୍ୟ ମଧ୍ୟ ଚଳନୀୟରୂପେ ଶିଖିଲେଣି । ହଠାତ୍ କାର୍ଯ୍ୟ ମିଳିବାରୁ କାଳନ୍ଦୀଚରଣ ଗୋଟିଏ ଗୁରୁଦ୍ୱାରରେ ଶିଖ ସନ୍ନ୍ୟାସୀ-ରୂପେ କିଛିଦିନ ରହିଗଲେ । ପରେ ଜଣେ ସାହେବର ଅର୍ଦ୍ଦଳୀ ହେବା କାର୍ଯ୍ୟରେ ନିଯୁକ୍ତ ହେବାକୁ ପ୍ରସ୍ତୁତ ଥିଲେ । ମୁକୁନ୍ଦ ସାହୁ ଜଣେ ମୁସଲ-ମାନ ଘରେ ଚାକର ରହି ମହିଷ ଚରାଇବା କାମ ଗ୍ରହଣ କଲେ । ପଶୁରାମଜୀ ଜଣେ ପକୁଡ଼ି ଦୋକାନୀ ପାଖରେ ରହିଗଲେ, କାର୍ଯ୍ୟ ବିଷୟରେ

Digitized by PPRACHIN, SOA

କେତେକ ଚିକିଏ ଉଚ୍ଚ ଗୃହକର ଅପେକ୍ଷାରେ ଥାନ୍ତି । ଏଠାରେ ଉଚ୍ଚ ଗୃହକରର ଅର୍ଥ ପୂଜାରୀ କାର୍ଯ୍ୟ । କାରଣ ଅନ୍ୟ କୌଣସି ଫ୍ୟାକ୍ଟ୍ରୀ ବା କାରଖାନାରେ କାର୍ଯ୍ୟ କରିପାରିବୁ ନାହିଁ ; ଯେହେତୁ ନାମ, ଧାମ ଓ ଠିକଣା ଇତ୍ୟାଦିର ଅନୁସନ୍ଧାନ ନିଶ୍ଚୟ ହେବ । ବାକି କାର୍ଯ୍ୟ ମଧ୍ୟରେ ଦୁଏତ କଣ୍ଟ୍ରାକ୍ଟର ନିକଟରେ ଦିନ ମଜୁରିଆ କରିବା କିମ୍ବା ସର୍ବୋତ୍କୃଷ୍ଟ କାର୍ଯ୍ୟ ହେଉଛି ବଡ଼ ବଡ଼ ବାବୁଙ୍କ ଘରେ ପୂଜାରୀ କାମ । ପୂଜାରୀ କାମ ହଠାତ୍ ନ ମିଳିବାରୁ ମୁଁ ସେମାନଙ୍କୁ ଘରୁଆ ଗୃହକର କାମ ଇତ୍ୟାଦି କରିବାକୁ ଉପଦେଶ ଦେଲି । ସେମାନେ ସେଥିରେ ଅନିଚ୍ଛୁକ ହେବାରୁ ଆ... ଦେଖାଇବା ପାଇଁ ମୁଁ ପ୍ରଥମେ ମେହେନ୍ତର କାର୍ଯ୍ୟ କିମ୍ବା ଘରୁଆ ଗୃହକର ରହିବାକୁ ପ୍ରସ୍ତୁତ ହେଲି । କିନ୍ତୁ ଆଦର୍ଶ ଦେଖାଇବା ପୂର୍ବରୁ ପୂଜାରୀ କାର୍ଯ୍ୟ ମିଳିଗଲା ।

ବିଚ୍ଛିନ୍ନ

ସଂପର୍କ ସ୍ଥାପନ ପର୍ଯ୍ୟନ୍ତ ଟାଟା ନଗରରେ କେନ୍ଦ୍ର କରି ରହିବାର ବାସନା ଥିଲା, କିନ୍ତୁ ଉଲ୍ଲିଖିତ ବିକଟ ଖାଦ୍ୟ ସମସ୍ୟା, କାର୍ଯ୍ୟର ଅଭାବ ଏବଂ ବିଶେଷତଃ ତାଳଚେର ଓ ଢେଙ୍କାନାଳ ସି. ଆଇ. ଡ଼ି.ଙ୍କର ପ୍ରାଦୁର୍ଭାବ ଓ ତତ୍ପରତାବଶତଃ ସମସ୍ତେ ଏକତ୍ର ରହିବା ନିତାନ୍ତ ମୂର୍ଖତା ଓ ବେ-ରାଜନୈତିକତାର କାର୍ଯ୍ୟ ବୋଲି ବିବେଚନା କଲୁ । ଅଧିକନ୍ତୁ ଯେଉଁ ଭକ୍ତ ପାଣି ଆମ୍ଭମାନଙ୍କୁ ଆର୍ଥିକ ଓ ଶାରୀରିକ ସହାୟତା ଦେଉଥିଲେ, ତାଙ୍କର ଆମଦାନୀ ସୂତ୍ର ଆମ୍ଭମାନଙ୍କ ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ବନ୍ଦ ହୋଇଗଲା । ସେ ଟାଟା ନଗରରେ ରହି ଆମ୍ଭମାନଙ୍କୁ ସାହାଯ୍ୟ ଦେବାର ଉପାୟ ନ ଥିଲା । କାରଣ ଟାଟା କଂପାନୀ ହୋଟେଲରୁ ତାଙ୍କର ପୂଜାରୀ କାମଖଣ୍ଡିକ ଗୁଲିଗଲା । ତେଣୁ ଖାଦ୍ୟ ସଙ୍କଟ ଓ ରାଜନୈତିକ ନିରାପଦତାବଶତଃ ବିଚ୍ଛିନ୍ନ ହେବାର ସ୍ଥିର ହେଲା । କିନ୍ତୁ କେନ୍ଦ୍ର ଅଫିସ ନିଶ୍ଚୟ ରହିବ । ଉକ୍ତ ଅଫିସରେ ମୁଁ ଆଉ ଜଣେ ଦୁଇ ଜଣଙ୍କୁ ସଙ୍ଗରେ ନେଇ ରହିବି । ସମ୍ପର୍କ ସ୍ଥାପନ ଓ କାର୍ଯ୍ୟଗ୍ରହଣ ଉଦ୍ଦେଶ୍ୟରେ ଅନ୍ୟମାନେ ଭିନ୍ନ ଭିନ୍ନ ଜାଗାକୁ ଯିବାର ସ୍ଥିର ହେଲା । ପ୍ରତ୍ୟେକ ନିଜ ନିଜର ସ୍ଥିତି ଏବଂ ଚେଷ୍ଟାର ପ୍ରଗତି ପତ୍ରଦ୍ୱାରା କେନ୍ଦ୍ର ଅଫିସକୁ ଜଣାଇବେ । କେନ୍ଦ୍ର

ଅଫିସରୁ ମଧ୍ୟ ସମସ୍ତ ପ୍ରଗତି ସେମାନଙ୍କୁ ଜଣାଇଦିଆଯିବାର ନିଷ୍ପତ୍ତି ହେଲା । ଏହି ଭାବନା ଓ କଳ୍ପନାରେ ୧୯୪୩ ସେପ୍‌ଟେମ୍ବର ମାସରେ ସମସ୍ତେ ବିଚ୍ଛିନ୍ନ ହୋଇଗଲୁ । କେନ୍ଦ୍ର ଅଫିସରେ କେବଳ ମୁଁ ରହିଲି । କିନ୍ତୁ କେନ୍ଦ୍ର ଅଫିସରୁ ତିନି ଚାରି ମାଇଲ ଦୂରରେ ଗରିଲା ସେନାର ତିନି ଜଣ ଆଗୁଆ ସୈନିକ ପ୍ରତ୍ୟେକ ଏକ ଏକ କାର୍ଯ୍ୟ କରୁଥାନ୍ତି ।

Digitized by PPRACHIN, SOA

ଜୟପ୍ରକାଶ

Digitized by PPRACHIN, SOA

ପଞ୍ଚମ ପରିଚ୍ଛେଦ

ଜୟପ୍ରକାଶଙ୍କ ସହିତ ମିଳନ ଉଦ୍ଦେଶ୍ୟରେ ପ୍ରସ୍ଥାନ

ଆମ୍ଭମାନଙ୍କର ବିଚ୍ଛିନ୍ନ ହେବା ପରେ ମୋର ଏକମାତ୍ର କାର୍ଯ୍ୟ ହେଲା ବିପ୍ଳବୀ ଦଳଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ । ସେତେବେଳକୁ ଠାଠାରେ ଜୟପ୍ରକାଶଙ୍କର ଏକ ଦଳ ଗିରଫଦାର ହୋଇ ସାରିଥିଲେ । ଅନେକ ଚେଷ୍ଟା ପରେ ଜଣେ ବନ୍ଧୁଙ୍କ ଜରିଆରେ ଉକ୍ତ ଦଳର ଏକ କର୍ମୀଙ୍କ ସଙ୍ଗେ ସଂପର୍କ ସ୍ଥାପିତ ହେଲା । କର୍ମୀ ମୋ ନାମ ଆଗରୁ ଜାଣିଥିଲେ; କିନ୍ତୁ ମୁଁ ମୃତ ବୋଲି ବିଶ୍ୱାସ କରିଥିଲେ । ଯାହା ହେଉ, ମୋର ଜୀବିତାବସ୍ଥା ଜାଣି ସେ ଆନନ୍ଦିତ ହେଲେ । ସେତେବେଳକୁ ସେ ସକ୍ରିୟ ନ ଥିଲେ । ତଥାପି ମୋତେ ଜୟପ୍ରକାଶ ବାବୁଙ୍କ ନିକଟକୁ ପଠାଇଦେବାର ଚେଷ୍ଟା କରୁଥିଲେ । ଜୟପ୍ରକାଶଙ୍କ ଦଳର ମୁଖ୍ୟ ବ୍ୟକ୍ତିଙ୍କଠାରୁ ଅନୁମତି ମିଳିଥିଲା । ମୁଁ ଯିବା ଉଦ୍ଦେଶ୍ୟରେ ଅପେକ୍ଷାରେ ଥିଲି, କିନ୍ତୁ ଜୟପ୍ରକାଶଙ୍କର ଗିରଫଦାରି ଯୋଗୁଁ ସବୁ ବନ୍ଦ ହୋଇଗଲା ।

ଜୟପ୍ରକାଶଙ୍କ ଗିରଫଦାରୀ ଖବର

ଜୟପ୍ରକାଶଙ୍କ ଗିରଫ୍‌ଦାରି ସଂବାଦ ଖବରକାଗଜରେ ପ୍ରକାଶିତ ହେବା ପୂର୍ବରୁ ମୋର ଉକ୍ତ ବନ୍ଧୁ ଏ ଖବର ରେଡ଼ିଓରୁ ଶୁଣି ମୋ ନିକଟକୁ ପଠାଇଦେଲେ । ତାଙ୍କ ଗିରଫଦାରି ଖବର ମୋ ମସ୍ତକରେ ବଜ୍ରାଘାତ କଲା । କ୍ଷଣକ ପାଇଁ ମୁଁ ଚେତାଶୂନ୍ୟ ହୋଇଗଲି । ପର ମୁହୂର୍ତ୍ତରେ ଧୈର୍ଯ୍ୟ ଧରି ନିଜକୁ ସମ୍ଭାଳିନେଲି । ବ୍ରିଟିଶ ସରକାର ପ୍ରତି ରାଗ, ବିରକ୍ତି, ଘୃଣା ଏବଂ ପ୍ରତିଶୋଧ ନେବାର ଆକାଂକ୍ଷା ଶତଗୁଣେ ବଢ଼ିଗଲା । ବ୍ରିଟିଶ ସରକାରର ଯେଉଁ ଭାରତୀୟ ଗୋଇନ୍ଦାମାନେ ତାଙ୍କ ପଛେ ପଛେ ଲାଗି ତାଙ୍କୁ ଧରାଇଦେଲେ, ସେମାନଙ୍କୁ ସବଂଶରେ ତୋପ-ଗାଡ଼ି କରିଦେବାର ପ୍ରବୃତ୍ତି ପ୍ରଜ୍ଜ୍ୱଳିତ ହେଲା । ଜୟପ୍ରକାଶଙ୍କ ସଙ୍ଗେ

Digitized by PPRACHIN, SOA

ସାକ୍ଷାତ କରି ତାଙ୍କ ସାହାଯ୍ୟରେ ଓଡ଼ିଶାରେ ବିଶେଷତଃ ଅନୁଗୋଳ ସମେତ ଅନୁଗୋଳର ଚତୁଃପାର୍ଶ୍ୱବର୍ତ୍ତୀ ତାଳଚେର, ଢେଙ୍କାନାଳ, ବାମଣ୍ଡା, ରେଢ଼ାଖୋଲ, ଆଠମଲ୍ଲିକ, ଦଶପଲ୍ଲା, ବଉଦ, ନରସିଂହପୁର ଓ ହିନ୍ଦୋଳରେ ଆନ୍ଦୋଳନ ପୁନର୍ବାର ଚଳାଇବାର କଳ୍ପନା ଧୂଳିସାତ୍ ହେଲା । ସମସ୍ତ ଆଶା ଭରସା ଲୁପ୍ତ ହେଲା । ମନର ବ୍ୟଥା ଓ ଯନ୍ତ୍ରଣା ଏତେ ହେଲା ଯେ, ୭ ଦିନ ପର୍ଯ୍ୟନ୍ତ ମୁଁ ମୂକ ଏବଂ ନିସ୍ତେଜ ହୋଇ-ପଡ଼ିଲି ।

ଆଶା ଓ କଳ୍ପନା ପୁନର୍ଜୀବିତ

ଯେତେବେଳେ ସମ୍ପର୍କ ସ୍ଥାପନ ନିମନ୍ତେ ତାଳଚେର ଗୁଡ଼ ବଙ୍ଗିବିହାର ଦିଗରେ ଚାଲି ଆସିଲି, ସେତେବେଳେ ଉଦ୍ଦେଶ୍ୟ ଥିଲା ଯେ, ଫରଓ୍ୱାର୍ଡ଼ ବ୍ଲକ ସଙ୍ଗେ ସମ୍ପର୍କ ସ୍ଥାପନ କରି ସୁଭାଷ ବାବୁଙ୍କ ନିକଟକୁ ଚାଲିଯିବି । କିନ୍ତୁ ଜୟପ୍ରକାଶ ବାବୁଙ୍କର ଜେଲମୁକ୍ତି ପରେ ସେହି କଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ବେଶୀ ଯତ୍ନବାନ ନ ହୋଇ ବରଂ ଜୟପ୍ରକାଶ ବାବୁଙ୍କ ସଙ୍ଗେ ସମ୍ପର୍କ ରଖିବାରେ ଅଧିକ ଧ୍ୟାନ ଦେଇଥିଲି । ଏହାର କାରଣ ଜୟପ୍ରକାଶ ବାବୁ ଓ ତାଙ୍କ ଦଳ ସହଜଲଭ୍ୟ । ଅଧିକନ୍ତୁ ସେମାନେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ଥିଲେ; କିନ୍ତୁ ଜୟପ୍ରକାଶ ବାବୁଙ୍କର ଗିରଫ୍‌ଦାରୀ ପରେ ମୋର ପ୍ରଥମର ସମସ୍ତ ଆଶା ଓ ଧ୍ୟାନ ସୁଭାଷ ବାବୁ ଓ ତାଙ୍କ ଦଳ ପ୍ରତି ପୁନର୍ବାର ଆକୃଷ୍ଟ ହେଲା । ସୁଭାଷ ବାବୁଙ୍କ ଦଳ ସହିତ ସମ୍ପର୍କ ସ୍ଥାପନ ଏକମାତ୍ର ଲକ୍ଷ୍ୟ ହେଲା, କିନ୍ତୁ ଏ ଲକ୍ଷ୍ୟ ପ୍ରାପ୍ତି ହେବ କିପରି ?

ଏତେବେଳକୁ ମୋର ଶାରୀରିକ ଓ ଆର୍ଥିକ ଅବସ୍ଥା ନିତାନ୍ତ ଶୋଚନୀୟ ହୋଇଗଲାଣି । ଖାଦ୍ୟ ପରିପେୟ କିଛି ନ ଥାଏ । ଦିନସାକ କେବଳ ଏକପାଆ ଗୁଡ଼ିଳ ରାନ୍ଧି ଖାଉଥାଏ । କ୍ୟାମ୍ପରେ ଖରାଦିନଠାରୁ ସୁଧାକର ବାବୁ ଅନେକ ଜହ୍ନି ଓ ଭେଣ୍ଡି ଲଗାଇଥାନ୍ତି । ସେଥିରେ ବହୁତ ଜହ୍ନି ଓ ଭେଣ୍ଡି ଫଳୁଥାଏ । ସେସବୁ ମାର୍କେଟରେ ବିକ୍ରୀ କରି ଘରଭଡ଼ା ପ୍ରଭୃତି ବସାଖର୍ଚ୍ଚ ଚଳାଉଥାଉ । ସେତେବେଳେ ମୋର ପ୍ରଧାନ ଖାଦ୍ୟ ଥିଲା, କେବଳ ଲୁଣପାଣିରେ ସିଝା ଶାଗ, ଜହ୍ନି ଓ ଭେଣ୍ଡି । ମୋର ଏ ଶୋଚନୀୟ ଅବସ୍ଥା ଦେଖି ଏବଂ ଜୟପ୍ରକାଶ ବାବୁଙ୍କ ଗିରଫ୍‌ଦାରୀରେ

Digitized by PPRACHIN, SOA

ମର୍ମାହତ ହୋଇ ମୋର କେତେକ ସଙ୍ଗୀ ମୋତେ କହିଲେ, "ଏଣିକି ଆପଣ ଆନ୍ଦୋଳନ ବିଷୟରେ ଆଉ ଅଧିକ ଚିନ୍ତା କରନ୍ତୁ ନାହିଁ । ଆମ ଘରମାନରୁ ଟଙ୍କା ନେଇ ଆପଣ ବସାଖର୍ଚ୍ଚ ଚଳାନ୍ତୁ । ସୁବିଧାରେ ଖିଆପିଆ କରନ୍ତୁ ।" ଏକଥା ଶୁଣି ମୁଁ ଅତ୍ୟନ୍ତ ମର୍ମାହତ ହେଲି । ବନ୍ଧୁମାନଙ୍କୁ କହିଲି, "ଖାଇପିଇ ଜୀବନଧାରଣ କରିବା ଉଦ୍ଦେଶ୍ୟରେ ମୃତ୍ୟୁର ସମ୍ମୁଖୀନ ହୋଇ ଜେଲରୁ ଖସି ପଳାଇ ଆସି ନାହିଁ । ମୋର ଉଦ୍ଦେଶ୍ୟ ହେଉଛି, ଇଂରେଜ-ମାନେ ଭାରତବର୍ଷ ନ ଛାଡ଼ିବା ପର୍ଯ୍ୟନ୍ତ ଅନବରତ ଯୁଦ୍ଧ କରି କରି ହୁଏତ 'କରିବା' କିମ୍ବା 'ମରିବା' ; 'ମାରିବା' କିମ୍ବା 'ମରିବା' । ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ଜୟପ୍ରକାଶଙ୍କ ଉଦ୍ଦେଶ୍ୟରେ ଚେଷ୍ଟା କରିଥିଲି । ଚେଷ୍ଟା ସଫଳ ହେଲାବେଳକୁ ସେ ଗିରଫ୍‌ଦାର ହୋଇଗଲେ । ସେ ସିନା ବନ୍ଦୀ ହେଲେ, ଆମ୍ଭେମାନେ ତ ବନ୍ଦୀ ହୋଇନାହୁଁ ! ଆମ୍ଭେମାନେ ଏକ୍ଷଣି ମୁକ୍ତ । ତେଣୁ ଯୁଦ୍ଧ ଉଦ୍ଦେଶ୍ୟରେ ଚେଷ୍ଟା ନ କରିବା କିମ୍ବା ବାସ୍ତବ ଯୁଦ୍ଧରୁ କ୍ଷାନ୍ତ ହୋଇ ଶରୀର ରକ୍ଷାପୂର୍ବକ ସୁଖମୟ ଜୀବନ କଟାଇବା ସୈନିକ ପକ୍ଷେ, ଦେଶପ୍ରେମୀ ପକ୍ଷେ, ସ୍ୱାଧୀନତାକାମୀ ପକ୍ଷେ ଯେପରି ଅଶୋଭନୀୟ, ସେପରି ନୀତିବିରୁଦ୍ଧ । ଶରୀରରକ୍ଷା ନିମନ୍ତେ ତୁମ୍ଭମାନଙ୍କ ଅର୍ଜିତ ଅର୍ଥରେ ଗୃହେଳ ସିଝାଇ ଖାଇବା ଓ ବସାରେ ବସି ଖବର କାଗଜ ପଢ଼ି ସପ୍ତାହରେ ଦୁଇ ଥର ତୁମ୍ଭମାନଙ୍କ ସଙ୍ଗେ ଆଲୋଚନା କରିବା ଏବଂ ବାସ୍ତବରେ ଯୁଦ୍ଧ ନ କରି ଯୁଦ୍ଧର କଳ୍ପନା-ଜଳ୍ପନା କରୁଥିବା ମୋର ନୀତି କିମ୍ବା ଲକ୍ଷ୍ୟ ନୁହେଁ । ଅବଶ୍ୟ କଳ୍ପନା-ଜଳ୍ପନା କରିବାକୁ ହେବ, କିନ୍ତୁ ଆଉ ବିଶ୍ରାମ ନେବାର ସମୟ ନାହିଁ । ଅପେକ୍ଷା କରିବାର ବେଳ ନାହିଁ । ଜୟପ୍ରକାଶଙ୍କୁ ପାଇବାର ଆଶା ଭରସା ଲୁପ୍ତ ହେଲା । ସୁଭାଷ ବାବୁ ସହଜେ ନ ମିଳିଲେ ସୁଦ୍ଧା ଯୁଦ୍ଧ ଉଦ୍ଦେଶ୍ୟରେ ତାଙ୍କୁ କିମ୍ବା ତାଙ୍କ ଦଳର ବ୍ୟକ୍ତିଙ୍କୁ ଖୋଜି ସେମାନଙ୍କ ସାହାଯ୍ୟରେ ଯୁଦ୍ଧ ଚଳାଇବା ମୋର ପ୍ରଧାନ ଲକ୍ଷ୍ୟ ।

ସୁଭାଷ ବାବୁଙ୍କ ପ୍ରତି ଆକୃଷ୍ଟ

ମୋର ମୁହଁରୁ ଏକଥା ଶୁଣି ବନ୍ଧୁ ସୈନିକମାନେ ଯେତିକି ଆନନ୍ଦିତ ସେତିକି ନିରାନନ୍ଦ; ଯେତିକି ଉତ୍ଫୁଲ୍ଲ ସେତିକି ବିମର୍ଷ; ସେମାନଙ୍କର ଏହି ହର୍ଷବିଷାଦମିଶ୍ରିତ ଭାବନା ଜାତ ହେବାର ଏକ ପ୍ରଧାନ କାରଣ ଥିଲା ।

Digitized by PPRACHIN, SOA

ସେମାନେ ପ୍ରତ୍ୟେକେ ବାସ୍ତବ ଯୋଦ୍ଧା ଥିବାରୁ ମୋର ଏ ଉତ୍ତେଜିତ ଓ ଆଶ୍ୱସ୍ତ ବାକ୍ୟ ଶୁଣି ଆନନ୍ଦିତ ହେଲେ, କିନ୍ତୁ ସେ ସମସ୍ତଙ୍କର ଅର୍ଥାଭାବ ଓ ମୋର ଶାରୀରିକ ଦୁର୍ବଳ ଅବସ୍ଥା ଭାବି ଦୁଃଖିତ । ସୁଭାଷ ବାବୁଙ୍କ ବ୍ୟକ୍ତିତ୍ୱ ଏବଂ ଚରିତ୍ର ପ୍ରତି ଅପେକ୍ଷାକୃତ ଅଧିକତର ପ୍ରଗାଢ଼ଭକ୍ତି, ନିଃସନ୍ଦେହ ବିଶ୍ୱାସ ଓ ଅବିଚ୍ଛିନ୍ନ ଆସ୍ଥା ଥିବା ସତ୍ତ୍ୱେ ଜୟପ୍ରକାଶ ଆମ ପାଖରେ ଭାରତବର୍ଷ ଭିତରେ ଥିବାରୁ ପ୍ରଥମେ ତାଙ୍କ ସହିତ ସମ୍ପର୍କ ସ୍ଥାପନରେ ଲାଗିଯାଇଥିଲୁ । କିନ୍ତୁ ଯେତେବେଳେ ସେ ଗିରଫ ହୋଇଗଲେ, ସୁଭାଷଙ୍କ ସେହି ମୋହିନୀ-ନାମ, ତାଙ୍କର ସେହି ମୋହିନୀ-ଶକ୍ତି, ଯୋଦ୍ଧୃ-ଗୁଣାବଳୀ ଏବଂ ସାମରିକ କୌଶଳ ସାଥୀମାନଙ୍କ ହୃଦୟକୁ ମନ୍ତ୍ରମୁଗ୍ଧ କରିଦେଲା । ସମସ୍ତେ ବ୍ୟାକୁଳ ହୋଇ କହିଲେ, ଯେ କୌଣସି ଉପାୟରେ ପ୍ରାଣଦାନ-ପୂର୍ବକ ସୁଭାଷ ବାବୁଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ ଦିଗରେ ଆଶୁ ଏବଂ ସକ୍ରିୟ ଚେଷ୍ଟା କରାଯିବା ଉଚିତ । ଏ ଉଦ୍ଦେଶ୍ୟରେ କଲିକତା, ବଙ୍ଗଳା, ଆସାମ ଯାଇ ପ୍ରଗାଢ଼ ଚେଷ୍ଟା କରାଯିବାର ନିଷ୍ପତ୍ତି ହେଲା ।

ବଙ୍ଗଳା ଆସାମ ଯିବାରେ କଠିନତା

ପ୍ରଗାଢ଼ ଏବଂ ନିରବଚ୍ଛିନ୍ନ ଦେଶପ୍ରୀତିରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ ହୋଇ ସୁଭାଷ ବୋଷଙ୍କ ନାମ ଶ୍ରବଣ ମାତ୍ରେ ସମସ୍ତେ ଏକସ୍ୱରରେ କହି-ଦେଲେ ଯେ, ପ୍ରାଣବଳୀପୂର୍ବକ ଏ କାର୍ଯ୍ୟ କରାଯାଉ । କିନ୍ତୁ କିପରି କରାଯିବ, ଅର୍ଥ କାହିଁ ? ଟଙ୍କା ପଇସା ସଂଗ୍ରହ କଲେ ସୁଦ୍ଧା କିପରି ଯାଇ କେଉଁଠାରେ ରହିବାକୁ ହେବ ? କାହାକୁ ପଚାରିବାକୁ ହେବ ? କିଏ ବା ବିଶ୍ୱାସ କରିବ ? ଏପରି ସମସ୍ୟାମାନ ଉଠିଲା । ସେତେବେଳକୁ ମୋ ପାଖରେ ସର୍ବମୋଟ ଷୋଳ ଟଙ୍କା ଥାଏ । ଯଦି ପୂର୍ବମାସର ଘରଭଡ଼ା ଦିଆଯାଏ, ତେବେ ମୋ ପାଖରେ କିଛି ଟଙ୍କା ରହିବ ନାହିଁ । ମୂଜାରୀ କାମ କରୁଥିବା ମୋ ସାଥୀମାନେ ତାଙ୍କ ଦଶଟଙ୍କା ଦରମାରୁ ପ୍ରତ୍ୟେକେ କିଛି କିଛି ଦେବେ ବୋଲି ନିଜ ନିଜ ଟଙ୍କା ବାହାର କରିଦେଲେ । ମୋଟରେ ବତିଶ ଟଙ୍କା । ଏହି ବତିଶ ଟଙ୍କା ନେଇ ମୁଁ ହୁଏତ କଲିକତା, ପୂର୍ବବଙ୍ଗ ଏବଂ ଆସାମ ଯିବି, ସୁଭାଷ ବାବୁ ଓ ତାଙ୍କ ଦଳ ସଙ୍ଗେ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ।

Digitized by PPRACHIN, SOA

ସେତେବେଳକୁ ଘରଭର ରାଜନୈତିକ ଅବସ୍ଥା ଓ ବାତାବରଣ ସାଧାରଣ ଜାଣିପୂବାସୀଙ୍କ ପକ୍ଷେ ନିତାନ୍ତ ବିପଦପୂର୍ଣ୍ଣ ହୋଇଥାଏ । ତହିଁରେ ପୁଣି ମୋ ସଦୃଶ ଜେଲଫେରନ୍ତାର ବ୍ୟକ୍ତି ପକ୍ଷରେ କେତେଦୂର ଯେ ବିପଦ-ପୂର୍ଣ୍ଣ, ତା ସହଜେ ଅନୁମେୟ । କଲିକତା ଟାଉନରେ ପ୍ରତ୍ୟେକ ଗଳି ତ ଦୂରର କଥା ପ୍ରତ୍ୟେକ ଘରେ ସି.ଆଇ.ଡି.ର ଗୁଇନ୍ଦା ଖବରଦାତା ଥାଆନ୍ତି । ଯଦି କୌଣସି ଘରେ କୌଣସି ବ୍ୟକ୍ତି ପହଞ୍ଚିବାର ଗୁଇନ୍ଦା ଦେଖେ ସଙ୍ଗେ ସଙ୍ଗେ ଜେରା କରାଯାଏ । ଦୈନିକ ଶତ ଶତ ଘର ଖାନ-ତଲ୍ଲସ ହେଉଥାଏ । ଯାହାକୁ ସନ୍ଦେହ କରାଯାଉଥାଏ, ତାକୁ ଜେଲରେ ଢୁକେଇ ଦିଆଯାଉଥାଏ । ଧର୍ମଶାଳାରେ ତିନି ଦିନରୁ ବେଶି ଦିନ ରହିବାର ନିୟମ ନାହିଁ । ଜାଗା ମଧ୍ୟ ମିଳେ ନାହିଁ । ହୋଟେଲରେ ରହିବା ପାଇଁ ସ୍ଥାନ ମିଳେ ନାହିଁ । ହୋଟେଲରେ ରହିଲେ ଗୋଇନ୍ଦା ବିଭାଗ ସନ୍ଦେହ କରି ଦେଇଥିବା ଠିକଣା ଅନୁସାରେ ଅନୁସନ୍ଧାନ କରେ । ଇନ୍‌କ୍ୱାରୀରେ ଠିକଣା ଅନୁସାରେ ଖାପ ନ ଖାଇଲେ ସଙ୍ଗେ ସଙ୍ଗେ ଜେଲ ଓ ଜରିମାନା । ମଫସଲର ଅବସ୍ଥା ତଦ୍ରୂପ । ପ୍ରତି ଗ୍ରାମରେ ସିଭିଲ୍ ଗାର୍ଡ଼ । ନୂତନ ଲୋକକୁ ଦେଖିଲାକ୍ଷଣି ସଙ୍ଗେ ସଙ୍ଗେ ଜେରା । ସହର କିମ୍ବା ମଫସଲରେ ପ୍ରତ୍ୟେକ ଜାଣିପୂବାସୀ ଘର ସାମନାରେ ଅହରହ ସି.ଆଇ.ଡି.ର ନଜର । କଂଗ୍ରେସ ସମ୍ବନ୍ଧିତ ସମସ୍ତ ଜାଣିପୂବାସୀ ଅନୁଷ୍ଠାନ ଓ ସଂଗଠନ ବେଆଇନ ଏବଂ ଘରବାଡ଼ି ବାଜେୟାପ୍ତ ହୋଇଥାଏ । ଅଧିକନ୍ତୁ ଯଦି କେହି ନାନା ବିପତ୍ତି ମୁଣ୍ଡାଇ କଲିକତା କିମ୍ବା ବଙ୍ଗଳା ଓ ଆସାମର ଅନ୍ୟତ୍ର ଯିବ, ତେବେ ଅର୍ଥ ସମସ୍ୟା କିପରି ସମାଧିତ ହେବ ? ଯେ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଯିବ, ଖୁବ୍ କମ୍‌ରେ ମାସେ କିମ୍ବା ଦୁଇ ମାସ କଲିକତା କିମ୍ବା ଅନ୍ୟତ୍ର ନ ରହିଲେ, ସେ କିଛି କରିପାରିବ ନାହିଁ । ସେତେବେଳକୁ କଲିକତା, ବଙ୍ଗଳା କିମ୍ବା ଆସାମର ଯେ କୌଣସି ଜାଗାରେ ମାସିକ ଖର୍ଚ୍ଚ ଶହେ ଟଙ୍କାରୁ କମ୍ ନୁହେଁ । ହୋଟେଲରେ ରହିଲେ ମାସକୁ ଶହେ ପଚିଶ ଟଙ୍କାରୁ କମ୍‌ରେ ଚଳିପାରିବ ନାହିଁ, କିନ୍ତୁ ମୋ ପାଖରେ କେବଳ ୩୨ ଟଙ୍କା ଥିଲା ।

Digitized by PPRACHIN, SOA

କଠିନତା ସମାହିତ

(ପୂଜାରୀ କିମ୍ବା ଘରୁଆ ଚାକର ରହିବାର କଳ୍ପନା)

ସୁଭାଷ ବାବୁଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଉପର୍ଯ୍ୟୁକ୍ତ କଠିନତାମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିବ । ମୁଁ ଦେଖିଲି, ଯଦି ବଙ୍ଗଳାରେ ବିଶେଷତଃ କଲିକତାରେ ବିନା ଖର୍ଚ୍ଚରେ ମାସେ ଦୁଇମାସ ରହିବାର ସୁଯୋଗ ପାଏ, ତେବେ ଅବଶ୍ୟ ସମ୍ପର୍କ ଖୋଜି ବାହାର କରନ୍ତି । କିନ୍ତୁ ମୋର ତ କେହି ଜାଣିଥିବା ପରିଚିତ ବ୍ୟକ୍ତି ନ ଥାନ୍ତି । ତେବେ କାହା ଜରିଆରେ କାହା ଘରେ ରହି ଉଦ୍ଦେଶ୍ୟ ସିଦ୍ଧି କରିବା ସମ୍ଭବ ନୁହେ । ଅଧିକନ୍ତୁ କାହାରି ଘରେ ମାସେ ଦୁଇମାସ ରହିବା ମଧ୍ୟ ନିରାପଦ ନୁହେ । ମୁଁ ଗରିବ ଚାଷୀ ଘରର ପୁଅ । ଗୋରୁ ମଇଁଷି ଛେଳି ମେଣ୍ଢା ଚରାଇଛି । ଭାବିଲି ମୁଁ ତ ଘାସକଟାଠାରୁ ଘୋଡ଼ାଚଢ଼ା ହାସଲ କରିପାରିଛି । କଲମଠାରୁ ବଲମ ଏବଂ ଲଙ୍ଗଳଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁ କାର୍ଯ୍ୟ କରିଛି ଏବଂ କରୁଛି । ଘରୋଇ କାର୍ଯ୍ୟ ମଧ୍ୟ ମଧ୍ୟମ ଭଳି ଜାଣେ । ତେଣୁ ଯଦି କୌଣସି ବାବୁଙ୍କର ପୂଜାରୀ ହୋଇପାରନ୍ତି ବା ଘରୁଆ ଚାକର ହୁଅନ୍ତି, ଉକ୍ତ କଠିନତା ଓ ସମସ୍ୟା ସବୁ ଦୂରୀଭୂତ ହୁଅନ୍ତା । ପୂଜାରୀ କିମ୍ବା ଚାକର ରହିଲେ ପ୍ରଥମେ ମୋତେ ସି. ଆଇ. ଡ଼ି. କିମ୍ବା ପୋଲିସ କେହି ସନ୍ଦେହ କରିବାର କାରଣ ନ ଥିବ । ରହିବା ପାଇଁ ଘର ସମସ୍ୟା ଦୂର ହେବ ଏବଂ ଖାଇବା ଖର୍ଚ୍ଚ ଉପରେ ଉପରେ ଚାଲିଯିବ । ତେଣୁ ଆର୍ଥିକ ସମସ୍ୟା ଉଠିବ ନାହିଁ । ଦେଶପାଇଁ ଏବଂ ଦଶପାଇଁ ଜୀବନ ଧାରଣ କରିବା ବିଷୟରେ ମୁଁ ମୋର ସାଥୀମାନଙ୍କୁ ସବୁବେଳେ ଉପଦେଶ ଦେଉଥିଲି ଯେ, ଆମ୍ଭେମାନେ ମେହେନ୍ତର କାର୍ଯ୍ୟଠାରୁ ଆରମ୍ଭ କରି ଯେ କୌଣସି ବଡ଼ କାର୍ଯ୍ୟ ମିଳିବ, ତାହା ଆନନ୍ଦରେ କରିବା । ଏ ବିଷୟରେ ମୁଁ ନିଜେ ବାସ୍ତବ ଆଦର୍ଶ ହେବାପାଇଁ ଚେଷ୍ଟା କରୁଥିଲି । ଯଦି ଏକ୍ଷଣି ଏପରି ଗୋଟାଏ କାର୍ଯ୍ୟ କରେ, ତେବେ ମୁଁ ଜଣେ ଆଦର୍ଶ ଓ ସକ୍ରିୟ ଉପଦେଷ୍ଟା ବୋଲି ପ୍ରମାଣିତ ହେବ । ଏସବୁ ଭାବନାରୁ ଦୃଢ଼ଭାବେ ସ୍ଥିର କରିନେଲି ଯେ, ସୁଭାଷ ବାବୁଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ବଙ୍ଗଳା, ଆସାମ କିମ୍ବା କଲିକତା ଯାଇ ପୂଜାରୀ କିମ୍ବା ଘରୁଆ ଚାକର,

Digitized by PPRACHIN, SOA

ଏପରିକି ମଫସଲକୁ ହଳିଆ ଭାବରେ ଯିବା ଯେପରି ଆଦର୍ଶମୟ, ସେହିପରି ନିରାପଦ ଓ ସୁବିଧାଜନକ ।

ଦୁଇ ତିନି ଦିନ ପରେ ଯେତେବେଳେ ମୋର ସାଥୀମାନେ ରବିବାର ଦିନ ମୋ ବସାକୁ ଆସିଲେ, ମୁଁ ସେମାନଙ୍କ ଆଗେ ମୋର ଦୃଢ଼ମତ ଓ ପ୍ରସ୍ତାବ ପ୍ରକାଶ କଲି । ମୁଁ ପୂଜାରୀ କିମ୍ବା ଚାକର ରହିବା କଥା ଶୁଣି ଗାଣ୍ଡ୍ରା ସାହୁ ଓ ମୁକୁନ୍ଦ ସାହୁ ଆଦି ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ ହୋଇ ପ୍ରକାରାନ୍ତରେ ମୋ ଉପରେ ବିରକ୍ତ ହୋଇଗଲେ ; କାରଣ ସେମାନେ ଭାବିଲେ ଯେ, ଏହା ମୋ ସଦୃଶ ଜଣେ ଶିକ୍ଷିତ ଏବଂ ଉଚ୍ଚ ଆସନର ବ୍ୟକ୍ତି ପକ୍ଷରେ ଯେପରି ନିତାନ୍ତ ଅଶୋଭନୀୟ, ତାଳଚେର ଏବଂ ଓଡ଼ିଶା ପକ୍ଷରେ ସେପରି ଅପମାନଜନକ । କିନ୍ତୁ ସାଥୀ ଫିରଙ୍ଗ ପ୍ରଧାନ ମୋତେ ପୂରା ସମର୍ଥନ କଲେ; ପଶୁରାମଙ୍କ ମୂରୁକି ହସ ଦେଇ ସାଥୀ ଗାଣ୍ଡ୍ରା ଏବଂ ମୁକୁନ୍ଦ ସାହୁଙ୍କୁ ଆଖିଠାର ମାରିଲେ ।

ଦେଶପାଇଁ, ଦଶପାଇଁ ଏବଂ ପ୍ରଜାଙ୍କୁ ଅନ୍ୟାୟୀ ଶାସକମାନଙ୍କର ଅତ୍ୟାଚାରରୁ ରକ୍ଷା କରିବା ପାଇଁ ପୁରାଣବର୍ଣ୍ଣିତ ନଳ ରଜାଙ୍କଠାରୁ ଆରମ୍ଭ କରି ଇତିହାସବର୍ଣ୍ଣିତ ରାଣାପ୍ରତାପ, ଆଲଫ୍ରେଡ୍ ଓ ଜୀବନ୍ତ ଆଦର୍ଶ ସୁଭାଷ ବାବୁଙ୍କ ଉଦାହରଣ ଦେବାରୁ ସମସ୍ତେ ଏକ ସ୍ୱରରେ ମୋର ପ୍ରସ୍ତାବକୁ ସ୍ୱୀକାର କଲେ । ଏ ଉଦ୍ଦେଶ୍ୟରେ ଶୀଘ୍ର ଯିବାର ସ୍ଥିର ହେଲା ।

ବର୍ତ୍ତମାନ ପ୍ରଶ୍ନ ହେଲା କିପରି ଏବଂ କାହାର ପୂଜାରୀ ବା ଚାକର ଭାବେ ଯିବାକୁ ହେବ ? ମୁଁ ତ ଆଗରୁ ଭାବି କରି ରଖିଥିଲି । ତେଣୁ କହିଲି ତୁମ୍ଭେମାନେ ତ ସମସ୍ତେ ଏ କ୍ଷଣି ପୂଜାରୀ କାମ କରୁଛ । ଖବର ନିଅ ଯେ, ତୁମ ବାବୁ ଘରେ କାହାର କଲିକତା, ଢାକା, ଚଟ୍ଟଗ୍ରାମ, ସିଲେଟ, ସିଲଚର କିମ୍ବା ସିଲଙ୍ଗରେ ବନ୍ଧୁବାନ୍ଧବ କିମ୍ବା ଅନ୍ୟ କୌଣସି ସମ୍ପର୍କ ଅଛି । ସମ୍ପର୍କ ଥିବା ବାବୁ କିମ୍ବା ବାବୁଆଣୀମାନଙ୍କ ଆଗରେ କଥା ପ୍ରସଙ୍ଗରେ ବୁଝିନିଅ ଯେ, କାହାର ବାପ ଘରେ କିମ୍ବା ଶ୍ୱଶୁର ଘରେ କିମ୍ବା ଅନ୍ୟ ବନ୍ଧୁବାନ୍ଧବ ଘରେ ପୂଜାରୀ କିମ୍ବା ଚାକର ଦରକାର । ଯଦି ଜାଣିବ ଦରକାର ଅଛି, ତେବେ କୁହ ଯେ, ତୁମ୍ଭ ପାଖରେ ଜଣେ

Digitized by PPRACHIN, SOA

ଚାହ୍ନା ଭଲଲୋକ ଅଛୁ, ସେ ଚାକର ଖୋଜୁଛୁ । ଏ କଥା ଶୁଣି ସମସ୍ତେ ଅତ୍ୟନ୍ତ ଖୁସି ହୋଇଗଲେ ଏବଂ ଏ ବିଷୟରେ ପାତ୍ତୁପର୍ଯ୍ୟନ୍ତ ଖବର ସଂଗ୍ରହ କରି ଯଥାଶୀଘ୍ର ସାକ୍ଷାତ କରିବାକୁ କହି ସେଦିନ ଫେରିଗଲେ ।

ଏ ଘଟଣାର ଦୁଇଦିନ ପରେ ସଙ୍ଗୀ ଫିରିଙ୍ଗି ପ୍ରଧାନ ଅନ୍ୟ ସାଥୀମାନଙ୍କୁ ସଙ୍ଗରେ ନେଇ ମୋ ବସାରେ ପହଞ୍ଚିଲେ । ବନ୍ଧୁମାନଙ୍କ ମୁଖମଣ୍ଡଳର ପ୍ରସନ୍ନତାରୁ ସଫଳତାର ଆଭାସ ଫୁଟି ଉଠୁଥିଲା । ସମସ୍ତେ ବସିଗଲୁ । ପଚାରିଲି କଅଣ କିଛି ଚେଷ୍ଟା କଲ ? ବନ୍ଧୁ ଫିରିଙ୍ଗି ଉତ୍ତର ଦେଲେ, "ଚେଷ୍ଟା କାହିଁକି ? ପୂରା ସଫଳ । ଲୁଗାପଟା ବାନ୍ଧି ବେଶ ବଦଳାନ୍ତୁ । ଆଜଠାରୁ ଚତୁର୍ଥ ଦିନ କଲିକତା ଯିବାକୁ ହେବ । ପୂଜାଘର କାମ ମିଳିଲା ନାହିଁ । ମୋ ବାବୁଆଣୀର ଭାଇ ବିଭା ହେବ । ତାଙ୍କର ଜଣେ ଚାକର ଦରକାର । ବିଭାଘର ପରେ ଆପଣଙ୍କୁ ପୂଜାଘର କାମ ମଧ୍ୟ ଚଳାଇବାକୁ ହେବ । କିନ୍ତୁ ଦରମା ମୋଟେ ପାଞ୍ଚ ଟଙ୍କା । ଲୁଗାପଟା ମିଳିବ । ଖିଅରବାର ହେବାକୁ ପଇସା ମଧ୍ୟ ମିଳିବ । ମୋ ବାବୁ ଏବଂ ବାବୁଆଣୀ ଚାକରକୁ ଦେଖିବାକୁ କହିଛନ୍ତି । ଚାଲ ଆଜି ଯିବା । ସେ ଦେଖିବେ ।" ଫିରିଙ୍ଗିଙ୍କଠାରୁ ଏକଥା ଶୁଣି ଚାକର ବେଶ ଧରିଲି । ସନ୍ଧ୍ୟା ପାଞ୍ଚଟାରେ ବାହାରି ବ୍ୟକ୍ତିଗତ ସାକ୍ଷାତ (Personal interview) ପାଇଁ ବାହାରିଲି ।

ଫିରିଙ୍ଗି ପ୍ରଧାନଙ୍କର ବାବୁଆଣୀଙ୍କର ସ୍ୱାମୀ ମିଷ୍ଟର ସେନ ଟାଟା ବଡ଼ ଡାକ୍ତରଖାନାର ଜଣେ ବଡ଼ ଡାକ୍ତର । ସେ କଟକ ମେଡିକାଲ ସ୍କୁଲରେ ଡାକ୍ତରି ପଢ଼ୁଥିଲେ । ମୁଁ ମଧ୍ୟ କଲେଜରେ ପଢ଼ିବା ସମୟରେ ଅନେକ ବାର ମେଡିକାଲ ବୋର୍ଡ଼ିଂକୁ ଯାଏ । ବୋଧହୁଏ ସେ ମୋତେ ଆଗରୁ ଦେଖିଥିଲେ ।

୧୯୪୩ ଡିସେମ୍ବର ମାସ ସନ୍ଧ୍ୟା ସାଢ଼େ ପଞ୍ଚଟାରେ ଫିରିଙ୍ଗିଙ୍କର ଡାକ୍ତର ବାବୁଙ୍କ ଘରେ ପହଞ୍ଚିଲୁ । ପ୍ରାୟ ଛ'ଟା ବେଳେ ବାବୁ ଓ ବାବୁଆଣୀ ଓ ତାଙ୍କର ଛୁଆପିଲା ସମସ୍ତେ କଲିକତାର ନୂଆ ଚାକରକୁ ଦେଖିବାକୁ ତାଙ୍କର ବୈଠକଖାନାରେ ବିଜୁଳି ଆଲୁଅରେ ବସିଗଲେ । ମାମୁଁ ଘର ନୂଆ ଚାକର ଦେଖିବାକୁ ପିଲାଏ ଭାରି ବ୍ୟଗ୍ର ଓ ଖୁସି । ଫିରିଙ୍ଗିଙ୍କ ଜରିଆରେ

Digitized by PPRACHIN, SOA

ମୋତେ ଡାକରା ହେଲା । ମୁଁ ପହଞ୍ଚିଗଲି । ମୁଁ ନମସ୍କାର କରି ଟିକିଏ ଦୂରରେ ଠିଆ ହେଲି । ସଙ୍ଗେ ସଙ୍ଗେ ଡାକ୍ତର ବାବୁ କହିଲେ, "ମୁଁ ତୁମକୁ କେଉଁଠେ ଅନେକ ଦିନ ଦେଖିଛି ।" ମୁଁ କହିଲି ଆଜ୍ଞା, "ମୁଁ କଟକରେ ଥିଲି । ଏଠାରେ ଛାଟାରେ ଅଛି । କେଉଁଠି ଦେଖିଥିବେ ?" ଡାକ୍ତର କହିଲେ ମୁଁ କଟକରେ ଦେଖିଛି । ମୁଁ କହିଲି, "ମୁଁ ମଙ୍ଗଳାବାଗରେ ଜଣେ ବାବୁଙ୍କ ପାଖରେ ଚାକର କରୁଥିଲି । ମେଡିକାଲ ଆଡେ ଅନେକ ସମୟ ଆମ ସଙ୍ଗୀ ଚାକରମାନଙ୍କ ସଙ୍ଗେ କଥାବାର୍ତ୍ତା ହେବାକୁ ଯାଏ । ଆପଣ ଯଦି କଟକର ଡାକ୍ତରଖାନାରେ କେବେ ଥିବେ, ଦେଖିଥିବେ, ନୋହିଲେ ଏଠାରେ ଦେଖିଥିବେ ।" ସେ କହିଲେ କଟକରେ ଦେଖିଛି । ତା ପରେ ଦରମା କଥା ପଡ଼ିଲା । ମୁଁ କହିଲି ଖାଇ ପିଇ ଏବଂ ପିନ୍ଧି ଦଶ ଟଙ୍କା, କିନ୍ତୁ ସେ କହିଲେ ପାଞ୍ଚ ଟଙ୍କା । ଟଙ୍କା ତ ଆଦୌ ଉଦ୍ଦେଶ୍ୟ ନୁହେଁ; ତେଣୁ ଶେଷରେ ଫିରଙ୍ଗିଙ୍କ କଥାରେ ୭ ଟଙ୍କାରେ ରାଜି ହେଲି । ଆଶା ଦିଆଗଲା କାର୍ଯ୍ୟ ଓ ବ୍ୟବହାର ଭଲ ଦେଖିଲେ ପରେ ସାତ ଆଠ ଟଙ୍କା କରିଦିଆଯିବ । ମୋର ନାମ ପଚରାଗଲା । ମୁଁ କହିଲି, "ଆଜ୍ଞା, ମୋ ନାମ ରାମ ।" ବାବୁ କହିଲେ ନାମଟା ସରଳ । ସେ ଦିନଠାରୁ ଚତୁର୍ଥ ଦିନ ସନ୍ଧ୍ୟାବେଳେ ଲୁଗାପଟା ଧରି ତାଙ୍କ ଘରକୁ ଯିବାକୁ ସ୍ଥିର ହେଲା । ଫିରଙ୍ଗି ଆସି ମୋତେ ଡାକି ନେବ । ମୁଁ ପୁଣି ନମସ୍କାର କରି ଫେରି ଆସିଲି । ଫିରଙ୍ଗି ମୋତେ ଖଣ୍ଡେଦୂର ବାଟେଇ ଆଣିଲେ ।

ଘରୋଇ ଚାକର ଭାବେ କଲିକତା ଗମନ

ଠିକ୍ ଚତୁର୍ଥ ଦିନ ୨ଟା ବେଳକୁ ମୋତେ ଡାକି ନେବା ପାଇଁ ବାବୁଆଣୀ ଫିରଙ୍ଗିଙ୍କୁ ପଠାଇଲେ । ସେଦିନ ୧୯୪୩ ଡିସେମ୍ବର ମାସ ୧୭ ତାରିଖ । ସାଥୀ ଗାଣ୍ଡ୍ରୁ, ମୁକୁନ୍ଦ ଓ ପଶୁରାମ ଓଗେର ସମସ୍ତେ ଜମା ହେଲେ । କେନ୍ଦ୍ର ଅଫିସ ଅର୍ଥାତ୍ ମୋ ବସାଘର ରହିବାର ନିଶ୍ଚିତ ହେଲା । ସେ ଘରେ ଗାଣ୍ଡ୍ରୁ ସାହୁ ରହିଲେ । ଲୁଗାପଟା ବିଛଣା ତ ବେଶୀ ନ ଥାଏ, ଖଣ୍ଡିଏ ପରିଷ୍କାର ଲୁଗା, ଖଣ୍ଡିଏ ପଞ୍ଜାବୀ ଓ ଯୋଡ଼ିଏ ଚପଲ ଏବଂ କେତେ ଖଣ୍ଡ ବହି ପ୍ରଥମେ ଖଣ୍ଡେ କନାରେ ଏବଂ ତା'ପରେ କାଗଜରେ ବାନ୍ଧି ରଖାଗଲା । ଏ ହେଲା ସୁବିଧା ପାଇଲେ ବଡ଼ ବଡ଼ କଂଗ୍ରେସ ଲୋକଙ୍କୁ

Digitized by PPRACHIN, SOA

ସାକ୍ଷାତ କରିବାର ପୋଷାକ । ବାକି ଦୁଇଟା ଅର୍ଦ୍ଧମଇଳା ଲୁଗା ଥାଏ । ଖଣ୍ଡିଏ ହାଫ୍ କମିଜ ଓ ଖଣ୍ଡିଏ ଶର୍ଟ ଗଂଜି, ଖଣ୍ଡିଏ ଗାମୁଛା, ଏ ହେଲା ମୋର ଚାକର ବେଶ । ଖଣ୍ଡିଏ ରଦ୍ଦି କମଳ ହେଲା ମୋର ବିଛଣା । ପାଖରେ ବତିଶଟି ଟଙ୍କା । ଏହି ପ୍ରକାରେ ସାଜସଜ୍ଜା ହେଲା । କ୍ରମେ ସନ୍ଧ୍ୟା ୫ଟା ହେଲା, ବିଦାୟ କାଳ ଉପସ୍ଥିତ ହେଲା । ସଙ୍ଗୀମାନଙ୍କ ଆଖି ଛଳ ଛଳ ହୋଇଗଲା । ଆଶା, ଆନନ୍ଦ ଏବଂ ବିଚ୍ଛେଦ ଦୁଃଖର ବିଷାଦ କାଳିମାର ବାତାବରଣ ଭିତରେ ଅନ୍ୟମାନଙ୍କୁ ବିଦାୟ ଦେଇ ଗଣ୍ଠୁଲି ମୁଣ୍ଡରେ ଧରି ଠାକୁର ଫିରଙ୍ଗିଙ୍କ ପଛେ ପଛେ ଗମନ କଲି । ଫିରଙ୍ଗି ଗଣ୍ଠୁଲି ଧରିବାକୁ କହୁଥିଲେ । କିନ୍ତୁ ମୁଁ ପ୍ରଥମରୁ ମନା କରିଦେଇଥିଲି ।

ସନ୍ଧ୍ୟା ସାଢ଼େ ଛଟା ବେଳେ ଡାକ୍ତର ବାବୁଙ୍କ ଘରେ ପହଞ୍ଚିଲୁ । ଛ'ଟଙ୍କା ଦରମାରେ ବାବୁଆଣୀଙ୍କ ଭାଇ ବିଭାଘର ପାଇଁ ଚାକରଟାଏ ନେଉଛନ୍ତି ଭାବି ମୋତେ ଦେଖି ସମସ୍ତେ ଖୁସି ହୋଇଗଲେ । ମୋତେ ପେଟପୂରା ଖାଇବାକୁ ଦେବାପାଇଁ ପୂଜାରୀ ଫିରଙ୍ଗିକୁ କହିଦେଲେ । ସଙ୍ଗେ ସଙ୍ଗେ କହିଦେଲେ ଯେ, ସେହି ରାତି ୩ଟାରେ ଉଠି ହାଓଡ଼ା ଷ୍ଟେସନକୁ ଯାଇ ବମ୍ବେ ମେଲ୍‌ରେ କଲିକତା ଯିବାକୁ ହେବ । ଖିଆପିଆ ସରି ଆସିଲା, ରାତି ୧୨ଟାରେ ଶୋଇବାକୁ ଗଲୁ ।

ଡାକ୍ତର ବାବୁ ମୋଟା ଦରମା ପାଆନ୍ତି, ପ୍ରାୟ ପାଞ୍ଚଶହ, ବାବୁଆଣୀ ଦ୍ୱିତୀୟ ପକ୍ଷ ସ୍ତ୍ରୀ । ବାପ ଘର ଅବସ୍ଥା ସ୍ୱଚ୍ଛଳ ନୁହେଁ । ଭାଇ ବିଭା ହେବ, ତେଣୁ ଧର୍ମ ନାମେ ଅନେକ କିଛି ସାହାଯ୍ୟ କରିବାର କଥା । ଏଥିପାଇଁ ମାଲ ସରଞ୍ଜାମ ବହୁତ କିଛି ନେଉଥାନ୍ତି । ଗୋଟାଏ ବିଛଣା ଥାଏ, ତାହା ଗୋଟାଏ ଛଅ ଜଣିଆ ମୋଟା ସତରଂଜିରେ କୋଡ଼ିଏ ହାତ ଲମ୍ବ ଗୋଟାଏ ମୋଟ ରସିରେ ବନ୍ଧା ହୋଇଥାଏ । ଏହାର ଓଜନ ପ୍ରାୟ ଦେଢ଼ମହଣ । କାରଣ ଏଥିରେ ଗୁରୁଜଣିଆ ଦୁଇଟି ଶେଯ ଥାଏ, ଆଠଟି ଛୋଟ ତକିଆ ଥାଏ, ପ୍ରତ୍ୟେକ ପ୍ରକାର ଡାଲିରୁ ୩।୪ ସେର ଥାଏ । ସାତ ଆଠ ସେର ଚିନି ଥାଏ । ଥାଳି, ଥାଳିଆ, ଗିନା, କଂସା ଏବଂ ଗ୍ଲାସରେ ଭର୍ତ୍ତି ହୋଇଥିବା ଗୋଟିଏ ୩୨ ଇଞ୍ଚିଆ ଟ୍ରଙ୍କ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ଭର୍ତ୍ତି ତିରିଶ ଇଞ୍ଚିଆ ଆଉ ଗୋଟିଏ ଟ୍ରଙ୍କ । ଏଇପରି ଥିଲା ଛନୋଟି ବଡ଼ ଜିନିଷ ।

Digitized by PPRACHIN, SOA

ରାତି ତିନଟା ବାଜିଗଲା, ବାବୁଆଣୀ ଠାକୁର୍ ଠାକୁର୍ ବୋଲି ଡାକ ପକାଇଲେ । ଆମ୍ଭେମାନେ ଧଡ଼ପଡ଼ି କରି ଉଠିପଡ଼ିଲୁ । ହୁକୁମ ହେଲା ବିଛଣା, ଟ୍ରଙ୍କ ଦୁଇଟା ଏବଂ ଅନ୍ୟାନ୍ୟ ଜିନିଷ ଟାକ୍‌ସି ପାଖକୁ ରାମ (ମୁଁ) ହାତ୍ ପଠାଇଦିଅ । ଠାକୁର୍ ତ ଚାକର କାମ କରିବ ନାହିଁ । ମୋ ପାଇଁ ବା କିପରି କରିବ । ତେଣୁ ବହୁତ କଷ୍ଟରେ ଦେଡ଼ମହଣ ଓଜନ ବିଛଣାଟି ମୋର ମୁଣ୍ଡଉପରକୁ ଉଠାଇଦେଲି, ମୁଁ ତ ନିଜେ ଦୁର୍ବଳ ଏବଂ ମୋର ଓଜନ ଏକ ମହଣ ସାତ ସେର । ଏତେ ବଡ଼ ଏବଂ ଭାରି ବିଛଣାଟାଏ କିପରି ବା ବୋହିପାରୁଛି ! ବିଛଣାର ଆକାର, ଓଜନ ଏବଂ ଅନ୍ୟ ଦୁଇଟି ଟ୍ରଙ୍କର ଓଜନ ଦେଖି ଭାବିଲି ମୁଁ ଏହା ନେଇପାରିବି ନାହିଁ । ପୁଣି ଭାବିଲି ଯଦି ବୋହି ନ ପାରେ ତେବେ ଅଯୋଗ୍ୟ ଚାକର ବୋଲି ବିବେଚିତ ହେବି । ଅକାମୀ ଏବଂ ଠକ ଚାକର ଭାବି ବାବୁଆଣୀ ଯଦି ମୋତେ କଲିକତା ନ ନିଅନ୍ତି, ତେବେ ମୁଁ କଲିକତା ଯାଇ ସମ୍ପର୍କ ସ୍ଥାପନ କରିପାରିବି ନାହିଁ । ତେଣୁ ଯାହା ହେଉ ପଛକେ ଏହା ବୋହି ନେବି; ମୁଣ୍ଡରେ ଲଦିଦେଲାକ୍ଷଣି ମୋ ବେକଟା ରକ୍ କଲା । ମୁଁ ଟଳମଳ ହୋଇଗଲି । ଫିରିଙ୍ଗି ସମ୍ଭାଳି ନେଲାରୁ ଧୀରେ ଧୀରେ ଅଧ ଫର୍ଲଙ୍ଗ ଦୂରରେ ଥିବା ଟାକ୍‌ସି ପାଖକୁ ନେଇଗଲି । ଡ୍ରାଇଭର ମଧ୍ୟ ଲଗେଜ୍ କାରିଅର୍‌ରେ ଭର୍ତ୍ତି କରିପାରିଲା ନାହିଁ । ତା'ପରେ ଟ୍ରଙ୍କ ଦୁଇଟି ବୋହି ନେଲି । ଦୁଇ ଆଖିରୁ ଯାଉଁଳି ଲୁହ ଓ ନାକରୁ ଯାଉଁଳି ନିଃଶ୍ୱାସ ବହିଗଲା । ବେକ ଭାଙ୍ଗିଗଲା ପରି ବୋଧ ହେଲା । କିନ୍ତୁ ଦେଶପାଇଁ କରୁଛି ଭାବିବାରୁ ଏ ସବୁ ବ୍ୟଥା ରହିଲା ନାହିଁ ।

ଷ୍ଟେସନରେ ମୋତେ ଆଉ ଉଠାଇବାକୁ ପଡ଼ିଲା ନାହିଁ, ସେଠାରେ କୁଲିମାନେ ଏସବୁ ଉଠାଇଲେ ।

ବମ୍ବେ ମେଲ ଛଅଟାରେ ପହଞ୍ଚିଗଲା । ଟ୍ରେନ୍‌ରେ ବସିଲୁ । ଦିନ ଦଶଟାରେ ହାବଡ଼ା ଷ୍ଟେସନରେ ଗାଡ଼ି ଅଟକିଲା । ସେଠାରୁ ତିନଟା ଘୋଡ଼ାଗାଡ଼ିରେ କେନ୍ଦ୍ର କଲିକତାର ସୁକିଆ ଷ୍ଟ୍ରୀଟ୍‌ର ମହାକାଳୀଗଳିରେ ଥିବା ଅମରବିଜୟ ରାୟଙ୍କ ଘରେ ପହଞ୍ଚିଲୁ ।

Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

କଲିକତାରେ ଘରୁଆ ଚାକର

ଉକ୍ତ ଅମରବିଜୟ ରାୟ ବାବୁଆଣୀଙ୍କ ଜେଠା ପୁଅ ଭାଇ । ସେ ଆଗ ବିଭା ହେବେ । ବାବୁଆଣୀଙ୍କ ନିଜ ଭାଇ ସମରବିଜୟ ରାୟ । ତାଙ୍କ ବିଭାଘର ୧୦।୧୫ ଦିନ ପରେ ହେବାର କଥା । ଆମେ ପହଞ୍ଚିବା ଦିନ ଅମରବିଜୟ ରାୟ କୁମିଲା ବିଭା ହେବାକୁ ଯାଇଥାନ୍ତି । ତେଣୁ କୁଣିଆ ବନ୍ଧୁବାନ୍ଧବ ପୂର୍ଣ୍ଣ ଥାଆନ୍ତି । ଗାଡ଼ିଆନମାନେ ଜିନିଷପତ୍ର ସବୁ ଉତାରି ଦେଲେ । ମୁଁ ଅନ୍ୟ ଦୁଇ ଜଣ ପୂଜାରୀଙ୍କ ସହିତ ତିନି ମହଲା ଘର ଉପରକୁ ଗଡ଼ାଇ ଗଡ଼ାଇ ସମସ୍ତ ବିଛଣା ଓ ଟ୍ରଙ୍କ ଦୁଇଟା ଉଠାଇ ନେଲି । ବାବୁଆଣୀଙ୍କ ନାମ "ସରଳା ଦେଈ" । ସେ ମୋତେ ନେଇ ସମସ୍ତଙ୍କୁ ଚିହ୍ନାଇ ଦେଲେ । କାହାକୁ ଠାକୁରମା, କାହାକୁ ମା, କାହାକୁ ଦିଦି, କାହାକୁ ଦାଦା ଡାକିବାକୁ ହେବ ବତାଇଦେଲେ । ନିଜେ ତାଙ୍କୁ "ସରଳା ଦିଦି" ଡାକିବାକୁ ମଧ୍ୟ କହିଦେଲେ । ଗାଧୁଆ ପାଧୁଆ ହେଲୁ । ଖୁବ୍ ଭଲ ଭଲ ଜିନିଷରେ ଭୁରିଭୋଜନ ଖୁଆଇ କହିଲେ, "ଦେଖ ରାମ, ଆମ ଘରେ ଯେ ଚାକରି କରିବ, ତାକୁ ଆମେ ଏପରି ଖୁଆଉ ।"

ସେ ଦିନ ଉପର ଓଳି ବେଶୀ କିଛି କାମ ନ ଥିଲା । କିନ୍ତୁ ଯାହା କାମ ଥିଲା, ଜଣେ ମନୁଷ୍ୟର ଚବିଶ ଘଣ୍ଟାର କାମ । ମୁଁ ମୋର ସାଙ୍ଗ ସାଥୀ କରିନେବାକୁ ଚେଷ୍ଟା କଲି । ଦେଖିଲି, କାନାଇ ବୋଲି ଗୋଟିଏ ଗଉଡ଼ପିଲା ନିକଟ ଘରେ ଥାଏ । ଉପେନ୍ଦ୍ରଚନ୍ଦ୍ର ମିଶ୍ର ବୋଲି ବାଲେଶ୍ୱରର ଜଣେ ଓଡ଼ିଆ ପୂଜାରୀ ତାଙ୍କ ଘରେ ଠିକାରେ କାମ କରୁଥାଏ । ଉପେନ୍ଦ୍ର ପୂଜାରୀ ରାନ୍ଧୁଣୀ ହେଲେ କଣ ହେଲା ଗୋଟାଏ ୫୦ ଟଙ୍କିଆ କିରାଣୀ ବାବୁଙ୍କର ଆଡ଼ା ଓ ଷ୍ଟାଇଲ୍ ତାଙ୍କର ଥିଲା । ତେଣୁ ମୁଁ ତାଙ୍କ ଦୁଇ ଜଣଙ୍କ ସଙ୍ଗେ ମିଶିଗଲି । ଉପେନ୍ଦ୍ରଙ୍କୁ ନନା ନନା ବୋଲି ଡାକି ତାଙ୍କ ମନ କିଣି

Digitized by PPRACHIN, SOA

ନେଲ । ମୋର ଜଣେ ଅଜାଙ୍କର ନାମ କହ୍ଲାଇ । ତେଣୁ କାନାଇ (କହ୍ଲାଇ)କୁ ଅଜା ବୋଲି କହି ତା ସଙ୍ଗେ ସମ୍ପର୍କଟା ଅଧିକତର ଘରୁଆ ଓ ଘନିଷ୍ଠ କରିନେଲି ।

ଚାକର ଭାବରେ ମୋର କାମ

ଦିନକର ସମସ୍ତ କାମ ସାରି ରାତି ୧୨ ଟାରେ ଶୋଇବାକୁ ଯାଏ । ଆମର ବାବୁଙ୍କ ମାଆ ମୋତେ ରାତି ୪ ଟାରେ ଉଠାଇଦିଅନ୍ତି । ରାତି ୪ ଟାରେ ଉଠି ପ୍ରଥମେ ଛଅଟି କୋଇଲା ଚୁଲି ଲଗାଇଦିଏ । ତା’ପରେ ମୋର ନିତ୍ୟକର୍ମ ଶେଷ କରିନିଏ । ଚୁଲିଲଗା ପରେ ତିନି ତାଲା ତଳୁ ୬୦।୭୦ ଟି ପାହାଚ ଉଠି ପନ୍ଦର କୋଡ଼ିଏ ବାଲ୍‌ଟି ପାଣି ଉପରକୁ ଉଠାଇ-ଦିଏ । ଏତେବେଳକୁ ସକାଳ ପ୍ରାୟ ଛଅଟା । ସମସ୍ତେ ଉଠି ବେଡ଼୍-ଟି ଖାଇସାରିଥାନ୍ତି ; ତେଣୁ ସବୁ ଟି କପ୍ ଉଠାଇ ଆଣି ଧୋଇଦିଏ । ସଙ୍ଗେ ସଙ୍ଗେ ବାହାର ଘର ଝାଡ଼ୁ କରିଦିଏ । ୭ ଟା ବେଳେ ଗୋଟାଏ ବଡ଼ ବେତା (ବୋଝ) ଧରି ଅଧମାଇଲ ଦୂରରେ ଥିବା କଲେଜ୍ ଷ୍ଟ୍ରୀଟ୍‌ର ମ୍ୟୁନିସିପାଲିଟି ମାର୍କେଟକୁ ଜଣେ ବାବୁ ସଙ୍ଗରେ ସଉଦା କଣିବାକୁ ଯାଏ । ମଝିରେ କମ୍ବା ପଚିଶ ସେର ଓଜନର ଜିନିଷ ମୁଣ୍ଡରେ ବୋହି ପ୍ରାୟ ୮ ଟା ବେଳକୁ ପହଞ୍ଚିଯାଏ । ସଙ୍ଗେ ସଙ୍ଗେ ହଳଦି ମସଲା ଓଗେର ବାଟିବାକୁ ବସେ । ଏ ସବୁ ବାଟୁ ବାଟୁ ପ୍ରାୟ ଏକଘଣ୍ଟା ଲାଗିଯାଏ । ଇତିମଧ୍ୟରେ ସମସ୍ତେ ଜଳଖିଆ ଖାଇଥାନ୍ତି । ସବୁ ଜଳଖିଆ ବାସନ ଉଠାଇ ଧୋଇ ଯଥାସ୍ଥାନରେ ରଖିଦିଏ । ବାଭାଘର ଯୋଗୁଁ ଘରେ ୮୦ ଜଣ ପର୍ଯ୍ୟନ୍ତ ଲୋକ ଥାନ୍ତି । ଏମାନେ ସମସ୍ତେ କଳଘରେ ଗାଧୁଅନ୍ତି । ଓଦା ଲୁଗା (ପାଳଟା ଲୁଗା) ସବୁ ବଦଳି ଦେଇ କଳଘରେ ଛାଡ଼ି ଆସନ୍ତି । ତେଣୁ ଏ ସବୁ ଧୋଇବାକୁ ହୁଏ । ଧୋଇକରି ଛାତ ଉପରେ ଶୁଖାଇବାକୁ ପଡ଼େ । ୭୫।୮୦ ଟା ଲୁଗା ପାଣିରେ ବୁଡ଼ାଇ ଚିପୁଡ଼ି ତାକୁ ଶୁଖାଉ ଶୁଖାଉ ଦେଢ଼ଘଣ୍ଟା ଦୁଇଘଣ୍ଟା ସମୟ ଲାଗିଯାଏ । ଲୁଗା ଶୁଖାଇ ତଳକୁ ଆସିଲା-ବେଳକୁ ଶଂଖୁଡ଼ି ଖଲି ଓ ବାସନ ୫୦।୬୦ ଖଣ୍ଡ ପଡ଼ିଥାଏ । ଏ ସବୁ ଉଠାଇ ଦେଇ ଘରଟା ପରିଷ୍କାର କରିବାକୁ ପଡ଼େ । ଏ ସବୁ କାମ କରି ସାରିଲା ବେଳକୁ ଦିନ ପ୍ରାୟ ଦୁଇଟା । ତାପରେ ଗାଧୋଇ ଖାଏ । ଖାଇବାକୁ ଭଲ

Digitized by PPRACHIN, SOA

ଦିଅନ୍ତି । କିନ୍ତୁ କାମ ଯୋଗୁଁ ଏତେ କ୍ଳାନ୍ତ ହୋଇଯାଇଥାଏ ଯେ, ଖାଇବାକୁ କିଛି ରୁଚି ହୁଏ ନାହିଁ । ଦିନ ପ୍ରାୟ ତିନିଟାଠାରୁ ପାଞ୍ଚଟା ପର୍ଯ୍ୟନ୍ତ ସେପରି କିଛି କାମ ନ ଥାଏ । ୫ଟା ବେଳକୁ ସବୁ ଲୁଗା ଗୁଡ଼ିକରୁ ଛୋଲି ଆଣି ତଳେ ରଖିଦିଏ । ସେମାନେ ନିଜେ ନିଜେ ନିଜ ଲୁଗା ଚିହ୍ନିକରି ନିଅନ୍ତି । କିନ୍ତୁ ତିରିଶ ଜଣଙ୍କର ଲୁଗା ଚଉତି କରି ଦେବାକୁ ପଡ଼େ । ପାଞ୍ଚ ଜଣଙ୍କର ଲୁଗା ଏବଂ ଗଞ୍ଜିରେ ଦୈନିକ ସାବୁନ ଦେବାକୁ ପଡ଼େ । ଉପର ବେଳା ସଉଦା କିଣିବାକୁ ପଡ଼େ ନାହିଁ । ଯେଉଁଦିନ ଦରକାର ହୁଏ ୬ ଟାରେ ଯିବାକୁ ହୁଏ ।

ସାଢ଼େ ପାଞ୍ଚଟା ବେଳକୁ ସମସ୍ତ ଘର ଝାଡ଼ୁ କରି ବିଛଣା ପତ୍ର ଝାଡ଼ି ସଜାଇବାକୁ ପଡ଼େ । ପୁଣି ଟି କପ୍ ଧୋଇବାକୁ ହୁଏ । ତତ୍ପରେ ଦଶ-ବାର ବାଲ୍‌ଟି ପାଣି ଉଠାଇବାକୁ ପଡ଼େ । ସକାଳ ଓଳି ପରି ଅଧସେର ପିଆଜ, ପ୍ରାୟ ଏକ ସେର ପର୍ଯ୍ୟନ୍ତ ହଳଦି, ସୋରିଷ, ଜୀରା, ଧନିଆ, ଗରମ ମସଲା ଏବଂ ବହୁତ ଲଙ୍କା କାଟିବାକୁ ପଡ଼େ । ସମସ୍ତଙ୍କର ଖିଆପିଆ ସରିଲେ ରାତି ପ୍ରାୟ ଏଗାରଟା ବେଳକୁ ପୂଜାରୀ ଏବଂ ମୁଁ ଖାଇବାକୁ ବସୁ । ପୂଜାରୀ ଖାଇସାରି ପଳାଇଯାଏ । ମୁଁ ବାସନ ପତ୍ର ଉଠାଇ, ରୋଷେଇଘର ଧୋଇ-ଦିଏ । ପରଦିନ ପାହାନ୍ତାରେ ଲଗାଇବା ପାଇଁ ଚୁଲିରେ କୋଇଲା ଭର୍ତ୍ତି କରି ସଜାଡ଼ି ରଖିଦିଏ । ଏତେବେଳକୁ ରାତି ପ୍ରାୟ ୧୨ ଟା କିମ୍ବା ସାଢ଼େ ୧୨ ଟା ହୋଇଥାଏ । ଗୋଡ଼ ହାତ ଓ ଦେହ ଭଲରୂପେ ଧୋଇ ପୁରୁଣା କମଳ ବିଛାଇ ବାରଣ୍ଡାରେ ଶୋଇପଡ଼େ । ଦିନେ ଦିନେ ବେଟା କାନାଇ ଗପ କହିବାକୁ ମୋତେ ବାଧ କରେ । ତାକୁ ହସାଇବା ପାଇଁ ଗୋଟିଏ ଗ୍ଲେଟିଆ କୌତୁକିଆ ଗପ କହୁ କହୁ ଶୋଇପଡ଼େ । ବାସନ ମାଜିବାକୁ ଗୋଟିଏ 'ଝି' ଅର୍ଥାତ୍ ଚାକରାଣୀ ଥାଏ ; କିନ୍ତୁ ସେ ଠିକାରେ କାମ କରୁଥିବାରୁ ଦୁଇଓଳି ଦୁଇଥର ମାତ୍ର କାମ କରିବାକୁ ଆସେ । ତେଣୁ ବାହାଘରକଣତଃ ଯେତେ ଅଧିକା କାର୍ଯ୍ୟ ଓ ଅସମୟ କାର୍ଯ୍ୟ ହୁଏ, ସବୁ ମୋତେ କରିବାକୁ ପଡ଼େ । ଏହା ବ୍ୟତୀତ କାମ ମଝିରେ ମଝିରେ ଟ୍ରେଟ ଟ୍ରେଟ ବଜାର ସଉଦା କରିବାକୁ ହୁଏ । ଏ ତ ଗଲା ଅମରବିଜୟ ବାବୁଙ୍କ ଘରର କାମ । ପୁଣି ଅମରବିଜୟ ବାବୁ ବିଭା ହେବା ପରେ ମାଣିକତଳାର ରାଜା ଧୀରେନ୍ଦ୍ରନାଥ ଷ୍ଟ୍ରୀଟରେ ଆଉ ଗୋଟିଏ ଘରେ ରହିବାର ବନ୍ଦୋବସ୍ତ

Digitized by PPRACHIN, SOA

କରିଥାନ୍ତି । ସେ ହେଉଛନ୍ତି ବାବୁଆଣୀଙ୍କ ନିଜ ଭାଇ । ଉକ୍ତ ଘରକୁ ସଫା କରିବା, ଓଦା କନାରେ ପୋଛିବା, ଟାଟାନଗରରୁ ନେଇଥିବା ଜିନିଷ ଅମର ବାବୁଙ୍କ ଘରୁ ସେ ଘରକୁ ବୋହିବା ଇତ୍ୟାଦି କାର୍ଯ୍ୟ ହେଉଥାଏ ।

ଏହିପରି ଦୈନିକ ମୁଁ ତିନିଜଣ ଚାକରର କାମ ଅର୍ଥାତ୍ ଗୋଟିଏ ଚାକର, ଗୋଟିଏ ଧୋବା ଓ ଗୋଟିଏ 'ଝି' ଅର୍ଥାତ୍ ବାସନମଜା ଚାକରାଣୀର କାର୍ଯ୍ୟ କରୁଥାଏ ।

ମାଲିକଙ୍କ ସଙ୍ଗେ ସଂଘର୍ଷ

ଆମ ଘରର ଅବସ୍ଥା ନିତାନ୍ତ ଖରାପ ଥିବାରୁ ପିଲାଦିନେ ନିଜେ ବିଲବାଡ଼ିରେ ଅନେକ କାମ କରିଥିଲି । ନିଜ ଘରର କାମ ଶକ୍ତି ଓ ଇଚ୍ଛାନୁସାରେ କରିବାକୁ ହୁଏ । ମାଇନର ପଢ଼ିବା ପର୍ଯ୍ୟନ୍ତ କାମ କରିବାର ଅଭ୍ୟାସ ଥିଲା । ତାପରେ ବି.ଏ.,ଡି.ଇଡ଼. ପଢ଼ିବା ପର୍ଯ୍ୟନ୍ତ ଦିନେ ସୁଦ୍ଧା କଠିନ ପରିଶ୍ରମ କରିବାକୁ ପଡ଼ି ନ ଥିଲା । ଘରେ ମଧ୍ୟ କାମ କରିବାକୁ ଦିଅନ୍ତି ନାହିଁ । ହାଇସ୍କୁଲରେ ମାଷ୍ଟରୀ କରିବାରେ ଶାରୀରିକ ପରିଶ୍ରମ ଆଦୌ ନ ଥିଲା । ୧୯୩୭ରେ ଆନ୍ଦୋଳନରେ ପଶିବା ଦିନଠାରୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ହେଉଥିଲା ; ଯେହେତୁ ମୁଁ ଅନେକ ସମୟରେ ୧୯୩୮ରେ ଆନ୍ଦୋଳନ ଉଦ୍ଦେଶ୍ୟରେ ଫେରାର ଥିଲି । ୧୯୪୨ ଠାରୁ ପୁଣି ଫେରାର ଥାଇ କିପରି କଠିନ ଜୀବନଯାପନ କରିଛି ତାହା ପୂର୍ବରୁ ବର୍ଣ୍ଣିତ ହୋଇଛି । କିନ୍ତୁ ଏତେ ସତ୍ତ୍ୱେ ମୋର ଦୁର୍ବଳ ଶରୀରର ଶକ୍ତିର ବାହାରେ ଓଜନ ବୋହିବା ଓ ତିନିଜଣ ଚାକରର କାର୍ଯ୍ୟ କରିବା ମୋ ପକ୍ଷରେ ଅସମ୍ଭବ ହେଲା । ୧୦।୧୫ ଦିନ ଗଲା ପରେ ମୁଁ ଅଳସେଇବାକୁ ଲାଗିଲି । ଥରେ ଡାକିଲେ ଶୁଣେ ନାହିଁ । କାମ କରିବାରେ ଅବହେଳା କରିଦିଏ । ହଳଦି, ମସଲା ଆଦୌ ଚିକ୍କଣ କରି ବାଟିଲି ନାହିଁ । ବାସନ ଧୋଇଲେ ସେଥିରୁ ଏଂଶୁଡ଼ି ଛାଡ଼ୁ ନଥାଏ । ଉଦ୍ଦେଶ୍ୟ ଥିଲା, କଥାଟା ପଡ଼ିଲେ ମୁଁ ସମସ୍ତଙ୍କୁ ପରାସ୍ତ କରିଦେବି । ଦିନେ ଗୋଟିଏ କାମ କରୁ କରୁ କାମରେ ଅବହେଳା ଦେଖି ବାବୁଆଣୀ ଓ ତାଙ୍କର ଜଣେ ଭାଇ

Digitized by PPRACHIN, SOA

ମୋ ଉପରେ ଅତ୍ୟନ୍ତ ବିରକ୍ତ ହୋଇଗଲେ । ଏପରିକି ଝାଡ଼ୁବାଡ଼ି ଧରି ମାରିବାକୁ ଉଦ୍ୟତ ହେଲେ । ମୁଁ ମଧ୍ୟ ଅଣ୍ଟାଭିଡ଼ି ହୋଇ ତିଆରି ହୋଇଗଲି । ମୋର ରକ୍ତଚକ୍ଷୁ ଦେଖି ବାବୁ, ବାବୁଆଣୀ ଓ ଅନ୍ୟାନ୍ୟମାନେ ଉଭେ ପଳାଇଗଲେ । ତା ପରେ ୧୦।୧୨ ଜଣ ପୁରୁଷ ସ୍ତ୍ରୀ ବସି ମୋ କଥା ବିଚାର କଲେ । ମୁଁ କହିଲି, ମୁଁ ଏତେ କାମ କରିବି ନାହିଁ । ମୁଁ ଚାକର-ଭାବରେ ଆସିଛି କେବଳ ଚାକରର କାମ କରିବି । ଧୋବା ଏବଂ ବାସନମଜା କାମ କରିବି ନାହିଁ । କେତେଜଣ କହିଲେ କରିବାକୁ ହେବ । ମୁଁ କହିଲି, ମୁଁ ନ କଲେ ତୁମେ କଣ କରିବ ? ଉତ୍ତର ହେଲା ମାଡ଼ଦେଇ ପୋଲିସରେ ଦେବୁ । ମୁ ଜବାବ ଦେଲି, "ଜାଣିଥାଅ, ମୋତେ ଯେ ଆଖି ଦେଖାଇବ, ମୁଁ ତାକୁ ଠୋ କରି ଖୁପୁଡ଼ାଏ ଦେବି । ପୋଲିସ ତୁମର ବଦସ୍ଥର ନୁହେଁ ଯେ, ତୁମେ କହିଲା ମାତ୍ରେ ଯାହାକୁ ପାରି ତାକୁ ଆବଦ୍ଧ କରିବ କିମ୍ବା ମକଦ୍ଦମା କରିବ । ଏ ଫଇଁଟାଣି ଆପଣମାନେ ଅନ୍ୟ କାହାଠାରେ ଦେଖାଇବେ । ରାମ ଚାକରଠାରେ ଦେଖାଇଲେ ଚଳିବ ନାହିଁ ।" ସମସ୍ତେ ଆଚମ୍ବିତ ! କହିଲେ, "କି ସର୍ବନାଶ, କପରି ଚାକରଟିଏ ଆଣିଛୁ । ସେ ତ ଆମ ଉପରେ ଘୋଡ଼ା ଚଢ଼ି ଆମକୁ ଆଇନ ପଢ଼ାଇଲାଣି ।" ଅନ୍ୟ କେତେଜଣ କହିଲେ ବାସ୍ତବିକ୍ ତାକୁ କାମ ବହୁତ ପଡ଼ୁଛି । ସେ କେବେ କିଛି କହେ ନାହିଁ । ଆଜ ଏମାନେ ତାକୁ ମାରିବାକୁ ବସିଲାରୁ ସେ ଏପରି କହୁଛି । ତା ପରେ କିଏ କେଉଁଆଡ଼େ ଉଠି ଚାଲିଗଲେ । ମୁଁ ମଧ୍ୟ ଗୋଟିଏ ନିର୍ଜ୍ଜନ ବାରଣ୍ଡା କୋଣରେ ବସିପଡ଼ିଲି ।

ମନରେ ଅଧିକ ଯନ୍ତ୍ରଣା ଓ ଆଶ୍ୱାସନାର ଉଦ୍ରେକ

ନିର୍ଜ୍ଜନ ବାରଣ୍ଡାରେ ବସିଗଲି । ମନରେ କ୍ରୋଧ, ଅପମାନ ଓ ପ୍ରତିହିଂସା ଭାବନା ଅଦମ୍ୟଭାବରେ ଜାଗରିତ ହେଲା । ଆଖିରୁ ଦରଦର ଲୁହ ବହିଲା । ଭାଗ୍ୟ ଏବଂ ଭଗବାନଙ୍କୁ ନିନ୍ଦା କରିବାକୁ ଲାଗିଲି । କେହି ଜଣେ ଦୁଇଜଣ ଡାକିବାକୁ ଆସିଲେ, ମୋର ରୁଦ୍ରମୂର୍ତ୍ତି ଦେଖି କଥା କହିବାକୁ କେହି ସାହସ କଲେ ନାହିଁ । ମୋ ପ୍ରତି ଅନ୍ୟାୟ କଥା ଯେତିକି ଭାବିଲି, କ୍ରୋଧ ଏବଂ ଅପମାନ ସେତିକି ବଢ଼ିଲା । ମନକୁ ବିବେକର ଅଧୀନ କରିବାକୁ ଲାଗିଲି । ମନେ ପଡ଼ିଗଲା—ନ୍ୟାୟ ପାଇଁ ନଳରାଜା

Digitized by PPRACHIN, SOA

ଘୋଡ଼ାଘାସ କାଟୁଥିଲେ, ଜନ୍ମଗତ ଅଧିକାର ପାଇଁ ପାଣ୍ଡବମାନେ ବିରାଟ ନଗରରେ ଗୌଡ଼, ଘୋଡ଼ା ସଇସ, ନାଚୁଆ, ରାନ୍ଧୁଣିଆ, ବ୍ରାହ୍ମଣ ଏବଂ ଦ୍ରୌପଦୀ ପୋଇଲିର କାର୍ଯ୍ୟ କରୁଥିଲେ ; ପାପ ସଂହାର ପାଇଁ ଶ୍ରୀକୃଷ୍ଣ ଜରାସନ୍ଧଙ୍କୁ ମାରିବା ନିମନ୍ତେ ଗଧପାଦ ଧରିଥିଲେ, ଦେଶପାଇଁ ରାଣାପ୍ରତାପ ଜଙ୍ଗଲରେ ବଲ୍‌କଳ ପିନ୍ଧି ପଥରରେ ଶୋଇ ପଡ଼, ଫଳମୂଳ ଖାଉଥିଲେ ଏବଂ ଦେଶର ସ୍ୱାଧୀନତା ପାଇଁ ସୁଭାଷ ବାବୁ କେତେ ଯେ ମାନ ଅପମାନର ପାତ୍ର ହୋଇ ଆଜ ସ୍ୱର୍ଗାଦପି ଗରୀୟସୀ ମାତୃଭୂମିରୁ ବିଚ୍ଛିନ୍ନ ହୋଇ କାହିଁ ଦୂର ଦେଶରେ ଅଛନ୍ତି । ଭାବିଲି, ଦେଶ ମ ଇଁ ଦଶ ପାଇଁ ଯଦି ଆଦ୍ୟମାତା ଦ୍ରୌପଦୀ ଚାକରାଣୀ ହୋଇ ଦୈନିକ କୀଚକର ବଳାତ୍କାରର ପାତ୍ର ହେଉଥିଲେ ଧର୍ମରାଜ ଯୁଧିଷ୍ଠିର ବିରାଟ ରାଜାର କ୍ରୋଧର ପାତ୍ର ହୋଇ ପଶା-କାଠିରେ ମାଡ଼ ଖାଇ ନିଜର ନାକ ଫଟାଇଥିଲେ ଏବଂ ରାଜା ଆଲଫ୍ରେଡ଼ ଇଂଲଣ୍ଡର ଅଧୀଶ୍ୱର ହୋଇ ଛଦ୍ମବେଶରେ ଥିବା ସମୟରେ ମେଣ୍ଢା ଜଗୁଆଳି ସ୍ତ୍ରୀଠାରୁ ତାତିଲା ପିଠାଖଣ୍ଡିକାରେ ମାଡ଼ ଖାଇଥିଲେ, ତେବେ ମୋ ସଦୃଶ ଜଣେ ଚାଷୀର ପୁଅ ପ୍ରତି ବାକ୍ୟରେ ଓ ହାବଭାବରେ ଏ ଯେଉଁ ଅପମାନ କରାଗଲା, ତାହା କିଛି ନୁହେଁ । ଭାବିଲି ମୋର ବାବୁ ଓ ବାବୁଆଣୀ ଯଦି ଝାଡ଼ୁରେ ପାହାରେ ପିଟିଥାନ୍ତେ, ତେବେ ମୋର ସାର୍ଟି-ଫିକେଟ ପ୍ରଥମ ଶ୍ରେଣୀର ହୋଇଥାନ୍ତା । କିନ୍ତୁ ମୋର ସେ ଭାଗ୍ୟ ନାହିଁ । ଏହିପରି ଭାବୁ ଭାବୁ ମନରେ ଶାନ୍ତି ଓ ଆଶ୍ୱାସନା ଆସିଲା । ପୁଣି ଉଠି ଅଇଣ୍ଠା ବାସନ ଉଠାଇବାକୁ ଲାଗିଲି । ଭୟରେ କେହି କିଛି କହୁନଥାନ୍ତି କିନ୍ତୁ ମୁଁ ପୁଣି ମୋ ନିଜର ବ୍ୟବହାରଦ୍ୱାରା ସମସ୍ତଙ୍କୁ ଖୁସି କରାଇଦେଲି । ସେହିଦିନଠାରୁ ଯଦୃଚ୍ଛା କାର୍ଯ୍ୟ କରାଇବାରେ ଟିକିଏ କୋହଳ ହେଲା । ତଥାପି ପୂର୍ବବତ୍ କାର୍ଯ୍ୟ ଚାଲୁଥାଏ, କିନ୍ତୁ ମୁଁ ଯଦି କହେ ଯେ ଅନ୍ୟକାମ ବାକି ଅଛି, ତେବେ ଆଉ ଜୋର କରନ୍ତି ନାହିଁ ।

ଚାକର ଜୀବନର କୌତୁକ ରହସ୍ୟ

ମଧ୍ୟବିତ୍ତ ଶିକ୍ଷିତ ବଙ୍ଗାଳୀ ଘରେ ଚାକର ପ୍ରାଚ୍ୟ-ପାଶ୍ଚାତ୍ୟ ଏବଂ ନବ୍ୟ ପୁରାତନ ଆଚାରର ବ୍ୟବହାରର ସମ୍ମିଶ୍ରଣ । ଏ ସମ୍ମିଶ୍ରଣ ଖାଦ୍ୟ, ପାନୀୟ, ବେଶଭୂଷା, କଥାବାର୍ତ୍ତା, ସାମାଜିକ ଏବଂ ଧର୍ମନୈତିକ ସବୁ

Digitized by PPRACHIN, SOA

ବିଷୟରେ ପରିଲକ୍ଷିତ ହୁଏ । ଆମ ଓଡ଼ିଆ ବିବାହ ଅପେକ୍ଷା ବଙ୍ଗାଳୀ ବିବାହ (ଯାହା ମୁଁ ଦେଖିଲି) ନିତାନ୍ତ ଆଧୁନିକ । ଆମ୍ଭମାନଙ୍କର ବେଦପାଠ, ହୋମ, ଯଜ୍ଞ ଓ ପୌରାଣିକ ବିଧିବିଧାନର ଆଧିକ୍ୟ ଓ ନୈଷ୍ଟିକତା ତାଙ୍କ ବିଭାଘରେ ଲକ୍ଷିତ ହେଲା ନାହିଁ । କିନ୍ତୁ ଉକ୍ତ ଦିନର ରାତି ନିଅଟାଠାରୁ ସମସ୍ତେ ଭାବିଲେ, ବାସ୍ତବିକ ରାମକୁ ଆମେ ଯେପରି ଭାବିଥିଲେ, ସେ ସେପରି ବୋକା କିମ୍ବା ମୂର୍ଖ ନୁହେଁ ବରଂ ଅଧିକ ଭଦ୍ର ଏବଂ ବିବେକୀ । ତେଣୁ ତାଙ୍କ ବିଭାଘର ସମ୍ପର୍କରେ ମୋର ମତାମତ ପଚାରନ୍ତି । ମୁଁ ସବୁ ଅଙ୍କା କରେ । ସେମାନେ ଶୁଣି ହସନ୍ତି । ନବ ବର-ବଧୂଙ୍କର ମଧୁଶଯ୍ୟା ଦିନ ଯାହା ଦେଖିଲି, ତାହା ଆମ ଓଡ଼ିଆ ଘରେ ନିତାନ୍ତ ବେ-ସାମାଜିକ ବୋଲି ବିବେଚିତ ହେବ । ଅଧିକ ଘର ନଥିବାରୁ ମୁଁ ଠିକ୍ ନବ-ଦମ୍ପତି-ଙ୍କର ଶୋଇବା ଘରର କବାଟ ପାଖରେ ବାରଣ୍ଡାରେ ଶୁଏ । ସେମାନେ ଭାବନ୍ତି, "ରାମଟା ନିତାନ୍ତ ବୋକା, ତା ନ ହେଲେ ଛଅ ଟଙ୍କାରେ କଲିକତାରେ ଚାକିରି କରନ୍ତା ନାହିଁ କିମ୍ବା ଏତେ କାମ କରନ୍ତା ନାହିଁ ।"

ମୋ ମାଲିକ ଘରର ଅନେକ, ବିଶେଷତଃ ସ୍ତ୍ରୀଲୋକମାନେ ମୋର ସ୍ତ୍ରୀ ଏବଂ ଛୁଆପିଲା ବିଷୟ ପଚାରନ୍ତି । ମୁଁ କହେ ଯେ, ମୁଁ ଏପର୍ଯ୍ୟନ୍ତ ବିବାହ ହୋଇନାହିଁ । ବିବାହ ହେବ କି ନାହିଁ ପଚାରିଲେ ମୁଁ କହେ, ମୋତେ କେହି ଝିଅ ଦେଉନାହାନ୍ତି ; କାରଣ ମୁଁ ଗରିବ ଏବଂ ଶାରୀରିକ ଦୁର୍ବଳ । ଏଥିରେ ସେମାନେ ହସି ହସି ଗଡ଼ିଯାଆନ୍ତି । ପୁଣି ପଚାରନ୍ତି, "ବିଭା ହେବାକୁ ତୁମର ନିଜର ଇଚ୍ଛା ଅଛି କି ନାହିଁ ?" ମୁଁ କହେ, "ମୋର ତ ଆମଦାନି ନାହିଁ, ବିଭା ହେଲେ ପୋଷିବି କପରି ?" ଛୁଆ ପିଲା ହେଲେ ଦୁଧ ଖାଇବାକୁ ଦେଇପାରିବି ନାହିଁ ।" ଏକଥା ଶୁଣି ସମସ୍ତେ ବୁଢ଼ୀମାନଙ୍କୁ ଡାକନ୍ତି, ହସନ୍ତି । କେତେ କହନ୍ତି, "ଆମ ନିଜ ଦେଶ ଫରିଦପୁର ଜିଲ୍ଲା । ସେଠାକୁ ଚାଲ । ଘରବାଡ଼ି କରି ରହିବୁ । ଆମେ ବିଭା କରାଇ ଦେବୁ ।" ମୁଁ କହେ 'ଦେଖିବା' ଇତ୍ୟାଦି ଇତ୍ୟାଦି ।

ମୋତେ ଟିକିଏ ସରଳ ମନେ କରି ଚାକର ବାକର ସମସ୍ତେ ଭରସା କରନ୍ତି । ଚାକରାଣୀ, କାନାଇ ଓ ପୂଜାରୀ ଏମାନେ ସମସ୍ତେ ମଧ୍ୟ ନିଜ ନିଜର ଦୁଃଖ କଥା କହନ୍ତି । ଦିନେ ସନ୍ଧ୍ୟା ସାତଟାବେଳେ ମୁଁ, କାନାଇ ଏବଂ ଉପେନ୍ଦ୍ର ପୂଜାରୀ ଗୋଟିଏ ଜାଗାରେ ବସିଛୁ । ଠିକ୍ ପାଖକୁ

Digitized by PPRACHIN, SOA

ଲଗିଥିବା ପାଇଖାନାକୁ ନବବିବାହିତ ଆମର ବାବୁ ଝାଡ଼ା ଯାଇଥାନ୍ତି । ଏତିକିବେଳେ ରୁକ୍‌ମଣୀ ଜଗଦମ୍ବା ପହଞ୍ଚିଗଲା । କାହିଁକି ବାସନ ମାଜିନାହୁଁ ଏବଂ ବିଳମ୍ବରେ ଆସିଛୁ ବୋଲି ଉପେନ୍ଦ୍ର ପୂଜାରୀ ତାକୁ ଗାଳିଦେଲା । ରୁକ୍‌ମଣୀ ମୋତେ ସାକ୍ଷୀ କରି କହିଲା, "ରାମ, ଏ ଠାକୁର ବାବା ତ ବଡ଼ଲୋକ, ସେ ବା ଆମ ଦୁଃଖ ଜାଣିବେ କିପରି ? ତୁମେ ମୋ ପରି ଗରିବ । ତେଣୁ ତୁମେ ଜାଣିବ । ବାହାଘର ହେଲେ ବାବୁ ବାବୁଆଣୀଙ୍କର ସୁଖ । ଆମ ଝି, ଚାକରଙ୍କର ଦୁଃଖ ।" ସଙ୍ଗେ ସଙ୍ଗେ ମୁଁ କହିଲି, "ଠିକ୍ କହିଲୁ ଜଗଦମ୍ବା । ତାଙ୍କର ଯାହା ଖେଳ, ଆମ ଠାକୁର ଚାକରଙ୍କର ତାହା କାଳ ।" ବାବୁ ତ ପାଇଖାନାରେ ବସିଥିଲେ, ଠୋ ଠୋ କରି ହସିଉଠିଲେ । ପାଇଖାନାରୁ ଆସି ହାତ ଗୋଡ଼ ଧୋଇ ଆଉ ସାତ ଆଠ ଜଣ ଡାକି ବସିଗଲେ । ମୋତେ ଡକାଇ କହିଲେ, "ରାମ ବତାଅ, ବାହାଘରେ କିପରି ଆମର ଯାହା ଖେଳ, ତୁମର ତାହା କାଳ ।" ଜଗଦମ୍ବା, କାନାଇ ସେତେବେଳକୁ ଥରିଲେଣି । ସେମାନେ ଆଡୁଆଳରେ ଶୁଣୁଥାନ୍ତି । ମୁଁ ପରିଷ୍କାର ଭାବରେ କହିଦେଲି, ଘରକୁ ନୂଆ ବୋହୂ ଆସିଲେ ଗୃହଲକ୍ଷ୍ମୀ ଆଗମନରେ ଘର ଧନ ସମ୍ପତ୍ତିରେ ପୂରିଗଲା, ସେଥିପାଇଁ କୁଟୁମ୍ବ ଖୁସି । ପିଠାପଣା ଖାଇ ବନ୍ଧୁବାନ୍ଧବ ଖୁସି । ନିଜେ ବରକନ୍ୟା ଦାମ୍ପତ୍ୟ ପ୍ରେମରେ ଖୁସି, କିନ୍ତୁ ଆମେ ଚାକରବାକର କାମ କରି କରି ମରୁ । ଖାଇବାକୁ ଶୋଇବାକୁ ସମୟ ମିଳେନାହିଁ । ଆମେ ଭାବୁ ସମାଜରେ ଏ ବାହାଘର ପ୍ରଥା ନ ଥିଲେ ଆମ ପକ୍ଷରେ ବଡ଼ ଭଲ ହୁଅନ୍ତା । ଏକଥା ଶୁଣି ସମସ୍ତେ ହସିଲେ । ମନ୍ତବ୍ୟ ପାସ୍ କଲେ, "ନାହିଁ ରାମଟା ଚାଲାକ ଅଛି ।" ଜଣେ କହିଲା, "ସେ କରଣ ଯେ । ବଙ୍ଗଳା ପରି ଓଡ଼ିଶାରେ କାୟସ୍ଥ ଜାତି ବଡ଼ ଚାଲାକ ଚତୁର ।" ଆଉ ଜଣେ କହିଲା, "ସେ ପାଠ ପଢ଼ିଛି । ବଜାର ସଉଦା ହିସାବକାଗଜରେ ନ ଲେଖି ମୁହଁରେ ସବୁ ଏତେ ଶୀଘ୍ର ବତାଇବ ଯେ, ଧୀରେନ୍ ଅଙ୍କରେ ଅନର୍ସ ନେଇ ବି. ଏ. ପାସ୍ କଲେ ସୁଦ୍ଧା ତା ସଙ୍ଗେ ତୁଳନାରେ ଆସିବ ନାହିଁ ।

ବାହାଘରର ବାତାବରଣ । ଘର ତମାମ ଆନନ୍ଦ ଏବଂ ପ୍ରଣୟ ତେଉ ଖେଳିଯାଇଥାଏ । ତେଣେ ଘରେ ତ ନବ-ଦମ୍ପତିର ପ୍ରଣୟ, ଏଣେ କାନାଇ-ଜଗଦମ୍ବାର ବାଚନିକ ପ୍ରଣୟ । ପୂଜାରୀ ଉପେନ୍ଦ୍ର ଯେ ଏ ପ୍ରଣୟ-

Digitized by PPRACHIN, SOA

ଜୀବନରେ କେତେବାର ଭାସିଯାଇ ନାହାନ୍ତି, ଏହା କେହି କହିପାରିବେ ନାହିଁ ।

ଗୃହକର ଅବସ୍ଥାରେ କଂଗ୍ରେସ ସଙ୍ଗେ ସମ୍ପର୍କ ସ୍ଥାପନର ଚେଷ୍ଟା

କାର୍ଯ୍ୟକ୍ରମରେ କହିଛି ଯେ, ରାତି ୪ ଟା ଠାରୁ ରାତି ୧୨ ଟା ଭିତରେ, ଦିନ ତିନିଟାଠାରୁ ସାଢ଼େ ପାଞ୍ଚ ପର୍ଯ୍ୟନ୍ତ ମୋଟେ ଦୁଇ ଅଢ଼େଇ ଘଣ୍ଟା ଫୁରସତ ମିଳେ । ଏଥିରେ ପୁଣି ଦିନେ ଦିନେ ବାବୁଆଣୀ କାମ ବତାଇ ଦେଇଥାନ୍ତି ; କିନ୍ତୁ ମୁଁ ତାହା ଶୁଣେ ନାହିଁ । ଏହି ଫୁରସତ ସମୟଟିକ କଂଗ୍ରେସ ଲୋକ ଖୋଜିବାରେ ଲାଗେ । ଭାତ ଖାଇ ୩ ଟା ପରେ ଚପ୍ କରି ମୋର ପରିଷ୍କାର ଲୁଗା, ପଞ୍ଜାବୀ, ଗଣ୍ଠିଲିରୁ ବାହାର କରି କାଖତଳେ ଯାକି ଧୀରେ ଚଟି ହଳଟି ଖଣ୍ଡେ କାଗଜରେ ଗୁଡ଼ାଇ ହାତରେ ଧରି ଘରୁ ବାହାରିଯାଏ । ସେହି ଘରର ତଳେ ଜଣେ ଦରଓ୍ୱାନ ଥାଏ । ତା ଘରେ ଏ ଧଳାଲୁଗା ଓ ପଞ୍ଜାବୀ ପିନ୍ଧି ସାଣ୍ଡଲ ମାଡ଼ି ସମ୍ପର୍କ ଉଦ୍ଦେଶ୍ୟରେ ଯାଏ । ମୋର ମଇଳା ଲୁଗାଟି ଦରଓ୍ୱାନ ଘରେ ଥୁଇ ଯାଏ । ପ୍ରତିଦିନ ଗୋଟାଏ ଗୋଟାଏ ଅଞ୍ଚଳକୁ ଯାଏ, କଂଗ୍ରେସ ଅଫିସ ଖୋଜେ । ଗୋଟିଏ ପବ୍ଲିକ ଲାଇବ୍ରେରୀ ଥାଏ, ସେଠାରେ ଯାଇ ଖବରକାଗଜ ପଢ଼େ । ଖବର କାଗଜରୁ କେତେକ ଅନୁଷ୍ଠାନ ଓ ଜାତୀୟବାଦୀ ବ୍ୟକ୍ତିଙ୍କର ନାମ ପାଏ ; ସେମାନଙ୍କୁ କହିବାପାଇଁ ଚେଷ୍ଟା କରେ । ଖଦଡ଼ ପିନ୍ଧିବା ବ୍ୟକ୍ତିଙ୍କ ସଙ୍ଗେ କଥାବାର୍ତ୍ତା କରେ । କିନ୍ତୁ କାହାରିଠାରୁ କିଛି ଆଭାସ ପାଇଲି ନାହିଁ । କେତେ ଜଣ ଫରଓ୍ୱାର୍ଡ ବ୍ଲକ ମେମ୍ବରଙ୍କର ନାମ ପାଇଲି । ସେମାନଙ୍କ ପାଖକୁ ଯିବାର ଚେଷ୍ଟା କଲି ; କିନ୍ତୁ ସେମାନେ ଘରେ ନ ଥାନ୍ତି କିମ୍ବା କଲିକତା ବାହାରକୁ ଚାଲିଯାଇଥାନ୍ତି । ଦେଢ଼ ଘଣ୍ଟାରୁ ବେଶୀ ସମୟ ବାହାରେ ରହିପାରେ ନାହିଁ । ତେଣୁ କାହାକୁ ସାକ୍ଷାତ ପାଇଁ ଅପେକ୍ଷା କରିପାରିଲି ନାହିଁ । ଏହିପରି ପ୍ରାୟ ଏକ ମାସ ବିତିଗଲା । ଏଣେ ଦେଖିଲି କାର୍ଯ୍ୟର ବହୁଳତା ଯୋଗୁଁ ଏବଂ ସବୁ ସମୟରେ ପାଣିରେ କାରବାର କରି ମୋର ସର୍ଦ୍ଦି, କାଶ, ସମୟ ସମୟରେ ଜ୍ୱର ହେଉଛି । ମୁଁ ଅନୁଭବ କଲି, ଯଦି ଏପରି ଅବସ୍ଥାରେ ଅଧିକ ଦିନ ରହେ, ସମ୍ପର୍କ ସ୍ଥାପନ ପୂର୍ବରୁ

Digitized by PPRACHIN, SOA

ମୁଁ ଶେଷ ହୋଇଯିବ । ତେଣୁ ଦୁଏତ ଶୀଘ୍ର ସମ୍ପର୍କ ସ୍ଥାପନ କରିବ କିମ୍ବା ଏ ସ୍ଥାନ ଛାଡ଼ି ଅନ୍ୟତ୍ର ସୁବିଧା ଜାଗାରେ ରହିବି, ଯେଉଁଠାରେ କେବଳ ମାତ୍ର ଜଣେ ପୂଜାରୀ କିମ୍ବା ଚାକରର କାମ କରିବାକୁ ହେବ । ମୁଁ ଜଣେ ଚାକରର କାମ କରିବାକୁ ଧୁରନ୍ଧର । ସୌଭାଗ୍ୟବଶତଃ ଜଣେ ଫରଓ୍ୱାର୍ଡ ବ୍ଲକ ସଦସ୍ୟଙ୍କ ସଙ୍ଗେ ସାକ୍ଷାତ୍ ହୋଇଥିଲା । ସେ କହିଲେ, ପ୍ରଥମତଃ ତୁମକୁ ତ ଆମେ ଚିହ୍ନିନାହୁଁ । ଅଧିକନ୍ତୁ ଆମ ପାର୍ଟିର ପ୍ରାୟ ସମସ୍ତ ବ୍ୟକ୍ତି ଏକ୍ଷଣି ଜେଲରେ । ବାକି ଯେଉଁ ଜଣେ ଅଧେ ଅଛନ୍ତି, ସେମାନେ ପ୍ରାୟ ନିଜ ଘରେ ଅନ୍ତର୍ଗଣ ବନ୍ଦୀ । ତେଣୁ ଦଳ ଏକ୍ଷଣି ବସ୍ତୁତଃ ନିଷ୍କ୍ରିୟ । ଆପଣ ପରିଚୟପତ୍ର ବା ଚିହ୍ନା ବ୍ୟକ୍ତିଙ୍କ ଜରିଆରେ ଅନ୍ୟ କଂଗ୍ରେସ ବ୍ୟକ୍ତିଙ୍କୁ ସାକ୍ଷାତ କରନ୍ତୁ । ତାଙ୍କ କଥାନୁସାରେ ଅନ୍ୟମାନଙ୍କ ସହ ସାକ୍ଷାତ କରିବା-ପାଇଁ ଚେଷ୍ଟା କଲି । କିନ୍ତୁ ସମୟର ଅଭାବରୁ କିଛି କରିପାରିଲି ନାହିଁ ।

ସମ୍ପର୍କ ଉଦ୍ଦେଶ୍ୟରେ ଅନ୍ୟତ୍ର ଚାକିରିର ଭାବନା

ଦିନେ ପୂଜାରୀ ଉପେନ୍ଦ୍ରକୁ କହିଲା, "ନନା, ତୁମେ ଓଡ଼ିଆ ମୁଁ ଓଡ଼ିଆ, ଆମେ ଏକା ଓଡ଼ିଆ ଭାଇ । ଦେଖୁଛ ତ ମୋତେ ଏଠାରେ ୬ ଟଙ୍କା ଦରମାରେ ତିନିଟା ଲୋକର କାମ କରାଉଛନ୍ତି । ମୋତେ ଟାଟାରେ କହିଲେ ଯେ, ପାଞ୍ଚ ଜଣଙ୍କ ପାଇଁ କାମ କରିବାକୁ ହେବ । କିନ୍ତୁ ଦେଖୁଛ ମୋତେ ଏଠାରେ ତିନିଟା ବାହାଘର ପାଇଁ ୨ ମାସ ପର୍ଯ୍ୟନ୍ତ ଦୈନିକ ୭୦।୮୦ ଜଣଙ୍କର ଧୋବା, ଝି ଏବଂ ଚାକରର କାର୍ଯ୍ୟ କରିବାକୁ ପଡ଼ୁଛି । ମୁଁ ଏ କାମ କରିବ ନାହିଁ, ଛାଡ଼ିଦେଇ ଘରକୁ ଚାଲିଯିବି । ମୋ ଦୁଃଖ ତ ଦେଖୁଛ । ଗୋଟାଏ ସୋଜା କାମ ବୁଝିଦିଅନ୍ତ ନି ? ମୁଁ ମଧ୍ୟ ରାନ୍ଧି ଜାଣେ ।" ମୋ କଥା ଶୁଣି ଉପେନ୍ଦ୍ର ପୂଜାରୀ କହିଲା, "ରାମ, ଟାଟାନଗରରୁ କଲିକତାରେ ୬ ଟଙ୍କାରେ ଚାକିରି କରିବାକୁ ଆସିଛୁ ଶୁଣି ମୁଁ ଭାବିଲି ତୁ ବଡ଼ ବୋକା । ଆଜିକାଲି କେହି ୧୦ ଟଙ୍କାରୁ କମ୍‌ରେ ଘରୁଆ ଚାକିରି କରେ ନାହିଁ । ମୁଁ ତୋତେ ଅନ୍ୟଜାଗାରେ ପୂଜାରୀ ଭାବରେ ରଖାଇଦେବି । ମୋ ଘର ସାମନାରେ ତିନି ଜଣ ବାବୁ ରହନ୍ତି । ତାଙ୍କର ଜଣେ ଠାକୁର ଦରକାର । ସେମାନେ ବ୍ରାହ୍ମଣ ଠାକୁର ଚାହାନ୍ତି ନାହିଁ । ବ୍ରାହ୍ମଣ ପୂଜାରୀ ହେଲେ ତାଙ୍କ ପକ୍ଷେ ଅସୁବିଧା ହେବ । କାମ ନିତାନ୍ତ କମ୍ । ବାବୁମାନେ ୯ ଟାରେ

Digitized by PPRACHIN, SOA

ଖାଇକରି ଯିବେ ସାଢ଼େ ପାଞ୍ଚଟାରେ ଫେରିବେ । ଦରମା ୧୨ ଟଙ୍କା । ତୁ କୌଣସି ବାହାନା ଦେଇ ଏଠାରୁ ଗୁଡ଼ି ଚାଲିଆ । ମୋ ବସାରେ ୩।୪ ଦିନ ରହିଲା ପରେ ମୁଁ ସେଠାରେ ତୋତେ ରଖାଇଦେବି ।" ଉପେନ୍ଦ୍ର ଠାକୁରଠାରୁ ଏ ଆଶାଜନକ କଥା ଶୁଣି ଅମର—ସମର ବାବୁମାନଙ୍କ ଘରୁ ଚାକିରି ଗୁଡ଼ିଦେବାର ଫନ୍ଦି କାଢ଼ିଲି । ଦେହ ଅସୁଖ ବୋଲି ବାହାନା ଦେଇ କାମ କଲି ନାହିଁ । ମାଲିକମାନେ ବିରକ୍ତ ହେଉଥାନ୍ତି, କାମ ନ କରିବାର କାରଣ ପଚାରିବାରୁ ମୁଁ କହିଲି, "ମୋର ଆଭ୍ୟନ୍ତରୀଣ ଅର୍ଶ ବେମାରି ହୋଇଛି । ମୁଁ ଆଉ କାମ କରିପାରିବି ନାହିଁ ।" ମୁଁ ଠକୁଛି ବୋଲି ଭାବି ସେମାନେ ଡାକ୍ତରଖାନାକୁ ନେବେ ବୋଲି କହିଲେ । ଜଣେ ଡାକ୍ତରଙ୍କୁ ଡକାଇ ମୋତେ ଜେରା କରାଇଲେ । ଆଭ୍ୟନ୍ତରୀଣ ଅର୍ଶ ବିଷୟରେ ମୁଁ କିଛି କିଛି ପୁସ୍ତକରୁ ପଢ଼ିଥିଲି । ସେ ସବୁ କହିଗଲି । ଡାକ୍ତର କହିଲେ ସେ ଯା କହୁଛି କଥାଟା ଠିକ୍ । କିନ୍ତୁ ଆଭ୍ୟନ୍ତରୀଣ ଅର୍ଶ ଏହାର ନାହିଁ । ତା ପରେ ମୋତେ ପୋଲିସରେ ଦେବାର ଧମକ ଦେଲେ । ମୁଁ ମଧ୍ୟ ତାର ଆଇନସଙ୍ଗତ ଜବାବ ଦେଲି । ମୋର ସାଧାରଣ ଆଇନଜ୍ଞାନ ଜାଣି ମୋତେ ତାଙ୍କ କୁଟୁମ୍ବର ଜଣେ ଓକିଲ ପଚାରିଲେ, ତୁ ଆଇନ କଥା ଜାଣିଲୁ କପରି ? ମୁଁ କହିଲି, "ମୁଁ କଟକରେ ଓକିଲ ବାବୁଘରେ ଚାକିରି କରୁଥିଲି । ଆମେ କରଣ ଜାତି, ଆଇନ କାନୁନ ଆମର ପୋଷା । ତେଣୁ ଏହି ସାଧାରଣ ଆଇନ କଥା ଜାଣିବା ବଡ଼ କଥା ନୁହେଁ । ଆମ ଦେଶରେ ଏପରି ଆଇନ ସ୍ତ୍ରୀ ପୁରୁଷ ସମସ୍ତେ ଜାଣନ୍ତି ; କିନ୍ତୁ ଦୁଃଖର କଥା, ଆପଣଙ୍କର ବଙ୍ଗଳା ଦେଶରେ ଶିକ୍ଷିତା ସ୍ତ୍ରୀ ଓ ପୁରୁଷ ମଧ୍ୟ ସାଧାରଣ ଆଇନ ଜାଣୁନାହାନ୍ତି । କାରଣ ମୁଁ ଆପଣଙ୍କ ଘରେ ଚାକିରି କରିବି ନାହିଁ ବୋଲି କହିବାରୁ, ମୋତେ ଥାନାକୁ ପଠାଇବେ ବୋଲି ଧମକ ଦେଉଛନ୍ତି, ଧିକ୍ ଆପଣଙ୍କ ଶିକ୍ଷା, ଧିକ୍ ଆପଣଙ୍କ ସମ୍ମାନ ।" ମୋ ଠାରୁ ଏ କଥା ଶୁଣି ସମସ୍ତେ ଅବାକ୍ । କେତେକ କହିଲେ, "ବାବା, ଏହାଦ୍ୱାରା କାମ ଚଳିବ ନାହିଁ । ଏ ଓଲଟି ଆମକୁ ପାଠ ପଢ଼ାଇବ ।" କିନ୍ତୁ ମୋର ବାବୁଆଣୀ (ସରଳା ଦିଦି) ମୋ ଉପରେ ଅଗ୍ନିଶର୍ମା । ସେ କହିଲେ, "ସେ ଯଦି ଯିବ, ତେବେ କ୍ଷତିପୂରଣ ଦେଇ ଯାଉ ।" ମୁଁ କହିଲି, "ଚୁକ୍ତିପତ୍ରଟା ଦେଖାଇଲେ କ୍ଷତିପୂରଣ ଦେଇଦେବି" । ଏ କଥା ଶୁଣି ସମସ୍ତେ କହିଲେ, "ଏ ତ ଏକ ବାରିଷ୍ଟର, ଏହାକୁ ଚାକର ରଖିବ କିଏ ? କାଲି ସକାଳୁ ବିଦାୟ ଦିଅ ।" ସରଳା ଦିଦି କହିଲେ,

Digitized by PPRACHIN, SOA

"ଗତ ମାସ ଦରମା ମୁଁ ଦେବ ନାହିଁ ।" ମୁଁ କହିଲି, "ଆପଣ ଦେବାକୁ ବାଧ୍ୟ । କିନ୍ତୁ ନ ଦେଲେ ବି ମୁଁ ଖାତିର କରେ ନାହିଁ । ଗରିବ ଟଙ୍କା ନେଇ ଆପଣ କୋଠା ତୋଳନ୍ତୁ । ମୁ କାଲି ସକାଳେ ଯିବି ।" ସମସ୍ତେ ନୀରବ । ତା ଆରଦିନ ସକାଳ ଛଅଟାରୁ ଲୁଗା ପଟା ଧରି ଘରର ମାଲିକଙ୍କୁ କହି ଉପେନ୍ଦ୍ର ମିଶ୍ରଙ୍କ ବସାକୁ ଚାଲିଆସିଲି ।

ପୂଜାରୀ ଉପେନ୍ଦ୍ର ମିଶ୍ରଙ୍କ ବସାରେ ଅବସ୍ଥାନ

ପୂଜାରୀ ଉପେନ୍ଦ୍ର ମିଶ୍ର ତାଙ୍କ ବସା ବୋଲି ମୋତେ ଗତ ଏକମାସ ଠାରୁ ଯାହା କହି ଆସୁଥିଲେ, ତାହା 'ନନ୍ଦ' ନାମକ ଏକ ପାନଦୋକାନୀର ଦେବଦାରୁ ପଟାଦ୍ୱାରା ତିଆରି ଖଡ଼ିର ତଳ । ନନ୍ଦ ପାନଦୋକାନୀର କୌଣସି ଘର ନ ଥାଏ । ସେ ସୁକିଆ ଷ୍ଟ୍ରିଟ ମାର୍କେଟର ଫାଟକରେ କେତେ ଖଣ୍ଡ ପଟାରେ ଗୋଟିଏ ଗ୍ରେଟ ଖଡ଼ି କରି ପାନ ଦୋକାନ କରି-ଥାଏ । ସେ ରାତିରେ ସେହି ଖଡ଼ିରେ ଶୁଏ । ଖଡ଼ି ତଳେ ଉପେନ୍ଦ୍ର ମିଶ୍ର ଶୁଅନ୍ତି । ମୁଁ ପହଞ୍ଚିଲି ବେଳକୁ ଦେଖିଲି, ଉପେନ୍ଦ୍ର ମିଶ୍ର ମୂଷା ଭଳିଆ ଖଡ଼ିତଳେ ଶୋଇଥାନ୍ତି । 'ନନା, ନନା' ବୋଲି ଡାକିଲି । ସେ ଉଠିଲେ । କହିଲେ ବସାଟା ମରାମତି ହୋଇ ନାହିଁ । ଏହିଠାରେ ଜିନିଷ ରଖି ଦେ । ନନ୍ଦକୁ ମଧ୍ୟ କହିଦେଲେ । କୁଣ୍ଠିତହୃଦୟରେ ନନ୍ଦ ରାଜି ହେଲା । ରାତିରେ ଫାଟକ ବନ୍ଦ ହେଲା ପରେ ଫାଟକରୁ କାଦୁଅ ଓ ଆବର୍ଜନା ପରିଷ୍କାର କରି ମୋତେ ଶୋଇବାକୁ ପଡ଼ିଲା ।

ସଂପର୍କ ସ୍ଥାପନରେ ଅନବରତ ଚେଷ୍ଟା

ସେତେବେଳେ ୫।୭ ଦିନ ପର୍ଯ୍ୟନ୍ତ ଚାକିରି ନ ଥାଏ । ବହୁତ ସମୟ ମିଳୁଥାଏ । ସକାଳୁ ଗାଧୋଇ ପାଧୋଇ ବାହାରିଯାଏ । ଆଗରୁ ନିଶ୍ଚୟ କରିଥିଲି ଯେ, ଫରୱାର୍ଡ଼ ବ୍ଲକ ମେମ୍ବର ଖୋଜିବାରେ କୌଣସି ଲାଭ ନାହିଁ । କାରଣ ଜାଣିପାରିଥିଲି ଯେ, ସେମାନେ ସମସ୍ତେ ଜେଲ୍‌ରେ । ବାକି ଯେଉଁମାନେ ଅଛନ୍ତି, ପ୍ରାୟ ଅନ୍ତର୍ଘାଣବଳୀ ଏବଂ ନିଷ୍କ୍ରିୟ; ତେଣୁ କଂଗ୍ରେସ ନେତାମାନଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ଚେଷ୍ଟା କରିବି । ଖବର କାଗଜରୁ ପଢ଼ିଥାଏ ଆସେମ୍ବ୍ଲି କଂଗ୍ରେସ ଦଳର ନେତା ଶ୍ରୀଯୁକ୍ତ କିରଣ

Digitized by PPRACHIN, SOA

ଶଙ୍କର ରାୟ ଜେଲ ବାହାରେ ଅଛନ୍ତି । ଠିକ୍ କରିନେଲି ତାଙ୍କୁ ସାକ୍ଷାତ କରିବି । ତାଙ୍କୁ ନ ପାଇଲେ ଜାତୀୟବାଦୀ ପତ୍ରପତ୍ରିକାମାନଙ୍କର ସଂପାଦକମାନଙ୍କୁ ସାକ୍ଷାତ କରିବି । କୌଣସି ପ୍ରକାରେ ଏହି ୫।୭ ଦିନ ମଧ୍ୟରେ ସମ୍ପର୍କ ସ୍ଥାପନ କରିନେବି । ଏହି ଉଦ୍ଦେଶ୍ୟରେ କଲିକତା ତମାମ ପାଦରେ ବୁଲିଲି । ଯାହାକୁ ଖଦଡ଼ ପିନ୍ଧିଥିବାର ଦେଖେ, ତାଙ୍କୁ କିରଣଶଙ୍କର ରାୟଙ୍କ ଘର ଠିକଣା ପଚାରେ । ଦୁର୍ଭାଗ୍ୟବଶତଃ ପ୍ରାୟ ଶହେ ଜଣଙ୍କୁ ପଚାରିଥିଲି । କେହି ଖବର ଦେଇପାରିଲେ ନାହିଁ । ପରିଶେଷରେ ଅମୃତ ବଜାର ପତ୍ରିକା ଅଫିସକୁ ଗଲି । ଶ୍ରୀଯୁକ୍ତ ତୁଷାରକାନ୍ତି ଘୋଷଙ୍କ ସଙ୍ଗେ ସାକ୍ଷାତ କରିବାକୁ ଚିଠି ଦେଲି । କିନ୍ତୁ ତୁଷାରବାବୁ ସେତେବେଳେ ଏଲ୍ଲାହାବାଦ ଚାଲିଯାଇଥିବାରୁ ତାଙ୍କ ସଙ୍ଗେ ସାକ୍ଷାତ ହୋଇପାରିଲା ନାହିଁ । ତାଙ୍କର ଆସିଷ୍ଟାଣ୍ଟଙ୍କ ସଙ୍ଗେ ସାକ୍ଷାତ ହେଲା । ସେ ମୋତେ ସାକ୍ଷାତର ଉଦ୍ଦେଶ୍ୟ ପଚାରିଲେ । ମୁଁ କହିଲି ତୁଷାରବାବୁ ଥିଲେ ଭଲ ହୋଇଥାନ୍ତା, କିନ୍ତୁ ସେ ତ ଚାଲିଗଲେ, ମୁଁ ପରେ ଆଉ ଦିନେ ଆସିବି । ତାଙ୍କୁ ମଧ୍ୟ କିରଣଶଙ୍କର ରାୟଙ୍କର ଠିକଣା ପଚାରିଲି । ସେ ମଧ୍ୟ କହିପାରିଲେ ନାହିଁ । ତାଙ୍କ ଅଫିସର ୫।୭ ଜଣଙ୍କୁ ପଚାରିଲି । କିନ୍ତୁ କିରଣ ବାବୁଙ୍କ ଠିକଣା କାହାରିକୁ ଜଣା ନ ଥାଏ । ପରେ ଟେଲିଫୋନ ଡାଇରେକ୍ଟରୀରୁ ବାହାର କରି ମୋତେ ଠିକଣା ବତାଇଦେଲେ । ବର୍ତ୍ତମାନ ଠିକଣା ପାଇଲି, ମନରୁ ଅଧା ବ୍ୟଗ୍ରତା ଦୂର ହେଲା । ବସାକୁ ଫେରି ଆସିଲି । ସେତେବେଳକୁ ପୂଜାରୀ ଉପେନ୍ଦ୍ର ମିଶ୍ରଙ୍କ ଜରିଆରେ ନନ୍ଦି ପାନ ଦୋକାନୀ ବସାରେ ରହିବାର ୪ ଦିନ ହୋଇଗଲାଣି ।

ଶ୍ରୀ କିରଣଶଙ୍କର ରାୟଙ୍କ ନିକଟକୁ ଗମନ

ତା ପରଦିନ ସକାଳେ ସୁକିଆ ଷ୍ଟ୍ରୀଟ୍ ହିମାନୀ ମାର୍କେଟଠାରୁ ଟ୍ରାମରେ ଚଢ଼ି ଇଉରେସିଆନ୍ ଆସାଇଲମ୍ ଲେନ୍‌କୁ ଗଲି । ସେହି ଲେନ୍‌ର ୪୪ ନମ୍ବର ଘର କିରଣବାବୁଙ୍କ ବାସଭବନ । ସେ ଜଣେ ବଡ଼ ଜମିଦାର । ବାହାର ଅଗଣାରେ ଗୁମାସ୍ତାମାନେ ଥାନ୍ତି । ପ୍ରଥମେ ଯାଇ ଗୁମାସ୍ତାଖାନାରେ ପହଞ୍ଚିଲି । ଗୁମାସ୍ତାମାନେ ମଧ୍ୟ ଖଦଡ଼ଧାରୀ । ବ୍ୟବହାର ଉତ୍ତମ । ମୋତେ ଦେଖିଲା କ୍ଷଣି "ମୁଁ କିଏ ? କେଉଁଠାରୁ ଆସିଛି ଏବଂ କାହାକୁ ଖୋଜୁଛି" ଇତ୍ୟାଦି ପ୍ରଶ୍ନମାନ ପଚାରିଲେ । ମୁଁ କହିଲି, "ମୁଁ ଓଡ଼ିଶାର ଜଣେ

Digitized by PPRACHIN, SOA

ଲୋକ । କରଣଶଙ୍କର ରାୟ ମହାଶୟଙ୍କ ସଙ୍ଗେ ଏକ ନିତାନ୍ତ ଜରୁରୀ ବିଷୟରେ ସାକ୍ଷାତ କରିବାକୁ ଆସିଛି । ସେ ଯଦି ଘରେ ଥାଆନ୍ତି ତେବେ ସାକ୍ଷାତର ଟିକିଏ ବନ୍ଦୋବସ୍ତ କରାଇଦିଅନ୍ତୁ ।" ଭିତର ମହଲକୁ ଖବର ଦିଆଗଲା । କିନ୍ତୁ ଉତ୍ତର ଆସିଲା, ଯଦି ଚିଠି ଆଣିଛନ୍ତି, ତେବେ ପ୍ରଥମେ ଚିଠି ନେଇଆସ । କିନ୍ତୁ ମୁଁ କହିଲି, "ଚିଠି ଆଣି ନାହିଁ । ମୁଁ ଯାହା କହିବି ମୌଖିକ କହିବି । ଏହା ମୋର ବ୍ୟକ୍ତିଗତ କଥାବାର୍ତ୍ତା । ମୁଁ ଜଣେ ରାଜନୈତିକ କର୍ମୀ ।" ମୋର ବ୍ୟକ୍ତିଗତ କଥା ଶୁଣି ସାକ୍ଷାତ ପ୍ରତି ଆଉ ନଜର ଦିଆଗଲା ନାହିଁ । ଖବର ହେଲା ଉପରଓଳି ୭ଟାରେ ଆସିବେ । ମୁଁ ଫେରିଆସିଲି । ସନ୍ଧ୍ୟା ୭ଟା ବାଜୁ ନ ବାଜୁଣୁ ପୁଣି ଯାଇ ତାଙ୍କ ଘରେ ହାଜର । ସାକ୍ଷାତ ପାଇଁ ଖବର ଦେଲି । କିନ୍ତୁ କଣ ଜରୁରୀ କାମ ଥିବାରୁ ସେ ଚାରି ପାଞ୍ଚ ଜଣ ଲୋକଙ୍କ ସଙ୍ଗେ ବାହାରିଗଲେ । ଖବର ପାଇଲି, ରାତି ୧୦।୧୧ ଟାରେ ଫେରିବେ; ତେଣୁ ରାତିରେ ଫେରିଆସିଲି । ତା ଆରଦିନ ସକାଳେ ୭ଟା ବେଳେ ପହଞ୍ଚିଗଲି । ବଡ଼ ଗୁମାସ୍ତାଙ୍କୁ କହିଲି, "ଆପଣ ଦୟା କରି ମୋତେ ସାକ୍ଷାତ କରାଇଦିଅନ୍ତୁ ।" ଗୁମାସ୍ତା ବାବୁ ମୋ ପ୍ରତି ଭାରି ସଦୟ ହେଲେ । ସେ ଯାଇ କରଣବାବୁଙ୍କୁ କହିଲେ । କିନ୍ତୁ କରଣବାବୁଙ୍କର ଜଣେ ଲୋକ ଆସି ମୋତେ କହିଲେ, "ଆପଣ ଅଜଣା ଲୋକ, ସେ କିପରି ସାକ୍ଷାତ ଦେବେ ।" ମୁଁ ଏଥିରେ ଉତ୍ତ୍ୟକ୍ତ ହୋଇଗଲି । କହିଲି, "ମୁଁ କାଲିଠାରୁ ଖବର ଦେଉଛି ଯେ, ମୁଁ ଜଣେ ରାଜନୈତିକ କର୍ମୀ । ବ୍ୟକ୍ତିଗତ କିଛି କହିବାକୁ ଆସିଛି । କିନ୍ତୁ ସାକ୍ଷାତ ମିଳୁ-ନାହିଁ । ମୁଁ ଯଦି କୌଣସି କୁଅଭିସନ୍ଧି ରଖି ଆସିଛି, ତେବେ ଆପଣ ମୋତେ ତଲାସି କରି ପଠାନ୍ତୁ ।" ଏହା କହି ପଞ୍ଜାବୀ ଦେହରୁ ଫିଟାଇଦେଲି । ଲୁଗା ଖୋଲିବାକୁ ଯାଉଥିଲି, କିନ୍ତୁ ସେ ମନା କରିଦେଲେ । ପୁଣି କହିଲି, "ସେ ମୋ କଥା ଶୁଣିଯାଆନ୍ତୁ । ଇଚ୍ଛା ହେଲେ ଜବାବ ଦେଇପାରନ୍ତି କିମ୍ବା କିଛି କହି ନ ପାରନ୍ତି । ଏବେ ଏଥିରେ ସାକ୍ଷାତ ଦେବାର ଆପତ୍ତି କଅଣ ? ଆମେ କଂଗ୍ରେସର ସୈନିକ । ଦେଶପାଇଁ ଆଗୁଆ ହୋଇ କାମ କରି ଗୋଳା, ବନ୍ଧୁକ, ଫାଶୀ ଓ ଦ୍ୱୀପାନ୍ତରର ପାତ୍ର ହେବୁ । ଆମ କାର୍ଯ୍ୟ ଯୋଗୁ ଆପଣମାନେ ନେତାଗିରି ସାଜି ବସିଛନ୍ତି । କିନ୍ତୁ ସାମାନ୍ୟ ସାକ୍ଷାତ ଦେବା ପାଇଁ ଏତେ କୁଣ୍ଠିତ ଓ ସନ୍ଦେହ ! ଏପରି ହେଲେ ଦେଶ ମୁକ୍ତ ହେବ କିପରି ?" ମୋର ଉତ୍ତ୍ୟକ୍ତ ବାଣୀ କରଣବାବୁଙ୍କ କାନରେ ବାଜି

Digitized by PPRACHIN, SOA

ଗଲି । ସଙ୍ଗେ ସଙ୍ଗେ ଖବର ଆସିଲା କାଲି ସକାଳେ ୮ଟା ବେଳେ ସେ ଆସନ୍ତୁ । ଯେତେ ସମୟ ଲୋଡ଼ିବେ ସେତେ ସମୟ କଥାବାର୍ତ୍ତା କରି-ପାରିବେ । ମୁଁ ଏ ଖବର ଶୁଣି ଆଶ୍ୱସ୍ତ ହୋଇ ସେଦିନ ଫେରି-ଆସିଲି ।

ତା ଆର ଦିନ ସକାଳ ୮ଟାରେ ପହଞ୍ଚିଲି । ପହଞ୍ଚିଲା ମାତ୍ରେ ମୋତେ ତାଙ୍କ ବୈଠକଖାନାକୁ ଡକାଇନେଲେ । ଗୁ ଯାଚିଲେ, ତା'ପରେ ମୋର ପରିଚୟ ଓ ଉଦ୍ଦେଶ୍ୟ ପଚାରିଲେ । ମୁଁ ପରିଷ୍କାର ଭାବରେ ଆମ ତାଳଚେରର ୧୯୪୨ର ସମସ୍ତ କଥା କହିଗଲି । ତାଙ୍କୁ ସାକ୍ଷାତ କରିବାର ଉଦ୍ଦେଶ୍ୟ କହିଗଲି । ସମର୍ଥନ କମିଶି କେନ୍ଦ୍ରସରକାରର ଘରୋଇ ସଦସ୍ୟ ମାକ୍‌ସୱେଲ ସାହେବଙ୍କ ଷ୍ଟେଟମେଣ୍ଟ ଦାଖଲ କଲି ; କିନ୍ତୁ ସେ କହିଲେ, ତାଳଚେର ସମ୍ପର୍କରେ ସେ ସବୁ ଜାଣିଛନ୍ତି । ମୋ ନାମ, ଜେଲରୁ ପଳାୟନ ଓ ମୃତ୍ୟୁଦଣ୍ଡାଦେଶ ସେ ମଧ୍ୟ ଶୁଣିଛନ୍ତି । କିନ୍ତୁ ମୁଁ ନିଜେ ପବିତ୍ରମୋହନ ପ୍ରଧାନ ବୋଲି ସେ କିପରି ବିଶ୍ୱାସ କରିବେ ? ସେ କହିଲେ ତାଙ୍କ ମନ ବୁଝିବା ପାଇଁ କାଳେ ଗୋଇନ୍ଦା ବିଭାଗ ଅନ୍ୟ କାହାକୁ ପବିତ୍ରମୋହନ ପ୍ରଧାନ ଛଳନା କରି ପଠାଇ ଦେଇପାରିଥାଏ । ତେଣୁ ପରି ଜଣେ ବ୍ୟକ୍ତି ଜରିଆରେ ପରିଚୟ ହୋଇନପାରିଲେ କିଛି କହି ବା କରିପାରିବେ ନାହିଁ । ଏଥିରେ ତାଙ୍କର ସନ୍ଦେହ ଓ ଆଶଙ୍କାର ଯଥାର୍ଥତା ମୁଁ ବୁଝିପାରିଲି । କିନ୍ତୁ ମୁଁ କହିଲି, "ଓଡ଼ିଶାର ଯେଉଁମାନେ ଉଭୟ ଆପଣଙ୍କୁ ଓ ମୋତେ ଚିହ୍ନନ୍ତି ସେମାନେ ସମସ୍ତେ ଜେଲରେ । ମୁଁ ବା କିପରି ପରିଚୟ ପରି କମ୍ବା ବ୍ୟକ୍ତି ଦେଇପାରିବି ? ଅଧିକନ୍ତୁ ମୋର ଟଙ୍କା ନାହିଁ । ମୁଁ ମଧ୍ୟ ଓଡ଼ିଶାକୁ ଯାଇ ଆଉ ଥରେ ନିରାପଦରେ ଫେରିବା ସମ୍ଭବ ହେବ ନାହିଁ ।" ଏହି ସବୁ କଠିନତା ଦର୍ଶାଇଲି ।

ମୋଠାରୁ ସବୁ ଶୁଣି ତାଙ୍କୁ ସାକ୍ଷାତ କରିବାରେ ମୋର ଉଦ୍ଦେଶ୍ୟ ବିଷୟରେ କେତେକ ପ୍ରଶ୍ନ ପଚାରିଲେ । ପରେ କହିଲେ, "ଆଚ୍ଛା, ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଭାଇ ବିପ୍ରବାବୁ ବର୍ତ୍ତମାନ କଲିକତା ଆସିଛନ୍ତି । ତାଙ୍କୁ ମୁଁ ପଚାରିବି । କିନ୍ତୁ ଇତିମଧ୍ୟରେ ତୁମେ ମୋତେ ଆଠଦିନ ସମୟ ଦିଅ । ଏହି ଆଠଦିନ ମଧ୍ୟରେ ତୁମକୁ ଏବଂ ତୁମ ଦଳକୁ

Digitized by PPRACHIN, SOA

ଦେଶପାଇଁ ସେବା କରିବା ନିମିତ୍ତ କାମ ଦେବାପାଇଁ ବନ୍ଦୋବସ୍ତ କରିବାରେ ଚେଷ୍ଟା କରିବ ।” ମୁଁ ଆଶ୍ୱସ୍ତ ହୋଇ ୧୦ଟା ବେଳେ ତାଙ୍କ ଘରୁ ଫେରିଲି । ମୋର ସହକର୍ମୀମାନଙ୍କୁ ଏ ଶୁଭ ସମ୍ବାଦ ଶୁଣାଇବା ଆଶାରେ ତା ଆର ଦିନ ଟାଟାନଗର ଫେରିଆସିଲି । ଟାଟାନଗରରେ ପହଞ୍ଚି ମୋର ବନ୍ଧୁ-ମାନଙ୍କୁ ସବୁ କଥା କହି ସେମାନଙ୍କ ମନରେ ଦେଶ ପାଇଁ ସେବା କରିବାର ଆଶା ସଞ୍ଚାର କରାଇ ପୁଣି ସପ୍ତମ ଦିନ ମୋର ଜଣେ ଭକ୍ତ ସଙ୍ଗେ କଲିକତା ଫେରିଗଲି ।

ଏଇ ସାତଦିନ ମଧ୍ୟରେ କରଣ ବାବୁ ଦ୍ୱିପ୍ରଚରଣ ଦାସଙ୍କୁ ମୋ ସମ୍ପର୍କରେ ସବୁ କଥା ପଚାରିଥାଇପାରନ୍ତି । ମୋ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ ଆସିନଥାଏ । କିନ୍ତୁ କୌଣସି ପ୍ରକାର ଦେଶସେବା କାମରେ ନିଯୁକ୍ତ କରିବାକୁ ଉପାୟ ଖୋଜିଲେ । କଲିକତା କର୍ପୋରେସନର କନର୍ସିଆଲ ମ୍ୟୁଜିୟମର କ୍ୟୁରେଟର ଶ୍ରୀଯୁକ୍ତ ଜ୍ଞାନାଞ୍ଜନ ନିୟୋଗୀ କଲିକତା ରିଲିଫ ସୋସାଇଟିର ଯୁଗ୍ମ ସମ୍ପାଦକ ଥାନ୍ତି । ମୋ ବିଷୟ ତାଙ୍କୁ କହିବାରୁ ସେ ମୋତେ ପ୍ରଥମେ ରିଲିଫ୍ କାମରେ ନିଯୁକ୍ତ କରିବାକୁ ପ୍ରସ୍ତୁତ ହୋଇଥିଲେ । ମୋ ପ୍ରତି ସନ୍ଦେହ ଥିବାରୁ ପ୍ରଥମେ ମୋତେ ରାଜନୈତିକ କାର୍ଯ୍ୟରେ ନିଯୁକ୍ତ କରିନଥିଲେ ।

ଠିକ୍ ଅଷ୍ଟମ ଦିନ ସକାଳ ଆଠଟାରେ କରଣଶଙ୍କର ରାୟଙ୍କ ଘରେ ପହଞ୍ଚି ଖବର ଦେଲି । ସେ ସଙ୍ଗେ ସଙ୍ଗେ ଡକାଇଲେ । ମୁଁ ଯାଇ ବସିଲି । ଜ୍ଞାନାଞ୍ଜନ ନିୟୋଗୀ ମହାଶୟଙ୍କ ନିକଟକୁ ମୋ ସମ୍ମୁଖରେ ମୋତେ ଶୁଣାଇ ଫୋନ କଲେ, “ବି. ଏ., ବି. ଟି. ପାସ କରିଥିବା ଯେଉଁ ଭଦ୍ରଲୋକଙ୍କ କଥା ପଡ଼ିଥିଲି, ତାଙ୍କୁ ମୁଁ ଏବେକ୍ଷଣି ପଠାଉଛି । ତାଙ୍କଠାରୁ ସବୁ ଶୁଣିବେ ଓ ବନ୍ଦୋବସ୍ତ କରିବେ ।” ଉତ୍ତର ଆସିଲି, “ଏକ୍ଷଣି ପଠାଇଦିଅନ୍ତୁ ।” ମୁଁ ଜ୍ଞାନବାବୁଙ୍କ ପାଖକୁ ଗଲି । ତାଙ୍କୁ ସାକ୍ଷାତ କଲି । ତରତର କରି-ଅଫିସ କାମ ଶେଷ କରି ଗୋଟାଏ ମଟରରେ ଅନେକ ଦୂର ବାହାରି ଗଲେ । ଗୋଟାଏ ଜାଗାରେ ମଟର ରଖାଇ ମୋଠୁ ତାଳଚେରର ସବୁ ଗଳ୍ପ ଓ ମୋର ଭବିଷ୍ୟତ ଉଦ୍ଦେଶ୍ୟ ଶୁଣିଗଲେ । ସେ କହିଲେ, “ଜଣେ ବ୍ୟକ୍ତି ଯଦି ପରିଚୟ କରାଇଦେଇଥାନ୍ତେ, ତେବେ ବଡ଼ ଭଲ ହୋଇ-ଥାନ୍ତା । ଯାହା ହେଉ, ମୁଁ ଆପଣଙ୍କୁ ପ୍ରଥମେ ରିଲିଫ୍ ସୋସାଇଟି ତରଫରୁ

Digitized by PPRACHIN, SOA

ଅନୁଷ୍ଠିତ ମେଡିକାଲ ରିଲିଫ୍ ମିସନରେ ମଫସଲକୁ ପଠାଇବ । ଆପଣ ଯାଆନ୍ତୁ ।" ସେହି ଅନୁସାରେ ମୁଁ ପ୍ରଥମେ ମେଡିକାଲ୍ ମିସନରେ କାମ କଲି ।

ରିଲିଫ୍ କେନ୍ଦ୍ରରେ ସହକାରୀ ମ୍ୟାନେଜର

ଅଳ୍ପଦିନ ପରେ ଉକ୍ତ ମିସନ ବନ୍ଦ ହୋଇଯିବାରୁ ମୁଁ କଲିକତାକୁ ଫେରିଆସିଲି । ଏହା ପରେ ଜ୍ଞାନବାବୁ ମୋତେ ନାରିକେଳଡଙ୍ଗା ରିଲିଫ୍ କେନ୍ଦ୍ରରେ ରଖାଇଦେଲେ । ମୁଁ ସେଠାରେ ଜଣେ ସହକାରୀ ମ୍ୟାନେଜର ରୂପେ କାମ କଲି । ଏ ରିଲିଫ୍ କେନ୍ଦ୍ରରେ ପ୍ରାୟ ହଜାରେ ପର୍ଯ୍ୟନ୍ତ ଦୁର୍ଭିକ୍ଷ-ପ୍ରପୀଡ଼ିତ କାଙ୍ଗାଳୀ ଥାନ୍ତି । ପ୍ରତ୍ୟେକ ଦିନ କଲିକତା ସଡ଼କରୁ ଶହ ଶହ ଅନ୍ନକଷ୍ଟ ବ୍ୟକ୍ତି ସଂଗ୍ରହ କରି ଲରିରେ ବସାଇ ଏ କେନ୍ଦ୍ରକୁ ନେଇ-ଆସୁଥାନ୍ତି । ବହୁତ ବଡ଼ କାମ ଲାଗିଥାଏ । ୧୯୪୩-୪୪ ସାଲରେ ଯୁଦ୍ଧ-ବଶତଃ ଚାଉଳ ନ ମିଳିବାରୁ ଇଂରେଜ ସରକାର ଓ ଲିଗ୍ ମନ୍ତ୍ରିମଣ୍ଡଳୀର ଅପାରଗତା ଯୋଗୁ ଏ ଦୁର୍ଭିକ୍ଷ ପଡ଼ିଥିଲା । ବଙ୍ଗଳାରୁ ପ୍ରାୟ ୭୦ ଲକ୍ଷ ଲୋକ ଖାଦ୍ୟ ଅଭାବରେ ମରିଗଲେ । ଲକ୍ଷ ଲକ୍ଷ ଲୋକ ମଫସଲ ଛାଡ଼ି କଲିକତାର ବାଟଦାଣ୍ଡରେ ଆଶ୍ରୟ ନେଇ ଖାଦ୍ୟ ଅଭାବରେ ପ୍ରାଣ ହରାଉ-ଥିଲେ । ଦୁର୍ଭିକ୍ଷପ୍ରପୀଡ଼ିତ ବ୍ୟକ୍ତିଙ୍କୁ ସାହାଯ୍ୟ ଦେବାକୁ ଏ ରିଲିଫ୍ କେନ୍ଦ୍ର ଏବଂ ମେଡିକାଲ ମିସନ୍ ସବୁ ଖୋଲାଯାଇଥିଲା । ଏ ରିଲିଫ୍ କେନ୍ଦ୍ର ପରିଚାଳନ କରିବା ପାଇଁ ଭାରତର ବଡ଼ ବଡ଼ ବଦାନ୍ୟ ଅନୁଷ୍ଠାନର କର୍ତ୍ତୃପକ୍ଷମାନେ ମଧ୍ୟ ପରିଦର୍ଶନ କରି ଅର୍ଥଦାନ କରୁଥିଲେ । କିରଣ ବାବୁଙ୍କ କଥାନୁସାରେ ଜ୍ଞାନବାବୁ ମୋତେ ଏ କାମରେ ନିଯୁକ୍ତ କଲେ ସୁଦ୍ଧା ପ୍ରକୃତରେ ମୁଁ ପବିତ୍ର ମୋହନ ପ୍ରଧାନ ବୋଲି ସେମାନେ ଉଭୟ ମୋତେ ପୂରା ବିଶ୍ୱାସ କରିନଥିଲେ । କାରଣ ମୁଁ ବାସ୍ତବରେ ପବିତ୍ର ମୋହନ ପ୍ରଧାନ ବୋଲି ଉଭୟ ପକ୍ଷକୁ କୌଣସି ପରିଚିତ ବ୍ୟକ୍ତି ଚିହ୍ନାଇଦେଇ-ନଥିଲେ ।

Digitized by PPRACHIN, SOA

ନେତାଜୀ ସୁଭାଷଚନ୍ଦ୍ର

Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ଆଜାଦ୍‌ହିନ୍ଦ୍ ଫୌଜର ବ୍ରହ୍ମ-ଆସାମ ସୀମାରେ ତତ୍ପରତା

ଏତେବେଳକୁ ୧୯୪୪ ସାଲ ଫେବୃୟାରୀ ମାସର ଚତୁର୍ଥ ସପ୍ତାହ, ଯୁଦ୍ଧ ଘନଘୋର ଲାଗିଥାଏ । ଜାପାନୀ ସୈନ୍ୟମାନଙ୍କର ତତ୍ପରତା ବ୍ରହ୍ମ-ଦେଶରେ ପୂର୍ଣ୍ଣମାତ୍ରାରେ ଲାଗିଥାଏ । କ୍ରମେ ମାର୍ଚ୍ଚ ମାସ ହୋଇଗଲା । ସୁଭାଷ ବାବୁଙ୍କ ଜାତୀୟବାହିନୀ ଆଜାଦହିନ୍ଦ୍ ଫୌଜ (I.N.A.) ବ୍ରହ୍ମ-ଆସାମ ସୀମା ଭେଦ କରି ଆସାମର କେତେକ ଅଂଶ ଅଧିକାର କରି ଇମ୍ଫାଲ ନଗର ଅବରୋଧ କଲେ । ମୁଁ କ୍ୟାମ୍ପରେ ଖବର କାଗଜ ଗୁଡିକ ପଢ଼ୁଥାଏ । ସୁଭାଷବାବୁଙ୍କର ଏସବୁ ତତ୍ପରତା ଦେଖୁଥାଏ । ପ୍ରବଳ ଇଚ୍ଛା ହେଉଥାଏ କ୍ୟାମ୍ପ ଛାଡ଼ି ଆସାମ ଅଞ୍ଚଳକୁ ଚାଲିଯିବି, ସେଠାରୁ ହୁଏତ ସୁଭାଷବାବୁଙ୍କ ପାଖକୁ ପଳାଇଯିବି କିମ୍ବା ସୁଭାଷବାବୁ ଆସାମ ଜିତି ନେଲା ପରେ ମୁଁ ତାଙ୍କ ସଙ୍ଗେ ସାକ୍ଷାତ କରିବି । ତାଳଚେର ଓ ଅନ୍ୟାନ୍ୟ ଗଡ଼ଜାତ ଏବଂ ଅନୁଗୋଳ ପାଇଁ ୫୦୦ ସୈନ୍ୟ, ବନ୍ଧୁକ, ଗୋଳା ବାରୁଦ ସହ ତାଳଚେର, ଢେଙ୍କାନାଳ, ପାଲଲହଡ଼ା କିମ୍ବା ଅନୁଗୋଳର ଯେ କୌଣସି ଜାଗାରେ ପାରାଚୁଟ୍‌ରେ ଓହ୍ଲାଇ ପଡ଼ି ଷ୍ଟେଟ୍‌ସବୁ ଅଧିକାର କରିନେଇ ଭାରତର ମୁକ୍ତି-ଯୁଦ୍ଧ ପାଇଁ ଗୋଟାଏ ସୁରକ୍ଷିତ ଭୂମିକା ପ୍ରସ୍ତୁତ କରିଦେବି ।

Digitized by PPRACHIN, SOA

ସୁଭାଷ ବାବୁଙ୍କର ଦୂତ ପ୍ରେରଣ

ଫେବୃୟାରୀ ମାସଠାରୁ ସୁଭାଷ ବାବୁ ଭାରତବର୍ଷର ସାମରିକ ପରିସ୍ଥିତି ଏବଂ ତାଙ୍କ ପ୍ରତି ଜନସାଧାରଣଙ୍କର ମତଗତି ଜାଣିବା ପାଇଁ ଚେଷ୍ଟା କରୁଥାନ୍ତି । ଏ ଉଦ୍ଦେଶ୍ୟରେ ସେ ତିନି ଚାରୋଟି ଦଳ ବୁଡ଼ାଜାହାଜ ଓ ପାରାଚୁଟରେ ଭାରତକୁ ପଠାଇଦେଇଥାନ୍ତି । ଗୋଟିଏ ଦଳ ବୁଡ଼ାଜାହାଜରେ ଆସି ପୂର୍ବ ସମୁଦ୍ର କୂଳରେ ଉତୁରି ସୁଭାଷ ବାବୁ ପଠାଇଥିବା ଖବର ଦେଲେ । କିନ୍ତୁ ଦୁଇ ତିନି ମାସ ମଧ୍ୟରେ ଧରାପଡ଼ିଗଲେ । ଆଉ ଗୋଟିଏ ଦଳ ପଞ୍ଜାବରେ ପାରାଚୁଟରେ ଓହ୍ଲାଇପଡ଼ି ଖବର ଦେବାର ଛଅଦିନ ପରେ ଗିରଫ୍‌ଦାର ହୋଇଗଲେ । ବୋଧହୁଏ ଡାକ୍ତର ଭବନ କୁମାର ବିଶ୍ୱାସ ଓ ହରିଦାସ ମଜୁମଦାର ପୂର୍ବ ସମୁଦ୍ର କୂଳରେ ବୁଡ଼ାଜାହାଜରେ ଉତୁରିଥିଲେ । ଆଉ ଦୁଇ ତିନୋଟି ଦଳ ମଧ୍ୟ ଓହ୍ଲାଇପଡ଼ିଥିଲେ । ଯେଉଁମାନେ ସୁଭାଷ ବାବୁଙ୍କ ପାଖରୁ ଭାରତକୁ ଆସିଥିଲେ, ସେମାନଙ୍କୁ ନିର୍ଦ୍ଦେଶ ଥିଲା ଯେ, ସେମାନେ କେବଳ ଖବର ଦେଇ ଭାରତରେ ଗରିଲା ସଂଗଠନରେ ସାହାଯ୍ୟ ଦେବେ । କିନ୍ତୁ ଫେରିବେ ନାହିଁ । ସୁଭାଷ ବାବୁ ତାଙ୍କର ବିଶ୍ୱସ୍ତ ବନ୍ଧୁମାନଙ୍କ ନିକଟକୁ ନିମ୍ନଲିଖିତ-ରୂପେ କାର୍ଯ୍ୟ କରି ଖବର ଦେବାକୁ ଉକ୍ତ ଛୋଟ ଛୋଟ ଦଳ ପଠାଉ-ଥିଲେ ।

(୧) ଭାରତରୁ ପ୍ରତ୍ୟେକ ସପ୍ତାହରେ କିମ୍ବା ପ୍ରତ୍ୟେକ ପନ୍ଦର ଦିନରେ ଗୋଟିଏ ଗୋଟିଏ ଛୋଟ ଦଳ ପଠାଅ । ପ୍ରତ୍ୟେକ ଦଳରେ ଖୁବ୍ କମରେ ଦୁଇ ଜଣ ଏବଂ ଖୁବ୍ ବେଶୀ ହେଲେ ଚାରି ଜଣ ରହିବେ । ପ୍ରତ୍ୟେକ ଦଳରେ ଯେ ନେତା ଥିବେ, ସେ ଖୁବ୍ କମ୍‌ରେ ଚାରୋଟି ଭାଷା ଜାଣିଥିବା ଦରକାର—ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଏବଂ ବଙ୍ଗଳା । ଆସାମୀ ଭାଷା ଜାଣିଥିଲେ ଅତ୍ୟଧିକ ଉତ୍ତମ । ଅନ୍ୟ ସଙ୍ଗୀମାନେ ଖୁବ୍ କମ୍‌ରେ ହୁଏତ ଇଂରାଜୀ କିମ୍ବା ହିନ୍ଦୀ ନିଶ୍ଚୟ ଜାଣିଥିବା ଉଚିତ । ଏହା ବ୍ୟତୀତ ଦଳପତି ଭାରତର ଭୌଗୋଳିକ, ସାମରିକ ଏବଂ ରାଜନୈତିକ ସ୍ଥିତି ଭଲଭାବରେ ଜାଣିଥିବେ ଏବଂ ତାହା ପରିଷ୍କାର ଭାବରେ ବ୍ୟାଖ୍ୟାନ କରି-ପାରୁଥିବେ । ଅନ୍ୟାନ୍ୟମାନେ ମଧ୍ୟ ଏସବୁ କଥା ଚଳନୀୟ ଭାବେ ଜାଣିବା ଉଚିତ । ବେଶୀ ଜାଣିଲେ ତ ଅତ୍ୟଧିକ ଉତ୍ତମ ।

Digitized by PPRACHIN, SOA

(୨) ମିତ୍ରପକ୍ଷର ଭାରତରେ ନୂତନ ଯୁଦ୍ଧଘାଟି, ସେନା ଶିବିର, ବ୍ୟୋମଯାନ ପଡ଼ିଆ, ବେତାରକେନ୍ଦ୍ର, ନୂତନ ରେଳ ଓ ତାରଲାଇନ, ନୂତନ ସଡ଼କ, ମିଲିଟାରି ଖାଦ୍ୟ ଗୋଦାମ, ଗୋଳା ବାରୁଦ ତିଆରି କାରଖାନାର ଭୌଗୋଳିକ ଅବସ୍ଥିତି ।

(୩) ସୁଭାଷ ବାବୁଙ୍କ ପ୍ରତି କଂଗ୍ରେସର ହାବଭାବ ଅର୍ଥାତ୍ ସୁଭାଷ ବାବୁ ଯଦି ଜାପାନ ସାହାଯ୍ୟରେ ଭାରତବର୍ଷ ଆକ୍ରମଣ କରି ଅଧିକାର କରନ୍ତି, ତେବେ କଂଗ୍ରେସ ଆନୁଷ୍ଠାନିକ ଭାବେ ସହଯୋଗ କରିବ କି ନାହିଁ ?

(୪) ସୁଭାଷ ବାବୁଙ୍କ ପ୍ରତି ଜନତାର ହାବଭାବ ଅର୍ଥାତ୍ କଂଗ୍ରେସ ଆନୁଷ୍ଠାନିକ ଭାବେ ସୁଭାଷ ବାବୁଙ୍କର ସହଯୋଗ ନ କଲେ କିମ୍ବା ବିରୋଧ କଲେ ସୁଦ୍ଧା ଜନତା ତାଙ୍କୁ ଗ୍ରହଣ କରିବ କି ନାହିଁ ?

(୫) ମହାତ୍ମା ଗାନ୍ଧୀ ଓ ଓ୍ୱାର୍କିଂ କମିଟିର ସଦସ୍ୟମାନେ କେଉଁ ଜାଗାରେ କେଉଁ ଜେଲରେ ଆବଦ୍ଧ ଅଛନ୍ତି ? ଏହାର ଉଦ୍ଦେଶ୍ୟ ମୁସୋଲିନୀଙ୍କୁ ଯେପରି ମନୋପ୍ଲେନ୍‌ଦ୍ୱାରା ମୁକ୍ତ କରାଗଲା, ମହାତ୍ମା ଗାନ୍ଧୀ କିମ୍ବା କାର୍ଯ୍ୟକାରୀ କମିଟିର ମେମ୍ବର ରାଜି ହେଲେ ସେମାନଙ୍କୁ ମଧ୍ୟ ସେହିପରି ବ୍ୟୋମଯାନଦ୍ୱାରା ମୁକ୍ତ କରିନିଆହେବ ।

(୬) ସୁଭାଷ ବାବୁ ଯଦି ଭାରତକୁ ଯାଆନ୍ତି କିମ୍ବା ତାଙ୍କ ସୈନ୍ୟମାନେ ଭାରତର ପ୍ରତ୍ୟେକ ଦେଶରେ ଅନେକ ଜାଗାରେ ଉଭୁରିପଡ଼ନ୍ତି, ତେବେ ତାଙ୍କୁ ସାହାଯ୍ୟ ଦେବାକୁ ଭାରତରେ କିଛି ସଂଗଠନ କରାହୋଇଛି କି ନାହିଁ ? ଯଦି କରା ନ ହୋଇଛି, ତେବେ କୌଣସି ସଂଗଠନ କରାହେବ କି ନାହିଁ ?

(୭) ମିତ୍ରପକ୍ଷ ସୈନ୍ୟଙ୍କ ପଛଆଡ଼ୁ ଭଙ୍ଗାରୁଜା (Sabotage) କାମ କରିବାକୁ ଗରିଲାଦଳ ପ୍ରସ୍ତୁତ କି ନାହିଁ ?

(୮) ଭାରତରେ ଲୋକେ ଯଦି ସୁଭାଷ ବାବୁ ଓ ତାଙ୍କ ସୈନ୍ୟମାନଙ୍କୁ ଅଭିନନ୍ଦନ କରି ତାଙ୍କ ଆକ୍ରମଣକୁ ପସନ୍ଦ କରୁଛନ୍ତି, ତେବେ ସେମାନେ ସୁଭାଷ ବାବୁଙ୍କଠାରୁ କଣ ସାହାଯ୍ୟ ଚାହାନ୍ତି ?

Digitized by PPRACHIN, SOA

(୯) ଯେଉଁସବୁ ସାହାଯ୍ୟ ଦରକାର, ତାର ତାଲିକା ଦେବ । ସେସବୁ ଜିନିଷ କେଉଁଦିନ କେଉଁ ଅଞ୍ଚଳରେ ବ୍ୟୋମଯାନରୁ ପକାଇଦିଆ-ହେବ, ସେଣ୍ଟ ତାରିଖ ଏବଂ ସ୍ଥାନ ନିର୍ଦ୍ଦିଷ୍ଟ କରି ହେବ । ସେହି ଦିନ ତୁମ ଦଳର ଲୋକେ ଉକ୍ତ ଅଞ୍ଚଳରେ ବ୍ୟାପକ ଭାବରେ ଥିବେ । ଅସ୍ତ୍ର, ଶସ୍ତ୍ର, ଗୋଳା, ବାରୁଦ, ରେଡ଼ିଓ, ଟ୍ରାନ୍ସମିଟର ଏବଂ ଟଙ୍କା, ସୁନା ସବୁ ପକାଇ-ଦିଆଯିବ । ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ଥିବ ।

(୧୦) ତୁମେ ଇଚ୍ଛା କଲେ ଗରିଲା ସୈନ୍ୟଙ୍କୁ ଶିକ୍ଷା ଓ ସାହାଯ୍ୟ ଦେବାପାଇଁ ପାରାଚୁଟରେ ସୈନ୍ୟ ପଠାଇଦେବାକୁ ପ୍ରସ୍ତୁତ । ଇତିମଧ୍ୟରେ ପାଞ୍ଚ ଛଅ ଦଳ ପଠାଇସାରିଛୁ । ସେମାନେ ଯଦି ଧରା ପଡ଼ିନଥାନ୍ତି, ତେବେ ସେମାନେ ମଧ୍ୟ ଗରିଲା ସଂଗଠନରେ ବହୁତ ସାହାଯ୍ୟ ଦେବେ ।

ଏହି ସବୁ ଖବର ଦେଇ ସୁଭାଷ ବାବୁ ତାଙ୍କ ତରଫର ଲୋକ ପଠାଇଲେ । ତାଙ୍କ ବନ୍ଧୁମାନଙ୍କଠାରୁ ବୁଝିଥିଲେ ଯେ, ଏ ଖବରର ଉତ୍ତର ଲୋକ ଜମ୍ମା ଚିଠିଦ୍ୱାରା ତାଙ୍କ ନିକଟରେ ଶୀଘ୍ର ପହଞ୍ଚିବା ଦରକାର ।

ଦୂତ ପଠାଇବା ଚିନ୍ତାରେ

ଶ୍ରୀଯୁକ୍ତ ଜ୍ଞାନାଞ୍ଜନ ନିୟୋଗୀ ସୁଭାଷ ବାବୁଙ୍କର ଜଣେ ବିଶ୍ୱସ୍ତ ବନ୍ଧୁ ଓ ଅନୁଗାମୀ । ସୁଭାଷ ବାବୁ କର୍ପୋରେସନରେ ମେମ୍ବର ଥିଲା ସମୟରେ ନିୟୋଗୀ ବାବୁଙ୍କୁ କମର୍ସିଆଲ ମ୍ୟୁଜିୟମର କ୍ୟୁରେଟର ଭାବେ ନିଯୁକ୍ତ କରିଥିଲେ । ବର୍ତ୍ତମାନ ସୁଭାଷ ବାବୁ ଭାରତରୁ ଖବର ପଠାଇବା ଉଦ୍ଦେଶ୍ୟରେ ବ୍ରହ୍ମଦେଶରୁ ଭାରତକୁ ଦୂତ ଏବଂ ଖବର ପଠାଉଛନ୍ତି । ଦୂତ ଏବଂ ଖବର ନିଶ୍ଚୟ ଜ୍ଞାନ ବାବୁଙ୍କ ପାଖକୁ ଆସିବାର କଥା । ଜ୍ଞାନ ବାବୁ ଓ ତାଙ୍କର ବନ୍ଧୁମାନେ ଏ ଖବର ପାଇଲେ । ସୁଭାଷ ବାବୁଙ୍କ ନିକଟକୁ ଉପଯୁକ୍ତ ଦୂତ ପଠାଇବାକୁ ମାର୍ଚ୍ଚ ମାସଠାରୁ ଚେଷ୍ଟା କରୁଥାନ୍ତି ।

ସେତେବେଳକୁ କଲିକତା ୧୯୪୨ ଆନ୍ଦୋଳନର ଫେରାର ନେତା ଓ କର୍ମୀମାନଙ୍କର ଏକ ଆଡ୍ଡା ଥାଏ । ସାରା ଭାରତବର୍ଷରୁ ସବୁର ପଞ୍ଚସ୍ତର ଜଣ ନେତା ଓ ଉପନେତାଙ୍କ ସଙ୍ଗେ ଅନେକ ଆଗୁଆ ସ୍ୱେଚ୍ଛା-

Digitized by PPRACHIN, SOA

ସେବକ ଫେରାର ମଧ୍ୟ ଥାଆନ୍ତି । ଜ୍ଞାନ ବାବୁ ଏବଂ ଫରଓ୍ୱାର୍ଡ୍ ବ୍ଲକର କେତେ ଜଣ ସଦସ୍ୟ ଏହି ଫେରାର ନେତାମାନଙ୍କୁ ସୁଭାଷ ବାବୁଙ୍କ ଉଦ୍ଦେଶ୍ୟ ଜଣାଇଲେ । ଫେରାର ନେତାମାନଙ୍କୁ ଅନୁରୋଧ କରାଗଲା ଯେ, ଏ କାମ ଫେରାର ବ୍ୟକ୍ତିଙ୍କ ପକ୍ଷେ କରିବା ବିଶେଷ ସୁବିଧାଜନକ; କାରଣ ସେମାନେ ଉତ୍କଟ ଦେଶପ୍ରେମୀ, ଉଗ୍ର ଏବଂ ଦୁର୍ଦ୍ଧର୍ଷ ସୈନିକ । ଗୁପ୍ତକାମ କରିବାରେ ଦକ୍ଷ, ବିପତ୍ତି ମୁଣ୍ଡାଇ କାମ କରିବାରେ ପାରଗ ଏବଂ ଦୁଃଖ ଯନ୍ତ୍ରଣା ସହିବାରେ ଅଭ୍ୟସ୍ତ ଓ ଦୃଢ଼ପ୍ରତିଜ୍ଞ । କିନ୍ତୁ ସେତେବେଳେ ମିତ୍ରପକ୍ଷର ସୈନ୍ୟ ଘୁଉଣୀ ପାର ହୋଇ ବ୍ରହ୍ମଦେଶକୁ ଯିବା ସୁନିଶ୍ଚିତ ମୃତ୍ୟୁ ଜାଣି କେହି ସାହସ କରୁନଥିଲେ । ଦୁଇ ଜଣ ଆସାମୀ ଫେରାର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ଫେରାର ନେତା ଓ କର୍ମୀ କେହି ମଧ୍ୟ ରାଜି ହେଲେ ନାହିଁ । ତେଣୁ ଯୁଗାନ୍ତର ପାର୍ଟି ଏବଂ ସୁଭାଷ ବାବୁଙ୍କ ବନ୍ଧୁମାନେ ସୁଭାଷ ବାବୁଙ୍କ ନିକଟକୁ ଦୂତ ପଠାଇବାରେ ଅସଫଳ ହୋଇ ବଡ଼ ବ୍ୟଗ୍ର, ଚିନ୍ତିତ ଏବଂ ହତାଶ ଅବସ୍ଥାରେ ଥାଆନ୍ତି ।

ଠକ୍କର୍ ବାପାଙ୍କର ରିଲିଫ୍ କେନ୍ଦ୍ର ପରିଦର୍ଶନ ଓ ମୋର ପୂର୍ଣ୍ଣ ପରିଚୟ

୧୯୪୪ ଅପ୍ରେଲ ମାସ ପ୍ରଥମ ସପ୍ତାହ । ବୋଧହୁଏ ୫ ତାରିଖ ଦିନ । ଠକ୍କର ବାପା ନାରିକେଳଡଙ୍ଗା ରିଲିଫ କେନ୍ଦ୍ର ପରିଦର୍ଶନ ଉଦ୍ଦେଶ୍ୟରେ ସେଠାକୁ ଗଲେ । ବଙ୍ଗଳାର ବେସରକାରୀ ରିଲିଫ ବିଭାଗର ଯୁଗ୍ମ ଏବଂ କାର୍ଯ୍ୟକାରୀ ସମ୍ପାଦକରୂପେ ଶ୍ରୀଯୁକ୍ତ ଜ୍ଞାନାଞ୍ଜନ ନିୟୋଗୀ ମଧ୍ୟ ତାଙ୍କ ସଙ୍ଗେ ଉକ୍ତ କେନ୍ଦ୍ରକୁ ଗଲେ । ଠକ୍କର ବାପାଙ୍କ ସଙ୍ଗେ ମୋର ଆଗରୁ ଭଲରୂପେ ପରିଚୟ ଥିଲା । କାରଣ ୧୯୩୮ର ତାଳଚେର ବିଦ୍ରୋହ ଆନ୍ଦୋଳନ ସମ୍ପର୍କରେ ଠକ୍କର ବାପା ଅନେକ ଦିନ ପର୍ଯ୍ୟନ୍ତ ଆମ କ୍ୟାମ୍ପରେ ରହି ରିଲିଫ୍ ବନ୍ଦୋବସ୍ତ କରୁଥିଲେ । ଠକ୍କର ବାପା ମୋତେ ଦେଖିଲାକ୍ଷଣି ଚିହ୍ନିପାରି କଥାବାର୍ତ୍ତା କଲେ । ସେହିଠାରେ ଜ୍ଞାନାଞ୍ଜନ ନିୟୋଗୀ ଠକ୍କର ବାପାଙ୍କଠାରୁ ମୁଁ ପ୍ରକୃତରେ ତାଳଚେରର ପବିତ୍ର ମୋହନ ପ୍ରଧାନ ବୋଲି ଜାଣିପାରିଲେ ।

Digitized by PPRACHIN, SOA

ନିଯୋଗୀ ବାବୁଙ୍କର ମୋତେ ଡାକରା

୧୯୪୪ ଅପ୍ରେଲ ମାସ ଆଠ ତାରିଖ ସକାଳ, ବେଳ ୭ଟା । ସ୍ନାନ ଶୌଚ ଶେଷ କରି ରିଲିଫ କ୍ୟାମ୍ପରେ ମୋ ଅଫିସରେ ବସିଥାଏ, ଖବର କାଗଜ ଆସିଗଲା । ଆଗ୍ରହର ସହିତ ଯୁଦ୍ଧର ଆସାମ ଆରାକାନ ଫ୍ରଣ୍ଟ୍ ପଢ଼ିବାକୁ ଲଗିଲି । ସୁଭାଷ ବାବୁଙ୍କ ସୈନ୍ୟଙ୍କର ତତ୍ପରତା ଓ ଅଗ୍ରଗତିକୁ ଲକ୍ଷ୍ୟ କରି ବହୁତ ଆଶାନ୍ୱିତ ହେଉଥାଏ । ମନେ ମନେ ସ୍ଥିର କଲି, ସୁଭାଷ ବାବୁଙ୍କ ନିକଟକୁ ଯିବା ପାଇଁ ଜ୍ଞାନ ବାବୁ ଓଗେରଙ୍କୁ କହିବି ଓ ସେମାନଙ୍କର ସାହାଯ୍ୟ ମାଗିବି । ଠିକ ଏତିକବେଳେ ଗୋଟିଏ ମଟରକାର୍ ଆସି ପହଞ୍ଚିଲା । ଜ୍ଞାନ ବାବୁଙ୍କର ବିଶ୍ୱସ୍ତ ସହକାରୀ ଘଟକ ବାବୁ (କ୍ୟାମ୍ପର ସୁପରିଣ୍ଟେଣ୍ଡେଣ୍ଟ) ମଟର କାରରୁ ଓହ୍ଲାଇ ସିଧା ମୋ ନିକଟକୁ ଚାଲି-ଆସିଲେ ଏବଂ କହିଲେ, "ଜ୍ଞାନ ଦାଦା କହିଛନ୍ତି, ତୁମେ ଆଜ ସନ୍ଧ୍ୟା ଆଠଟାରେ ତାଙ୍କୁ ଅଫିସରେ ସାକ୍ଷାତ କରିବ ।" ଘଟକ ବାବୁ ଏତିକ ମାତ୍ର କହି ଚାଲିଗଲେ । କିନ୍ତୁ ଏ କଥା ଶୁଣି ମୋ ମନରେ ସତେ ଯେପରି ଗୋଟାଏ ଅଜ୍ଞାତ ଆଶା ଓ ସଫଳତାର ଅନୁଭୂତି ଉପଲବ୍‌ଧ ହେଲା ।

ସନ୍ଧ୍ୟା ପାଞ୍ଚଟାବେଳେ ପୁଣି ଆଉ ଥରେ ସ୍ମାରକ ଡାକରା ଆସିଲା । ଏ ଘନଘନ ଡାକରାରୁ ମୁଁ ବୁଝିପାରିଲି, ମୋଦ୍ୱାରା କିଛି କାର୍ଯ୍ୟ ସାଧିତ ହେବ । ଆଗରୁ ଆଶା କରିନେଲି ଯେ, ଦେଶର ମୁକ୍ତିପାଇଁ ସେ ମୋତେ କୌଣସି କାର୍ଯ୍ୟରେ ନିଯୁକ୍ତ କରିବେ ।

ଜ୍ଞାନବାବୁଙ୍କ ସଙ୍ଗେ ସାକ୍ଷାତ ଓ ମୋର ପରୀକ୍ଷା

ସନ୍ଧ୍ୟା ସାଢ଼େ ସାତଟାରେ ଜ୍ଞାନବାବୁଙ୍କ ଅଫିସରେ ପହଞ୍ଚିଗଲି । ସେତେବେଳକୁ ସେ ସମସ୍ତ କାର୍ଯ୍ୟ ଶେଷ କରିଦେଇଥିଲେ । ମୋତେ ଦେଖିଲାକ୍ଷଣି ଆଗ୍ରହ ସହକାରେ ଏକ ନିର୍ଜନ କୋଠରୀକୁ ଡାକନେଲେ । ପ୍ରଥମେ କହିଲେ, "ଆପଣ ପ୍ରକୃତରେ ତାଳଚେରର ପବିତ୍ରମୋହନ ପ୍ରଧାନ ବୋଲି ମୁଁ, କିରଣବାବୁ କିମ୍ବା ଅନ୍ୟାନ୍ୟମାନେ ପୂରାପୂରି ବିଶ୍ୱାସ କରିନଥିଲୁଁ । ଯାହାହେଉ ଠକ୍‌କର ବାପାଙ୍କର ଆଗମନ ହେତୁ ଆମର ଏ ଅବିଶ୍ୱାସ ଦୂର ହେଲା । ଆପଣ ପବିତ୍ରମୋହନ ପ୍ରଧାନ ବୋଲି

Digitized by PPRACHIN, SOA

ଆଗରୁ ବିଶ୍ୱାସ କରିଥିଲେ ଦେଶପକ୍ଷରେ ବଡ଼ ଲାଭଜନକ ହୋଇଥାନ୍ତା । ବର୍ତ୍ତମାନ ସମସ୍ତ ବିଳମ୍ବ ହୋଇଗଲାଣି ।” ତା ପରେ କହିଲେ, “ଆପଣଙ୍କର ପୋଷ୍ୟବର୍ଗ କେତେ ଅଛନ୍ତି ?” ମୁଁ ଜବାବ ଦେଲି, “ମୁଁ ତ ଅବିବାହିତ, ବାପ ମାଆ ତ ପିଲାଦିନୁ ମରିଯାଇଛନ୍ତି । ତେବେ ମୋର ଆଉ ପୋଷ୍ୟ-ବର୍ଗ କେଉଁଠାରେ ? ନିଜ ଭାଇ ଓ ତାଙ୍କ ପିଲାଛୁଆ ଅଛନ୍ତି । ସେମାନେ ନିଜେ କୃଷି ବାସ କରି ଚଳନ୍ତି । ବାସ୍ତବରେ ମୋର ପୋଷ୍ୟବର୍ଗ ଭାରତର ପରାଧୀନ ଜନତା, ଶୋଷିତ ଏବଂ ନଗ୍ନବୁଭୁକ୍ଷିତ କୋଟି କୋଟି କୃଷୀ ମୂଲିଆ ।” ମୋ ପିଠିରେ ତାଳି ମାରି ନିଜ ଚୌକି ଆଉ ଟିକିଏ ନିକଟକୁ ହଟାଇଆଣି କହିଲେ, “ଆପଣଙ୍କୁ ଏକ ଆତ୍ମହତ୍ୟାକାରୀ (Suicide-Squad) ଦଳରେ ଯୋଗଦାନ କରିବାକୁ ହେବ । ଆପଣ କ’ଣ ରାଜି ?” ମୁଁ ଉତ୍ତର ଦେଲି, “ମହତ୍ ଉଦ୍ଦେଶ୍ୟ ପାଇଁ ପ୍ରାଣଦାନ କରିବାକୁ ମୁଁ ସର୍ବଦା ପ୍ରସ୍ତୁତ । କିନ୍ତୁ କ୍ଷେତ୍ର କାହିଁ ? କ୍ଷେତ୍ର ଥିଲେ ବା ସହାୟତା କାହିଁ ?” ପୁନର୍ବାର ସାବାସର ସହିତ ପିଠିରେ ତାଳଦେଇ କହିଲେ, “ପୂର୍ଣ୍ଣ ସହା-ୟତା ହିଆଯିବ, କିନ୍ତୁ ସେ କ୍ଷେତ୍ରରେ ପ୍ରବେଶ କରିବା ଅର୍ଥ ମୃତ୍ୟୁ ଯେପରି ନିଶ୍ଚିତ, ସଫଳତା ସେପରି ଅନିଶ୍ଚିତ ।” ଜବାବ ଦେଲି, “ବିବେକ ଓ ବୁଦ୍ଧିମତ୍ତାର ସହିତ ପୂର୍ଣ୍ଣପ୍ରାଣରେ କର୍ତ୍ତବ୍ୟ ସାଧନ ପାଇଁ ମନୁଷ୍ୟ ଦାୟୀ, କିନ୍ତୁ ଫଳ ଭଗବାନଙ୍କ ହାତରେ ।” ସେ ପୁଣି କହିଲେ, “କିନ୍ତୁ ମୃତ୍ୟୁ ନିଶ୍ଚୟ ।” ଗମ୍ଭୀରତାର ସହିତ ବୁଝାଇଦେଲି, “ମୃତ୍ୟୁ ନିଶ୍ଚିତ, ମୃତ୍ୟୁ ନିଶ୍ଚିତ ବୋଲି ଆପଣ କାହିଁକି ଏତେ ଯୋର ଦେଉଛନ୍ତି ? ମନୁଷ୍ୟ ଯେଉଁଦିନ-ଠାରୁ ଜନ୍ମ ହୁଏ, ସେହିଦିନଠାରୁ ତା ଜୀବନରେ ପୁତ୍ର ଦାରା, ଦାସ ଦାସୀ, ଧନ ସମ୍ପତ୍ତି, ମାନ ସମ୍ମାନ, ନାମ କୀର୍ତ୍ତି, ସୁଖ ଦୁଃଖ ଏସବୁ ଅସତ୍ୟ ଓ ଅନିଶ୍ଚିତ ; କିନ୍ତୁ ମୃତ୍ୟୁ ନିଶ୍ଚିତ । ଯାହା ନିଶ୍ଚିତ ତାକୁ ଡରିବା କିମ୍ବା ସେଥିରୁ ମୁକ୍ତି ପାଇବାର ଚେଷ୍ଟା କରିବା ଅଜ୍ଞତା ଏବଂ ନିର୍ବୋଧତା ମାତ୍ର । ମନୁଷ୍ୟ ଜନ୍ମ ହେଲେ ମରିବ, ମୁଁ ଦିନେ ମରିବି, ହୁଏତ ଆଗେ କିମ୍ବା ଟିକିଏ ପଛେ । ରୋଗ ବା ଘରେ ପଚି ସଡ଼ି ମରିବା ଅପେକ୍ଷା ମହତ୍ ଏବଂ ବ୍ୟାପକ ଉଦ୍ଦେଶ୍ୟରେ ମୃତ୍ୟୁ ଶ୍ରେୟସ୍କର । ଅଧିକନ୍ତୁ ଏପରି ମୃତ୍ୟୁରେ ମୁକ୍ତି ଓ ସ୍ୱର୍ଗପ୍ରାପ୍ତି ।”

ମୃତ୍ୟୁ ବିଷୟରେ ମୋର ଏ ଦର୍ଶନ-ଜ୍ଞାନର ଉପଲବ୍ଧି କରିପାରି ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ, “ଇତିମଧ୍ୟରେ ସୁଭାଷ ବାବୁ ୪୫ଟି

Digitized by PPRACHIN, SOA

ଦଳ ପାରାଚ୍ୟୁଟ ଓ ବୁଡ଼ାଜାହାଜରେ କେତେକ ଖବର ସହ ପଠାଇଛନ୍ତି । ସେମାନେ କେତେକ ଖବର ଦେବା ପୂର୍ବରୁ ଏବଂ ଦୁଇଟି ଦଳ ଖବର ଦେବା ପରେ ଶତ୍ରୁର ହାତରେ ପଡ଼ିଲେ । ଭାରତ ବର୍ଷର ସାମରିକ ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ସୁଭାଷବାବୁ ପ୍ରତି ସପ୍ତାହରେ ଖବର ଚାହାନ୍ତି । ସେଥିପାଇଁ ତାଙ୍କ ନିକଟକୁ ଭାରତରୁ ସାପ୍ତାହିକ କିମ୍ବା ପାକ୍ଷିକ ପାଞ୍ଚ ଛଅ ଦଳ ଭିନ୍ନ ଭିନ୍ନ ସ୍ଥଳପଥରେ ଯିବାର ପ୍ରସ୍ତାବ ଦେଇଛନ୍ତି । ଦେଢ଼ମାସ ହେଲା ଆମେ ଚେଷ୍ଟା କରୁଛୁ । ଦୁଇଟି ଦଳ ପଠାଇଥିଲୁ, ସେମାନେ ସମସ୍ତେ ଯାଉ ଯାଉ ଟ୍ରେନରେ ଧରାପଡ଼ିଗଲେ । ଏକ୍ଷଣି ଭାରତର ଅନେକ ଅଞ୍ଚଳରୁ ୧୯୪୨ର ବିପ୍ଲବୀ ଫେରାର ନେତା ଓ କର୍ମୀ ପ୍ରାୟ ୧୦୦ ଜଣ କଲିକତାରେ ଅଛନ୍ତି । ତାଙ୍କୁ କୁହାଗଲା, ସେମାନେ ମଧ୍ୟ କେହି ଗଲେ ନାହିଁ । ଆପଣଙ୍କୁ ତ ଏପର୍ଯ୍ୟନ୍ତ ସନ୍ଦେହ କରିଥିଲୁ, ତେଣୁ କିଛି କହିନଥିଲୁ । ଏବେ କଣ କରାଯିବ କହନ୍ତୁ ।" ମୁଁ କହିଲି, "ଭାରତକୁ ବ୍ରିଟିଶ କବଳରୁ ମୁକ୍ତ କରିବା ପାଇଁ ମୁଁ ଜେଲରୁ ବନ୍ଧୁକ, ଗୋଳା ଓ ସଙ୍ଗୀନର ସମ୍ମୁଖୀନ ହୋଇ ପଳାଇ ଆସିଛି । ସୁଭାଷବାବୁଙ୍କ ସଙ୍ଗେ ପ୍ରାଣ-ଦାନପୂର୍ବକ ସମ୍ପର୍କ ସ୍ଥାପନ କରିବାକୁ କଲିକତା ଆସି ପ୍ରଥମେ ଆପଣଙ୍କର ହିଁଶିପୁ ଆସିଷ୍ଟାଣ୍ଟ ଅମର ବାବୁଙ୍କ ଘରେ ଘରୁଆ ଚାକର ରହିଥିଲି । ସେହି ଉଦ୍ଦେଶ୍ୟରେ ଶତ ଶତ ଖଦଡ଼ଧାରୀଙ୍କୁ ପଚାରିଛି । ସେହି ଉଦ୍ଦେଶ୍ୟରେ କିରଣବାବୁଙ୍କୁ ଜବରଦସ୍ତ ସାକ୍ଷାତ କଲି । ସେହି ଉଦ୍ଦେଶ୍ୟରେ କିରଣ ବାବୁଙ୍କ ଜରିଆରେ ମୁଁ ଆପଣଙ୍କ ତତ୍ତ୍ୱାବଧାନରେ ଅଛି । ଯାହା ହେଉ, ମୁଁ ଆଜି ମୋର ସେହି ଚିରବାଞ୍ଛିତ ଆଶା ପୂରଣ ବାଟରେ ଆପଣଙ୍କ ଜରିଆରେ କାର୍ଯ୍ୟକାରୀ ହେବ ଭାବି ନିଜକୁ ଭାଗ୍ୟବାନ୍ ମନେକରୁଛି । ଆପଣଙ୍କୁ ବିନୀତ ଅନୁରୋଧ କରୁଛି, ମୋତେ ଶୀଘ୍ର ଏ କାର୍ଯ୍ୟରେ ନିଯୁକ୍ତ କରନ୍ତୁ । ମୋର ଚିର ଆକାଙ୍‌କ୍ଷିତ ବାସନା ପୂରଣ କରନ୍ତୁ ।"

ତା ପରେ ମୋର କଷ୍ଟସହିଷ୍ଣୁତାର ପରୀକ୍ଷା ଉଦ୍ଦେଶ୍ୟରେ ନାନା ଯନ୍ତ୍ରଣାର, ଯଥା : ଆଙ୍ଗୁଳିରେ ଚିମୁଟିବା, ପିନକଣ୍ଟାରେ ଫୋଡ଼ିବା ଇତ୍ୟାଦି ପରୀକ୍ଷା ହେଲା । ମୁଁ ତହିଁରେ ଭଲଭାବେ ପାସ୍ କଲି । ମୋତେ ମଧ୍ୟ ବହୁତ କଷ୍ଟ ଦେବାକୁ ସେମାନଙ୍କର ଇଚ୍ଛା ହେଲା ନାହିଁ । ଶେଷରେ ମୋତେ କହିଲେ, "ଏ ପାର୍ଟିରେ କିଏ ଅଛନ୍ତି, ତାହା ଜାଣିବା ପାଇଁ ତୁମେ

ଉନ୍ମୁକ୍ତିତ ହେବ ନାହିଁ ।" ମୁଁ ମଧ୍ୟ ଏହାର ଉତ୍ତରରେ କହିଲି, "ଏପରି କାର୍ଯ୍ୟରେ ଯେଉଁ ସୈନିକ ଦଳର ସମସ୍ତ ନେତା, ଅଫିସ ଓ ଅନ୍ୟାନ୍ୟ ଗୁପ୍ତକଥା ଜାଣିବାକୁ ଚେଷ୍ଟା କରେ ସେ ବାସ୍ତବିକ ସୈନିକ ନୁହେ । ଏହା-ଦ୍ୱାରା ଗୋପନୀୟତା ପ୍ରକାଶିତ ହୁଏ ଏବଂ ଶତ୍ରୁର ଲାଭ ହୁଏ ।" ମୋଠାରୁ ଜବାବ ଶୁଣି ସେ ସ୍ୱତଃ ଏଥିରେ ସମ୍ପୃକ୍ତ ଥିବା କେତେକ ନେତାଙ୍କର ନାମ ଓ ଠିକଣା କହିଦେଲେ । କିନ୍ତୁ କିରଣବାବୁଙ୍କୁ ଏ ଖବର ଜଣାଇ-ବାକୁ ମନା କଲେ । କାରଣ କିରଣବାବୁ ସୁଭାଷବାବୁଙ୍କର ସପକ୍ଷବାଦୀ ନୁହନ୍ତି । ଏ ସବୁ ଉପଦେଶ ଦେଇ କହିଲେ, ଆଜି ଯାଅ, କାଲି ସନ୍ଧ୍ୟାରେ ପୁଣି ୮ଟା ସମୟରେ ଏଠାକୁ ଆସିବ । ତାଙ୍କଠାରୁ ବିଦାୟ ନେଇ ସେ ରାତି ଆସିଲି ।

ସୁଧାକର ବାବୁଙ୍କଠାରେ ପ୍ରକାଶ

ଏତେଦିନେ ମୋର ବାସନା ପୂର୍ଣ୍ଣ ହେବା ବାଟରେ । ପରଘରେ ଘରୁଆ ଚାକର ରହିବାର ସୁଫଳ ଆଜି ଭଗବାନ ଦେଲେ । ଯେଉଁ ସହା-ୟତା ପାଇଁ ଏତେ ବ୍ୟାକୁଳ ସେ ସହାୟତା ଆଜି ମିଳିଛି । ଯେଉଁ ସମ୍ପର୍କ ସ୍ଥାପନ ପାଇଁ ଏତେ ବ୍ୟଗ୍ର ଥିଲି, ସେ ସମ୍ପର୍କ ସ୍ଥାପନର ପନ୍ଥା ଉନ୍ମୁକ୍ତ । ଏହି ଭାବନାରେ ମନରେ ଆନନ୍ଦ ଉତ୍ସବ ଜାତ ହେଉଥାଏ ; କିନ୍ତୁ କେହି ସଙ୍ଗୀ ନ ଥିବାରୁ ସେ ଆନନ୍ଦ ଓ ସନ୍ତୋଷ-ପୂର୍ଣ୍ଣ ଉପଭୋଗ କରିପାରୁନଥାଏ । ତେଣୁ, କଲିକତାରେ ସେତେବେଳେ ଥିବା ମୋର ଏକମାତ୍ର ଫେରାର ସହକର୍ମୀ ଶ୍ରୀ ସୁଧାକର ରଥଙ୍କ ବସାକୁ ଗଲି । ତାଙ୍କ ବସାରେ ଆଗରୁ କେତେଦିନ ରହିଥିଲି । ରବିରେ ତାଙ୍କ ବସାକୁ ଯିବାର ଦେଖି ମୋ ଆଗମନର ବିଶେଷତ୍ୱ ପଚାରିଲେ । ଗୋପ-ନରେ ତାଙ୍କୁ ସବୁକଥା ଖୋଲିକରି କହିଲି । ସେ ଏ କାର୍ଯ୍ୟରେ ଯୋଗ ନ ଦେଲେ ସୁଦ୍ଧା ଏହାର ଗୋପନୀୟତା ପ୍ରକାଶ କରିବେ ନାହିଁ ବୋଲି ମୁଁ ଉତ୍ତମ ରୂପେ ଜାଣେ । ସେ ଶୁଣି ଆନନ୍ଦିତ ହେଲେ । ମୁଁ ମୋର ମହତ୍ ଚେଷ୍ଟାରେ ସଫଳ ହୁଏ ବୋଲି ତାଙ୍କର ଶୁଭକାମନା ଜଣାଇଲେ ।

Digitized by PPRACHIN, SOA

ସୁଭାଷ ବାବୁଙ୍କ ନିକଟରେ ଦୂତରୂପେ ନିଯୁକ୍ତି

ପରଦିନ ଅର୍ଥାତ୍ ୧୯୪୪ ଅପ୍ରେଲ ୯ ତାରିଖ ସନ୍ଧ୍ୟା ୮ଟାରେ ମୁଁ ପୁଣି ଜ୍ଞାନାଞ୍ଜନ ବାବୁଙ୍କ ଅଫିସକୁ ଗଲି । ମୋତେ ଦେଖିଲାକ୍ଷଣି ଜ୍ଞାନ ବାବୁ ଅଫିସରୁ ବାହାରି ଆସି ସେହି ନିର୍ଜନ ବଖରାକୁ ଡାକନେଲେ । ତାଙ୍କ ସଙ୍ଗେ ଆଉ ତିନିଜଣ ଲୋକ ଥିଲେ । ସେମାନଙ୍କ ନାମ ମୁଁ ଜାଣେ ନାହିଁ । ଜାଣିବାକୁ ମଧ୍ୟ ଚେଷ୍ଟା କରିନାହିଁ । ସେମାନଙ୍କୁ ମୋ ବିଷୟ ଜ୍ଞାନବାବୁ କହିଥିଲେ । ମୋର ସାମନାରେ ମଧ୍ୟ କିଛି କହିଲେ । ସେମାନେ ମୋତେ ଦୁଇ ଘଣ୍ଟା ପ୍ରଶ୍ନ ପଚାରିଲେ । ତାପରେ କହିଲେ, ଯାହାହେଉ ଆମେମାନେ ଆପଣଙ୍କ ସଦୃଶ ଜଣେ ଦକ୍ଷ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ପାଇ ବଡ଼ ଆନନ୍ଦିତ । ଆମମାନଙ୍କର ଗୋଟାଏ ବଡ଼ ଅଭାବ ପୂରଣ ହେଲା । ଆପଣ ଅପ୍ରେଲ ୧୫ ତାରିଖ ଦିନ ଏଠାରୁ ବର୍ମା ଅଭିମୁଖେ ସୁଭାଷ ବାବୁଙ୍କ ନିକଟକୁ ପତ୍ର ଓ ଖବର ନେଇ ଯିବେ । ଇତିମଧ୍ୟେ ପ୍ରତ୍ୟେକ ଦିନ ସନ୍ଧ୍ୟା ୮ଟାରେ ଏହି ଅଫିସକୁ ଆସୁଥିବେ । ଦ୍ୱିତୀୟ ଦିନ ସେମାନଙ୍କଠାରୁ ବିଦାୟ ନେଇ ଆସିଲି ।

ତା'ପରେ ତୃତୀୟ ଓ ଚତୁର୍ଥ ଦିନ ରାତିରେ ସେଠାକୁ ଗଲି । ଯେଉଁ ଆସାମୀ ଫେରାର ଭଦ୍ରଲୋକ ମୋର ସହକାରୀ ହୋଇ ଯିବାର ଥିଲା, ତାଙ୍କ ସଙ୍ଗେ ସାକ୍ଷାତ୍ ଓ ଆଳାପ ହେଲା । ୧୩ ତାରିଖ ଦିନ ଉଭୟେ ବଜାରକୁ ଆମ ଯାତ୍ରା ଉଦ୍ଦେଶ୍ୟରେ କିଛି ସୌଦା କରିବାକୁ ଯାଇଥିଲୁ । ମୋର ଆସାମୀ ସାଥୀ ଦୋକାନରେ ସି. ଆଇ. ଡି. ଦ୍ୱାରା ଗିରଫ୍ଦାର ହେଲେ । ମୁଁ ଚୁପ୍ କରି ଖସି ପଳାଇଲି । ଉକ୍ତ ଆସାମୀ ସାଥୀ ହାତରେ ଦୁଇଶତ ପର୍ଯ୍ୟନ୍ତ ଆମ ଖର୍ଚ୍ଚ ବାବଦ ଟଙ୍କା ଥିଲା ।

ମୋ ନିଜ ଦଳର (ତାଳଚେରର) ଅନ୍ୟ ସଙ୍ଗୀମାନଙ୍କୁ ଡାକରା

ମୋର ଆସାମୀ ସହକାରୀ ଗିରଫ୍ଦାର ହୋଇଯିବାରୁ ମୋ ସଙ୍ଗେ ସାଥୀ ହୋଇ ଯିବାକୁ କେହି ନ ଥିଲେ । ଦ୍ୱିତୀୟ ବ୍ୟକ୍ତି ଖୋଜିବାକୁ ଚେଷ୍ଟା

Digitized by PPRACHIN, SOA

କରାଗଲା । କେହି ବାହାରିଲେ ନାହିଁ । ତେଣୁ ମୋତେ କହିଲେ, "ଆପଣ-ଙ୍କର ନଜର ଏକ ଟାଣୁଆ ଦଳ ଫେରାର ହୋଇ ଅଛନ୍ତି । ସେମାନେ ମଧ୍ୟ ଆପଣଙ୍କ ସଦୃଶ ଦେଶର ସ୍ୱାଧୀନତା ଯୁଦ୍ଧରେ ସକ୍ରିୟ ହେବାକୁ ବ୍ୟଗ୍ର ବୋଲି ଆପଣ କହୁଥିଲେ । ସେମାନଙ୍କର ଦେଶସେବା ଏତିକବେଳେ ନିତାନ୍ତ ଦରକାର । ଏକ୍ଷଣି ଆପଣଙ୍କ ସାଥିରେ ଯିବାକୁ ବିଶ୍ୱାସୀ ବ୍ୟକ୍ତି କେହି ନାହିଁ । ତେଣୁ ଆପଣ ଶୀଘ୍ର ଯାଇ ପାଞ୍ଚ ଦିନ ମଧ୍ୟରେ ସେମାନଙ୍କ ମଧ୍ୟରୁ ଯେତେ ଜଣଙ୍କୁ ପାଇବେ ନେଇଆସନ୍ତୁ । ଏଥିପାଇଁ ମୋତେ କିଛି ଟଙ୍କା ଦିଆଗଲା । ମୁଁ ଟାଟାନଗର ଆସିଲି । ଦେଖିଲି ଟାଟାନଗରରେ କେବଳ ସଙ୍ଗୀ ଗାଣ୍ଡ୍ରି, ମୁକୁନ୍ଦ, ଫିରଙ୍ଗି ଏବଂ ପଶୁରାମ ଥାନ୍ତି । ସଙ୍ଗୀ ବନମାଳୀ, ବଛନ୍ଦ, କାଳନ୍ଦୀ ଓ ବାଣେଶ୍ୱର ପ୍ରଭୃତି ଅନେକ ଦୂରରେ ଥିବାରୁ ଓ ସେମାନଙ୍କର ସଠିକ ଠିକଣା ଜଣା ନ ଥିବାରୁ ଏବଂ ଅଧିକନ୍ତୁ ହାତରେ ସମୟ ନ ଥିବାରୁ ସେମାନଙ୍କୁ ଅପେକ୍ଷା କରିପାରିଲି ନାହିଁ । ସ୍ଥିର କଲି, ପରେ ଆସି ସେମାନଙ୍କୁ ନେଇ କରି ଯିବି । ଟାଟାନଗରରେ ଜଣେ ରହିବାର କଥା; ତେଣୁ ସ୍ଥିର ହେଲା ଯେ, ପଶୁରାମଙ୍କ ଟାଟାନଗରରେ କେନ୍ଦ୍ର ଅଫିସର ଭାର ନେଇ ରହିବେ । ବାକୀ ସହକର୍ମୀ ଗାଣ୍ଡ୍ରି, ମୁକୁନ୍ଦ, ଫିରଙ୍ଗି ଓ ଆମର ସେହି ଶରସହାୟକ ଭକ୍ତଙ୍କୁ ସାଥିରେ ନେଇ କଲିକତା ଫେରିଲି । ଅପ୍ରେଲ ମାସ ୨୨ ତାରିଖ ଦିନ ଶ୍ରୀଯୁକ୍ତ ଜ୍ଞାନାଞ୍ଜନ ନିୟୋଗୀ ମୋର ଏ ସଙ୍ଗୀ ଚାରି ଜଣଙ୍କୁ ଦେଖିଲେ । ବ୍ୟକ୍ତିଗତ ପରୀକ୍ଷା ଓ କଥାବାର୍ତ୍ତା ଙ୍କର ହୃଦ୍‌ବୋଧ କଲେ ଯେ, ଏମାନେ ପ୍ରତ୍ୟେକେ ଦେଶପାଇଁ ଯେ କୌଣସି କାର୍ଯ୍ୟ କରି ପ୍ରାଣବଳୀ ଦେବାକୁ ପ୍ରସ୍ତୁତ । ଏମାନଙ୍କର ମନର ଦୃଢ଼ତା ଏବଂ କଷ୍ଟସହିଷ୍ଣୁତା ଯଥାରୀତି ପରୀକ୍ଷା କରି ଦେଖିଲେ ଯେ, ବେଶୀ ଶିକ୍ଷିତ ନ ହେଲେ ସୁଦ୍ଧା ଏମାନେ ଯେ କୌଣସି ପରିସ୍ଥିତିରେ ଚିଠି କିମ୍ବା ଖବର ନେବାକୁ ଧୁରନ୍ଧର । କିନ୍ତୁ ଭାଷା, ଭୌଗୋଳିକ, ସାମରିକ ଏବଂ ରାଜନୈତିକ ଜ୍ଞାନରେ ପକ୍ୱତା ନ ଥିବାରୁ ଏମାନଙ୍କ ପକ୍ଷେ କିଛି ଟ୍ରେନିଂ ଦରକାର । ଫିରଙ୍ଗି ଦେହରେ ସାତଟା ଛରିବ ବିଦ୍ୟମାନ ଥିବାର ସ୍ପର୍ଶ କରି ସେ ତାଙ୍କୁ ମୋର ପ୍ରଥମ ନମ୍ବର ସହକାରୀ ବୋଲି କହିଥିଲେ ।

Digitized by PPRACHIN, SOA

ମୋ ସଙ୍ଗୀମାନଙ୍କର ସାମରିକ ଶିକ୍ଷାର ବନ୍ଦୋବସ୍ତ

ମୋର ସଙ୍ଗୀମାନଙ୍କୁ ଆଗୁଆ ଏବଂ ଦୁର୍ଦ୍ଧର୍ଷ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ବିବେଚନା କରି ସେମାନଙ୍କୁ କିଛି ସାମରିକ ଶିକ୍ଷା ଦେବାର କଳ୍ପନା କରାଗଲା । ଫିରିଙ୍ଗି ଏବଂ ମକୁନ୍ଦକୁ ଶାନ୍ତ କୁଟୀରରେ ରହିବାର ଏବଂ ଏକ ମିଲିଟାରୀ ମଟର ଡ୍ରାଇଭିଂ-ଶିକ୍ଷା କେନ୍ଦ୍ରରେ ଆସିଷ୍ଟାଣ୍ଟ ମିଲିଟାରୀ ମଟର ଡ୍ରାଇଭିଂ ଶିଖିବାର ବନ୍ଦୋବସ୍ତ କରାଗଲା । ଗାଣ୍ଡୁଙ୍କୁ ଅନ୍ୟ ଏକ ଜାଗାରେ ରଖାଇ ଦିଆଗଲା । ଓଡ଼ିଶା ଏବଂ ଗଡ଼ଜାତ ଭୂମିକାରେ ସଙ୍ଗଠନ କାର୍ଯ୍ୟ କରିବାକୁ ଅନ୍ୟ କେହି ଲୋକ ନ ଥିବାରୁ ବଡ଼ ଚିନ୍ତା ହେଲା । ଦରକାର ପଡ଼ିଲେ ଆମର ସେହି ଭକ୍ତ ଓ ହେଡ଼ ଅଫିସ ଗୁର୍ଜରେ ଥିବା ପର୍ଶୁରାମଙ୍କ ଜରିଆରେ ସଙ୍ଗୀ ବନମାଳୀ, ବୈଦ୍ୟନାଥ, ବାଣେଶ୍ୱର, କୃତ୍ତିବାସ, କାଳନ୍ଦୀ, କାଳିଆ, ଯଦୁନାଥ ଓ କାହ୍ନୁଚରଣଙ୍କୁ ଡକାଇ ଆଣିବାର ସ୍ଥିର କରାଗଲା ।

ବ୍ରହ୍ମଦେଶ ଏବଂ ଆସାମ ଆରାକାନର ଭୌଗୋଳିକ ପରିସ୍ଥିତି

ଆସାମ ଏବଂ ଆରାକାନ ବ୍ରହ୍ମଦେଶଠାରୁ ବହୁତ ଉଚ୍ଚ ପର୍ବତଶ୍ରେଣୀ-ଦ୍ୱାରା ପୃଥକ । ଏହି ପର୍ବତଶ୍ରେଣୀ ଲମ୍ବରେ ପ୍ରାୟ ଛଅଶହ ସାତଶହ ମାଇଲ ଏବଂ ଚଉଡ଼ାରେ ପ୍ରାୟ ଶହେଠାରୁ ଶହେ ପଚିଶ ମାଇଲ ଏବଂ ଉଚ୍ଚତାରେ ଦୁଇ ତିନ ମାଇଲ ଅଟେ । ଆସାମରେ ଦୁଇଟି ସମତଳ ଭୂମି—ବ୍ରହ୍ମପୁତ୍ର ଉପତ୍ୟକା ଓ ସୁର୍ମା ଉପତ୍ୟକା ଅଛି । ଏହି ଦୁଇ ଉପତ୍ୟକା ମଧ୍ୟରେ ଗାରୋ, ଖାସି, ଜୈନ୍ତିଆ, କାଛାର ଏବଂ ନାଗା ପର୍ବତଶ୍ରେଣୀ ଅଛି । ପାହାଡ଼ର ପାଦଦେଶ ଓ ସମତଳ ଅଞ୍ଚଳ ଘନ, ନିବିଡ଼ ଏବଂ ଚିରଶ୍ୟାମଳ ଜଙ୍ଗଲରେ ପରିପୂର୍ଣ୍ଣ । କେଉଁଠି କେଉଁଠି ମାଇଲ ମାଇଲ ବ୍ୟାପୀ ବିସ୍ତୃତ ଧାନ୍ୟକ୍ଷେତ୍ର । ବର୍ଷାଦିନେ ଏ ଧାନ୍ୟକ୍ଷେତ୍ରରେ ୩।୪ ହାତ ପାଣି ଜମିଯାଏ । ଧାନ୍ୟକ୍ଷେତ୍ର ଭିତର ଦେଇ ଯିବା ଅସମ୍ଭବ । କେଉଁଠି କେଉଁଠି ମାଇଲ ମାଇଲ ବ୍ୟାପୀ ବର୍ଷାକାଳୀନ ହ୍ରଦ । ବାକି କେଉଁଠି ଡେଣ୍ଡା ଏବଂ ନଳବନ-ଯୁକ୍ତ ଚିରସନ୍ତସନ୍ତିଆ ଜାଗା । ରେଲଲାଇନର ଉଭୟ ପାର୍ଶ୍ୱରୁ ମାଟି

Digitized by PPRACHIN, SOA

ଖୋଲା ହୋଇଥିବାରୁ ସେଠାରେ ସର୍ବଦା ୩।୪ ହାତ ପାଣି । ତାହା ପୁଣି ଶରବଣ ଏବଂ ଅନ୍ୟାନ୍ୟ ଅନେକ ଜଳୀୟ ଉଦ୍ଭିଦଦ୍ୱାରା ପୂର୍ଣ୍ଣ । ଷ୍ଟେସନ ବ୍ୟତୀତ ଅନ୍ୟ ଜାଗାରେ ଓହ୍ଲାଇ ରେଲଲାଇନ ପାର ହେବା ନିତାନ୍ତ ଦୁଃସାଧ୍ୟ । ମଇ ମାସଠାରୁ ବର୍ଷା ଆରମ୍ଭ ହୋଇଯାଏ । ଜୁନ୍ ଜୁଲାଇ ବେଳକୁ ଉଚ୍ଚ ଜାଗା ବ୍ୟତୀତ ସମସ୍ତ ସମତଳ ପ୍ରଦେଶ କି ଧାନ୍ୟକ୍ଷେତ୍ର କି ଜଙ୍ଗଲ ସବୁ ଏକପ୍ରକାର ହ୍ରଦରେ ପରିଣତ ହୁଏ ! ବ୍ରହ୍ମପୁତ୍ର, ସୁର୍ମା ଓ ଅନେକ ଶ୍ରେଷ୍ଠବଡ଼ ନଦନଦୀ । ମଇ ମାସ ପରେ ଆସାମରେ ଜଙ୍ଗଲର ଅବସ୍ଥା ଆହୁରି ଭୟାନକ । କି ପାହାଡ଼ କି ସମତଳ ଯେଉଁଠାରେ ଜଙ୍ଗଲ ଅଛି, ତାହା ନିତାନ୍ତ ଦୁର୍ଭେଦ୍ୟ । ବଡ଼ ବଡ଼ ଗଛ ମଧ୍ୟରେ ବେତ, ବାଉଁଶ, ଡେଙ୍ଗା, ନଳ, କଦଳୀ, କଆ, କେତକୀ, ନାନା ପ୍ରକାର କଣ୍ଟାଗଛ ଏବଂ ଅସଂଖ୍ୟ ଲତାଦ୍ୱାରା ଜଙ୍ଗଲ ସବୁ ଏତେ ଘନ ଓ ଦୁର୍ଭେଦ୍ୟ ଯେ, ଟାଙ୍ଗିଆରେ ବାଟ ସଫା ନ କଲେ ଜଣେ ବ୍ୟକ୍ତି ଦିନକୁ ମାଇଲଏ ଦୁଇ ମାଇଲ ଯାଇପାରିବ ନାହିଁ । ଏ ଜଙ୍ଗଲସବୁ ହାତୀ, ବାଘ, ଭାଲୁ, ବାର୍ହା, ଗଣ୍ଡାର, ଚିତାବାଘ, ବଣମହିଷ ଇତ୍ୟାଦି ହିଂସ୍ରଜନ୍ତୁ ଓ ଅଜଗର, ମଣିଚୂଡ଼, ଅହିରାଜ, ନାଗ, ଗୋଖର, ଚମ୍ପା ଇତ୍ୟାଦି ବିଷାକ୍ତ ସରୀସୃପ ଏବଂ ଭୟାନକ ବିଷାକ୍ତ ବିଛା ଓ କୀଟପତଙ୍ଗଦ୍ୱାରା ପରିପୂର୍ଣ୍ଣ । ଆସାମରେ ଜଳ, ସ୍ଥଳ, ଜଙ୍ଗଲ, କାନ୍ତାର, ପ୍ରାନ୍ତର ସବୁ ଜାଗା ମାରାତ୍ମକ ମଶା, ଜୋକ ଏବଂ ଝିଙ୍କରେ ପରିପୂର୍ଣ୍ଣ । ଆସାମର ଜୋକ ଦୁନିଆ ବାହାର ଜୋକ । ଏହା ନିତାନ୍ତ କ୍ଷୁଦ୍ର, ଜଳ, ସ୍ଥଳ, ଘାସ ସବୁ ଜାଗାରେ ରହନ୍ତି । ଦେହରେ ଟିକିଏ କ୍ଷତ ହେଲେ ଯଦି ସେଥିରେ ଲାଗିଯାନ୍ତି, ତେବେ ସେ କ୍ଷତ ଭିତରେ ପଶି ରକ୍ତ ଖାଇଯାନ୍ତି । କ୍ଷତ ଆରୋଗ୍ୟ ହେବାକୁ ଅନେକ ଦିନ ଲାଗେ । ଯଦି ଦଶ ପନ୍ଦରଟା ଝିଙ୍କ ଲାଗିଯାନ୍ତି ତେବେ ସଙ୍ଗେ ସଙ୍ଗେ ଚାରି ବାନ୍ତି ସହିତ ଭୟାନକ ଜ୍ୱର ଆସିବ । ମଶା ଦୁର୍ଗୁଣ ବା ବର୍ଣ୍ଣନା କରିବ କାହିଁକି !

ଆସାମର ତତ୍କାଳୀନ ସାମରିକ ପରିସ୍ଥିତି

ମିତ୍ର ପକ୍ଷର ଅଜ୍ଞାତସାରରେ ସୁଭାଷବାବୁ ଜାପାନୀ ଓ ନିଜ ଆଜାଦ୍ହିନ୍ଦ ଫୌଜଙ୍କ ଜରିଆରେ ଇଂରେଜ ଓ ଆମେରିକା ସୈନ୍ୟଙ୍କୁ କାବୁ କରି ଆସାମରୁ ଆରାକାନ୍ ପର୍ଯ୍ୟନ୍ତ ଉତ୍ତର ଦକ୍ଷିଣରେ ପ୍ରାୟ ୫୦୭

ଶହ ମାଇଲ ପର୍ଯ୍ୟନ୍ତ ଲମ୍ବା ଏବଂ ପୂର୍ବ ପଶ୍ଚିମରେ ୭୦।୮୦ ମାଇଲଠାରୁ ୧୫୦ ମାଇଲ ପର୍ଯ୍ୟନ୍ତ ଚଉଡ଼ାରେ ଭାରତ ମଧ୍ୟରେ ପ୍ରବେଶ କଲେ । ମଣିପୁର ରାଜଧାନୀ ଇମ୍ଫାଲ ନଗରକୁ ଛାଡ଼ି ପ୍ରାୟ ସମସ୍ତ ମଣିପୁର ଅଧିକାର କରି ଇମ୍ଫାଲ ଅବରୋଧ କଲେ । ଏଥିରେ ନାଗାମାନେ ସୁଭାଷ ବୋଷଙ୍କୁ ବହୁତ ସାହାଯ୍ୟ କରିଥିଲେ । ୧୯୪୨ ଠାରୁ ମିତ୍ରପକ୍ଷ ଆସାମକୁ ଉତ୍ତମ-ରୂପେ ଘାଟି କରି ରଖିଥିଲେ । କିନ୍ତୁ ସୁଭାଷ ବାବୁଙ୍କର ଏ ତତ୍ପରତାରେ ମିତ୍ରପକ୍ଷ ଆସାମରେ ଏପରି ସାମରିକ ବ୍ୟବସ୍ଥା କଲେ ଯେ, ବ୍ରିଟିଶ ସରକାରର ବିରୁଦ୍ଧପକ୍ଷର ଗୋଇନ୍ଦା କିମ୍ବା ଏଜେଣ୍ଟଙ୍କ ସାଧାରଣ ଅସ୍ତିତ୍ୱ ଓ ଗତିବିଧି ତ ଦୂରର କଥା ଏପରିକି ସେଠାକାର ଆସାମର ସାଧାରଣ ଅଧିବାସୀଙ୍କ ଜୀବନ ବିପଦପୂର୍ଣ୍ଣ ଓ ଅସହନୀୟ ହୋଇଉଠିଲା । ନାଗା-ମାନଙ୍କର ସୁଭାଷପ୍ରୀତି ଯୋଗୁଁ ଅଧିକାଂଶ ନାଗାଙ୍କୁ ମାରିଦିଆଗଲା । ପ୍ରତି ଗ୍ରାମରେ ସିଭିଲ୍ ଗାର୍ଡ଼ ରଖାଗଲା । ଅଧିକାଂଶ ଅଞ୍ଚଳ ସାମରିକ ଏବଂ ରକ୍ଷିତ ଅଞ୍ଚଳ ବୋଲି ଘୋଷଣା କରାଗଲା । କେତେକ ଜାଗାରେ ବିନା ପାସପୋର୍ଟ ଏବଂ ବିନା ଲାଇସେନ୍‌ସରେ କେହି ରେଳଷ୍ଟେସନ ବାହାରକୁ ଯାଇପାରିବେ ନାହିଁ କିମ୍ବା ବାହାରେ ଯିବା ଆସିବା କରିପାରିବେ ନାହିଁ ବୋଲି କଡ଼ା ହୁକୁମ ହେଲା । ବର୍ମା-ଆସାମ ସୀମା ଏବଂ ଯୁଦ୍ଧକ୍ଷେତ୍ରର ୩୦।୪୦ ମାଇଲ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଏକ ଗ୍ରାମର ଲୋକ ଅନ୍ୟ ଗ୍ରାମକୁ ବିନାନୁମତିରେ ଯାଇପାରିବେ ନାହିଁ ବୋଲି ନିୟମ ହୋଇଗଲା । ସମସ୍ତ ଡଙ୍ଗା ନାଆ ସରକାର ନିଜ ଅଧୀନରେ ରଖିନେଲେ । ନିର୍ଦ୍ଦିଷ୍ଟ ଘାଟସ୍ଥାନ ବ୍ୟତୀତ ଅନ୍ୟତ୍ର ନଦୀ ହ୍ରଦରେ କେହି ପାରି ଉତ୍ତରି ବା ଗାଧୋଇପାରିବେ ନାହିଁ ; ଘାଟ ବ୍ୟତୀତ ଅନ୍ୟତ୍ର ନଦୀରେ କିମ୍ବା ହ୍ରଦରେ କେହି ଡଙ୍ଗା ବାହିପାରିବେ ନାହିଁ ; ନଦୀ କିମ୍ବା ହ୍ରଦରେ କେହି ପହଁରି-ପାରିବେ ନାହିଁ ବୋଲି ଆଇନ ଜାରି ହେଲା । ମିଲିଟାରୀ ସଂପର୍କୀୟ ବ୍ୟକ୍ତିମାନଙ୍କୁ ମଧ୍ୟ ଲାଇସେନ୍‌ସ ଓ ପାସପୋର୍ଟ ଜରିଆରେ ଯାତାୟାତ କରିବାକୁ ହେଲା । ପ୍ରତ୍ୟେକ ସଡ଼କ, ପ୍ରତ୍ୟେକ ପାହାଡ଼ ରାସ୍ତା ଏବଂ ପ୍ରତ୍ୟେକ ନଗର ବାଟରେ ମିଲିଟାରୀ ଲାଇନ ଏପରି ଘନ ଏବଂ ସମ୍ପର୍କିତ କରାଗଲା ଯେ, ବିନା ପାସପୋର୍ଟରେ କାହାର ଏକଇଞ୍ଚ ଗତି କରିବାର କ୍ଷମତା ନ ଥିଲା । ପର୍ବତ, ପାହାଡ଼, ବଣ, ଜଙ୍ଗଲ ପ୍ରତ୍ୟେକ ଜାଗାରେ ଏପରି ମିଲିଟାରୀ ଜଗୁଆଳ ରଖାଗଲା ଯେ, ଯଦି ଆସାମ ତରଫରୁ

Digitized by PPRACHIN, SOA

ଗୋଟିଏ ମାଛି ସୁଦ୍ଧା ବର୍ମା ତରଫକୁ ଉଡ଼ି ଯିବାକୁ ଚେଷ୍ଟା କରିବ ତେବେ ମାଛିଟି ଧରାପଡ଼ିବ ଏବଂ ମରାଯିବ । ଏ ସବୁ କଡ଼ା ନିୟମକୁ କାର୍ଯ୍ୟାନ୍ୱିତ କରିବାକୁ ସାରା ଆସାମ ଅସଂଖ୍ୟ ମିଲିଟାରୀ ପୋଲିସ ଓ ଗୋଇନ୍ଦାଙ୍କ ଅଧୀନରେ ରଖାଗଲା ।

ଏପରି ଭୌଗୋଳିକ ଏବଂ ସାମରିକ ବାତାବରଣରେ ମୋତେ ସୁଭାଷ ବାବୁଙ୍କ ନିକଟକୁ ଖବର ନେଇ ଯିବାକୁ ହେଲା ।

ବ୍ରହ୍ମଦେଶ ଯାତ୍ରାପାଇଁ ସାଜସଜ୍ଜା

ଉପର୍ଯ୍ୟୁକ୍ତ ଭୌଗୋଳିକ ଏବଂ ସାମରିକ ଅବସ୍ଥା ଓ ପରିସ୍ଥିତିର ସମ୍ମୁଖୀନ ହୋଇ ମୋତେ ମିତ୍ରପକ୍ଷ ଲାଇନ ଭିତରେ ବ୍ରହ୍ମଦେଶ ମଧ୍ୟକୁ ଯାଇ ସେଠାରେ ଖବର ଦେବାକୁ ଏବଂ ସେଠାରୁ ଖବର ଆଣିବାକୁ ହେବ । ତେଣୁ ମୋତେ ଛଦ୍ମବେଶ ଧାରଣ କରିବାକୁ ହେବ । ବହୁତ ବିଚାର କରି ଜ୍ଞାନବାବୁ ଓ ତାଙ୍କର ସହକର୍ମୀମାନେ ସ୍ଥିରକଲେ ଯେ, ମୁଁ ସେ ଅଞ୍ଚଳକୁ ମୁସଲମାନ ବେଶରେ ଯିବି । ସାରା ଭାରତ ବର୍ଷରେ ମୁସଲମାନମାନେ ବିଶେଷତଃ ଲିଗ୍-ପନ୍ଥୀମାନେ ମିତ୍ରପକ୍ଷରେ ଥାଇ ଯୁଦ୍ଧକୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରୁଥାନ୍ତି । ଅଧିକନ୍ତୁ ସେତେବେଳକୁ ଆସାମରେ ଲିଗ୍‌ର ସାଦୁଲ୍ଲା ମନ୍ତ୍ରୀତ୍ୱ ; ତେଣୁ ପ୍ରାୟ ସମସ୍ତ ପ୍ରକାର ସାମରିକ କଣ୍ଟ୍ରାକ୍ଟରୀ ମୁସଲମାନଙ୍କ ହାତରେ ଥାଏ । କଣ୍ଟ୍ରାକ୍ଟରମାନଙ୍କର ଏଜେଣ୍ଟମାନେ ଗ୍ରାମେ ଗ୍ରାମେ ବୁଲି ଛେଳି, ବୋଦା, ମେଣ୍ଢା, ଗୋରୁ, ଧାନ, ଚାଉଳ ଏବଂ ଅନ୍ୟାନ୍ୟ ଜିନିଷ ସବୁ ଖରିଦ କରୁଥାନ୍ତି । କିନ୍ତୁ ପ୍ରତ୍ୟେକଙ୍କୁ ପାସପୋର୍ଟ ଦେଖାଇବାକୁ ହେଉଥାଏ । ମୋ ପାଖରେ ପାସପୋର୍ଟ ନ ଥିଲେ ସୁଦ୍ଧା ସ୍ଥିର ହେଲା, ମୁଁ ମୁସଲମାନ ବେଶରେ ଯିବି । ବାହାନା ଦେବି ମୁଁ ସାମରିକ କଣ୍ଟ୍ରାକ୍ଟରର ଏଜେଣ୍ଟ । କୌଶଳ, ଚତୁରତା ଏବଂ ଗୋପନୀୟତାର ସହିତ କାମ କରୁ କରୁ ଧରାପଡ଼ିଲେ କ୍ଷତି ନାହିଁ ; ତେଣୁ ମୋତେ ମୁସଲମାନ ଡ୍ରେସ କରିବାକୁ ପଡ଼ିବ । ୨ଟା ଲୁଙ୍ଗି, ୨ଟା ଗଞ୍ଜି, ୨ଟା ହାଫ୍ କାମିଜ କିଣିବାକୁ ହେବ । ଏସବୁ ନୀଳ କମ୍ବା ଶ୍ୟାମଳ ବର୍ଣ୍ଣର ହେବ ; ଯେପରିକି ଜଙ୍ଗଲରେ ଲୁଚି କରି ଗଲାବେଳକୁ ଗଛ ପତ୍ରର ରଙ୍ଗ ସଙ୍ଗେ ପୋଷାକର ରଙ୍ଗ ମିଶିଯିବ । ଡିଙ୍କ ମଶା ଜୋକରୁ ରକ୍ଷା ପାଇବା ପାଇଁ ପୁରା ରବର

Digitized by PPRACHIN, SOA

ଯୋତା, ରବର ଗ୍ଲୋଭସ୍, ରବର କ୍ୟାପ, ଓ୍ୟାଟର ପ୍ରୁଫ ମୋଜା ଏବଂ ବଡ଼ ବର୍ଷାରୁ ରକ୍ଷା ପାଇବା ପାଇଁ ଓ ଓଦାଭୂଇଁରେ ପକାଇ ଶୋଇବା ପାଇଁ ଗୋଟାଏ ରବର କପଡ଼ା ଏବଂ ଗୋଟାଏ ମଶାରି—ଏ ସବୁ ନେବାକୁ ହେବ । ଟୁଥ୍ ପାଉଡର, ବ୍ରସ, ଜାଭଚ୍ଛେଲ, କେତେ ଔଷଧ, ରୋଗ ଶୋଷ ନିରୋଧକ କେତେ ବଟିକା, ସାଥିରେ ନଗଦ ନୋଟ ୧୦୦ ଟଙ୍କା ଓ ୨୫ ଟଙ୍କାର ଖୁଚୁରା ପଇସା (ସୁ'କି, ଦୁଇଅଣୀ ଓ ଏକଅଣୀ), ଗୋଟିଏ ଛୋଟ ଛୁରୀ ଏବଂ ଆଉ ଗୋଟିଏ ବଡ଼ଛୁରୀ, ଗୋଟିଏ ସିଲଭର ଗ୍ଲାସ, ପାଣି ରଖିବାପାଇଁ ଗୋଟିଏ ଛୋଟ ଡବା ଏବଂ ଦିଗବାରଣ ପାଇଁ କମ୍ପାସ ସଙ୍ଗରେ ନେବାକୁ ତାଲିକା ହେଲା । ଏ ସବୁ ଭର୍ତ୍ତି କରି ନେବା ପାଇଁ ଗୋଟିଏ ଓ୍ୟାଟର ପ୍ରୁଫ୍ ବ୍ୟାଗ ଖରିଦ କରିବାକୁ ପ୍ରସ୍ତାବ ହେଲା । ଆସାମର ଜଣେ ନେତା ଗୋଟିଏ ପିସ୍ତଲ ଦେବାକୁ କହିଲେ, ମୁଁ ତାହା ନେବାକୁ ଅସ୍ୱୀକାର କଲି । କାରଣ ଅନେକ ଜାଗାରେ ଷ୍ଟେସନ ଏବଂ ଟ୍ରେନରେ ଜିନିଷପତ୍ର ସର୍ଚ୍ଚ ହେଉଥାଏ । ଖଣ୍ଡେ ଛୋଟ ସତରଂଜି ମଧ୍ୟ ନେବାର କଥା ହେଲା । ଏ ସବୁ ଜିନିଷ ମୁଁ ନିଜେ ଯାଇ ଖରିଦ କରି ଆଣିଲି । ମୁସଲମାନଙ୍କ ପରି ନିଶଦାଢ଼ି ରଖିନେଲି ।

ମୁଁ କେଉଁଠାକୁ ଯିବି, କାହା ଜରିଆରେ ଯିବି, କପରି ଯିବି, କ'ଣ କରିବି, କି କି ଖବର ନେବି ଏ ସବୁ ବିଷୟରେ ନିର୍ଦ୍ଦେଶ ଦେବାପାଇଁ ଜାନିବାବୁ ପ୍ରଭୃତି କମିଟିରେ ତିନିଜଣ ଲୋକ ମୋତେ ନିର୍ଦ୍ଦେଶ ଓ ଉପଦେଶ ଦେଲେ । ଇଂରେଜ ଓ ଜାପାନୀ ସୈନ୍ୟ ଲାଇନ ମଧ୍ୟରେ ବ୍ରହ୍ମଦେଶ ଭିତରେ ଦୁଇଟି ଛୋଟ ଛୋଟ ଗ୍ରାମ ଥାଏ । ଉକ୍ତ ଗ୍ରାମରେ ସୁଭାଷ ବାବୁଙ୍କର ନିଜର ଲୋକ ଥାଆନ୍ତି । ସୁଭାଷ ବାବୁଙ୍କର ନିର୍ଦ୍ଦେଶ ଥାଏ ଯେ, ଯେଉଁ ଲୋକ ଖବର କିମ୍ବା ଚିଠି ଆଣିବ, ସେ ଉକ୍ତ ଗ୍ରାମରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଠାରେ ସେ ସବୁ ଦେବ । ସୁଭାଷ ବାବୁଙ୍କର ଚିଠି ଓ ଖବର ନେଇ ପୁଣି ଭାରତବର୍ଷକୁ ଫେରିଯିବ । ଖବର ଦେବାରେ ସଫଳ ହେଲେ ପୁଣି ଫେରିଯାଇ ନୂତନ ଖବର ଓ ନୂତନ ନୂତନ ଲୋକ ଆଣି ସମ୍ପର୍କ ସ୍ଥାପନ କରାଇ ଦେବ । ସୁଭାଷ ବାବୁଙ୍କ ସଙ୍ଗେ ବ୍ୟକ୍ତିଗତ କଥାବାର୍ତ୍ତା ଦରକାର ହେଲେ ସେଠାରେ ୧୦।୧୨ ଦିନ ଅପେକ୍ଷା କରିବାକୁ ହେବ କିମ୍ବା ସୁଭାଷ ବାବୁଙ୍କର ପ୍ରତିନିଧିଙ୍କର ଆଦେଶ ହେଲେ ଭାରତବର୍ଷକୁ

Digitized by PPRACHIN, SOA

ଫେରି ପୁଣି ଅନ୍ୟାନ୍ୟ ଖବର ନେଇ ଆସିବି । ମୋତେ ଏହି ଜାଗାରେ ଏହିପରି କାର୍ଯ୍ୟ କରିବାକୁ ପ୍ରଥମ ଥର ଦୂତରୂପେ ନିଯୁକ୍ତ କଲେ । ସ୍ଥିର ହେଲା, ମୁଁ କଲିକତାରୁ ପ୍ରଥମେ ଏକାକୀ ଉତ୍ତର ପୂର୍ବ ଆସାମର ଜୋରହାଟ ଟାଉନକୁ ଯିବି । ଜୋରହାଟ ଟାଉନର କମର୍ସିଆଲ୍ କଲେଜର ପ୍ରିନ୍‌ସିପାଲ ମି. ବରୁକା ମୋତେ ଶଙ୍କର ବରୁଆଙ୍କ ନିକଟକୁ ଯିବାରେ ସାହାଯ୍ୟ କରିବେ । କାରଣ ଶଙ୍କର ବରୁଆଙ୍କର ଅସ୍ତିତ୍ୱ ତାଙ୍କୁ ଜଣାଥାଏ । ଶଙ୍କର ବରୁଆ ମୋତେ ମାର୍ଗାରେଟ ଅଞ୍ଚଳରୁ ଉତ୍ତର ବର୍ମାର ଉକ୍ତ ଗ୍ରାମମାନଙ୍କୁ ଯିବାରେ ଜଣେ କିମ୍ବା ଦୁଇ ଜଣ ଲୋକ ସଙ୍ଗରେ ଦେଇ ସାହାଯ୍ୟ କରିବେ ।

ସୁଭାଷ ବାବୁ ଯେଉଁ ଦଶଟି ବିଷୟରେ ଖବର ଚାହିଁଥିଲେ ସେସବୁ ଖବରର ଜବାବ ଗୋଟିଏ କାଗଜରେ ଲେଖାଗଲା । ମୋତେ କୁହାଗଲା ଯେ, ମୁଁ ସେ ସବୁର ଲିଖିତ ଜବାବ ମୁଖସ୍ଥ କରି ତୃତୀୟ ଦିନ କମିଟି ଆଗରେ ଆବୃତ୍ତି କରିବି । କିନ୍ତୁ ମୁଁ ସେମାନଙ୍କୁ କହିଲି, ଓପରଓଳି ମୁଁ ଏହାର ପରୀକ୍ଷା ଦେବି । କେବଳ ସନ୍ଧକ ପାଇଁ ଜ୍ଞାନ ବାବୁ ଓ ସୁଭାଷ ବାବୁଙ୍କ ଘରର ଜଣେ ସ୍ତ୍ରୀ ଲୋକର ଅକ୍ଷରରେ ସାଧାରଣଭାବରେ ଶୁଭେଚ୍ଛା ପ୍ରକାଶପୂର୍ବକ ଦୁଇଟି ପ୍ଲେଟ (୪"×୬") ପରିସରର ଶଠି ଦିଆହୋଇ-ଥିଲା । ଏହାର ଉଦ୍ଦେଶ୍ୟ ଥିଲା, ସୁଭାଷ ବାବୁ ଜାଣିପାରିବେ ଯେ, ଯେଉଁ ବ୍ୟକ୍ତି ଆସିଥିଲେ ବା ଆସିଛନ୍ତି ସେ ବାସ୍ତବିକ ତାଙ୍କ ଦଳର ଚର । କିନ୍ତୁ ଶଠରେ ଶିରୋନାମା ନ ଥିଲା ; ଯଦ୍ଦ୍ୱାରା ମୁଁ ଧରାପଡ଼ିଗଲେ ବି କେହି ଜାଣି-ପାରିବେ ନାହିଁ ଯେ ମୁଁ ଉକ୍ତ ଶଠି ଦୁଇଖଣ୍ଡ ସୁଭାଷ ବାବୁଙ୍କ ନିକଟକୁ ନେଇ ଯାଉଥିଲି । ଓପରଓଳି ମୋତେ ପୁଣି ପରୀକ୍ଷା କରାଗଲା । ମୁଁ ସୁନ୍ଦର ଭାବେ ସବୁ ଆବୃତ୍ତି କରିଦେଲି । ନିର୍ଦ୍ଦେଶ ଦିଆଗଲା ଯେ, ମୁଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା ମାତ୍ରେ ଏସବୁ ସ୍ମୃତି ଖବର ଗୋଟିଏ କାଗଜରେ ଭଲ ଭାବରେ ଲେଖି ଉକ୍ତ ପ୍ଲେଟ ଶଠି ଦୁଇଖଣ୍ଡ ସହ ତାଙ୍କ ଲୋକକୁ ଦେବି । ସୁଭାଷ ବାବୁଙ୍କୁ ସାକ୍ଷାତ କରିବାର ସମ୍ଭବ ହେଲେ ମୁଁ ସାକ୍ଷାତ କରିବି । ସମ୍ଭବ ନ ହେଲେ ତାଙ୍କ ପ୍ରତିନିଧିଙ୍କ ସଙ୍ଗେ ସବୁ ସମ୍ପର୍କ ସ୍ଥାପନ କରି ତାଙ୍କଠାରୁ ଖବର ନେଇ ଫେରି ଆସିବି । ସ୍ଥିର ହେଲା ଯେ, ମଇ ମାସ ୧ ତାରିଖ ଦିନ ମୁଁ ଯାତ୍ରା କରିବି ।

Digitized by PPRACHIN, SOA

ସୁଭାଷ ବାବୁଙ୍କ ନିକଟକୁ ଦୂତରୂପେ ଗମନ

ଉପର୍ଯ୍ୟୁକ୍ତ ନିର୍ଦ୍ଦେଶମତେ ମୁଁ ୧୯୪୪ ମଇମାସ ୧ ତାରିଖ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଚିଠି ଓ ମୌଖିକ ଖବର ନେଇ ଯାତ୍ରା କଲି । ତାର ଦୁଇ ଦିନ ପୂର୍ବରୁ ମୋତେ ଇନ୍‌ଫ୍ଲୁଏଞ୍ଜା ଜ୍ୱର ହେଉଥିବାରୁ ଏବଂ ସେ ଦିନ ମଧ୍ୟ ଜ୍ୱର ଛାଡ଼ି ନ ଥିବାରୁ ମୁଁ କିଛି ଖାଇ ନ ଥାଏ । ମୋର ଚାଲିବାର ଶକ୍ତି ନ ଥାଏ । ତେବେ ସୁଦ୍ଧା ମୁଁ କର୍ତ୍ତବ୍ୟ ପାଳନ ଏବଂ କାର୍ଯ୍ୟର ଦାୟିତ୍ୱ ଦୃଷ୍ଟିରୁ ଯିବାକୁ ଦୃଢ଼ପ୍ରତିଜ୍ଞ ହେଲି । ମୋର ଦୁରବସ୍ଥା ଦେଖି ମୋର ସଙ୍ଗୀମାନେ ବିଶେଷତଃ ଫିରିଙ୍ଗି ଓ ସୁଧାକର ବାବୁ ସେ ଦିନ ଯିବାକୁ ମନା କରୁଥିଲେ । କିନ୍ତୁ ସେ ବାରଣ ମାନିଲି ନାହିଁ । ବୀରଶ୍ରେଷ୍ଠ ସୁଭାଷଙ୍କ ନିକଟକୁ ଦୂତରୂପେ ଯାଉଛି ; ଭାରତର ମୁକ୍ତି-ପସରାର ସମ୍ଭାର ନେଇ କୋଟି କୋଟି ନରନାରୀଙ୍କ ଆରାଧ୍ୟ ନେତା ସୁଭାଷଙ୍କୁ ଅଭ୍ୟର୍ଥନା କରିବାକୁ ଯାଉଛି ; ନଗ୍ନ-ବୁଭୁକ୍ଷିତ ପରାଧୀନ ଦେଶବାସୀଙ୍କର ମୁକ୍ତିଦାତାଙ୍କୁ ଆହ୍ୱାନ କରିବାକୁ ଯାଉଛି, ଏହିସବୁ ଭାବନାଦ୍ୱାରା ମନରେ ଅପୂର୍ବ ଆନନ୍ଦ ଓ ଅଦମ୍ୟ ଉତ୍ସାହ ଖେଳିଯାଉଥାଏ । ତେଣେ ପୁଣି ସମୟ ସମୟରେ ଯୁଦ୍ଧଭୂମିର ବିଭୀଷିକା, ମିତ୍ରସେନାର ଲାଇନ ଅତିକ୍ରମ ସମୟରେ ମୃତ୍ୟୁର ନିଶ୍ଚୟତା ଏବଂ ପ୍ରତିକୂଳ ଭୌଗୋଳିକ ଅବସ୍ଥାରେ ଯାତ୍ରାର ମାରାତ୍ମକତା ସମୟ ସମୟରେ ମନରେ ଆଶଙ୍କା ଓ ହତାଶା ଜାତ କରାଉଥାଏ, କିନ୍ତୁ ଦେଶପ୍ରୀତିର ଉତ୍କଣ୍ଠା ଓ ଜନସେବାର ନିର୍ମଳତା ହୃଦୟର କାପୁରୁଷତାକୁ ପରାସ୍ତ କରି ସର୍ବଦା ମନରେ ଶତସିଂହର ପରାକ୍ରମ ଜାଗରିତ କରାଉଥାଏ । ଏପରି ମାନସିକ ଅବସ୍ଥାରେ ମାହେନ୍ଦ୍ର ଯୋଗରେ ଦୁର୍ଗା ଓ ଭଗବାନଙ୍କୁ ସ୍ମରଣ କରି ଯାତ୍ରା କଲି । ସାଥି ଫିରିଙ୍ଗି ସିଆଲଦହ ଷ୍ଟେସନ ପର୍ଯ୍ୟନ୍ତ ମୋ ସଙ୍ଗେ ଯାତ୍ରା କଲେ । ଟିକଟ କରି ୧୨ ଟା ବେଳେ ଆସାମ ମେଲ୍‌ରେ ବସିଲି । ପ୍ଲାଟଫର୍ମ ଟିକଟ କାଟି ଫିରିଙ୍ଗି ମଧ୍ୟ ରେଳଡବାକୁ ଗଲେ । ବିଚ୍ଛେଦଜନିତ ଦୁଃଖ ଓ ଉଦ୍ଦେଶ୍ୟ ପୂରଣ ଆଶାରେ ତାଙ୍କ ହୃଦୟ ହର୍ଷ ଓ ବିଷାଦରେ ପୂର୍ଣ୍ଣ ହୋଇଯାଇଥାଏ । ଟ୍ରେନ ହୁଇସ୍ଲ ବାଜିଗଲା । ଆନନ୍ଦ-ନିରାନନ୍ଦ-ଜନିତ ସଜଳ ନୟନରେ ସେ ମୋ'ଠାରୁ ବିଦାୟ ନେଲେ । ଗାଡ଼ି ଯାତ୍ରା କଲା । ଏହି ଗାଡ଼ି ରାସ୍ତାରେ ତିନି ଜାଗାରେ ବଦଳି ହୁଏ, (୧) ପାର୍ବତୀପୁର, (୨) ବ୍ରହ୍ମପୁତ୍ର ନଦୀକୂଳସ୍ଥ ଅମିନ ଗାଁଓ ;

Digitized by PPRACHIN, SOA

ସେଠାରୁ ଜାହାଜରେ ପାର ହେବାକୁ ହୁଏ ; ଏବଂ (୩) ବ୍ରହ୍ମପୁତ୍ର କୂଳସ୍ଥ ପାଣ୍ଡୁଘାଟ । ଯୁଦ୍ଧ ସମୟ ହେତୁ ଗାଡ଼ି ଏତେ ଭିଡ଼ ଥାଏ ଯେ, ଲୋକ ସବୁ ଗାଡ଼ିରେ ଓହଳ ହୋଇ ପାବଂଣପୁର ପର୍ଯ୍ୟନ୍ତ ଯାଉଥାନ୍ତି । ପାବଂଣପୁର ପର୍ଯ୍ୟନ୍ତ ବସିବାକୁ ଜାଗା ମିଳିଥିଲା । ତା ପରେ ଦୁଇ ଦିନ କାଳ କେବଳ ଠିଆ ହୋଇ ଗାଡ଼ିରେ ଯାତ୍ରା କରିବାକୁ ହେଲା ।

କୋରହାଟରେ ପ୍ରିନ୍‌ସିପାଲ ଭରୁକାଙ୍କ ସଙ୍ଗେ ସାକ୍ଷାତ

ଜୋରହାଟରେ ପହଞ୍ଚିଲି । ଷ୍ଟେସନରୁ ଉତ୍ତରିଲା ମାତ୍ରେ ମିଲିଟାରୀ ପୋଲିସ କବଳରେ ପଡ଼ିଲି । ମୋର ଜିନିଷ ପତ୍ର ତଲାସି ହେଲା । ମୋତେ ଜେରା କରାଗଲା । ମୁଁ ଗୋଟାଏ ବାହାନା ଦେଖାଇ ମୁକ୍ତ ପାଇଗଲି । ଦ୍ୱିତୀୟ ଦିନ କମର୍ସିଆଲ କଲେଜର ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ଭରୁକାଙ୍କ ନିକଟକୁ ଚିଠି ନେଇ ଗଲି । ସେ ଚିଠି ପଢ଼ି ଅତ୍ୟନ୍ତ ଖୁସି ହେଲେ । କିନ୍ତୁ ମୋର କାମର ମାରାତ୍ମକତା ଓ ଦୁଃସାଧ୍ୟତା ବୁଝାଇଦେଲେ । ସେ କହିଲେ ଯେ, ଦେଢ଼ମାସ ଆଗରୁ ଚେଷ୍ଟା ହୋଇଥିଲେ ଜଣେ ତ୍ୟାଗୀ କିନ୍ତୁ ଚତୁର ଓ ସାହସୀ ବ୍ୟକ୍ତି ପକ୍ଷରେ ବ୍ରହ୍ମଦେଶକୁ ଯିବାରେ ବେଶୀ କଠିନତା ଏବଂ ନିଶ୍ଚିତ୍ତ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା । କିନ୍ତୁ ସୁଭାଷବାବୁଙ୍କର ଅତର୍କିତ ଆକ୍ରମଣ ହେତୁ ମିତ୍ରପକ୍ଷ ସମଗ୍ର ଆସାମକୁ ଏକ୍ଷଣି ଗୋଟାଏ ମିଲିଟାରୀ କ୍ୟାମ୍ପ କରିଦେଇସାରିଲେଣି । ତେବେ ଚେଷ୍ଟା କରାଯାଉ, କିନ୍ତୁ ଜେଲ କିମ୍ବା ମୃତ୍ୟୁ ସୁନିଶ୍ଚିତ । ତା ପରେ ସେ ଜଣେ ଲୋକ ସଙ୍ଗରେ ଦେଇ ତିନସୁକିଆ-ମାର୍ଗାରେଟା ଅଞ୍ଚଳରେ ଫେରାର୍ ହୋଇଥିବା ଶ୍ରୀଯୁକ୍ତ ଶଙ୍କର ବରୁଆ, ଏମ୍. ଏଲ. ଏ.ଙ୍କ ନିକଟକୁ ପଠାଇଦେଲେ । ଆମ୍ଭେମାନେ ଜୋରହାଟଠାରୁ ଟ୍ରେନରେ ସେ ଅଞ୍ଚଳକୁ ଗଲୁ । ବାଟରେ ଟ୍ରେନରେ ନାନା ଜାଗାରେ ତଲାସୀ ଏବଂ ନାନା ଜାଗାରେ ଜେରା କରାହେଉଥାଏ । ତିନସୁକିଆରେ ପହଞ୍ଚିଗଲୁ । ଷ୍ଟେସନରୁ ବାହାରକୁ ଯିବାକୁ ପାସପୋର୍ଟ ନ ଥାଏ । ମୋ ସଙ୍ଗେ ଯେ ଯାଇଥାନ୍ତି, ସେ ପାସ୍‌ପୋର୍ଟ ଦେଖାଇ ବାହାରିଗଲେ । ପରେ ଅନ୍ୟ ବାଟେ ତାଙ୍କ ପାସ୍‌ପୋର୍ଟ ଦେଇଦେବାରୁ

Digitized by PPRACHIN, SOA

ମୁଁ ଷ୍ଟେସନରୁ ବାହାରିଗଲି । ଏକ ଦିନ ରହିବା ପରେ ଶଙ୍କର ବରୁଆଙ୍କ ସଙ୍ଗେ ସେଠାରୁ ୧୫।୨୦ ମାଇଲ ଦୂରରେ ସାକ୍ଷାତ ହେଲା । ତାଙ୍କୁ ଉଭୟ କଲିକତା ଓ ଜୋରହାଟରୁ ନେଇଥିବା ଦୁଇଖଣ୍ଡି ପରିଚୟପତ୍ର ଦେଲି । ତାପରେ ମୋର ଯିବାର ଉଦ୍ଦେଶ୍ୟ କହିଦେଲି । ମୋର ଶାରୀରିକ ଶକ୍ତି ଅନୁପାତରେ ସାହସ ଓ ଦୁର୍ଦ୍ଧର୍ଷତା ଦେଖି ସେ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଗଲେ । ଏକଦମ୍ ନିତାନ୍ତ ଜଙ୍ଗଲ ଅଞ୍ଚଳରେ ଥିବାରୁ ସେ ମହାଶୟ ବ୍ରହ୍ମ-ଆସାମ ଅଞ୍ଚଳରେ ଯୁଦ୍ଧର ପ୍ରଗତି ବିଷୟରେ ବେଶୀ କିଛି ଜାଣି-ପାରିନଥିଲେ । ସୁଭାଷବାବୁ ଭାରତବର୍ଷକୁ ବୁଡ଼ାଜାହାଜ ଓ ଉଡ଼ାଜାହାଜରେ ଚର ପଠାଉଛନ୍ତି ଶୁଣି ଅତ୍ୟନ୍ତ ଖୁସି ହେଲେ । ଏଣେ କଲିକତା, ବମ୍ବେ, ମାନ୍ଦ୍ରାଜ ଓ ଦିଲ୍ଲୀ ଅଞ୍ଚଳରେ ସୁଭାଷବାବୁଙ୍କ ପାଇଁ ସୈନ୍ୟଙ୍କ ପାଇଁ ଭୂମିକା ପ୍ରସ୍ତୁତ ହେଉଛି ଶୁଣି ଆଶାନ୍ୱିତ ହେଲେ । କିନ୍ତୁ ସେମାନେ ଆସାମରେ ସେପରି କିଛି ଗୁପ୍ତ ସଂଗଠନ କରିନଥିବାରୁ ବଡ଼ ଦୁଃଖିତ ହେଲେ । ମୋର ଉପସ୍ଥିତି ସମୟରେ ତିରିଶ ଚାଳିଶ ଜଣ କର୍ମୀଙ୍କୁ ଦୁଇ ଦିନ ମଧ୍ୟରେ ଡକାଇ ମୋର ସମ୍ମୁଖରେ ସୁଭାଷବାବୁଙ୍କୁ ସାହାଯ୍ୟଦାନ-ପୂର୍ବକ ଅଭ୍ୟର୍ଥନା କରିବାର ପ୍ରାରମ୍ଭିକ ସଂଗଠନ କଲେ । ଏହା ପରେ ମୋତେ ମୋର ଗନ୍ତବ୍ୟ ସ୍ଥଳକୁ ପଠାଇବାର ଚିନ୍ତା କଲେ । କେହି ଲୋକ ମୋ ସାଙ୍ଗରେ ଯିବାକୁ ବାହାରିଲେ ନାହିଁ । ମୁଁ କହିଲି, ମୋତେ ରାସ୍ତା ବତାଇଦିଅନ୍ତୁ । କିନ୍ତୁ ସେ କହିଲେ, ସ୍ଥାନୀୟ ଲୋକ ବ୍ୟତୀତ ଆପଣ ପାଞ୍ଚ ମାଇଲ ସୁଦ୍ଧା ଯାଇପାରିବେ ନାହିଁ । ନିଶ୍ଚୟ ଧରାପଡ଼ି ଜେଲ ଯିବେ କିମ୍ବା ଗୁଳି ଚୋଟରେ ପ୍ରାଣ ହରାଇବେ । ସେ ଅଞ୍ଚଳରୁ ମୋର ଗନ୍ତବ୍ୟ ସ୍ଥଳ ପ୍ରାୟ ତିରିଶ ମାଇଲ । ତିନି ଚାରି ଦିନ ରହିଲା ପରେ ସେମାନେ ଜଣେ ଲୋକକୁ ବନ୍ଦୋବସ୍ତ କଲେ । ସେ ସେଠାରୁ ଅଠର ମାଇଲ ପର୍ଯ୍ୟନ୍ତ ଏକ ଜାଗାକୁ ଯିବ । ସେ ଲୋକ ମୋତେ ସଙ୍ଗରେ ନେବ ନାହିଁ, କିନ୍ତୁ ତାକୁ ଅନୁସରଣ କରି ମୁଁ ଯିବି । ପାସପୋର୍ଟ ନ ଥିବାରୁ ବିପତ୍ତି ମୁଁ ନିଜେ ମୁଣ୍ଡାଇବି । ଅଠର ମାଇଲଠାରୁ ବାକି ଦଶବାର ମାଇଲ ପାହାଡ଼ ଜଙ୍ଗଲ ଦେଇ ମୁଁ ନିଜେ ଯିବି । ସେଥିମଧ୍ୟରେ ଦୁଇଟି ନଦୀ ପଡ଼ିବ । ନଦୀରେ ଡଙ୍ଗାରେ ପାରି ହେବା ଏକଦମ ବନ୍ଦ । ମୁଁ ପହଁରି କରି ଯିବି । ମୁଁ ଏଥିରେ ରାଜି ହେଲି, ଅଠର ମାଇଲ ପର୍ଯ୍ୟନ୍ତ ଚାଲିଗଲି । ଗୋଟାଏ ଜଙ୍ଗଲ ବାଟରେ ସେ ଲୋକ

Digitized by PPRACHIN, SOA

ମୋତେ କଢ଼ାଇ ନେଲା ! ଯେ କେତେ ଜାଗାରେ ମିଲିଟାରୀ ଥିଲେ, ସେ ସବୁ ଜାଗାରେ ମୁଁ ବାଟ ଭାଙ୍ଗିକରି ଯାଏ । ଅଠର ମାଇଲ ପରେ ସେ ଲୋକ ମୋତେ ଛାଡ଼ି ଦେଲା । ବାକୀ ବାଉମାଇଲ ଯିବାକୁ ରାସ୍ତା ସବୁ ବତାଇଦେଲା । ଗୋଟାଏ ନକ୍ସା ମଧ୍ୟ ଦେଲା । ମଇ ମାସ ସାତ ତାରିଖ ଦିନ ପାଞ୍ଚଟା ବେଳକୁ ଉଠି ଉକ୍ତ ବ୍ୟକ୍ତିର ନିର୍ଦ୍ଦେଶ ଅନୁସାରେ ପୂର୍ବ ଦିଗକୁ ଗଲି । ଦୁଇଟି ନଦୀ ପହଁରି କରି ପାର ହେଲି । ସନ୍ଧ୍ୟା ସାଢ଼େ ପାଞ୍ଚଟା ବେଳେ ଗୋଟିଏ ଗ୍ରାମରେ ପହଞ୍ଚିଲି । ସେ ଗ୍ରାମର ବର୍ଣ୍ଣନା ଯେପରି ଦିଆଯାଇଥିଲା, ଦେଖିଲି ଏହି ଗ୍ରାମଟି ସେହିପରି । ଜଣେ ସ୍ତ୍ରୀ ଲୋକକୁ ଗ୍ରାମର ନାମ ତାଙ୍କ ଭାଷାରେ ପଚାରିଲି । (ତାଙ୍କ ଭାଷାରେ ରାସ୍ତା, ଗ୍ରାମର ନାମ ଏବଂ ସମୟ ପଚାରିବାକୁ ଶିଖିଥିଲି ।) ସେ ସ୍ତ୍ରୀଲୋକ ଠିକ୍ ଉତ୍ତର ଦେଲା । ତାକୁ ପୁଣି ମୁଁ ଯେଉଁ ବ୍ୟକ୍ତିଙ୍କ ପାଖକୁ ଯାଉଥିଲି, ତାଙ୍କ ନାମ ଓ ଘର ପଚାରିଲି । ସେ ସ୍ତ୍ରୀଲୋକ ମୋତେ ଅଙ୍ଗୁଳି ନିର୍ଦ୍ଦେଶ କରି ଗୋଟିଏ ଟିଣଛପର ଘର ଦେଖାଇଦେଲା । ସେହି ଘରଟି ସେହି ଗ୍ରାମର ସବୁଠାରୁ ବଡ଼ ଓ ଧନୀଘର । ତାହା ଗ୍ରାମଠାରୁ ଟିକିଏ ପୃଥକ୍ ଥାଏ । ମୁଁ ମଧ୍ୟ କଲିକତାରୁ ଆଗରୁ ଏ ଘରର ପରିସ୍ଥିତି, ଆକାର ଏବଂ ଉକ୍ତ ବ୍ୟକ୍ତିର ଚେହେରା ଓ ଉଚ୍ଚତା ଜାଣିଥାଏ । ପ୍ରାୟ ସୂର୍ଯ୍ୟାସ୍ତ ସମୟରେ ଅନ୍ୟ କାହାରି ଅଜ୍ଞାତସାରରେ ମୁଁ ଉକ୍ତ ଘରେ ପ୍ରବେଶ କଲି । ସୌଭାଗ୍ୟବଶତଃ ସେ ବ୍ୟକ୍ତି ସେତେବେଳକୁ ଘରେ ଥାନ୍ତି । ମୁଁ ଗଲାକ୍ଷଣି ତାଙ୍କ ନାମ ଉଚ୍ଚାରଣ କରି ଡାକିଲି । ସେ ଆସିଲେ, ସେ ଖଣ୍ଡିଆ ଖଣ୍ଡିଆ ହିନ୍ଦି ଜାଣନ୍ତି । କିନ୍ତୁ ଇଂରାଜୀ ପରିଷ୍କାର ବୁଝନ୍ତି ଓ କହିପାରନ୍ତି । ସେ ଆଗେ ରେଙ୍ଗୁନ୍‌ରେ ଅନେକ ଦିନ କୌଣସି ଚାକିରି କରୁଥିଲେ । ମୁଁ କେଉଁଠାରୁ ଆସିଛି ବୋଲି ସେ ପଚାରିଲେ । ମୁଁ କହିଲି, କଲିକତାରୁ ମୁଁ ଆପଣଙ୍କ ପାଖକୁ ଆସିଛି । କିଛିକ୍ଷଣ ପରେ ସେ ମୋତେ ଜେରା କଲାପରି ତିନି ଚାରିଟି ପ୍ରଶ୍ନ କଲେ । ମୁଁ ସେ ସବୁର ଜବାବ ଦେବାରୁ ସେ ମୋର ଖାଇବା ପିଇବାର ବନ୍ଦୋବସ୍ତ କଲେ । ମୁଁ କିଛି ଖାଇନେଲି, ଖାଇବା ପରେ ସେ ପୁଣି ମୋତେ ଆଉ କେତେକ ଜେରା କଲେ । ମୁଁ ମଧ୍ୟ ତାଙ୍କୁ ଜେରା କଲି । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଜେରା କରି ସାରିବା ପରେ ଯେତେବେଳେ ବୁଝି ପାରିଲୁ ଯେ, ଆମ୍ଭେମାନେ ଉଭୟେ ସୁଭାଷବାବୁଙ୍କ ପକ୍ଷର ବ୍ୟକ୍ତି,

Digitized by PPRACHIN, SOA

ସେତେବେଳେ ସେ ମୋତେ ପଚାରିଲେ କିଛି ଚିଠି ପତ୍ର ଆଣିଛନ୍ତି ? ମୁଁ କହିଲି, ମୁଁ କଣ ସୁଭାଷବାବୁଙ୍କୁ ସାକ୍ଷାତ କରିପାରିବି ? ସେ କହିଲେ, ସୁଭାଷବାବୁ ଏ ଅଞ୍ଚଳକୁ ଚାରିମାସ ପୂର୍ବରୁ ଥରେ ଆସିଥିଲେ । ଏକ୍ଷଣି ସେ କେଉଁଠାରେ ମୁଁ କହିପାରିବି ନାହିଁ । ତେବେ ବହୁତ ଦୂରରେ ଅଛନ୍ତି । ତିନି ଚାରି ଦିନ ଅପେକ୍ଷା କଲେ ତାଙ୍କର ଜଣେ ବ୍ରିଗେଡ଼ିୟର କିମ୍ବା ହାବିଲଦାରଙ୍କ ସଙ୍ଗେ ସାକ୍ଷାତ ହୋଇପାରିବ । ଆପଣ ମୋତେ ବିଶ୍ୱାସ କଲେ ଚିଠିପତ୍ର ଏବଂ ଖବର ଦେଇପାରନ୍ତି । ଆପଣଙ୍କ ପକ୍ଷେ ଏଠାରେ ତିନିଚାରି ଦିନ ରହିବା ନିରାପଦ ନୁହେଁ । ସେ କହିଲେ, ଏ ଅଞ୍ଚଳଟା ଏକ୍ଷଣି କୌଣସି ସରକାର ଅଧୀନରେ ନୁହେଁ (No man's land) । କେତେବେଳେ ମିତ୍ରପକ୍ଷ ସୈନ୍ୟ ଆସୁଛନ୍ତି, କେତେବେଳେ ବା ସୁଭାଷ ବାବୁଙ୍କ ସୈନ୍ୟ ଆସୁଛନ୍ତି । ମୁଁ କହିଲି, ମୁଁ ଚିଠିପତ୍ର ଓ ଖବର ଲେଖି-କରି ଦେବି । କିନ୍ତୁ ସୁଭାଷବାବୁଙ୍କ ବ୍ରିଗେଡ଼ିୟରଙ୍କ ସଙ୍ଗେ ମୋତେ ସାକ୍ଷାତ କରାଇଦିଅନ୍ତୁ । ସେ ସେଥିରେ ରାଜି ହୋଇଗଲେ । ତୃତୀୟ ଦିନ ଜଣେ ଜାପାନୀ ବ୍ରିଗେଡ଼ିୟର ଏବଂ ଜଣେ ହିନ୍ଦୁସ୍ଥାନୀ ହାବିଲଦାର ଓ ୫୭ ଜଣ ସୈନ୍ୟ ଜଙ୍ଗଲକୁ ଆସିଲେ । ମୋତେ ସେଠାକୁ ସନ୍ଧ୍ୟାବେଳେ ଡକାହେଲା । ଏହି ଦୁଇଦିନ ମଧ୍ୟରେ ଉକ୍ତ ବ୍ୟକ୍ତିଙ୍କ ଘରେ ବସି ସବୁ ଖବର ପରିଷ୍କାର ଭାବରେ ଇଂରାଜୀରେ ଲେଖି ରଖିଥିଲି । ସେମାନଙ୍କ ପାଖକୁ ଜଙ୍ଗଲକୁ ଗଲି । ସମସ୍ତଙ୍କ ସହିତ ହାତ ମିଳାମିଳି ହେଲା । ସେମାନଙ୍କୁ ଉକ୍ତ ଦୁଇଖଣ୍ଡ ଗ୍ଲେଟ ଚିଠି ଏବଂ ମୋ ହାତଲେଖା ଖବର ଓ ଗୋଟିଏ ମାନଚିତ୍ର ଦେଲି । ସେମାନଙ୍କୁ ପଚାରିଲି ଏହା ପରେ ମୁଁ ଆପଣମାନଙ୍କ ସଙ୍ଗେ ସୁଭାଷବାବୁଙ୍କ ନିକଟକୁ ଯିବି କିମ୍ବା ଆଉ କିଛି ଖବର ନେବି । ସେମାନେ କହିଲେ ନେତାଜୀ କହିଛନ୍ତି ଯେ, ଯେଉଁ ଲୋକ ଖବର ଆଣିବ, ତାଙ୍କଠାରୁ ଖବର ରଖି ନୂତନ ଖବର ଦେଇ ପୁଣି କଲିକତା ପଠାଇ-ଦେବ । ଆପଣଙ୍କ ଖବର ପଢ଼ିନେଲୁ । ଏପରି ଅବସ୍ଥାରେ ନେତାଜୀଙ୍କର ଆଦେଶ ଏହି ଯେ, ଆପଣ ଯାଇ କଲିକତାରେ ଏହି ମର୍ମରେ ଖବର ଦିଅନ୍ତୁ ଏବଂ ପୁଣି ଫେରି ଆସନ୍ତୁ । ବିଳମ୍ବ କରିବାର ସମୟ ନାହିଁ । ସେମାନେ ଖବର ଦେଇଥିଲେ ଯେ, ମଇମାସ ଶେଷ ବେଳକୁ ମାନ୍ଦ୍ରାଜ ଉପକୂଳ ଏବଂ ଓଡ଼ିଶା ଉପକୂଳରେ ଆଇ. ଏନ. ସୈନ୍ୟ ଓହ୍ଲାଇବାର ବନ୍ଦୋବସ୍ତ ନେତାଜୀ କରୁଛନ୍ତି । ସୈନ୍ୟ ଓହ୍ଲାଇଲାବେଳେ ତୁମେ ସୁହିଁ-

Digitized by PPRACHIN, SOA

ଥିବା ଦରକାଥି ଜିନିଷ ପାଇବ । କେଉଁ ଜାଗାରେ ଏବଂ କେଉଁ ଦିନ ଓହ୍ଲାଇବୁ ତାର ସଠିକ ବିବରଣ ଦେଇ ଶୀଘ୍ର ଖବର ପଠାଅ । ଆମ ସୈନ୍ୟମାନଙ୍କୁ ସାହାଯ୍ୟ ଦେବାକୁ କି ବନ୍ଦୋବସ୍ତ, ତାହା ଜଣାଅ । ଏ ଖବର ସେମାନେ ମୌଖିକ ଦେଲେ । ମୁଁ ସେଠାରୁ ତା ଆରଦିନ ସକାଳୁ ଫେରି ଆସିଲି । ଆସିଲା ବେଳକୁ ସେତେ କଷ୍ଟ ହେଲା ନାହିଁ । କାରଣ ଗୋଟାଏ ପାସ୍‌ପୋର୍ଟ (Pass port) ମିଳିଗଲା । ଆଉ ଜଣେ ବ୍ୟକ୍ତି ତା ନିଜର Pass port (ପାସ ପୋର୍ଟ) ସହ ଆସିଥିଲା । ସେ ମୋତେ ରେଳଷ୍ଟେସନରେ ପହୁଞ୍ଚାଇଦେଇ ମୋଠାରୁ ପାସ ପୋର୍ଟ ନେଇ ଫେରି-ଗଲା । ତାପରେ ସିଧା ଆସାମ ମେଲରେ କଲିକତା ଫେରିଆସିଲି । କଲିକତାରେ ପହଞ୍ଚି ଜ୍ଞାନବାବୁଙ୍କୁ ଖବର ଦେଲି । ଜ୍ଞାନବାବୁ ମୋତେ ତାପର ଦିନ ସନ୍ଧ୍ୟା ୮ଟାରେ ଆସିବାକୁ କହିଥିଲେ । ମୁଁ ତାଙ୍କ ଅଫିସରେ ଠିକ୍ ସାତଟାରେ ପହଞ୍ଚିଲି । ୮ଟା ବେଳକୁ ଦଳର ଆଉ ୩ ଜଣ ପହଞ୍ଚିଲେ । ସମସ୍ତଙ୍କ ସମ୍ମୁଖରେ ମୋର କାର୍ଯ୍ୟର ସଫଳତା ଜଣାଇଲି ଏବଂ ସୁଭାଷ ବାବୁଙ୍କ ଖବର କହିଲି ।

ଏ ବିଷୟରେ ଖବର ଦେବାକୁ ଏମାନେ ୪ ଦିନ ସମୟ ନେଲେ । ପଞ୍ଚମ ଦିନ ସନ୍ଧ୍ୟା ଆଠଟାରେ ତାଙ୍କ ଅଫିସକୁ ଯିବାକୁ କହିଲେ । ମୁଁ ଫେରି ଆସିଲି । ମୁଁ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସମୟରେ ଅଫିସରେ ପହଞ୍ଚିଲି ।

ଦ୍ୱିତୀୟବାର ସୁଭାଷ ବାବୁଙ୍କ ନିକଟକୁ ବାର୍ତ୍ତା ବହନ

ନିର୍ଦ୍ଦିଷ୍ଟ ଦିନ ସନ୍ଧ୍ୟା ୮ଟାରେ ଜ୍ଞାନ ବାବୁଙ୍କ ଅଫିସରେ ପହଞ୍ଚିଲି । ସେତେବେଳକୁ ଯୁଗାନ୍ତର ଦଳର ୫।୬ ଜଣ ସଦସ୍ୟ ଆସି ବସିଥାନ୍ତି । ମୋ ଯିବାର ଦେଖି ଜ୍ଞାନବାବୁ ତାଙ୍କର ସେହି ନିର୍ଜ୍ଜନ ବଖରାରେ ବସିବାର ବନ୍ଦୋବସ୍ତ କଲେ । ସମସ୍ତେ ଯାଇ ସେଠାରେ ବସିଲୁ । ତାର ଏକଦିନ ପରେ ସୁଭାଷ ବାବୁଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଲେ । ଏଥର ଖବର ଦେଲେ ଯେ ଜୁନ ମାସ ୧୦ ତାରିଖ ପୂର୍ବରୁ ସେମାନେ ମାନ୍ଦ୍ରାଜ କିମ୍ବା ଓଡ଼ିଶାର ଉପକୂଳରେ ପାରାଚୁଟରେ ଓହ୍ଲାଇବା ସୈନ୍ୟଙ୍କୁ ସାହାଯ୍ୟ ଦେବା ପାଇଁ କୌଣସି ଅନୁଷ୍ଠାନ କରିପାରିବେ ନାହିଁ । ଜୁନ ମାସ ୨୦ ତାରିଖ

Digitized by PPRACHIN, SOA

ପରେ କେତେକ ଭୂମିକା ତିଆରି କରାଯିବ । ମାନ୍ଦ୍ରାଜ ଉପକୂଳରେ ଓ୍ବରଟି ଜାଗାରେ ଭୂମିକାର ନାମ ଦିଆହେଲା । ଓଡ଼ିଶା ପାଇଁ ମୋ ଦଳ (ତାଳଚେର ଦଳ) ବ୍ୟତୀତ ତାଙ୍କର କେହି ପରିଚିତ ନ ଥିଲେ; ତେଣୁ ଓଡ଼ିଶାର ଭାର ମୁଁ ନେଲି । ମୁଁ କହିଲି, ଉପକୂଳରେ ଆମର କେହି ବିଶ୍ୱାସ ପରିଚିତ୍ତ ଲୋକ ନାହାନ୍ତି । ଓଡ଼ିଶାର ପ୍ରାୟ ସମସ୍ତେ ଜେଲରେ ଆବଦ୍ଧ । ତେଣୁ ଓଡ଼ିଶା ଗଡ଼ଜାତରେ ଯଦି ତାଳଚେର, ପାଲଲହଡ଼ା କିମ୍ବା ଢେଙ୍କାନାଳରେ ଭୂମିକା ତିଆରି ହେବ, ତେବେ ମୁଁ ତାର ସଂଗଠନ କରିବି । ମୋ ପ୍ରସ୍ତାବ ଗୃହୀତ ହେଲା । ଏହି ଦୁଇ ଖବର ନେଇ ମୁଁ ଦ୍ୱିତୀୟ ଥର ବ୍ରହ୍ମ ଅଭିମୁଖେ ଗମନ କଲି ।

ଏଥର ମୋତେ ଯିବାକୁ ଆଉ କଷ୍ଟ ହେଲନାହିଁ । ମୁଁ ସିଧା ଚିନ-ସୁକିଆ ଗଲି । ଗୋଟିଏ false pass port ମଧ୍ୟ ସଂଗ୍ରହ କରିଥିଲି । ତେଣୁ ଷ୍ଟେସନ ପାର ହୋଇଗଲି । ପୂର୍ବଥର ୨୧୩ ଜଣ ଜାତୀୟବାଦୀଙ୍କ ସଙ୍ଗେ ପରିଚିତ ହୋଇଥିଲି । ତାଙ୍କ ଜରିଆରେ ଶଙ୍କର ବରୁଆଙ୍କର ସାକ୍ଷାତ ହେଲା । କିନ୍ତୁ ଏ ଥର ଚିନସୁକିଆଠାରୁ ବାକି ୩୦ ମାଇଲ ଯିବାରେ ବେଶି କଷ୍ଟ ଓ ବିପଦ ହେଲା । ଯାହାହେଉ, ବଡ଼ କଷ୍ଟରେ ୧୮ ମାଇଲ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ପଛେ ପଛେ ଗଲି । ମୋତେ ଦୁଇ ଦିନ ଲାଗିଲା; ଯେହେତୁ ମିଳିଟାରି ତତ୍ପରତା ଓ ନିରୀକ୍ଷଣ ପୂର୍ବଥର ଅପେକ୍ଷା ଏତେବେଳକୁ ଅଧିକତର ସୁସମ୍ବଦ୍ଧ ଥିଲା ଏବଂ ସୈନ୍ୟ ଅଧିକ ସଂଖ୍ୟାରେ ନିଯୁକ୍ତ ଥିଲେ ।

ଏହି ଦୁଇଦିନ ମଧ୍ୟରୁ ଦିନେ ରାତିରେ ଏକାକୀ ଜଙ୍ଗଲରେ ଶୋଇଲି । ତା ଆରଦିନ ନଗା ପହଁରି ପ୍ରାୟ ସନ୍ଧ୍ୟା ୭ଟାରେ ନିର୍ଦ୍ଦିଷ୍ଟ ଗ୍ରାମରେ ପହଞ୍ଚିଲି । ପରିଚିତ ଭଦ୍ରବ୍ୟକ୍ତି ଘରେ ଥିଲେ । ଗାଧୁଆପାଧୁଆ ପରେ ଭୋଜନ ହେଲା । ତାପରେ ସୁଭାଷ ବାବୁ ଓ ତାଙ୍କ ସୈନ୍ୟଙ୍କ କଥାବାର୍ତ୍ତା ହେଲା । ଭଦ୍ରବ୍ୟକ୍ତି କହିଲେ, ବର୍ତ୍ତମାନ ଏ ଅଞ୍ଚଳ ଆଉ ଜାପାନୀ ପ୍ରଭାବିତ ଅଞ୍ଚଳ ନୁହେଁ । ମିତ୍ରପକ୍ଷର ତତ୍ପରତା ଯୋଗୁଁ ଗଲା ୨୮ ଦିନ ହେଲା କେହି ଗୋଟିଏ ହେଲେ ସୈନ୍ୟ ଆସିନାହାନ୍ତି । ତେବେ କାଲିକି ଖବର ସଂଗ୍ରହ ଉଦ୍ଦେଶ୍ୟରେ ସେମାନେ ଆସିପାରନ୍ତି । କଣ ଖବର ଅଛି ? ଯଦି ମୌଖିକ ଥାଏ ତେବେ ତାହା ଆଜି ମଧ୍ୟ ଲେଖିପକାନ୍ତୁ ।

Digitized by PPRACHIN, SOA

ଲେଖିବାର ସମସ୍ତ ସୁବିଧା କରିଦିଆଗଲା । ଏଥର ବେଶି ଲେଖିବାର କିଛି ନ ଥିଲା । ଓଡ଼ିଶା ରାଜନୈତିକ ସ୍ଥିତି ବିଷୟରେ ସୁଭାଷ ବାବୁଙ୍କୁ ମୁଁ ଏକ ବିଶେଷ ଏବଂ ପୂର୍ଣ୍ଣ ଚିତ୍ର ଦେଲି । ତାଙ୍କର ଓଡ଼ିଶାରେ ଜନ୍ମ ଏବଂ ସେ ଜଣେ ଓଡ଼ିଶାବାସୀ ବୋଲି ତାଙ୍କୁ ଅଭିନନ୍ଦନ ଦେଲି । ତା ପରେ ମୋର ପରିଚୟ ସଂକ୍ଷେପରେ ବର୍ଣ୍ଣନା କଲି । ଅନ୍ୟାନ୍ୟ କଥା ମଧ୍ୟରେ ମୁଁ ଲେଖିଥିଲି ୧୯୪୨ ଆନ୍ଦୋଳନ ସମ୍ପର୍କରେ ପ୍ରାୟ ବଡ଼ ସମସ୍ତ ନେତା ଓ କର୍ମୀ ଏକ୍ଷଣି ଜେଲରେ ଆବଦ୍ଧ । ତେଣୁ କୌଣସି ସକ୍ରିୟ ଓ ଆଗୁଆ କଂଗ୍ରେସ ବ୍ୟକ୍ତି ବାହାରେ ନାହାନ୍ତି । ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଯଦୁମଣି ମଙ୍ଗରାଜ ଓଗେର କଂଗ୍ରେସରୁ ଅଲଗା ରହି ବ୍ରିଟିଶ ସରକାରଙ୍କ ଯୁଦ୍ଧକୁ ସମର୍ଥନ କରୁଛନ୍ତି । ଶୁଣିବାକୁ ପାଉଛି ଯେ, ସେମାନେ ଆପଣଙ୍କ ଅପେକ୍ଷାରେ ଅଛନ୍ତି; କିନ୍ତୁ ଯୁଗାନ୍ତର ଗ୍ରୁପ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ସେମାନଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖାଯାଇପାରିବ କି ନାହିଁ ମୁଁ କହିପାରିବି ନାହିଁ । କିନ୍ତୁ କେନ୍ଦ୍ର ଓଡ଼ିଶା ପାଇଁ ଏକ ସୁଦୃଢ଼ ଓ ବ୍ୟାପକ ଭୂମିକା ନିର୍ମାଣ କରିବାର ଭାର ମୁଁ ଏବଂ ମୋର ଦଳ ନେବାକୁ ରାଜି ହୋଇଛୁ । ଚିଠିରେ ଲେଖିଲି, "ଆମ ତାଳଚେର ପ୍ରାକୃତିକ ଓଡ଼ିଶାର କେନ୍ଦ୍ର ସ୍ଥଳରେ । କଟକ ସଙ୍ଗେ ଟ୍ରେନ ଏବଂ ମଟର ରାସ୍ତାଦ୍ୱାରା ସୁସମ୍ବନ୍ଧ । ଟାଉନ ପାଖରେ ଗୋଟିଏ ବଡ଼ ଏରୋଡ୍ରମ ଅଛି । କିନ୍ତୁ ବାଲୁକାମୟ ଜାଣି ମିତ୍ରପକ୍ଷ ତାହା ବ୍ୟବହାର କରି-ନାହାନ୍ତି । ବଙ୍ଗୋପସାଗରରୁ ବ୍ରାହ୍ମଣୀ ନଦୀ କୂଳେ କୂଳେ ବ୍ୟୋମଯାନରେ ଉଡ଼ି ତାଳଚେରର ଉକ୍ତ ପଡ଼ିଆରେ ବା ଅନ୍ୟ କୌଣସି ଜାଗାରେ ବା ଢେଙ୍କାନାଳ ଓ ପାଲଲହଡ଼ାର ଯେକୌଣସି ସ୍ଥାନରେ ଓହ୍ଲାଇପଡ଼ିଲେ ଆମ ଲୋକେ ସୈନ୍ୟମାନଙ୍କୁ ଆଗ୍ରହର ସହିତ ଗ୍ରହଣ କରିବେ । କାରଣ ୧୯୪୨ ଆନ୍ଦୋଳନ ସମ୍ପର୍କରେ ରାଜାର ଅତ୍ୟାଚାରରେ ପ୍ରଜା ଏତେ ଦୂର ଉତ୍‌କ୍ଷିପ୍ତ ଯେ ସେମାନେ ଆପଣଙ୍କ ସୈନ୍ୟ ବୋଲି ଜାଣିଲେ ପୂର୍ଣ୍ଣପ୍ରାଣରେ ସହାନୁଭୂତି ଜଣାଇ ସହଯୋଗ କରିବେ । ସୈନ୍ୟମାନଙ୍କ ସଙ୍ଗେ ମୁଁ ନିଜେ କିମ୍ବା ମୋର ଫେରାର ସହକର୍ମୀମାନଙ୍କ ମଧ୍ୟରୁ ଦୁଇ ତିନି ଜଣ ଯଦି ସାଙ୍ଗ ହୋଇ ଓହ୍ଲାଇ ପଡ଼ନ୍ତେ, ତେବେ କାର୍ଯ୍ୟ ସଂପୂର୍ଣ୍ଣ ସୁଗମ ଓ ନିରାପଦ ହୁଅନ୍ତା । ଆପଣଙ୍କର ହୁକୁମ ହେଲେ ମୁଁ ନିଜେ କିମ୍ବା ମୋର ସଙ୍ଗୀମାନେ ଯିବାକୁ ପ୍ରସ୍ତୁତ । ମୁଁ ଆପଣଙ୍କୁ ନିର୍ଭର ଆଶ୍ୱାସନା ଦେଇ-

Digitized by PPRACHIN, SOA

କରୁଛି, ଯଦି ୫୦୦ ସୈନ୍ୟ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସହ ଓହ୍ଲାଇ-ପଡ଼ନ୍ତି, ତେବେ ମୁଁ ସେମାନଙ୍କୁ ନିରାପଦରେ ରଖିନେବି, ଖାଇବା ପିନ୍ଧିବାର ବନ୍ଦୋବସ୍ତ କରିପାରିବି ଏବଂ ଏକମାସ ମଧ୍ୟରେ ଅନୁଗୋଳ ସମେତ ଏହାର ଚତୁଃପାର୍ଶ୍ବବର୍ତ୍ତୀ ତାଳଚେର, ପାଲଲହଡ଼ା, ଢେଙ୍କାନାଳ, କେନ୍ଦୁଝର, ବଣାଇ, ବାମଣ୍ଡା, ରେଢ଼ାଖୋଲ, ଆଠମଲ୍ଲିକ, ଦଶପଲ୍ଲା, ନରସିଂହପୁର, ହିନ୍ଦୋଳ ପ୍ରଭୃତି ଷ୍ଟେଟ ସବୁ ଅଧିକାର କରି ଓଡ଼ିଶା ମୁକ୍ତିର ଏକ ସୁଦୃଢ଼ ଓ ଅଭେଦ୍ୟ ଭୂମିକା ତିଆରି କରିନେବୁ । ସୁଶିକ୍ଷିତ ପାଞ୍ଚଶତ ସୈନ୍ୟ ହେଲେ ଆମେ ସ୍ୱେଚ୍ଛାସେବକ ବାହିନୀ ହଜାର ହଜାର ସଂଖ୍ୟାରେ ସୃଷ୍ଟି କରିବୁ । ଦୁର୍ବଳ ରାଜାମାନଙ୍କୁ ଅନାୟାସରେ ପରାସ୍ତ କରି ତାଙ୍କଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ଆଣି ତାହା ବ୍ୟବହାର କରିବୁ । ଏହି ସୈନ୍ୟମାନଙ୍କ ସାହାଯ୍ୟରେ ସମଗ୍ର ଓଡ଼ିଶା ଜୟ କରି ମଧ୍ୟପ୍ରଦେଶ ଓ ବିହାର ମୁକ୍ତି ପାଇଁ ଆପଣ ଓଡ଼ିଶାକୁ ଭୂମିକା କରିପାରିବେ ।

ଆପଣଙ୍କ ସାଧନାର ସଫଳତା ଆଶା କରି ଅନୁମତି ଅପେକ୍ଷାରେ ରହିଲି । ଇତି ।

ସ୍ନେହର ରାମଚନ୍ଦ୍ର
(ମୋର ଗୁପ୍ତ ନାମ ରାମଚନ୍ଦ୍ର ଥିଲା)

ଖବର, ମୋର ଏ ବିଶେଷ ଚିଠି ଏବଂ ମୋ ହାତ ତିଆରି ଓଡ଼ିଶାର ଗୋଟିଏ ବିଶେଷ ମାନଚିତ୍ର ସହ ଉକ୍ତ ବ୍ୟକ୍ତିକୁ ଦେଲି । ଜାପାନୀ ଓ ଆଜାଦ୍ ହିନ୍ଦ୍ ଫୌଜ କ୍ୟାମ୍ପକୁ ଖବର ଦିଆଗଲା । କିନ୍ତୁ ମିତ୍ରପକ୍ଷର ତତ୍ପରତାବଶତଃ ୫ ଦିନ ପର୍ଯ୍ୟନ୍ତ କେହି ଆସିପାରିଲେ ନାହିଁ । ଇତି-ମଧ୍ୟରେ ମିତ୍ରପକ୍ଷର ଚରମାନେ ମୋର ଅସ୍ତିତ୍ୱ ଜାଣିଗଲେ । ଜଣାଗଲା, ସେମାନେ ମୋତେ ଜବରଦସ୍ତ ଧରିନେଇ ମିତ୍ରପକ୍ଷ ସେନା ହାତରେ ଅର୍ପଣ କରିବେ; କାରଣ ସେତେବେଳେ ସେ ଅଞ୍ଚଳରେ ସିଭିଲ୍ କମ୍ପା ମିଲିଟାରି ସରକାର ନ ଥିଲା । ଏହି ଆଶଙ୍କାରୁ ମୁଁ ଯାହା ଘରେ ଥିଲି, ତାଙ୍କ ଉପଦେଶ ଅନୁସାରେ ସେଠାରୁ ତିନସୁକିଆ ପଳାଇ ଆସିଲି । ସେଠାରେ ୭।୭ ଦିନ ଅପେକ୍ଷା କଲି, କୌଣସି ଉତ୍ତର ଆସିଲା ନାହିଁ । ତେଣୁ କଲିକତା ଫେରି ଆସି ଏସବୁ ଖବର ଦେଲି ।

Digitized by PPRACHIN, SOA

ମୋର ଏ ଚିଠି ପାଇ ସୁଭାଷ ବାବୁ ଜରୁରୀ ଖବର ଦେଲେ ଯେ, ମୁଁ କୌଣସି ଉପାୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବ । ମୁଁ ଯଦି ମିତ୍ରପକ୍ଷ ଲାଇନ ଅତିକ୍ରମ କରି ଯାଏ ପୂର୍ବ ଥର ପରି ଖବର ଦେଇ ପରେ ଫେରି ନ ଆସି ତାଙ୍କ ସୈନ୍ୟଙ୍କ ସଙ୍ଗେ ଶିବିରକୁ ଯିବ । ମୋତେ ସୁଭାଷ ବାବୁଙ୍କ ନିକଟକୁ ନେଇଯିବାର ଆଶୁ ବନ୍ଦୋବସ୍ତ ସେମାନେ କରିବେ ବୋଲି ମଧ୍ୟ ହୁକୁମ ଦେଇଥିଲେ ।

ସୁଭାଷ ବାବୁଙ୍କଠାରୁ ଡାକରା

(ତୃତୀୟ ବାର ସୁଭାଷ ବାବୁଙ୍କ ସଙ୍ଗେ ସାକ୍ଷାତ ଉଦ୍ଦେଶ୍ୟରେ ଗମନ)

ସୁଭାଷ ବାବୁଙ୍କ ଡାକରା ଖବର ଶୁଣି ମୋର ପୁଣି ତୃତୀୟ ଥର ଯିବାର କଥା ଉଠିଲା । ଏଥର ମୁଁ ମୋର ସଙ୍ଗରେ ମୋ ସାଥୀ ମଧ୍ୟରୁ ଜଣକୁ ନେଇ ଯିବ ବୋଲି ସ୍ଥିର କଲି; କାରଣ ଆସାମୀମାନେ ମୋ ସଙ୍ଗେ ଯିବାକୁ ନାରାଜ । ସେଠାର ନେତା ଓ କର୍ମୀମାନେ ମଧ୍ୟ ଏ ଦିଗରେ ବ୍ୟଗ୍ର ଓ ଉତ୍ସୁକ ନ ଥାନ୍ତି । ଖବର ଆସିଲା ତିନସୁକିଆ-ମାର୍ଗାରେଟା ସମ୍ପର୍କ ମିତ୍ରପକ୍ଷକୁ ଜଣାପଡ଼ିଗଲା । ମୁଁ ଯେଉଁ ଯେଉଁ ବ୍ୟକ୍ତିମାନଙ୍କ ଜରିଆରେ ଯାଇଥିଲି ସେମାନେ ସମସ୍ତେ ଗିରଫ୍‌ଦାର ହେଲେ । କଡ଼ା ହୁକୁମ ଆସିଲା ଯେ ମୁଁ ରାସ୍ତାରେ ଗଲେ ନିଶ୍ଚେ ଧରାପଡ଼ିବ । ମୁଁ ଡିମାପୁର ଷ୍ଟେସନଠାରୁ ନାଗା ଜଙ୍ଗଲର ମଣିପୁର ରୋଡ଼ ଅଧିକାର କରିଥିବା ଜାପାନୀ ସୈନ୍ୟମାନଙ୍କ ଲାଇନକୁ ପଳାଇଯିବାର ଚେଷ୍ଟା ଓ କଳ୍ପନା କଲି । ଆମର ଆସାମୀ ବନ୍ଧୁମାନେ ଏ ରାସ୍ତାରେ ଚେଷ୍ଟା କରିବାର ନିଶ୍ଚିତ ମୃତ୍ୟୁ-ଆଶଙ୍କା ଜଣାଇ-ଦେଲେ ଏବଂ ସେମାନେ ସେ ଦିଗରେ କିଛି କରିବେ ନାହିଁ ବୋଲି ପରିଷ୍କାର କହିଦେଲେ । ଏଥିରେ ଜ୍ଞାନବାବୁ ଓ ତାଙ୍କ ବନ୍ଧୁମାନେ ଅତ୍ୟନ୍ତ ହତାଶ ଓ ଦୁଃଖିତ ହେଲେ । ବ୍ରହ୍ମପୁତ୍ର ଉପତ୍ୟକା ଦେଇ ଯିବାର ସମସ୍ତ ରାସ୍ତା ବନ୍ଦ ଜାଣି ସୁର୍ମା ଉପତ୍ୟକା ବାଟେ ପଠାଇବାର ଚେଷ୍ଟା କଲେ ।

ଆସାମର ଶିଲଚର ଟାଉନର ଜଣେ ପୁରୁଣା କଂଗ୍ରେସ ନେତା ଥାନ୍ତି । ତାଙ୍କର ନାମ ସତ୍ୟେନ୍ଦ୍ରନାଥ ଦେବ । ତାଙ୍କର ଅନ୍ୟ ଭାଇଙ୍କ ନାମ ଧୀରେନ୍ଦ୍ରନାଥ ଦେବ । ତାଙ୍କର ଚା ବଗିଚା, ଜମିଦାରୀ ଓ ବ୍ୟବସାୟ ଅଛି ।

Digitized by PPRACHIN, SOA

ସେ ସିଲଚରର ଜିଲ୍ଲା ବୋର୍ଡ଼ର ଚେୟାରମ୍ୟାନ ଥିଲେ । ତାଙ୍କ ବଂଶର ସ୍ତ୍ରୀ ପୁରୁଷ ସମସ୍ତେ ଜାତୀୟବାଦୀ । ସତ୍ୟେନ୍ଦ୍ର ବାବୁଙ୍କର ଜଣେ ପୁତୁରା ମିଲିଟାରୀ ଡାକ୍ତର ଓ ଆଉ ଜଣେ ପୁତୁରା ବ୍ୟୋମଯାନ ଡ୍ରାଇଭରରୂପେ ସାମରିକ ବିଭାଗରେ କାମ କରୁଥାନ୍ତି । ଏ ଦୁଇଜଣ ପ୍ରତ୍ୟେକ ଦିନ ଆଗୁଆ ଯୁଦ୍ଧକ୍ଷେତ୍ର ଓ ସୈନ୍ୟ ଲାଇନକୁ ବ୍ୟୋମଯାନରେ ଯାଇ କାମ କରୁଥାନ୍ତି ।

ସିଲଚରର ଏହି ସତ୍ୟେନ୍ଦ୍ରନାଥ ଦେବଙ୍କ ଜରିଆରେ ସୁଭାଷ ବାବୁଙ୍କ ନିକଟକୁ ଯାଇ ବ୍ୟକ୍ତିଗତ କଥାବାର୍ତ୍ତା କରିବାର ବନ୍ଦୋବସ୍ତ ନିୟୋଗୀ ବାବୁ କରିଦେଲେ । ତାଙ୍କ ନିକଟକୁ ଆମମାନଙ୍କର ପରିଚୟପତ୍ର ଦେଲେ । କିନ୍ତୁ ଆଗରୁ ସେ ନିଜେ ବ୍ୟକ୍ତିଗତ ଭାବରେ ଆମ୍ଭମାନଙ୍କ ବିଷୟରେ କହିଦେଇଥିଲେ । ତାଙ୍କଠାରୁ କୌଣସି ସାହାଯ୍ୟ ନ ପାଇଲେ ଆମେ ଦୁଇ ଜଣ କମ୍ପାସ ସାହାଯ୍ୟରେ ପୂର୍ବ ଦିଗକୁ ଲକ୍ଷ୍ୟ କରି ଯାତ୍ରା କରିବୁ । ଯାତ୍ରାରେ ହିଂସ୍ରଜନ୍ତୁ, ସରୀସୃପ, ଖାଦ୍ୟାଭାବ, ରୋଗବ୍ୟାଧି କିମ୍ବା ମିତ୍ରପକ୍ଷର ସୈନ୍ୟମାନଙ୍କଦ୍ୱାରା ମରିବୁ ପଛକେ ପଛକୁ ହଟି ଆସିବୁ ନାହିଁ । ଏହି ଦୃଢ଼ ଧାରଣା ମନରେ ପୋଷଣ କରି ବାହାରିଲୁ । ଏଥର ମୋ ସଙ୍ଗରେ ମୋର ସାଥିମାନଙ୍କ ମଧ୍ୟରୁ ଜଣକୁ ସଙ୍ଗରେ ନେବାର ଅନୁମତି ମିଳିଲା । ମୁକୁନ୍ଦ ଅପେକ୍ଷା ସାଥି ଫିରଙ୍ଗି ଏବଂ ଗାଣ୍ଡୁ ବୟସ୍କବଶତଃ ଅପେକ୍ଷାକୃତ ଜ୍ଞାନୀ । ଜ୍ଞାନର ପକ୍ୱତା ଅନେକ ସମୟରେ ଦୁର୍ଦ୍ଧର୍ଷ କାମରେ ବାଧା ପହଞ୍ଚାଏ । ତେଣୁ ସମସ୍ତଙ୍କଠାରୁ କନିଷ୍ଠ ଏବଂ ଯେ କୌଣସି ମୁହୂର୍ତ୍ତରେ ଆଗପଛ ବିଚାର ନ କରି ବିପଦର ସମ୍ମୁଖୀନ ହେବାକୁ ସର୍ବଦା ପ୍ରସ୍ତୁତ ସଙ୍ଗୀ ମୁକୁନ୍ଦକୁ ସଙ୍ଗରେ ନେଲି । ପୂର୍ବଥର ପରି ମୁସଲମାନ କଣ୍ଟ୍ରାକ୍ଟର ଭାବେ ଯିବାର ବେଶ ସାଜିଲୁ । ଜ୍ଞାନବାବୁଙ୍କଠାରୁ ପରିଚୟପତ୍ର ନେଇ ସୁର୍ମା ମେଲରେ ସିଆଳଦହ ଷ୍ଟେସନଠାରୁ ସିଲଚର ଅଭିମୁଖେ ଯାତ୍ରା କଲୁ । ସଙ୍ଗୀ ଫିରଙ୍ଗି ଓ ଗାଣ୍ଡୁ ଆମ ଦୁଇଜଣଙ୍କୁ ବିଦାୟ ଦେଇ ଆନନ୍ଦାଶ୍ରୁ ଜନିତ ଛଳ ଛଳ ନୟନରେ ନିଜ ନିଜ ଶିକ୍ଷାକେନ୍ଦ୍ରକୁ ଫେରି ଆସିଲେ ।

ଦ୍ୱିତୀୟ ଦିନ ବାରଟା ବେଳେ ସୁର୍ମା ମେଲ ସିଲଚରଠାରେ ପହଞ୍ଚିଲା । ସିଲଚର ଷ୍ଟେସନ ଉକ୍ତ ଲାଇନର ଶେଷ ଷ୍ଟେସନ । ସେହିଠାରୁ ଲାଇନ ଶେଷ । ଆମ୍ଭେମାନେ ଟ୍ରେନରୁ ଓହ୍ଲାଇ ପ୍ରଥମେ ହୋଟେଲରେ

Digitized by PPRACHIN, SOA

ରହିଲୁ । ସିଲଚର ଟାଉନ ମିଲିଟାରୀ ପୋଲିସର ଶାସନାଧୀନରେ ଥିଲା । ପହଞ୍ଚିଲା ମାତ୍ରେ ମିଲିଟାରୀ ପୋଲିସ ନାମ, ଧାମ, ସେଠାକୁ ଯିବାର ଉଦ୍ଦେଶ୍ୟ ସବୁ ଲେଖିନେଲା । ହୋଟେଲ ମାନେଜର ମଧ୍ୟ ଏ ସବୁ ତା' ଖାତାରେ ଲେଖି ପୋଲିସକୁ ରିପୋର୍ଟ କରିଦେଲା । ସିଲଚର ଯିବାର ଉଦ୍ଦେଶ୍ୟ ସମ୍ପର୍କରେ ଆମେ କହିଲୁ, "ଅମୁକ ଟି ବାଗନାରେ ଆମର ଲୋକ ରହନ୍ତି । ସେମାନେ ୪।୫ ଦିନ ପରେ କଲିକତାରୁ ଆସିବେ, ସେମାନେ ଆସିଲେ ଆମେ ଏଠାରୁ ସାଥି ହୋଇ ଟି ବଗିଚାକୁ ଯାଇ ସେଠାରେ କାମ କରିବୁ ।" ମୁସଲମାନ ମିଲିଟାରୀ କଣ୍ଟ୍ରାକ୍ଟର ବୋଲି ଛଳନା କରିବା କଥା କେବଳ ରାସ୍ତାରେ ଗଲାବେଳେ କମ୍ବା କୌଣସି ଗ୍ରାମରେ ପହଞ୍ଚିଲା ବେଳେ କହିବୁ ବୋଲି ସ୍ଥିର କରିଥିଲୁ । ଏଠାରେ ମୁସଲମାନ କଣ୍ଟ୍ରାକ୍ଟର କହିଲେ ହୋଟେଲରେ ଜାଗା ମିଳି ନ ଥାନ୍ତା ଏବଂ ସତ୍ୟେନ୍ଦ୍ରନାଥ ଦେବଙ୍କ ଘରକୁ ଯିବା ଆସିବାରେ ପୋଲିସର ସନ୍ଦେହ ହୋଇଥାନ୍ତା ।

ସେହିଦିନ ସନ୍ଧ୍ୟାରେ ସତ୍ୟେନ୍ଦ୍ର ବାବୁଙ୍କୁ ସାକ୍ଷାତ କଲୁ । ସେ ଆମ୍ଭମାନଙ୍କଠାରୁ ସବୁ କଥା ଶୁଣିଗଲେ । ଆମ୍ଭମାନଙ୍କ ଯିବାର ଉପାୟ ଖୋଜିଲେ । ଆମ୍ଭମାନଙ୍କୁ ପଚାରିଲେ, "ଆପଣମାନେ କପରି ଉପାୟରେ ଯିବାର ସ୍ଥିର କରିଛନ୍ତି ।" ମୁଁ ଉତ୍ତର ଦେଲି, "ଏଠାରୁ ଜାପାନୀ ଲାଇନ ପ୍ରାୟ ୭୦।୭୫ ମାଇଲ ଦୂରରେ । ଆମ୍ଭେମାନେ ଜାପାନୀ ଲାଇନକୁ ଯଦି କୌଣସି ପ୍ରକାର ପଳାଇଯାଉ, ତେବେ ସେମାନେ ଆମକୁ ସୁଭାଷ ବାବୁଙ୍କ ପାଖକୁ ପଠାଇଦେବେ । ଆମ୍ଭେମାନେ ରାସ୍ତା, ଘାଟ, ବାଟ ଜାଣୁ ନାହିଁ । ଆପଣ ତାର ବନ୍ଦୋବସ୍ତ କରିଦେବେ ବୋଲି ଆଶା । ଏହା ବ୍ୟତୀତ ଅନ୍ୟ ସହଜ ଉପାୟରେ ଅର୍ଥାତ୍ ମିଲିଟାରୀ ଲୋକଭବେ ମଧ୍ୟ ଯିବାର କଳ୍ପନା ଅଛି । ସେ ଦିଗରେ ଆପଣ ମଧ୍ୟ ସାହାଯ୍ୟ ଓ ପରାମର୍ଶ ଦେବେ ବୋଲି ଜ୍ଞାନ ବାବୁ କହିଛନ୍ତି ।" ସେ କହିଲେ, "ତୁମ୍ଭେମାନେ ଯଦି ରାସ୍ତା ବାଟ ଘାଟ ଜାଣିବାକୁ ଚାହୁଁଛ, ମୁଁ ମାନଚିତ୍ର ଦେଉଛି । ଏଠାରୁ ୨୫ ମାଇଲ ପର୍ଯ୍ୟନ୍ତ ଲୋକ ଦେବି । କିନ୍ତୁ ତା ପରେ ତୁମେ ନିଜ ଦାୟିତ୍ୱରେ ଯିବ । ୨୫ ମାଇଲ ପରଠାରୁ ନିଜ ଦାୟିତ୍ୱରେ କପରି ଯିବ ?" ମୁଁ କହିଲି, "ମୁସଲମାନ କଣ୍ଟ୍ରାକ୍ଟର ବେଶରେ ଗୋପନରେ ଯିବୁ । ୭୫ ମାଇଲରୁ ୨୫ ମାଇଲ

Digitized by PPRACHIN, SOA

ଆପଣ ବନ୍ଦୋବସ୍ତ କରିଦେଲେ ବାକୀ ୩୫।୪୦ ମାଇଲ ଆମେ ଦୁଇ ଜଣ ଜଙ୍ଗଲରେ ଏବଂ ଧାନକ୍ଷେତ୍ରରେ ଗୁରୁଣ୍ଡି ଗୁରୁଣ୍ଡି ୫।୭ ଦିନରେ ପଳାଇ-ଯିବୁ । ନଦୀ ନାଳ ପଡ଼ିଲେ ପହଁରିଯିବୁ । ପର୍ବତ ପଡ଼ିଲେ ପାର ହୋଇଯିବୁ । ଦିଗ ଜାଣିବାକୁ ଆମ ପାଖରେ କମ୍ପାସ ଅଛି । ୫।୭ ଦିନ ପାଇଁ ୫।୭ ସେର ଚୁଡ଼ା ନେଇ ଯିବୁ । ରାତି ହେଲେ ଜଙ୍ଗଲରେ ଶୋଇ ପଡ଼ିବୁ ।" ଆମର ଏ ଦୁଃସାହସ ଦେଖି ସେ କହିଲେ, "ଆପଣମାନେ କାଲି ଅପେକ୍ଷା କରନ୍ତୁ । ମୁଁ ମିଲିଟାରୀ ବିଭାଗରେ କାମ କରୁଥିବା ଅଫିସରଙ୍କ ସଙ୍ଗେ କଥାବାର୍ତ୍ତା କରେଁ । ଯଦି ସେମାନେ କହିବେ ଯେ, ସେ ଉପାୟଦ୍ୱାରା ତୁମ୍ଭେ ସଫଳ ହେବାର ଏକ ଅଣା ଅଶା ଅଛି, ତେବେ ମୁଁ ଅନୁମତି ଦେଇପାରେ ।"

ଦ୍ୱିତୀୟ ଦିନ ସତ୍ୟେନ୍ଦ୍ର ବାବୁ ସିଲେଟ ଗଲେ । ସେଠାରେ ଏକ ଦିନ ରହି ତାଙ୍କ ସାନଭାଇ ଓକିଲ ଧୀରେନ ବାବୁ ଓ ମିଲିଟାରୀ ଡାକ୍ତର ଏବଂ ମିଲିଟାରୀ ପାଇଲଟ୍ (ବ୍ୟୋମଯାନ ଡ୍ରାଇଭର) କାମ କରୁଥିବା ତାଙ୍କର ଜଣ ପୁତୁରାଙ୍କ ସଙ୍ଗେ ଏ ବିଷୟରେ ଆଲୋଚନା କଲେ । ଏ ତିନି ଜଣ ତୃତୀୟ ଦିନ ୫ଟା ବେଳେ ସିଲଚର ଆସି ଆମ୍ଭମାନଙ୍କ ସଙ୍ଗେ କଥା ହେବେ ବୋଲି ନିର୍ଦ୍ଦିଷ୍ଟ କଲେ ।

ଚତୁର୍ଥ ଦିନ ୫ଟା ବେଳେ ଆମ ଦୁଇଜଣଙ୍କୁ ସତ୍ୟେନ୍ଦ୍ର ବାବୁଙ୍କ ବୈଠକଖାନାକୁ ଡକାଇ ନିଆଗଲା । ମୁଁ ଯାଇ ଦେଖେତ ପୂର୍ଣ୍ଣ ମିଲିଟାରୀ ଡ୍ରେସ ପିନ୍ଧି ଦୁଇଜଣ ଯୁବକ ଅଫିସର ବସିଥାନ୍ତି । ସେମାନଙ୍କୁ ଦେଖିଲାକ୍ଷଣି ମୋର ସତ୍ୟେନ୍ଦ୍ର ବାବୁଙ୍କ ପ୍ରତି ବିରକ୍ତି ଓ ସନ୍ଦେହ ଆସିଲା । କିନ୍ତୁ ନମସ୍କାର କରିସାରିଲା ପରେ ସତ୍ୟେନ୍ଦ୍ର ବାବୁ ଆମ ଦୁଇ ଜଣଙ୍କୁ ତାଙ୍କର ସାନଭାଇ ଓ ଦୁଇଜଣ ମିଲିଟାରୀ ପୁତୁରାଙ୍କ ସହିତ ପରିଚୟ କରାଇ-ଦେଲେ ।

ମିଲିଟାରୀ ଅଫିସର ଦୁଇଜଣ ଆମ୍ଭମାନଙ୍କୁ କହିଲେ, "ଆପଣ-ମାନଙ୍କର ଉଦ୍ଦେଶ୍ୟ ବଡ଼ ମହତ୍ । କିନ୍ତୁ ଉଦ୍ଦେଶ୍ୟ ସାଧନରେ ବିପତ୍ତି ସୁନିଶ୍ଚିତ । ଆପଣଙ୍କର ଯିବାର ପ୍ଲାନ ବା କୌଶଳ ବଡ଼ବାପାଙ୍କଠାରୁ ଶୁଣିଛୁ । କିନ୍ତୁ ସେ ପ୍ଲାନକୁ ଆମ୍ଭେମାନେ ପସନ୍ଦ କରୁନାହୁଁ । କାରଣ ଗତ ଏକ ମାସ ମଧ୍ୟରେ ମିତ୍ରପକ୍ଷର ଲାଇନ ଏତେ ସୁସମ୍ବଦ୍ଧ, ବ୍ୟୂହ ଏତେ

Digitized by PPRACHIN, SOA

ସୁସଂଗଠିତ ଓ ସମସ୍ତ ପ୍ରକାର ବାଟ ଘାଟ, ପର୍ବତ ପାହାଡ଼, ବଣ ଜଙ୍ଗଲ, ନଦୀ ନାଳ ମିଳଟାରୀଦ୍ୱାରା ଏପରି ସୁନିରୀକ୍ଷିତ ଯେ, ଯଦି ଗୋଟିଏ ମାଛି ଅନ୍ୟ ପକ୍ଷକୁ ଉଡ଼ିଯିବ, ତେବେ ସେ ମାଛିଟି ଜଣାପଡ଼ିଯିବ ଏବଂ ତାକୁ ବନ୍ଧୁକଦ୍ୱାରା ଗୁଳି କରି ମାରିଦିଆଯିବ । ଆମେ ମିଳଟାରୀ ବିଭାଗରେ କାମ କରୁଛୁ । ବ୍ୟୋମଯାନରେ ପ୍ରତ୍ୟେକ ଦିନ ଆଗୁଆ ଶିବିରକୁ ଯାଉଛୁ । ଅନ୍ୟ କାହା ଅପେକ୍ଷା ଏ ବିଷୟରେ ଆମର ମତ ସଠିକ ବୋଲି ମାନନ୍ତୁ । ବିଗବାରଣ କରି ବଣ ଜଙ୍ଗଲ ଧାନ କିଆରୀରେ ଗୁରୁଣ୍ଡି ଗୁରୁଣ୍ଡି ନଦୀ ନାଳ ପହଁରି ଏବଂ ପର୍ବତ ପାହାଡ଼ ଅତିକ୍ରମ କରି ଯିବାର କଳ୍ପନା ଛାଡ଼ିଦିଅନ୍ତୁ ; କାରଣ ଆପଣ ପାଞ୍ଚ ମାଇଲ ଏପରି ଅବସ୍ଥାରେ ଯାଇଥିବେ କି ନାହିଁ ଧରାପଡ଼ି ମରିଯିବେ । ଆପଣମାନେ ଏଠାରେ ଆଠ ଦଶ ଦିନ ରହନ୍ତୁ । ବ୍ୟୋମଯାନରେ ନେଇ ପାରାଚୁଟ ସାହାଯ୍ୟରେ ବ୍ରିଟିଶ ଲାଇନ ବାହାରେ ଆପଣମାନଙ୍କୁ ଓହ୍ଲାଇଦେବୁ । ସେଠାରୁ ଆପଣମାନେ ଜାପାନ ନିକଟକୁ ପଳାଇଯିବେ । ଆପଣମାନେ ଉଚ୍ଚ ଜାଗାରୁ ଡେଇଁବାର ଅଭ୍ୟାସ ରଖିଛନ୍ତି ତ ?" ଏ ପ୍ରଶ୍ନର ଉତ୍ତରରେ ତାଙ୍କ ବଡ଼ବାପା କହିଲେ, "ପବିତ୍ର ବାବୁ ବାର ଚଉଦ ହାତ ଉଚ୍ଚ ଜେଲ କାନ୍ଥ ଡେଇଁ ପଳାଇ ଆସିଛନ୍ତି ।" ଏକଥା ଶୁଣି ସେ କହିଲେ, "ତେବେ ପବିତ୍ରବାବୁ ପାରାଚୁଟରୁ ଓହ୍ଲାଇପାରିବେ ।" ଏକଥା କତାନ୍ତ ଗୋପନ ରଖିବାକୁ କହି ସେମାନେ କ୍ୟାମ୍ପକୁ ଚାଲିଗଲେ । ଅଳ୍ପକ୍ଷଣ ପରେ ଆମ୍ଭେମାନେ ବସାକୁ ଆସିଲୁ ।

ଦୁଇଦିନ ପରେ ସନ୍ଧ୍ୟା ୭ଟା ବେଳେ ଆମ୍ଭମାନଙ୍କୁ ପୁଣି ଡକରା ହେଲା । ବୈଠକ ଘରକୁ ଯାଇ ଦେଖିଲୁ ପୂର୍ବଦିନର ସେହି ଦୁଇଜଣ ମିଳଟାରୀ ଓ ସତ୍ୟେନ୍ଦ୍ର ବାବୁ ଏବଂ ତାଙ୍କ ସାନ ଭାଇ ଏପରି ଚାରିଜଣ ବସିଛନ୍ତି । ମିଳଟାରୀ ପାଇଲଟ୍ କହିଲେ, "ବ୍ୟୋମଯାନରେ କୌଣସି ପ୍ରକାରେ ନେଇ ପାରାଚୁଟଦ୍ୱାରା ବ୍ରିଟିଶ ଲାଇନ ବାହାରେ ଏମାନଙ୍କୁ ପକାଇଦେବାର ଚେଷ୍ଟା କଲି । କିନ୍ତୁ ମୋର ସହକାରୀ ପାଇଲଟଙ୍କଠାରେ ଯେତେବେଳେ ଏ ପ୍ରସ୍ତାବର କ୍ଷୀଣ ଆଭାସ ଦେଲି, ସେତେବେଳକୁ ସେ ଏପରି ଉତ୍ତେଜିତ ହୋଇ କହିବାକୁ ଲଗିଲେ ଯେ, ମୁଁ ଆଉ କିଛି କହିଲି ନାହିଁ । ସେ ବ୍ୟକ୍ତି ମୋର ଆସିଷ୍ଟାଣ୍ଟ ଥିବା ପର୍ଯ୍ୟନ୍ତ ମୋ ବ୍ୟୋମଯାନରେ ନେଇ ହେବ ନାହିଁ । ନେବାକୁ ଚେଷ୍ଟା କରିବା ମାନେ ସମସ୍ତେ ଧରାପଡ଼ି

Digitized by PPRACHIN, SOA

ଫାଶୀ ଯିବା । ଡାକ୍ତରବାବୁଙ୍କ ପ୍ଲେନ ଯେ ଚଳାନ୍ତି, ସେ ଜାଣିପୂବାଣି ଏବଂ ସାହସୀ । ଯେକୌଣସି ଜିନିଷ ଖାଦ୍ୟରୂପେ ନେଇପାରନ୍ତି । କିନ୍ତୁ ଏମାନଙ୍କୁ ଖାଦ୍ୟରୂପେ କିପରି ନିଆଯିବ ?" ଏକଥା ଶୁଣି ମୁଁ କହିଲି, "ସୈନ୍ୟ ଓ ଅଫିସରଙ୍କ ପାଇଁ ଖାଦ୍ୟ ବଡ଼ ବଡ଼ ବାକ୍ସରେ ଭର୍ତ୍ତି କରି ନିଆହେଉଥିବ । ଆମେ ଦୁଇ ଜଣ ଦୁଇଟା ବାକ୍ସରେ ଭର୍ତ୍ତି ହୋଇ ଖାଦ୍ୟରୂପେ ଯିବାକୁ ପ୍ରସ୍ତୁତ । ଏଥିପାଇଁ ଖାଦ୍ୟ ପ୍ୟାକ୍ କରିବା ଓ ବ୍ୟୋମ-ଯାନରେ ଖାଦ୍ୟ ଲଦିବା ଓ ଉତାରିବା ଦୁଇ ଚାରି ଜଣ କୁଲିଙ୍କୁ କିଛି ଟଙ୍କା ଲାଞ୍ଚ ଦେଇ କିମ୍ବା କୌଣସି ପ୍ରକାରେ ପ୍ରଭାବିତ କରି ଅଧୀନସ୍ଥ କରିବାକୁ ହେବ । ବାକ୍ସରେ ଆମକୁ ସାବଧାନରେ ଭର୍ତ୍ତି କରି ଢିଲା ଭାବରେ କଣ୍ଟା ଓ ପାତ ବାନ୍ଧିବେ । ଦୁଇ ଚାରି ଖଣ୍ଡ ପଟା ଢିଲା ରଖିଥିବେ । ଆମ ସଙ୍ଗେ ବଡ଼ ଛୁରୀ ଥିବ । ଆମକୁ ଆଗୁଆ ଶିବିରରେ ଖାଦ୍ୟ ଗୋଦାମରେ ଉତାରି ଦେଲା ପରେ ଆମ୍ଭେମାନେ ପାଖରେ ଥିବା ଛୁରୀ ସାହାଯ୍ୟରେ ବାକ୍ସର ପଟା କାଟି ପଳାଇଯିବୁ ।" ଏ ପ୍ରସ୍ତାବକୁ ଦୁଇ ଜଣ ପସନ୍ଦ କଲେ । କିନ୍ତୁ ସତ୍ୟେନ୍ଦ୍ର ବାବୁ ଓ ପାଇଲଟ ବାବୁ ଏହାକୁ ନାପସନ୍ଦ କଲେ । କିଛିକ୍ଷଣ ପରେ ଚିନ୍ତା କରି କହିଲେ, "ମିଳିଟାରି ଭାବରେ ମିତ୍ରପକ୍ଷର ନିଜ ଲୋକ ହୋଇ ଆଗୁଆ ଶିବିରକୁ ଯାଇ ସେଠାରୁ ଜାପାନୀ ଲାଇନକୁ ପଳାଇଯିବା ସବୁଠାରୁ ଉତ୍କୃଷ୍ଟ ଓ ନିରାପଦ ଉପାୟ । ତେଣୁ ସେହି ଉପାୟରେ ଚେଷ୍ଟା କରାଯାଉ । ସେଥିପାଇଁ ଆମକୁ କହିଲେ, "ଅମୁକ କଣ୍ଟ୍ରାକ୍ଟର ଆଗୁଆ ଶିବିରରେ କିଛି କୁଲି ଯୋଗାଉଛନ୍ତି । ଆପଣମାନେ ସେଠାକୁ କୁଲି ବେଶରେ ଯାଇ କୁଲିଭାବରେ ଭର୍ତ୍ତି ହେବାର ଚେଷ୍ଟା କରନ୍ତୁ । ସେ ଯଦି ଗ୍ରହଣ କରେ, ତେବେ ସେହି ଆଗୁଆ ଶିବିରରୁ ଜାପାନୀ ଲାଇନକୁ ପଳାଇ-ଯାଆନ୍ତୁ । ଇତିମଧ୍ୟରେ ଆମ୍ଭେମାନେ ଅନ୍ୟ ଉପାୟ ଖୋଜୁଛୁ । ସେଦିନ ଆମ୍ଭେମାନେ କମିଟିରୁ ଫେରିଲୁ । ତା ଆରଦିନ ଜଣେ କଣ୍ଟ୍ରାକ୍ଟର ପାଖକୁ ଯାଇ ତାଙ୍କୁ କାମପାଇଁ କହିଲୁ । କଣ୍ଟ୍ରାକ୍ଟର କହିଲା ମୋର କୁଲି ଦରକାର । କିନ୍ତୁ ଏକ୍ଷଣି ସଙ୍ଗେ ସଙ୍ଗେ ତୁମକୁ ନେଇପାରିବି ନାହିଁ । ପ୍ରଥମେ ତୁମର ଫଟୋ, ନାମ, ଧାମ, ଠିକଣା ନିଆଯିବ । ଏସବୁ ତୁମର ସେଠାକାର ମାଜିଷ୍ଟ୍ରେଟ ଜରିଆରେ ପୋଲିସ ପାଖକୁ ଯିବ । ପୋଲିସ ଇନ୍କ୍ୱାରି ପରେ ସମର୍ଥିତ ହେଲେ କାର୍ଯ୍ୟକ୍ଷେତ୍ରକୁ ପଠାଯିବ । ଆମ୍ଭେମାନେ ଦେଖିଲୁ ଏ ଉପାୟ ଆମପକ୍ଷରେ ନିତାନ୍ତ ବିପଦପୂର୍ଣ୍ଣ । ତେଣୁ ଏ ପନ୍ଥା ଛାଡ଼ିଲୁ । ଏ

Digitized by PPRACHIN, SOA

ସମସ୍ତ ଉପାୟରେ ଅକୃତକାର୍ଯ୍ୟ ହେବାର ଦେଖି ସତ୍ୟେନ୍ଦ୍ର ବାବୁ ଏକ ଉପାୟ ପାଞ୍ଚିଲେ । ସେ କହିଲେ ବ୍ରିଟିଶ ସୈନ୍ୟ ଲାଇନର ଆଗରେ ମଟର ରାସ୍ତା ତିଆରି କରାଇବା ନିମିତ୍ତ ୩୫ ଜଣ ମିଲିଟାରୀ ସବ୍ କଣ୍ଟ୍ରାକ୍ଟର ଦରକାର ବୋଲି ମୁଁ ନିର୍ଦ୍ଦିଷ୍ଟ ଖବର ଜାଣିଛି । ସିଲେଟ୍‌ର ବୀରେନ ବାବୁ ଜଣେ ଜାତୀୟବାଦୀ ଯୁବକ, କଣ୍ଟ୍ରାକ୍ଟରୀ ନେବା ପାଇଁ ଇଚ୍ଛା କରିଛନ୍ତି । ତାଙ୍କ ସଙ୍ଗେ ମୁଁ ଏମାନଙ୍କ ଉଦ୍ଦେଶ୍ୟରେ କଥାବାର୍ତ୍ତା କରିଛି । ସେ ୩୫ ଜଣଙ୍କୁ ନିଜର ବ୍ୟକ୍ତିଗତ ଷ୍ଟାଫରୂପେ ନେଇଯାଇପାରିବେ । ବ୍ୟକ୍ତିଗତ ଷ୍ଟାଫରୂପେ ସେ ଯଦି ଏମାନଙ୍କୁ ସାର୍ଟିଫିକେଟ ଦିଅନ୍ତି, ତେବେ ଏମାନଙ୍କର ଫଟୋ, ନାମ, ଧାମ, ଠିକଣା ଦରକାର ହେବ ନାହିଁ । ଆଇଜଲଠାରେ ସେ ରାସ୍ତା ତିଆରି ହେବ । ସେଠାରୁ ଜାପାନୀ ଲାଇନ ପ୍ରାୟ ୧୦।୧୫ ମାଇଲ ଦୂର । ଇତିମଧ୍ୟରେ ବ୍ରିଟିଶ ଲାଇନ ଆଦୌ ନାହିଁ । ତେଣୁ ଏମାନେ ତାଙ୍କର ବ୍ୟକ୍ତିଗତ ଷ୍ଟାଫରୂପେ ଯାଆନ୍ତୁ । ସେଠାରୁ ଗଲାବେଳେ ଦିନେ ପାହାଡ଼ାନ୍ତରେ ପଳାଇଯିବେ । କିନ୍ତୁ ଏକ୍ଷଣି କଣ୍ଟ୍ରାକ୍ଟରୀ ପାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡ଼ିବ । ଏହି ଟଙ୍କା ସଂଗ୍ରହ କରିବାର ଚେଷ୍ଟା କରୁଛି । କଲିକତାକୁ ମଧ୍ୟ ଆଜି ଖବର ଦେଇଛି । ଏମାନେ ଆଉ ୧୦।୧୫ ଦିନ ଅପେକ୍ଷା କରନ୍ତୁ । ଏହି ପ୍ରସ୍ତାବ ନିତାନ୍ତ ନିରାପଦ ବୋଲି ଗୃହୀତ ହେଲା । ଆମ୍ଭେମାନେ ଅପେକ୍ଷାରେ ଥିଲୁ । ଇତି ମଧ୍ୟରେ ମିତ୍ରପକ୍ଷ ଶକ୍ତିଶାଳୀ ହୋଇ ଜାପାନୀ ଓ ଆଜାଦହିନ୍ଦ ଫୌଜ ଉପରେ ଆକ୍ରମଣ କରିବାରୁ ସେମାନେ ଦିନକୁ ଦିନ ପଛକୁ ହଟିବାକୁ ଲାଗିଲେ । ଅବଶେଷରେ ଆସାମ ଆରାକାନରୁ ବିତାଡ଼ିତ ହେଲେ । ଏଣେ ପୁଣି ମହାତ୍ମାଜୀ ମଇ ମାସରୁ ମୁକ୍ତ ହୋଇ ବ୍ରିଟିଶ ସରକାରଙ୍କ ସଙ୍ଗେ ମିଳା-ମିଶାର ହାବଭାବ ଦେଖାଇବାରୁ ଭାରତରେ ଇଂରେଜ-ବିରୋଧୀ ଭାବର ଉତ୍କଟତା ଓ ତୀବ୍ରତା ହ୍ରାସ ହେବାକୁ ଲାଗିଲା । ଏହିସବୁ ଦୃଷ୍ଟିରୁ ଯୁଗାନ୍ତର ପାର୍ଟି ସ୍ଥିର କଲେ ଯେ, ସୁଭାଷ ବାବୁଙ୍କ ନିକଟକୁ ଏ ଅବସ୍ଥାରେ ଲୋକ ପଠାଇବାରେ କୌଣସି ଲାଭ ନାହିଁ । କଲିକତା ଫେରିଯିବାକୁ ନିର୍ଦ୍ଦେଶ ପଠାଗଲା । ଫେରିବାର ନିର୍ଦ୍ଦେଶ ପାଇ ଆମ୍ଭେମାନେ ୧୯୪୪ ଅଗଷ୍ଟ ପ୍ରଥମ ସପ୍ତାହରେ କଲିକତା ଲେଉଟି ଆସିଲୁ ।

Digitized by PPRACHIN, SOA

ଏହିପରି ୧୯୪୪ ସାଲ ଅପ୍ରେଲ ମାସଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଚାରିମାସ ମଧ୍ୟରେ ଦୁଇଥର ସଫଳତାର ସହିତ ସୁଭାଷ ବାବୁଙ୍କ ନିକଟକୁ ଦୂତରୂପେ କାର୍ଯ୍ୟ କରିଥିଲି । ପରେ ସୁଭାଷବାବୁଙ୍କ ଇଚ୍ଛା ଓ ନିର୍ଦ୍ଦେଶ ଅନୁସାରେ ତାଙ୍କ ସଙ୍ଗେ ବ୍ୟକ୍ତିଗତ ଆଲୋଚନା ପାଇଁ ତୃତୀୟ ଥର ସିଲଚର ରାସ୍ତା ବାଟେ ମିଳିଟାରୀ ଅଫିସରଙ୍କ ଜରିଆରେ ଚେଷ୍ଟା-କରାଯାଉଥିଲା । ବ୍ୟୋମଯାନରୁ ପାରାଚୁଟ ବା ଆକାଶଛତା ସାହାଯ୍ୟରେ ଓହ୍ଲାଇବାର ବିପଦପୂର୍ଣ୍ଣ ଚେଷ୍ଟା ହୋଇଥିଲା । ମିଳିଟାରୀ ଲୋକ ଭାବରେ ଆଗୁଆ ଯୁଦ୍ଧ କ୍ଷେତ୍ର ଅଞ୍ଚଳକୁ ଯାଇ ସେଠାରୁ ସୁଭାଷ ବାବୁଙ୍କ ପାଖକୁ ପଳାଇଯିବାର ଚେଷ୍ଟା କଲାବେଳେ ଉପଯୁକ୍ତ କାରଣ ଦୃଷ୍ଟିରୁ ଦଳର ନିର୍ଦ୍ଦେଶ ଅନୁସାରେ ଏ ଚେଷ୍ଟା ବନ୍ଦ କଲୁ । କଲିକତାକୁ ଫେରି ଆସି ଯୁଗାନ୍ତର ଦଳଠାରୁ ବିଦାୟ ନେଇ ପୁଣି ସଂଗଠନ କାର୍ଯ୍ୟରେ ଲାଗିଗଲୁ ।

୧୯୪୪ ଅଗଷ୍ଟଠାରୁ ୧୯୪୫ ଶେଷ ଯାଏଁ ସାଧାରଣ ଦେଶ ସେବା, ଦରିଦ୍ର ନାରାୟଣ ସେବା, ରିଲିଫ୍ ଓ ହରିଜନ କାମରେ ନିଜକୁ ନିୟୋଗ କଲୁ । ସରକାରଠାରେ ଆତ୍ମସମର୍ପଣ କରିବାକୁ ମହାତ୍ମାଗାନ୍ଧୀ ଉପଦେଶ ଦେଲେ ସୁଦ୍ଧା ଆମ ଦଳର କେହି ଆତ୍ମସମର୍ପଣର ପକ୍ଷପାତୀ ହେଲେ ନାହିଁ ।

ଫରାର ପବିତ୍ରମୋହନ ପ୍ରଧାନ

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

ଗିରଫ୍‌ଦାରୀ-ବିପତ୍ତି

କଲିକତାରେ ଆମ୍ଭ ନିଜର ଏକ ଅଫିସ ଥିଲା । ପ୍ରତ୍ୟେକେ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରୁ । ମୁଁ ଅଫିସରେ ସର୍ବଦା ରହେ । କାମ ନ ଥିବା ସମୟରେ ଅନ୍ୟ ସାଥୀମାନେ ମଧ୍ୟ ରହନ୍ତି । ୧୯୪୪ ଡିସେମ୍ବର ମାସ ପାଞ୍ଚ ତାରିଖ ଦିନ ସୁଧାକର ବାବୁ କଲିକତାରେ ବେଲଗଛିଆଠାରେ ଗିରଫ୍‌ଦାର ହେଲେ । ପୋଲିସ ଜାଣିପାରିଲେ ଯେ, ମୁଁ ସେଠାକୁ ଯିବା ଆସିବା କରେ । ତେଣୁ ତାଙ୍କୁ ଗିରଫ୍‌ଦାର କରି ସୁଧାକର ବାବୁ ଯେଉଁ ଘରେ ରହୁଥିଲେ, ସେଠାରେ ସି.ଆଇ.ଡି. ରଖାଇଦେଲେ । ଉଦ୍ଦେଶ୍ୟ ଥିଲା, ମୁଁ କିମ୍ବା ମୋର ବନ୍ଧୁମାନେ ସେଠାକୁ ଗଲେ ଧରିବେ । ସୁଧାକର ବାବୁଙ୍କ ଗିରଫ୍‌ଦାରି ଖବର ମୋତେ ଜଣାନଥାଏ । ତାଙ୍କ ଗିରଫ୍‌ଦାରିର ତିନି ଦିନ ପରେ ମୁଁ ସେଠାକୁ ଯାଇ ଦେଖିଲି, ସୁଧାକର ବାବୁଙ୍କ ବସା ବନ୍ଦ । ଆଖପାଖ ଲୋକେ ମୋତେ ଦେଖି ଲୁଚିଇନେଲେ ଏବଂ ଗୋପନରେ ପଠାଇଦେଲେ । କିନ୍ତୁ ତଥାପି ଦୁଇ ଜଣ ସି.ଆଇ.ଡି. ମୋ ପଛେ ପଛେ ଧାଇଁଲେ । କିନ୍ତୁ ମୁଁ ନାନା କୌଶଳରେ ଓ ସଙ୍ଗେ ସଙ୍ଗେ ବେଶ ବଦଳାଇ ପଳାଇଆସିଲି ।

୧୯୪୫ ମାର୍ଚ୍ଚ ମାସ ୧୨ ତାରିଖଠାରୁ ମୋର ରହିବା ବସା ଓ ଅଫିସ କଲିକତାର ସୁକିଆ ଷ୍ଟ୍ରୀଟ ପୋଲିସ ସି.ଆଇ.ଡି.ଙ୍କର ସନ୍ଦେହ ଦୃଷ୍ଟିରେ ପଡ଼ିଲା । ମୁଁ ପୋଲିସର ସନ୍ଦେହ ଦୂର କରିବା ପାଇଁ ୧୯୪୫ ମାର୍ଚ୍ଚ ମାସ ୧୨ ତାରିଖଠାରୁ ଜୁନମାସ ୨୭ ତାରିଖ ପର୍ଯ୍ୟନ୍ତ ଦିନରାତିମାମ

Digitized by PPRACHIN, SOA

ଅନ୍ୟତ୍ର କଟାଉଥାଏ ଏବଂ ରାତ୍ରରେ ଅଧିକାଂଶ ଦିନ ହୁଏତ ଧର୍ମଶାଳାରେ କିମ୍ବା କଲିକତା ରାସ୍ତାର ଫୁଟପାଥରେ (ମନୁଷ୍ୟ ଚାଲିବା ରାସ୍ତାରେ) ଶୋଇପଡ଼େ । ମଝିରେ ଦିନେ ଦିନେ ବସାକୁ ଆସୁଥାଏ । ବନ୍ଧୁମାନଙ୍କ ସହ ଆଲୋଚନା କୌଣସି ପାର୍କ କିମ୍ବା କେନାଲ ପୋଲ ତଳେ ହୁଏ । ତିନିମାସ ପରେ ପୁଣି ସେହି ବସାକୁ ଫେରି ଆସିଲି, କାରଣ ପୋଲିସ ଯେତେବେଳେ ଦେଖିଲା ଯେ, ମୁଁ ସେଠାରେ ରହୁନାହିଁ, ସେ ଆଉ ସେଠାକୁ ଆସିଲା ନାହିଁ ।

ପୋଲିସ ହାତରୁ ପଲାୟନ

୧୯୪୫ ଅକ୍ଟୋବର ୧୮ ତାରିଖ ଦିନ ମୁଁ ଏବଂ ସାଥି ବନମାଳୀ ପ୍ରଧାନ କଲିକତାରୁ ଟାଟାନଗରକୁ ଆସୁଥିଲୁ । ବନ୍ଧୁ ଫିରଙ୍ଗି ପ୍ରଧାନ ଆମ୍ଭମାନଙ୍କୁ ବିଦାୟ ଦେବାକୁ ଷ୍ଟେସନକୁ ଆସିଥିଲେ । ଆଗରୁ ଟିକେଟ ହୋଇଥିଲା । ଟ୍ରେନ ୭ ଟାରେ ଛାଡ଼ିବାର କଥା । କିନ୍ତୁ ଆମେମାନେ ଗାଡ଼ିରେ ଜାଗା ପାଇବା ଆଶାରେ ପ୍ରାୟ ସାଢ଼େ ଚାରିଟାରେ ହାବଡ଼ା ଷ୍ଟେସନରେ ପହଞ୍ଚିଗଲୁ । ୧୦ ନମ୍ବର ପ୍ଲାଟଫର୍ମ ଫାଟକ ଖୋଲା ହୋଇନଥିବାରୁ ଆମ୍ଭମାନଙ୍କୁ ଫାଟକ ସାମନାରେ ରହିବାକୁ ପଡ଼ିଲା । ବହୁତ ଲୋକ ଆଗରୁ ଲାଞ୍ଚ ଦେଇ ପ୍ଲାଟଫର୍ମ ଭିତରକୁ ପଶିଯାଉଥାନ୍ତି । କିନ୍ତୁ ଲାଞ୍ଚ ଦେବା ଗର୍ହିତ ବିଚାରି ମୁଁ ଫାଟକ ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କଲି । ଇତିମଧ୍ୟରେ ସି.ଆଇ.ଡି. ଏବଂ ପୋଲିସ ମୋତେ କୌଣସି ସୂତ୍ରରୁ ଚିହ୍ନିପାରିଲେ । ମୁଁ ପିସାବ କରିବାକୁ ଗଲି । ପୋଲିସ ମୋର ପଛେ ପଛେ ଯାଉଥାଏ । ତାପରେ ମୁଁ ଫାଟକ ନିକଟରେ ଥିବା ଟିକଟ ଚେକର୍ ପାଖକୁ ଗଲି । ତିନି ଜଣ ପୋଲିସ ମୋର ପଛେ ପଛେ ଯାଉଥାନ୍ତି । ଏକଥା ସଙ୍ଗୀ ଫିରଙ୍ଗି ଏବଂ ବନମାଳୀ ଲକ୍ଷ୍ୟ କରିସାରିଲେଣି । କିନ୍ତୁ ମୁଁ ଲକ୍ଷ୍ୟ କରି ନ ଥାଏ । ପୋଲିସ ମୋତେ ଅନୁସରଣ କରିବାର ଜାଣି ଫିରଙ୍ଗି ମୋତେ ପୋଲିସ କବଳରୁ ଉଦ୍ଧାର କରିବାପାଇଁ ବାଟ ଖୋଜୁଥାନ୍ତି । ମୁଁ ଟିକଟ ମାଷ୍ଟର ସଙ୍ଗେ କଥା ହୋଇ ଫେରିଲା ବେଳକୁ ପୁରା ଡ୍ରେସରେ ଦୁଇ ଜଣ ପୋଲିସ ଏବଂ ଦୁଇ ଜଣ ସି.ଆଇ.ଡି. ମୋତେ ଅଟକାଇ ପଚାରିଲେ, "ବାବୁ, ଆପଣଙ୍କର ଓ ପିତାଙ୍କର ନାମ କଣ ?" ମୋ ନାମ ପଞ୍ଚାନନ ପଣ୍ଡା ଇତ୍ୟାଦି...

Digitized by PPRACHIN, SOA

ମୁଁ ଜାଣି ନେଲି ଯେ, ପୋଲିସ କବଳରେ ପଡ଼ିଲି । ସଙ୍ଗେ ସଙ୍ଗେ ଉତ୍ତର ଦେଲି, "କାଳିପଦ ଦାସ, ପିତା ଗୋବିନ୍ଦଚନ୍ଦ୍ର ଦାସ" । ପ୍ରଶ୍ନ ହେଲା, "ବାବୁ ସତ କହନ୍ତୁ, ଆପଣଙ୍କର ନାମ କଅଣ ।" ମୁଁ ଟିକିଏ ବିରକ୍ତିଜନକ ଉଚ୍ଚ ସ୍ୱରରେ କହିଲି, "ମୋ ନାମ କାଳିପଦ ଦାସ ।" ମୁଁ ଏତେବେଳକୁ ଦେଖିଲି, ପ୍ରାୟ ୬୦।୭୦ ଜଣ ରୁଣ୍ଡ ହୋଇ ମୋତେ ଦେଖୁଥାନ୍ତି । ପୋଲିସ ପୁଣି କହିଲା, "ଆପଣଙ୍କ ନାମ କାଳିପଦ ଦାସ ନୁହେଁ, ଅନ୍ୟ ନାମ ଅଛି । ଆପଣ ନାମ ଲୁଚାଉଛନ୍ତି ।" ମୁଁ କହିଲି, "ମୋ ବାପା ମା କାଳିପଦ ନାମ ଦେଇଛନ୍ତି । ତୁମେ ଯଦି ଅନ୍ୟ ନାମ ଦେଉଛ, ତେବେ ଦିଅ ।" ପୋଲିସ ପୁଣି ଏକୁଟିଆ ଡାକି ନେଇ କହିଲା, "ବାବୁ ସତ କଥା କୁହନ୍ତୁ, ଆପଣଙ୍କର ଅନ୍ୟ ନାମ ଅଛି । ଆପଣଙ୍କ ବିରୁଦ୍ଧରେ କିଛି ଅଛି ।" ମୁଁ ବିରକ୍ତ ହୋଇ କହିଲି, "ତୁମ ମତରେ ଯଦି ଅନ୍ୟ ନାମ ଅଛି ତେବେ ଥାଉ, ମୋ ବାପ ମା ମୋତେ କାଳିପଦ ନାମ ଦେଇଛନ୍ତି ।" ଏହା ଶୁଣି ପୋଲିସ କହିଲା, "ଆପଣ ଟିକିଏ ତାହାହେଲେ ଆମ ଅଫିସକୁ ଗଲେ ଜଣାପଡ଼ିବ । ଚାଲନ୍ତୁ ଆମ ଅଫିସକୁ ।" ମୁଁ ଆଗଭର ହୋଇ ବାହାର କହିଲି, "ଚାଲ, କେଉଁଠାରେ ତୁମ ଅଫିସ ଦେଖାଅ ।" ପୋଲିସମାନେ ଚାଲିଲେ, ମୁଁ ମଧ୍ୟ ଚାଲିଲି । ସେ ଦିନ ଝିପି ଝିପି ବର୍ଷା ହେଉଥାଏ । ବୋଧହୁଏ ଶନିବାର । ତେଣୁ ଷ୍ଟେସନ ଘର, ବସଷ୍ଟାଣ୍ଡ, ଟ୍ରାମଷ୍ଟାଣ୍ଡ ଲୋକାରଣ୍ୟ ହୋଇଥାଏ । ଅସଂଖ୍ୟ ଲୋକ ଯିବା ଆସିବା କରୁଥାନ୍ତି । ଷ୍ଟେସନ ଘରଭିତରେ ପୋଲିସ ଅଫିସ । ପୋଲିସ ଅଫିସ ଆଡ଼କୁ ଆଗୁଆ ହୋଇ ଚାଲିଲି । ମନେ ମନେ ଭାବୁଥାଏ ନିଶ୍ଚୟ ଧରାପଡ଼ିଲି । ପଳାଇଯିବାର ଉପାୟ ଖୋଜୁଥାଏ । ଫିରିଙ୍ଗି ଏବଂ ବନମାଳୀ ଏ ବିପତ୍ତି ଦେଖି ମର୍ମାହତ । ତାଙ୍କର ସାହସ ପାଉନଥାଏ । ଚାଲିଲା ବେଳେ ଲୋକ ଗହଳି ହେତୁ ଥରେ ପୋଲିସଙ୍କଠାରୁ ଚାରି ହାତ ଅନ୍ତର ହୋଇଗଲି । ଭାବିଲି ସାଙ୍ଗରେ ଗଲେ ପୋଲିସ କବଳରେ ନିଶ୍ଚୟ ପଡ଼ିବି । ପଳାଇଗଲେ ଯଦି ଧରାପଡ଼େ, ତେବେ ମଧ୍ୟ ପୋଲିସ କବଳରେ ପଡ଼ିବି । କିନ୍ତୁ ଲୋକ ଗହଳିରେ ଯଦି ପୋଲିସ ଧରି ନ ପାରେ, ତେବେ ମୁକ୍ତି ପାଇଯିବି । ଏହା ଭାବି ହଠାତ୍ ଡିଆଁ ମାରି ପଳାଇଗଲି । "ଧର, ଧର" ଡାକ ପଡ଼ିଲା । କେହି ଧରିପାରିଲେ ନାହିଁ । ଶହ ଶହ ପୋଲିସ ତଡ଼ିଲେ । ସବୁ ବିଫଳ ହେଲା । ମୁଁ ଷ୍ଟେସନ ବାହାରକୁ ଯାଇ ସଙ୍ଗେ ସଙ୍ଗେ ବେଶ ବଦଳାଇ ବସ୍ ଏବଂ ଟ୍ରାମ ଲାଇନର ଏପାଖ

Digitized by PPRACHIN, SOA

ସେପାଖ ଗଡ଼ି କରି ହାବଡ଼ା ପୋଲ ପାର ହୋଇ ବଡ଼ ବଜାରକୁ ପଳାଇଗଲି । ମୋ ପଳାୟନ ଦେଖି ସଙ୍ଗୀମାନେ ଆଶ୍ୱସ୍ତ ହେଲେ । ସାଥିମାନେ କହନ୍ତି, ମୁଁ ବିଜୁଳି ପରି ହଠାତ୍ ଅଦୃଶ୍ୟ ହୋଇଗଲି । କିଛିକ୍ଷଣ ଅପେକ୍ଷା କରି ସେମାନେ ବସାକୁ ଫେରିଲେ । କିନ୍ତୁ କାଳେ ସି·ଆଇ.ଡି. ସେମାନଙ୍କର ଅନୁସରଣ କରୁଥିବ ଆଶଙ୍କା କରି ମୁଁ ବସାକୁ ନ ଯାଇ ରାସ୍ତାରେ ଏକ ଜାଗାରେ ରହିଲି । ଏକଘଣ୍ଟା ପରେ ସେମାନେ ଫେରିବାର ଦେଖି ସେମାନଙ୍କୁ ଅନ୍ୟ ରାସ୍ତାରେ ପଠାଇଦେଇ ମୁଁ ପଛରେ ଗୋଇନ୍ଦାଙ୍କ ବିରୁଦ୍ଧରେ ଗୋଇନ୍ଦା କାମ କରି ବସିଲି । ତିନିଦିନ ପରେ ସାଥି ବନମାଳୀ ଅନ୍ୟ ରାସ୍ତାରେ ଟାଟାନଗର ଫେରିଲେ ।

ସି: ଆଇ: ଡି: ଘେରାଉରୁ ମୁକ୍ତି

ସେ ଦିନଠାରୁ ପୋଲିସ ମୋତେ କଲିକତାରେ ଖୋଜିବାରେ ଅନବରତ ଚେଷ୍ଟା କଲା । କାରଣ ମୋତେ ଯେ ଧରାଇଦେବ, ସେ ଏକ ମୋଟା ପୁରସ୍କାର ପାଇବ । କଲିକତାରେ ମୁଁ ଯେଉଁ ଜାଗାରେ କାର୍ଯ୍ୟ କରେ ଏବଂ ଦିନତମାମ ରହେ, ପୋଲିସ ସେ ଜାଗା ସ୍ଥିର କରିନେଲା । ସେ ଜାଗାଟା ଗୋଟାଏ ବଡ଼ ତିନି ମହଲା କୋଠାଘର, ପ୍ରାୟ ପାଞ୍ଚ ସାତ ଶହ ଲୋକ ସେଠାରେ ରହନ୍ତି । ମୁଁ ଦୁଇ ମହଲାରେ ଏକ ଦୋକାନ ଘରେ ରହୁଥାଏ । ୧୯୪୫ ନଭେମ୍ବର ୧୮ ତାରିଖ ଦିନ ୧୦ଟା ବେଳେ ମୋତେ ଆରେଷ୍ଟ କରିବାକୁ ସି.ଆଇ.ଡି· ସେ ଘର ଘେରିଗଲେ । ଦୁଇ ଜଣ ସି.ଆଇ·ଡି. ସାଦା ଡ୍ରେସରେ ମୋତେ ଧରିବାକୁ ଦୋକାନ ଘରକୁ ପଶିଗଲେ । ଧରିବାକୁ ଗଲାବେଳକୁ ମୁଁ ଦୋକାନର ରହିବା ଘରକୁ ପଶିଗଲି । ଶୁଣିଲି ଯେ, ତଳେ ରାସ୍ତାରେ ଅନେକ ସି.ଆଇ.ଡି. ଜମା ହୋଇଛନ୍ତି । ମୁଁ ମଧ୍ୟ ଝରକା ବାଟେ ଦେଖିଲି । ସେଠାରୁ ତିନି ମହଲାକୁ ବାଟ ଥିଲା । ତୃତୀୟ ମହଲା ଦେଇ ଘରର ଅନ୍ୟପାଖ ରାସ୍ତାକୁ ଚୁପ କରି ଚାଲିଗଲି । ଦେଖିଲି ସେ ପାଖେ ପୋଲିସ କିମ୍ବା ସି·ଆଇ·ଡି. ନ ଥାନ୍ତି ; ସେହି ବାଟେ ପଳାଇଗଲି । ପରେ ଖବର ପାଇଲି, ଉକ୍ତ ଘରକୁ ସେ ଦିନତମାମ ସି·ଆଇ·ଡି. ଘୁରିଥର ଆକ୍ରମଣ କଲା ।

Digitized by PPRACHIN, SOA

ଏ ଘଟଣାର ତିନି ଦିନ ପରେ ଅର୍ଥାତ୍ ନଭେମ୍ବର ୨୧ ତାରିଖ ଦିନ ମୋର ନିଜ ବସା ଉଭୟ ସି.ଆଇ.ଡି. ଓ ପୋଲିସ ସ୍ଥିର କରିନେଲେ । ମୋତେ ଗିରଫ କରିବାକୁ ଆଗରୁ ୪।୫ ଜଣ ସି.ଆଇ.ଡି. ଆସି ଘେରି ଥିଲେ । ସେମାନେ ଗିରଫ କରିବା ପୂର୍ବରୁ ମୁଁ ଏକ କପି ବାଟରେ ଅନ୍ୟ ଏକ ବ୍ୟକ୍ତିର ଘର ଦେଇ ପଳାଇଗଲି ।

ପୋଲିସ ହାତରୁ ପୁନର୍ବାର ପଳାୟନ

୧୯୪୫ ନଭେମ୍ବର ମାସ ୨୧ ତାରିଖଠାରୁ ମୋ ପକ୍ଷରେ କଲିକତାରେ ରହିବା ନିତାନ୍ତ ବିପଦପୂର୍ଣ୍ଣ ହେଲା । ମୋର ତିନିଟି ଯାକ ଆଶ୍ରୟସ୍ଥଳ ପୋଲିସ ଓ ସି.ଆଇ.ଡି.କୁ ଜଣାପଡ଼ିଗଲା । ମୁଁ ୨୨ ତାରିଖଠାରୁ କଲିକତା ଛାଡ଼ି ପଳାଇଥାନ୍ତି । କିନ୍ତୁ ଜଣେ ବନ୍ଧୁଙ୍କ ପାଖରେ ୨୦୦ ଟଙ୍କା ରଖାଇଦେଇଥିଲି । ସେ ନ ଥିବାରୁ ଉକ୍ତ ଟଙ୍କା ପାଇପାରିଲି ନାହିଁ । ଏହି ୨୦୦ ଟଙ୍କା ବ୍ୟତୀତ ଆଉ ଟଙ୍କା ମୋ ହାତରେ ନ ଥାଏ । ତେଣୁ ଉକ୍ତ ବନ୍ଧୁଙ୍କ ଅପେକ୍ଷାରେ ମୋତେ କିଛି ଦିନ ରହିବାକୁ ପଡ଼ିଲା । ଦିନ ତମାମ କଲିକତାର ଉଚ୍ଚ ଅଞ୍ଚଳ କୌଣସି ଏକ ପାର୍କ କିମ୍ବା ମଠ, ମନ୍ଦିରରେ କଟାଏ । ରାତି ହେଲେ କୌଣସି ଏକ ଧର୍ମଶାଳାକୁ ଶୋଇବାକୁ ଆସେ । ୨୫ ତାରିଖ ରାତିରେ କାଳୀଘାଟ ଧର୍ମଶାଳାରେ ଶୋଇଥାଏ । ସି.ଆଇ.ଡି. ଆସି ମୋତେ ଲକ୍ଷ୍ୟ କରି ଗଲା । ମୋର ସନ୍ଦେହ ହେବାରୁ ମୁଁ ସେ ଜାଗା ଛାଡ଼ି ଏକ ଲୋକଗହଳି ଜାଗାରେ ଶୋଇଲି । ପ୍ରାୟ ୪୦୦ ପର୍ଯ୍ୟନ୍ତ ଲୋକ ଶୋଇଥାନ୍ତି । ଅଧଘଣ୍ଟା ପରେ ପୁଣି ଦୁଇ ଜଣ ସି.ଆଇ.ଡି. ଓ ଜଣେ ପୋଲିସ ସାରା ଧର୍ମଶାଳା ଖୋଜିବାକୁ ଲାଗିଲେ । ଶେଷରେ ମୋ ଶୋଇବା ଜାଗାକୁ ଆସି ବିଆସିଲି ମାରି ମୋ ମୁହଁ ଦେଖିଲେ । ମୁଁ ତେଇଁ କରି ଶୋଇଥାଏ । ସେମାନେ କହିଲେ, "ହଁ, ଏହି ଲୋକ । ଯେଉଁ ବ୍ୟକ୍ତି ପରିଚୟ କରାଇବା ପାଇଁ ଆସିଛି ତାକୁ ଡାକିଆଣ ।" ଏହା କହି ଦୁଇ ଜଣ ଚାଲିଗଲେ । ବାକି ଜଣେ ମୋଠାରୁ ଦୂରରେ ଠିଆ ହେଲା । ସେମାନଙ୍କ ଆସିବାର ବିଳମ୍ବ ହେବାରୁ ତୃତୀୟ ବ୍ୟକ୍ତି ଟିକିଏ କାନ୍ଥ ଆଡ଼ ଆଳକୁ ଚାଲିଗଲା । ବୋଧହୁଏ ଅନ୍ୟମାନଙ୍କୁ ଡାକିବା ଉଦ୍ଦେଶ୍ୟରେ । ମୋଠାରୁ ଅନ୍ତର ହେବାର ଦେଖି ମୁଁ ଚଟାପଟ ଉଠି ତିନିହାତ ଉଚ୍ଚ କାନ୍ଥ ଡେଇଁ

Digitized by PPRACHIN, SOA

ପଳାଇଗଲି । ମୋତେ ପୋଲିସ ସି.ଆଇ.ଡି. ଗୋଡ଼ାଇବାକୁ ଲାଗିଲେ । ଅନ୍ଧାର ରାତି, ପ୍ରାୟ ସାଢ଼େ ନଅଟା ସମୟ । ନାନା ଗଳି ଓ ରାସ୍ତା ଅତିକ୍ରମ କରି ଶତ୍ରୁର କବଳରୁ ମୁକ୍ତିପାଇଲି ।

୨୭ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ କଲିକତାଠାରୁ ୮ ମାଇଲ ଦୂରରେ ରାତିରେ ଏକ ନିର୍ଜ୍ଜନ ଆମ୍ବତୋଟାରେ ଶୁଏ ଏବଂ ଦିନ ହେଲେ ଏପାଖ ସେପାଖ ବୁଲି କିଛି କିଣି ଖାଏ । ୩୦ ତାରିଖ ଦିନ ଟଙ୍କା ପାଇଲି । ୩୧ ତାରିଖ ଦିନ ଶ୍ରୀରାମପୁର ଷ୍ଟେସନରୁ ରେଳଗାଡ଼ିରେ ପାଟନା ପଳାଇଲି ।

ପାଟନାରେ ପୋଲିସ କବଳରୁ ମୁକ୍ତି

ପାଟନାର ଏକ ଜାଗାରେ ଏକ ଅଗ୍ରଗାମୀ ଅନୁଷ୍ଠାନର ସହକାରୀ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲି । ସେଠାରେ ତିନି ମାସ ରହିବା ପରେ ୧୯୪୫ ଡିସେମ୍ବର ମାସ ୨୮ ତାରିଖ ଦିନ ପୋଲିସ ମୋର ସନ୍ଧାନ ଜାଣି ମୋତେ ଗିରଫ କରିବାର ଉଦ୍ୟମ କଲା । ପୋଲିସ ମୋର ରହିବା ବସା ଘେରାଉ କରିବା ପୂର୍ବରୁ ମୁଁ ସେଠାରୁ ପଳାଇଆସିଲି ।

ଟ୍ରେନରେ ପୋଲିସ ସି: ଆଇ: ଡି: କବଳରେ

ପାଟନାରୁ ଦାନାପୁର ଅଭିମୁଖେ ପଳାଇଗଲି । ଦାନାପୁରଠାରୁ ବକ୍ସର ଗଲି । ସେଠାରେ ସ୍ଥିର କଲି, ଉତ୍ତରକୁ ନ ଯାଇ ପୁଣି ଟାଟାନଗରକୁ ଫେରିବି । ଏହି ଉଦ୍ଦେଶ୍ୟରେ ବକ୍ସରଠାରୁ ଆସନସୋଲ ଅଭିମୁଖେ ଟ୍ରେନରେ ଯାତ୍ରା କଲି । ଦାନାପୁର ଷ୍ଟେସନଠାରେ ଦୁଇଜଣ ସି.ଆଇ.ଡି.ଙ୍କ ଦୃଷ୍ଟିରେ ପଡ଼ିଲି । ସେମାନଙ୍କ ମଧ୍ୟରୁ ମୋତେ ଜଣେ ଜଗିଲା ଓ ଅନ୍ୟ ଜଣକ ରେଲୱେ ପୋଲିସ ଅଫିସକୁ ଖବର ଦେବା ନିମିତ୍ତ ଗଲା । ତା ପରେ ଉକ୍ତ ଡବାରେ ବହୁତ ଲୋକର ଭିଡ଼ ହେବାରୁ ମୁଁ ଏହି ଜନତାର ସୁଯୋଗ ନେଇ ମୋର ବିଛଣା ଓ ଲୁଗାପଟା ଛାଡ଼ି ପଳାଇଗଲି । ଏତେବେଳକୁ ରାତି ପ୍ରାୟ ସାଢ଼େ ନଅଟା । ଜଗିଥିବା ସି.ଆଇ.ଡି. ମୋତେ ଲକ୍ଷ୍ୟ କରିପାରିଲା ନାହିଁ । ମୁଁ ସେଠାରୁ ପଳାଇ ଯାଇ ଅନ୍ୟ ଡବାରେ ଚଢ଼ିବାରୁ

Digitized by PPRACHIN, SOA

ଚେଷ୍ଟା କଲି; କିନ୍ତୁ ଅତ୍ୟନ୍ତ ଭିଡ଼ ଥିବାରୁ ଚଢ଼ିପାରୁନଥାଏ । ଇତିମଧ୍ୟରେ ସି.ଆଇ.ଡି. ଓ ପୋଲିସମାନେ ବହୁସଂଖ୍ୟାରେ ପହଞ୍ଚିଗଲେ । ଦ୍ୱିତୀୟ ଥର ମୁଁ ଯେଉଁ ଡବାରେ ଚଢ଼ିଗଲି, ସେଥିରେ ଜଣେ ସି.ଆଇ.ଡି. ଚଢ଼ିଗଲା । ଗାଡ଼ି ଏତେ ଭିଡ଼ ଯେ, ସି.ଆଇ.ଡି. ଚଢ଼ିପାରିଲା ନାହିଁ । ମୁଁ କୌଣସି ପ୍ରକାରେ ଚଢ଼ିଯାଇ ଗୋଟାଏ ବେଞ୍ଚର ତଳେ ଶୋଇପଡ଼ିଲି । ଦଶବାର ଜଣ ପୋଲିସ ମଧ୍ୟ ଚଢ଼ିଗଲେ । କିନ୍ତୁ ମୋତେ ସ୍ଥିର କରିପାରିଲେ ନାହିଁ । ମୁଁ ଭାବୁଥାଏ, ପୋଲିସ ମୋତେ ଧରିବାକୁ ଆସିଲେ ବରଂ ଚଳନ୍ତା ଗାଡ଼ିରୁ ଡେଇଁପଡ଼ି ମରିବି, ପୋଲିସ ହାତରେ ନିଜକୁ କେବେ ପକାଇଦେବି ନାହିଁ । ଦାନାପୁର ପରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଷ୍ଟେସନମାନଙ୍କରେ ଗାଡ଼ିର ପଛ ପାଖେ ଓହ୍ଲାଇବାକୁ ଚେଷ୍ଟା କଲି । କିନ୍ତୁ ଦେଖିଲି ଗାଡ଼ିର ପଛପାଖେ ବନ୍ଧୁକଧାରୀ ପୋଲିସ ସଜାଗ ହୋଇ ଠିଆ ହୋଇଛନ୍ତି । ତାପରେ ପାଟନା ଷ୍ଟେସନରେ ଗାଡ଼ି ପହଞ୍ଚିଗଲା । ସେଠାରେ ଗାଡ଼ି ପଛପଟେ ଶୀଘ୍ର ଓହ୍ଲାଇ ଅନ୍ୟ ଗାଡ଼ିତଳେ ପଶିଗଲି । ପରେ ଲୁଚି ପଳାଇଗଲି । ଗାଡ଼ିର ତିନି ଘଣ୍ଟା ଡବା ତଲାସୀ ହେବା ପରେ ପୋଲିସମାନେ ଫେରିଗଲେ । ମୁଁ ଅନ୍ୟବାଟେ ବୁଲିକରି ଗାଡ଼ି ଛାଡ଼ିବାର ପାଞ୍ଚମିନିଟ୍ ପୂର୍ବରୁ ଗାଡ଼ିର ଇଞ୍ଜିନ ପାଖ ଡବାରେ ଚୁପ କରି ଚଢ଼ିଗଲି । ଏହି ଡବାର ଠିକ ପାଖ ଡବାରେ ମୁଁ ପ୍ରଥମେ ବସିଥିଲି । ସେଠାରେ ମୋର ବିଛଣା ଓ ବ୍ୟାଗ ଛାଡ଼ି ପଳାଇ-ଥିଲି । ତା ପରଦିନ ସକାଳ ଏଗାରଟାବେଳେ ଗାଡ଼ି ଆସନସୋଲରେ ପହଞ୍ଚିଲା ମାତ୍ରେ ଅନ୍ୟମାନେ ଓହ୍ଲାଇବା ପୂର୍ବରୁ ମୁଁ ହଠାତ୍ ଗାଡ଼ିରୁ ଓହ୍ଲାଇପଡ଼ିଲି । ନିକଟବର୍ତ୍ତୀ ଡବାରେ ଥିବା ମୋର ସୁଟ ବିଛଣା ଏବଂ କାନ୍ଧରେ ଝୁଲି ହୋଇଥିବା ବ୍ୟାଗ ଚତୁରତାର ସହିତ ଧରି ଯାତ୍ରୀମାନଙ୍କ ଭିଡ଼ ମଧ୍ୟରେ ପଳାଇଆସିଲି ।

୧୯୪୭ ଫେବୃଆରୀ ମାସ ୨୮ ତାରିଖ ଦିନ ପ୍ରଜାମଣ୍ଡଳ ସଙ୍ଗଠନ ଉଦ୍ଦେଶ୍ୟରେ ନିଖିଳ ଭାରତ ପ୍ରାଦେଶିକ ସଂଘ ତରଫରୁ ଛତିଶଗଡ଼ର ସାରଙ୍ଗ ଗଡ଼ ଷ୍ଟେସନକୁ ଗଲି । ୨୯ ତାରିଖ ଦିନ ସକାଳେ ସେଠାରେ ପୋଲିସ ଓ ସି.ଆଇ.ଡି. ମୋତେ କୌଣସି ସୂତ୍ରରୁ ଚିହ୍ନିପାରି ଗିରଫ କରିବାକୁ ଘେରିଗଲେ । ଅତ୍ୟନ୍ତ ଚତୁରତା ଓ ଗୋପନୀୟତାର ସହିତ

Digitized by PPRACHIN, SOA

ପୋଲିସ ଓ ସି.ଆଇ.ଡି. ଘେରରୁ ବାହାରିଆସିଲ । ଦିନ ଦୁଇଟାଠାରୁ ରାତି ସାଢ଼େ ଦଶଟା ପର୍ଯ୍ୟନ୍ତ ସାଢ଼େ ଆଠ ଘଣ୍ଟା କାଳ ଏକାକୀ ଅନବରତ ବତିଶ ମାଇଲ ବାଟ ଚାଲି ରାପୁଗଡ଼ ଷ୍ଟେସନରେ ପହଞ୍ଚିଥିଲ । ଏହି ବତିଶ ମାଇଲ ବାଟ ଚାଲିବାରେ ଚନ୍ଦ୍ରପୁରଠାରେ ମହାନଦୀରେ ପାଣି ପିଇବାକୁ କେବଳ ଦୁଇ ମିନିଟ ମାତ୍ର ଠୁଙ୍କା ହୋଇ ବସିଥିଲ ।

Digitized by PPRACHIN, SOA

ନବମ ପରିଚ୍ଛେଦ

ଭାରତ ଭ୍ରମଣ

ବଙ୍ଗଳା ଏବଂ ବହାରରେ ପୋଲିସ ଏବଂ ସି.ଆଇ.ଡ଼ି.ର ମୋ ଉପରେ କଡ଼ା ଗୃଧ୍ର ନଜର ପଡ଼ିବାର ଦେଖି ୧୯୪୭ ଜାନୁୟାରୀଠାରୁ ଭାରତ ଭ୍ରମଣ କରିବାକୁ ଲାଗିଲି । କିନ୍ତୁ ଭ୍ରମଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଥାଏ ଭାରତର ସ୍ୱାଧୀନତା ଉଦ୍ଦେଶ୍ୟରେ ଜ୍ଞାନ ଓ ଦକ୍ଷତା ଅର୍ଜ୍ଜନ । ସେଥି ଦିନଠାରୁ କଟକଠାରୁ ଆସାମ ଏବଂ କାଶ୍ମୀରଠାରୁ କୁମାରିକା ପର୍ଯ୍ୟନ୍ତ ଭାରତର ସମସ୍ତ ବଡ଼ ବଡ଼ ନଗର, ପ୍ରଧାନ ପ୍ରଧାନ ତୀର୍ଥସ୍ଥାନ, ଅଧିକାଂଶ ଗଡ଼ଜାତ ଏବଂ ବ୍ୟାପକ ଗ୍ରାମ୍ୟ ଅଞ୍ଚଳ ଭ୍ରମଣ କଲି । ହାତରେ ବେଶୀ ପଇସା ନ ଥାଏ । ଯାହା ପଇସା ଥାଏ, ରେଲ ମଟର ଭଡ଼ା ପାଇଁ ରଖେ । ଏକବକ୍ତ ଖାଇବାକୁ ହେଲେ ହୋଟେଲ କିମ୍ବା ଦୋକାନରେ ବାର ଅଣା ଖର୍ଚ୍ଚ କରିବାକୁ ପଡୁଥାଏ । ବଡ଼ ବଡ଼ ଟାଉନ ଓ ତୀର୍ଥମାନଙ୍କରେ ମନ୍ଦିର ଏବଂ ଧର୍ମଶାଳାରେ ଆଶ୍ରୟ ନଏ । ଗ୍ରାମମାନଙ୍କରେ କୌଣସି ଅତିଥି ସତ୍କାରିକଙ୍କ ଘରେ ପହଞ୍ଚୁଥାଏ । ପଇସାପଇ ଅଭାବରୁ ମାସ ମାସ ଧରି ଆଳୁ, କନ୍ଦମୂଳ ଓ ବୁଟସିଝା ଖୁବ୍ କମ୍ ଦାମରେ ବଜାରରୁ କିଣି ଖାଏ ଏବଂ ମୁନ୍ଦାଏ ପାଣି ପିଇ ମହାଆନନ୍ଦରେ ଦିନ କଟାଇ ନଏ । ଇତିମଧ୍ୟରେ ଅନେକ ଜାତୀୟବାଦୀ ବିପ୍ଳବୀ ନେତା ଓ କର୍ମୀମାନଙ୍କ ସଙ୍ଗେ ଆଳାପ ପରିଚୟ ହୋଇଯାଇଥାଏ । ସେମାନଙ୍କ ଜରିଆରେ ଭାରତର ପୂର୍ଣ୍ଣ ମୁକ୍ତି ସମ୍ପର୍କରେ ଭାବୀ ସଂଗ୍ରାମର ପରିକଳ୍ପନା କରୁଥାଏ । ୧୯୪୨ ଅଗଷ୍ଟ ଆନ୍ଦୋଳନର ନେତୃତ୍ୱ ଓ ସଙ୍ଗଠନର ଦୋଷ ଓ ଦୁର୍ବଳତା ଦୂର ହେବା ଉଦ୍ଦେଶ୍ୟରେ ସୁଦୃଢ଼ ଏବଂ ଘନିଷ୍ଠ ସମ୍ପର୍କ ଓ ସହଯୋଗର ବନ୍ଦୋବସ୍ତ ଦିଗରେ ପ୍ରଧାନ ଲକ୍ଷ୍ୟ ରଖୁଥାଏ ।

Digitized by PPRACHIN, SOA

ଜୟପ୍ରକାଶଙ୍କ ସଙ୍ଗେ ସାକ୍ଷାତ

୧୯୪୭ ଅପ୍ରେଲ ମାସ ୨୧ ତାରିଖ ଦିନ ସୁପ୍ରସିଦ୍ଧ ସମାଜବାଦୀ ନେତା ଶ୍ରୀଯୁକ୍ତ ଜୟପ୍ରକାଶଙ୍କ ସଙ୍ଗେ ମୋର ସାକ୍ଷାତ ଓ ପରିଚୟ ହେଲା । ଉତ୍କଳର ଅଗଷ୍ଟ-ବୀର ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଉପସ୍ଥିତି ଆମ-ମାନଙ୍କର ଏ ସାକ୍ଷାତ ଓ ମିଳନକୁ ଅଧିକତର ଘନିଷ୍ଠ ଓ ମଧୁମୟ କରି-ଦେଲା । ସୁରେନ୍ଦ୍ର ବାବୁଙ୍କର ପ୍ରସ୍ତାବନା ଓ ପରିକଳ୍ପନା ଅନୁସାରେ ଭାବୀ ମୁକ୍ତି-ସଂଗ୍ରାମ ଉଦ୍ଦେଶ୍ୟରେ ସଶସ୍ତ୍ର ଆନ୍ଦୋଳନର ଗବେଷଣାରେ ମୋତେ ନିଯୁକ୍ତ କରିବାକୁ ଜୟପ୍ରକାଶଜୀ ସ୍ଥିର କଲେ । ୧୯୪୭ ମଇ ମାସ ୨୫ ତାରିଖରେ ଅଗଷ୍ଟ ଆନ୍ଦୋଳନରେ ଭାଗ ନେଇଥିବା ପ୍ରଧାନ ପ୍ରଧାନ ଯୋଦ୍ଧା ଏବଂ ସେନାପତିମାନଙ୍କର ବମ୍ବେଇଠାରେ ଏକ ସମ୍ମିଳନୀ ହୋଇ-ଥିଲା । ଉକ୍ତ ସମ୍ମିଳନୀରେ ଓଡ଼ିଶା ପକ୍ଷରୁ ଯୋଗ ଦେବା ନିମନ୍ତେ ଜୟ-ପ୍ରକାଶଜୀ ମୋତେ ନିମନ୍ତ୍ରଣ କଲେ । ମୁଁ ସେଥିରେ ଯୋଗ ଦେଲି ।

ସାତାରା, ମେଦିନୀପୁର, ବଲିଆ, ଭାଗଲପୁର ଏବଂ ତାଳଚେର ଆନ୍ଦୋଳନର ସାମରିକ ଗବେଷଣା

ବମ୍ବେଇଠାରେ ଏ ଯେଉଁ ସମ୍ମିଳନୀ ହେଲା, ଅନ୍ୟାନ୍ୟ ଅନେକ କଥା ମଧ୍ୟରେ ନିମ୍ନ ତିନୋଟି ପ୍ରଧାନ ବିଷୟ ପ୍ରତି ଅତ୍ୟନ୍ତ ଧ୍ୟାନ ଦିଆଗଲା ।

୧ । ଭାରତକୁ ପୂର୍ଣ୍ଣ ସ୍ୱାଧୀନ କରିବା ପାଇଁ ଆଜିଠାରୁ ସଶସ୍ତ୍ର ଆନ୍ଦୋଳନ ଦିଗରେ ଅନବରତ ଚେଷ୍ଟା ଚାଲିବ ।

୨ । ୧୯୪୨ ଅଗଷ୍ଟ ଆନ୍ଦୋଳନର ଦୋଷ ଦୁର୍ବଳତା ଦୂର କରାଯିବ ।

୩ । କଣ କଣ ବିଶେଷ ଓ ଅନ୍ତରିକ୍ତ କାରଣ ଥିଲା, ଯାହାଦ୍ୱାରା ସାତାରାରେ ସ୍ୱାଧୀନ ସମାନ୍ତର ସରକାର ତିନିବର୍ଷ ପର୍ଯ୍ୟନ୍ତ ଏବଂ ମେଦିନୀପୁରରେ ତେର ମାସ ପର୍ଯ୍ୟନ୍ତ ସଫଳତାର ସହିତ ତିଷ୍ଠି ରହିଲା ।

Digitized by PPRACHIN, SOA

କଣ କଣ ବିଶେଷ ପରିସ୍ଥିତି ଥିଲା, ଯାହାଦ୍ୱାରା ବଲିଆ ଏବଂ ଭାଗଲପୁରରେ ଆନ୍ଦୋଳନ କ୍ଷଣସ୍ଥାୟୀ ହେଲେ ସୁଦ୍ଧା ଖୁବ ଭୀଷଣ ଏବଂ ପୂର୍ଣ୍ଣ ସଫଳ ହୋଇଥିଲା । (ତାଳଚେର ଆନ୍ଦୋଳନର ବିଶେଷତ୍ୱ ମୁଁ ଏ ସମ୍ମିଳନୀଠାରେ ପେସ କରିଥିବାରୁ ଗବେଷଣାର ଆବଶ୍ୟକତା ପଡ଼ିଲା ନାହିଁ ।)

ସାତାରା, ମେଦିନୀପୁର, ବଲିଆ ଏବଂ ଭାଗଲପୁର ସମ୍ପର୍କରେ ବିଶେଷ ଏବଂ ଅତିରିକ୍ତ କାରଣ ଗବେଷଣା କରି ଏକ ରିପୋର୍ଟ ପେସ କରିବାକୁ ମୋତେ ଉକ୍ତ ସମ୍ମିଳନୀରେ ମନୋନୀତ କରି ସମସ୍ତ ଖର୍ଚ୍ଚସହ ପଠାଇଥିଲେ । ଏ ଗବେଷଣାର ଉଦ୍ଦେଶ୍ୟ ଥିଲା, ଭବିଷ୍ୟତ ସ୍ୱାଧୀନତା ସଂଗ୍ରାମରେ ଏଥିରୁ ଶିକ୍ଷା ଏବଂ ପାରଦର୍ଶିତା ଗ୍ରହଣ କରି ସେ ସବୁ ଇଂରେଜ ସରକାର ଓ ଷ୍ଟେଟ ସରକାରମାନଙ୍କ ବିରୁଦ୍ଧରେ ପ୍ରୟୋଗ କରିବା । ୧୯୪୭ ମଇ ମାସଠାରୁ ପ୍ରଥମେ ସାତାରା, ତାପରେ ମେଦିନୀପୁର, ତାପରେ ବଲିଆ ଓ ପରିଶେଷରେ ଭାଗଲପୁରର ୧୯୪୨ ଅଗଷ୍ଟ ଆନ୍ଦୋଳନ ଓ ସ୍ୱାଧୀନ ସମାନ୍ତର ସରକାରମାନଙ୍କ ବିଷୟରେ ଗବେଷଣା କରି ରିପୋର୍ଟ ପେସ୍ କରିଥିଲି । ଉକ୍ତ ରିପୋର୍ଟ ସବୁ ଭାରତର ମୁକ୍ତିଯୁଦ୍ଧ ଉଦ୍ଦେଶ୍ୟରେ ଅଧିକ ମୂଲ୍ୟବାନ ଏବଂ ଶିକ୍ଷଣୀୟ ବୋଲି ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ, ପଟ୍ଟବର୍ଦ୍ଧନ, ଲୋହିଆ, ନରେନ୍ଦ୍ର ଦେବ, ଟଣ୍ଡନଜୀ ଏବଂ ଅରୁଣା ଆସଫ ଅଲ୍ଲି ଓଗେର ନେତା ନେତ୍ରୀମାନେ ମତ ପ୍ରକାଶ କରିଛନ୍ତି । ଏ ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟ ଶେଷ କରିବାକୁ ମୋତେ ପ୍ରାୟ ଛଅ ମାସ ଲାଗିଗଲା । ୧୯୪୭ ନଭେମ୍ବର ମାସରେ ଏହା ଶେଷ ହେଲା ।

ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀଦ୍ୱାରା କାର୍ଯ୍ୟରେ ନିଯୁକ୍ତି

୧୯୪୭ ଆରମ୍ଭରୁ ନିଖିଳ ଭାରତ କଂଗ୍ରେସ ଏବଂ ଗଡ଼ଜାତ ପ୍ରଜାସମ୍ମିଳନୀର ବମ୍ବେଇ-ଦିଲ୍ଲୀଠାରେ କିମ୍ବା ଅନ୍ୟତ୍ର ଯେତେ ସଭା ସମିତି ହେଉଥାଏ, ମୁଁ ପ୍ରତ୍ୟେକ ସଭା ସମିତିରେ ଯୋଗ ଦେଉଥାଏ । ୧୯୪୭ ଡିସେମ୍ବର ୨୭, ୨୮ ତାରିଖମାନଙ୍କରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସଙ୍ଘର ସ୍ଥାୟୀ କମିଟିର ଏକ ସଭା ଦିଲ୍ଲୀରେ ହୋଇଥିଲା । ଉକ୍ତ ସଭାରେ ଷ୍ଟେଟ ଷ୍ଟେଟ ରାଜାମାନଙ୍କୁ ଉଠାଇ ଦେଇ ପ୍ରଦେଶ ସଙ୍ଗେ ମିଶାଇବା କିମ୍ବା

Digitized by PPRACHIN, SOA

ସଙ୍ଘ କରିବା ଉଦ୍ଦେଶ୍ୟରେ ପ୍ରସ୍ତାବ ଦୃଢ଼ୀଭୂତ ହେଲା । ଏଥିପାଇଁ ନେଗୋସିଏଟିଙ୍ଗ କମିଟି ରାଜାମାନଙ୍କର ଅନ୍ୟାୟ ଅତ୍ୟାଚାର ଏବଂ ମନୋ-ମୁଖୀ ଶାସନର ଲଙ୍ଗଳା ରୂପ ପ୍ରମାଣ କରିବାକୁ କେତେ ତଥ୍ୟ ଓ ପ୍ରମାଣ ଦରକାର କଲେ । ଏହି ତଥ୍ୟ ଏବଂ ପ୍ରମାଣ ସଂଗ୍ରହ ଏବଂ ଷ୍ଟେଟସବୁ ସଂଗଠନ କରିବାକୁ ନିଖିଳ ଭାରତ ଗଡ଼ଜାତ ପ୍ରଜାସଙ୍ଘ ମୋତେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସଙ୍ଘର ସଦସ୍ୟ ଶ୍ରୀଯୁକ୍ତ ସାରଙ୍ଗଧର ଦାସଙ୍କର ସହକାରୀରୂପେ ଛତିଶଗଡ଼ ଷ୍ଟେଟକୁ ପଠାଇଲେ । ଜାନୁୟାରୀ ଏବଂ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଛଦ୍ମବେଶରେ ପ୍ରତ୍ୟେକ ଷ୍ଟେଟରେ ବୁଲି ରାଜାମାନଙ୍କର ଅନ୍ୟାୟ ଓ ଅତ୍ୟାଚାର ଶାସନ ସମ୍ପର୍କରେ ଅନୁସନ୍ଧାନ କଲି । କେତେକ ଜାଗାରେ ମଧ୍ୟ ଷ୍ଟେଟ କଂଗ୍ରେସ ଅନୁଷ୍ଠିତ କଲି । ଅନୁସନ୍ଧାନ ପରେ ଦଲିଲ ଦସ୍ତାବେଜ ଏବଂ ପ୍ରମାଣ ସହ ଏକ ରିପୋର୍ଟ ପେଶ୍ କଲି । ଏହି ରିପୋର୍ଟଟି ବିଧାନସଭା ତରଫରୁ ଅନୁଷ୍ଠିତ ନେଗୋ-ସିଏଟିଙ୍ଗ କମିଟି ପକ୍ଷେ ସହାୟକ ହେଲା ବୋଲି ଗୁଆଲିୟର କନ୍‌ଫରେ-ନ୍‌ସର ସଭାପତି ଡକ୍ଟର ପଟାଭି ମୋତେ ଧନ୍ୟବାଦ ଦେଲେ ।

ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଅନୁସନ୍ଧାନ ଏବଂ ସଙ୍ଗଠନ କାମ ଶେଷ ହେଲା । ପରେ ବଙ୍ଗଳା ଓ ଆସାମର ଷ୍ଟେଟ ସବୁ ସଙ୍ଗଠନ କରିବା ପାଇଁ ୧୯୪୭ ଫେବୃୟାରୀ ମାସରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସଂଘ ପୁନର୍ବାର ମୋତେ ପଠାଇଲେ । ଏ ପର୍ଯ୍ୟନ୍ତ ଏ ଅଞ୍ଚଳରେ ସଙ୍ଗଠନ ତ ଦୂରର କଥା ଏପରିକି କୌଣସି ଜାତୀୟବାଦୀ ବ୍ୟକ୍ତିର ନାମ ମଧ୍ୟ ହେଡ଼ ଅଫିସକୁ ଜଣା ନ ଥିଲା । ବଙ୍ଗଳା ଏବଂ ଆସାମ ଷ୍ଟେଟର ଲୋକମାନେ ମଧ୍ୟ ନିଖିଳ ଭାରତ ଗଡ଼ଜାତ ସଂଘ ସଙ୍ଗେ କିପରି ସମ୍ପର୍କ ରଖାଯିବ ଏବଂ କିପରି ସଂଗଠନ କରାଯିବ, ତାହା ଆଦୌ ଜାଣି ନ ଥିଲେ । ଏପରି ଅବସ୍ଥାରେ ବଙ୍ଗଳା ଏବଂ ଆସାମ ଷ୍ଟେଟର ଅଚିହ୍ନା ରାଜ୍ୟମାନଙ୍କୁ ସଙ୍ଗଠନ ଉଦ୍ଦେଶ୍ୟରେ ମୁଁ ଯାତ୍ରା କଲି । ବଙ୍ଗଳା କଂଗ୍ରେସର ସାହାଯ୍ୟ ଲୋଡ଼ିଲି । କିନ୍ତୁ କୌଣସି ଫଳ ହେଲା ନାହିଁ । ତାପରେ ନିଜେ ଚେଷ୍ଟା କରି ନୂଆ-ଖାଲିସ୍ଥ ମହାତ୍ମା ଗାନ୍ଧୀଙ୍କ ହାଇମଚର କ୍ୟାମ୍ପକୁ ଗଲି । ସେଠାରୁ ଜଣେ ସମ୍ପର୍କ ମିଳିଲା । ତାଙ୍କ ଜରିଆରେ ତ୍ରିପୁରା ଷ୍ଟେସନ ଗଲି । ଆସାମ କଂଗ୍ରେସ କମିଟି ଏବଂ ପ୍ରଧାନମନ୍ତ୍ରୀ ବର୍ଦ୍ଦୋଲାଇଙ୍କ ଜରିଆରେ ଆସାମ ଷ୍ଟେଟ

Digitized by PPRACHIN, SOA

ସଂଗଠନ କଲି । ଦୁଇ ମାସ ମଧ୍ୟରେ ତ୍ରିପୁରା, କୁଚବିହାର, ମଣିପୁର, ସିକମ୍ ଏବଂ ଖାସି ଜୈନ୍ତିଆ ଷ୍ଟେଟ (୨୫ଟି) ସବୁ ସଂଗଠନ କରି ଉକ୍ତ ଷ୍ଟେଟମାନଙ୍କର ପ୍ରତିନିଧି ଆଣି ୧୯୪୭ ଅପ୍ରେଲ ୧୭ ତାରିଖରେ ଗ୍ୱାଲିୟର ଅଧିବେଶନରେ ଯୋଗ ଦେଲି ।

ମଧ୍ୟପ୍ରଦେଶ, ଛତିଶଗଡ଼, ଆସାମ ଏବଂ ବଙ୍ଗଳା ଷ୍ଟେଟମାନଙ୍କରେ ଛଦ୍ମବେଶରେ ଅନୁସନ୍ଧାନ କଲି ସମୟରେ ପୋଲିସ ମୋତେ ପବିତ୍ର-ମୋହନ ପ୍ରଧାନ ବୋଲି ସନ୍ଦେହ କରିଥିଲେ । ସାରଙ୍ଗ ଗଡ଼ ଷ୍ଟେଟରେ ପୋଲିସ ଧରିବାକୁ ମୋତେ ଘେରାଉ କରିଥିଲେ । କିନ୍ତୁ ମୁଁ ଘେରରୁ ପଳାଇ ଆସିଲି । ମଣିପୁରକୁ ଛଦ୍ମ ନାମରେ ପାସପୋର୍ଟ ମଞ୍ଜୁର କରାଇ ପ୍ରବେଶ କଲି । କିନ୍ତୁ ପୋଲିସ ସେଠାରୁ ଧରିବା ପୂର୍ବରୁ ଆଗତୁରା ପଳାଇ ଆସିଲି ।

Digitized by PPRACHIN, SOA

ଦଶମ ପରିଚ୍ଛେଦ

ଓଡ଼ିଶା ପ୍ରତ୍ୟାବର୍ତ୍ତନ

ନିଖିଳ ଭାରତ ଦେଶୀୟ ରାଜ୍ୟ ପରିଷଦର ଗ୍ୱାଲିୟର-ବାର୍ଷିକ-ଅଧିବେଶନ ଶେଷ ହେବା ପରେ ମୁଁ ଦିଲ୍ଲୀ ଯାତ୍ରା କଲି । ସେତେବେଳକୁ ବିଧାନସଭାର ବୈଠକ ହେଉଥାଏ । ଏଥିରେ ଯୋଗ ଦେବା ଉଦ୍ଦେଶ୍ୟରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଓ ଶ୍ରୀଯୁକ୍ତା ମାଳତୀ ଦେବୀ ପ୍ରଭୃତି ଦିଲ୍ଲୀରେ ଥାଆନ୍ତି । ସେମାନଙ୍କ ସଙ୍ଗେ ଓଡ଼ିଶା ଗଡ଼ଜାତ ପ୍ରଜାମାନଙ୍କ ସ୍ୱାଧୀନତା ବିଷୟରେ ବିଚାର-ପରାମର୍ଶ ହେଲା । ଓଡ଼ିଶାର ରାଜା ମହାରାଜାଙ୍କ ପ୍ରତିକ୍ରିୟା ଓ ଅତ୍ୟାଚାର ବିରୁଦ୍ଧରେ ଲଢ଼ୁଆ ନେତୃତ୍ୱ ଓ ଲଢ଼ୁଆ ସଂଗଠନ ନିତାନ୍ତ ଦରକାର ଥିଲା । ମୁଁ ଫେରାର ଥିଲେ ସୁଦ୍ଧା ଗୋପନ ସଂଗଠନପୂର୍ବକ ରାଜାମାନଙ୍କୁ ଗାଦିଚ୍ୟୁତ କରି କୃଷି ମୂଳଆର ରାମରାଜ୍ୟ ସ୍ଥାପନ ଉଦ୍ଦେଶ୍ୟରେ ଆଠମଲ୍ଲିକ ଷ୍ଟେଟ ପ୍ରଜାମଣ୍ଡଳ ସଭାପତି ଶ୍ରୀ ଭଗବାନ ବେହେରାଙ୍କ ସଙ୍ଗେ ଓଡ଼ିଶା ଅଭିମୁଖେ ଯାତ୍ରା କଲି । ୪ ବର୍ଷ ୭ ମାସ ପର୍ଯ୍ୟନ୍ତ ଓଡ଼ିଶା ବାହାରେ "ଭାରତ ଛାଡ଼" ପ୍ରସ୍ତାବକୁ ଯଥାଶକ୍ତି କାର୍ଯ୍ୟରେ ପରିଣତ କରି ୧୯୪୭ ସାଲ ମଇମାସ ୧୨ ତାରିଖ ଦିନ ଭାରତର ତୀର୍ଥରାଜ ପୁରୀଧାମରେ ପହଞ୍ଚିଲି ।

ଆତ୍ମସମର୍ପଣର ପ୍ରସ୍ତାବ ଓ ପ୍ରଲୋଭନ

୧୯୪୫ ସାଲରେ ମହାତ୍ମା ଗାନ୍ଧୀ ଅଗଷ୍ଟ ଆନ୍ଦୋଳନ ସମ୍ପର୍କିତ ସମସ୍ତ ଫେରାର ବ୍ୟକ୍ତିଙ୍କୁ ଆତ୍ମସମର୍ପଣ କରିବା ପାଇଁ ଉପଦେଶ ଦେଲେ ।

Digitized by PPRACHIN, SOA

୧୯୪୭ ସାଲ ମାର୍ଚ୍ଚ ମାସରେ ଗାନ୍ଧିଜୀଙ୍କର ବଙ୍ଗଳାର ତ୍ରିପୁରା ଜିଲାସ୍ଥ ହାଇମଚର କ୍ୟାମ୍ପରେ ଠକ୍କର ବାପା ମୋତେ ଆତ୍ମସମର୍ପଣ କରିବାକୁ କହିଲେ । ଗାନ୍ଧିଜୀଙ୍କ କାନକୁ ମଧ୍ୟ ଏ କଥା ଗଲା । ଆତ୍ମସମର୍ପଣ କରିବା ଅହିଂସ ପ୍ରସ୍ତାବର ବିରୁଦ୍ଧାଚରଣ ବୋଲି ଯୁକ୍ତି ଦେଖାଇବାରୁ ଉଭୟ ଠକ୍କର ବାପା ଓ ମହାତ୍ମା ଗାନ୍ଧୀ ମୋ ଉପରେ ଟିକିଏ ବିରକ୍ତ ହେଲେ । କିନ୍ତୁ ମୋ ମନର ଦୃଢ଼ତା ଓ ଭାରତ ସ୍ୱାଧୀନତା ହାସଲ ପ୍ରତି ମୋର ଜିଦ ଦେଖି ସେମାନେ ଖୁସି ହୋଇ ଆଶୀର୍ବାଦ ଦେଇ କହିଲେ, ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ତୁମେ ଯଦି ଆହୁରି ଦୁଃଖ କଷ୍ଟ ସହି ବାସ୍ତବିକ କାର୍ଯ୍ୟ କର, ତେବେ ନିଜେ ନିଜର ନେତା ହୋଇ ଅଗ୍ରସର ହୁଅ । ତାଙ୍କଠାରୁ ଏ କଥା ଶୁଣି ମୋର ହୃଦୟରେ ଆଶା ଏବଂ ଉତ୍ସାହ ଶତଗୁଣେ ବର୍ଦ୍ଧିତ ହେଲା ।

୧୯୪୭ ସାଲ ଅପ୍ରେଲ ମାସ ୮ ତାରିଖ ଦିନ ଦିଲ୍ଲୀରେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ମୋତେ ସମ୍ମାନଜନକ ଆତ୍ମସମର୍ପଣ ନିମନ୍ତେ ପ୍ରଲୋଭନ ଦେଲେ । ତାଙ୍କ ପ୍ରସ୍ତାବକୁ କେନ୍ଦ୍ର ଆସେମ୍ବ୍ଲି ସଭ୍ୟ ଶ୍ରୀଯୁକ୍ତ ଭାଗିରଥୀ ମହାପାତ୍ର ଓ ଜଗନ୍ନାଥ ଦାସ ମଧ୍ୟ ସମର୍ଥନ କଲେ । ମହତାବଜୀଙ୍କର ଏ ପ୍ରସ୍ତାବର ଉଦ୍ଦେଶ୍ୟ ଅବଶ୍ୟ ନିତାନ୍ତ ମହତ୍ ଓ ନିର୍ମଳ ଥିଲା । ମୁଁ ତାଳଚେର ଯାଇ ତାଳଚେରର ରାଜାଙ୍କୁ ସାକ୍ଷାତ କଲେ ସେ (ତାଳଚେର ରାଜା) ମୋତେ ସଙ୍ଗେ ସଙ୍ଗେ ମୁକ୍ତ କରିଦେବେ ବୋଲି ମହତାବଜୀଙ୍କୁ ମୌଖିକ ପ୍ରତିଶ୍ରୁତି ଦେଇଥିଲେ । ଏ ପ୍ରସ୍ତାବ ମୋ ସମ୍ମୁଖରେ ରଖାଯାଇଥିଲା । ମୋ ବିରୁଦ୍ଧରୁ ୱାରେଣ୍ଟ ରଦ୍ଦ କରିବା ମହତାବ ବାବୁଙ୍କର କ୍ଷମତାର ବାହାରେ ଥିଲା ବୋଲି ସେ ଭାବୁଥିଲେ । ଓଡ଼ିଶା ଗଡ଼ଜାତରେ ଏକ ଲଢ଼ୁଆ ସଂଗଠନ କରି ପ୍ରଜାଙ୍କୁ ରାଜାମାନଙ୍କ କବଳରୁ ମୁକ୍ତ କରିବାକୁ ମୋର ସହାୟତା ମହତାବ ବାବୁ ଅତ୍ୟନ୍ତ ଦରକାରି ଉପଲବ୍ଧି କରିଥିଲେ । ତେଣୁ ରାଜାଙ୍କ ସଙ୍ଗେ କଥାବାର୍ତ୍ତା କରି ଏକମାତ୍ର ଆତ୍ମସମର୍ପଣ ଚାହିଁଥିଲେ । କିନ୍ତୁ ପ୍ରତିଜ୍ଞା ପାଳନ, ଆତ୍ମସମ୍ମାନ ରକ୍ଷା ଓ ଭାରତଛାଡ଼ ପ୍ରସ୍ତାବର କାର୍ଯ୍ୟକାରିତା ଦୃଷ୍ଟିରୁ ମହାତ୍ମା ଗାନ୍ଧୀ, ଠକ୍କର ବାପା ଓ ମହତାବଜୀଙ୍କର ଉପଦେଶ ଗ୍ରହଣ କରିପାରିଲି ନାହିଁ । ତାଳଚେର ଗଲେ ରାଜା ମୋତେ ନିଶ୍ଚୟ ମୁକ୍ତ କରିଦେବେ, ମୁଁ ବିଧାୟକ ସଭାର ମେମ୍ବରି

Digitized by PPRACHIN, SOA

ହେବି, ଅଞ୍ଚଳ କାଉନସିଲ୍‌ର ସାଧାରଣ ସମ୍ପାଦକ ହେବି ଇତ୍ୟାଦି ଉଚ୍ଚ-ପଦ ଓ ଆସନର ପ୍ରଲୋଭନ ଦିଆଗଲା । କିନ୍ତୁ ମୁଁ କହିଲି, "ବିଧାୟକ ସଭାର ସଦସ୍ୟତା ଓ ଅଞ୍ଚଳ କାଉନସିଲ୍‌ର ସମ୍ପାଦକତ୍ୱ ତ ନିତାନ୍ତ ସାଧାରଣ ଆସନ, ଏପରି କି ଯଦି ମୋତେ କେହି ସମସ୍ତ ଗଡ଼ଜାତର ଚକ୍ରବର୍ତ୍ତୀ କରନ୍ତି, ତେବେ ସୁଦ୍ଧା ମୁଁ ମୋର ବିବେକ ଓ ପ୍ରତିଜ୍ଞା ବିରୁଦ୍ଧରେ କାମ କରିପାରିବି ନାହିଁ । ଭାରତକୁ ପୂର୍ଣ୍ଣ ସ୍ୱାଧୀନ କରିବାକୁ ଅଗଷ୍ଟ ପ୍ରସ୍ତାବରେ ନିଜେ ଜାତିର ନେତା ହୋଇ ମୃତ୍ୟୁ ପର୍ଯ୍ୟନ୍ତ ସୁଦ୍ଧା ଯୁଦ୍ଧ ଚଳାଇବାକୁ ଡାକ ଦିଆହୋଇଥିଲା । ସେହି ଡାକର ଉତ୍ତରରେ ମୁଁ ସ୍ୱାଧୀନତା ସଂଗ୍ରାମରେ ଜଣେ ସୈନିକରୂପେ ଯୁଦ୍ଧ କରୁଛି । ମୁଁ ଯଦି ଗିରଫ୍‌ଦାର ନ ହୁଏ, ତେବେ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ମୁଁ ମୋର ନେତା ହୋଇ ଯୁଦ୍ଧ କରୁଥିବି । କରିବା କିମ୍ବା ମରିବା ମୋର ରଣଡାକ । ଆତ୍ମସମର୍ପଣ କରିବା ଅଗଷ୍ଟ ପ୍ରସ୍ତାବର ଉଦ୍ଦେଶ୍ୟ କିମ୍ବା ନିର୍ଦ୍ଦେଶ ନୁହେଁ । ତେଣୁ ଏ ଆତ୍ମସମର୍ପଣ କଥା ଉଠାନ୍ତୁ ନାହିଁ ।" ମୋର ଏ ଉକ୍ତି ଶୁଣି ପ୍ରସ୍ତାବକମାନେ ନୀରବ କିନ୍ତୁ ସନ୍ତୁଷ୍ଟ ହେଲେ ।

ଓଡ଼ିଶାରେ ଛଦ୍ମବେଶ

ଓଡ଼ିଶା ଫେରି ଆସି ମୁଁ ପ୍ରଥମେ ଭାରତର ମହାପୁଣ୍ୟତୀର୍ଥ ପୁରୀ ସହରରେ ଶ୍ରୀଯୁକ୍ତ ଭଗବାନ ପ୍ରତିହାରୀଙ୍କ ବାସଭବନରେ ଆଶ୍ରୟ ନେଲି । ସେଠାରେ ଦଶ ବାର ଦିନ ରହିଲା ପରେ କଟକ ଫେରି ଆସିଲି । ଶ୍ରୀଯୁକ୍ତ ବିଶ୍ୱନାଥ ରଥଙ୍କ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ ଅଫିସ୍‌ରେ ମୁଁ ନିତାନ୍ତ ଗୋପନରେ ରହିଲି । ଉଭୟ ଶ୍ରୀଯୁକ୍ତ ବିଶ୍ୱନାଥ ରଥ ଓ ରାଧାନାଥ ରଥ ମୋର ନିରାପତ୍ତା ଏବଂ ଅନ୍ୟାନ୍ୟ ବିଷୟରେ ବିଶେଷ ଯତ୍ନ ନେଉଥିଲେ । କିନ୍ତୁ ସେଠାରେ ୭ ଦିନ ରହିଲା ପରେ ଦିନେ ହଠାତ୍ ଜଣେ ଉଚ୍ଚପଦସ୍ଥ ପରିଚିତ ସି.ଆଇ.ଡି.ଙ୍କ ଚକ୍ଷୁରେ ପଡ଼ିଲି । ଏ ଦୃଶ୍ୟ ବିଶ୍ୱନାଥ ବାବୁଙ୍କ ସାମନାରେ ହେଲା । ସି.ଆଇ.ଡି ନିର୍ବାକ୍ ହୋଇଗଲେ । ବିଶ୍ୱନାଥ ବାବୁ ମଧ୍ୟ ଅସୁବିଧାରେ ପଡ଼ିଗଲେ । ଯାହାହେଉ ସେହି ଦିନ ସଙ୍ଗେ ସଙ୍ଗେ ମୁଁ ଉକ୍ତ ଘର ଛାଡ଼ି ମୋର ବନ୍ଧୁ ପୁରୀର ଶ୍ରୀଯୁକ୍ତ ବିଶ୍ୱନାଥ ମହାପାତ୍ରଙ୍କ ବସାକୁ ପଳାଇ

Digitized by PPRACHIN, SOA

ଆସିଲି । ଏ ବସା ହେଉଛି ଜାଉଁଳିଆ ପରିସ୍ଥିତ ରେଣୁଧୁଗ ଲଜ । ଏଠାରେ ଗୋଟିଏ ଷ୍ଟେଟ ମେସ ଥାଏ । ଏହି ମେସରେ ବିଶ୍ୱନାଥ ବାବୁଙ୍କର ଜଣେ ସିଂହଭୂମ ବନ୍ଧୁ ରୂପେ ରହିଲି । ନାମ ଥିଲା ସେହି ରାମଚନ୍ଦ୍ର ଦାସ । ମୋ ବିରୁଦ୍ଧରେ ୱାରେଣ୍ଟ କଟିବା ପର୍ଯ୍ୟନ୍ତ ମୁଁ ସେହି ବସାରେ ରହିଲି । କିନ୍ତୁ ମୋତେ କେହି ଜାଣିପାରିନଥିଲେ ।

ସାମରିକ ସଜବାଜ

କଟକରେ ଛଦ୍ମ ବେଶରେ ଥିଲେ ସୁଦ୍ଧା ମୁଁ ନୀରବ କର୍ମୀ ନିଷ୍କ୍ରିୟ ନ ଥିଲି । ବ୍ରିଟିଶ ସରକାର ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଭାରତ ପରିତ୍ୟାଗ କରିବ ବୋଲି ଘୋଷଣା କରିଥିଲେ ସୁଦ୍ଧା ତାର ସାଧୁତା ଏବଂ ଆନ୍ତରିକତାରେ ଭାରତୀୟଙ୍କର ଆସ୍ଥା ବା ବିଶ୍ୱାସ ନ ଥିଲା । ତେଣୁ ଇଂରେଜ ଭାରତ ନ ଛାଡ଼ିଲେ ତା'ଠାରୁ ଯୁଦ୍ଧପୂର୍ବକ କ୍ଷମତା ଛଡ଼ାଇ ଆଣିବା ପାଇଁ ପ୍ରତ୍ୟେକ ଦଳ ପ୍ରସ୍ତୁତ ହେଉଥିଲେ । ସେହି ଉଦ୍ଦେଶ୍ୟରେ ମୁଁ ମଧ୍ୟ ଷ୍ଟେଟମାନଙ୍କରେ ସଶସ୍ତ୍ର ଆନ୍ଦୋଳନ କରିବାର ଯୋଜନା କରି କର୍ମୀ-ମାନଙ୍କ ସାହାଯ୍ୟରେ ସଙ୍ଗଠନ କରାଉଥିଲି । ସମୟେ ସମୟେ ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳ କାଉନ୍‌ସିଲ ଅଫିସକୁ ଯାଇ ଗୋପନରେ ସଭାପତି ଶ୍ରୀଯୁକ୍ତ ସାରଙ୍ଗଧର ଦାସଙ୍କ ସଙ୍ଗେ ଗଡ଼ଜାତ ସମୂହର ଭାବୀ ସ୍ୱାଧୀନତା ସମ୍ପର୍କରେ ପରାମର୍ଶ କରୁଥିଲି । ସାତାରା, ମେଦିନୀପୁର, ବଲିଆ ଏବଂ ଭାଗଲପୁରର ସମାନ୍ତରାଳ ସରକାର ଗବେଷଣାପୂର୍ବକ ମୁଁ ଯେଉଁ ସାମରିକ ଅନୁଭୂତି ସଂଗ୍ରହ କରିଥିଲି, ଓଡ଼ିଶାରେ ତାର କିପରି ସଦ୍-ବ୍ୟବହାର ହେବ, ସେ ସମ୍ପର୍କରେ ଶ୍ରୀଯୁକ୍ତ ସୁରେନ୍ଦ୍ର ଦ୍ୱିବେଦୀଙ୍କ ସଙ୍ଗେ ଆଲୋଚନା କରୁଥିଲି ।

ରାଜାମାନଙ୍କ ବିରୁଦ୍ଧରେ ସଶସ୍ତ୍ର ଯୁଦ୍ଧର ଯୋଜନା

୧୯୪୭ ଅଗଷ୍ଟ ୧୫ ତାରିଖ ପୂର୍ବରୁ ରାଜା ମହାରାଜାମାନଙ୍କର ମତଗତି ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ଥିଲା । ଏପରି କି ୧୫ ତାରିଖ ପରେ ମଧ୍ୟ ସେମାନଙ୍କର ହାବଭାବ ବଦଳିନାହିଁ । ରାଜା ମହାରାଜାମାନେ ଯଦି

Digitized by PPRACHIN, SOA

କ୍ଷମତା ନ ଛାଡ଼ନ୍ତି, ତେବେ ସଶସ୍ତ୍ର ଯୁଦ୍ଧ ଚଳାଇବା ପାଇଁ ଅଞ୍ଚଳ କାଉନ୍‌ସିଲ ତରଫରୁ ମଧ୍ୟ ଯୋଜନା ହେଉଥିଲା । ଏ ସମ୍ପର୍କରେ ଏକ ଯୁଦ୍ଧ ପରିଚାଳନା କମିଟି (Council of action) ଗୋପନରେ ଗଠିତ ହୋଇଥିଲା । ମୋତେ ଏ କମିଟିର ସାଧାରଣ ଉପଦେଷ୍ଟା (General adviser) ଏବଂ ସଙ୍ଗଠକ (Organiser) ରୂପେ ନିଯୁକ୍ତ କରାଯାଇଥିଲା । ତେଣୁ କେତେକ ଷ୍ଟେଟରେ ସହିଂସ ଏବଂ ସଶସ୍ତ୍ର ଖଣ୍ଡଯୁଦ୍ଧ ଚଳାଇ ସମାନ୍ତର ଶାସନ ସ୍ଥାପନ ପାଇଁ ମୁଁ ପ୍ରାରମ୍ଭିକ ସଙ୍ଗଠନ କରୁଥିଲି । ପ୍ରଥମେ ମୁଁ ଏ କାର୍ଯ୍ୟ ତାଳଚେରରେ କଲି । ୧୯୪୨ର ଗରିଲା ସୈନ୍ୟମାନଙ୍କୁ ସଂଗ୍ରହ କରି ଏକ ସେନା ଗଠିତ ହେଲା । ସେମାନଙ୍କୁ ଦରମା ସହ ଅସ୍ତ୍ରଶସ୍ତ୍ର ଯୋଗାଇଦେବାର ବନ୍ଦୋବସ୍ତ ହେଉଥିଲା । ଉଦ୍ଦେଶ୍ୟ ଥିଲା, ଏହି ସେନାକୁ କେନ୍ଦ୍ର କରି ଓଡ଼ିଶା ଛତିଶଗଡ଼ ବୃହତ୍ତର ଗରିଲା ସେନା ଗଠିତ ହେବ । ସଙ୍ଗେ ସଙ୍ଗେ ମଧ୍ୟ ପାଲଲହଡ଼ା, ଆଠମଲ୍ଲିକ ଏବଂ ଢେଙ୍କାନାଳ ଅଞ୍ଚଳରେ ଏ ସେନା ସଙ୍ଗଠନର ଆରମ୍ଭ ହେଲା ।

ମୁକ୍ତ ଜୀବନ—ଓ୍ୟାରେଣ୍ଟ ରଦ୍ଦ

ଭାରତର ସମସ୍ତ ପ୍ରଦେଶରେ କଂଗ୍ରେସ ଶାସନ ପ୍ରତିଷ୍ଠିତ ହେଲେ ସୁଦ୍ଧା, ଇଂରେଜ ସରକାର ଭାରତ ଛାଡ଼ି ଚାଲିଯିବ ବୋଲି ଘୋଷଣା କଲେ ସୁଦ୍ଧା ଏବଂ ଏପରି କି ଭାରତର ମଧ୍ୟକାଳବର୍ତ୍ତୀ କଂଗ୍ରେସ-ଲିଗ୍ ସରକାର ବିପ୍ଳବୀ ସୁଭାଷଙ୍କ ବିରୁଦ୍ଧରେ ଓ୍ୟାରେଣ୍ଟ ରଦ୍ଦ କଲେ ସୁଦ୍ଧା, ତାଳଚେର ରାଜା ମୋ ବିରୁଦ୍ଧରେ ଥିବା ଓ୍ୟାରେଣ୍ଟ ଉଠାଇ ନେବାକୁ ଆଦୌ ରାଜି ହେଲେ ନାହିଁ । ଓ୍ୟାରେଣ୍ଟ ଉଠାଇ ନେବା ପାଇଁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି, ଅଞ୍ଚଳ କାଉନ୍‌ସିଲ ଏବଂ ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀ ତାଳଚେର ରାଜାଙ୍କୁ ବାରମ୍ବାର କହିଲେ । କିନ୍ତୁ ରାଜା କର୍ଣ୍ଣପାତ କଲେ ନାହିଁ । ସେ ସବୁବେଳେ ମୋର ଆତ୍ମସମର୍ପଣ ଚାହିଁଲେ । ଶେଷକୁ ବାଧ୍ୟ ହୋଇ ମୋର ବନ୍ଧୁ ଓ ଶୁଭେଚ୍ଛୁମାନେ ହତାଶ ହେଲେ । ତାଳଚେର ଦରବାର ମୋ ବ୍ୟତୀତ ଅନ୍ୟ ସମସ୍ତ ଫେରାରି ବନ୍ଦିଙ୍କ ବିରୁଦ୍ଧରୁ ଓ୍ୟାରେଣ୍ଟ କଟାଇଦେଲେ । ମୋ ସମ୍ପର୍କରେ କହିଲେ ଯେ, ମୁଁ ଯଦି ତାଳଚେର ଯାଇ ରାଜାଙ୍କୁ ସାକ୍ଷାତ କରିବି ତେବେ, ସଙ୍ଗେ

Digitized by PPRACHIN, SOA

ସଙ୍ଗେ ରାଜା ମୋର ୱାରେଣ୍ଟ ଉଠାଇନେବେ । ଏହା ୧୯୪୭ ଜାନୁୟାରୀ-ଠାରୁ ଜୁଲାଇର ଘଟଣା ।

ଏତେବେଳକୁ ଇଂରେଜ ସରକାର ଭାରତ ଛାଡ଼ି ଚାଲିଯିବ ବୋଲି ଦଳ ଦଳ ଗୋରା ସୈନ୍ୟ ବିଲାତ ପଠାଇସାରିଲଣି । ସାହେବ ସିଭିଲ-ଆନ୍‌ମାନେ ନିଜ ଦେଶକୁ ଯିବା କଥା ସ୍ଥିର କରି ବମ୍ବେର ବନ୍ଦରରେ ଜାହାଜ ଚଢ଼ିଲେଣି । 'ଭାରତ ଛାଡ଼' ପ୍ରସ୍ତାବ ବସ୍ତୁତଃ କାର୍ଯ୍ୟକାରୀ ହେଲଣି । ତେବେ ସୁଦ୍ଧା ତାଳଚେର ଦରବାରଙ୍କର ଏପ୍ରକାର ମନୋବୃତ୍ତି ଦେଖି ମୁଁ ଯୋଜନା ଏବଂ ସଙ୍ଗଠନ ଛାଡ଼ି ସଚ୍ଚା ସୈନିକରୂପେ ଯୁଦ୍ଧକ୍ଷେତ୍ରକୁ ଡେଇଁ-ପଡ଼ିବାକୁ ଉଦ୍ୟତ ହେଲି । ଭାବିଲି ଅଗଷ୍ଟ ଆନ୍ଦୋଳନର ଜଣେ ବାସ୍ତବ ସୈନିକ ବୋଲି ମୁଁ ଯଦି ନିଜକୁ ଦାବୀ କରୁଥାଏ, ତେବେ ସେ ଦିଗରେ କାର୍ଯ୍ୟକାରିତା କେଉଁଠାରେ ? କଂଗ୍ରେସ ତଥା ମହାତ୍ମା ଗାନ୍ଧୀଙ୍କର ହୁକୁମ ଥିଲା, ନିଜେ ନିଜର ନେତା ହୋଇ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ 'କରି କିମ୍ବା ମରି' । ଦେଖିଲି ମୁଁ ତ ମରି ନାହିଁ । ଦେଶ ସ୍ୱାଧୀନ ହୋଇନାହିଁ । ବ୍ରିଟିଶ ସରକାର ଅବଶ୍ୟ ମାସକ ପରେ ଭାରତ ଛାଡ଼ିପାରେ ; କିନ୍ତୁ ରାଜାମାନେ ତ ପ୍ରଜାମାନଙ୍କୁ କ୍ଷମତା ହସ୍ତାନ୍ତର କରୁନାହାନ୍ତି । ବରଂ କହୁଛନ୍ତି ଇଂରେଜ ଭାରତ ଛାଡ଼ି ଗଲା ପରେ ସେମାନେ ପୂର୍ଣ୍ଣ ସ୍ୱାଧୀନ ଏବଂ ସାର୍ବଭୌମ ଶକ୍ତିର ଅଧିକାରୀ । ରାଜାମାନଙ୍କର ଏହି ହାବଭାବ ଦେଖି ନିଶ୍ଚିତ କରିନେଲି ଯେ, ବ୍ରିଟିସ ସରକାର ଭାରତ ଛାଡ଼ିଲେ ସୁଦ୍ଧା ସେମାନେ ପ୍ରଜାଙ୍କୁ ସ୍ୱାଧୀନତା ଦେବେନାହିଁ । ଗଡ଼ଜାତଗୁଡ଼ିକ ପରାଧୀନ କରି ରଖିବାକୁ ସେମାନେ ଦୃଢ଼ପ୍ରତିଜ୍ଞ । ଏପରି ମନୋବୃତ୍ତିର ଲୋକଙ୍କ ପାଖରୁ ୱାରେଣ୍ଟ ରଦ୍ଦ କରି ବୋଲି ଆଶା କରିବା ପରାଧୀନତାର ପରି-ଚୟ; ଅଗଷ୍ଟ ପ୍ରସ୍ତାବର ବିରୁଦ୍ଧାଚରଣ ମାତ୍ର । ତେଣୁ ୱାରେଣ୍ଟ ରଦ୍ଦ କରି ବୋଲି ରାଜାଙ୍କଠାରୁ ଦାବୀ କରିବା ତ ନିତାନ୍ତ ତୁଚ୍ଛ କଥା ; ବରଂ କ୍ଷମତା ଛାଡ଼, ରାଜଗାଦି ଛାଡ଼ ବୋଲି ବାଧ୍ୟ କଲେ ଅଗଷ୍ଟ ପ୍ରସ୍ତାବର ମହତ୍ତ୍ୱ ରହିବ— ମୁକ୍ତି ପଥର ସୈନିକ ତାର ନାମ ସାର୍ଥକ କରିବ । ଆଜି ମଧ୍ୟ ଭାବିଲି ଅଗଷ୍ଟ ସୈନିକ ରୂପେ ମୁଁ ତ ସ୍ୱାଧୀନ ବୋଲି ଘୋଷଣା କରି ପୂର୍ବର ସମାନ୍ତରାଳ ସରକାରକୁ ସକ୍ରିୟ କରି ଷ୍ଟେଟ ଭିତରେ ପ୍ରବେଶ କରିବି । ଏହା ଯଦି କରିପାରିବି କିମ୍ବା ଚେଷ୍ଟା କରୁ କରୁ ମରିପାରିବି, ତେବେ

Digitized by PPRACHIN, SOA

ଅଗଷ୍ଟ ସୈନିକ ପଦବାଚ୍ୟ ହେବ । ଏହି ଭାବନା ମନରେ ଶତସିଂହର ବିକ୍ରମ ଜାତ କଲା । ସଙ୍ଗେ ସଙ୍ଗେ ମୋର ଗରିଲା ସୈନ୍ୟବାହିନୀ ସଜାଡ଼ି-ଦେଲି । ତାଳଚେର ଦରବାରଙ୍କୁ ଜଣେ ସଚ୍ଚା ବନ୍ଧୁ (Common friend)ଙ୍କଦ୍ୱାରା ନିମ୍ନ ଖବର ଦେଲି, "ମୁଁ ତାଳଚେର ନ ଗଲେ ମୋର ଓ୍ୱାରେଣ୍ଟ ରଦ୍ଦ କରିବେ ନାହିଁ ବୋଲି ଆପଣ କହୁଛନ୍ତି । ଆପଣ ମୋ ଓ୍ୱାରେଣ୍ଟ ରଦ୍ଦ କରନ୍ତୁ ବୋଲି କହିବା କିମ୍ବା ଆପଣଙ୍କଠାରୁ ଦାବୀ କରିବାର ଅର୍ଥ ଆପଣଙ୍କର ଅଧୀନତା ସ୍ୱୀକାର କରିବା । ଅଗଷ୍ଟ ବିପ୍ଳବ ସ୍ୱାଧୀନ ମତବାଦର ବିଦ୍ରୋହ । ମୁଁ ଅଗଷ୍ଟ ସୈନ୍ୟ । ମୁଁ ପରାଧୀନ ନୁହେଁ, ସ୍ୱାଧୀନ । ଆପଣ ମୋ ବିରୁଦ୍ଧରୁ ଓ୍ୱାରେଣ୍ଟ ରଦ୍ଦ କରନ୍ତୁ ବା ନ କରନ୍ତୁ ମୁଁ ସ୍ୱାଧୀନ ଭାବରେ ସସୈନ୍ୟରେ ତାଳଚେର ଯିବି । ମୁଁ ଆପଣଙ୍କୁ ମୋର ଓ୍ୱାରେଣ୍ଟ ରଦ୍ଦ କର ବୋଲି କହିବି ନାହିଁ । କହିବି, ଗାଦୀ ଛାଡ଼, କ୍ଷମତା ଛାଡ଼ । ମୁଁ ଆପଣଙ୍କର ଶାସିତ ଭାବେ ଯିବି ନାହିଁ, ଶାସକ ଭାବେ ଯିବି । ଯେ ମୋତେ ଗିରଫ୍‌ଦାର କରିବାକୁ ଆସିବ, ମୋର ସୈନ୍ୟମାନେ ତାକୁ ଗିରଫ୍‌ଦାର କରି ସମୁଚିତ ଶାସ୍ତି ବିଧାନ କରିବେ । ସାବଧାନ ! ସାବଧାନ ! ସାବଧାନ !" ଏ ଖବର ପଠାଇଦେଇ ମୁଁ ମୋର ସ୍ୱେଚ୍ଛା-ସେବକ ଓ ଗରିଲା ସୈନ୍ୟବାହିନୀ ପ୍ରସ୍ତୁତ କରିନେଲି ।

ତାଳଚେର ଦରବାରଙ୍କ କାନକୁ ଏକଥା ଗଲା । ସେ ମୋର ଏ ସମସ୍ତ ସଜବାଜ ଜାଣିପାରିଲେ । ତେଣୁ ୧୯୪୭ ଅଗଷ୍ଟ ୨୯ ତାରିଖ ଦିନ ମୋ ବିରୁଦ୍ଧରୁ ଓ୍ୱାରେଣ୍ଟ ରଦ୍ଦ କରିଦେଲେ । ଦୀର୍ଘ ସାତ ବର୍ଷର ଫେରାର ଓ ଆବଦ୍ଧ ଜୀବନରୁ ମୁକ୍ତ ହେଲି ।

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ଦେଶର ମୁକ୍ତି କାହିଁ

ନିଜେ ଫୌଜର ଜୀବନରୁ ମୁକ୍ତ ହେଲି ସତ, କିନ୍ତୁ ଏ ତ ଦେଶ ଏବଂ ଜାତିର ମୁକ୍ତି ନୁହେଁ। ଯେଉଁ ମୁକ୍ତି ପାଇଁ ଶପଥ ନେଇ ଅଗଷ୍ଟ ଯୁଦ୍ଧ କ୍ଷେତ୍ରକୁ ସୈନିକରୂପେ ଡେଇଁପଡ଼ିଥିଲୁ ସେ ମୁକ୍ତି କେଉଁଠାରେ ? ଆଜି-ଠାରୁ (୧୯୪୭ ଜୁଲାଇ ୧୯ ତାରିଖ) ଛବିଶ ଦିନ ପରେ ଅର୍ଥାତ୍ ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନ ହେବ, ଅବଶ୍ୟ ଯଦି ଇଂରେଜ ତାର ପ୍ରତିଜ୍ଞା ରକ୍ଷା କରେ ଏବଂ ରାଜାମହାରାଜାମାନେ ପ୍ରଜାଙ୍କୁ ସେମାନଙ୍କର କ୍ଷମତା ହସ୍ତାନ୍ତର କରିଦିଅନ୍ତି । ତେଣୁ ସେହିଦିନ ପର୍ଯ୍ୟନ୍ତ ସନ୍ତୃଷ୍ଟ ନୟନରେ ଅନାଇ ରହିଲି । ଏଣେ ରାଜା ମହାରାଜାମାନେ ଯଦି କ୍ଷମତା ନ ଛାଡ଼ନ୍ତି, ତେବେ ସେମାନଙ୍କୁ ଗାଦିଚ୍ୟୁତ କରି ପ୍ରଜାରାଜ୍ୟ ସ୍ଥାପନ ଉଦ୍ଦେଶ୍ୟରେ ଅଞ୍ଚଳ କାଉନ୍‌ସିଲ ତରଫରୁ ଏକ ସ୍ୱେଚ୍ଛାସେବକ ଶିବିର ଖୋଲିବା ପାଇଁ ସଭାପତି ଶ୍ରୀଯୁକ୍ତ ସାରଙ୍ଗଧର ଦାସଙ୍କଠାରେ ଏକ ପ୍ରସ୍ତାବ ରଖିଲି । ସଭାପତି ମୋର ପ୍ରସ୍ତାବ ଗ୍ରହଣ କଲେ ଏବଂ ଉକ୍ତ କ୍ୟାମ୍ପର ପରିଚାଳନା ଭାର ମୋ ଉପରେ ନ୍ୟସ୍ତ କଲେ । ସେଠାରେ ଅନ୍ୟାନ୍ୟ କଥା ସଙ୍ଗେ ସଶସ୍ତ୍ର ଆନ୍ଦୋଳନର ଯୋଜନା ମଧ୍ୟ ଚାଲିଥାଏ । ଅଗଷ୍ଟ ପନ୍ଦର ହେଲା । ଇଂରେଜ ଭାରତ ଛାଡ଼ିଲା । ଦେଶ ବିଦେଶୀ ପରାଧୀନତାରୁ ମୁକ୍ତ ହେଲା । ମୁକ୍ତି ପଥର ସୈନିକ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଲା ।

ଲକ୍ଷ୍ୟସ୍ଥଳ କଣ୍ଟକମୟ

ବ୍ରିଟିଶ ସରକାର ଭାରତ ଛାଡ଼ିଲେ ସୁଦ୍ଧା ରାଜାମହାରାଜାମାନେ ପ୍ରଜାଙ୍କୁ କ୍ଷମତା ହସ୍ତାନ୍ତର କରିବାରେ ସମ୍ପୂର୍ଣ୍ଣ ଅନିଚ୍ଛୁକ । ବିଶେଷକରି

Digitized by PPRACHIN, SOA

ଓଡ଼ିଶାର ରାଜାମହାରାଜାମାନେ ଅଧିକତର ପ୍ରତିକ୍ରିୟାଶୀଳ ହେଲେ । ଲକ୍ଷ୍ୟସ୍ଥଳରେ ରାଜାମହାରାଜାମାନେ କଣ୍ଟକ ସଦୃଶ ହେଲେ । ପଦେ ପଦେ ବିପଦ ଓ ବାଧାବିଘ୍ନ ପହଞ୍ଚାଇଲେ । ଅଗଷ୍ଟ ପନ୍ଦର ଦିନ ନରସିଂହପୁର ଓ ଅନ୍ୟ କେତେକ ରାଜା ଜାତୀୟ ପତାକା ଉତ୍ତୋଳନ କରାଇଦେଲେ ନାହିଁ । ସେଠାକୁ ଯାଇ ଜବରଦସ୍ତ ତ୍ରିରଙ୍ଗ ପତାକା ଉତ୍ତୋଳନ କରାଗଲା ଏବଂ ରାଜାଙ୍କୁ ନତମସ୍ତକ ହେବାକୁ ପଡ଼ିଲା । କେତେ ରାଜା କେତେ ପ୍ରକାର ମନଭୁଲାଣିଆ ମନ୍ତ୍ରିତ୍ୱ ଅର୍ପଣ କଲେ । ସେ ସବୁ ପ୍ରତ୍ୟାଖ୍ୟାନ କରାଗଲା । ଆନ୍ଦୋଳନ ଏପରି ତୀବ୍ର ଏବଂ ଭୀଷଣ ହେଲା ଯେ, ପରିଶେଷରେ ରାଜା ମହାରାଜାମାନେ ମହାତ୍ମା, ମହତାବ ଏବଂ ପଟେଲଙ୍କ ଶରଣାପନ୍ନ ହେଲେ । ପ୍ରଜା ସଙ୍ଗଠନର ଅସୀମ ଶକ୍ତି ଏବଂ ପ୍ରତିକ୍ରିୟାଶୀଳ ଶାସକମାନଙ୍କର ଦୁର୍ବଳ ଅବସ୍ଥା ବୁଝିପାରି ଶ୍ରୀଯୁକ୍ତ ପଟେଲ ଲକ୍ଷ୍ୟସ୍ଥଳର କଣ୍ଟକ ଦୂରୀକରଣ ନିମନ୍ତେ ଏ ସୁଯୋଗର ସଦ୍‌ବ୍ୟବହାର କଲେ । ସେ ମହୋଦୟ ୧୯୪୭ ଡିସେମ୍ବରର ମଧ୍ୟଭାଗରେ କଟକରେ ପହଞ୍ଚି ରାଜାମହାରାଜାଙ୍କଠାରୁ କ୍ଷମତା ଦାନ ପତ୍ରରେ ଦସ୍ତଖତ କରାଇନେଲେ । ୧୯୪୮ ଜାନୁୟାରୀ ପହିଲାଦିନ ରାଜା-ମାନେ ପ୍ରଜାପ୍ରତିନିଧି କଂଗ୍ରେସ ସରକାର ହାତରେ ଶାସନଭାର ଛାଡ଼ି-ଦେଲେ । ଯୁଗ ଯୁଗର ଏକଛତ୍ରବର୍ତ୍ତୀ ମନମୁଖୀ ଶାସନ ଲୋପ ହେଲା । ସମଗ୍ର ଦେଶ ସ୍ୱାଧୀନ ହେଲା । ଲକ୍ଷ୍ୟସ୍ଥଳ ନିର୍ବିଘ୍ନ ଓ ନିଷ୍କଣ୍ଟକ ହେଲା । ମୁକ୍ତିପଥର ସୈନିକ ତାର ଲକ୍ଷ୍ୟ ସ୍ଥଳରୁ କଣ୍ଟକ ଦୂର କରି ନିରାପଦରେ ବିଚରଣ କଲା ।

Digitized by PPRACHIN, SOA

ସର୍ଦ୍ଦାର ପଟେଲ

Digitized by PPRACHIN, SOA

ମନ୍ତ୍ରୀ ପବନମୋହନ

Digitized by PPRACHIN, SOA

ଉପସଂହାର

ସେନାପତିର ଉଦ୍ଦେଶ୍ୟ ପୂରଣରେ ସୈନିକର କର୍ତ୍ତବ୍ୟ

ଅଗଷ୍ଟ ପ୍ରସ୍ତାବର ଲକ୍ଷ୍ୟ ଥିଲା, ବିଦେଶୀ କବଳରୁ ଭାରତର ମୁକ୍ତି । ୧୯୪୭ ଅଗଷ୍ଟ ପନ୍ଦରୁ ଦିନ ଭାରତ ଇଂରେଜ କବଳରୁ ମୁକ୍ତ ହେଲା । ଜାନୁୟାରି (୧୯୪୮) ପତିରିଶ ଦିନ କର୍ଣ୍ଣଧାରରୂପୀ ରାଜାମହାରାଜା ଲକ୍ଷ୍ୟ-ସ୍ଥଳରୁ ଦୂରୀଭୂତ ହେଲେ । ସେନାପତି ମହାତ୍ମାଜୀଙ୍କ ମୁଠାହୁକୁମ ପାଳନ କରି, ଜାତି, ବିଦେଶୀଙ୍କୁ ଦେଶରୁ ବିତାଡିତ କଲା । ଦେଶ ସଂପୂର୍ଣ୍ଣ ସ୍ୱାଧୀନ ହେଲା । କିନ୍ତୁ ଏ ସ୍ୱାଧୀନତା ରାଜନୈତିକ ସ୍ୱାଧୀନତା ମାତ୍ର । ସେନାପତିର ହୁକୁମ ଅନୁସାରେ ସୈନ୍ୟ ଦେଶ ଓ ଜାତି ପାଇଁ ରାଜନୈତିକ ସ୍ୱାଧୀନତା ଆଣିଲା । କିନ୍ତୁ ଏତଦ୍ଦ୍ୱାରା ସେନାପତିର ଉଦ୍ଦେଶ୍ୟ ସାଧିତ ହୋଇନାହିଁ । ସେନାପତିର ଉଦ୍ଦେଶ୍ୟ ହେଉଛି ସର୍ବାଙ୍ଗୀନ ସ୍ୱାଧୀନତା- ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ । ଅନ୍ୟ ଭାଷାରେ ପୂର୍ଣ୍ଣାଙ୍ଗ ସ୍ୱାଧୀନତାର ଅର୍ଥ ଗ୍ରାମରାଜ୍ୟ—ରାମରାଜ୍ୟ, ଯେଉଁଠାରେ ଲୋକେ ଲଙ୍ଗଳା, ଭୋକିଲା, ଅପାଠୁଆ, ଅଘରୁଆ କିମ୍ବା ଅଚିକିତ୍ସିତ ହୋଇ ରହନ୍ତି ନାହିଁ । ସେନାପତି ମହାତ୍ମାଜୀ ହୁକୁମ ଦେଇଥିଲେ, 'କର କିମ୍ବା ମର'—'ଲକ୍ଷ୍ୟସ୍ଥଳରେ ପହଞ୍ଚ'—'ଭାରତକୁ ସ୍ୱାଧୀନ କର' । କିନ୍ତୁ ତାଙ୍କର ଉଦ୍ଦେଶ୍ୟ ଥିଲା, ଲକ୍ଷ୍ୟସ୍ଥଳରେ ପହଞ୍ଚି ଦେଶକୁ ଗଠନ କରିବା, ଦେଶରେ ଗ୍ରାମରାଜ୍ୟ—ରାମରାଜ୍ୟ ସ୍ଥାପନ କରିବା । ସେନାପତିର ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଯତ୍ନ କରିବା ପ୍ରତ୍ୟେକ ସଚ୍ଚା ସୈନିକର କର୍ତ୍ତବ୍ୟ ।

Digitized by PPRACHIN, SOA

(ଘେଣ୍ଟୁ) ମୁକ୍ତି ପଥର ସୈନିକ ମୁହିଁ ସେନାପତି କଥା ମାନୁଛି
ମୁକ୍ତି ପଥର ସୈନିକ ମୁହିଁ ମରିବା ଜାଣୁ କରୁଛି ।
(ଘେଣ୍ଟୁ) ମୁକ୍ତି ପଥର ସୈନିକ ମୁହିଁ ସେନାପତି ମନ ଭାବନା
ମୁକ୍ତି ପଥର ସୈନିକ ହେବ କରମେ କଲେ ସେ କାମନା ।
ମୁକ୍ତି ପଥର ସୈନିକ ମୁହିଁ ଶପଥ କରିଣ କହୁଛି
ମୁକ୍ତି ପଥର ସୈନିକ ମୁହିଁ ଗ୍ରାମରାଜ୍ୟ ପାଇଁ କରୁଛି ।
ମୁକ୍ତି ପଥର ସୈନିକ ମୁହିଁ ଗ୍ରାମରାଜ୍ୟ ପାଇଁ ଲଢ଼ିବ
ଲଢ଼ି ଲଢ଼ ପୁଣି 'କରିବ' କିମ୍ବା 'ମରିବ' ।

ଜୟହିନ୍ଦ୍

Digitized by PPRACHIN, SOA